


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-140 ♦SUNDAY ♦16 NOVEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୪୦ ♦ରବିବାର ♦୧୬ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


### ବିସ୍ଫୋରକ ଯାଞ୍ଚ ବେଳେ ବିସ୍ଫୋରଣ

# ଉଡ଼ିଗଲା ଥାନା; ୯ ମୃତ, ୩୨ ଆହତ

■ **ଶ୍ରୀନଗର, ୧୫ ।୧୧ (ଏଜେନ୍ସି):** ଜମ୍ମୁ-କଶ୍ମୀର ରାଜଧାନୀ ଶ୍ରୀନଗରର ଏକ ପୁଲିସ ଥାନାରେ ଭୟଙ୍କର ବିସ୍ଫୋରଣ ଯୋଗୁଁ ୯ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ଏବଂ ଅନ୍ୟ ୩୨ ଜଣ ଆହତ ହୋଇଛନ୍ତି । ଗତକାଲି ରାତିରେ ହୋଇଥିବା ଏହି ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ସଂପୃକ୍ତ ଥାନା ସଂପୂର୍ଣ୍ଣ ରୂପେ ଧ୍ୱଂସ ହୋଇଯାଇଥିବା ବେଳେ ଏହାର ଆଖପାଖ ଅଞ୍ଚଳରେ ଥିବା ଗାଡ଼ିଗୁଡ଼ିକରେ ନିଆଁ ଲାଗିଯାଇଛି । ଏହି ବିସ୍ଫୋରଣର ଶବ୍ଦ ୧୫ କିଲୋମିଟର ଦୂରରେ ମଧ୍ୟ ଶୁଣାଯାଇଥିଲା । ଫରିଦାବାଦରେ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ଠାରୁ ଜବତ ହୋଇଥିବା ବିସ୍ଫୋରକ ସାମଗ୍ରୀର ଥାନା ଭିତରେ ଯାଞ୍ଚ ଚାଲିଥିବା ବେଳେ ଏହି ବିସ୍ଫୋରଣ ହୋଇଛି । ଏହାକୁ ଦୁର୍ଘଟଣା ବୋଲି କହିଛନ୍ତି ପୁଲିସ ଡିଜି । ଏହପଛରେ ଅନ୍ୟ କୌଣସି କାରଣ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ଦିଲ୍ଲୀ ସମେତ ବିଭିନ୍ନ ଅଞ୍ଚଳରେ ଆତଙ୍କବାଦୀ ଆକ୍ରମଣ ପାଇଁ

### ଫରିଦାବାଦ୍‌ରୁ ଜବତ ବିସ୍ଫୋରକର ନମୁନା ସଂଗ୍ରହ ବେଳେ ଅଘଟଣ

ଯୋଜନା କରୁଥିବା ବେଳେ ୪ ଜଣ ଡାକ୍ତର ଧରାପଡ଼ିଥିଲେ । ସେମାନଙ୍କ ମଧ୍ୟରୁ ହରିଆଣାର ଫରିଦାବାଦରେ ଜଣେ ଡାକ୍ତରଙ୍କ ଭଡ଼ା ଘରୁ ବିପୁଳ ପରିମାଣର ବିସ୍ଫୋରକ ଜବତ ହୋଇଥିଲା । ଏହାକୁ ଶ୍ରୀନଗରର ନାଓଗାମ୍ ଥାନାକୁ ଆଣି ଗୋଦାମ ଘରେ



ରଖାଯାଇଥିଲା । ପୁଲିସ ସହିତ ଫରେନସିକ୍ ଟିମ୍ ଗତକାଲି ରାତିରେ ଥାନାରେ ପହଞ୍ଚି ବିସ୍ଫୋରକର ଯାଞ୍ଚ କରିବା ସହିତ ନମୁନା ସଂଗ୍ରହ କରୁଥିଲେ । ଏହି ସମୟରେ ଭୀଷଣ ବିସ୍ଫୋରଣ ହୋଇଥିଲା । ଏଥିରେ ଯେଉଁ ୯ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି ଜଣେ ପୁଲିସ ଇନିସପେକ୍ଟର, ୩ ଜଣ ଫରେନସିକ୍ ଟିମ୍ ସଦସ୍ୟ, ୨ କ୍ରାଇମ୍ ବ୍ରାଞ୍ଚ୍ ଫଟୋଗ୍ରାଫର, ଜଣେ ତହସିଲଦାର ଓ ଦୁଇଜଣ ରାଜସ୍ୱ ଅଧିକାରୀ । ଆହତଙ୍କ ମଧ୍ୟରେ ଅଧିକାଂଶ ପୁଲିସ କର୍ମଚାରୀ ରହିଛନ୍ତି । ଆହତଙ୍କୁ ୯୨-ଆର୍ମି ବେସ୍ ଓ ଏସ୍‌କେଆଇଏମ୍‌ଏସ୍ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ତେବେ ଏହି ବିସ୍ଫୋରଣରେ ଆଉ ଜଣେ ବ୍ୟକ୍ତିର ମଧ୍ୟ ମୃତ୍ୟୁ ▶ପୃଷ୍ଠା-୭

### କିଏ ହେବ ବିହାର ମୁଖ୍ୟମନ୍ତ୍ରୀ

# ନୀତୀଶଙ୍କୁ ନେଇ ସସ୍‌ପେନ୍ସ ଜାରି

■ **ପାଟନା, ୧୫।୧୧ (ଏଜେନ୍ସି):** ବିହାର ବିଧାନସଭା ନିର୍ବାଚନରେ ଏନ୍‌ଡିଏର ଐତିହସିକ ସଫଳତା ପରେ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି । ଫଳାଫଳ ଘୋଷଣାକୁ ୩୬ ଘଣ୍ଟା ବିତିଯାଇଥିଲେ ମଧ୍ୟ କିଏ ହେବ ମୁଖ୍ୟମନ୍ତ୍ରୀ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନାହିଁ । ନୀତୀଶ କୁମାରଙ୍କ ନେତୃତ୍ୱରେ ଏନଡିଏ ନିର୍ବାଚନ ଲଢ଼ିଥିବାରୁ ସେ ହିଁ ମୁଖ୍ୟମନ୍ତ୍ରୀ ହେବା ଉଚିତ ବୋଲି ତାଙ୍କର ଜେଡିୟୁ ଯୁକ୍ତି କରିଥିବା ବେଳେ ସହଯୋଗୀ ବିଜେପିର ଅସମ୍ଭବ ନିରବତା ରାଜ୍ୟ ରାଜନୀତିରେ ଅନିଶ୍ଚିତତା ସୃଷ୍ଟି କରିଛି । ଜେଡିୟୁ ଅପେକ୍ଷା ବିଜେପି ଅଧିକ ଆସନ ପାଇଥିବାରୁ ଏହାର ନେତା ମୁଖ୍ୟମନ୍ତ୍ରୀ ହୁଅନ୍ତୁ ବୋଲି ଦଳ ଭିତରେ ଦାବି ଉଠୁଥିବାରୁ ବିଜେପି ହାଇକମାଣ୍ଡ ତୁରନ୍ତ କିଛି ଘୋଷଣା କରିବାକୁ ଉଚିତ ମନେ କରୁ ନାହାନ୍ତି ।

**ବିଜେପି ନିରବ, ଜେଡିୟୁରେ ହଲ୍‌ଚଲ୍**

ଏନ୍‌ଡିଏର ଅନ୍ୟତମ ଅଂଶୀଦାର ଏଲ୍‌ଜେପି ନେତା ତଥା କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶ୍ୱାନ ଆଜି ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଭେଟିବା ପରେ କହିଛନ୍ତି ଯେ ନୀତୀଶ ହିଁ ମୁଖ୍ୟମନ୍ତ୍ରୀ ହୁଅନ୍ତୁ । ନୀତୀଶଙ୍କ ସହିତ ତାଙ୍କର କୌଣସି ମତଭେଦ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ଅନ୍ୟପଟେ ନୀତୀଶଙ୍କ ଜେଡିୟୁର ନେତାମାନେ ଗତକାଲି ଫଳାଫଳ ଘୋଷଣା ▶ପୃଷ୍ଠା-୭

# ଆଳୁ କେଜି ଲକ୍ଷେ



■ **ପ୍ୟାରିସ, ୧୫।୧୧ (ଏଜେନ୍ସି):** ଭାରତରେ ଆଳୁକୁ ପରିବା ମଧ୍ୟରେ ରାଜା କୁହାଯାଇଥାଏ । ପ୍ରାୟତଃ ସବୁ ବ୍ୟଞ୍ଜନରେ ଆଳୁ ବ୍ୟବହାର ହୋଇଥାଏ । ଆଉ ଏହି ପରିବା ଶସ୍ତାରେ ମଧ୍ୟ ଉପଲବ୍ଧ ହୋଇଥାଏ । କିନ୍ତୁ ବିଶ୍ୱରେ ଏଭଳି ଅନେକ ଦେଶ ରହିଛି, ଯେଉଁଠି ଆଳୁ ମୂଲ୍ୟ ଆକାଶଛୁଆଁ ରହିଛି । କୋରିଆରେ ଆଳୁ କେଜି ୪.୨୮ ଡଲାର ଅର୍ଥାତ ୩୮୦ ଟଙ୍କା ଥିବାବେଳେ ଫ୍ରାନ୍ସରେ ଏହାର ମୂଲ୍ୟ କଳନାଠାରୁ ବାହାରେ ରହିଛି । ଏହା ବିଶ୍ୱର ସବୁଠୁ ମହଙ୍ଗା ଆଳୁ ଭାବେ ମଧ୍ୟ ପ୍ରସିଦ୍ଧି ଅର୍ଜନ କରିଛି । 'ଲେ ବୋନୋଟେ' କିସମର ଏହି ଆଳୁର ମୂଲ୍ୟ କେଜି ପିଛା ଲକ୍ଷେ ଟଙ୍କା ରହିଛି । ଏତେ ମହଙ୍ଗା ହେବା ସତ୍ତ୍ୱେ ଲୋକେ ଧାଡ଼ିରେ ଆସି ଏହି ଆଳୁ କିଣି ନେଉଛନ୍ତି । ତେବେ ଏହି ଆଳୁର ଉତ୍ପାଦନ ବହୁତ କମ୍ ରହିଛି । ସେଥିପାଇଁ ଏହା ମହଙ୍ଗା ହେବାରେ ଲାଗିଛି । ▶ପୃଷ୍ଠା-୭

# ଜାଡ଼ରେ ଥରୁଛି ସାରା ଓଡ଼ିଶା

### ୧୨ ଡିଗ୍ରୀ ତଳେ ରାଜ୍ୟର ୧୦ ସହର

■ **ଭୁବନେଶ୍ୱର, ୧୫।୧୧ (ସମିସ):** ସାରା ରାଜ୍ୟରେ ଜାରି ରହିଛି ଶୀତର ଲହରୀ । ଶୁକ୍ରବାର ରାଜ୍ୟର ୧୦ ସହରରେ ତାପମାତ୍ରା ୧୨ ଡିଗ୍ରୀ ତଳେ ରେକର୍ଡ ହୋଇଛି । ସେମିଲିଗୁଡ଼ାରେ ଝାରସୁଗୁଡ଼ାରେ ୧୦.୩ ଡିଗ୍ରୀ, ଅନୁଗୋଳରେ ୧୦.୬ ଡିଗ୍ରୀ, ଚିପିଲିମାରେ ୧୦.୮ ଡିଗ୍ରୀ, କିରେଇ ଓ କୋରାପୁଟରେ ୧୧.୩ ଡିଗ୍ରୀ, ଭବାନୀପାଟଣାରେ ୧୧.୫ ଡିଗ୍ରୀ ଏବଂ କେନ୍ଦୁଝରରେ



### ଶିମିଳିପାଳ କୋର୍ ଅଞ୍ଚଳରେ ୩ ଡିଗ୍ରୀ ତଳେ ପାରଦ

୧୧.୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ରାଜ୍ୟର ସର୍ବନିମ୍ନ ତାପମାତ୍ରା ୬.୫ଡିଗ୍ରୀ ରେକର୍ଡ ହୋଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି ।

ପାଣିପାଗ କେନ୍ଦ୍ର ଅନୁଯାୟୀ, ଶୁକ୍ରବାର ରାତିରେ ଦାରିଙ୍ଗିବାଡ଼ି ଓ ଜି. ଉଦୟଗିରିରେ ତାପମାତ୍ରା ୮ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀରେ ତାପମାତ୍ରା ୯.୫ ଡିଗ୍ରୀ ରହିଥିଲା । ସେହିପରି ରାଉରକେଲାରେ ୧୦.୨ ଡିଗ୍ରୀ, ଉପକୂଳ ଓଡ଼ିଶାର ଅନେକ ସ୍ଥାନରେ ରାତି ତାପମାତ୍ରା ସ୍ୱାଭାବିକଠାରୁ ୩ରୁ ୪ ଡିଗ୍ରୀ ଯାଏଁ କମ୍ ଥିବା ବେଳେ ଆଭ୍ୟନ୍ତରୀଣ ଓଡ଼ିଶାରେ କିଛି ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ୩ରୁ ୬ ଡିଗ୍ରୀ ଯାଏଁ କମ ରହିଥିବା ଜଣାପଡ଼ିଛି । ସେହିପରି ଭୁବନେଶ୍ୱରର ତାପମାତ୍ରା ୧୪.୮ଡିଗ୍ରୀ ଥିବାବେଳେ କଟକର ରାତି ତାପମାତ୍ରା ୧୪.୪ ▶ପୃଷ୍ଠା-୭

### ଘାତକ ସାଜିଲା ଇଡେନ୍ ପିଚ୍

# ଦୁଇ ଦିନରେ ୨୬ ୱିକେଟ୍

■ **କୋଲକାତା, ୧୫ ।୧୧ (ଏଜେନ୍ସି):** ପ୍ରାୟ ୯୦ ବର୍ଷର ଟେଷ୍ଟ କ୍ରିକେଟ ଇତିହାସରେ କୋଲକାତାର ଇଡେନ୍ ଗାର୍ଡେନ୍ସ ପିଚ୍ ବ୍ୟାଟ୍‌ସମ୍ୟାନ୍‌ଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଛି । ଭାରତୀୟ କ୍ରିକେଟର ମକ୍କା କୁହାଯାଉଥିବା ଇଡେନ୍ କୌଣସି ଏକ ଟେଷ୍ଟରେ ଦୁଇ ଦିନରେ ୨୬ ଉଇକେଟ୍ ହରାଇ ନୂଆ ଇତିହାସ ଲେଖିଛି ।



ପ୍ରାୟତଃ ବ୍ୟାଟ୍‌ସମ୍ୟାନ୍‌ଙ୍କୁ ସୁହାଉଥିବା ଏହି ପିଚ୍‌ରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଓ ଭାରତ ମଧ୍ୟରେ ଖେଳାଯାଉଥିବା ପ୍ରଥମ ଟେଷ୍ଟରେ ବୋଲର୍‌ଙ୍କ ରାଜୁତି ଜାରି ରହିଛି । ଗତକାଲି ମ୍ୟାଚ୍‌ର ପ୍ରଥମ ଦିନରେ ଭାରତୀୟ ଦଳର ଯଶପ୍ରୀତ୍ ବୁମ୍‌ରାଙ୍କ ସମେତ ପେସ୍ ବୋଲର୍‌ମାନେ ଘାତକ ସାଜିଥିଲେ । ପ୍ରଥମ ଦିନରେ ଦୁଇ ଦଳର ୧୧ଟି ଉଇକେଟ୍ ଯାଇଥିବା ବେଳେ ଆଜି ଦ୍ୱିତୀୟ ଦିନରେ ଇଡେନ୍ ପିଚ୍‌ର ଆଶ୍ଚର୍ଯ୍ୟଜନକ ସ୍ୱଭାବ ପରିବର୍ତ୍ତନ ଦେଖିବାକୁ ମିଳିଥିଲା । ଆଜିର ପିଚ୍ ଅଚାନକ ସ୍ପିନର୍‌ମାନଙ୍କୁ ସୁହାଇଥିଲା । ଦ୍ୱିତୀୟ ଦିନରେ ଆଉଟ୍ ହୋଇଥିବା ୧୫ଜଣ ବ୍ୟାଟର୍‌ଙ୍କ ▶ପୃଷ୍ଠା-୭




# କଟକ ସିଟି





### 'ଆମ ବସ୍' ଯାତ୍ରୀ ହୀନସ୍ତା

# ଚିହ୍ନଟ ରହଣିସ୍ଥଳ ପାଇଁ ହେଉନି ପ୍ରତୀକ୍ଷାଳୟ ନିର୍ମାଣ

**କଟକ, ୧୫ ।୧୧(ସମିସ):**



କଟକ ସହରରେ ଆମ ବସ ଯାତ୍ରୀଙ୍କ ପାଇଁ ଆବଶ୍ୟକ ପ୍ରତୀକ୍ଷାଳୟ ନଥିବାରୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେଉଁଠି ଗଛ ମୂଳ ତ ଆଉ କେଉଁଠି ପୁରୁଣା ପ୍ରତୀକ୍ଷାଗୃହଗୁଡିକ ଯାତ୍ରୀଙ୍କ ପାଇଁ ଅପେକ୍ଷାସ୍ଥଳୀ ପାଲଟିଛି। ସହରରେ ଯଦିଓ ୫ବର୍ଷ ପୂର୍ବରୁ ୫୨ଟି ଯାତ୍ରୀ ପ୍ରତୀକ୍ଷାଳୟଗୁଡିକର ନବୀକରଣ କରାଯାଇଥିଲା ଏବେ କିନ୍ତୁ ଅଧିକାଂଶ ପ୍ରତୀକ୍ଷାଳୟ ଅବସ୍ଥା ଶୋଚନୀୟ ହୋଇପଡିଛି। ହେଲେ ଆମ ବସ ଯାତ୍ରୀଙ୍କ ପାଇଁ ଅଧିକ ସଂଖ୍ୟାରେ ପ୍ରତୀକ୍ଷାସ୍ଥଳ ଚିହ୍ନଟ ହୋଇଥିଲେ ମଧ ଏପର୍ଯ୍ୟନ୍ତ ନିର୍ମାଣ ଆରମ୍ଭ କରାଯାଇପାରିନି। ସହରରେ କ୍ରୁଟ (କ୍ୟାପିଟାଲ ଅର୍ବାନ ରୋଡ ଟ୍ରାନସପୋର୍ଟ) ଅଧୀନରେ ୧୦୦ରୁ ଅଧିକ ଆମ ବସ ସେବା ଯୋଗାଇଦେଇଆସୁଛି। କାଠଯୋଡି ଓ ମହାନଦୀ ରିଙ୍ଗ ବନ୍ଧରେ ଏହିପରି ଅନେକ ଯାତ୍ରୀ ବିଶ୍ରାମାଗାର ରହିଛି ଯାହା ଥାଇ ନଥିବା ଭଳି ରହିଛି। କଟକ ମହାନଗର ନିଗମ ପକ୍ଷରୁ ଯାତ୍ରୀ ପ୍ରତୀକ୍ଷାଳୟଗୁଡିକ ପିପିପି ଜରିଆରେ ନିର୍ମାଣ କରାଯାଇଥିଲା। ବେଶ୍ ଆକର୍ଷଣୀୟ ହୋଇଥିବା ଏହି ଯାତ୍ରୀ ବିଶ୍ରାମାଗାରର ଚେୟାର ଭାଙ୍ଗିରୁଜି ଗଲାଣି। ଏହାଭିତରେ ପାଦ ପକାଇବାକୁ ଡର ଲାଗୁଛି। ତେବେ କ୍ରୁଟ ପକ୍ଷରୁ କଟକ ସହରର ୧୫୩ଟି ସ୍ଥାନରେ ବସ ଷ୍ଟପ ତଥା ପ୍ରତୀକ୍ଷାଗୃହଗୁଡିକ ନିର୍ମାଣ କରାଯିବ ବୋଲି ହାଇକୋର୍ଟରେ ରିପୋର୍ଟ ପ୍ରଦାନ କରାଯାଇଛି। କଟକ ମହାନଗର ନିଗମ ଅଞ୍ଚଳରେ ଥିବା ଯାତ୍ରୀ ବିଶ୍ରାମାଗାରଗୁଡିକକୁ ଆମ ବସ ଯାତ୍ରୀମାନେ ବ୍ୟବହାର କରୁଛନ୍ତି। ଅନ୍ୟପଟରେ ବସଷ୍ଟପଗୁଡିକରେ ସମୟ ନିର୍ଘଣ୍ଟ ଲେଖା ସମ୍ବଳିତ ସାଇନ ବୋର୍ଡ ରଖିବାର ନିୟମ ଥିଲେ ମଧ ଏହାକୁ ପାଳନ କରାଯାଇ ନଥିବା ପରିଲକ୍ଷିତ ହୋଇଛି। ଫଳରେ କେଉଁ ରୁଟ୍ ବସ କେତେବେଳେ ଆସିବ ସେ ସଂକ୍ରାନ୍ତରେ ଯାତ୍ରୀମାନେ ସୂଚନା ପାଇପାରୁନାହାନ୍ତି।

### ପୁଣି ଡରେଇଲାଣି ଜଣ୍ଡିସ୍

# ୨୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ




**କଟକ,୧୫ ।୧୧(ସମିସ):** କଟକ ସହରରେ ପୁଣି ଡରାଇଲାଣି ଜଣ୍ଡିସ। କଦମ୍-ଏ-ରସୁଲ ଗଳିରେ ଥିବା ବ୍ରାହ୍ମଣ ସାହିରେ ଦିନକୁ ଦିନ ଜଣ୍ଡିସ ବ୍ୟାପୁଛି। ଯାହାକୁ ନେଇ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଆଜି ସୁଦ୍ଧା ୨୦ରୁ ଊର୍ଦ୍ଧ୍ୱ ଲୋକ ଜଣ୍ଡିସରେ ଆକ୍ରାନ୍ତ ହୋଇଛନ୍ତି। ଖରାପ ପାନୀୟଜଳ ଓ ଡ୍ରେନ୍ ସଫାରେ ଅବହେଳା ଯୋଗୁଁ ଜଣ୍ଡିସ ବ୍ୟାପୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଅନ୍ୟପଟେ ମହାନଗର ନିଗମର ୨୩ନଂ ୱାର୍ଡ ରେ ଜଣ୍ଡିସ ବ୍ୟାପୁଛି। ଗତକାଲି ଖବର ମିଳିବା ପରେ ଆଜି ସକାଳୁ ସିଏମସି ପକ୍ଷରୁ ଡ୍ରେନ ସଫେଇ କରାଯିବା ସହ ଯେଉଁ ପାଣି ପାଇପ୍‌ଗୁଡ଼ିକ ନର୍ଦ୍ଦମା ଭିତରେ ଯାଇଛି ସେଗୁଡିକୁ କାଟି ବାହାର କରାଯାଇଛି। ବିଭିନ୍ନ ପ୍ରକାର ସ୍ୱଚ୍ଛତା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଏହାସହ ସିଏମସି ସ୍ୱାସ୍ଥ୍ୟ ବିଭାଗ ତରଫରୁ ସେ ଅଞ୍ଚଳ ପରିଦର୍ଶନ କରି ଜଣ୍ଡିସ କିପରି ଆଗକୁ ନ ବ୍ୟାପିବ ତାହା ଉପରେ ଦୃଷ୍ଟି ଦେଉଛି କଟକ ମହାନଗର ନିଗମ। ଯଦି ଅନ୍ୟ କାହାର କୌଣସି ଲକ୍ଷଣ ଦେଖାଯାଉଛି ତେବେ ନିକଟସ୍ଥ ସରକାରୀ ଡ଼ାକ୍ତରଙ୍କ ପରାମର୍ଶ ନେବା ସହ ଗୁଣି ଗାରେଡ଼ି ଉପରେ ବିଶ୍ୱାସ ନକରିବାକୁ ମେୟର ସୁବାସ ସିଂ ନିବେଦନ କରିଛନ୍ତି।




# ଗତ ବାଲିଯାତ୍ରାରେ ମୃତ ୫ ଜଣଙ୍କ ପରିବାରକୁ ମିଳିନି ସହାୟତା



### ପ୍ରଶାସନିକ ନିଷ୍ପତ୍ତି ସତ୍ତ୍ୱେ ମୃତକଙ୍କୁ ଭୁଲିଗଲେ ସରକାର

### ଏଥର ଭିଆଇପି ଓ ଭିଭିଆଇପି ସେବାରେ ଲାଗିଥିଲା ପ୍ରଶାସନ

**କଟକ,୧୫ ।୧୧(ସମିସ):** ଐତିହାସିକ ବାଲିଯାତ୍ରା-୨୦୨୫ ଗତ ୧୩ ତାରିଖରେ ଶେଷ ହୋଇଛି। ଜିଲ୍ଲା ପ୍ରଶାସନ ଓ କମିସନରେଟ୍ ପୁଲିସର ତ୍ରୁଟିପୂର୍ଣ୍ଣ ପରିଚାଳନା ନିମନ୍ତେ ଏଥର ବାଲିଯାତ୍ରାରେ ସାଧାରଣ ଲୋକ ନାହିଁ ନଥିବା ସମସ୍ୟା ଭୋଗିଛନ୍ତି। ଐତିହାସିକ ଯାତ୍ରା ବଦନାମ ମୁଣ୍ଡାଇଛି। ଅଧାରୁ ଫେରି ଯାଇଛନ୍ତି ବ୍ୟବସାୟୀ। ଉଠା ଦୋକାନୀଙ୍କୁ ମାଡ଼ ମାରି ପଡ଼ିଆରୁ ବାହାର କରାଯାଇଛି। ଭିଆଇପି ଓ ଭିଭିଆଇପି ସେବାରେ ଜିଲ୍ଲା ପ୍ରଶାସନ ପୁରା ଦମ୍‌ରେ ଲାଗିଥିଲା। ଏକାଧିକ ଅବ୍ୟବସ୍ଥା ଭିତରେ ୯ମ ଦିନ ସନ୍ଧ୍ୟାରେ ପୁଣି ଏକ ଅଘଟଣ ଘଟିଥିଲା। ବଲିଉଡ୍ ସିଙ୍ଗର୍ ଶ୍ରେୟା ଘୋଷାଲ୍‌ଙ୍କ କାର୍ଯ୍ୟକ୍ରମରେ ୨ଜଣ ଦର୍ଶକ ଦଳାଚକଟାରେ ବେହୋସ ହୋଇଯାଇଥିଲେ। ପୁଲିସ ଲାଠିଚାର୍ଜ କରିଥିଲା। ଉପର ପଡ଼ିଆକୁ ନେଇ ବିବାଦ ଲାଗି ରହିଥିବା ବେଳେ ଶେଷ ପର୍ଯ୍ୟାୟରେ ପ୍ରଶାସନ ନିଜ ଜିଦିରେ ଅଟଳ ରହି କିଲ୍ଲାପଡ଼ିଆକୁ ଗାଡ଼ି ଷ୍ଟାଣ୍ଡରେ ପରିଣତ କରିଥିଲା। ଏଭଳି ମନମୁଖି କାର୍ଯ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଥିବା ବେଳେ ଆଉ ଏକ ପ୍ରଶାସନିକ ଅବହେଳା ସାମ୍ନାକୁ ଆସିଛି। ଗତବର୍ଷ ଅର୍ଥାତ ବାଲିଯାତ୍ରା-୨୦୨୪ରେ ଯାତ୍ରା ପଡ଼ିଆରେ ୫ଜଣଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କୁ ଖୁବ୍‌ଶୀଘ୍ର ପ୍ରଶାସନିକ ସହାୟତା ଯୋଗାଇ ଦେବାକୁ ଘୋଷଣା କରାଯାଇଥିଲା। ଚଳିତ ବର୍ଷ ବାଲିଯାତ୍ରା ଶେଷ ହୋଇଥିବା ବେଳେ ମୃତକଙ୍କ ପରିବାର ସହାୟତା ରାଶି ପାଇ ପାରି ନାହାଁନ୍ତି। ଜିଲ୍ଲା ପ୍ରଶାସନ ସହାୟତା ଘୋଷଣା କରି ବର୍ଷେ ନିରବ ହୋଇଯିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି।

ସୂଚନା ଅନୁସାରେ, ଜଗତସିଂହପୁର ଜୟବଡର ପ୍ରଭାକର ମହନ୍ତଙ୍କ ପୁଅ ବିଶ୍ୱପ୍ରକାଶ ମହନ୍ତ କଟକର ଏକ ବେସରକାରୀ ଶିକ୍ଷାନୁଷ୍ଠାନରେ ଯୁକ୍ତ ଦୁଇରେ ପଢୁଥିଲେ। ସେ ବାଲିଯାତ୍ରା ଦେଖିବା ପାଇଁ ଆସିଥିଲେ। ବିଶ୍ୱପ୍ରକାଶ ଅନ୍ୟ କିଛି ସାଙ୍ଗଙ୍କ ସହିତ ବାଲିଯାତ୍ରା ବୁଲିଥିଲେ। ୨୦୨୪ ବାଲିଯାତ୍ରାରେ ବିଶ୍ୱପ୍ରକାଶ ଓ ତାଙ୍କର କିଛି ସାଙ୍ଗ ଚିଂବନ୍ଧର ଗୋଟିଏ ପଟ ରାସ୍ତାରୁ ଆରପଟକୁ ଯିବା ପାଇଁ ଦୁଇ ରାସ୍ତା ମଝିରେ ଥିବା ମିଡଭର୍ସକୁ ଡେଉଁଥିଲେ। ଏତିକିବେଳେ ଦୁଇ ରାସ୍ତା ମଝିରେ ଥିବା ବାଡରେ ସଜାଯାଇଥିବା ଲିଚୁ ଲାଇଟ ତାର ସଂସ୍ପର୍ଶରେ ଆସି ବିଶ୍ୱପ୍ରକାଶ ଗୁରୁତର ହୋଇଥିଲେ। ପୁଲିସ ଓ ପ୍ରଶାସନ ତାଙ୍କୁ ଏସ୍‌ସିବି ପଠାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମୃତ ଛାତ୍ର ବିଶ୍ୱପ୍ରକାଶଙ୍କ ପରିବାରକୁ ସହାୟତା ରାଶି ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ମୃତକଙ୍କ ପରିବାର ସହାୟତା ରାଶି ପାଇ ପାରିନାହାନ୍ତି।

ସେହିପରି ପ୍ରମୋଦ ନାଥ ନାମକ ଜଣେ ଯୁବକ ତାଙ୍କର ୪ ଜଣ ସାଙ୍ଗଙ୍କ ସହ ବାଲିଯାତ୍ରା ପଡିଆରେ ବୁଲୁଥିଲେ। ବୁଲାବୁଲି ଭିତରେ ଖାଇବା ସହ ଦୋଳି ଖେଳି ଥିଲେ। ପରେ ସାଙ୍ଗମାନେ ଏକାଠି ହୋଇ ବୋଇତ ଗେଟ୍ ସମ୍ମୁଖରେ ସେଲ୍‌ଫି ନେଉଥିଲେ। ଏତିକିବେଳେ ପ୍ରମୋଦ ହଠାତ ଅସୁସ୍ଥ ହୋଇ ତଳେ ଗଳିପଡିଲେ। ସାଙ୍ଗମାନେ ତାଙ୍କ ମୁହଁରେ ପାଣି ଆଣି ଛିଞ୍ଚିଥିଲେ ବି ସେ ଉଠିନଥିଲେ। ଏହା ଦେଖି ନିକଟସ୍ଥ ଏଡପୋଷ୍ଟରୁ ପୁଲିସ କର୍ମଚାରୀ ଓ ପ୍ରଶାସନିକ କର୍ମଚାରୀ ଆସି ତାଙ୍କୁ ଏସ୍‌ସିବି ମେଡିକାଲ ପଠାଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରଶାସନ ମୃତ ପ୍ରମୋଦଙ୍କୁ ସହାୟତା ରାଶି ଦେବ ବୋଲି ବାଲିଯାତ୍ରାରେ ଘୋଷଣା କରିଥିଲା। ହେଲେ ଏପର୍ଯ୍ୟନ୍ତ ତାଙ୍କୁ ଟଙ୍କାଟିଏ ବି ମିଳିନାହିଁ।

ପୁରୀ ଗୋପ ବ୍ଲକ ଅନ୍ତର୍ଗତ ଇଚ୍ଛାପୁର ଗାଁର ୭୬ ବର୍ଷୀୟ ଘନଶ୍ୟାମ ବାରିକ ଓରମାସର ଷ୍ଟଲ ନମ୍ବର ୨୦୬ରେ କାମ କରୁଥିଲେ। ସେ କାମ କରୁଥିଲା ବେଳେ ହଠାତ ତଳେ ପଡି ଯାଇଥିଲେ। ତାଙ୍କୁ ତୁରନ୍ତ ଥାନା ଗାଡିରେ ଏସସିବି ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କୁ ମଧ ପ୍ରଶାସନିକ ସହାୟତା ରାଶି ଦିଆଯାଇ ନାହିଁ।

ଅନ୍ୟପଟେ ବାଲିଯାତ୍ରା ବୋଇତ ଗେଟ ନିକଟ ଚିଂବନ୍ଧ କଡରୁ ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ମୃତଦେହ ମିଳିଥିଲା। ପାଖରେ ଏକ ଟ୍ରାଇ ସାଇକଲ ରହିଥିଲା। ତାଙ୍କର ପରିଚୟ ଅସ୍ପଷ୍ଟ ରହିଥିଲା। ପ୍ରଶାସନ ଓ ପୁଲିସ ପରବର୍ତ୍ତୀ ପର୍ଯ୍ୟାୟରେ ତାଙ୍କ ପରିଚୟ ପାଇଥିଲେ ମଧ ଏପର୍ଯ୍ୟନ୍ତ କୌଣସି ସହାୟତା ପ୍ରଦାନ କରିନାହାନ୍ତି।

ଗତବର୍ଷ ବାଲିଯାତ୍ରାରେ ଉଦାସ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଯଜ୍ଞେଶ୍ୱରାନନ୍ଦ ତଳ ପଡିଆରେ ଯଜ୍ଞାନୁଷ୍ଠାନ ଓ ମହାନଦୀ ମହାଆଳତି ସାରିବା ପରେ କିଛି ଆନୁଗତ୍ୟଙ୍କ ସହ ଓରମାସ ଷ୍ଟଲ ବୁଲିବାକୁ ଯାଇଥିଲେ। ସେଠାରେ କିଛି ଖାଦ୍ୟ ଓ ମାଟି ନିର୍ମିତ ସାମଗ୍ରୀ କିଣାକିଣି କରି ଶିଷ୍ୟଙ୍କ ମଧ୍ୟରେ ବଣ୍ଟନ କରିଥିଲେ। ଏହାପରେ ଶିଶୁ ସୁରକ୍ଷା ଷ୍ଟଲରେ ବାଲ୍ୟ ବିବାହ ବନ୍ଦ ସହ ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ସଚେତନ କରିଥିଲେ। ପରେ ସେ ଅସୁସ୍ଥ ହୋଇ ଯନ୍ତ୍ରଣା ଅନୁଭବ କରି ଯାତ୍ରା ପଡ଼ିଆରେ ଟଳି ପଡ଼ିଥିଲେ। ତାଙ୍କୁ ମର୍କତନଗର ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ହେଲେ ସେଠାରେ ପହଞ୍ଚିବା ବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା।

ଏପରି ଭାବେ ବାଲିଯାତ୍ରା-୨୦୨୪ରେ ୫ଜଣଙ୍କ ମୃତ୍ୟୁ ଘଟିଥିଲା। ପ୍ରଶାସନ ବାଲିଯାତ୍ରାରୁ ଲକ୍ଷାଧିକ ଟଙ୍କା ଲାଭ କରୁଥିବା ବେଳେ ସେଠାରେ ମୃତ୍ୟୁ ଘଟିଥିବା କୌଣସି ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ କରୁନାହିଁ। କେବଳ ଘୋଷଣାରେ ସୀମିତ ରହୁଛି ପ୍ରଶାସନିକ ସହାୟତା। ଏ ଦିଗରେ ରାଜ୍ୟ ସରକାର ହସ୍ତକ୍ଷେପ କରି ମୃତକଙ୍କୁ ସହାୟତା ପ୍ରଦାନ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

# ସାଇବର ଅପରାଧ ରୋକିବାକୁ ସଚେତନତା ଲୋଡ଼ା: ଆର୍‌ଡିସି




**କଟକ,୧୫ ।୧୧(ସମିସ):** କେନ୍ଦ୍ରାଞ୍ଚଳ ରାଜସ୍ୱଆୟୁକ୍ତଙ୍କ ତତ୍ତ୍ୱାବଧାନରେ ସାଇବର ଅପରାଧ ନିୟନ୍ତ୍ରଣରେ ଜନସଚେତନତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ସାଇବର ସୁରକ୍ଷା ସମ୍ପର୍କିତ ଅଭିଯାନ କଟକସ୍ଥିତ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଆଜି ପୂର୍ବାହ୍ନରେ ଆୟୋଜିତ ଉକ୍ତ କର୍ମଶାଳାକୁ ଉଦ୍‌ଘାଟନ କରି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ତଥା ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ପ୍ରମୁଖ ସଚିବ ଗୁହା ପୁନମ ତାପସ କୁମାର ଛାତ୍ରୀଙ୍କ ସହ ବିସ୍ତୃତ ଆଲୋଚନା ଜରିଆରେ ସାଇବର ସୁରକ୍ଷିତ ରହିବା ଦିଗରେ ଅବଗତ କରିଥିଲେ। ଅଧୁନା ଡିଜିଟାଲ ଯୁଗରେ ସାଇବର ଆରେଷ୍ଟ, କଷ୍ଟଅର୍ଜିତ ସଂଚିତ ଅର୍ଥକୁ ଦ୍ୱିଗୁଣିତ କରିବା ପ୍ରଲୋଭନ ରେ ଅଜଣା ଲିଙ୍କରେ ପୁଞ୍ଜି ଲଗାଣ ଦ୍ୱାରା ସମସ୍ତ ଅର୍ଥ ହରାଇବା ଆଦି ଘଟଣା ଦୈନିକ ବୃଦ୍ଧି ପାଉଥିବାରୁ ଏହାକୁ ରୋକିବା ଦିଗରେ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି ଏବଂ ସମଗ୍ର ରାଜ୍ୟରେ ଜିଲ୍ଲା ବ୍ୟାପି ସଚେତନତା ଅଭିଯାନ ଅନୁଷ୍ଠିତ ହେଉଛି। ଏହିକ୍ରମରେ ଆଜି ଆୟୋଜିତ କର୍ମଶାଳାରେ ଉପସ୍ଥିତ ଛାତ୍ରୀମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ସାଇବର ଅପରାଧ ବିରୁଦ୍ଧରେ ଦୃଢ଼ ମୁକାବିଲା ନିମନ୍ତେ ଅନ୍ୟତମ ଅତିଥି କ୍ରାଇମ୍ ବ୍ରାଞ୍ଚ ଓ ରାଜ୍ୟ ଗୁଇନ୍ଦା ବିଭାଗ ଡିଏସପି ଅନିଳା ଆନନ୍ଦ ବିସ୍ତୃତ ଉପାଦେୟ ତଥ୍ୟମାନ ଉପସ୍ଥାପନା କରିଥିଲେ। ଅନ୍ୟତମ ଅତିଥି ଭାବେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ର ଏଜିଏମ କୀର୍ତ୍ତି ସ୍ୱାଇଁ ଯୋଗ ଦେଇ ସାଇବର ଅପରାଧୀଙ୍କ ହାତରେ ଓଟିପି ନଦେବା ତଥା ସାଇବର ଅପରାଧ ରୋକିବା ଦିଗରେ ସୁରକ୍ଷିତ ପଦକ୍ଷେପ ସମ୍ବନ୍ଧରେ ଆଲୋଚନା କରିଥିଲେ। ଶୈଳବାଳା ମହିଳା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଜୀବନ ବଲ୍ଲଭ ଜେନା, ଏ କେ ଖିଲାର,କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଅତିରିକ୍ତ ସଚିବ ଦେବାଶିଷ ପଟ୍ଟନାୟକ, ଉପନିର୍ଦ୍ଦେଶକ ପରମାନନ୍ଦ ପୃଷ୍ଟି, ସଂକଳ୍ପ ସ୍ୱସ୍ତିକ ସାହୁ, ସହକାରୀ ସଚିବ ସ୍ନେହରତ୍ନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

**ଐତିହାସିକ ବାଲିଯାତ୍ରା କଟକ-୨୦୨୫ର ଯବନିକା ପଡ଼ିସାରିଛି । ଯାତ୍ରା ପରର ଯାତରା କିନ୍ତୁ ବେଶ୍ ଜମିଛି । ଯଦିଓ ବଡ଼ ବଡ଼ ବ୍ୟବସାୟୀମାନେ ପସରା ନେଇ ଘରକୁ ବାହୁଡ଼ିଛନ୍ତି; ଛୋଟ ବେପାରୀ ରାସ୍ତା କଡ଼ରେ ଦୋକାନ ଖୋଲିଛନ୍ତି । ବିଭିନ୍ନ ଘରକରଣା ସାମଗ୍ରୀଠାରୁ ଆରମ୍ଭ କରି କବିରାଜି ଔଷଧ, ଜଳଖିଆ, ବେଲୁନ୍ ଆଉ ଖେଳଣା ବିକ୍ରୟ ହେଉଛି । ଶିଳ, ଚକି ହେଉ କିମ୍ବା ଶୁଖୁଆ ସବୁକିଛି ସୁଲଭ ମୂଲ୍ୟରେ ମିଳୁଛି । ଏହି କିଣାବିକା ପ୍ରକ୍ରିୟା ଏବେ ପ୍ରାୟ ୧୫ଦିନ ଯାଏଁ ଚାଲିବ....**

### ଏବେ ଘର ବାହୁଡ଼ିବାର ବେଳ

# ଯାତ୍ରା ପରର ଯାତରା

**କଟକ,୧୫ ।୧୧(ସମିସ):**

କଟକିଆମାନେ ଖାସ୍ ଏହି ଯାତ୍ରା ପରର ଯାତ୍ରାକୁ ଚାହିଁ ବସି ଥାଆନ୍ତି। ଦୂରଦୁରାନ୍ତରୁ ଆସିଥିବା ବ୍ୟବସାୟୀ ବାଲିଯାତ୍ରାରେ ବେପାର କରି ଥକି ପଡ଼ିଥିବା ପାଖରେ ଥିବା ବଳକା ସାମଗ୍ରୀକୁ ରିହାତି ମୂଲ୍ୟରେ ବିକି ଦେଇ ବାହୁଡ଼ି ଯିବ ଘରକୁ। ଯେହେତୁ ପ୍ରଶାସନ ଓ ପୁଲିସ ପକ୍ଷରୁ ଯାତ୍ରା ପଡ଼ିଆରେ ବସିବାକୁ ବାରଣ କରାଯାଇଛି, ତେଣୁ ଏହି ବେପାରୀମାନେ କ୍ୟାଣ୍ଟନ୍‌ମେଣ୍ଟ ରାସ୍ତା, ଷ୍ଟାଡିୟମ ସମ୍ମୁଖ ରାସ୍ତା, ବାରବାଟୀ ଦୁର୍ଗ ସମ୍ମୁଖ ରସ୍ତା, ଗଡ଼ଗଡେଶ୍ୱର ମନ୍ଦିର ସମ୍ମୁଖ ରାସ୍ତା ଏବଂ ନଦୀ ବନ୍ଧରେ ବସି ବ୍ୟବସାୟ କରୁଛନ୍ତି। ଏହି ତାଲିକାରେ ବଡ଼ ବଡ଼ ବ୍ୟବସାୟୀ ନଥାଆନ୍ତି, ଶିଳ, ଚକି, କୁଲା, ବାଉଁଶିଆ, ଖେଳଣା, ବେଲୁନ୍, ଶୁଖୁଆ, ଫୁଲ, ଶଙ୍ଖ ଓ ପିତଳର ସୌଖୀନ ଜିନିଷ, ମାଛଧରା ଜାଲ, କବିରାଜ ଔଷଧ ଭଳି ବିଭିନ୍ନ ପ୍ରକାରର ସାମଗ୍ରୀ ଧରି ଛୋଟ ଛୋଟ ବେପାରିମାନେ ବ୍ୟବସାୟ କରି ଥାଆନ୍ତି। ଆଜି ସକାଳରୁ ସନ୍ଧ୍ୟା ଯାଏଁ ଏମାନଙ୍କ ପାଖରେ ହୋଇଥିଲା ଅସମ୍ଭାଳ ଭିଡ଼। ଯାତ୍ରା ଦରଠାରୁ ଏମାନେ ରିଆତି ମୂଲ୍ୟରେ ଜିନିଷ ବିକୁଥିଲେ। ବଳି ପଡ଼ିଥିବା ସାମଗ୍ରୀଗୁଡ଼ିକୁ ଆଉ ନନେଇ ତାହାକୁ ଏଠାରେ ବିକ୍ରି କରିଦେବୁ। ସେଥିପାଇଁ ଏହି ଛୋଟ ବ୍ୟବସାୟୀମାନେ ନିଜ ନିଜର ସାମଗ୍ରୀର ଦର କମ କରି ଦେଇଥିଲେ।

ସନ୍ଧ୍ୟାରେ ପୁଲିସର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ପଡ଼ିଆ ମଧ୍ୟରେ ପଶି ସେଠାରେ ବିକୁ ଥିବା ଲୋକଙ୍କୁ ଅନ୍ୟତ୍ର ବେପାର କରିବା ପାଇଁ କହିଛି। ପ୍ରଶାସନ ପକ୍ଷରୁ ପାଣି ଲାଇନ୍ ଓ ବିଦ୍ୟୁତ ସଂଯୋଗ କାଟି ଦିଆଯାଇଛି। ପୂର୍ବବର୍ଷ ଗୁଡ଼ିକରେ ମଧ ଯାତ୍ରା ପରର ଯାତ୍ରା ଠିକ୍ ଏଭଳି ଢଙ୍ଗରେ ହୋଇଥାଏ। ଯାତ୍ରା ଶେଷ ହେବାର ୨ରୁ ୩ ଦିନ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ସୌଖୀନ ସାମଗ୍ରୀ ରାସ୍ତା କଡ଼ରେ ଉପଲବ୍ଧ ହୁଏ। କେବଳ ଶିଳ, ଚକି ଏବଂ ଶୁଖୁଆ ୧୫ଦିନରୁ ୧ମାସ ପର୍ଯ୍ୟନ୍ତ କ୍ୟାଣ୍ଟନମେଣ୍ଟ ରାସ୍ତା ପାର୍ଶ୍ୱରେ ବିକ୍ରି କରାଯାଇଥାଏ। ପଥର ମୂର୍ତ୍ତି ଏବଂ ଶିଳଚକି ବିକୁଥିବା ବାଣପୁର ଅଞ୍ଚଳର ପଥର କାରିଗର ଘନଶ୍ୟାମ ଓଝାଙ୍କୁ ପଚାରିବାରୁ ସେ କହିଛନ୍ତି, ଆମେ ଦୀର୍ଘ ୨୫ ହେବ ଏହି ଯାତ୍ରାକୁ ଆସୁଛୁ। ଯାତ୍ରା ସିନା ୮ ଦିନରେ ଶେଷ ହୋଇଯାଏ, ହେଲେ ଆମ ବ୍ୟବସାୟ ଶେଷ ହୁଏ ନାହିଁ। ୧ମାସ ପର୍ଯ୍ୟନ୍ତ ଆମେ ଏହି ଅଲଇଣ୍ଡିଆ ରେଡିଓ ଷ୍ଟେସନ୍ ନିକଟରେ ପସରା ଖୋଲି ବ୍ୟବସାୟ କରୁ। ଏଥର ମଧ ବିକ୍ରି ପ୍ରକ୍ରିୟା ସେହି ଭଳି ଜାରି ରହିଛି। ତଳ ପଡ଼ିଆ ଓ ଉପର ପଡ଼ିଆରେ ଥିବା ଷ୍ଟଲ୍‌ଗୁଡ଼ିକରେ ମଧ ବେପାର ଜୋରଦାର ହୋଇଥିଲା। ଓରମାସ୍ ମଧ୍ୟରେ ଥିବା କାର୍ପେଟ୍, କାଗଜଫୁଲ, ପ୍ଲାଷ୍ଟିକ୍ ଦ୍ରବ୍ୟ ଏବଂ ହାତ ତିଆରି ଜିନିଷକୁ କମ୍ ଦରରେ ବ୍ୟବସାୟୀମାନେ ବିକ୍ରି କରି ଦେଇ ଚାଲି ଯାଉଥିବା ଦେଖିବାକୁ ମିଳିଥିଲା।



### ରାସ୍ତାକଡ଼ରେ ଜମୁଛି ଘରକରଣା ସାମଗ୍ରୀ ବ୍ୟବସାୟ

### ପଡ଼ିଆରୁ ପାଣି ଲାଇନ୍ ଓ ବିଦ୍ୟୁତ୍ ସଂଯୋଗ ଛିନ୍ନ

### ଉଠାଦୋକାନୀଙ୍କୁ ଯାତ୍ରା ପଡ଼ିଆରୁ ଘଉଡ଼ାଇଲା ପୁଲିସ




## ସୁକିନ୍ଦାରେ ଜନଜାତୀୟ ଗୌରବ ଦିବସ



**ସୁକିନ୍ଦା,୧୫।୧୧(ସମିସ):** ସୁକିନ୍ଦାଠାରେ ସ୍ୱାଧୀନତା ସଂଗ୍ରାମର ଅନନ୍ୟ ବିପ୍ଳବୀ ତଥା ବିଶିଷ୍ଟ ଆଦିବାସୀ ନେତା ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଜନଜାତୀୟ ଗୌରବ ଦିବସ ପାଳନ କରାଯାଇଛି। ଏହି ଉତ୍ସବରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଜିଲ୍ଲାପାଳ ଅମ୍ବର କୁମାର କର ଯୋଗଦେଇ ସହିଦ ବିର୍ସା ମୁଣ୍ଡାଙ୍କ ସଂଗ୍ରାମର ବୀରତ୍ୱ କାହାଣୀ ସମ୍ପର୍କରେ ଅଲୋଚନା କରିଥିଲେ। ଏହି ଅବସରରେ ୨୬୦ ଜଣ ଜନଜାତି ଲୋକମାନଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଛି ଏବଂ ଯଥାଶୀଘ୍ର ଘରଡିହ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ କହିଥିଲେ। ଜନଜାତି ଲୋକମାନଙ୍କୁ ଆଧାର କାର୍ଡ, ଜନ୍ମ ପଞ୍ଜୀକରଣ ପ୍ରମାଣପତ୍ର ଇତ୍ୟାଦି ଯୋଗାଇ ଦିଆଯାଇଥିଲା। ଜମି ପଟ୍ଟା ବଣ୍ଟନ କରାଯାଇଥିବା ଲୋକମାନଙ୍କୁ ରହିବାକୁ ଘରଡିହ ସହ ରାସନ କାର୍ଡ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଉକ୍ତ ଦିବସରେ ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ, ବିଡିଓ ସୁକିନ୍ଦା, ସମସ୍ତ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ ମାନ ଖୋଲାଯାଇ ପଟ୍ଟା ବଣ୍ଟନ, ଜନ୍ମପ୍ରମାଣ ପତ୍ର, ଆଧାର ରେଜିଷ୍ଟ୍ରେସନ ଆଦି କରାଯାଇଥିଲା। ଆବାସିକ ବିଦ୍ୟାଳୟର ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଲକ୍ଷ୍ମୀନଗର ହାଇସ୍କୁଲରେ ବିଜ୍ଞାନ ମେଳା



**ଶଙ୍ଖଚିଲା,୧୫।୧୧(ସମିସ):** ରସୁଲପୁର ଶିକ୍ଷା ମଣ୍ଡଳ ଅନ୍ତର୍ଗତ ଲକ୍ଷ୍ମୀନଗର ସାଧନ କେନ୍ଦ୍ରର ପଞ୍ଚାୟତ ହିଙ୍ଗୁଳା ହାଇସ୍କୁଲରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ସଭାପତି ଅଶୋକ କୁମାର ରଥଙ୍କ ସଭାପତିତ୍ୱରେ ଇନ୍ଦିରା ଗାନ୍ଧୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ହୃଷିକେଶ ତ୍ରିପାଠୀ ମେଳାକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବପ୍ରକାଶ ସାହୁ ଅତିଥି ମାନଙ୍କ ପରିଚୟ ରଖିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ସାଧନ କେନ୍ଦ୍ର ସଂଯୋଜକ ମଦନ ମୋହନ ବେହେରା ଶିଶୁମାନଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ରଖିଥିଲେ। ପରେ ଅଧ୍ୟାପକ ଶ୍ରୀଯୁକ୍ତ ତ୍ରିପାଠୀ ଓ ସଂଯୋଜକ ଶ୍ରୀଯୁକ୍ତ ବେହେରା ବିଚାରକ ରୂପେ ବିଜ୍ଞାନ ପ୍ରକଳ୍ପ ଗୁଡିକର ମୂଲ୍ୟାଙ୍କନ କରିଥିଲେ। ଶିଶୁମାନେ ଶକ୍ତି ସଂରକ୍ଷଣ ଉପରେ କରିଥିବା ପ୍ରକଳ୍ପ ଗୁଡ଼ିକରୁ ସତ୍ୟ ପ୍ରକାଶ ସାହୁ, ଅଶ୍ୱିନୀ ଜେନା ପ୍ରଥମ ସ୍ଥାନ, ଦେବେନ୍ଦ୍ର ବିଶ୍ୱାଳ, ଶଶାଙ୍କ ଦାସ ଦ୍ୱିତୀୟ ସ୍ଥାନ ଓ ପ୍ରତ୍ୟୁଷ ରଥ, ଅକ୍ଷୟ ମଲ୍ଲିକ, ସୌମ୍ୟଜିତ ଘଡ଼ାଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସାହୁଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଉପସ୍ଥିତ ସମସ୍ତ ଅତିଥି ସଭାପତି, ଅଧ୍ୟାପକ ଓ ସଂଯୋଜକ ବିଜେତାମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ କାଳନ୍ଦୀ ଚରଣ ଭଞ୍ଜ, ନିରଜ ମାଝୀ, ଶୁଭଶ୍ରୀ ରାଉତ, ଗୀତାଞ୍ଜଳି ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ସୁଜୟ କୁମାର ହଳଦାର ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ମନ୍ଦିର ପରିସରରେ ଶିଶୁ ଦିବସ

**ଶଙ୍ଖଚିଲା, ୧୫।୧୧(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଖମଣ ପଞ୍ଚାୟତ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଶଙ୍ଖଚିଲା ହିଙ୍ଗୁଳା କଲେଜର ପୂର୍ବତନ ଅଧ୍ୟକ୍ଷ ତଥା ବର୍ତ୍ତମାନର ହିଙ୍ଗୁଳା କମିଟିର ସଭାପତି କୈଳାସ ଚନ୍ଦ୍ର ସାହୁ ଓ ସମ୍ମାନିତ ଅତିଥିଭାବେ ଠାକୁରପାଟଣା କ୍ଲଷ୍ଟର ସିଆର୍‌ସିସି ପ୍ରଦୀପ କୁମାର ସାହୁ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା ରୀନାବାଳା ହେହେରା ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ବିଦ୍ୟାଧର ସାହୁ ଆଜିର ବୈଠକର ମହତ୍ୱ ତଥା ଅଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସାଂସ୍କୃତିକ ପ୍ରମୁଖ ପ୍ରଗତିମଞ୍ଜରୀ ସାହୁ ବୈଠକଟିକୁ ପରିଚାଳନା କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ନାରାୟଣ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା।ର କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। କୋଷାଧ୍ୟକ ଦେବାଶିଷ ବେହେରା, ସହସମ୍ପାଦକ ଆର୍ଯ୍ୟ ବିଭାସ କୁମାର, ସହଯୋଗୀ ଜୟନ୍ତ କୁମାର ସାହୁ ଓ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା, ସହଯୋଗ କରଥିଲେ।

### ପାଣିକୋଇଲି ଥାନା ଅଞ୍ଚଳରେ କୋରେଇ ପୁଲିସର ଫାଙ୍କା ଗୁଳିଚାଳନା ଘଟଣା

# କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗୃହ ବିଭାଗର ନିର୍ଦ୍ଦେଶ

**ଯାଜପୁର,୧୫।୧୧(ସମିସ)**

କୋରେଇ ନିର୍ବାଚନ ମଣ୍ଡଳୀରେ ଦିନ ରାତି ଚାଲିଥିବା ବେଆଇନ ବାଲିଚାଲାଣ ଏବଂ ଏଥିରେ ସଂପୃକ୍ତ ଥିବା ବାଲି ମାଫିଆଙ୍କୁ ସୁରକ୍ଷା ଦେବାକୁ ଆଗେଇ ଆସିଥିବା ପୁଲିସ କର୍ମଚାରୀଙ୍କ ପାଇଁ ବିପଦ ଘନେଇଛି। ବାଲି ମାଫିଆଙ୍କୁ ସୁରକ୍ଷା ଦେବା ପାଇଁ ନିଜ ଥାନା ବାହାରକୁ ଯାଇ ଫାଙ୍କା ଗୁଳିଚାଳନା କରିବା ଏବଂ ଏକାଧିକ ବ୍ୟକ୍ତିଙ୍କୁ ବେଆଇନ ଅଟକ ରଖିବା ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ଗୃହ ବିଭାଗ ପକ୍ଷରୁ ପୁଲିସ ଡିଜିପି ଏବଂ ଯାଜପୁର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଏ ସଂପର୍କରେ ଗତକାଲି 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ସାମାଜିକ ଗଣମାଧ୍ୟମ ଏକ୍ସ ଜରିଆରେ ଏଭଳି ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି।
ସୂଚନା ମୁତାବକ ଚଳିତ ମାସ ୧୧ ତାରିଖ ରାତିରେ କିଛି ବାଲି ମାଫିଆଙ୍କୁ ସୁରକ୍ଷା ଦେବା ପାଇଁ କୋରେଇ ପୁଲିସ ନିଜ ଥାନା ବାହାରକୁ ଯାଇ ପାଣିକୋଇଲି ଥାନା ଅଞ୍ଚଳରେ ପଶି ରାତିଅଧିଆ ଫାଙ୍କା ଗୁଳିଚାଳଣା କରିଥିଲା।


Home Department, Govt. of Odisha ... · 1d
@DGPOdisha @spjajpur to take immediate action as per law.
Sandipt Roy @Sandiptroy1 · 1d
@spjajpur @odisha_police @homeodisha @DGPOdisha
ସକାଳ
ଗାଡ଼ିରୁ ଆଦାୟ ହେଉଛି ବେଆଇନ ଚାନ୍ଦା

ଏଥିସହିତ ବାଲି ମାଫିଆଙ୍କ ଠାରୁ ଦାଦାବଟି ଆଦାୟ କରୁଥିବା ୬ ଯୁବକଙ୍କୁ ଉଠାଇ ନେଇ ଥାନାରେ ବେଆଇନ ଭାବେ ଅଟକ ରଖିଥିଲା। ଏ ସଂପର୍କରେ ଚାରିଆଡେ ହୋହାଲ୍ଲା ହେବା ପରେ କୋରେଇ ପୁଲିସ ବିଳମ୍ବିତ ରାତ୍ରୀରେ ସେମାନଙ୍କୁ ଛାଡି ଦେଇଥିଲା। ଏ ସଂପର୍କରେ ଗତକାଲି 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହାକୁ ନେଇ ସୋସିଆଲ ମିଡିଆ ଏକ୍ସ ମାଧ୍ୟମରେ ରାଜ୍ୟ ଗୃହ ବିଭାଗକୁ ଅବଗତ କରାଯିବା ପରେ ଏହାର ତଦନ୍ତ କରି ପୁଲିସ ଡିଜି ଓ ଯାଜପୁର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ନିର୍ଦ୍ଦେଶ ପାଇବା ପରେ ତଦନ୍ତ ଆରମ୍ଭ ହୋଇଛି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶୀତକଣ୍ଠ କାନୁନ୍‌ଗୋ କୋରେଇ ଥାନାରେ ପହଞ୍ଚି ଗୁଳି ଚଳାଇଥିବା ଏଏସ୍‌ଆଇଙ୍କ ସମେତ ସେଦିନ ଘଟଣାରେ ସମ୍ପୃକ୍ତ ଥିବା ଥାନା କର୍ମଚାରୀଙ୍କୁ ପଚରାଉଚୁରା କରିଥିବା ଜଣାପଡିଛି। ଏପରିକି ଗୁଳି ଚାଳଣା ହୋଇଥିବା ବନ୍ଧୁକଟିକୁ ମଧ୍ୟ ସମ୍ପୃକ୍ତ ଏଏସ୍‌ଆଇଙ୍କ ଠାରୁ ଫେରାଇ ନିଆଯାଇଥିବା ଜଣାପଡ଼ିଛି। ତେବେ ଏହି ତଦନ୍ତ ସମୟରେ ଅନେକ ସାଙ୍ଘାତିକ ଘଟଣା ସାମ୍ନାକୁ ଆସିଥିବା ଜଣାପଡିଛି। ସେଦିନ ବାଲିମାଫିଆଙ୍କୁ ସୁରକ୍ଷା ଦେବା ପାଇଁ କୌଣସି ପୁଲିସ ଗାଡ଼ି ବ୍ୟବହାର ହୋଇନଥିବା ଜଣାପଡିଛି। କୋରେଇ ଥାନା ପୁଲିସ ଅନ୍ୟଏକ ବୋଲେରୋରେ ଯାଇଥିବା ଜଣାପଡ଼ିଛି। ସମ୍ପୃକ୍ତ ଗାଡ଼ିଟି କାହାର ଏବଂ ଏହାକୁ କୋରେଇ ପୁଲିସ କାହିଁକି ବ୍ୟବହାର କରୁଥିଲା ସେନେଇ ମଧ୍ୟ ପ୍ରଶ୍ନ ଉଠିଛି। ଏହା ସହିତ ନିଜ ଥାନା ବାହାରକୁ କାହା ନିର୍ଦ୍ଦେଶରେ ଯାଇଥିଲେ ଏବଂ ଫାଙ୍କା ଗୁଳି ଚାଳନା କରିବାକୁ କିଏ ଅନୁମତି ଦେଇଥିଲା ତାହା ଏବେ ପ୍ରଶ୍ନ ଉଠିଛି। ଘଟଣାକୁ ପ୍ରଥମେ ଚାପି ଦେବାକୁ ପୁଲିସ ପକ୍ଷରୁ ଭରପୁର ଉଦ୍ୟମ କରାଯାଇଥିଲା। ଏହି ଖବର 'ସକାଳ'ରେ ପ୍ରକାଶ ପାଇବା ପରେ ପୁଲିସର ଚିନ୍ତା ବଢ଼ିଯାଇଥିଲା। ଘଟଣାର ୪ ଦିନ ବିତିଯାଇଥିଲେ ମଧ୍ୟ ବେଆଇନ କାର୍ଯ୍ୟରେ ଲିପ୍ତ ରହିଥିବା ପୁଲିସ ବିରୋଧରେ କାହିଁକି ଏ ପର୍ଯ୍ୟନ୍ତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଟଣା ସଂପର୍କରେ କୋରେଇ ଥାନାଧିକାରୀ ରାକେଶ କୁମାର ତ୍ରିପାଠୀଙ୍କୁ ପଚାରିବାରେ ସେ ଛୁଟିରେ ଥିବାରୁ ତଦନ୍ତ କଥା ଜାଣିନଥିବା କହିଛନ୍ତି। ସମ୍ପୃକ୍ତ ଘଟଣାକୁ ନେଇ ଉପରିସ୍ଥ ଅଧିକାରୀ ଯାହା କରିବା କଥା କରୁଥିବା ବେଳେ ସେ କୌଣସି ମନ୍ତବ୍ୟ ଦେଇପାରିବେ ନାହିଁ ବୋଲି ଶ୍ରୀ ତ୍ରିପାଠୀ ଗଣମାଧ୍ୟମକୁ କହିଛନ୍ତି।

## ଜାତୀୟ ରାଜପଥ ପାର୍ଶ୍ୱ ମାପ କରିବେ ତହସିଲଦାର

**ପାଣିକୋଇଲି,୧୫।୧୧(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ଓ ଅଳତିରି ମୌଜାର ୧୬ ଓ ୨୦ ରାଜପଥ ପାଶ୍ୱର୍ ରାଜପଥ କଡକୁ ରାଜପଥ ସମ୍ପ୍ରସାରଣ ପାଇଁ ଜମି ମାପ କରାଯିବ। ଆସନ୍ତା ନଭେମ୍ବର ୧୭ ତାରିଖ ସୋମବାର ଦିବା ୯ଘଟିକା ଠାରୁ ମାପ କରାଯାଇ ଜମି ଚିହ୍ନଟ ହେବ ବୋଲି ବ୍ୟାସନଗର ତହସିଲଦାର ସର୍ବସାଧାରଣ ନୋଟିସ୍ ଜାରି କରିଛନ୍ତି। ରାଜପଥ ପାଶ୍ୱର୍ର ଜମି ମାଲିକ ମାନେ ଧାର୍ଯ୍ୟ ତାରିଖ ଓ ସମୟରେ ମାପ ସମୟରେ ଉପସ୍ଥିତ ରହି ସହଯୋଗ କରିବାକୁ ନୋଟିସ୍‌ରେ ସୂଚନା ଦିଆଯାଇଛି।

## କଲେଜ ଛାତ୍ରୀଙ୍କ ହାତରୁ ଟାଣିନେଲେ ବ୍ୟାଗ୍

**ଧର୍ମଶାଳା, ୧୫।୧୧(ସମିସ):** ଧର୍ମଶାଳା ଥାନା ଜାରକା ସ୍ଥିତ ତ୍ରିନାଥ ମନ୍ଦିର ପାଶ୍ୱର୍ରୁ ଜୈନିକ କଲେଜ ଛାତ୍ରୀ ସାଇକେଲରୁ ଦୁର୍ବୃତ୍ତମାନେ ଝାମ୍ପି ନେଲେ ବ୍ୟାଗ ଏ ନେଇ ଜାରକା ବିଟ୍ ହାଉସରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ଏହି ଥାନା ଉତ୍ତର ପ୍ରତାପ ପଞ୍ଚାୟତ ଜଗତସାହୁ ପାଟଣା ଗ୍ରାମର ରାହାସ କୁମାର ନନ୍ଦଙ୍କ ଝିଅ ଯୁକ୍ତ ୩ ବର୍ଷର ଛାତ୍ରୀ ଆକାଂକ୍ଷା ନନ୍ଦ ଆଜି କଲେଜ ସାରି ଦିନ ୨ଟାରେ ଘରକୁ ସାଇକଲରେ ଫେରୁଥିବା ସମୟରେ ଜାରକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରୁ ଦୁର୍ବୃତ୍ତମାନେ ତାଙ୍କ ବ୍ୟାଗକୁ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଏହି ବ୍ୟାଗରେ ଛାତ୍ରୀଙ୍କର ମୋବାଇଲ ଓ ୩୨ ଶହ ଟଙ୍କା ରହିଥିଲା। ଏ ନେଇ ଛାତ୍ରୀ ଜଣଙ୍କ ଜାରକା ବିଟ୍‌ହାଉସରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁକରି ଘଟଣା ଘଟିଥିବା ସ୍ଥାନରେ ରହିଥିବା ସିସିଟିଭିକୁ ଯାଞ୍ଚ କରି ତଦନ୍ତ କରୁଥିବା ଜଣାଯାଇଛି।

### ଅବକାରୀ ବିଭାଗ ବିରୋଧରେ ମହିଳା କନଷ୍ଟେବଲଙ୍କ ଅଭିଯୋଗ

# ତଦନ୍ତ ନାଁରେ ନିର୍ଯାତନା ଓ ଆକ୍ରମଣ

**ଯାଜପୁର,୧୫।୧୧(ସମିସ):** ଯାଜପୁର ଅବକାରୀ ବିଭାଗରେ କନଷ୍ଟେବଲ ଭାବେ କାର୍ଯ୍ୟକରୁଥିବା ସୁଚିତ୍ରା ନାୟକ (୩୧) ଜନୈକ ଠିକା କର୍ମଚାରୀଙ୍କ ବିରୋଧରେ ମାନସିକ ନିର୍ଯାତନା ଅଭିଯୋଗ ଆଣିଥିଲେ। ଏହି ଘଟଣାର ତଦନ୍ତ କରିବାକୁ ଯାଇ ଅବକାରୀ ବିଭାଗର ଅଧିକାରୀ ମାନେ ସୁଚିତ୍ରାଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଏବଂ ତାଙ୍କ ଜଣେ ବନ୍ଧୁଙ୍କୁ ଆକ୍ରମଣ ଓ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ପୂର୍ବରୁ ଏ ସଂକ୍ରାନ୍ତରେ ଅବକାରୀ ବିଭାଗର ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇନଥିବା ବେଳେ ଆଜି ଏ ସଂକ୍ରାନ୍ତରେ ସେ ଯାଜପୁର ଟାଉନ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ଅଭିଯୋଗ ମୁତାବକ ସୁଚିତ୍ରା ନିଜ ବିଭାଗରେ କାର୍ଯ୍ୟରତ ଜଣେ ଆଉଟ୍‌ସୋର୍ସି କର୍ମଚାରୀ ବିଶ୍ୱଜିତ ସାହୁଙ୍କ ବିରୋଧରେ ମାନସିକ ନିର୍ଯାତନା ଓ ଚରିତ୍ର ସଂହାର କରୁଥିବା ଅଭିଯୋଗ ଆଣିଥିଲେ। ଏ ସଂକାନ୍ତରେ ବିଭାଗକୁ ଅବଗତ କରିବା ପରେ ତଦନ୍ତ କରିବା ପାଇଁ ଏକ ଟିମ୍ ସୁଚିତ୍ରାଙ୍କ ବାସଭବନକୁ ଯାଇଥିଲେ। ଯାଜପୁରରୋଡ ରେଞ୍ଜ ଅବକାରୀ ଅଧିକାରୀ ସସ୍ମିତା ହୋତା, ହେଡ୍ କ୍ଲର୍କ ଶିବେନ ସୋରେନ ଓ ଏଏସଆଇ ବବିତାରାଣୀ ବାରିକ ପହଞ୍ଚି ତାଙ୍କୁ ଦୁର୍ବ୍ୟବହାର କରିବା ସହିତ ସେ ବିଶ୍ୱଜିତ ବିରୋଧରେ କରିଥିବା ଅଭିଯୋଗକୁ ପ୍ରତ୍ୟାହାର କରିବା ପାଇଁ ଚାପ ପ୍ରୟୋଗ କରିଥିଲେ। ଏପରିକି ତାଙ୍କୁ ଆକ୍ରମଣ କରିଥିଲେ। ସେତେବେଳେ ଉପସ୍ଥିତ ଥିବା ତାଙ୍କ ବନ୍ଧୁଙ୍କୁ ଏହି ଟିମ୍ ଦୁର୍ବ୍ୟବହାର କରିବା ସହିତ ବାଟରେ ବିଶ୍ୱଜିତ ଏହି ଟିମ୍ ମେମ୍ବରଙ୍କ ସହିତ ମିଶି ଉଭୟଙ୍କୁ ଆକ୍ରମଣ କରିଥିବା ନେଇ ଅଭିଯୋଗରେ ଦର୍ଶାଇଛନ୍ତି। ସେ ଏହି ଆକ୍ରମଣରେ ଆହତ ହୋଇ ପ୍ରଥମେ ଯାଜପୁର ମୁଖ୍ୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସିତ ହେବା ପରେ ଯାଜପୁର ଟାଉନ ଥାନାରେ ଆଜି ଲିଖିତ ଅଭିଯୋଗ କରିଥିବା ଜଣାପଡିଛି।



ଏ ସଂପର୍କରେ ଯାଜପୁର ଅବକାରୀ ଅଧୀକ୍ଷକ ଦିବ୍ୟ କିଶୋର ଟଣ୍ଡେଲଙ୍କୁ ପଚାରିବାରେ ପୂର୍ବରୁ ଠିକା କର୍ମଚାରୀ ଭାବେ କାର୍ଯ୍ୟକରୁଥିବା ବିଶ୍ୱଜିତ ସାହୁ ଏବେ ଆଉ କାମ କରୁନାହାଁନ୍ତି ଏବଂ ତଦନ୍ତ ସମୟରେ ବିଶ୍ୱଜିତଙ୍କ ବିରୋଧରେ ଆସିଥିବା ଅଭିଯୋଗର କୌଣସି ସତ୍ୟତା ନଥିବା ତଦନ୍ତରୁ ଜଣାପଡିଛି। ତାଙ୍କୁ ଆକ୍ରମଣ ବା ଦୁର୍ବ୍ୟବହାର ନେଇ ଆସିଥିବା ଅଭିଯୋଗ ସଂପର୍କରେ ସେ ସୁଚିତ୍ରା ଏବଂ ତାଙ୍କ ବନ୍ଧୁ ମିଶି କରି ଏଭଳି ମିଥ୍ୟା ଅଭିଯୋଗ କରିଥିବା ସୂଚନା ଦେଇଛନ୍ତି।

## ଶିଶୁମନ୍ଦିରରେ ବନ୍ଦନା ଓ ପ୍ରାର୍ଥନା ପ୍ରଶିକ୍ଷଣ

**ପାଣିକୋଇଲି,୧୫।୧୧(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ଠାରେ ସାରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଲିଙ୍ଗେଶ୍ୱର ବିହାରଠାରେ ଯାଜପୁର ଜିଲ୍ଲାସ୍ତରୀୟ ବନ୍ଦନା ଓ ପ୍ରାର୍ଥନା ପ୍ରଶିକ୍ଷଣ ବର୍ଗ ୧୪ ତାରିଖରୁ ଅନୁଷ୍ଠିତ ହୋଇ ୧୬ ତାରିଖ ପର୍ଯ୍ୟନ୍ତ ଚାଲୁରହିବ।



ଏହାର ଉଦ୍‌ଘାଟନୀ ଉତ୍ସବର ମୁଖ୍ୟ ଅତିଥି ଭାବେ ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସଭାପତି ବନମାଳୀ ଦାସ, ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ଯୋଜନାର ସହ ଜିଲ୍ଲା ପ୍ରମୁଖ ଅରବିନ୍ଦ ଷଣ୍ଢ, ବର୍ଗର ଆଭିମୁଖ୍ୟ କଥନ ବିଭାଗ ନିରୀକ୍ଷକ ଜିତୁରାମ ମହାନ୍ତି ଓ ଅନ୍ୟତମ ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ଶିଶୁ ବିଦ୍ୟାମନ୍ଦିର ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଦିଲ୍ଲୀପ କୁମାର ଧଳ, ଉପସଭାପତି ଶଙ୍କର୍ଷଣ ପରିଡା, ଯୁଗ୍ମ ସମ୍ପାଦକ ରାଜ କିଶୋର ମଲ୍ଲିକ, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ଓ ବ୍ୟବସ୍ଥା ସୂଚନା ପ୍ରଦାନ କରିଥିଲେ। ଶେଷରେ ବୃନ୍ଦାବନ ସାହୁ ଧନ୍ୟବାଦ ଦେଇଥିଲେ। ଏଥିରେ ଯାଜପୁର ଜିଲ୍ଲାର ପ୍ରାୟ ୧୨୦ ଜଣ ଶିଶୁ ପ୍ରତିଭାଗୀ ପ୍ରଶିକ୍ଷଣ ନେବାକୁ ଉପସ୍ଥିତ ଥିଲେ।

## ୨୦ରୁ ୩ ଟି ସ୍ଥାନରେ ଏକତା ପଦଯାତ୍ରା

**ଯାଜପୁର, ୧୫।୧୧(ସମିସ):** ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ବର୍ଷ ଅବସରରେ ଏକ ମାସ ବ୍ୟାପୀ ଚାଲୁଥିବା ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଓ ଅନୁଷ୍ଠିତ ହେବାକୁ ଥିବା ପଦଯାତ୍ରା ଅବସରରେ ସାଂସଦ ଡା. ରବୀନ୍ଦ୍ର ନାରାୟଣ ବେହେରାଙ୍କ ଅଧ୍ୟକ୍ଷତାରେ ସର୍କିଟ ହାଉସରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୦ ତାରିଖରେ ସୁକିନ୍ଦା, ୨୧ରେ କୋରେଇ ଏବଂ ୨୫ରେ ଧର୍ମଶାଳାରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ୧୦ କିଲୋମିଟର ଦୂରତା ମଧ୍ୟରେ ପଦଯାତ୍ରା ଅନଷ୍ଠିତ ହେବ। ୪ଟି ଷ୍ଟେଜ ହେବ। ପ୍ରତି ୨.୫ କିଲୋମିଟର ଦୂରତାରେ ଗୋଟେ ଲେଖାଏଁ ଷ୍ଟପେଜ ହେବ। ଏଥିରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ର ଛାତ୍ରୀ, ୟୁଥ୍ କ୍ଲବ୍, ଏନ୍‌ଏସଏସ, ଏନ୍‌ସି.ସି, କ୍ରୀଡାବିତ୍, ସରକାରୀ କର୍ମଚାରୀ, ସିଭିଲ ସୋସାଇଟ ଗ୍ରୁପ, ସିନିୟର୍ ସିଟିଜେନ୍, ଏସଏଚ୍.ଜି ଗ୍ରୁପର ସଦସ୍ୟା, ଦିବ୍ୟାଙ୍ଗ ମାନେ ଭାଗ ନେଇ ପାରିବେ। ଏହା ସହିତ ଲୋକାଲ ଉତ୍ପାଦର ମେଳା ଅନୁଷ୍ଠିତ ହେବ। ଉକ୍ତ ସମ୍ମିଳନୀରେ ବିଧାୟକ କୋରେଇ ଆକାଶ ଦାସନାୟକ, ବିଧାୟକ ଧର୍ମଶାଳା ହିମାଂଶୁ ଶେଖର ସାହୁ, ଜିଲ୍ଲାପାଳ ଅମ୍ବର କୁମାର କର ଯୋଗଦେଇଥିଲେ।

## ଯାଜପୁରରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

**ଯାଜପୁର,୧୫।୧୧(ସମିସ)**

ଆଜି ଯାଜପୁର ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଏନ୍‌ସି କଲେଜ ଠାରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୨୬ଟି ଗ୍ରାମ ପଞ୍ଚାୟତରୁ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦାନ କରିଥିଲେ। ଯାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ହେମନ୍ତ କୁମାର ମହନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଂସଦ ରବିନ୍ଦ୍ର ନାରୟଣ ବେହେରା ମୁଖ୍ୟଅତିଥି ଓ ବିଧାୟିକା ସୁଜାତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସେହିପରି ଡ. ବିମଳ କୁମାର ମହାପାତ୍ର ମୁଖ୍ୟବକ୍ତା, ସନ୍ଦୀପ ଶଙ୍କର ପଟ୍ଟନାୟକ ସମ୍ମାନିତ ବକ୍ତା ଓ ଅତିରିକ୍ତ ଜିଲ୍ଲା ପ୍ରାଣିଚିକିତ୍ସା ଅଧିକାରୀ ଡା. ସୁଶାନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ସଫଳ ଚାଷୀଙ୍କୁ ପୁରସ୍କାର ପ୍ରଦାନ ଏବଂ ବିଭିନ୍ନ ଯୋଜନାରେ



ହିତାଧିକାରୀଙ୍କୁ କାର୍ଯ୍ୟାଦେଶପତ୍ର ବଣ୍ଟନ କରାଯାଇଥିଲା। ଉପନିର୍ଦ୍ଦେଶକ ଡା. ବିଜୟ କୁମାର ସାହୁ ସ୍ୱାଗତ ଅଭିଭାଷଣ ଦେଇଥିଲେ। ସହକାରୀ ମତ୍ସ୍ୟ ଅଧିକାରୀ ପର୍ଶୁରାମ ତ୍ରିପାଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ। କୃଷକ ବୈଜ୍ଞାନିକ ଆଲୋଚନାଚକ୍ରରେ ପ୍ରାଣିସମ୍ପଦ ବିଭାଗର ଡ. ନୀଳାଦ୍ରି ପ୍ରସାଦ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମଟିକୁ ଡ. ଜିତା ଦାଶ, ଓ ଡ. ମୋନାଲିସା ମହାନ୍ତି ପରିଚାଳନା କରିଥିଲେ।

## ରାଜ୍ୟସ୍ତରୀୟ କବାଡ଼ି ଉଦ୍‌ଘାଟିତ

**ପାଣିକୋଇଲି,୧୫।୧୧(ସମିସ):** ପାଣିକୋଇଲି ବାଲିଦାଣ୍ଡରେ ଆଜି ଦ୍ୱିଦିବସୀୟ ୧୧ତମ ରାଜ୍ୟସ୍ତରୀୟ ଦିବାରାତ୍ରୀ କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟର ପୁରୁଷ ବିଭାଗରେ ୧୦ଦଳ ଓ ମହିଳା ବିଭାଗରେ ୭ଟି ଦଳ ଅଂଶ ଗ୍ରହଣ କରିଛନ୍ତି। କଟକ, ଭୁବନେଶ୍ୱର, କଳିଙ୍ଗ ଷ୍ଟାଡିୟମ, ଆସ୍କା, ଅନୁଗୁଳ, ତାଳଚେର, ବାରଙ୍ଗ, ଯାଜପୁରରୋଡ ଓ ଅଗ୍ନେସ ସ୍ପୋର୍ଟିଂ ପାଣିକୋଇଲି ଭାଗ ନେଇଛନ୍ତି। ଅତିଥି ଭାବେ ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତି, ବରିଷ୍ଠ ସମ୍ବାଦିକ ସୁବାସ ଧଳ, ଯାଜପୁର ଆଥେଲେଟିକ ସମ୍ପାଦକ ସୁରେଶ ପଣ୍ଡା, ସମାଜସେବୀ କୃଷ୍ଣ ଚନ୍ଦ୍ର ବିଶ୍ୱାଳ, ସୁଧାଂଶୁ ଶେଖର ଘଡାଇ, ଦାମୋଦର ସାହୁ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।



ଏଡି ଟୁର୍ଣ୍ଣାମେଣ୍ଟରେ ରେଫରୀ ଭାବେ ରମେଶ ପଣ୍ଡା, କୃଷ୍ଣ ଚନ୍ଦ୍ର ପଣ୍ଡା, ଶୁଭଶ୍ରୀ ସାହୁ ଯୋଗଦେଇଥିବା ବେଳେ ଘୋଷକ ଭାବେ ଆନନ୍ଦ ରଣା ଓ ଜ୍ଞାନରଞ୍ଜନ ଘଡ଼ାଇ ଯୋଗଦାନ କରିଛନ୍ତି। ଅବିନାସୀ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ସଭାପତି ମନୋଜ ମଲିକ, ସମ୍ପାଦକ ସୁରେଶ ମଲିକ, ମ୍ୟାନେଜର କୈଳାସ ମଲିକ, ପରିଚାଳନା କରିଥିବା ବେଳେ ରାଜେନ୍ଦ୍ର ମଲିକ, ଚନ୍ଦ୍ରମଣି ମଲିକ, ଦୀପକ ଜେନା, ସନ୍ତୋଷ ମୁଣ୍ଡା, ପବିତ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ମୌଳିକ ସୁବିଧାରୁ ତେଣ୍ଡା ଗାଁର ୩୩ ଜନଜାତି ପରିବାର ବଞ୍ଚିତ

# ୨୬ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ ଚେତାବନୀ



ଶରତ, ୧୫।୧୧(ସମିସ)

କପ୍ତିପଦା ବ୍ଲକ ଅନ୍ତର୍ଗତ ସରଡିହା ଗ୍ରାମ ପଞ୍ଚାୟତର ତେଣ୍ଡା ଗ୍ରାମର ପ୍ରାୟ ୩୩ ଜନଜାତି ପରିବାର ବିଦ୍ୟୁତ ସେବାରୁ ବଞ୍ଚିତ ରହିଛନ୍ତି। ସନ୍ଧ୍ୟା ନ ହେବା ପୂର୍ବରୁ ସୂର୍ଯ୍ୟଙ୍କ କିରଣ ଏହି ଗ୍ରାମରୁ ଲିଭିଯାଏ। ଏଠାକାର ବାସିନ୍ଦା ଆଜିଯାଏ ସାମାଜିକ ସ୍ରୋତରୁ ଦୂରରେ ଅଛନ୍ତି। ଏହି ଗାଁର ଲୋକେ ଆଜିଯାଏ ବିକାଶ ଛାଇ ଦେଖିବି ନାହାନ୍ତି। ଶିକ୍ଷା ଏବଂ ସାମାଜିକ ଯୋଜନାରୁ ଏଠିକାର ଆଦିମ ଅଧିବାସୀମାନେ ଆଜି ମଧ୍ୟ ବହୁତ ଦୂରରେ। ସ୍ୱାଧୀନତା ପରେ ବି ଏହି ଉପାନ୍ତ ଅଞ୍ଚଳରେ ବିଦ୍ୟୁତ ସଂଯୋଗ ହୋଇପାରିନାହିଁ। ଗ୍ରାମକୁ ନା ଅଛି ବିଦ୍ୟୁତ ସେବା ନା ଅଛି ଗମନା ଗମନ। ଆଜିଯାଏ ଭଲ ରାସ୍ତାଟିଏ ବି ହୋଇପାରିନାହିଁ। ଫଳରେ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶୁଦ୍ଧ ପାନୀୟ ଜଳ ଏହି ଗାଁ ପାଇଁ ସ୍ୱପ୍ନ ପାଲଟିଛି। ସରକାର ହଜାର ହଜାର କୋଟି ଟଙ୍କା ବ୍ୟୟ କରୁଥିଲେ ମଧ୍ୟ ପ୍ରଶାସନ ସେମାନଙ୍କ ଗ୍ରାମରେ ଗୋଟିଏ ହେଲେ ମଧ୍ୟ ନଳକୂପ ସ୍ଥାପନ କରି ପାରିନାହିଁ। ତେଣ୍ଡା ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ର ପ୍ରତିଷ୍ଠା ହୋଇ ନ ଥିବାରୁ ଏଠିକାର ଆଦିମ ଅଧିବାସୀ ପ୍ରାଥମିକ ଶିକ୍ଷା ପାଇବାରୁ ବଞ୍ଚିତ ହୋଇଛନ୍ତି। ଉକ୍ତ ଗ୍ରାମକୁ ଯିବା ପାଇଁ ରାସ୍ତା ନିର୍ମାଣ ହୋଇ ନ ଥିବାରୁ ଲୋକେ ଚିକିତ୍ସା ନିମନ୍ତେ ଡାକ୍ତରଖାନାକୁ ଯାଇପାରୁ ନାହାଁନ୍ତି କି ଉକ୍ତ ଗ୍ରାମକୁ ଆମ୍ବୁଲାନ୍ସ ଗାଡ଼ି ପହଞ୍ଚିପାରେନାହିଁ। ଆଜିଯାଏ ଏହି ଗ୍ରାମବାସୀ ମୌଳିକ ସୁବିଧା ନ ପାଇ ହନ୍ତସନ୍ତ ହେଉଛନ୍ତି। ତେଣୁ ଏହି ପରିବାରଗୁଡ଼ିକ ଆସନ୍ତା ୨୬ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରାଯିବା ନିମନ୍ତେ ଏକ ବୈଠକ ଆୟୋଜନ କରିଛନ୍ତି। ବୈଠକରେ ଗ୍ରାମର ଲପର ସିଦୁ, ଲାଣ୍ଡୁ ସିଦୁ, ଶରତ ବିକାଶ ମଞ୍ଚ ସଭାପତି ଗାମାଏ ଗାମିଲ ସିଂ ଗୋଇପାଇ, ମାଂଘୁ କୁଙ୍କେଲ, ଗୁନା ଦେଓଗାମ, ଟୁରି କୁଙ୍କେଲ, ମିଟୁ ବାର୍ଦା, ବାଲେମା କୁଙ୍କେଲ ପ୍ରମୁଖ ଉପସ୍ଥିତ ଥିଲେ।

## ଗୀତା ଜ୍ଞାନଯଜ୍ଞ ଉଦ୍‌ଯାପିତ

# 'ଭୌତିକ ଉନ୍ନତିର ବିରୋଧୀ ନୁହେଁ ଧର୍ମ'



**ବାରିପଦା, ୧୫।୧୧(ସମିସ):** ଚିନ୍ମୟ ମିଶନ ଆନୁକୂଲ୍ୟରେ ଶ୍ରୀରାମଚନ୍ଦ୍ର ପାଠାଗାର ପଡ଼ିଆରେ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ଚିନ୍ମୟ ମିଶନ ଓଡ଼ିଶାର ମୁଖ୍ୟ ଆଚାର୍ଯ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀଙ୍କ ଦ୍ୱାରା ୭ଦିନ ଧରି ଚାଲିଥିବା ଗୀତା ଜ୍ଞାନଯଜ୍ଞ ଶନିବାର ଉଦଯାପିତ ହୋଇଯାଇଛି। ଉଦଳା ଚିନ୍ମୟ ମିଶନର ଆଚାର୍ଯ୍ୟ ବ୍ରହ୍ମଚାରୀ ଅଚ୍ୟୁତ ଚୈତନ୍ୟ, ଦେଉଳଡିହା ଚିନ୍ମୟ ମିଶନ ଆଚାର୍ଯ୍ୟ ବ୍ରହ୍ମଚାରୀ ଅନିକେତ ଚୈତନ୍ୟ, ସଭାପତି ବିଜୟ ଲେଙ୍କା, ସମ୍ପାଦକ ଅଜିତ ବେହେରା, କୋଷାଧ୍ୟକ୍ଷ ପ୍ରଦୀପ ମହାନ୍ତି, ଜଗନ୍ନାଥ ସଂସ୍କୃତି ଗବେଷକ ଭାଗବତ ପଣ୍ଡା, ଚିନ୍ମୟ ଯୁବକେନ୍ଦ୍ରର ସଭାପତି ସବ୍ୟସାଚି ପଲେଇ ଉପସ୍ଥିତ ଥିଲେ। ବରିଷ୍ଠ ଆଇନଜୀବି ସତ୍ୟବ୍ରତ ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଅବସରରେ କଠୋଉପନିଷଦ ଓ ଗୀତାର ଚତୁର୍ଦ୍ଦଶ ଅଧ୍ୟାୟ ଉପରେ ରଚନା ଲେଖି ଥିବା ସ୍କୁଲ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରଯାଇଥିଲା। ବରିଷ୍ଠ ଗ୍ରୁପରେ ଶ୍ରୀଅରବିନ୍ଦ ଉଚ୍ଚ ବିଦ୍ୟାଳୟରର ହରପ୍ରିୟା ମାହାର୍ଣ୍ଣା ପ୍ରଥମ, ଲାଲୁ ଟୁଡୁ ଓ ତୁଷାର ସିଂ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି କନିଷ୍ଠ ଗ୍ରୁପରେ ସଚ୍ଚିଦାନନ୍ଦ ଗୁରୁକୁଳର ବିକାଶ ସୋରେନ, ସାଇ ସଙ୍ଗମ ଗିରି ଓ ତାରସ ହାଁସଦା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସ୍ୱାମୀ ସଦାନନ୍ଦଜୀ ଏକ ସପ୍ତାହ ବାରିପଦାରେ ରହଣି ସମୟରେ ସଚ୍ଚିଦାନନ୍ଦ ଗୁରୁକୁଳ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ଯାଇ ପିଲାଙ୍କୁ ଉଦବୋଧନ ଦେଇଥିଲେ। ସଂସ୍କାର ଶିଶୁ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ।

## ଜାତୀୟ ନାଟ୍ୟ ମହୋତ୍ସବର ୨ୟ ସନ୍ଧ୍ୟା

# ଦର୍ଶକଙ୍କୁ ବିମୋହିତ କଲା ନାଟକ 'ପତଝଡ଼'



**ବାରିପଦା, ୧୪।୧୧(ସମିସ):** ସ୍ଥାନୀୟ ସହିଦ ସ୍ମୃତି ଭବନରେ ଓମ ନାଟ୍ୟ ସଂସ୍ଥାର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ଜାତୀୟ ନାଟ୍ୟ ମହୋତ୍ସବର ୨ୟ ସନ୍ଧ୍ୟାରେ ଲିଟିଲ ଥେସ୍ପିୟାନ, କୋଲକାତା ପ୍ରଯୋଜିତ ନାଟକ 'ପତଝଡ଼' ମଞ୍ଚସ୍ଥ ହୋଇଛି। ଏସ.ଏମ ଅଜହର ଆଲାମଙ୍କ ନିର୍ଦ୍ଦେଶିତ ନାଟକରେ ଉମା ଝୁନଝୁନୱାଲା ଗାୟତ୍ରୀ ଭୂମିକାରେ, ସାଗର ସେନଗୁପ୍ତା ଇନ୍ଦିଭର ଭୂମିକାରେ, ଗୁଞ୍ଜନ ଅଜହର ଯାମିନୀ ଭୂମିକାରେ ଓ ମହମ୍ମଦ ଆସିଫ ଅନସାରୀ ତାଷେନ ଭୂମିକାରେ ଅଭିନୟ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଯୋଗଦେଇ ନାଟକକୁ ଉଦଘାଟନ କରିବା ସହ ମହୋତ୍ସର ସଫଳତା କାମନା କରିଥିଲେ। ସଂସ୍ଥାର ପ୍ରତିଷ୍ଠାତା ଧୀର ବଶା ଧନ୍ୟବାଦ ଅର୍ପଣ କରିଥିଲେ। ଅଭିନେତାଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଏହି ମହୋତ୍ସବ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ପରବର୍ତ୍ତୀ ସନ୍ଧ୍ୟାରେ ତିଲଜାଲା କାଲପନ ନୟାଗୋଷ୍ଠୀ, କଲକାତା ପ୍ରଯୋଜିତ ବେଙ୍ଗଲୀ ନାଟକ 'ବେହୁଲା ଆଜୋ' ମଞ୍ଚସ୍ଥ ହେବ।

## ଭଞ୍ଜସେନା ପକ୍ଷରୁ ବିର୍ସାମୁଣ୍ଡାଙ୍କ ଜୟନ୍ତୀ

**ବାରିପଦା, ୧୫।୧୧(ସମିସ):** ଶନିବାର ପବିତ୍ର ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଜିଲ୍ଲାର ଏକ ମାତ୍ର ଅଗ୍ରଣୀ ତଥା ଅଣରାଜନୈତିକ ସଂଗଠନ ଭଞ୍ଜସେନା ତରଫରୁ ସହିଦ୍ ବିର୍ସା ମୁଣ୍ଡାଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପୋଡାଅସ୍ତିଆ ସ୍ଥିତ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କ ଆଦର୍ଶ ଓ ବୀରତ୍ୱରେ ଅନୁପ୍ରାଣିତ ହୋଇ ଜିଲ୍ଲା ଓ ପାଇଁମାଟି ଭଞ୍ଜସେନା ଅଧିକରୁ ଅଧିକ ଲଢେଇ ଜାରି ରଖିବ ବୋଲି ଦୃଢ ସଂକଳ୍ପ କରିଛି ସଂଗଠନ। ଏହି କାର୍ଯ୍ୟକ୍ରମ ଯୁବନେତା ରୁଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ହିତେଶ୍ ଛତିଆ, ସନୁ ସିଂ, ହ୍ରିତିକ୍ ନାଥ, କମଲ୍ ଜେନା, ଦିବ୍ୟଜ୍ୟୋତି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ 'ସୁରଭି': ମୟୂରଭଞ୍ଜ ସାଂସ୍କୃତିକ ଦଳ ପୁରସ୍କୃତ

**ର୍‌ବାରିପଦା, ୧୫।୧୧(ସମିସ):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତାରେ ଦଳଗତ ନୃତ୍ୟ ଦଳ ମଧ୍ୟରୁ ବହଳଦା ବ୍ଲକର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି। ସୁସ୍ମିତା ବିହାରୀ, ସ୍ୱାତୀ ମହାପାତ୍ର, ପ୍ରିୟା ମହାପାତ୍ର, ସନାକ୍ଷୀ କେରାଇ, ନିବାଇ ହାଁସଦା, ଗୋପୀନାଥ ମାରାଣ୍ଡି, ସାବିତ୍ରୀ ମାଝୀ ଦଳଗତ ଭାବେ ପ୍ରଥମ ସ୍ଥାନ ଅଧିକାର କରି ସଫଳତା ହାସଲ କରିଛନ୍ତି। ସେହିପରି ଏକାଦଶରୁ ଦ୍ୱାଦଶ ବରିଷ୍ଠ ଉଚ୍ଚ ମାଧ୍ୟମିକ ବର୍ଗର କୁଇଜରେ ପିଏସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବଡସାହିର ସୌରଭ କୁମାର ବେହେରା ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ଚତୁର୍ଥରୁ ସପ୍ତମ କନିଷ୍ଠ ବର୍ଗର ଚିତ୍ରାଙ୍କନରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଇନ୍ଦଖୋଲି, ବହଳଦାର ଗୌରୀ ବିହାରୀ ତୃତୀୟ ସ୍ଥାନ ଅଧିକାର କରି ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି। ରାଜ୍ୟ ସ୍ତରୀୟ 'ସୁରଭି'କୁ ଅଧିକ ଚିତ୍ତାକର୍ଷକ ଓ



ଆକର୍ଷଣୀୟ କରିବା ପାଇଁ ପ୍ରତି ଜିଲ୍ଲାରୁ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଙ୍କୁ ଅଂଶଗ୍ରହଣ କରିବା ପାଇଁ ନିମନ୍ତ୍ରିତ କରାଯାଇଥାଏ। ରାଜ୍ୟସ୍ତରୀୟ ସୁରଭିରେ ମୟୂରଭଞ୍ଜ ଜିଲ୍ଲାର ୨୬ଟି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ୫୨ଜଣ ଛାତ୍ରୀ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆବାସିକ ଛାତ୍ରାବାସ, ପୂର୍ଣ୍ଣଚନ୍ଦ୍ରପୁର, ବାରିପଦା ଓ ବିଶୋଇର ୨୦ ଜଣ ଛାତ୍ର ଯୋଗଦାନ କରିଥିଲେ। ମୟୂରଭଞ୍ଜ ଜିଲ୍ଲା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ପରିବେଷିତ ସାନ୍ତାଳୀ ନୃତ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥିଲା। ଉପରୋକ୍ତ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ ଶୁଭେଚ୍ଛା ଜଣାଇଛନ୍ତି। ବହଳଦା ବ୍ଲକ ଇନ୍ଦଖୋଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ସାଂସ୍କୃତିକ ପ୍ରତିଯୋଗିତାରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି।

## ସମବାୟ ସପ୍ତାହରେ ନାଫେଡ୍ ଷ୍ଟୋର ଉଦ୍‌ଘାଟିତ



**ବାରିପଦା, ୧୫।୧୧(ସମିସ):** ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ ଅବସରରେ ଶ୍ରୀପଦଗଞ୍ଜଠାରେ ଥିବା ବାରିପଦା ଆରସିଏମଏସ୍ ଲିମିଟେଡ଼ ପକ୍ଷରୁ ଏକ ନାଫେଡ ଷ୍ଟୋର ଉଦଘାଟିତ ହୋଇଛି। ଆରସିଏମଏସ ସଭାପତି ଦେବୀଦତ୍ତ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ଡିଆରସିଏସ୍ ଅଶୋକ କୁମାର ପାଣି ଉଦଘାଟନ କରିଥିଲେ। ଏହି ଷ୍ଟୋରରୁ ସୁଲଭ ମୂଲ୍ୟରେ ଅଟା, ସୋରିଷ ତେଲ, ହରଡ଼ ଡାଲି ଓ ଚା ପତି ଉପଲବ୍ଧ ହେବ। ଏହି ଅବସରରେ ବାରିପଦା ସର୍କଲର ବରିଷ୍ଠ ଏଆରସିଏସ୍ ତୁଷାରକାନ୍ତି ମହାନ୍ତି, ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସୁବ୍ରମଣ୍ୟମ ମହାନ୍ତି, ପରିଚାଳନା ପରିଷଦ ସଦସ୍ୟ ମଳୟ ଜେନା, ନରୋତ୍ତମ ପାଣିଗ୍ରାହୀ, କାଶୀନାଥ ସିଂ, ସଞ୍ଜୟ ମହନ୍ତ, ମୟୂରଭଞ୍ଜ ଜିଲ୍ଲା ସମବାୟ ସଂଘର ସଭାପତି ପ୍ରଦୀପ ଉପାଧ୍ୟାୟ, ଆରସିଏମଏସ ସମ୍ପାଦକ ଅଜିତ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ମୟୂରଭଞ୍ଜ କିସ୍ ଛାତ୍ରୀଙ୍କ ସଫଳତା

**ବାରିପଦା, ୧୫।୧୧(ସମିସ):** ମୟୂରଭଞ୍ଜର ଅଗ୍ରଣୀ ଶିକ୍ଷାନୁଷ୍ଠାନ କିସର ୪ଜଣ ଆଦିବାସୀ ଛାତ୍ରୀ ମାମୁନି ନାଏକ, ଲକ୍ଷ୍ମୀ ପ୍ରିୟା ହାଁସଦା, ପ୍ରିତୀନନ୍ଦା ନାଏକ, ମାମାଲି ପ୍ରାୟାସିନି ହେମ୍ବ୍ରମ ଚଳିତ ବର୍ଷ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ସଫଳତା ଅର୍ଜନ କରିଛନ୍ତି। ଏହି ସଫଳତା ପାଇଁ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ଗଣେଶ ମିଶ୍ର କୃତୀ ଛାତ୍ରୀ ଓ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ କିସ୍ ଓ



କିଟ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ନିମନ୍ତେ କୃତଜ୍ଞତା ଜଣାଇଛନ୍ତି। ପ୍ରକାଶ ଥାଉକି ଗତ ବର୍ଷ ଭଳି ଚଳିତବର୍ଷ ମଧ୍ୟ ବୃତ୍ତି ପରୀକ୍ଷାରେ ଭାଗ ନେଇଥିବା ସମସ୍ତ ଛାତ୍ରୀ ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବାରିପଦା ବଙ୍କିଶୋଲ ସ୍ଥିତ କିସ୍ ଆବାସିକ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଏକ ହଜାର ଛାତ୍ରୀ ନିଃଶୁଳ୍କ ପାଠ ପଢୁଛନ୍ତି।

## କ୍ରିଏଟିଭ ସ୍କୁଲ ଅଫ୍ ଆର୍ଟ ଓ କ୍ରାଫ୍ଟସର ପ୍ରତିଷ୍ଠା ଦିବସ



**ବାରିପଦା, ୧୫।୧୧(ସମିସ):** ଦେଉଳସାହିସ୍ଥିତ କ୍ରିଏଟିଭ ସ୍କୁଲ ଅଫ୍ ଆର୍ଟ ଏବଂ କ୍ରାଫ୍ଟସ୍ ସ୍କୁଲର ୩୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କୁନି କୁନି କଳାକାର, କର୍ମକର୍ତ୍ତା ଓ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଗହଣରେ ପ୍ରଦୀପ ପ୍ରଜ୍ୱଳନ କରି ଛାତ୍ରଛାତ୍ରୀଙ୍କ ମଙ୍ଗଳ କାମନା କରାଯାଇଥିଲା। ଏହି ଉତ୍ସବରେ ପ୍ରଧାନ ଶିକ୍ଷକ ରବୀନ୍ କୁମାର ମହାପାତ୍ର, ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଚାରୁ ଚନ୍ଦ୍ର ଦାସ, କର୍ମକର୍ତ୍ତା ଈଶ୍ୱର ଚନ୍ଦ୍ର ଦାସ୍, ରତନ କୁମାର ମହାପାତ୍ର, ବିକ୍ରମ କୁମାର ମହାପାତ୍ର, ରାକେଶ୍ କୁମାର ବେହେରା ଏବଂ ଶିକ୍ଷୟିତ୍ରୀ ପ୍ରିୟଦର୍ଶନୀ ଦାସ୍, ଶିକ୍ଷକ ସମୟ ଦାସ, ଶପଥ ଦାସ୍ ତଥା ପୁରାତନ ଛାତ୍ର ହେମନ୍ତ ଜେନା, ଅଂଶୁମାନ ପଟ୍ଟନାୟକ, ପୁରାତନ ଛାତ୍ରୀ ଶୁଭସ୍ମିତା ଭାରତୀ ହୋତା ଉପସ୍ଥିତ ଥିଲେ।

## ବିଶ୍ୱବିଦ୍ୟାଳୟରେ 'ଆଇନ ସଚେତନତା ଓ ମାନସିକ ସ୍ୱାସ୍ଥ୍ୟ' କାର୍ଯ୍ୟକ୍ରମ

# 'ବେଟା କୋ ସମ୍‌ଝାଓ' ନାରାର ରହିଛି ଆବଶ୍ୟକତା




**ବାରିପଦା, ୧୫।୧୧(ସମିସ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ର ପକ୍ଷରୁ ଆଇନ ସଚେତନତା ଓ ମାନସିକ ସ୍ୱାସ୍ଥ୍ୟ ଶୀର୍ଷକ ଏକ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଅଧ୍ୟକ୍ଷତା କରିଥିଲେ। ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ପ୍ରତି ବିଶ୍ୱବିଦ୍ୟାଳୟରେ ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ର ସ୍ଥାପନ ଦ୍ୱାରା ଛାତ୍ରୀଙ୍କ ମଧ୍ୟରେ ମହିଳା ସଶକ୍ତିକରଣ ଓ ଏହାର ଆଇନଗତ ସଚେତନତା ବୃଦ୍ଧି ପାଇବା ବୋଲି ପ୍ରଫେସର ଶ୍ରୀ ଶତପଥୀ ଆଶା ପ୍ରକଟ କରିଛନ୍ତି। ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର କୋଡ଼ ଅଫ୍ କଣ୍ଡକ୍ଟ ଲାଗୁ କରାଯିବ ବୋଲି ସେ କହିଥିଲେ। ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳା ସଶକ୍ତିକରଣ ଏବଂ ମାନସିକ ସ୍ୱାସ୍ଥ୍ୟ ସହ ଏହାର ଆଇନଗତ ସଚେତନତାର ଘୋର ଅଭାବ ରହିଛି। ଏ ଦିଗରେ ଛାତ୍ରୀଙ୍କୁ ନିର୍ଭୀକ ହୋଇ ଆଗକୁ ଆସିବାକୁ ପ୍ରେରଣା ଦେଇଥିଲେ। ସମାଜସେବୀ ନମ୍ରତା ଚଢ଼ା ବକ୍ତାଭାବେ ଯୋଗ ଦେଇ ଛାତ୍ରୀମାନଙ୍କୁ ନିଜର ଅଧିକାର ବିଷୟରେ ସଚେତନ କରିଥିଲେ। କେବଳ 'ବେଟି ବଚାଓ ବେଟି ପଢ଼ାଓ' ନୁହେଁ ବରଂ 'ବେଟା କୋ ସମଝାଓ' ନାରାର ଆବଶ୍ୟକତା ରହିଛି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଡ ରେଖା ଭଗତ ମାନସିକ ସ୍ୱାସ୍ଥ୍ୟ ଉପରେ ଏକ ଦୀର୍ଘ ବକ୍ତୃତା ଦେଇଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକ ଏଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶରେ ସହାୟକ ହେବ ବୋଲି କହିଥିଲେ। ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ଶକ୍ତିଶ୍ରୀ ସଂଯୋଜିକା ଡ ବିଷ୍ଣୁପ୍ରିୟା ହାଁସଦା ଅତିଥି ପରିଚୟ ଓ ଶକ୍ତିଶ୍ରୀ ସାଥୀ ସମୀକ୍ଷା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ରର ଏକ ସ୍ମରଣିକା ଅତିଥିଙ୍କଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ 'ଝରାପତ୍ରର ଲୁହ' ଶୀର୍ଷକ ନାଟକ ସମେତ ଅନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଭଞ୍ଜପୁର ଜଗଦ୍ଧାତ୍ରୀ ମେଳା ଉଦ୍‌ଯାପିତ

# ବିଶିଷ୍ଟ ବ୍ୟକ୍ତିବିଶେଷ ଓ କୃତୀ ପ୍ରତିଯୋଗୀ ପୁରସ୍କୃତ

ବାରିପଦା, ୧୫।୧୧(ସମିସ)



ଭଞ୍ଜପୁରଠାରେ ଚାଲିଥିବା ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳା ଉଦଯାପିତ ହୋଇଯାଇଛି। ପୂଜା ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ ଏବଂ ପ୍ରସିଦ୍ଧି ଲାଭ କରିଥିବା ଜଗଦ୍ଧାତ୍ରୀ ମେଳାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ବିଶିଷ୍ଟ ଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ସମ୍ମାନିତ ଅତିଥି ଭାବେ ସରସକଣା ବିଧାୟକ ଭାଦବ ହାଁସଦା, ପୂର୍ବତନ ବିଧାୟକ କାନ୍ଦରା ସୋରେନ, ସମାଜସେବୀ ପରେଶ ଚନ୍ଦ୍ର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକାରୀ ସଭାପତି ନଗରପାଳ କୃଷ୍ଣଓ ନନ୍ଦ ମହାନ୍ତି ସ୍ୱାଗତ ଅଭିଭାଷଣ ଓ ମୁଖ୍ୟ ସାଧାରଣ ସମ୍ପାଦକ ଦର୍ପ ନାରାୟଣ ପାଲ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରିତମ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଚିତ୍ରାଙ୍କନରେ ବୈଶାଳୀ ନାୟକ, କୁଇଜରେ ଏମ ସାଇ ପ୍ରିତି, ନୃତ୍ୟ ଜୁନିୟରରେ ପ୍ରସାଦ ବାରିକ, ସିନିୟରରେ ଅଙ୍କିତା ସି, ଡୁଏଟରେ ହରିହର ଓ ପ୍ରିୟଦର୍ଶିନୀ ଯୋଡ଼ି ଏବଂ ଗ୍ରୁପରେ ଆଇଡିଏସ କ୍ରିଉ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ମେଳାର ସଫଳତା ପାଇଁ ସହଯୋଗ କରିଥିବା ଭଞ୍ଜପୁର ଥାନା ଆଇଆଇସି, ଟ୍ରାଫିକ ଇନ୍ସପେକ୍ଟର, ଟିପିଏନଓଡିଏଲ, ବାରିପଦା ପୌର ପରିଷଦ, ଅଗ୍ନିଶମ ବିଭାଗ ସମେତ ସିଧାପ୍ରସାରଣ ପାଇଁ ମିଡ଼ିଆ କ୍ରିଏସନ ଫୋଟୋଗ୍ରାଫି, ବ୍ଲୁ ସ୍କାଏକୁ ସମ୍ବର୍ଦ୍ଧିତ କରାଯାଇଥିଲା। ମେଳା ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରିୟବ୍ରତ ଦାସଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜସେବୀ ଜଗଦୀଶ ପାଣି ଓ ମିଡ଼ିଆ ସଂଯୋଜକ ସୋମନାଥ ସିଂହଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସାଂସ୍କୃତିକ ସମ୍ପାଦକ କିଶୋର ପଲେଇ, ମେଳା ସମ୍ପାଦକ ପ୍ରସନ୍ନଜିତ ମହାନ୍ତି, ସହ ସମ୍ପାଦକ ଅବିନାଶ ରଥ, ସତ୍ୟବ୍ରତ ଧଳ, ଆଲୋକ ବାରିକ, ସୋନୁ ରଣା, ସୁରଜ ବେହେରା, ରୋହିତ ବେହେରା ସହଯୋଗ କରିଥିଲେ। ମେଳା ୧୬ ତାରିଖ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଥିବା ବେଳେ ୧୭ ତାରିଖରେ ବଲିଉଡ ନାଇଟରେ ପ୍ରଖ୍ୟାତ ଗାୟକ ସାନଙ୍କ କାର୍ଯ୍ୟକ୍ରମ ରହିଛି।

## ଧରତୀ ଆବା ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ

# ବୀରର ବିର୍ସା ମୁଣ୍ଡା ଥିଲେ ନିଷ୍ଠା ଓ ତ୍ୟାଗର ପ୍ରତିକ




ରାଉରକେଲା, ୧୫।୧୧(ସମିସ)

ଇଂରେଜମାନଙ୍କ ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଖୁଣ୍ଟକାଟି ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ସଂଗ୍ରାମ କରିଥିବା ୨୫ ବର୍ଷର ବାଳକ ବିର୍ସା ମୁଣ୍ଡା ଆଦିବାସୀମାନଙ୍କ ଭଗବାନ ଭାବେ ପୂଜିତ ହେବାଅତ୍ୟନ୍ତ ସୌଭାଗ୍ୟର ବିଷୟ ବୋଲି ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମତବ୍ୟକ୍ତ କରିଛନ୍ତି। ବିର୍ସା ମୁଣ୍ଡା ଷ୍ଟାଚ୍ୟୁ କମିଟି ଦ୍ୱାରା ଆୟୋଜିତ ୧୫୦ତମ ବିର୍ସା ମୁଣ୍ଡା ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ବର୍ମା ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ପଦାଙ୍କ ଅନୁଶରଣ କଲେ ଏକ ବିକଶିତ ସମାଜ ଗଠନ ହୋଇ ପାରିବ ବୋଲି କହିଥିଲେ। ସମ୍ପାଦକ ପ୍ରଫେସର ବିଜୟ କୁମାର ଟପ୍ପୋ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ବିର୍ସା ମୁଣ୍ଡାଙ୍କ ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିର୍ସା ମୁଣ୍ଡାଙ୍କ ବିରତ୍ୱକୁ ମନେପକାଇବା ସହିତ ଆଦିବାସୀ ସମ୍ପ୍ରଦାୟକୁ ଉତ୍ସାହିତ କରିଥିଲେ।

ଷ୍ଟାଚ୍ୟୁ କମିଟିର ଯୁଗ୍ମ-ସମ୍ପାଦକ ପ୍ରସନ୍ନ କୁମାର ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ ଆୟୁକ୍ତ ଦିନାଃ ଦସ୍ତଗିର ନିଜ ବକ୍ତବ୍ୟରେ ବିର୍ସା ମୁଣ୍ଡାଙ୍କ ତ୍ୟାଗପୁତ ଜୀବନ ସମ୍ପର୍କରେ ଆଲୋକପାତ କରିବା ସହିତ ଆଜିର ଛାତ୍ର ଓ ଯୁବ ସମାଜ ତାଙ୍କର ପଦାଙ୍କ ଅନୁସରଣ କଲେ ଏକ ବିକଶିତ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। ନିର୍ବାହୀ ନିର୍ଦ୍ଦେଶକ ତପନ ମିଶ୍ର ଯୋଗଦେଇ ବିର୍ସାମୁଣ୍ଡାଙ୍କ ସଂଗ୍ରାମୀ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ଯୋଗଦେଇ କହିଲେ ଯେ ବିର୍ସାମୁଣ୍ଡାଙ୍କ ତ୍ୟାଗପୂତ ଜୀବନୀ ଇତିହାସ ପୃଷ୍ଠାରେ ଲିପିବଦ୍ଧ। ନିଜର ସମର୍ପିତ ମନୋଭାବ ଯୋଗୁଁ ସେ ଗୋଟିଏ ଜାତିର ଭଗବାନ ରୁପେ ପୂଜିତ ହେବା ଆମ ପାଇଁ ଗର୍ବର ବିଷୟ ଅଟେ ବୋଲି କହିଥିଲେ। ବିଧାୟକ ଦୁର୍ଗାଚରଣ ତନ୍ତୀ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ଇସ୍ପାତ କାରଖାନାର ନିର୍ବାହୀ ନିର୍ଦ୍ଦେଶକ ସୁଦିପ ପାଲ ଚୌଧୁରୀ, ବିଶ୍ୱ ରଞ୍ଜନ ପଲାଇ ଓ ବି.କେ ଗିରି, ସିଜିଏମ ବି.କେ.ଯୋଯୋ ଓ ମାନସରଞ୍ଜନ ରଥ, ଉପମହାପ୍ରବନ୍ଧକ ଏସ.ଏସ.ମହାପାତ୍ର ଓ ଡ.ଅଭିଜିତ ବିଶ୍ୱାସ, ଏଜିଏମ ପୁରୁଷୋତ୍ତମ ସାହୁ, ସୀମା ଫତିମା ଏକ୍କା, ସମାଜସେବୀ ହରିହର ରାଉତରାୟ, ରିଙ୍କୁ ସାମଲ, ରାଜା ରାୟ, ବରିଷ୍ଠ ବିଜେଡି ନେତା, ବିରେନ ସେନାପତି, ଗଗନ ପଣ୍ଡ ଓ ପ୍ରଶାନ୍ତ ସେଠୀ, ଗଙ୍ଗାଧର ଦାଶ, ବି.ଏନ ପଟ୍ଟନାୟକ, ବେଣ୍ଡିକ୍ଟ ତିର୍କୀ, ସ୍ୱର୍ଣ୍ଣପ୍ରଭା ମହାନ୍ତି, ଅମିତାଭ ଠାକୁର, ଅସିତ ମହାନ୍ତି, ଆପେଲା ସ୍ୱାମୀ, ପ୍ରମୁଖ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ବିର୍ସାମୁଣ୍ଡାଙ୍କ ଉପରେ ଆଧାରିତ ବିଦ୍ୟାଳୟ ସ୍ଥରୀୟ ବକ୍ତୁତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ମାର୍ସଲ କାଣ୍ଡୁଲାନା, ଡା.ଏମ୍. ସୋରେନ, ମାର୍ସଲ ପୂର୍ତ୍ତୀ, ପି.ଏଲ୍. ନାୟକ, ମନୋରଞ୍ଜନ କାଣ୍ଡୁଲାନା, ସୁନିଲ କୁମାର ପଟ୍ଟନାୟକ, ସୁବାସ ଚନ୍ଦ୍ର ସାହୁ, ପିତାମ୍ବର ହେମ୍ବ୍ରମ, ଅଭିଷେକ ରାଉତରାୟ, ପ୍ରମୋଦ କୁମାର ବକ୍ସି, ଦୀପକ ରାଉତରାୟ, ଅନିରୁଦ୍ଧ ସ୍ୱାଇଁ, ସିମ୍ପଲ ପୂର୍ତ୍ତି, ଲଳିତ କୁଜୁର ପ୍ରମୁଖ ସହଯୋଗ କରିଥିଲେ।

### ଏନ୍‌ଆଇଟି ରାଉରକେଲା



**ରାଉରକେଲା :** ଏନ୍‌ଆଇଟି ରାଉରକେଲା ପରିସରରେ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜନ୍ମବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରଫେସର ଆର. କେ. ବିଶ୍ୱାଳ ଏନ୍‌ଆଇଟି ରାଉରକେଲାରେ ଜନଜାତୀୟ ଗୌରବବର୍ଷ ଉତ୍ସବ ପାଇଁ ନୋଡାଲ୍ ଅଧିକାରୀ ଭାବରେ କାର୍ଯର୍ କରିଥିଲେ। ପ୍ରଫେସର ବି. କେ. ନାୟକ ସ୍ୱାଗତ ଭାଷଣ ଦେଇ ଭାରତର ସାମାଜିକ ଏବଂ ସାଂସ୍କୃତିକ ପରିଦୃଶ୍ୟକୁ ଆକାର ଦେଇଥିବା ଜନଜାତି ପ୍ରତୀକମାନଙ୍କୁ ସମ୍ମାନିତ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ କହିଲେ ଯେ ୧୮୦୦ ଦଶକର ଶେଷ ଭାଗରେ ଯୋଗାଯୋଗ, ପରିବହନ କିମ୍ବା ପ୍ରଯୁକ୍ତିର ସୀମିତ ମାଧ୍ୟମ ସତ୍ତ୍ୱେ, ବିର୍ସା ମୁଣ୍ଡା ସମ୍ପ୍ରଦାୟଗୁଡ଼ିକୁ ସଂଗଠିତ କରିଥିଲେ ଏବଂ ନ୍ୟାୟ ଏବଂ ସ୍ୱାଧୀନତା ପାଇଁ ଏକ ଉଲ୍ଲେଖନୀୟ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଏହି କାର୍ଯ୍ୟକ୍ରମର ଏକ ଅଂଶ ଭାବରେ, ଏକ 'ଆଦିବାସୀ ଷ୍ଟାର୍ଟଅପ୍ ପ୍ରଦର୍ଶନୀ' ଆୟୋଜନ କରାଯାଇଥିଲା, ଯେଉଁଥିରେ ପ୍ରକୃତି ପ୍ରାଇଭେଟ୍ ଲିମିଟେଡ୍, ଯାହା ଏହାର ଜୈବିକ ସାର ପାଇଁ ଜଣାଶୁଣା, ଏବଂ ଆୟୁରିନୋ ଲିଗାସି ପ୍ରାଇଭେଟ୍ ଲିମିଟେଡ୍ ଭଳି ଉଦ୍ୟୋଗଗୁଡ଼ିକୁ ସାମିଲ କରାଯାଇଥିଲା, ଯାହା ହସ୍ତଶିଳ୍ପ ଜୈବିକ ଔଷଧୀୟ ସାବୁନ ଏବଂ ଜୀବନଶୈଳୀ ଉତ୍ପାଦ ପ୍ରଦର୍ଶନ କରିଥିଲା। ଜେଜେଜିଭି କମିଟି ପ୍ରଫେସର ସହ-ସଂଯୋଜକ ଥୁଙ୍ଗ୍ୟାନି ଏନ୍. ଓଭଙ୍ଗ ଧନ୍ୟବାଦ ପ୍ରସ୍ତାବ ପ୍ରଦାନ କରିଥିଲେ। ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ, ଶିକ୍ଷା ମନ୍ତ୍ରଣାଳୟ, ପ୍ରତିଷ୍ଠାନର ନେତୃତ୍ୱ, ଅଧ୍ୟାପକ ସଂଯୋଜକ, ଛାତ୍ର ସ୍ୱେଚ୍ଛାସେବକ ଏବଂ ସମସ୍ତ ଅଂଶଗ୍ରହଣକାରୀଙ୍କୁ ବର୍ଷବ୍ୟାପୀ ଉତ୍ସବକୁ ଅର୍ଥପୂର୍ଣ୍ଣ ଏବଂ ପ୍ରଭାବଶାଳୀ କରିବାରେ ସେମାନଙ୍କର ସମର୍ଥନ ପାଇଁ ସେ କୃତଜ୍ଞତା ପ୍ରକାଶ କରିଥିଲେ। ଅନୁଜ ଶୁକ୍ଳା ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଏପାଖ ସେପାଖ

# ୧୮୦୦ କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ

**ରାଉରକେଲା, ୧୫।୧୧(ସମିସ):** ରାଉରକେଲା ସମେତ ସୁନ୍ଦରଗଡ଼ ଜିଲ୍ଲାର ବିକାଶ ପାଇଁ ପାନୀୟଜଳ, ରାସ୍ତାଘାଟ, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ କାର୍ଯ୍ୟ ପାଇଁ ୧୮୦୦୦ କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ କରିଥିଲେ ମୁଖ୍ୟମନ୍ତ୍ରୀ। ହେଲେ ରାଉରକେଲା ସହରର ସବୁଠାରୁ ବେଶୀ ଆବଶ୍ୟକ ଥିବା ରାଉରକେଲା ବିମାନ ବନ୍ଦରର ସମ୍ପ୍ରସାରଣ ଓ ଦୈନନ୍ଦିନ ବିମାନ ଉଡାଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଧାଡ଼ିଏ ବି କହିଲେନି। ଓଲଟା ସାମ୍ବାଦିକଙ୍କ ଏହି ପ୍ରଶ୍ନକୁ ଏଡ଼ାଇ ଦେଇଥିଲେ।

### ଭୁଲ୍ ତଥ୍ୟ ଯୋଗୁଁ ଭୁଲ୍ ପଢ଼ିଲେ ମୁଖ୍ୟମନ୍ତ୍ରୀ

ଆଜି ସେକ୍ଟର - ୧୩ ମେଳଣ ପଡଡିଆରେ ଜନଜାତି ଗୌରବ ଦିବସ ପାଳନ ପାଇଁ ହୋଇଥିବା ବିଶାଳ ମଞ୍ଚ ସାଙ୍ଗକୁ ସୁଦୀର୍ଘ ସଭାସ୍ଥଳ। ମୁଖ୍ୟମନ୍ତ୍ରୀ ସଭାସ୍ଥଳରୁ ଅଭିଭାଷଣ ରଖିବାବେଳେ ଭୁଲ ପଢ଼ିଲେ କି କାଗଜରେ ଭୁଲ ରିପୋର୍ଟ ଲେଖାଥିଲା ତାହା କେବଳ ସେ ଜାଣନ୍ତି। କାହିଁକି ନା ରାଉରକେଲା ମହାନଗର ନିଗମ କମିଶନରଙ୍କ ନାଁ 'ଦିନାଃ ଦସ୍ତାଗିର' ପରିବର୍ତ୍ତେ 'ଅମ୍ରିତପାଲ କୌର' ପଢ଼ିଲେ। 'ହଇଓ ଅମ୍ରିତପାଲ କୌର ତ ସୁନ୍ଦରଗଡ଼ ଏସ୍‌ପି'। ତାଙ୍କ ନାଁ ଆସିଲା କୋଉଠୁ ? ମୁଖ୍ୟମନ୍ତ୍ରୀଙ୍କ ଏହି ସମ୍ବୋଧନରେ ସଭାସ୍ଥଳ ଆଁ କରି ଅନେଇବା ସହ ବିଚରା ରାଉରକେଲା ମହାନଗର ନିଗମ କମିଶନର ତଥା ଅତିରିକ୍ତ ଜିଲ୍ଲାପାଳ ଦିନାଃ ଦସ୍ତାଗିର ତାପରେ କୁଆଡେ ପଳେଇଲେ ଯେ ତାଙ୍କୁ ଆଉ ଦେଖିବାକୁ ମିଳିଲାନି।

### ଆଗେ ସାରଦା ତା'ପରେ ଦୁର୍ଗା...

ମୁଖ୍ୟମନ୍ତ୍ରୀଙ୍କ ସମ୍ବୋଧନ ଭାଷଣର ସବୁଠାରୁ ରୋଚକ ତଥ୍ୟ ହେଉଛି ତାଙ୍କ ବିଜେପିର ବିଧାୟକ ମଞ୍ଚରେ ବସିଥିବା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ପ୍ରଥମେ ରାଉରକେଲାର ବିଜେଡି ବିଧାୟକ ସାରଦା ପ୍ରସାଦ ନାୟକଙ୍କ ନାମକୁ ଆଗେ ଉଚ୍ଚାରଣ କରିଥିଲେ। ତାପରେ ଦୁର୍ଗାଚରଣ ତନ୍ତୀଙ୍କ ନାମ ନେଇଥିଲେ। ଅବଶ୍ୟ ଏହା ଏତେବଡ଼ ଭୁଲ ନୁହେଁ, ତେବେ ଏହା ବିଜେପି କର୍ମୀମାନଙ୍କ ମଧ୍ୟରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଥିଲା।

### ମୁଖ୍ୟମନ୍ତ୍ରୀଙ୍କ ଭାଷଣ ଅଧାରୁ ପଳାଇଲେ ଲୋକେ

ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଜି ତାଙ୍କର ଅଭିଭାଷଣ ରଖୁଥିବାବେଳେ ଅଧାରୁ ହଠାତ୍ ଆଶ୍ଚର୍ଯ୍ୟଜନକ ଭାବେ ସଭାସ୍ଥଳ ଖାଲି ହୋଇ ଯାଇଥିଲା। ଲୋକମାନେ ବିଶେଷକରି ମହିଳାମାନେ ସଭାସ୍ଥଳ ଛାଡ଼ି ପଳାଉଥିବା ଦେଖି ମୁଖ୍ୟମନ୍ତ୍ରୀ କେବଳ ନିରାଶ ହୋ ଇ ନଥିଲେ, ବରଂ ସଭା ପରିଚାଳନା ନେଇ କ୍ଷୁବ୍ଧ ହୋଇଯାଇଥିଲେ।

### କାହାକୁ କହିଲେ ଗେଟ୍ ଆଉଟ୍ ?

ସଭା ସମାପ୍ତ ପରେ ସଭା ପଛପଟରେ ସାମ୍ବାଦିକ ମାନେ ମୁଖ୍ୟମନ୍ତ୍ରୀଙ୍କ ବାଇଟ୍ ନେବା ପାଇଁ ଅପେକ୍ଷା କରିଥିବାବେଳେ ରେଷ୍ଟ ରୁମ୍ ଭିତରେ ମୁଖ୍ୟମନ୍ତ୍ରୀ ବଡ଼ ପାଟିରେ ପାଟି କରି କାହାକୁ ଗାଳି ଦେଉଥିଲେ। ଏପରିକି ତାହାକୁ 'ଗେଟ୍ ଆଉଟ୍' ବୋଲି କହି ଗାଳିକଲେ। ତେବେ ସେ କିଏ ଜଣାପଡ଼ିନି। ସେତେବେଳେ ଜିଲ୍ଲାପାଳ, ଡିଆଇଜି, ବିଧାୟକ ସାରଦା ପ୍ରସାଦ ନାୟକ ରେଷ୍ଟ ରୁମ ବାହାରେ ଥିବା ବେଳେ ଭିତରେ ରଘୁନାଥପାଲି ବିଧାୟକ ଦୁର୍ଗା ତନ୍ତୀ, ଉପବାଚସ୍ପତି ଭବାନୀଭୋଇଙ୍କ ସମେତ କିଛି ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ତେବେ ଭିତରେ କାହାର ପାଳି ଥିଲା ତାହା ଜଣାପଡ଼ିନି।

## ଡାଲମିଆ ମହାବିଦ୍ୟାଳୟରେ ପାଠ୍ୟଚକ୍ର




**କୁତ୍ରା, ୧୫।୧୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ଝାରବେଡ଼ାଠାରେ ଥିବା ଡାଲମିଆ ମହାବିଦ୍ୟାଳୟରେ ରାଉରକେଲା ଆର.ଏବି. ଏସ.ଏସ ତରଫରୁ 'ବିଜ୍ଞାନ ଦୋଛକିରେ' ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସଭାର ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟର ଅଧକ୍ଷ ଡ. ଜିତେନ୍ଦ୍ର କୁମାର ପଟେଲଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟାପିକା ଡା. ଲତା ନାଏକ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଡା. ସତ୍ୟରଞ୍ଜନ ଦାସ, ପ୍ରଦୀପ କୁମାର ପାଣିଗ୍ରାହୀ, ମହାସଚିବ ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଯୋଗଦେଇ ଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ନୈସିନ ଫିଜା ସଂଯୋଜନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ସୁରଭି ସା ଧନ୍ୟବାଦ ଅର୍ପଣ କରିଥିଲେ।

## ପାନପୋଷ ସରସ୍ୱତୀ ଶିଶୁ ମନ୍ଦିରରେ ଶିଶୁ ଦିବସ

**ରାଉରକେଲା, ୧୫।୧୧(ସମିସ):** ପାନପୋଷ ସରସ୍ୱତୀ ଶିଶୁ ମନ୍ଦିରରେ ଶିଶୁଦିବସ କାର୍ଯ୍ୟକ୍ରମ ପାଳନ କରାଯାଇଛି। ଉକ୍ତ ଦିବସରେ ଷଷ୍ଠରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଶିଶୁ ଭାଇଭଉଣୀମାନଙ୍କ ଦ୍ୱାରା ଘୋଷ ଏବଂ ପଥ ସଞ୍ଚାଳନ କାର୍ଯ୍ୟକ୍ରମ କରାଯାଇଥିଲା। ଉକ୍ତ ଦିବସରେ ବିଦ୍ୟାଳୟର ସମ୍ପାଦକ ଚନ୍ଦ୍ରଧ୍ୱଜ ମାଝୀ, କୋଷାଧ୍ୟକ୍ଷ ବସନ୍ତ କୁମାର ତନ୍ତୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟା ଉଷାରାଣୀ ମିଶ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ମେଳାରେ ଶିଶୁ ବାଟିକାରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ୫୫ଟି ଷ୍ଟଲ, ବାଟିକା ପ୍ରମୁଖ ସସ୍ମିତା ସାହୁଙ୍କ ତତ୍ୱାବଧାନରେ ପରିଚାଳନା କରାଯାଇଥିଲା। ଏହି ମେଳାରେ ଶିଶୁବାଟିକାର ୨୦୨୬-୨୦୨୭ ନିମନ୍ତେ ନୂତନନାମ ଲେଖା ଆରମ୍ଭ ଘୋଷଣା କରିଥିଲେ। ବିରଜା ମୋହିନୀ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।



## ଆର୍‌ଏସ୍‌ପିର ୫ -ଏସ୍ ସର୍ବେକ୍ଷଣ ଅଡିଟ୍

**ରାଉରକେଲା, ୧୫।୧୧(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ରେ ଏକ ଦିନିକିଆ ୫ - ଏସ ସର୍ବେକ୍ଷଣ ଅଡିଟ୍ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ 'ସମାଗମ' ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିବା ଏହାର ଉଭୟ ଉଦ୍‌ଘାଟନୀ ଏବଂ ଉଦ୍‌ଯାପନୀ ବୈଠକର ସେବା ବିଭାଗର ସିଜିଏମ ଇନଚାର୍ଜ ଆତିଶ ଚନ୍ଦ୍ର ସରକାର ଅଧକ୍ଷତା କରିଥିଲେ। ଏହି ଅବସରରେ ରାକେଶ ବର୍ମା ଉପସ୍ଥିତ ଥିଲେ। ଏହି ଅଡିଟ୍ ସିକନ୍ଦରାବାଦର ସ୍ଥିତ ଅଡିଟ୍ କ୍ୱାଲିଟି ସର୍କଲ୍ ଫୋରମ୍ ଅଫ୍ ଇଣ୍ଡିଆ। (କ୍ୟୁସିଏଫଆଇ)ର ସୁନୀଲ ଶ୍ରୀବାସ୍ତବ ଏବଂ ରାଉରକେଲା ଚାପ୍ଟରର କ୍ୟୁସିଏଫଆଇର ସମ୍ପାଦକ ଏସ୍‌ସି ପ୍ରସାଦଙ୍କ ଦ୍ୱାରା କରାଯାଇଥିଲା। ଆର୍‌ଏସ୍‌ପିରେ ୫ଏସ୍ କାର୍ଯ୍ୟାନ୍ୱୟନର ଅଂଶ ଭାବରେ, ତିନୋଟି ୟୁନିଟ୍ ଯେଉଁଠାରେ ଅଡିଟ୍ କରାଯାଇଥିଲା, ସେଗୁଡ଼ିକ ହେଲା, ରୋଲ୍ ସପ୍, ଅକ୍ସିଜେନ୍ ପ୍ଲାଣ୍ଟ ଏବଂ ମେକାନିକାଲ୍ ସପ୍। ପ୍ରଥମ ଥର ପାଇଁ ରୋଲ୍ ସପ୍ ବିଭାଗ ଅଧୀନରେ ଏଚଏସଏମ-୨ରେ ରୋଲ୍ ସପ୍-୫ କୁ ଅଡିଟ୍ ପାଇଁ ପ୍ରସ୍ତାବ ଦିଆଯାଇଥିଲା ଏବଂ ଅଡିଟରଙ୍କ ଦ୍ୱାରା ସଫଳତାର ସହ ୫ଏସ ସିଷ୍ଟମରେ ସାମିଲ କରାଯାଇଥିଲା। ଏହି ଅଡିଟ୍ କାର୍ଯ୍ୟକ୍ରମକୁ ଅନୁବିନ୍ଦ ମହାନ୍ତି ଏବଂ ଉକ୍ତ ବିଭାଗର ସାମୂହିକ ପରିଚାଳନା କରିଥିଲେ। ଅଡିଟ୍ ହୋଇଥିବା ବିଭାଗଗୁଡ଼ିକରେ ବ୍ୟାପକ ହାଉସକିପିଂ, ଫ୍ଲୋର୍ ମାର୍କିଂ, ଅବ୍ୟବହୃତ ସ୍ପେୟାର, ଉପକରଣ ଏବଂ ଟ୍ୟାକଲ୍ସର ନିଷ୍କାସନ ଏବଂ ସ୍ପେୟାର ଆସେମ୍ବଲିଗୁଡ଼ିକର ପୁନଃବ୍ୟବସ୍ଥିତି କାର୍ଯ୍ୟ ସମୀକ୍ଷା ହୋଇଥିଲା।

## ଇସ୍ପାତ ଜେନେରାଲ୍ ହସ୍ପିଟାଲରେ ହିପ୍ ରିପ୍ଲେସମେଣ୍ଟ

**ରାଉରକେଲା, ୧୫।୧୧(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି) ଅଧୀନସ୍ଥ ଇସ୍ପାତ ଜେନେରାଲ୍ ହସ୍ପିଟାଲର ସର୍ଜନଙ୍କ ଦ୍ୱାରା ହିପ୍ ରିପ୍ଲେସ୍‌ମେଣ୍ଟ ଅସ୍ତ୍ରୋପଚାର ପରେ ଜଣେ ୮୦ ବର୍ଷୀୟ ରୋଗୀ ତାଙ୍କର ଗତିଶୀଳତା ପୁନଃ ଫେରି ପାଇଛନ୍ତି। ଆର୍‌ଏସ୍‌ପିର ପୂର୍ବତନ କର୍ମଚାରୀ କେ.ସି. ନାୟକ ପଡ଼ିଯିବା ଯୋଗୁଁ ତାଙ୍କର ଡାହାଣ ଅଣ୍ଟାଭଙ୍ଗା ସହିତ ଗୁରୁତର ଅବସ୍ଥାରେ ଆଇଜିଏଚ୍‌ରେ ଭର୍ତ୍ତି ହୋଇଥିଲେ। ସେ ସିକଲ୍‌ସେଲ୍‌ଫ ଏବଂ ଆଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ୍ ରୋଗରେ ପୀଡିତ ଥିଲେ। ତାଙ୍କ ଡାହାଣ ହିପ୍ ଗତ ୧୫ ବର୍ଷ ଧରି ଅକାମି ହୋଇ ରହିଥିଲା। ପୂର୍ବରୁ, ତାଙ୍କର ପ୍ରାୟ ସାତ ବର୍ଷ ତଳେ ତାଙ୍କର ହାଇଦ୍ରାବାଦରେ ବାମହିପ୍ ରିପ୍ଲେସମେଣ୍ଟ କରାଯାଇଥିଲା। ତାଙ୍କର ଫିଂକ୍ସହିପ୍ ଅବସ୍ଥା ଏବଂ ରୋଗର ଜଟିଳ ଅବସ୍ଥା ଯୋଗୁଁ, ଶ୍ରୀ ନାଏକ ବିଛଣାରେ ପଡ଼ି ରହିବା ସହିତ ଗୁରୁତର ଅସୁବିଧା ଭୋଗୁଥିଲେ।

ସୂଚନାଯୋଗ୍ୟ ଯେ, ଆଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ୍ ଏକ ଜଟିଳ ରୋଗ ଯେଉଁଥିରେ ଗଣ୍ଠିଗୁଡିକ ଗତିଶୀଳତା ହରାଏ ଏବଂ ଶେଷରେ ଫ୍ୟୁଜ ହୋଇଯାଏ। ଏପରି ମାମଲାକୁ ଏକ ଆହ୍ୱାନ ଭାବେ ଗ୍ରହଣକରି ଆଇଜିଏଚର ଅତିରିକ୍ତ ସିଏମଓ ଏବଂ ଅସ୍ଥିଶଲ୍ୟ ବିଭାଗ ମୁଖ୍ୟ ଡାକ୍ତର ଏସ.କେ. ତିୱାରୀ, ଅସ୍ଥିଶଲ୍ୟ ବିଭାଗର ପରାମର୍ଶଦାତା ଡାକ୍ତର ଶେଷକାନ୍ତ ରାଉତ, ଡାକ୍ତର ପ୍ରଶାନ୍ତ ଶର୍ମା ଏବଂ ଡାକ୍ତର ନମନ ସୋରୌଦି (ଡିଏନବି)ଙ୍କ ସମେତ ଡାକ୍ତରଙ୍କ ଏକ ଦଳ ଏହି ଜଟିଳ ଅସ୍ତ୍ରୋପଚାର ସଫଳତାର ସହିତ ସମ୍ପାଦନ କରିଥିଲେ। ଏହି ପ୍ରକ୍ରିୟାକୁ ଆନାସ୍ଥେସିଆ ଏବଂ କ୍ରିଟିକାଲ୍ କେୟାର ର ଅତିରିକ୍ତ ସିଏମଓ ଏବଂ ବିଭାଗ ମୁଖ୍ୟ ଡାକ୍ତର ସଞ୍ଜୁକ୍ତା ପାଣିଗ୍ରାହୀ ଏବଂ ତାଙ୍କ ଦଳ ଦ୍ୱାରା ସମ୍ପାଦନ କରାଯାଇଥିଲା। ଡାକ୍ତର ସଞ୍ଜୁକ୍ତା ପାଣିଗ୍ରାହୀ ଉଭୟ ଅପରେସନ ଥିଏଟର ଏବଂ ଆଇସିୟୁରେ ରୋଗୀଙ୍କ ନିପୁଣ ଚିକିତ୍ସା କରିଥିଲେ।

## ଚତୁର୍ଥ ଜାତୀୟ ଇଏମ୍‌ଆରଏସ୍ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

# ତେଲଙ୍ଗାନା ବ୍ୟକ୍ତିଗତ ଓ ଦଳଗତ ଚାମ୍ପିଅନ୍

ରାଉରକେଲା, ୧୫।୧୧(ସମିସ)

ଆଦିବାସୀ ଯୁବ ପ୍ରତିଭା ଏବଂ କ୍ରୀଡ଼ା ମହୋତ୍ସବ ୪ର୍ଥ ଜାତୀୟ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ (ଇଏମଆରଏସ) ୫ ଦିନିଆ କ୍ରୀଡ଼ା ପ୍ରତିଯୋଗିତା ରାଉରକେଲାର ବିର୍ସା ମୁଣ୍ଡା ଆଥଲେଟିକ୍ସ ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦ୍ରୁତ ଧାବିକା ଦ୍ୟୁତି ଚାନ୍ଦ ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ତେଲେଙ୍ଗାନା ରାଜ୍ୟ ଉଭୟ ବ୍ୟକ୍ତିଗତ ଓ ଦଳଗତ ଚାମ୍ପିଅନ୍ ହୋଇଛି। ଦଳଗତ ଭାବେ ତେଲେଙ୍ଗାନା ରାଜ୍ୟ ୮୮ଟି ସ୍ୱର୍ଣ୍ଣପଦକ, ୬୬ଟି ରୌପ୍ୟ ୭୬ଟି କାଂସ୍ୟ ଏହିପରି ମୋଟ୍ ୨୩୦ଟି ପଦକ ସହ ୭୧୪ ପଏଣ୍ଟ ହାସଲ କରି ଚତୁର୍ଥ ଜାତୀୟ ଇଏମଆରଏସ କ୍ରୀଡ଼ା ପ୍ରତିଯୋଗିତାରେ ଚାମ୍ପିଅନ୍ ହୋଇଛି। ଛତିଶଗଡ଼ ୫୫ଟି ସ୍ୱର୍ଣ୍ଣପଦକ, ୪୩ଟି ରୌପ୍ୟ, ୬୪ଟି କାଂସ୍ୟ ଏହିପରି ମୋଟ୍ ୧୬୨ଟି ପଦକ ସହ ୪୬୮ ପଏଣ୍ଟ ହାସଲ କରି ରନର୍ସଅପ୍ ହୋଇଥିଲା। ଆନ୍ଧ୍ରପ୍ରଦେଶ ୨୬ ଟି ସ୍ୱର୍ଣ୍ଣପଦକ, ୪୧ଟି ରୌପ୍ୟ ୩୭ଟି କାଂସ୍ୟ ଏହିପରି ମୋଟ ୧୦୪ଟି ପଦକ ସହ ୨୯୦ ପଏଣ୍ଟ ହାସଲ କରିଥିବା ବେଳେ ମହାରାଷ୍ଟ୍ର ରାଜ୍ୟ ୨୨ଟି ସ୍ୱର୍ଣ୍ଣ, ୨୭ଟି ରୌପ୍ୟ ୫୩ଟି କାଂସ୍ୟ ଏହିପରି ମୋଟ ୧୦୨ଟି ପଦକ ସହ ୨୪୪ ପଏଣ୍ଟ, ଗୁଜରାଟ ରାଜ୍ୟ ୨୬ଟି ସ୍ୱର୍ଣ୍ଣ ପଦକ, ୨୫ଟି ରୌପ୍ୟ ୨୭ଟି କାଂସ୍ୟ ଏହିପରି ମୋଟ ୭୮ଟି ପଦକ ସହ ୨୩୨ ପଏଣ୍ଟ ଏବଂ ଓଡ଼ିଶା ୨୫ଟି ସ୍ୱର୍ଣ୍ଣ ପଦକ, ୨୧ଟି ରୌପ୍ୟ ୧୧ଟି କାଂସ୍ୟ ଏହିପରି ମୋଟ ୫୭ଟି ପଦକ ସହ ୧୯୯ ପଏଣ୍ଟ ହାସଲ କରି ପୁରସ୍କୃତ ହୋଇଥିଲେ। ବ୍ୟକ୍ତିଗତ ଭାବେ ତେଲେଙ୍ଗାନା ୮୨ଟି ସ୍ୱର୍ଣ୍ଣପଦକ, ୬୫ଟି ରୌପ୍ୟ ୭୪ଟି କାଂସ୍ୟ ଏହିପରି ମୋଟ ୨୨୧ଟି ପଦକ ସହ ୬୭୯ ପଏଣ୍ଟ ହାସଲ କରି ପୁରସ୍କୃତ ହୋଇଥିଲା ବେଳେ ଛତିଶଗଡ଼ ରାଜ୍ୟ ୫୪ଟି ସ୍ୱର୍ଣ୍ଣ ପଦକ, ୪୩ଟି ରୌପ୍ୟ ୬୨ଟି କାଂସ୍ୟ ଏହିପରି ମୋଟ୍ ୧୫୯ଟି ପଦକ ସହ ୪୬୧ ପଏଣ୍ଟ, ମଧ୍ୟପ୍ରଦେଶ ରାଜ୍ୟ ୪୦ଟି ସ୍ୱର୍ଣ୍ଣ ପଦକ, ୪୭ଟି ରୌପ୍ୟ ୬୧ଟି କାଂସ୍ୟ ଏହିପରି ମୋଟ୍ ୧୪୮ ଟି ପଦକ ସହ ୪୦୨, ଆନ୍ଧ୍ରପ୍ରଦେଶ ରାଜ୍ୟ ୨୫ଟି ସ୍ୱର୍ଣ୍ଣପଦକ, ୩୯ଟି ରୌପ୍ୟ ୩୫ଟି କାଂସ୍ୟ ଏହିପରି ମୋଟ ୯୯ଟି ପଦକ ସହ ୨୩୭ ପଏଣ୍ଟ, ମହାରାଷ୍ଟ୍ର ରାଜ୍ୟ ୨୨ଟି ସ୍ୱର୍ଣ୍ଣପଦକ, ୨୫ଟି ରୌପ୍ୟ ୫୨ଟି କାଂସ୍ୟ ଏହିପରି ମୋଟ ୯୯ଟି ପଦକ ସହ ୨୩୭, ଗୁଜୁରାଟ ରାଜ୍ୟ ୨୬ଟି ସ୍ୱର୍ଣ୍ଣ ପଦକ, ୨୫ଟି ରୌପ୍ୟ ୨୫ଟି କାଂସ୍ୟ ଏହିପରି ମୋଟ ୭୬ଟି ପଦକ ସହ ୨୩୦ ପଏଣ୍ଟ ଏବଂ ଓଡ଼ିଶା ରାଜ୍ୟ ୨୩ଟି ସ୍ୱର୍ଣ୍ଣ ପଦକ, ୧୬ଟି ରୌପ୍ୟ ୧୦ଟି କାଂସ୍ୟ ଏହିପରି ମୋଟ ୪୯ଟି ପଦକ ସହ ୧୭୩ ପଏଣ୍ଟ ହାସଲ କରି ପୁରସ୍କୃତ ହୋଇଥିଲେ। ସମସ୍ତ ବିଜେତାମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପୁରସ୍କାର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ ଏହି କ୍ରୀଡା ପ୍ରତିଯୋଗିତାରେ ଦେଶର ୨୧ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରୁ ୫୫୦୦ ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଯେଉଁମାନେ ରାଉରକେଲା, ସୁନ୍ଦରଗଡ଼ ଏବଂ ରାଜଗାଙ୍ଗପୁରର ଆଠଟି ସ୍ଥାନରେ ୨୨ଟି ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରାଜ୍ୟ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ବିକାଶ ବିଭାଗର କମିଶନର-କମ୍-ସଚିବ ବି. ପରମେଶ୍ୱରନ ସ୍ୱାଗତ ଭାଷଣ ଦେଇଥିଲେ।






ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଲେ ଜାତୀୟ କାର୍ଯ୍ୟକ୍ରମର ଆୟୋଜକ ଭାବରେ ଓଡ଼ିଶାକୁ ମନୋନୀତ କରାଯିବା ସହ ସୁନ୍ଦରଗଡ଼ର କ୍ରୀଡା କେନ୍ଦ୍ର, ଆଦିବାସୀ ପ୍ରତିଭାର ଏହି ମହୋତ୍ସବ ପାଇଁ ଉପଯୁକ୍ତ ସ୍ଥାନ ଭାବରେ ମନୋନୀତ ହୋଇଥିବାରୁ ଗର୍ବ ଅନୁଭବ କରିଥିଲେ। କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କହିଲେ ରାଉରକେଲାରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ(ଇଏମଆରଏସ)ର ଏକ ଶାଖା କାର୍ଯ୍ୟାଳୟ ଖୁବଶୀଘ୍ର ରାଉରକେଲାରେ ଖୋଲାଯିବ। ଅଜିତ କୁମାର ଶ୍ରୀବାସ୍ତବ, ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ ଆୟୋଜିତ ଜାତୀୟ ପ୍ରତିଯୋଗିତାରେ ୨୨ ଟି ଇଭେଣ୍ଟ ଏବଂ ୩୬୫ ଟି ପ୍ରତିଯୋଗିତା ୮ ଟି ଭିନ୍ନଭିନ୍ନ କ୍ରୀଡା ସ୍ଥାନଗୁଡ଼ିକରେ ଅନୁଷ୍ଠିତ ହୋଇଯାଇଛି। ମୋଟ ୨୧ ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳ ଅଂଶଗ୍ରହଣ କରିଥିଲେ। ଏଥିରେ ୫, ୫୦୦ ରୁ ଅଧିକ ଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ୩, ୧୮୭ ଜଣ ଛାତ୍ର ବ୍ୟକ୍ତିଗତ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ବେଳେ ୨, ୦୦୧ ଜଣ ଛାତ୍ର ଦଳଗତ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୯ ବର୍ଷରୁ କମ୍ ବର୍ଗରେ ୧୯୬୬ ଜଣ ପୁଅ ଏବଂ ୧୮୩୨ ଜଣ ଝିଅ ଅଂଶଗ୍ରହଣ କରିଥିଲେ। ସେହିପରି ୧୪ ବର୍ଷରୁ କମ୍ ବର୍ଗରେ ୭୦୧ ଜଣ ପୁଅ ଏବଂ ୬୮୯ ଜଣ ଝିଅ ଅଂଶଗ୍ରହଣ କରିଥିଲେ। ୩୫୦ କ୍ରୀଡ଼ା ଅଧିକାରୀ ନିୟୋଜିତ ଥିଲେ। ଏହି ସମସ୍ତ ପ୍ରତିଯୋଗିତାଗୁଡ଼ିକୁ ରାଉରକେଲା ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ, ବିର୍ସା ମୁଣ୍ଡା ହକି ଷ୍ଟାଡିୟମ, ଆରଏସ୍‌ପି ବାସ୍କେଟବଲ୍ କମ୍ପ୍ଲେକ୍ସ, ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ଏବଂ ରାଉରକେଲା ସହରର ଉଦିତନଗର ଷ୍ଟାଡିୟମ ପରି ରାଉରକେଲା ଏବଂ ଏହାର ଆଖପାଖରେ ୮ଟି ସ୍ଥାନରେ ଆୟୋଜିତ ହୋଇଥିଲା। କିଛି ଇଭେଣ୍ଟ ସୁନ୍ଦରଗଡ଼ ସହରର ଭବାନୀଭବନ କ୍ରୀଡା କମ୍ପ୍ଲେକ୍ସ ଏବଂ ଭବାନୀପୁର କ୍ରୀଡା କମ୍ପ୍ଲେକ୍ସ ଏବଂ ରାଜଗାଙ୍ଗପୁରର ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା।

## ତ୍ରୟୋଦଶ ପଞ୍ଚାୟତ ସମିତି ସାଧାରଣ ବୈଠକ

**ବଣାଇଁ, ୧୫।୧୧ (ସମିସ):** ବଣାଇଁଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଆଜି ତ୍ରୟୋଦଶ ପଞ୍ଚାୟତ ସମିତି ସାଧାରଣ ବୈଠକ ବଣାଇଁଗଡ଼ ପଞ୍ଚାୟତ ସମିତି ଅଧକ୍ଷା ମଞ୍ଜୁଲତା କିସାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ସଂଯୋଜକ ବଣାଇଁଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟଶଙ୍କର ଜୟପୁରିଆ, ମଞ୍ଚାସିନ ଅତିଥି ଭାବରେ ଉପାଧକ୍ଷା ବିନିତା ବେହେରା, ଜିଲ୍ଲା ପରିଷଦ ସଭ୍ୟ (ଖ) ରାମଚନ୍ଦ୍ର ସାହୁ, ଜିଲ୍ଲା ପରିଷଦ ସଭ୍ୟ (କ) ବୀର ବିଚିତ୍ର ସେନ ନାଏକ, ବଣାଇ ବିଜେପି ମଣ୍ଡଳ ସଭାପତି ମିଥିଳା ପାତ୍ର, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଗୌତମ ନାୟକ, ବ୍ଲକ ପଞ୍ଚାୟତ ନିର୍ବାହୀ ଅଧିକାରୀ ରୌମ୍ୟ ରଞ୍ଜନ ପ୍ରଧାନ, ବିଧାୟକ ପ୍ରତିନିଧି ଅନିରୁଦ୍ଧ ତ୍ରିପାଠୀ, ଏବିଡିଓ ସାରିଆ ଲାକ୍ରା, ସିଡିପିଓ ବୀଣାପାଣି ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ବୈଠକରେ ବିଡିଓ ଦିବ୍ୟଶଙ୍କର ଜୟପୁରିଆ ସମସ୍ତ ବ୍ଲକସ୍ତରୀୟ ସମ୍ପ୍ରସାରଣ ଅଧିକାରୀ ତଥା କ୍ଷେତ୍ରୀୟ ବିଭାଗୀୟ ଅଧିକାରୀଗଣଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାରିଆ ଲାକ୍ରା ବିବରଣୀ ପାଠ କରିଥିବାବେଳେ ବୈଠକରେ ଆସିଥିବା କୃଷି, ମତ୍ସ୍ୟଚାଷ, ମହିଳା ଏବଂ ଶିଶୁ ବିକାଶ, ଉଦ୍ୟାନ, ଶିକ୍ଷା, ପାନୀୟଜଳ, ବନ, ସ୍ୱାସ୍ଥ୍ୟ ଓ ବିକଶିତ ଗାଁ ବିକଶିତ ଓଡ଼ିଶା ର କାର୍ଯ୍ୟକ୍ରମ ଓ ମହାତ୍ମା ଗାନ୍ଧୀ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାରେ ଅନ୍ତର୍ଭୁକ୍ତ ଉନ୍ନୟନ ମୂଳକ କାର୍ଯ୍ୟ ବିଭାଗୀୟ ଅଧିକାରୀ ଗଣ ଉପସ୍ଥାପନା କରିଥିଲେ।

# ଉଚ୍ଛେଦ ହେଲେ ଏନ୍‌ଏଚ୍ ଅବରୋଧକାରୀ ଉଠା ଦୋକାନୀ

## ଦୁଇଥର ଜରିମାନା ସତ୍ତ୍ୱେ ଅମାନିଆ ଗ୍ୟାରେଜ ସିଲ୍ ହେଲା

ଜୟପୁର, ୧୫ ।୧୧(ସମିସ)



କୋରାପୁଟ ଜିଲ୍ଲା ଜୟପୁର ସହରର ମଧ୍ୟ ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଅସ୍ଥାୟୀ ଦୋକାନୀ ମାନେ ଜବରଦଖଲ କରିବା ସହ ଦୋକାନ ଖୋଲୁଥିବା ଯୋଗୁଁ ରାସ୍ତା ଅବରୋଧ ହୋଇ ଟ୍ରାଫିକ ସମସ୍ୟା ସହ ଛୋଟବଡ ଦୁର୍ଘଟଣା ଘଟୁଛି । ତେଣୁ ଜିଲ୍ଲା ପ୍ରଶାସନର ନିଷ୍ପତି କ୍ରମେ ତହସିଲ ଏବଂ ପୌରସଂସ୍ଥା କାର୍ଯ୍ୟାଳୟ ପକ୍ଷରୁ ମିଳିତ ଭାବେ ଉଚ୍ଛେଦ କରାଯାଇଥିଲା । ଏହିପରି ସ୍ଥାନୀୟ ହାଟପଦା ନିକଟରେ ଗୁପ୍ତା ଗ୍ୟାରେଜ ପକ୍ଷରୁ ମରାମତି ପାଇଁ ଗାଡି ଗୁଡିକକୁ ରାସ୍ତା ପାର୍ଶ୍ୱରେ ରଖିବା ସହିତ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବା ଯୋଗୁଁ ଉଚ୍ଛେଦ କରିବା ନେଇ ପ୍ରଶାସନ ପକ୍ଷରୁ ବାରମ୍ବାର ତାଗିଦ କରାଯାଇଥିଲା ଏବଂ ଦୁଇଥର ଜରିମାନା କରାଯାଇଛି । କିନ୍ତୁ ଅମାନିଆ ଗ୍ୟାରେଜ ମାଲିକ ଏହିପରି ରାସ୍ତା ପାର୍ଶ୍ୱ ମରାମତି ଗାଡି ରଖୁଥିବା ଯୋଗୁଁ ତହସିଲଦାର ସବ୍ୟସାଚୀ ଜେନା ନିଜେ ଉପସ୍ଥିତ ରହି ଦୋକାନକୁ ସିଲ କରିଥିଲେ । ଏହିପରି ଆଗାମୀ ଦିନରେ ଏହି ଭୁଲ ନ କରିବା ନେଇ ଲିଖିତ ଭାବେ ପ୍ରଶାସନ ନିକଟରେ କ୍ଷମା ପ୍ରାର୍ଥନା ଏବଂ ଜାରି ହୋଇଥିବା ଜରିମାନା ଟଙ୍କା ପୈଠ କରାଗଲେ ଉକ୍ତ ସିଲ ଦୋକାନ ଖୋଲାଯିବ ବୋଲି ତହସିଲ ବିଭାଗ ପକ୍ଷରୁ ସୂଚନା ଦେଉଛନ୍ତି । ଏହିପରି ଜୟପୁର ସହରର ଖ୍ରୀଷ୍ଟିଆ ସାହି ଛକ ଠାରୁ ନୂଆ ସରକାରୀ ବସଷ୍ଟାଣ୍ଡ, ମହିଳା ମହାବିଦ୍ୟାଳୟ, ଢେପଗୁଡା, ଗାନ୍ଧିଛକ, ହାଟପଦା ନିକଟରେ ରାସ୍ତା ପାର୍ଶ୍ୱରେ ଉଠାଦୋକାନୀ ଏବଂ ଭାରୀଯାନ ଗୁଡିକ ବେଆଇନ ପାର୍କିଂ କରିଥିବା ଯୋଗୁଁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି । ତେଣୁ ପ୍ରଶାସନ ଏବଂ ପୌରସଂସ୍ଥା ପକ୍ଷରୁ ମିଳିତ ପଦକ୍ଷପ ଗ୍ରହଣ କରାଯାଇଛି । ଏହି ଉଚ୍ଛେଦ ସମୟରେ ତହସିଲ ରାଜସ୍ୱ ନିରୀକ୍ଷର ହରିହର ଶତପଥି, ଦିଲ୍ଲୀପ କୁମାର ପ୍ରଧାନ, ପୌରସ୍ୱାସ୍ଥ୍ୟ ନିରୀକ୍ଷକ ଭବାନୀ ହାଲବା, ପି.ଜଗଦିଶ୍ୱର ରାଓ, ସତ୍ୟନାରାୟଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ବେଆଇନ ପଲିଥିନ୍ ବ୍ୟବହାର ବୃଦ୍ଧି

**ଉମରକୋଟ, ୧୫।୧୧(ସମିସ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଠାରେ ପଲିଥିନ ବ୍ୟବହାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏଥିଯୋଗୁଁ ପରିବେଶରେ ବିଷ ବଳୟ ସୃଷ୍ଟି ହେଉଛି । ଛୋଟିଆ ଦୋକାନଠାରୁ ଆରମ୍ଭକରି ବଡ଼ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ପର୍ଯ୍ୟନ୍ତ ସାମାନ୍ୟ ସୁବିଧା ପାଇଁ ପଲିଥିନ ବ୍ୟବହାର କରୁଛନ୍ତି । ହୋଟେଲ ଗୁଡ଼ିକରେ ଖଲିପତ୍ର ବଦଳରେ ପଲିଥିନ ଉପରେ ଖାଦ୍ୟ ପରସା ଯାଉଛି । ଦୈନିକ ବଜାର ଠାରେ ମଧ୍ୟ କୁଢ଼ କୁଢ଼ ଆବର୍ଜନା ପଡୁଥିବା ପଲିଥିନ ଗାଈଗୋରୁ ଖାଇ ପ୍ରାଣୀଧନ ଚିକିତ୍ସା କେନ୍ଦ୍ରକୁ ଆସୁଛନ୍ତି । ପଲିଥିନ ଖାଇବା ଦ୍ୱାରା ରୋଗାଗ୍ରସ୍ତ ହେଉଛନ୍ତି । ପଲିଥିନ ବ୍ୟାନ୍ ନିୟମ ରହିଥିଲେ ମଧ୍ୟ ଏହାକୁ ମାନୁନାହାନ୍ତି । ପ୍ରଶାସନିକ ଅଧିକାରୀ ମଧ୍ୟ ସବୁଜାଣି ଆଖି ବୁଜି ଦେଇଛନ୍ତି । ଫଳରେ ପରିବେଶ ଉପରେ କୁପ୍ରଭାବ ପଡୁଛି । ସହରର ଯେଉଁ ସ୍ଥାନରେ ଆବର୍ଜନା ପଡ଼ିରହୁଛି, ସେଠାରେ ୫୦ ପ୍ରତିଶତ କେବଳ ପଲିଥିନ । ପଡ଼ୋଶୀ ରାଜ୍ୟରୁ ପଲିଥିନ ଆଣି ହୋଲସେଲରମାନେ ବିକ୍ରି କରି ବେଶ ମୁନାଫା କରୁଛନ୍ତି । ପୌର ପରିଷଦ ପକ୍ଷରୁ ପଲିଥିନ ବ୍ୟବହାରକୁ ବ୍ୟାନ୍ ଘୋଷଣା କରାଯାଇ କିଛିଦିନ ଧରପଗଡ଼ କରାଗଲା । । ପରେ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା । କିଛି ଦିନ ପରେ ପୁଣିଥରେ ଖୋଲାଖୋଲି ଭାବେ ପଲିଥିନ ବ୍ୟବହାର ସମସ୍ତେ କରୁଛନ୍ତି । କେବଳ କଟକଣା ନୁହେଁ ଲୋକଙ୍କୁ ସଚେତନତାର ଆବଶ୍ୟକ ରହିଛି । ସହରରେ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ଗୋଦାମ ଗୁଡ଼ିକରେ ଚଢ଼ଉ କରିବାର ଆବଶ୍ୟକ ରହିଛି । ତଥାପି ପ୍ରଶାସନ ଏହାକୁ ରୋକିବାରେ ଫେଲ୍ ମାରିଛି । ଏସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ କହିଛନ୍ତି ପୌର ପ୍ରଶାସନ ପକ୍ଷରୁ ପଲିଥିନ ହଟାଇବା ପାଇଁ ସମସ୍ତ ଉଦ୍ୟମ ଚାଲିଛି । ଆଗାମୀ ଦିନରେ ଜୋରଦାର ଧରପଗଡ଼ କରଯିବ ।

# ସେମିଲିଗୁଡ଼ାରେ ଶିଶୁ ଦିବସ ପାଳିତ

**ସେମିଲିଗୁଡ଼ା, ୧୫।୧୧(ସମିସ):** ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁଙ୍କ ଜୟନ୍ତୀ ଅବସରରେ ସେମିଲିଗୁଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିଶୁ ଦିବସ ଉତ୍ସବ ଉତ୍ସାହର ସହିତ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷା ଡ. ଝାନ୍ସୀ ସିଂହ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀମାନେ ମିଶି କାର୍ଯ୍ୟକ୍ରମକୁ ସଫଳ୍ୟ କରିଥିଲେ । ଅଧ୍ୟାପକ ସୁଭ୍ରାଂଶୁ ସୁନ୍ଦର ଦାସ, ନିରଞ୍ଜନ ପୋଡ଼, ରମେଶ ମଲ୍ଲିକ, ସଙ୍ଗୀତ ପଣ୍ଡା, ଅମିତା ଦାସ ମତବ୍ୟକ୍ତ କରିଥିଲେ । ଛାତ୍ରଛାତ୍ରୀ




ମାନେ ମିଳିତ ଭାବେ ଦେଶାତ୍ମବୋଧ ଗୀତ ଗାନ କରିଥିଲେ । ଆଜିର ଏହି ଛାତ୍ରଶକ୍ତି ହିଁ ଆଗାମୀ କାଲିର ଭାରତ ଗଠନ କରିବେ । ତେଣୁ ସେମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ଶିକ୍ଷା ଓ ସୁଯୋଗ ପ୍ରଦାନ କରିବା ସମସ୍ତଙ୍କର ଦାୟିତ୍ୱ । କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ଅଧ୍ୟାପକ ରୋହିଣୀ ସିରିକା ଏବଂ ବିଜୟ ଲକ୍ଷ୍ମୀ ଦଳଇ, ହର ପ୍ରସାଦ ପତି, ବିନୋଦ ଲେଙ୍କା ସହିତ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

ସେହିପରି ସେମିଲିଗୁଡା ବ୍ଲକ ଅନ୍ତର୍ଗତ ପାଖଝୋଲା ପଞ୍ଚାୟତର ଉପରମାନିଆ ଜୟ ପ୍ରକାଶ ଉଚ୍ଚ ବିଦ୍ୟାଳୟ ଠାରେ ଆଜି ଶିଶୁ ଦିବସ ପାଳିତ ହୋଇ ଯାଇଛି ଏହି ଶିଶୁ ଦିବସ ରେ ଏକ ସଭା ଅନୁଷ୍ଠିତ ହୋଇ ଥିଲା ଜୟ ପ୍ରକାଶ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀ ଯୁକ୍ତ ଅଶୋକ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇ ଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିନ ପ୍ରଧାନ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବରିଷ୍ଠ ସମ୍ପ୍ରସାରଣ ଅଧିକାରୀ କଫି ବୋର୍ଡ, ଭାରତ ସରକାର, କୋରାପୁଟ ଉପେନ୍ଦ୍ର ଶାହା, ଅତିଥି ଗୋଷ୍ଠୀ ପ୍ରକଳ୍ପ ପରିଚାଳନା, ସେମିଲିଗୁଡା ସ୍ନେହଲତା ମିଶ୍ର, ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ସଦାଶିବ ବାରିକ ପ୍ରମୁଖ ଯୋଗଦାନ କରିଥିଲେ । ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଶେଷରେ ସାଂସ୍କୃତିକ କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ଶିକ୍ଷକ ଚନ୍ଦ୍ରକାନ୍ତ ନାୟକ, ବରିଷ୍ଠ ଶିକ୍ଷକ ଧନେଶ୍ୱର ମହାପାତ୍ର, ବରିଷ୍ଠ ଶିକ୍ଷକ ଚୈତନ୍ୟ ପ୍ରସାଦ ନାୟକ, ସୀମାଞ୍ଚଳ ବାରିକ, ବସନ୍ତ କୁମାର ବେହେରା, ଭ୍ରମରବର ସାହୁ, ରଘୁନାଥ ଗୁଣ୍ଟା ପ୍ରମୁଖ ଉପସ୍ଥିତ ରହିଥିଲେ । ଶେଷରେ ଚନ୍ଦ୍ରକାନ୍ତ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିଶୁ ଦିବସ ଓ ଜନଜାତୀୟ ଗୌରବ ଦିବସ

**ପଟ୍ଟାଙ୍ଗି, ୧୫।୧୧(ସମିସ):** କୋରାପୁଟ ଜିଲ୍ଲା କୁନ୍ଦୁଲି ପଞ୍ଚାୟତ ଅନ୍ତର୍ଗତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପୁଙ୍ଗାର ଠାରେ ଶିଶୁଦିବସ ଏବଂ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି ।ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ଇଂରାଜୀ ବିଭାଗର ଅଧ୍ୟାପକ ପ୍ରଣବ କିଶୋର ପଟ୍ଟନାୟକ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ଷଷ୍ଠ ଶ୍ରେଣୀ ଛାତ୍ରୀ ମାନସା ପାଙ୍ଗି ଓ ସପ୍ତମ ଶ୍ରେଣୀ ଛାତ୍ର ନାଗେଶ ଯାନି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିଶୁ ଦିବସକୁ ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ । ଶେଷରେ ଛାତ୍ର ଓ ଶିକ୍ଷକ ଏବଂ ଛାତ୍ରୀ ଓ ଶିକ୍ଷୟତ୍ରୀଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ



ହୋଇଥିଲା । ବିଜୟୀ ଶିକ୍ଷକ ଓ ଛାତ୍ରୀ ଦଳଙ୍କୁ ଟ୍ରଫି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରା ଯାଇଥିଲା । ବିଦ୍ୟାଳୟର ସାଂସ୍କୃତିକ ବିଭାଗ ତରଫରୁ ଅର୍ଥନୀତି ଅଧ୍ୟାପିକା ଛାୟା ଯାଦବ ଓ ହିନ୍ଦୀ ଶିକ୍ଷକ ସଞ୍ଜୟ ଖୁସଓ୍ୱା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଦ୍ୱିତୀୟ ଦିବସରେ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ତଥା ଜନଜାତୀୟ ଗୌରବ ଦିବସ ପାଳନ କରାଯାଇଥିଲା । ଏଥିରେ ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ମହେଶ ଚପାଡ଼ିଙ୍କ ନେତୃତ୍ୱରେ ପିଲାଙ୍କ ଦ୍ୱାରା ନିର୍ମିତ ସେଲଫି ପଏଣ୍ଟ ବେଶ୍ ଆକର୍ଷଣୀୟ ହୋଇଥିଲା । ୧ ନଭେମ୍ବରରୁ ୧୫ ନଭେମ୍ବର ପର୍ଯ୍ୟନ୍ତ ଜନଜାତୀୟ ଗୌରବ ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ଫଳକ ପ୍ରଦାନ କରି ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଓଡ଼ିଆ ବିଭାଗର ଅଧ୍ୟାପକ ଯଶୋବନ୍ତ ମେହେର ଏବଂ ଶିକ୍ଷୟିତ୍ରୀ ତେଜାସ୍ୱିନୀ ଟାକ୍ରି ପରିଚାଳନା ତଥା ସଂଯୋଜନା କରିଥିଲେ । ଶେଷରେ ଶିକ୍ଷକ ଅଭିଜିତ ପରିଡ଼ା ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଠିକା ଶ୍ରମିକଙ୍କ ହାଲ୍ ମୁଖ୍ୟ ଫାଟକରେ ଧାରଣା

**ସୁନାବେଡ଼ା, ୧୫।୧୧(ସମିସ):** ସୁନାବେଡା ସ୍ଥିତ ହାଲ କମ୍ପାନୀରେ କାର୍ଯ୍ୟରତ ପ୍ରାୟ ୨୫୦୦ରୁ ଅଧିକ ଠିକା ଶ୍ରମିକ ବିଭିନ୍ନ ଦାବି ନେଇ ଶନିବାର ସକାଳେ ହାଲର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ପ୍ରଦର୍ଶନ କରିଥିଲେ । ଘଟଣାରୁ ପ୍ରକାଶ ଯେ, ଠିକା ଶ୍ରମିକ ମାନଙ୍କୁ ମାସିକ ଦରମା ଠିକ୍ ଭାବରେ ସେମାନଙ୍କ ଦରମା ମିଳି ନ ଥିବା



ବେଳେ ସେମାନେ ୨୦ ବର୍ଷ ପୂର୍ବେ ଯେତିକି ଦରମା ପାଉଥିଲେ, ବର୍ତ୍ତମାନ ମଧ୍ୟ ସେତିକି ଦରମା ପାଉଛନ୍ତି । ତା ' ଛଡ଼ା ମାସକୁ ୨୬ ଦିନ ବଦଳରେ କେବଳ ୧୮ /୨୦ ଦିନର କାମ ହିଁ ମିଳୁଛି । ଯଦ୍ୱାରା ସେମାନଙ୍କ ପରିବାର ଚଳାଇବା କଷ୍ଟସାଧ ହେଉଛି । ସୁରକ୍ଷା ନିମନ୍ତେ ଯାହାବି ସାମଗ୍ରୀ ଦେବା କଥା ସେ ସବୁ କିଛି ଦେଉନାହାନ୍ତି । ତାଙ୍କୁ ମିଳିଥିବା ଘର ବାବଦରେ ଅଧିକ ଟଙ୍କା କଟୁଛି ଏବଂ ତାଙ୍କର ଦାବି ତାହା ଦରମାରୁ କରିବା ବ୍ୟବସ୍ଥା କରିଦିଅନ୍ତୁ । କାରଖାନାରେ ତାଙ୍କୁ କାମରୁ କାଢି ଦେବୁ ବୋଲି କହି ମାନସିକ ନିର୍ଯାତନା ଦିଆଯାଉଛି । ଠିକା ଶ୍ରମିକ ମାନଙ୍କ ଉପରିସ୍ଥ ସମସ୍ୟା ସମ୍ପର୍କରେ ପ୍ରଧାନମନ୍ତ୍ରୀ, ଶ୍ରମ ମନ୍ତ୍ରୀ, ହାଲ୍ ବାଙ୍ଗାଲୋରର କର୍ପୋରେଟ ଅଫିସ, ଲେବର କମିଶନର, ଜିଲ୍ଲାପାଳ, ହାଲର ମହା ପ୍ରବନ୍ଧକଙ୍କୁ ଲିଖିତ ଅଭିଯୋଗ ଜଣାଇଥିବା ଜଣାଯାଇଛି । ଦାବି ଗୁଡ଼ିକର ସମାଧାନ ନ ହେଲେ ଧାରଣ ତୀବ୍ର ହେବ ବୋଲି କହିଛନ୍ତି ।

# ପୁଟସିଲଠାରେ ଇକୋ ରିଟ୍ରିଟ୍ ଉଦ୍‌ଘାଟିତ

**ସେମିଲିଗୁଡା, ୧୫।୧୧(ସମିସ):** କୋରାପୁଟ ଜିଲ୍ଲାର ସେମିଲିଗୁଡା ବ୍ଲକ ଅନ୍ତର୍ଗତ ଦୁଧାରୀ ପଞ୍ଚାୟତ ସ୍ଥିତ ପୁଟସିଲ ଠାରେ ଇକୋ ରିଟ୍ରେଟ ୨୦୨୫ ଆଭାସୀ ମାଧ୍ୟମରେ ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ




ଉଦ୍‌ଘାଟନ ହୋଇଯାଇଛି । ପୁଟସିଲ ଠାରେ ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ସେମିଲିଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିନ କୁମାର ପ୍ରଧାନ, ତହସିଲଦାର ଦେବବ୍ରତ କରାଟି, ବ୍ଲକ ଅଧକ୍ଷା ଲିଲି ଅଣ୍ଟାବିରିଆ, ଦୁଧାରୀ ସମିତି ସଭ୍ୟ ସୁଷମା ପାଙ୍ଗି, ସରପଞ୍ଚ ମାଧବ ନନ୍ଦିବାଲୀ, ଜିଲ୍ଲା ପରିଷଦ ସଭ୍ୟ ମୋହନ ଜାନି ଉପସ୍ଥିତ ଥିଲେ । ଏହି ଇକୋ ରିଟ୍ରେଟ ଆଜି ଠାରୁ ପର୍ଯ୍ୟଟକଙ୍କ ପାଇଁ ଆସନ୍ତା ଫେବୃୟାରୀ ମାସ ପର୍ଯ୍ୟନ୍ତ ଖୋଲା ରହିବ । ସମୁଦାୟ ୨୫ଟି ସୁଟ ରହିଛି । ପଞ୍ଚତାରକା ହୋଟେଲର ସୁବିଧା ଏଠି ପର୍ଯ୍ୟଟକ ମାନେ ପାଇପାରିବେ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସୟଦ ସବୀର ସାହା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ପ୍ରାଚୀନ କଳା ଓ ସଂସ୍କୃତି ପରିଷଦର ୩ ବିଦ୍ୟାର୍ଥୀ ପୁରସ୍କୃତ

**ସୁନାବେଡ଼ା, ୧୫।୧୧(ସମିସ):** ଶିଶୁ ଦିବସ ପାଳନ ଅବସରରେ ଏସ୍ ଏଜୁକେସନର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ୨ଟି ବର୍ଗରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । ଉକ୍ତ ପ୍ରତିଯୋଗିତାରେ ସୁନାବେଡ଼ା, ସେମିଲିଗୁଡା, ଦାମନଯୋଡିର ବିଭିନ୍ନ ବିଦ୍ୟାଳୟ ଓ ଶିକ୍ଷା




ଅନୁଷ୍ଠାନର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଏସ୍ ଏଜୁକେସନର ନିର୍ଦ୍ଦେଶକ ରାଜ ନୃସିଂହ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଓ ଏସ ଏଜୁକେସନର ଅଧ୍ୟକ୍ଷା ଭବାନୀ ଆଚାର୍ଯ୍ୟ, ଏକାଡେମିକ୍ ସଂଯୋଜକ ଅମିୟ ରଞ୍ଜନ ବେହେରାଙ୍କ ସହଯୋଗରେ ଅନ୍ୟ କର୍ମଚାରୀ ପୂଜା ସିଂ, ଶୀତଳ ଦଳାଇ, ସୁଜିତ୍ କୁମାର ଗୌଡ଼, ଚନ୍ଦନ ବିଶୋଇ ଉପସ୍ଥିତ ରହି ଏହି ଶିଶୁ ଦିବସ ପାଳିତ ହୋଇଯାଇଛି । ତନ୍ମଧ୍ୟରୁ ଚିତ୍ରାଙ୍କନ ପ୍ରତିଯୋଗିତାର କନିଷ୍ଠ ବର୍ଗରେ ଦାମନଯୋଡିର ସ୍ୱାତୀ ପ୍ରଧାନ ପ୍ରଥମ ସ୍ଥାନ, ଶୁଭସ୍ମିତା ତ୍ରିପାଠୀ ଦ୍ୱିତୀୟ ସ୍ଥାନ, ବରିଷ୍ଠ ବର୍ଗରେ ଆଦ୍ୟାଶା ମହାପାତ୍ର ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ଏହି ସଫଳତା ପାଇଁ ପ୍ରାଚୀନ କଳା ଓ ସଂସ୍କୃତି ପରିଷଦର ସଭାପତି ଶେଖ ଇବ୍ରାହିମ, ସମ୍ପାଦକ ମନୋଜ କୁମାର ମୁଦୁଲି, ଉପଦେଷ୍ଟା ଅମ୍ବିକା ପ୍ରସାଦ ପଟ୍ଟନାୟକ, ଯୁଗ୍ମ ସଚିବ ଅନୁରାଗ ପାତ୍ର, ପରିଚାଳନା ସଚିବ ତାପସ କୁମାର ମଲ୍ଲିକ, ଶିକ୍ଷୟତ୍ରୀ ହୃଦାଞ୍ଜଳି ନାୟକ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି ।

# ଏମ୍‌ଏସ୍ ସ୍ୱାମୀନାଥନ୍‌ର ଜନଜାତୀୟ ଗୌରବ ବର୍ଷ ଉଦ୍‌ଯାପିତ

**ଜୟପୁର, ୧୫ ।୧୧(ସମିସ):** ସ୍ୱାଧୀନତା ସଂଗ୍ରାମୀ ବିରସାମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ 'ଜନଜାତୀୟ ଗୌରବ ବର୍ଷ' କାର୍ଯ୍ୟକ୍ରମ ଉଦ୍‌ଯାପନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କୁନ୍ଦୁରା, ବୈପାରିଗୁଡ଼ା, କୋରାପୁଟ, ପଟାଙ୍ଗୀ ଓ ଦଶମନ୍ତପୁର ବ୍ଲକର ୧୦୦ରୁ ଅଧିକ ଜନଜାତି ଚାଷୀ ଯୋଗ ଦେଇଥିଲେ । ସେମାନେ ନିଜର ସମୃଦ୍ଧ ସଂସ୍କୃତି, ପାରମ୍ପରିକ ଜ୍ଞାନ ଓ ପରମ୍ପରାକୁ ସୁରକ୍ଷିତ ରଖି ବାୟୋ ହ୍ୟାପିନେସ ଲକ୍ଷ୍ୟ ସାଧନ କରିବାର ଆବଶ୍ୟକତାକୁ ଉଲ୍ଲେଖ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭଗବାନ ବିରସା ମୁଣ୍ଡାଙ୍କ ଜୀବନ ଓ ସଂଘର୍ଷ ଜନଜାତି ସମାଜ ପାଇଁ ତାଙ୍କର ଅମୂଲ୍ୟ ଅବଦାନକୁ ସ୍ମରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ଏ. ଶସ୍ୟା ରେଡ୍ଡି ଯୋଗ ଦେଇ ଲକ୍ଷ୍ମଣ ନାୟକଙ୍କ ଅମର ତ୍ୟାଗକୁ ସ୍ମରଣ କରି ଭଗବାନ ବିରସା ମୁଣ୍ଡାଙ୍କ ସାହସ ଓ ନେତୃତ୍ୱ ବିଷୟରେ ଆଲୋଚନା କରିଥିଲେ । ନିର୍ଦ୍ଦେଶକ ପ୍ରଶାନ୍ତ ପରିଡ଼ା ଓ ଡ.କାର୍ତ୍ତିକ ଚରଣ ଲେଙ୍କା ଉପସ୍ଥିତ ଥିଲେ । ବିଭିନ୍ନ ଅଞ୍ଚଳର ଚାଷୀଙ୍କୁ ନିଜର ବୀଜ, ପାରମ୍ପରିକ ପ୍ରଥା ଓ ସଂସ୍କୃତିକୁ ସୁରକ୍ଷା କରିବାରେ ଅନବରତ ପ୍ରୟାସ ପାଇଁ ସମ୍ମାନିତ କରାଯାଇଥିଲା । ଶେଷରେ ଶ୍ରୀ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ ।

# କଂଗ୍ରେସ ଭବନରେ ନେହେରୁ ଜୟନ୍ତୀ

**ଜୟପୁର, ୧୫ ।୧୧(ସମିସ):** ଜୟପୁର ସ୍ଥିତ ଜିଲ୍ଲା କଂଗ୍ରେସ ଭବନ ପରିସରରେ ସ୍ୱର୍ଗତ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ କମିଟି ସଭାପତି ରୂପକ ତୁରୁକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ



ତାଙ୍କ ସ୍ମୃତିଚାରଣ କରିଥିଲେ । ଉପସ୍ଥିତ ବକ୍ତାମାନେ ନେହୁରଙ୍କ ଜୀବନୀ ବିଷୟରେ ଆଲୋକପାତ କରିବା ସହ ଜିଲ୍ଲା କଂଗ୍ରେସ ଦଳକୁ ସୁଦୃଢ଼ କରିବା ପାଇଁ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ନିମାଇଁ ସରକାର, ମଦନ ମୋହନ ନାୟକ, ହାସନ ମଦାନି, ବ୍ରଜ ନାଗ, ଦୁର୍ଗା ଶର୍ମା, ବସନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ବୁଲିଲା ସାଇବର ସୁରକ୍ଷା ସଚେତନତା ରଥ



**କୋଷାଗୁମୁଡା, ୧୫।୧୧(ସମିସ):** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ାରେ ଆଜି ସାଇବର ସୁରକ୍ଷା ନେଇ ଏକ ସଚେତନ ରଥ ବୁଲିଛି । ଲୋକଙ୍କୁ ସାଇବର ଠକେଇରୁ ସୁରକ୍ଷା ପାଇଁ ଏହି ସଚେତନ ରଥ କୋଷାଗୁମୁଡା ପୋଲିସ ପକ୍ଷରୁ ସହର ପରିକ୍ରମା କରିଥିଲା । ସ୍କୁଲ କଲେଜ ଯାଇ ଛାତ୍ରୀ ମାନଙ୍କୁ ସାଇବର ସୁରକ୍ଷା ନେଇ ସଚେତନ କରାଯାଇଥିଲା । ଇଣ୍ଟରନେଟ୍‌ର ସୁରକ୍ଷା, ସୋସିଆଲ ମିଡ଼ିଆ ସତର୍କତା, ମୋବାଇଲ ଗେମିଂ, ମୋବାଇଲରେ ଆର୍ଥିକ କାରବାର, ଅନ୍‌ଲାଇନ୍ ବ୍ରାଉଜିଂ, ଫେସବୁକ୍, ହ୍ୱାଟ୍‌ସଆପ୍, ଇନ୍‌ଷ୍ଟାଗ୍ରାମ ଆଦି ସୋସିଆଲ ମିଡିଆରେ ନିଜ ଫୋଟ ନ ଦେବା ନେଇ ବିସ୍ତୃତ ସଚେତନ କରାଯାଇଥିଲା । ସେହିପରି ଅଜଣା ଫୋନ କଲ୍ ଉପରେ ସତର୍କତା ଗ୍ରହଣ କରିବାକୁ କୁହା ଯାଇଥିଲା । ଅସାବଧାନତା ଯୋଗୁଁ ସାଇବର ଠକେଇର ଶିକାର ହେଲେ ୧୯୩୦ ନମ୍ବରରେ ଫୋନ କରିବାକୁ କହିଥିଲେ । ଛାତ୍ରୀମାନଙ୍କ ଦ୍ୱାରା ସାଇବର ସୁରକ୍ଷା ନେଇ ଏକ ସଚେତନ ଡ୍ରାମା ସହ ନୃତ୍ୟ ପରିବେଷଣ କରାଯାଇଥିଲା ।

# କେସିସି ବ୍ୟାଙ୍କରେ ସମବାୟ ସପ୍ତାହ



**ଜୟପୁର, ୧୫ ।୧୧(ସମିସ):** କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳିତ ହୋଇଯାଇଛି । ଏହି ସମବାୟ ସପ୍ତାହ ନଭେମ୍ବର ମାସର ୧୪ ତାରିଖ ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ । ଚଳିତ ବର୍ଷ ସମବାୟ ସପ୍ତାହର ଶୀର୍ଷକ 'ଆତ୍ମନିର୍ଭର ଭାରତ ପାଇଁ ସମବାୟ ଏକ ମାଧ୍ୟମ' ରହିଛି । ସଭାପତି ଇଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ବରିଷ୍ଠ ନିର୍ଦ୍ଦେଶକ ରମାକାନ୍ତ ରାଉଳ, ସମ୍ପାଦକ ଅତୁଲ୍ୟ କୁମାର ମଲ୍ଲିକ, ଏଜିଏମ୍ ହରିଶଚନ୍ଦ୍ର ବାନାଗାଡି, କେନ୍ଦ୍ର ସମବାୟ ବ୍ୟାଙ୍କର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଅବସରରେ ସମବାୟ ଅନୁଷ୍ଠାନର ସଭ୍ୟ ପରିଚାଳନା ପରିଷଦ ସଦସ୍ୟ ଓ ସଦସ୍ୟା ଓ ସମବାୟବିତ୍ ଏବଂ ଏହି ଆନ୍ଦୋଳନ ସହିତ ଜଡିତ ପ୍ରତ୍ୟେକ ବ୍ୟକ୍ତି ବିଶେଷ ତଥା ସମସ୍ତ ଜନସାଧାରଣଙ୍କୁ ସମବାୟ ସପ୍ତାହ ପାଳନ ଅବସରରେ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ । ବିକଶିତ ଓଡ଼ିଶା ଗଠନର ସ୍ୱପ୍ନକୁ ସାକାର କରିବାରେ ସମବାୟ ଅନୁଷ୍ଠାନ କ୍ରାନ୍ତିକାରୀ ଭୂମିକା ଗ୍ରହଣ କରିବ ବୋଲି ଉପସ୍ଥାପନ କରିଥିଲେ । ଏହି ପରିପେକ୍ଷୀରେ ରମାକାନ୍ତ ରାଉଳ ସମବାୟ ପତାକା ଉତ୍ତୋଳନ କରିଥିଲେ । ଶେଷରେ ଅତୁଲ୍ୟ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳିତ

# ଡାବୁଗାଁ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଉଦ୍‌ଘାଟିତ

ଡାବୁଗାଁ, ୧୫।୧୧(ସମିସ)



ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅଧୀନ ଘୋଡାଖୁଣ୍ଟା ପଞ୍ଚାୟତ ଅଧୀନ କୁରୁପା ଠାରେ ନବ ନିର୍ମିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିସରରେ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ବାର୍ଷିକ ଉପଲକ୍ଷେ ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ଶନିବାର ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଯୋଗ ଦେଇ ପ୍ରଥମେ ଭଗବାନ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ପରେ ଡାବୁଗାଁ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରଯାଇଥିଲା । ନବରଙ୍ଗପୁର ଜିଲାପାଳ ଡଃ ମହେଶ୍ୱର ସ୍ୱାଇଁଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସାଂସଦ ମୁଜିବୁଲ୍ଲା ଖାନ୍, ନବରଙ୍ଗପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଡାବୁଗାଁ ବ୍ଲକ ଅଧକ୍ଷା ବୀଣା ମାଝୀ, ଡାବୁଗାଁ ଜୋନ-୧ ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଘୋଡାଖୁଣ୍ଟା ପଞ୍ଚାୟତ ସମିତି ସଭ୍ୟ ପରଶୁରାମ ଶବର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପଣ୍ଡା, ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ରାଜୀବ କୁମାର ସାହୁ, ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଜିଲା ମତ୍ସ୍ୟ ଅଧିକାରୀ ବିଷ୍ଣୁ ଚରଣ କିଶାନ, ଜିଲା ମୁଖ୍ୟ କୃଷି ଅଧିକାରୀ ସୁଧୀର ରଞ୍ଜନ ବେହେରା, ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦି କହଁର, ଡିଆଇପିଆରଓ ମନୋଜ କୁମାର ବେହେରା, ଡାବୁଗାଁ ତହସିଲଦାର ଗୀତା ମୁର୍ମୁ, ବିଡିଓ ଶରତ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ । ଏଥିରେ ଅତିଥି ମାନେ ବିର୍ସା ମୁଣ୍ଡାଙ୍କ ଜନ୍ମ ବାର୍ଷିକକୁ ଆଦିବାସୀଙ୍କ ଗୌରବ ଦିବସ ରୂପେ ପାଳନ କରାଯିବା ନେଇ ଆଲୋଚନା ହୋଇଥିଲା । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ଛାତ୍ରୀଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହା ସହ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ମୋଟ ୩୭ ୟୁନିଟ ରକ୍ତ ସଂଗ୍ରହ କରଯାଇଥିଲା । ଅପରାହ୍ନରେ ଭିଡିଓ କନଫରେନ୍ସି ଦ୍ୱାରା ଭରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡାବୁଗାଁରେ ନବନିର୍ମିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଉଦ୍‌ଘାଟନ କରିଥିଲେ । ଶେଷରେ ଛାତ୍ରୀଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରଯାଇଥିଲା । ଏଥିରେ ଜିଲ୍ଲା ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।

### ଚରମ୍ପା ଷ୍ଟେସନରୋଡ଼ରେ ଜବର ଦଖଲ ଉଚ୍ଛେଦ ଆରମ୍ଭ

# ପ୍ରଥମ ଦିନରେ ମାଟିରେ ମିଶିଲା ୮୦ ଦୋକାନ

ଭଦ୍ରକ, ୧୫ ।୧୧(ସମିସ)



**୪ରୁ ଊର୍ଦ୍ଧ୍ୱ ଦୁଇ ମହଲା କୋଠା ବି ଭଙ୍ଗାଗଲା**

ଶନିବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଭଦ୍ରକ ଚରମ୍ପା ଷ୍ଟେସନ ରୋଡରେ ସରକାରୀ ଜମିରୁ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି । ପ୍ରଥମ ଦିନ ଉଚ୍ଛେଦ ଅଭିଯାନରେ ୪ଟି ଜେସିବି ସହ ପୌର କର୍ମଚାରୀ ନିୟୋଜିତ ଥିଲେ । ପ୍ରାୟ ୮୦ଟି ଭଳି ପୁରୁଣା ପକ୍କା ଦୋକାନ ଘରକୁ ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି । ଏଥିରେ ୪ରୁ ଅଧିକ ଦ୍ୱିମହଲା କୋଠା ବି ରହିଛି । ସୂଚନାଯୋଗ୍ୟ, ଗତ ୭ ତାରିଖରେ ଚରମ୍ପା ଷ୍ଟେସନ ରୋଡରୁ ଜବରଦଖଲ ଉଚ୍ଛେଦ ନେଇ ପ୍ରଶାସନର କଡା ତାଗିଦ କରିଥିଲେ । ପରେ ଚରମ୍ପା ଷ୍ଟେସନ ରୋଡର ବ୍ୟବସାୟୀମାନେ ୭ ତାରିଖରୁ ନିଜ ନିଜ ଦୋକାନକୁ ଖୋଲିଦେଇଥିଲେ । ଉଚ୍ଛେଦ ପୂର୍ବରୁ ବ୍ୟବସାୟୀମାନେ ଦୋକାନ ସାମଗ୍ରୀ ଗୁଡିକୁ ଖୋଲି ଟ୍ରଲି, ଅଟୋ, ମିନିଟ୍ରକ ଆଦିରେ ନିଜ ହେପାଜତକୁ ନେଇଯାଇଥିଲେ । ପ୍ରକାଶ ଥାଉକି, ପାଖାପାଖି ୫୦ବର୍ଷରୁ ଅଧିକ ବର୍ଷ ଧରି ଭଦ୍ରକ ଚରମ୍ପା ଷ୍ଟେସନ ରୋଡର ଉଭୟ ପାର୍ଶ୍ୱରେ ଥିବା ସରକାରୀ ଜାଗାରେ ୧୫୦ରୁ ଅଧିକ ବ୍ୟବସାୟୀମାନେ ବ୍ୟବସାୟ ଚଳାଇ ଆସୁଥିଲେ । ଷ୍ଟେସନ ରୋଡକୁ ପ୍ରଶସ୍ତିକରଣ କରିବା ପାଇଁ ଅତୀତରେ ପ୍ରଶାସନ ପକ୍ଷରୁ ଜବର ଦଖଲ ଉଚ୍ଛେଦ ଉଦ୍ୟମ ହୋଇଥିଲା । ତେବେ ସ୍ଥାନୀୟ କେତେକ ବ୍ୟବସାୟୀ ଏହି ଉଚ୍ଛେଦକୁ ନେଇ କୋର୍ଟରେ ଆଶ୍ରୟ ନେଇଥିବାରୁ ଏହା ସଫଳ ହୋଇନଥିଲା । ସୂଚନାନୁଯାୟୀ, ପୂର୍ତ୍ତ ବିଭାଗ ଅଧିନରେ ଥିବା ଉକ୍ତ ରାସ୍ତାର ୪୨ଫୁଟ ଚଉଡା ଓସାର ର ଏହି ଷ୍ଟେସନ ରାସ୍ତାରେ ଜବରଦଖଲ କରି ବ୍ୟବସାୟୀମାନେ ସେମାନଙ୍କ ବ୍ୟବସାୟ ପ୍ରତିଷ୍ଠାନ (କୋଠା) ନିର୍ମାଣ କରିଥିବାରୁ ଏହା ସଂକୁଚିତ ହୋଇ ୨୪ ଫୁଟରେ ସୀମିତି ଥିଲା । ଫଳରେ ଷ୍ଟେସନ ରୋଡ ରାସ୍ତାରେ ୨ଟି ଚାରିଚକିଆ କିମ୍ବା ୩ଚକିଆ ଗାଡି ଏକାସଙ୍ଗେ ଯାତ୍ରା କରିବା ମୁସ୍କିଲ ହୋଇପଡୁଥିଲା । ଅନ୍ୟପକ୍ଷରେ ରେଳଯାତ୍ରୀମାନେ ବି ଦୁର୍ଦ୍ଦଶାରେ ସମ୍ମୁଖୀନ ହେଉଥିଲେ । ତେଣୁ ଏହି ରାସ୍ତାକୁ ପ୍ରଶସ୍ତ କରିବା ସହ ଡବଲ ରାସ୍ତା କରିବାର ଲକ୍ଷ୍ୟ ନେଇ ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଥିବାରୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ମହଲରେ ଏହାକୁ ସ୍ୱାଗତ କରାଯାଇଛି । ଉଚ୍ଛେଦ ବେଳେ ଉପଜିଲ୍ଲାପାଳ ତଥା ଭଦ୍ରକ ପୌର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ସୌରଭ ଚକ୍ରବର୍ତ୍ତୀ, ତହସିଲଦାର ପ୍ରିୟଦର୍ଶନ ସଂଗ୍ରାମ କେଶରୀ ଖଣ୍ଡିଆ, ଆଡିସନାଲ ତହସିଲଦାର ସୁକାନ୍ତ କୁମାର ଦାଶ, ତହସିଲ ସୁପରଭାଇଜର- ଜ୍ୟୋତିରଞ୍ଜନ ପଣ୍ଡା ଓ ବିକାଶ ଦାସ, ରାଜସ୍ୱ ନୀରିକ୍ଷକ ଶରତ ମହାନ୍ତି, ମନୋରମା ଧଳ, ତ୍ରିଲୋଚନ ମଲ୍ଲିକ, ଗୌତମ ମଲ୍ଲିକ, ଅଙ୍କିତ ସୋରେନ୍ ସମେତ ପୁଲିସ ଉପସ୍ଥିତ ଥିଲେ । ଆଗାମୀ ଦିନରେ ଅବଶିଷ୍ଟ ଦୋକାନ ଗୃହକୁ ମଧ୍ୟ ଉଚ୍ଛେଦ କରାଯିବ ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଭଣ୍ଡାରିପୋଖରୀ, ୧୫।୧୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ କୁଲଣା ସାଧନକେନ୍ଦ୍ର ଅନ୍ତର୍ଗତ କୁଶଗଡ଼ିଆ ଘନଶ୍ୟାମ ନାୟକ ସରକାରୀ ପ୍ରାଥମିକ ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋସ୍ନାମୟୀ ଜେନାଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଅବସରପ୍ରାପ୍ତ ଶିକ୍ଷକ କାର୍ତ୍ତିକ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଦାୟକାଳୀନ ଉତ୍ସବରେ ଶିକ୍ଷା ସଂଯୋଜକ ବିପିନ ବିହାରୀ ଜେନା, ତ୍ରିଲୋଚନ ନାୟକ, ରାଧାଶ୍ୟାମ ମଲ୍ଲିକ, ପ୍ରଧାନଶିକ୍ଷକ ଉଦୟନାଥ ରାଉତ, ସାଉଁରୀ ମାର୍ଣ୍ଡି, ପ୍ରଫୁଲ୍ଲ ସ୍ୱାଇଁ, ଇନ୍ଦ୍ରଜିତ ହାସଁଦା, ଉମାକାନ୍ତ ରାଉତ, ଶିକ୍ଷୟିତ୍ରୀ ରୀନା ଦଳାଇ, ଅନୁପମା ପଣ୍ଡା, ମମତା ମହାନ୍ତି, ମାଣିକ ମହାରଣା, ଲିସାରାଣୀ ଓଝା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷୟିତ୍ରୀଙ୍କ ଛାତ୍ର ସୁଲଭ ଗୁଣାବଳୀ ଉପରେ ଆଲୋକପାତ କରିବା ସହ ତାଙ୍କ ଅବସରକାଳୀନ ନିରାମୟ ଜୀବନ କାମନା କରିଥିଲେ । ଏହି ଅବସରରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷା କାର୍ଯ୍ୟାଳୟ କର୍ମଚାରୀ ଶଶିଭୂଷଣ ଜେନା ଓ ମଳୟ ସେଠୀ ଅବସରକାଳୀନ ପେନସନ କାଗଜପତ୍ର ପ୍ରଦାନ କରିଥିଲେ ।

## ଏବିଭିପି ପକ୍ଷରୁ ସ୍ୱାଭିମାନ ଶୋଭାଯାତ୍ରା




**ଭଦ୍ରକ, ୧୫ ।୧୧(ସମିସ):** ମହାନ୍ ସ୍ୱାଧୀନତା ସଂଗ୍ରାମୀ, ଜନଜାତି ସମାଜର ଜନନାୟକ, ଭାରତର ଗର୍ବ ଓ ଗୌରବ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ତଥା ଜନଜାତି ଗୌରବ ଦିବସ ଅବସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଭଦ୍ରକ ପକ୍ଷରୁ ଶତାଧିକ ଛାତ୍ରଛାତ୍ରୀଙ୍କୁ ନେଇ ସ୍ୱାଭିମାନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରାଟି ଭଦ୍ରକ କଲେଜ ପରିସରରୁ ବାହାରି ଟାଉନ ହଲ ଛକରେ ଶେଷ ହୋଇଥିଲା । ବିଦ୍ୟାର୍ଥୀ ମାନେ ଭାରତ ମାତା କୀ ଜୟ, ବନ୍ଦେ ମାତରଂ, ଭଗ୍ୱାନ ବିର୍ସା ମୁଣ୍ଡା ଅମର ରହେ, ଜନଜାତି ଗୌରବ ଦିବସ ଜିନ୍ଦାବାଦ ଆଦି ସ୍ଲୋଗାନ ଦେଇଥିଲେ । ଜିଲ୍ଲା ସଂଯୋଜକ ଓଁକାର ମହାନ୍ତିଙ୍କ ଉପସ୍ଥିତିରେ ଛାତ୍ର ନେତା ଶୁଭମ୍ ପାଢ଼ୀ, ଏହାର ନେତୃତ୍ୱ ନେଇଥିଲେ । ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ଉପଲକ୍ଷେ ବର୍ଷତମାମ ବିଭିନ୍ନ କାର୍ଯ୍ୟକ୍ରମ ଯଥା ପାଠ୍ୟ ଚକ୍ର, ରକ୍ତଦାନ, ବୃକ୍ଷରୋପଣ, ସ୍ୱଚ୍ଛ ଭାରତ ଅଭିଯାନ, ବସ୍ତି ଅଞ୍ଚଳର ଆଲୋଚନାଚକ୍ର, ତର୍କ ଓ କୁଇଜ୍ ପ୍ରତିଯୋଗିତା ଆଦି କରାଯିବ ବୋଲି ଜିଲ୍ଲା ସହ ପ୍ରମୁଖ ଜ୍ୟୋତିପ୍ରକାଶ ସାହୁ ପ୍ରକାଶ କରିଛନ୍ତି ।

### ଦୃଷ୍ଟି ବାଧିତ କଣ୍ଠ ଶିଳ୍ପୀ ହରି....

## ଗୀତ ଗାଇଲେ ସୃଷ୍ଟି ହେଉଛି ମେଘମହ୍ଲାର



**ବାରିକପୁର, ୫ ।୧୧(ସମିସ):** ଜନ୍ମରୁ ସେ ଦୃଷ୍ଟି ଶକ୍ତି ହରାଇଛନ୍ତି; ହେଲେ ତାଙ୍କ କଣ୍ଠରେ ବିରାଜମାନ ହୋଇଛନ୍ତି ମା' ସରସ୍ୱତୀ । ଗୀତ ଗାଇଲେ ସୃଷ୍ଟି ହେଉଛି ସତେ ଯେମିତି ମେଘମହ୍ଲାର । ତାଙ୍କର ସୁଲଳିତ ଭାବ ବିହ୍ୱଳ କଣ୍ଠସ୍ୱର ଦର୍ଶକଙ୍କୁ ଦୀର୍ଘ ସମୟ ଧରି ମନ୍ତ୍ରମୁଗ୍ଧ କରିଥାଏ । ସେ ହେଉଛନ୍ତି ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତ କୁଲଣା ଗ୍ରାମର ଦୃଷ୍ଟି ବାଧିତ କଣ୍ଠଶିଳ୍ପୀ ସୌମ୍ୟରଞ୍ଜନ ବାରିକ ଓରଫ ହରି । ଗ୍ରାମର ଅନିରୁଦ୍ଧ ବାରିକ ଓ ପାର୍ବତୀ ବାରିକଙ୍କ ଏକମାତ୍ର ପୁଅ ହରି ଏବେ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି । ଏହାଛଡା ବ୍ଲକ ଅଞ୍ଚଳରେ ଜଣେ ସୁମଧୁର ଶିଶୁ କଣ୍ଠଶିଳ୍ପୀ ଭାବେ ହରିଙ୍କ ବେଶ ପରିଚିତ ରହିଛି । 'ଆଖିର ଜନମ' କାନ୍ଦିବା ପାଇଁ ଗୀତ ତାଙ୍କୁ ବେଶ ଲୋକାଦୃତ କରିଛି । ଗାଁ ଗହଳିରେ ପୂଜା କମିଟିର ବାର୍ଷିକ ଉତ୍ସବ ହେଉବା ବ୍ୟକ୍ତିଗତ ବୈଠକ କାର୍ଯ୍ୟକ୍ରମ ହେଉ ସବୁଠି ହରିଙ୍କୁ ଦେଖିବାକୁ ମିଳେ । ଯଦିଓ ପାଠପଢ଼ା ପାଇଁ କିଛି ମଞ୍ଚରେ ସେ ସେ ଏବେ ଅନୁପସ୍ଥିତ ରହୁଛନ୍ତି; ତଥାପି ଲୋକଙ୍କ ଆବେଗକୁ ଉପେକ୍ଷା କରନ୍ତିନାହିଁ । ଏବେ ବିଭିନ୍ନ ସମୟରେ ସ୍ଥାନୀୟ ଏକ ଭଜନ ଟ୍ରୁପ ସହିତ ଅନେକ ସ୍ଥାନକୁ ଯାଇ ସଙ୍ଗୀତ ପରିବେଷଣ କରୁଛନ୍ତି । ହରି ବିଧିବଦ୍ଧ ଭାବେ ଗାଁର ସଙ୍ଗୀତ ଗୁରୁ ସୁବାସ ଚନ୍ଦ୍ର ନାୟକଙ୍କ ଠାରୁ ଏବେ ସଙ୍ଗୀତ ଏବଂ ବାଦ୍ୟଯନ୍ତ୍ର ବାବଦରେ ଶିକ୍ଷା ଲାଭ କରୁଛନ୍ତି । ବାପା ତାଙ୍କର ନାମମାତ୍ର ଚାଷୀ ତଥା ଦିନ ମଜୁରିଆ ହୋଇଥିବା ବେଳେ ପୁଅର ଉଚ୍ଚ ସଙ୍ଗୀତ ଶିକ୍ଷା ପାଇଁ ପ୍ରଚୁର ଅର୍ଥ ଯୋଗାଡ଼ କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ । ତେଣୁ ହରିଙ୍କୁ ସରକାରୀ ସହାୟତା ମିଳିଲେ ସଙ୍ଗୀତ କ୍ଷେତ୍ରରେ ନିଜର ଲୁକ୍କାୟିତ ପାରଦର୍ଶିତାକୁ ସେ ପ୍ରତିପାଦିତ କରିବା ସହିତ ଜିଲ୍ଲା ତଥା ରାଜ୍ୟର ନାଁକୁ ଉଜ୍ଜ୍ୱଳ କରିବ ଏଥିରେ ସନ୍ଦେହ ନାହିଁ ।

## ସରସଦାରେ ଶିଶୁ ମହୋତ୍ସବ ପାଳିତ



**ବାରିକପୁର, ୧୫ ।୧୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ସରସଦା ସରକାରୀ ଉଚ୍ଚ ବିଦ୍ୟାଳୟ ଓ ମଞ୍ଜୁରୀ ଶାରଦା ବିଦ୍ୟାମନ୍ଦିରଠାରେ ଶିଶୁ ଦିବସ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଭକ୍ତି ନୈବେଦ୍ୟ ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତାପ ଚନ୍ଦ୍ର ନାୟକ, ମୋ ସ୍କୁଲ କମିଟି ଅଧ୍ୟକ୍ଷ ବିକାଶ କୁମାର ସ୍ୱାଇଁ, ଶିକ୍ଷୟତ୍ରୀ ଅର୍ଚ୍ଚନା ସ୍ୱାଇଁ, ବିଜୟଲକ୍ଷ୍ମୀ ପଣ୍ଡା, ମାମା ପ୍ରିୟା ପାଣିଗ୍ରାହୀ, ସୁଜାତା ମଲ୍ଲିକ, ସସ୍ମିତା ମହାନ୍ତି ପ୍ରମୁଖ ଯୋଗଦେଇ ଶିଶୁ ହସିଲେ ଦେଶ ହସିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବୌଦ୍ଧିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିଭଳି ଶାରଦା ଠାରେ ପ୍ରଧାନ ଆଚାର୍ଯ୍ୟ ନିର୍ମଳ ସେନାପତିଙ୍କ ଅଧ୍ୟକ୍ଷତାରେ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ କଥାକାର ହିମାଂଶୁ ମହାରାଜ ଓ ଶିକ୍ଷାବିତ୍ ଫକିରଚରଣ ଧଳ ଯୋଗଦେଇ ସାମ୍ପ୍ରତିକ ସମୟରେ ଶିଶୁଙ୍କ ପାଇଁ ଆଧ୍ୟାତ୍ମିକ ଶିକ୍ଷାର ଗୁରୁତ୍ୱ ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଏହି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

## ବାରିକପୁର ହାଇସ୍କୁଲରେ ବିଜ୍ଞାନମେଳା



**ଭଣ୍ଡାରିପୋଖରୀ/ବାରିକପୁର, ୧୫।୧୧ (ସମିସ):** ବାରିକପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ କାଞ୍ଚନବାଳା ପାତ୍ର ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ । ଏଥିରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଖଗେଶ୍ୱର ମହାପାତ୍ର, ଗୟାଧର ସାମଲ, କାର୍ତ୍ତିକ ସ୍ୱାଇଁ, ଶିକ୍ଷା ସଂଯୋଜକ ବିଶ୍ୱରଞ୍ଜନ ଶେଣ୍ଠେ, ଏସଏମସି ଅଧ୍ୟକ୍ଷ ପ୍ରତାପ ଘଡେଇ, ସଦସ୍ୟ ନିରାକାର ବେହୁରିଆ, ନାରାୟଣ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀର ଉପଯୋଗିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଶିକ୍ଷୟିତ୍ରୀ ପ୍ରତିଭା ଶତପଥୀ ଓ ମାନସୀ ମାଝୀଙ୍କ ସଂଯୋଜନାରେ ଛାତ୍ରଛାତ୍ରୀ ବିକଶିତ ଆତ୍ମନିର୍ଭର ପାଇଁ ବିଜ୍ଞାନ, ପ୍ରଯୁକ୍ତି, ଇଂଜିନିୟରିଂ ଓ ଗଣିତ ଆଧାରିତ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ । ଶ୍ରେଷ୍ଠ ବିବେଚିତ ୧୦ଟି ପ୍ରକଳ୍ପକୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ଜିତେନ୍ଦ୍ର ସାହୁ ଅତିଥି ପରିଚୟ ଓ ଶିକ୍ଷୟିତ୍ରୀ ନିଳିମା ପଣ୍ଡା ଧନ୍ୟବାଦ ଦେଇଥିଲେ ।

## ସାଇବର ସୁରକ୍ଷା ସଚେତନତା ଅଭିଯାନ




**ବାସୁଦେବପୁର, ୧୫ ।୧୧(ସମିସ):** ବାସୁଦେବପୁର ପୌରପାଳିକା ନୀଳମଣି ଟାଉନହଲ ପରିସରରେ ସାଇବର ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାଇବର ରଥକୁ ତୃପ୍ତି ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ କରିଥିଲେ । ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ ଆୟୋଜିତ ସଭାରେ ସଂଯୋଜନା କରିଥିଲେ । ମୁଖ୍ୟ ଅତିଥି ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ପୌରାଧ୍ୟକ୍ଷା ନିବେଦିତା ବେହେରା, ବିଡିଓ ତନ୍ମିତା କର, ତହସିଲଦାର ପ୍ରିୟବ୍ରତ ଦାସ, ଏଏସପି ସମ୍ବିତ ମାଝୀ, ଧାମନଗର ଡିଏସପି ତ୍ରିଲୋଚନ ସେଠୀ, ଭଦ୍ରକ ସଦର ଡିଏସପି ବିଚିତ୍ରାନନ୍ଦ ସେଠୀ ଯୋଗଦେଇ ସାଇବର ସୁରକ୍ଷା ଓ ସାଇବର ସଚେତନତାର ଆବଶ୍ୟକ ରହିଛି ବୋଲି କହିଥିଲେ । ପ୍ରତିଦିନ ଶହ ଶହ ଲୋକ ଠକେଇର ଶିକାର ହେଉଛନ୍ତି । କିଏ ଲକ୍ଷ ଲକ୍ଷ ଟଙ୍କା ହରାଇ ସାମାଜିକ ଅପନିନ୍ଦା ଭୟରେ ମୁହଁ ଖୋଲି ନପାରି ଚୁପଚାପ ରହୁଛନ୍ତି ତ ପୁଣି କିଏ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରୁଛି । ତେଣୁ ଠକାମିର ଶିକାର ହେବା ମାତ୍ରକେ ହେଲ୍ପଲାଇନକୁ ତୁରନ୍ତ ଜଣାନ୍ତୁ । କେତେକ ସାଇବର ଠକ ଫୋନରେ ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇ ଲୁଟ କରୁଛନ୍ତି । ଏହି ସାଇବର ଠକ ଲିଙ୍କ୍ ଓ ଓଟିପି ମାଗି ଲୁଟ କରିବେ । ମୋବାଇଲ ବ୍ୟବହାର ସମୟରେ ସତର୍କତାର ସହିତ ବ୍ୟବହାର କରନ୍ତୁ । ଫେସବୁକର ଅଜଣା ବ୍ୟକ୍ତିର ଫ୍ରେଣ୍ଡସିପ୍ କୁ ଗ୍ରହଣ କରନ୍ତୁ ନାହିଁ ବୋଲି ପରାମର୍ଶ ଦେଇଥିଲେ ।

## କୃଷ୍ଣଚନ୍ଦ୍ର ଦାଶଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ



**ଧାମନଗର, ୧୫ ।୧୧(ସମିସ):** ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତ ପଳିକିରି ଗାଁର ବିଶିଷ୍ଟ ପଣ୍ଡିତ ସ୍ୱର୍ଗତ କୃଷ୍ଣଚନ୍ଦ୍ର ଦାଶଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୁରାଣ ସାହିତ୍ୟ ଓ ଭଗବତ ଗୀତା ସମ୍ପର୍କରେ ପ୍ରଚଣ୍ଡ ଜ୍ଞାନ ଥିବା ସ୍ୱର୍ଗତ ଦାଶଙ୍କ ପୁଣ୍ୟତିଥି (ପ୍ରଥମାଷ୍ଟମୀ) ଅବସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ସୁଧାକର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଲୋକାର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଉଭୟ ପତିପତ୍ନୀ ସ୍ୱର୍ଗତ କୃଷ୍ଣଚନ୍ଦ୍ର ଦାଶ ଓ ସ୍ୱର୍ଗତ ସାବିତ୍ରୀ ଦାଶ ସ୍ଥାନୀୟ ଅଞ୍ଚଳରେ ସବୁରି ପ୍ରିୟ, ଦରଦୀ ଓ ସର୍ବଜନାଦୃତ ଦମ୍ପତି ଥିଲେ ବୋଲି ସେ ଦୁହିଁଙ୍କ ପ୍ରତିମୂର୍ତ୍ତୀ ଲୋକାର୍ପଣ ଅବସରରେ ମୁଖ୍ୟ ଅତିଥି ଶ୍ରୀ ଦାଶ ତାଙ୍କ ବକ୍ତବ୍ୟରେ କହିଥିଲେ । ସ୍ୱର୍ଗତ ଦାଶଙ୍କ ତିରୋଧାନ ଦିବସରେ ଅନୁଷ୍ଠିତ ଏହି ପୂଜ୍ୟପୂଜା କାର୍ଯ୍ୟକ୍ରମରେ ତାଙ୍କ ଜ୍ୟେଷ୍ଠପୁତ୍ର ଅବସରପ୍ରାପ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା କର୍ମଚାରୀ ଲକ୍ଷ୍ମୀଧର ଦାଶ, କନିଷ୍ଠ ପୁତ୍ର ସହକାରୀ ଶିକ୍ଷକ ରଞ୍ଜନ ଦାଶ, ପୁତୁରା ଚକ୍ରଧର ଦାଶ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସ୍ୱର୍ଗତ ଦାଶଙ୍କ ମଧ୍ୟମ ପୁତ୍ର ରବୀନ୍ଦ୍ର କଦାଶ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

## ଅଗରବତୀ କ୍ଲଷ୍ଟରରେ ସଚେତନତା କର୍ମଶାଳା

**ବାରିକପୁର, ୧୫ ।୧୧(ସମିସ):** ଭଣ୍ଡାରିପୋଖରୀ ଅଗରବତୀ କ୍ଲଷ୍ଟର ସରସଦାରେ ଏକ ଆତ୍ମ ନିଯୁକ୍ତି ଭିତ୍ତିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ସହାୟକ ଶିଳ୍ପ ଅଧିକାରୀ ପାର୍ଥସାରଥୀ ରାଉତ, ପ୍ରଶିକ୍ଷକ ଶଶୀଶେଖର ବେହେରା, ରମେଶ ନାୟକ ଯୋଗଦେଇ ଆତ୍ମନିଯୁକ୍ତି ଭିତ୍ତିକ ବିଭିନ୍ନ ଯୋଜନା ବାବଦରେ ପରାମର୍ଶ ଦେଇଥିଲେ । ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ବେକାରୀ ଯୁବକ ଯୁବତୀମାନେ କିପରି ସରକାରୀ ଯୋଜନାରେ ସାମିଲ ହୋଇ ଉପକୃତ ହୋଇପାରିବେ ସେନେଇ ଅଧିକାରୀମାନେ ବିସ୍ତୃତ ସୂଚନା ଦେଇଥିଲେ । ଏଥିରେ ସରସଦା ସମେତ ନେନ୍ତିପୁର, ଉତରାଗଡ଼ିଆ, ରାଢୋ, କଣ୍ଟି, ପୁରସ୍ତମପୁର ଗ୍ରାମବାସୀ ଯୋଗଦେଇଥିଲେ ।

## ରାଜ୍ୟସ୍ତରୀୟ କର୍ମଶାଳା ଉଦ୍‌ଯାପିତ



**ଦୋବଲ, ୧୫ ।୧୧(ସମିସ):** ଧାମନଗର ମହାବିଦ୍ୟାଳୟ ପରିସରରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ତରଫରୁ ଶୀର୍ଷକ ଇନଷ୍ଟିଚ୍ୟୁସନାଲ୍ ପ୍ରିପେୟାର୍ଡ଼ନେସ୍ ଫର୍ ନାକ୍ ଆକ୍ରିଡ଼ିଟେସନ୍ ତ୍ରିଦିବସୀୟ ଏକ ରାଜ୍ୟସ୍ତରୀୟ କର୍ମଶାଳା ଗତ ୧୩ ତାରିଖରେ ଉଦଘାଟିତ ହୋଇଯାଇଛି । ଅଧ୍ୟକ୍ଷ ଅଜୟ କୁମାର ବେଜଙ୍କ ପୌରୋହିତ୍ୟରେ ଉଦଘାଟନ ଦିବସ ଅବସରରେ ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ସନ୍ତୋଷ ତ୍ରିପାଠୀ ଓ କଲେଜ ବିକାଶ ପରିଷଦର ନିର୍ଦ୍ଦେଶକ ଡ. ସନ୍ତୋଷ ଅଗ୍ରୱାଲା ମୁଖ୍ୟବକ୍ତା, ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଭାବେ ଓ. ଏସ୍.ଏଚ୍.ଇ.ସି.ର ଏକ୍ସକ୍ୟୁଟିଭ୍ ମେମ୍ବର ପ୍ର. ସୁସ୍ମିତ ପାଣି ଓ ଆକଡେମିକ୍ କନସଲଟାଣ୍ଟ ଡ. ପ୍ରଦୀପ କୁମାର ବେହେରା ମୁଖ୍ୟବକ୍ତା, ତୃତୀୟ ଦିବସ ତଥା ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଓଡ଼ିଶା ନାକ୍ ଆମ୍ବାସାଡ଼ର ପ୍ର. ଡ. ଜୟନ୍ତ କୁମାର ପରିଡ଼ା ଓ ବାଲେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ହେମନ୍ତ ଘଡ଼ାଇ ମୁଖ୍ୟବକ୍ତା ଭାବେ ଯୋଗଦେଇ ନାକ୍ ଅନୁବନ୍ଧନ ବିଷୟରେ ଆଲୋକପାତ କରିଥିଲେ । ଅଧ୍ୟାପକ ଆଶୀର୍ବାଦ ମହାନ୍ତିଙ୍କ ନେତୃତ୍ୱରେ ନାକ୍ ସମ୍ପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ମହାବିଦ୍ୟାଳୟର ଯୋଗଦେଇଥିବା ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସନ୍ଦେହ ଦୂରୀଭୂତ କରିଥିଲେ । ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନର ମୁଖ୍ୟ ସଂଯୋଜକ ପ୍ରାଧ୍ୟାପକ ପ୍ରଦୀପ ରାୟ କାର୍ଯ୍ୟକ୍ରମର ବିଷୟ ଆଭିମୁଖ୍ୟ, ଅଧ୍ୟକ୍ଷ ଅଜୟ ବେଜ ସ୍ୱାଗତ ସମ୍ଭାଷଣ, ଡ. ସାଜିଆ ତମକିନ୍ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ, ଅଧ୍ୟାପିକା ବାସ୍ତବିକା ଦାସ ଅତିଥି ପରିଚୟ ଦେଇଥିଲେ । କର୍ମଶାଳାରେ ସକ୍ରିୟ ଅଂଶ ଗ୍ରହଣ କରିଥିବା ଧାମନଗର ମହାବିଦ୍ୟାଳୟ ସମେତ ଭଦ୍ରକ ଜିଲ୍ଲାର ପ୍ରାୟ ୨୫ଟି କଲେଜ ଅଧ୍ୟକ୍ଷ, ଅଧ୍ୟାପକ-ଅଧ୍ୟାପିକାଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି । ଅଧ୍ୟାପକ ସତ୍ୟନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲାବ୍ୟାପୀ ଜନଜାତୀୟ ଗୌରବ ଦିବସ ପାଳିତ

ଭଦ୍ରକ, ୧୫ ।୧୧(ସମିସ)



ମହାନ ସ୍ୱାଧୀନତା ସଂଗ୍ରାମୀ, ସମସ୍ତ ଜନଜାତି ଓ ସବୁ ଭାରତୀୟଙ୍କ ଗର୍ବ ଗୌରବ ଓ ଆଦର୍ଶ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ବାର୍ଷିକ ପୂର୍ତ୍ତି ଅବସରରେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସହୀଦ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି ଦିନଟି ଆଦିବାସୀ ନେତାମାନଙ୍କ ତ୍ୟାଗ, ସାହସ ଓ ସାମ୍ବିଧାନିକ ଅଧିକାରୀ ପାଇଁ କରାଯାଇଥିବା ସଂଘର୍ଷକୁ ସ୍ମରଣ କରିବା ସହ ତାଙ୍କର ସାଂସ୍କୃତିକ ଐତିହକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପାଳନ କରାଯାଏ । ବିଭିନ୍ନ ବ୍ଲକରୁ ଶତାଧିକ ଆଦିବାସୀ ସମ୍ପ୍ରଦାୟର ଲୋକ ପହଞ୍ଚି ଜନଜାତୀୟ ଗୌରବ ଦିବସ କୁ ଅତି ଧୁମଧାମ୍‌ରେ ମନାଇଛନ୍ତି । ବିଭିନ୍ନ ଆଶ୍ରମ ସ୍କୁଲରୁ ଆସିଥିବା କୁନି କୁନି ଛାତ୍ରଛାତ୍ରୀ ସେମାନଙ୍କର ଉତ୍କୃଷ୍ଟ ନୃତ୍ୟ ପ୍ରଦର୍ଶନକରି ସମସ୍ତଙ୍କୁ ବିମୋହିତ କରିଥିଲେ । ଗାୟିକା ଶୁଭ୍ରସ୍ମିତା ରାଉତ, ସ୍ମୃତିଶ୍ରୀୟା ମହାନ୍ତି ଦେଶାତ୍ମବୋଧକ ଓ ଲୋକ ସଙ୍ଗୀତ ଗାନ କରିଥିଲେ । ସଭାରେ ଭଦ୍ରକ ବିଧାୟକ ସୀତାଂଶୁସେଖର ମହାପାତ୍ର, ଜିଲ୍ଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦତ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଭଦ୍ରକ ବିଡିଓ ରଶ୍ମିରଞ୍ଜନ ମଲ୍ଲିକ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଣୀ ଉର୍ମିଳା ଗୋଚ୍ଛାୟତ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ଜଙ୍ଗଲ ସୁରକ୍ଷା ଆଇନ ଅନୁସାରେ ଭଣ୍ଡାରିପୋଖରୀ ବ୍ଲକ ଅଧିନ ରହଣିଆ, କୁରିଗାଁ, ରାଜେନ୍ଦ୍ରପୁର ଓ ବିଷ୍ଣୁପୁର ପଞ୍ଚାୟତରେ ମୋଟ ୧୨ ଜଣଙ୍କୁ ଗୋଷ୍ଠୀ ସମ୍ବଳ ପଟ୍ଟା (ଶିରୋନାମା) ଭଦ୍ରକ ବିଧାୟକଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା । ପରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଆଭାସୀ ମାଧ୍ୟମରେ ସିଧା ପ୍ରସାରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କାଦମ୍ବରୀ କରଶର୍ମା ମଞ୍ଚ ପରିଚାଳନା କରିବା ସହିତ ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀ ଶ୍ୟାମସୁନ୍ଦର ଜେନା, ଆଇଜାକ ମହାନ୍ତି, ଏ.ସି.ପି ସୌମ୍ୟରଞ୍ଜନ ଜେନା, ରଶ୍ମିରେଖା ଦାସ, ହିମାଂସୁ ସାମଲ, ଅୟସକାନ୍ତ ମାଝୀ, କ୍ଷିରୋଦ ବଳ, ଜୟପ୍ରକାଶ ଦାସ, ରଶ୍ମିରାଣୀ ଦାସ ଏବଂ ନିର୍ମଳ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଡେପୁଟି କଲେକ୍ଟର ଧନ୍ୟବାଦ ଅର୍ପଣ କରିଥିଲେ ।

## ଜବରଦଖଲ ଉଚ୍ଛେଦ ପାଇଁ ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର

**ଆଠଗଡ଼, ୧୫।୧୧(ସମିସ):** ଆଠଗଡ ଟାଉନ ଅନ୍ତର୍ଗତ ଏଲ୍‌ଆଇସି ଉପ୍ରା ବିଦ୍ୟାଳୟ ସନ୍ନିକଟ ପରିତ୍ୟକ୍ତ ଅବସ୍ଥାରେ ଥିବା ପଞ୍ଚାୟତ ଶିଳ୍ପ କାଷ୍ଠ ଓ ଲଘୁ ଶିଳ୍ପ ସମବାୟ ସମିତିର ଗୃହକୁ କିଛି ମୁଷ୍ଟିମେୟ ବ୍ୟକ୍ତି ଜବରଦଖଲ କରି ଏହାର ଗୃହକୁ ଭାଙ୍ଗି ଏଥିରେ ଉପଯୋଗ ହୋଇଥିବା ମୂଲ୍ୟବାନ କାଠ ଓ ଲୁହାକୁ ଲୁଟି ନେବା ସହିତ ଏହାର ଜମିକୁ ଜବରଦଖଲ କରିଛନ୍ତି। ୮୦ ଦଶକରେ ତତ୍କାଳୀନ ସରକାର ଲୋକଙ୍କ ଆର୍ଥିକ ବିକାଶ ପାଇଁ ଏହି ସଂସ୍ଥା ଖୋଲିଥିଲେ। ଏହି ସମିତି ମାଧ୍ୟମରେ ଅନେକ କୁଶଳୀ ନିଜର ପାରଦର୍ଶିତା ପ୍ରଦର୍ଶନ କରିବା ସହ ରୋଜଗାର କରି ପାରୁଥିଲେକ୍ଷ ସଂପ୍ରତି ସମାଜରେ ପାରମ୍ପରିକ ଶିଳ୍ପ ବିଲୋପ ହେଉଥିବା ବେଳେ ଏହା ଅତ୍ୟନ୍ତ ଦୁଃଖର ବିଷୟ ଦର୍ଶାଇ ଆଠଗଡ ଜନସାଧାରଣଙ୍କ ପକ୍ଷରୁ ଏହାର ତୁରନ୍ତ ଉଚ୍ଛେଦ ପାଇଁ ଆଠଗଡ ସାଧାରଣ ଜନତାଙ୍କ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆଠଗଡ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ ଉପାଧ୍ୟକ୍ଷ ବି ଶୁଭ୍ର ଶଙ୍କର ଜ୍ୟୋତିଙ୍କ ନେତୃତ୍ୱରେ ଆଠଗଡ ଏନ୍‌ଏସିର ବିଭିନ୍ନ ୱାର୍ଡର କାଉନସିଲର ସିପ୍ରା ଦାଶ, ମାମିନା ଦଳେଇ, ଅଶୋକ କୁମାର ବାରିକ, ଶୈଳବାଳା ସାମନ୍ତ, ପାର୍ବତୀ ରଣା ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବଳଭଳ ବାଘ, ପ୍ରଦୀପ୍ତ ଦାସ, ରଞ୍ଜନ ଜେନା ସମେତ ବହୁ ବ୍ୟକ୍ତି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରାଙ୍କୁ ଭେଟି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।

## ଏଟିଏମ୍ ଭ୍ୟାନ ଲୁଟ୍ ଓ ପୁଲିସକୁ ମାଡ଼ ଘଟଣା: ଅଭିଯୁକ୍ତ ଗିରଫ

**ଟିଗିରିଆ,୧୫।୧୧(ସମିସ):** ଟିଗିରିଆ ଥାନା ଜେମାଦେଇପୁର ପଞ୍ଚାୟତ ପଙ୍କାଳ ଗ୍ରାମର ଏସକେ ସଇଫୁର (୨୨)କୁ ଟିଗିରିଆ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଏସଆଇ ପ୍ରିୟଦର୍ଶିନୀ ଇପ୍ସିତା ସୂଚନା ଦେଇଛନ୍ତି। ଅଭିଯୁକ୍ତ ନାମରେ ୨୦୨୨ ଡିସେମ୍ବର ୧ ତାରିଖ ଏକ ଯୁବତୀ ଅପହରଣ ମାମଲାର ତଦନ୍ତ ପାଇଁ ଆସିଥିବା ଢେଙ୍କାନାଳ ସଦର ଥାନାର ଏସଆଇ ଚନ୍ଦ୍ରକାନ୍ତ ସେଠୀଙ୍କ ସମେତ ୬ ଜଣିଆ ପୁଲିସ ଟିମକୁ କାଠ ଫାଳିଆରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ଟିଗିରିଆ ପୁଲିସ ୨୩୧/୨୨ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସେହିପରି ଅଭିଯୁକ୍ତ ଏସକେ ସଇଫୁର ୨୦୨୩ ମସିହା ନଭେମ୍ବର ମାସ ୧୦ ତାରିଖରେ ଟିଗିରିଆ ଥାନା ଅନ୍ତର୍ଗତ ଗୋଡିଝରିଆ ଓ ନୂଆସଡକ ମଧ୍ୟରେ ହୋଇଥିବା ବହୁଚର୍ଚ୍ଚିତ ଏଟିଏମ ଭ୍ୟାନ ଲୁଟ ଘଟଣାରେ ମଧ୍ୟରେ ସମ୍ପୃକ୍ତ ଥିବା ସୂଚନା ମିଳିଛି। ଆଜି ଏସଆଇ ଶ୍ରୀମତୀ ଇପ୍ସିତା ବିଶେଷ ସୂତ୍ରରୁ ସୂଚନା ପାଇ ସଦଳବଳେ ପଙ୍କାଳ ଗ୍ରାମରେ ଚଢ଼ଉ କରି ଅଭିଯୁକ୍ତ ସଇଫୁରକୁ ଗିରଫ କରିଥିବା ସୂଚନା ଦେଇଛନ୍ତି।

## ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ କମ୍ବଳ ବଣ୍ଟନ

**ଟିଗିରିଆ,୧୫।୧୧(ସମିସ):** ଟିଗିରିଆ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରୁଥିବା ୧୮ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଏଜୁକେସନ ଆଣ୍ଡ କେୟାର (ଆଇଆଇସିଇ) ସଂସ୍ଥା ତରଫରୁ କମ୍ବଳ ବଣ୍ଟନ କରାଯାଇଛି। ଭୁବନେଶ୍ୱରର ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ରାଉତଙ୍କ ପ୍ରଚେଷ୍ଟା ତଥା ସଂଯୋଜନାରେ କୁମ୍ଭୀପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ସହ ଶିକ୍ଷାଧିକାରୀ ମାଧବଚନ୍ଦ୍ର ଦେହୁରୀ, ସୌଦାମିନୀ ମିଶ୍ର, ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ବାରିଦ ବରଣ ମହାପାତ୍ର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଶୋକ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ସମ୍ବଳ ଶିକ୍ଷକ ସବିତା ପଣ୍ଡା ଓ ବିଜୟ କୁମାର ସାହୁ ପରିଚାଳନା କରିଥିଲେ।

## ଶିକ୍ଷାବିତ୍ ଗଣେଶ୍ୱର ମହାପାତ୍ରଙ୍କ ସ୍ମୃତିସଭା



**କଣ୍ଟାପଡ଼ା, ୧୫।୧୧(ସମିସ):** କଟକ ଜିଲ୍ଲା ଗୋବିନ୍ଦପୁର ଅଞ୍ଚଳର ଶିକ୍ଷାବିତ ଏବଂ ଗୋବିନ୍ଦପୁର ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ସ୍ୱର୍ଗତ ଗଣେଶ୍ୱର ମହାପାତ୍ରଙ୍କ ସ୍ମୃତି ଚାରଣ ସଭା ମାଙ୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିରର ଉପସଭାପତି ଭୋଳାନାଥ ମହାନ୍ତି, ସମ୍ପାଦକ ବିଜୟ ଭୂଷଣ ପାତ୍ର, ପରିଚାଳନା କମିଟି ସଭ୍ୟ ଚନ୍ଦନ କୁମାର ଦାସ, ବିନୋଦିନି ବେହେରା, କଳ୍ପନା ସ୍ୱାଇଁ, କ୍ଷେତ୍ରମଣୀ ସାହୁ, ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ ଦାସ ପ୍ରମୁଖ ସ୍ୱର୍ଗତ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ



**ଆଠଗଡ଼,୧୫।୧୧(ସମିସ):** ଭଗବାନ ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଶନିବାର ଜିଲ୍ଲାସ୍ତରୀୟ ଜନଜାତି ଗୌରବ ଦିବସ ୨୦୨୫ ଆଠଗଡ଼ ବ୍ଲକ ଅନ୍ତର୍ଗତ ରାହାଁଗୋଳ ଆଶ୍ରମ ବିଦ୍ୟାଳୟରେ ପାଳିତ ହୋଇଯାଇଛି। କଟକ ଜିଲ୍ଲାପାଳ ଦାତ୍ତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲା ବେଳେ ଆଠଗଡ ମଣ୍ଡଳ ଉନ୍ନୟନ ଅଧିକାରୀ ଆକାଶ କୁମାର ପଣ୍ଡା, ୨ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ମିନତୀ ଗଗରାଇ, ଜିଲ୍ଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥି ଜନଜାତି ବର୍ଗର ଅଧିବାସୀମାନଙ୍କୁ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଜଙ୍ଗଲ ଜମି ସିରୋନାମା ପ୍ରଦାନ କରିଥିଲେ। ତତସହିତ ସ୍ୱାସ୍ଥ୍ୟ ବିଭାଗର ମହିଳା ଏବଂ ଶିଶୁ କଲ୍ୟାଣ ବିଭାଗର ଅଧିକାରୀବୃନ୍ଦ ବିଦ୍ୟାଳୟସ୍ତରରେ ପିତାମାତା ଅଭିଭାବକ ସହାଭାଗିତା ସମ୍ମିଳନୀ କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ।

# ବାଲିପୁଟ ଇକୋ ରିଟ୍ରିଟ୍ ଆରମ୍ଭ



**ନରସିଂହପୁର,୧୫।୧୧(ସମିସ):** କଟକ ଜିଲ୍ଲା ନରସିଂହପୁର ବ୍ଲକ ଅନ୍ତର୍ଗତ କମଳାଡିହ ବାଲିପୁଟ ସାତକୋଶିଆରେ ଇକୋ ରିଟ୍ରିଟ ଉଦଘାଟିତ ହୋଇଛି। ଏଥିମଧ୍ୟରେ ବିଭିନ୍ନ ସୁବିଧା ଥାଇ ୨୨ଟି ତମ୍ବୁ କୋଠରୀର ସ୍ଥାନ ପାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ବିଜୟ କୁମାର ଦଳବେହେରା, ସମ୍ମାନିତ ଅତିଥି ଭାବେ ବିଡିଓ ତଥା ଭାରପ୍ରାପ୍ତ ତହସିଲଦାର ପ୍ରଜ୍ଞାନନ୍ଦ ଶତପଥୀ, ସରପଞ୍ଚ ଶରତଚନ୍ଦ୍ର ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ଇକୋ ରିଟ୍ରିଟର ଜିଲ୍ଲା ପର୍ଯ୍ୟଟନର ବିଭାଗର ଅଧିକାରୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ପରିବେଶ ପର୍ଯ୍ୟଟନ ରାଜ୍ୟର ଅର୍ଥନୈତିକ ବିକାଶରେ ସହାୟକ ହେବା ସହ ଦେଶ ଓ ବିଶ୍ୱ ସ୍ତରରେ ପର୍ଯ୍ୟଟକଙ୍କୁ ପ୍ରକୃତି କୂଳକୁ ଟାଣିବା ସହ ମାନସିକରେ ଶାନ୍ତି ଭରିଦେବା ହେଉଛି ଉଦେଶ୍ୟ। ସ୍ଥାନୀୟ ଜନପ୍ରତିନିଧି, ବନ ବିଭାଗ ଅଧିକାରୀ ଓ ପର୍ଯ୍ୟଟନ ବିଭାଗର ଅଧିକାରୀ ପରିଚାଳନା କରିଥିଲେ।

## ୟୁଏଏସ୍‌କୁ ବିରୋଧ; ଡିଇଓଙ୍କୁ ଦାବିପତ୍ର



**କଟକ/ଟିଗିରିଆ, ୧୫।୧୧ (ସମିସ):** ଶିକ୍ଷକମାନଙ୍କର ଥିବା ମୌଳିକ ସମସ୍ୟାକୁ ବାରମ୍ବାର ରାଜ୍ୟ ସରକାର ତଥା ପ୍ରଶାସନିକ ଅଧିକାରୀମାନେ ଅଣଦେଖା କରୁଥିବା ବେଳେ କୌଣସି ଭିତ୍ତିଭୂମି ନସଜାଡି ହଠାତ୍ ୟୁନିଫାଏଡ ଅଟୋମେସନ ସିଷ୍ଟମ (ୟୁଏଏସ୍)କୁ ବିଦ୍ୟାଳୟ ସ୍ତରରେ ଲାଗୁ କରିବା ଏବଂ ଶିକ୍ଷକ ଶିକ୍ଷିକାଙ୍କୁ ସେମାନଙ୍କ ନିଜସ୍ୱ ମୋବାଇଲ ବ୍ୟବହାର କରି ସେମାନଙ୍କ ତଥା ଛାତ୍ରଛାତ୍ରୀଙ୍କ ଉପସ୍ଥାନ ପ୍ରଦାନ କରିବାକୁ ବାଧ କରଯିବାକୁ ନୂତନ ପେନସନଭୁକ୍ତ କଟକ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ଏହାକୁ ଘୋର ବିରୋଧ କରିଛି। ଆଜି କଟକ ଜିଲ୍ଲା ଏନପିଏସ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଶଙ୍କର୍ଷଣ ବେହରା ଓ ସଂପାଦକ ଚାରୁଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଜିଲ୍ଲା ସଂଘର ସମସ୍ତ କର୍ମକର୍ତ୍ତା ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକଙ୍କୁ କାର୍ଯ୍ୟାଳୟରେ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲା ସଂଘର ସଚିବ ପ୍ରଶାନ୍ତ କୁମାର ମହାପାତ୍ର, କାର୍ଯ୍ୟକାରୀ ସଭାପତି ଚନ୍ଦ୍ରକାନ୍ତ ମିଶ୍ର, ଯୁଗ୍ମ ସଂପାଦକ ପଦ୍ମଲୋଚନ ନାୟକ, ନିରଞ୍ଜନ ଭୋଇ, କର୍ଣ୍ଣାର୍ଜୁନ ନାଏକ, ପ୍ରମୋଦ କୁମାର ଗୋଛି, ପ୍ରଭାତ କୁମାର ପଣ୍ଡା, ଉମାଶଙ୍କର ରାଉତ, ସମିର କୁମାର ବେହେରା, ପ୍ରଶାନ୍ତ କୁମାର ଘଡେଇ ପ୍ରମୁଖ ଯୋଗ ଦେଇଥିଲେ।

## ଓଷ୍ଟା ବ୍ଲକ୍ ଶାଖାର ସମ୍ମିଳନୀ ଓ କର୍ମକର୍ତ୍ତା ଚୟନ

**ନିଶ୍ଚିନ୍ତକୋଇଲି, ୧୫।୧୧ (ସମିସ):** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ନିଶ୍ଚିନ୍ତକୋଇଲି ବ୍ଲକ ଶାଖାର ସାମ୍ବିଧାନିକ ସମ୍ମିଳନୀ ବାଲିଆପଦା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓଷ୍ଟାର ଯୁଗ୍ମ ସଂପାଦକ ଲକ୍ଷ୍ମୀନାରାୟଣ ବରାଳଙ୍କ ସଂଯୋଜନା ଓ ପ୍ରଧାନଶିକ୍ଷକ କ୍ଷୀରୋଦ କୁମାର ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ରାଜ୍ୟ ଓଷ୍ଟାର କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ମୁଖ୍ୟବକ୍ତା ଭାବେ ଜିଲ୍ଲା ଓଷ୍ଟାର ସଭାପତି କଳିଙ୍ଗ କେଶରୀ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଓଷ୍ଟାର ରାଜ୍ୟ ଉପସଭାପତି ଅଶୋକ କୁମାର ସ୍ୱାଇଁ, ସଂପାଦକ ବିଜୟକୁମାର ଛତ୍ର, ଶ୍ୟାମସୁନ୍ଦର ବେଉରା, ଶେଫାଳୀ ଦାସ, ପ୍ରଣବ କିଶୋର ନାୟକ, ପ୍ରମୋଦ କୁମାର ସିଂ, ଅକ୍ଷୟ କୁମାର ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ୪୬ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଏଥିରେ ଯୋଗ ଦେଇଥିଲେ।



ନିର୍ବାଚନ ପର୍ଯ୍ୟବେକ୍ଷକ ଶ୍ୟାମସୁନ୍ଦର ବେଉରାଙ୍କ ପରିଚାଳନାରେ ନୂତନ ଭାବେ ଓଷ୍ଟା ବ୍ଲକ ଶାଖାର କର୍ମକର୍ତ୍ତା ଚୟନ କରାଯାଇଥିଲା। ବ୍ଲକ ଓଷ୍ଟାର ସଭାପତି ଭାବେ ପ୍ରଶାନ୍ତ ବରାଳ, ଉପ ସଭାପତି ଭାବେ ମହେନ୍ଦ୍ର କୁମାର ଘଡେଇ ଓ ଶେଫାଳୀ ଦାସ, ସଂପାଦକ ଭାବେ ରାମଚନ୍ଦ୍ର ରାଉତରାୟ, ଯୁଗ୍ମ ସଂପାଦକ ଭାବେ ସୂର୍ଯ୍ୟକାନ୍ତ ଲେଙ୍କା, ରଘୁନାଥ ସାହୁ, ନିର୍ଝରିଣୀ ରାଉତରାୟ, ଜିଲ୍ଲା କାର୍ଯ୍ୟକାରୀ ସଭ୍ୟଭାବେ ଜୟନ୍ତ କୁମାର ସାହୁ, ମାନସୀ ତରାଇ, ସନାତନ ସାହୁ, ପ୍ରଦ୍ୟୁମ୍ନ କୁମାର ପଣ୍ଡା ଓ ପ୍ରମିଳା ତ୍ରିପାଠୀଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ରାମଚନ୍ଦ୍ର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଲେପୁର ଶିଶୁ ମହୋତ୍ସବ ଉଦ୍‌ଯାପିତ



**ସାଲେପୁର,୧୫।୧୧(ସମିସ):** ସାଲେପୁର ପଞ୍ଚାୟତସମିତି ଆନୁକୂଲ୍ୟରେ ଦୁଇଦିନ ଧରି ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସାଲେପୁର ବ୍ଲକ୍ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ମୁଖ୍ୟଅତିଥି, ବ୍ଲକ୍ ଶିକ୍ଷାଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ପୂର୍ବତନ ବ୍ଲକ୍ ଶିକ୍ଷାଧିକାରୀ ଜଗବନ୍ଧୁ ଶତପଥୀ, ପୂର୍ବତନ ବ୍ଲକ୍ ଅତିରିକ୍ତ ଶିକ୍ଷାଧିକାରୀ ରଜନୀକାନ୍ତ ଦାଶ, ସାଲେପୁର ବ୍ଲକ୍ ଅତିରିକ୍ତ ଶିକ୍ଷାଧିକାରୀ ରଂଜନ କୁମାର ସାମଲ, ଫିରୋଜ ଅହେମ୍ମଦ ଖାଁ ଯୋଗ ଦେଇଥଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୌରଚରଣ ଭୂୟାଁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୟଦ ଜାକି ଅମିନ୍‌ଙ୍କ ସଂଯୋଜନାରେ ଦୁଇଦିନ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶଙ୍କରପୁର ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱମୋହନ ମିଶ୍ର ଉଦ୍‌ଘୋଷକ ଭାବେ ଯୋଗ ଦେଇଥିଲେ। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଶିବପ୍ରସାଦ ମିଶ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଦ୍ୟୁମ୍ନ କୁମାର ଷଡ଼ଙ୍ଗୀ, ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଶିକ୍ଷକ ରମାକାନ୍ତ ମିଶ୍ର, ପ୍ରମୋଦ ପଣ୍ଡା ଓ ବହୁ ସିଆରସିସି ପରିଚାଳନା କରିଥିଲେ। ବିଚାରକ ରୂପେ ପୂର୍ବତନ ପ୍ରଧାନଶିକ୍ଷକ ନିଗମାନନ୍ଦ କର, ଶିକ୍ଷକ ବିଷ୍ଣୁଚରଣ ମିଶ୍ର, ପ୍ରସନ୍ନ ଦାଶ, ପ୍ରଦୀପ୍ତ ମିଶ୍ର, ଶରତ ଦାଶ, ଗୋପବନ୍ଧୁ ମହାନ୍ତି, ତାରାକାନ୍ତ ମହାପାତ୍ର, ହିରଣ୍ୟମୟୀ ଦାଶ, ଦେବରୂପା କର ଯୋଗ ଦେଇଥିଲେ।

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶିଶୁ ଦିବସ

**ଚୌଦ୍ୱାର,୧୫।୧୧(ସମିସ):** ଚୌଦ୍ୱାରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁଙ୍କ ଜୟନ୍ତୀ ଅବସରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଶିଶୁ ସଦନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ଶିଶୁ ସଦନ ମୁଖ୍ୟ ଦାମୋଦର ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ଚିତ୍ରାଙ୍କନ ଓ ସଂଗୀତ ପ୍ରତିଯୋଗିତା ସହ ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା। ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଅଧ୍ୟକ୍ଷ ମାନସ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଶିଶୁ ଦିବସ ଉତ୍ସବରେ ସଫା ସରପଞ୍ଚ ନିବାସ କୁମାର ପଣ୍ଡା, ରୋଟାରିଆନ ବିଶ୍ୱନାଥ ପଣ୍ଡା, ପ୍ରଧାନ ଶିକ୍ଷକ ଗଣେଶ ହେମ୍ବ୍ରମ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କୃତୀ ଛାତ୍ରୀ ଅପରାଜିତା ସ୍ୱାଇଁଙ୍କୁ ଶରତଚନ୍ଦ୍ର ଉତ୍ତରାୟ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ରାଜେଶ ଓଝା ଧନ୍ୟବାଦ ଅର୍ପଣ କରିଥିଲେ। ବ୍ୟାରେଜ ରୋଡସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଅଧ୍ୟକ୍ଷ ଶକ୍ତିପ୍ରସାଦ ମହାନ୍ତି, ବାଣିପଦାସ୍ଥିତ ଉତ୍କଳ ଇଣ୍ଟରନ୍ୟାସନାଲ ସ୍କୁଲରେ ଅଧ୍ୟକ୍ଷ ଗଣେଶ ପ୍ରସାଦ ବେହେରା, ଡାଏନା ଡ୍ୟାନ୍ସ ସ୍କୁଲର ପରିଚାଳିକା ଶୁଭମ ସରିତା କରଙ୍କ ପରିଚାଳନାରେ ଶିଶୁ ଦିବସ ଉତ୍ସବ ପାଳିତ ହୋଇଯାଇଛି। ଗାନ୍ଧୀ ଛକସ୍ଥିତ ଜାଭିୟର ହାଇସ୍କୁଲ, ଡିଡିଆଇପିଏସ୍, ଏବିଏସ ଇଣ୍ଟରନ୍ୟାସନାଲ, ସ୍ପ୍ରିଙ୍ଗଡେଲ ସ୍କୁଲ, କଳିଙ୍ଗ ନୋଡାଲ ବିଦ୍ୟାପୀଠରେ ଶିଶୁ ଦିବସ ପାଳିତ ହୋଇଯାଇଛି।




## ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ନିଶ୍ଚିନ୍ତକୋଇଲି,୧୫।୧୧(ସମିସ):** ତିନି ଦିନ ଧରି ଚାଲିଥିବା ନିଶ୍ଚିନ୍ତକୋଇଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୭ତମ ବାର୍ଷିକକ୍ରୀଡା ପ୍ରତିଯୋଗିତା କଟରପଡାସ୍ଥିତ ସ୍ୱପ୍ନେଶ୍ୱର ଖେଳ ପଡିଆରେ ଶନିବାର ଉଦ୍‌ଯାପିତ ହୋଇଛି। କ୍ରୀଡାପ୍ରମୁଖ ସତ୍ୟାନନ୍ଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିଶୁମନ୍ଦିର ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ଦୀପାଞ୍ଜଳି ମିଶ୍ର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ କମିଟିର ଉପସଭାପତି ଆଇନଜୀବୀ ଅଶୋକ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ସହ ସଂପାଦକ ବିଦ୍ୟୁଲତା ପଣ୍ଡା, କ୍ରୀଡାଶିକ୍ଷକ ରଘୁନାଥ ପଣ୍ଡା, ପ୍ରଧାନଆଚାର୍ଯ୍ୟ ମୀନକେତନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ କ୍ରୀଡା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ମାନସୀ ପରିଡା ଧନ୍ୟବାଦ ଦେଇଥିଲେ।



## ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରରେ ମୁରୁଜ ପ୍ରତିଯୋଗିତା

**ସାଲେପୁର,୧୫।୧୧(ସମିସ):** ସାଲେପୁରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶିଶୁ ମହୋତ୍ସବ, ମୁରୁଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ସମାଜସେବୀ ତଥା ବିଶିଷ୍ଟ କଂଗ୍ରେସ ନେତା ହରିବନ୍ଧୁ ଶତପଥୀ ଏହାକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ଉପସଭାପତି ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିଶୁ ମହୋତ୍ସବର ସଫଳତା ନେଇ ଅନୁଷ୍ଠାନର ସଂପାଦକ ଅକ୍ଷୟ କୁମାର ଦାଶ ଅତିଥିମାନଙ୍କୁ କୃତଜ୍ଞତା ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ବିଜୟ କେତନ ନାୟକ, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର କୋଷାଧ୍ୟକ୍ଷ ଅଶ୍ୱିନୀ କୁମାର ଦାସ, ସହସଂପାଦକ ଚିତ୍ତରଂଜନ ଶତପଥୀ, ଅନୁଷ୍ଠାନର ଅଧ୍ୟକ୍ଷ ବଳରାମ ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ମୁରୁଜ ଓ ବିଭିନ୍ନ କଳା ପ୍ରଦର୍ଶନ କରାଯାଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

**ଟାଙ୍ଗୀ,୧୫।୧୧(ସମିସ):** ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଟାଙ୍ଗୀସ୍ଥିତ ଗୋଷ୍ଠୀ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ସମ୍ମାନିତ ଅତିଥିଭାବେ ଆମ୍ପା ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ, ପଞ୍ଚାୟତସମିତି ଅଧ୍ୟକ୍ଷା ମିନାକ୍ଷୀ ଦାସ, ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, କେନ୍ଦ୍ରାପଡ଼ା ଲୋକସଭା ସାଂସଦଙ୍କ ପ୍ରତିନିଧି ଚୌଧୁରୀ ହେମନ୍ତ କୁମାର ସାହୁ, କଟକ ଲୋକସଭା ସାଂସଦଙ୍କ ପ୍ରତିନିଧି ଚିତ୍ତରଞ୍ଜନ ମଲ୍ଲିକ, ଆଠଗଡ଼ ବିଧାୟକ ପ୍ରତିନିଧି ସେକ୍ ସାହାଜାନ୍, ଚୌଦ୍ୱାର-କଟକ ବିଧାୟକ ପ୍ରତିନିଧି ତିର୍ଥାନନ୍ଦ ସୁବୁଦ୍ଧିରାୟ, ସ୍ଥାନୀୟ ସରପଞ୍ଚ ସୁମନପ୍ରଭା ସାହୁ, ସମିତି ସଭ୍ୟା ମଧୁସ୍ମିତା ଚାତାର, ବିଡ଼ିଓ ଏନ୍.ରାଜଲକ୍ଷ୍ମୀ ଓଝା, ଅତିରିକ୍ତ ବିଡିଓ ଶାଶ୍ୱତ କୁମାର ଜେନା ଓ ସହକାରୀ ମତ୍ସ୍ୟ ଅଧିକାରୀ ଦୀନବନ୍ଧୁ ବେହେରା ଯୋଗ ଦେଇଥିଲେ। ସଫଳ ଚାଷୀ ଓ ପ୍ରାଣୀ ପାଳକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ରଶ୍ମିରଞ୍ଜନ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ମେଳା ପରିଚାଳନାରେ ଡା.ପ୍ରଦିପ୍ତ କୁମାର ରଥ, ଡ଼ା. ଗୁରୁଦତ୍ତ ବିଶ୍ୱାଳ, ଡା.ସୁଧନ୍ୟା ନାଥ ଓ ଡା.ସ୍ୱର୍ଣ୍ଣମ ସରିତା ବଳଙ୍କ ସମେତ ବିଭାଗୀୟ କର୍ମଚାରୀ ସହଯୋଗ କରିଥିଲେ।





**ଆଠଗଡ଼:** ଆଠଗଡ଼ ବ୍ଲକ ପ୍ରାଣୀ ସମ୍ପଦ ବିଭାଗ ଆନୁକୂଲ୍ୟରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଆଠଗଡ ସହରସ୍ଥିତ ବିଶ୍ୱ ନାଥ ବିଦ୍ୟାପୀଠ ମିନି ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ମୋଟ ୧୨ଟି ଷ୍ଟଲରେ ମତ୍ସ୍ୟ ଓ ପ୍ରାଣୀସମ୍ପଦର ବିଭିନ୍ନ ଯୋଜନା ମାନ ପ୍ରଦର୍ଶିତ ହୋଇଥିଲା। ଏଥିରେ ଆଠଗଡ ବ୍ଲକର ୩୪ଟି ପଞ୍ଚାୟତରୁ ଗୋ-ଚାଷୀ ପ୍ରାଣୀ ପାଳକ, ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବୀମାନେ ଯୋଗ ଦେଇଥିଲେ। ଆଠଗଡ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା ଅନ୍ତର୍ଯ୍ୟାମୀ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା ସୁଶାନ୍ତ କୁମାର ନାୟକ, ଆଠଗଡ ଜୋନ ଉପନିର୍ଦ୍ଦେଶକ ବବିତା ମହାନ୍ତି, ଆଠଗଡ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ ପ୍ରମୁଖ ଯୋଗଦେଇଥିଲେ। ଆଠଗଡ ତହସିଲଦାର ନିକୁଞ୍ଜ ବିହାରୀ ବଡ଼ଜେନା, ବାଙ୍କୀ ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା ସୁଶାନ୍ତ ଶିଶିର କୁମାର ସାହୁ, ଆଠଗଡ ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା ବିଷ୍ଣୁପ୍ରସାଦ ଚୌଧୁରୀ, ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡା ରଶ୍ମିରଞ୍ଜନ ଦାସ ପ୍ରମୁଖ ଯୋଗଦେଇଥିଲେ।

● ଗାର୍ଲଫ୍ରେଣ୍ଡଙ୍କୁ ଆଇଫୋନ୍ ଦେବା ପାଇଁ ଗଞ୍ଜେଇ ଚାଲାଣ

## ଧରାପଡ଼ିଲେ ୨ ଯୁବକ

ଏମିଭି, ୭୯(ସମିସ)୧୫।୧୧(ସମିସ): ଗାର୍ଲଫ୍ରେଣ୍ଡଙ୍କୁ ଜନ୍ମଦିନରେ ଆଇଫୋନ ଦେବା ପାଇଁ ଟଙ୍କା ଯୋଗାଡ଼ କରିବା ଚକରରେ ଗଞ୍ଜେଇ ଚାଲାଣ କରୁଥିବା ଦୁଇ ଯୁବକ ମାଲକାନଗିରି ଜିଲ୍ଲାର ଏମ୍. ଭି-୭୯ ଥାନା ପୁଲିସଙ୍କ ହାତରେ ଧରା ପଡ଼ିଛନ୍ତି। ପାଟ୍ରୋଲିଂ କରୁଥିବା ସମୟରେ ଏମ୍.ଭି-୭୯ ପୁଲିସ ଟିମ୍ ଲାଛିପେଟା ଛକ ନିକଟରେ ସନ୍ଦେହଜନକ ଏକ୍ଟିଭା ସ୍କୁଟିକୁ ଚେକିଙ୍ଗ କରିଥିଲେ। ସେଥିରେ ମୋଟ ୨୨ କିଲୋ ଗଞ୍ଜେଇ ମିଳିଥିଲା। ମଧ୍ୟରାତିରେ ସେମାନେ ଗଞ୍ଜେଇକୁ ଅନ୍ୟ ଅଞ୍ଚଳକୁ ନେଇ ଉଚ୍ଚ ମୂଲ୍ୟରେ ବିକି ଟଙ୍କା ଯୋଗାଡ଼ କରିବା ଚେଷ୍ଟା କରୁଥିବା ତଥ୍ୟ ମିଳିଛି। ଧରାପଡ଼ିଥିବା ଯୁବକ ଦୁଇଜଣ ହେଲେ ଟି. ତ୍ରିନାଥ କୁମାର, ବି. ଯୁବାଚାରଣ ଆଦିତ୍ୟ। ଉଭୟେ ତେଲେଙ୍ଗାନା ରାଜ୍ୟର ଖମ୍ମମ ଜିଲ୍ଲାର ବାସିନ୍ଦା। ପୁଲିସ ସୂତ୍ର ଅନୁସାରେ ଗଞ୍ଜେଇର ବଜାର ମୂଲ୍ୟ ପ୍ରାୟ ୧ ଲକ୍ଷ ୫୦ ହଜାର ଟଙ୍କା ହେବା ସହିତ ଚାଲାଣରେ ବ୍ୟବହୃତ ଏକ୍ଟିଭା ସ୍କୁଟିକୁ ମଧ୍ୟ ଜବତ କରାଯାଇଛି। ତେବେ ଦୁଇ ଯୁବକ ଗାର୍ଲଫ୍ରେଣ୍ଡଙ୍କୁ ଜନ୍ମଦିନ ରେ ଆଇଫୋନ ଗିଫ୍ଟ ଦେବା ପାଇଁ ଟଙ୍କା ଯୋଗାଡ଼ କରିବା ଚକ୍କରରେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଧରା ପଡ଼ିଥିବା ଏମି.ଭି-୭୯ ଥାନା ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ସୂଚନା ଦେଇଛନ୍ତି ।

● ରେଳଯାତ୍ରୀଙ୍କ ଠାରୁ ମୋବାଇଲ୍ ଫୋନ୍ ଲୁଟ୍ ଘଟଣା

## ଚୋରକୁ ୨ ବର୍ଷ କାରାଦଣ୍ଡ

ରାୟଗଡ଼ା, ୧୫।୧୧(ସମିସ): ୯ଟି ମୋବାଇଲ ଚୋରି ମାମଲାରେ ଜଣେ ଅଭିଯୁକ୍ତକୁ ୨ବର୍ଷ ଜେଲ ସହ ୫ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି ଜଜ୍ ବର୍ଷା ଦାସ। ଅନାଦେୟ ହେଲେ ଅତିରିକ୍ତ ୧ମାସ ଜେଲରେ ରହିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଅଜମିନି ସାହୁ ଓରଫ ବେକି। ମାମଲାରୁ ପ୍ରକାଶ ଯେ, ଚଳିତ ବର୍ଷ ଜୁନ ୮ ତାରିଖରେ ରାୟଗଡ଼ା ଜିଲ୍ଲା ମୁନିଗୁଡା ରେଳବାଇ ଷ୍ଟେସନରେ ମୁନିଗୁଡା ରେଳବାଇ ପୋଲିସ ସୁରକ୍ଷା ବଳ (ଆରପିଏଫ) ଓ ସରକାରୀ ରେଳବାଇ ପୋଲିସ (ଜିଆରପିଏସ) ଷ୍ଟାଫ୍ ମିଶି ପାଟ୍ରୋଲିଂ କରୁଥିବା ସମୟରେ ଅଭିଯୁକ୍ତକୁ ଟିକଟ ବିଷୟରେ ପଚାରିବା ସମୟରେ ସନ୍ଦେହ କରି ତଲାସ କରିବାରୁ ତା ପାଖରୁ ୯ ଗୋଟି ଚୋରି ମୋବାଇଲକୁ ଆରପିଏଫ ଜବତ କରିଥିଲେ। ତଦନ୍ତ ସମୟରେ ଅଭିଯୁକ୍ତ ଜଣକ ରାୟଗଡ଼ାଠାରୁ ୱାଲଟିୟର (ବିଶାଖାପାଟଣମ) ଭିତରେ ବିଭିନ୍ନ ଟ୍ରେନରେ ଯାତ୍ରା କରୁଥିବା ରେଳଯାତ୍ରୀମାନଙ୍କ ମୋବାଇଲ ଚୋରି କରିବା ସ୍ୱୀକାର କରିଥିଲା। ଏହାକୁ ଆଧାର କରି ଆରପିଏଫ ଏଏସଆଇ କେ.ଏସ.ପ୍ରକାଶ ଏକ ମାମଲା ରାୟଗଡ଼ା ଜିଆରପି ଥାନାରେ ଦାଖଲ କରିଥିଲେ। ଜିଆରପିଏସ କେସ ନମ୍ବର ୨୬/୨୫ରେ ଦଫା ୩୦୫(ସି) ବିଏନଏସରେ ରୁଜୁ କରି ୯ଟି ମୋବାଇଲ ଜବତ କରିବା ସହ ଆସାମୀକୁ କୋର୍ଟ ଚାଲାଣ କରିଥିଲେ। ଏହି କେସକୁ ଜିଆରପି ଏଏସଆଇ ଜଗଦୀଶ ମହାନନ୍ଦ ତଦନ୍ତ ଭାର ନେଇଥିଲେ। ମୋଟ ୯ଜଣଙ୍କ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରାଯାଇ ସେହି ଆଧାରରେ ଅଭିଯୁକ୍ତକୁ ଦୋଷୀ ସାବସ୍ତ୍ୟ କରାଯାଇଥିଲା। ପ୍ରକାଶ ଥାଉ କି, ଅଭିଯୁକ୍ତର ଘର ଛତିଶଗଡ଼ ରାଜ୍ୟରେ ବୋଲି ଜଣାପଡ଼ିଥିବା ବେଳେ ଏହି ମାମଲାକୁ ସରକାରଙ୍କ ତରଫରୁ ଓକିଲ ସଚ୍ଚିଦାନନ୍ଦ ଖାଡଙ୍ଗା ପରିଚାଳନା କରୁଥିଲେ।

## ଆଶ୍ରମ ବିଦ୍ୟାଳୟରେ ପିତାମାତା ସହଭାଗିତା କାର୍ଯ୍ୟକ୍ରମ



ରାୟଗଡ଼ା, ୧୫।୧୧(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ ଜେମାଦେଇପେଣ୍ଠ ଗ୍ରାମପଞ୍ଚାୟତ ଅନ୍ତର୍ଗତ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ବଡ଼ରାଇସିଂ ଆଶ୍ରମ ବିଦ୍ୟାଳୟରେ ଶନିବାର ପୂର୍ବାହ୍ନରେ ପିତାମାତା ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜେମାଦେଇପେଣ୍ଠ ଗ୍ରାମ ପଞ୍ଚାୟତର ସରପଞ୍ଚ ରୀତା ପୁଆଲା ଯୋଗ ଦେଇଥିଲେ। କ୍ଲଷ୍ଟର ସିଆରସିସି ସୀମାଞ୍ଚଳ ଲାଡି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡମ୍ବରୁ ପୁଆଲା ଏବଂ ସଭ୍ୟ ଚନ୍ଦ୍ରଶେଖର ପୁଆଲା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନନ୍ଦ କୁମାର ଜେନା ବିଦ୍ୟାଳୟର ବିବରଣୀ ପଠନ କରିବା ସହ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ତଥା ଶିକ୍ଷାକୁ ନେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ସହକାରୀ ଶିକ୍ଷୟିତ୍ରୀ ଛାୟା ପ୍ରଭା ଦାଶ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଶିକ୍ଷୟିତ୍ରୀ କେ.ନୀଳାବେଣୀ ଓ ମାଟ୍ରୋନ ଦୀପ୍ତିଲତା ଗୌଡ଼ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ, ସମନ୍ୱିତ ଶିଶୁ ବିକାଶ ଯୋଜନା ବିଭାଗର କର୍ମଚାରୀ ଉପସ୍ଥିତ ରହି ସେମାନଙ୍କ ବିଭାଗ ବିଷୟରେ କହିଥିଲେ। ଅଭିଭାବକ ଓ ଅଭିଭାବିକାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଧନ୍ୟବାଦ ଅର୍ପଣ କରାଯାଇଥିଲା।

ମଦରେ ବିଷ ମିଶାଇ ବୃଦ୍ଧଙ୍କୁ ହତ୍ୟା ଘଟଣା

# ଗୁଣି ଗାରେଡ଼ି ସନ୍ଦେହରେ ହତ୍ୟା: ୨ ଗିରଫ

କୋରୁକୋଣ୍ଡା, ୧୫।୧୧(ସମିସ)



ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ତୁମସାପାଲ୍ଲୀ ପଞ୍ଚାୟତ ଅଧୀନ ଏମଭି-୧୨ ଗ୍ରାମ ନିକଟସ୍ଥ କେନ୍ଦୁଗୁଡା ଗ୍ରାମରେ ଗତ ୨୯ ତାରିଖ ରାତିରେ ଦେବା ମାଡ଼କାମୀ-(୬୧)"ନାମକ ବୃଦ୍ଧଙ୍କୁ ଗ୍ରାମର କେହି ବ୍ୟକ୍ତି ମଦରେ ବିଷ ମିଶାଇ ପିଇବାକୁ ଦେଇ ତାଙ୍କୁ ହତ୍ୟା କରାଯାଇଥିବା ନେଇ ମୃତ ଦେବାଙ୍କ ପୁଅ ଭୀମା ମାଡ଼କାମୀ ଗତ ୩୦ ତାରିଖ ଗୁରୁବାର କୋରୁକୋଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା ଅଧିକାରୀ ହିମାଂଶୁ ଶେଖର ବାରିକଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ ଉକ୍ତ କେନ୍ଦୁଗୁଡା ଗ୍ରାମରେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। କୋରାପୁଟରୁ ୩ ଜଣିଆ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଁଞ୍ଚି ଯାଞ୍ଚ କରିଥିଲେ। ଏହି ଘଟଣାର କାରଣ ପୋଲିସ ଖୋଜି ବାହାର କରିଛି। ପୋଲିସ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଗୁଣି ଗାରେଡି ସନ୍ଦେହରେ ଏହି ହତ୍ୟାକାଣ୍ଡ ଘଟିଛି। ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ କେନ୍ଦୁଗୁଡା ଗ୍ରାମର ସୋମା ମାଡ଼କାମୀ ଫେରାର ଥିବା ବେଳେ ଏହି ଘଟଣାରେ ସମ୍ପୃକ୍ତ ଥିବା ସୋମାଙ୍କ ସ୍ତ୍ରୀ ମୁକେ ମାଡ଼କାମୀ ଏବଂ ଉକ୍ତ ଗ୍ରାମର ଅନ୍ୟ ଜଣେ ବ୍ୟକ୍ତି ମୁକା କବାସୀଙ୍କୁ ପୋଲିସ ଗିରଫ କରି ଶୁକ୍ରବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବା କୋରୁକୋଣ୍ଡା ଥାନା ଅଧିକାରୀ ଶ୍ରୀ ବାରିକ ସୂଚନା ଦେଇଛନ୍ତି। ପୁଲିସ କହିଛି, କେନ୍ଦୁଗୁଡା ଗ୍ରାମରେ ରହୁଥିବା ସୋମା ମାଡ଼କାମୀ ଓ ତାଙ୍କ ପତ୍ନୀ ମୁକେ ମାଡ଼କାମୀଙ୍କ ପୁଅ ପ୍ରାୟ ୨ ମାସ ପୂର୍ବେ ରୋଗରେ ପୀଡିତ ଥିଲେ। ସ୍ୱାସ୍ଥ୍ୟବସ୍ଥାରେ କୌଣସି ସୁଧାର ନହେବାରୁ ତାର ମୃତ୍ୟୁ ହୋଇଥିଲା ପିଲାଟିର ମୃତ୍ୟୁ ହେବାପରେ ଉକ୍ତ ଗ୍ରାମରେ ରହୁଥିବା ଦେବା ମାଡ଼କାମୀ -(୬୧) ନାମକ ବ୍ୟକ୍ତି ତାଙ୍କ ପୁଅକୁ ଗୁଣି ଗାରେଡି କରି ମାରିଦେଇଛି ବୋଲି ସୋମା ଓ ତାଙ୍କ ସ୍ତ୍ରୀ ମୁକେ ସନ୍ଦେହ କରିଥିଲେ। ଉଭୟେ ସ୍ୱାମୀ ସ୍ତ୍ରୀ ଏହି ଘଟଣା ସମ୍ପର୍କରେ ଗ୍ରାମବାସୀଙ୍କୁ ଜଣାଇଥିଲେ। କିଛିଦିନ ପୂର୍ବେ ଏ ନେଇ ଗ୍ରାମରେ ଏକ ମିଟିଂ ହୋଇ ଘଟଣାର ସମାଧାନ ହୋଇଥିଲା। ଏହାର କିଛି ଦିନ ପରେ ସୋମା ଉକ୍ତ ଗ୍ରାମରେ ରହୁଥିବା ମୁକା କବାସୀ ନାମକ ବ୍ୟକ୍ତଙ୍କୁ ସୋମା ନିଜ ଘରକୁ ଡାକି ମୁକାଙ୍କ ହାତରେ ମଦ ବୋତଲ ଦେଇଥିଲେ। ଉକ୍ତ ମଦକୁ ଦେବାଙ୍କୁ ପିଇବାକୁ ଦେବୁ ବୋଲି କହି ପଠାଇଥିଲେ। ମୁକା ସୋମାଙ୍କ କହିବାନୁସାରେ ବୁଧବାର ରାତିରେ ଦେବାଙ୍କ ପାଖକୁ ଯାଇ ତାଙ୍କୁ ବିଷ ମିଶାଯାଇଥିବା ମଦ ପିଇବାକୁ ଦେଇଥିଲେ। ଏହି ସମସ୍ତ ଘଟଣାରେ ସୋମାଙ୍କ ସ୍ତ୍ରୀ ମୁକେ ସହଯୋଗ କରିଥିବା ନେଇ ପୋଲିସ ପଚରା ଉଚୁରା କରିବା ସମୟରେ ମୁକା ସମ୍ମୁଖରେ ପ୍ରକାଶ କରିଥିଲେ। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ମୁଖ୍ୟ ଅଭିଯୁକ୍ତ ସୋମାଙ୍କୁ ଶୀଘ୍ର ଗିରଫ କରାଯିବ। ସୋମା ଧରା ପଡ଼ିବା ପରେ ଏହି ଘଟଣାରେ ତାଙ୍କ ସହିତ କେଉଁ ମାନଙ୍କର ସମ୍ପୃକ୍ତି ରହିଛି ତାହା ଜଣାପଡ଼ିବ ବୋଲି ଥାନା ଅଧିକାରୀ ଶ୍ରୀ ବାରିକ କହିଛନ୍ତି।

## ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ

କୋରୁକୋଣ୍ଡା, ୧୫।୧୧(ସମିସ): ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ବାର୍ଷିକୀ ବାଲିମେଳା ମହାବିଦ୍ୟାଳୟ ଓ ବାଲିମେଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ପାଳନ କରାଯାଇଛି।



କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ମାଲକାନଗିରି ଜିଲ୍ଲାରେ ବସବାସ କରୁଥିବା ୧୪ ଗୋଟି ଜନଜାତି ସମ୍ପ୍ରଦାୟର ଛାତ୍ରଛାତ୍ରୀ ମାନେ ନିଜ ନିଜ ସମ୍ପ୍ରଦାୟକୁ ପ୍ରତିନିଧିତ୍ୱ କରିବା ସହିତ ନିଜ ସଂସ୍କୃତି, ଭାଷା, ସଙ୍ଗୀତ ଓ ଜୀବନଶୈଳୀକୁ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ ଓ ନିଜ ଲୁକ୍କାୟିତ ସଂସ୍କୃତି କୁ ଉଜାଗର କରିଥିଲେ। କାର୍ଯ୍ୟକ୍ରମକୁ ଜିତେନ କୁମାର ପ୍ରଧାନ ପରିଚାଳନା କରିଥିଲେ। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଭାଷ ଚନ୍ଦ୍ର ମାଝୀ ଆଦିବାସୀ ସଂସ୍କୃତିର ସୌନ୍ଦର୍ଯ୍ୟତା ଓ ମୁଖ୍ୟ ଅତିଥି ଭାବରେ ପୂର୍ବତନ ଛାତ୍ର ଡକ୍ଟର ବିଭୁଦତ୍ତ ମହାନ୍ତି, ମମତା ପାତ୍ର ଓ ଡକ୍ଟର କିଶୋର କୁମାର ଦାସ ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ କହିଥିଲେ। କାର୍ଯ୍ୟକ୍ରମ ରେ ବର୍ତ୍ତମାନର ଛାତ୍ର ଛାତ୍ରୀଙ୍କ ଗହଣରେ ମହାବିଦ୍ୟାଳୟ ର ପୂର୍ବତନ ଛାତ୍ରଛାତ୍ରୀ (ଆଲୁମିନି) ମାନେ ମଧ୍ୟ ଯୋଗ ଦେଇଥିଲେ।

## ଜନଜାତୀୟ ଗୌରବ ଦିବସ

କୁଡୁମୁଲୁଗୁମ୍ମା, ୧୫।୧୧(ସମିସ): ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ନିକଟସ୍ଥ ପୁରୁଣାଗୁମ୍ମା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ମହାନ୍ ସ୍ୱତନ୍ତ୍ରତା ସେନାନୀ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ପାଳନ ସହିତ ଅଭାଭାବକ ଓ ଶିକ୍ଷକ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜିର କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ବିଶ୍ୱାଳ ସଭାପତିତ୍ୱ କରିଥଲେ। ମୁଖ୍ୟ ଅତିଥି ଭାବେ କୁଡୁମୁଲୁଗୁମ୍ମା ସରପଞ୍ଚ ମଙ୍ଗଳା ମାଢୀ ଯୋଗ ଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଗଣେଶ ପ୍ରସାଦ ଦାଶ, ମୁଖ୍ୟବକ୍ତା ବାଳକୃଷ୍ଣ ପ୍ରଧାନ, ସମ୍ମାନିତ ଅତିଥି ସିମାଞ୍ଚଳ ବିଶ୍ୱାଳ, ଭଗବାନ ସାହୁ, ହିମାଂଶୁ ଶେଖର ସ୍ୱାଇଁ, ଦିଲ୍ଲୀପ କୁମାର ଦାସ, ବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ଲକ୍ଷ୍ମୀ ମାଝୀ, ସଦସ୍ୟ ଶ୍ୟାମସୁନ୍ଦର ମାଝୀ ଓ ସୁଖିରାମ ସଗରୀଆ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଶ୍ରୀ ବିଶ୍ୱାଳ ବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ହୋଇଥିବା ପ୍ରତିଯୋଗୀତାର କୃତକାର୍ଯ୍ୟ ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ବର୍ଗର ତର୍କ ପ୍ରତିଯୋଗିତାରେ ସବିତା ପେଦା ଓ କନିଷ୍ଠ ବର୍ଗରେ ଶାନ୍ତିପ୍ରିୟ ଗୁଡିଆ, ସାଧାରଣ ଜ୍ଞାନରେ ଅଞ୍ଜଳି ମାଡକାମୀ ଓ ତୁଳସୀ ଶିଷା, ରଙ୍ଗୋଲି ଚିତ୍ର ପ୍ରତିଯୋଗିତାରେ ଅଞ୍ଜନା ଦିସାରୀ ଓ ସୁମିତା ମାଢୀ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶେଷରେ ଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରିଥିଲେ। ଶିକ୍ଷକ ବିଭୁପଦ ସାହୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ।



## ଫୁଲପିନ୍ଧାରେ ବିର୍ସାମୁଣ୍ଡାଙ୍କ ଜୟନ୍ତୀ

ଟିକିରି, ୧୫।୧୧(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ମାଇକଞ୍ଚ ପଞ୍ଚାୟତ ଅନ୍ତର୍ଗତ ଫୁଲ ପିନ୍ଧା ଗ୍ରାମରେ ବୀର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବୃକ୍ଷ ମୂଳରେ ପାଣି



ଦେଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା ଜନଜାଗରଣ ମଞ୍ଚର ସଭାପତି ଯୁଧିଷ୍ଠିର ନାୟକ ନେତୃତ୍ୱରେ। କାଶିପୁର ବ୍ଲକ ରେ ସରକାରୀ ବେସରକାରୀ ଅନୁଷ୍ଠାନ ବିଭିନ୍ନ ସ୍ଥାନରେ ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ ହୋଇଛି। କିନ୍ତୁ ଲୋକ ସଂଗଠନ ଜନଜାଗରଣ ମଞ୍ଚ ଫୁଲ ପିନ୍ଧା ଗ୍ରାମରେ ସହିଦ ବୀର ବିର୍ସା ମୁଣ୍ଡା ଜୟନ୍ତୀ ପାଳନ ନିଆରା ପରମ୍ପରା ଢଙ୍ଗରେ ମନାଇଛି। ରାୟଗଡ଼ା ଜିଲ୍ଲାରେ କାର୍ଯ୍ୟରତ ଲୋକ ସଂଗଠନ ଜନଜାଗରଣ ମଞ୍ଚ ପକ୍ଷରୁ ୧୦ ଗୋଟି ବ୍ଲକ ସାଙ୍ଗକୁ ଫୁଲପିନ୍ଧା ଗ୍ରାମରେ ସହିଦ ବୀର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ କରିବା ସହ ଆଦିବାସୀ ପରମ୍ପରା ବିକାଶ ଯାତ୍ରା ଆରମ୍ଭ ହୋଇଛି। ଏହି ଯାତ୍ରା କାଶିପୁର ବ୍ଲକର ୧୨୦ ଖଣ୍ଡ ଗ୍ରାମ ପରିଭ୍ରମଣ କରିବ ଏବଂ ୧୨ ଦିନ ଚାଲିବ। ଏହି ସଭାରେ ଜନଜାଗରଣ ମଞ୍ଚର ସଭ୍ୟ ସଭ୍ୟା ରୂପଧର ଗୋଉଡ, ଘାଶି ଝୋଡିଆ, ଚିନ୍ତାମଣୀ ଝୋଡିଆ, ମଦନା ବତି ଝୋଡିଆ, ତାରାବତୀ ଝୋଡିଆ, ମୋହନ ପାତ୍ର, ଅମି ମାଝୀ, ସୁବ୍ରି ମାଝୀ, ରାୟ ସିଙ୍ଗ ମାଝୀ, ବିଶ୍ୱମ୍ବର ନାଏକ ଉପସ୍ଥିତି ରହି ସଂଗଠନ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତିକୁ ସ୍ୱାଗତ ପଦକ୍ଷେପ ବୋଲି ମତ ପ୍ରକାଶ କରିଥିଲେ। ସଭାକୁ ଜନଜାଗରଣ ମଞ୍ଚର ସକ୍ରିୟ ସଦସ୍ୟ ସୀମାଞ୍ଚଳ ନାଏକ ପରିଚାଳନା କରିଥିବା ବେଳେ ପଦ୍ମଲୋଚନ ମାଝୀ, ପାଇକ ମାଝୀ, କେଶବ ମାଝୀ, କାହ୍ନୁ ଝୋଡିଆ, ସିଙ୍ଗ ଗଉଡ଼, ସଦା ମାଝୀ, ବିଶେନ୍ଦ୍ର ନାଏକ, ସୁରତ ଗୋପାଳ, ଭାଗୀରଥି ସାହୁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ଜାତୀୟସ୍ତରର ଜୁଡୋରେ ଯୋଗ ଦେବେ ଦୁଇ ବଣ ମଲ୍ଲି

ମାଲକାନଗିରି, ୧୫।୧୧(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ବଣ୍ଡାଘାଟୀ ମୁଦୁଲିପଡ଼ା ପଞ୍ଚାୟତ ଅନ୍ତର୍ଗତ ବଡପଡ଼ା ଗ୍ରାମର ବଣ୍ଡା ଜନଜାତି ପରିବାରର ଛାତ୍ର ବିନୋଦ ଚଲାନ(୧୩) ଓ ଗୋବିନ୍ଦପାଲି ପଞ୍ଚାୟତ ଅନ୍ତର୍ଗତ ସୋମାକୁଣ୍ଡ ଗ୍ରାମର ଛାତ୍ର ମହେଶ ହନ୍ତାଳ (୧୩) ଜାତୀୟ ସ୍ତର ଜୁଡୋ ପ୍ରତିଯୋଗୀତାରେ ଯୋଗ ଦେବା ପାଇଁ ମନୋନୀତ ହୋଇଛନ୍ତି। ଜିଲ୍ଲା ପାଇଁ ଏହା ଏକ ଗର୍ବ ଓ ଗୌରବର ବିଷୟ ହୋଇଥିବା ବେଳେ ବିଭିନ୍ନ ମହଲରୁ ସେମାନଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ଉଭୟ ଛାତ୍ର ମାଲକାନଗିରି ସଦରରେ ଥିବା କୁମୁଟିଗୁଡ଼ା ବିଦ୍ୟାଳୟରେ ୮ମ ଶ୍ରେଣୀରେ ପଢୁଥିବା ବେଳେ ବର୍ତ୍ତମାନ ସେମାନେ ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ସାଜିଛନ୍ତି। ଦୁହେଁ ପିଲାଦିନୁ ନିଜ ପିତା ମାତାଙ୍କୁ ଦେଖି ନାହାଁନ୍ତି। ବିଭିନ୍ନ ଅଭାବ ଅନାଟନରୁ ବାହାରି ନିଜ ଦୃଢ ଇଚ୍ଛା ଶକ୍ତିରେ ଜୀବନରେ କିଛି ଅଲଗା କରି ଦେଖେଇବାକୁ ଦୃଢ ସଂକଳ୍ପ ନେଇଛନ୍ତି। ତାଙ୍କ ସ୍ୱପ୍ନକୁ ଡେଣା ଦେଇ ସାକାର କରିବାରେ ଜିଲ୍ଲାର ଆଓମା ଗୁରୁକୁଳ ଏବଂ ଜିଲ୍ଲା ଯୁଡୋ ସଂଘର ସମସ୍ତ ସଦସ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି। ବିନୋଦ ଏବଂ ମହେଶ ଚଳିତ ବର୍ଷ ରାଜ୍ୟ ସ୍ତରୀୟ ସବ ଜୁନିୟର ଯୁଡୋ ପ୍ରତିଯୋଗୀତାରେ ସ୍ୱର୍ଣ୍ଣ ପଦକ ଅର୍ଜନ କରି ଜିଲ୍ଲା ଓ ବିଦ୍ୟାଳୟର ନାମ ଉଜ୍ଜଳ କରିଛନ୍ତି। ଏବେ ସେମାନେ ନିଜ ପ୍ରତିଭା ପ୍ରଦର୍ଶନ କରିବାକୁ ତେଲେଙ୍ଗାନା ରାଜ୍ୟ ହାଇଦ୍ରାବାଦର ଲାଲ ବାହାଦୁର ଷ୍ଟାଡିୟମ ଠାରେ ଚଳିତ ମାସ ୧୬ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଯୁଡୋ ଫେଡରେଶନ ଅଫ ଇଣ୍ଡିଆର ତତ୍ତ୍ୱାବଧାନରେ ଆୟୋଜିତ ହେବାକୁ ଥିବା ଜାତୀୟ ସବ୍ ଜୁନିୟର ଯୁଡୋ ପ୍ରତିଯୋଗୀତା ୨୦୨୫ ରେ ଅଂଶଗ୍ରହଣ କରିବେ। ଓଡ଼ିଶା ସବ୍ ଜନିଅର୍ ବିଭାଗର ଅନ୍ୟ ଖେଳାଳୀଙ୍କ ସହିତ ବିନୋଦ ନିଜର -୪୦ ଏବଂ ମହେଶ -୩୦ ଓଜନ କ୍ୟାଟେଗୋରୀରେ ଖେଳିବେ।



## ରିତମ କଲେଜରେ ବିଜ୍ଞାନ ଉତ୍ସାହ କାର୍ଯ୍ୟକ୍ରମ

ରାୟଗଡ଼ା, ୧୫।୧୧(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ ପିତାମହଲ ଉପକଣ୍ଠ ରିତମ କଲେଜ ପରିସରରେ ଅଧ୍ୟକ୍ଷ ଡ. ଏସ. ଶ୍ରୀନିବାସନଙ୍କ ତତ୍ତ୍ୱାବଧାନରେ ଜାତୀୟ ସ୍ତରର ସେମିନାର ଓ ଶିଶୁ ଦିବସ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର କିଶନ କୁମାର ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ଆସିଷ୍ଟାଣ୍ଟ ପ୍ରଫେସର ସନତ କୁମାର ପଣ୍ଡା ଅତିଥି ସମ୍ମାନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାୟଗଡ଼ା ସ୍ଥିତ ଜିଆଇଏସିଆରର ପ୍ରଫେସର ଡ. ଜୁଲୀ ମାର୍ଗରିତ୍ତେସ ଯୋଗ ଦେଇ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ। କିଶନ କୁମାର ବିଜ୍ଞାନ କିପରି ଭାବେ ବ୍ୟବସାୟିକ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଭୂମିକା ଗ୍ରହଣ କରିଛି ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ଼. ଏସ. ଶ୍ରୀନିବାସନ ଓ ଆସିଷ୍ଟାଣ୍ଟ ପ୍ରଫେସର ସନତ କୁମାର ପଣ୍ଡା ମୁଖ୍ୟ ଅତିଥି ଡ. ଜୁଲୀ ମାର୍ଗରିତ୍ତେ ଏସଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମର ପରେ ପରେ ଅନୁଷ୍ଠାନର ପ୍ରତିବର୍ଷ ପରି ଶିଶୁଦିବସ ପାଳନ କରାଗଲା। ଛାତ୍ରଛାତ୍ରୀଙ୍କୁ ଶିଶୁ ଦିବସ ନିମନ୍ତେ ଉପହାର ଦେବା ସହ ବିଭିନ୍ନ ପ୍ରତିଯୋଗିତା ରେ ବିଜେତା ମାନଙ୍କୁ ସାର୍ଟିଫିକେଟ ଓ ପୁରସ୍କାର ଦିଆଯାଇଥିଲା। ଏଚଆଣ୍ଡ ବିଏସର ଏଚଓଡି ଆସିଷ୍ଟାଣ୍ଟ ପ୍ରଫେସର ଅରୁଣ ପାଣି ମୁଖ୍ୟ ଅତିଥି, ଅଧ୍ୟକ୍ଷ, ପ୍ରାଧ୍ୟାପକ ପ୍ରାଧ୍ୟାପିକା ଓ ଛାତ୍ରଛାତ୍ରୀ ଧନ୍ୟବାଦ୍ ଅର୍ପଣ କରିଥିଲେ।



## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ଦିବସ ପାଳିତ



ଗୁଡାରି, ୧୫।୧୧(ସମିସ): ଗୁଡାରୀ ସରସ୍ୱତି ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ଦିବସ ଧୁମଧାମ୍ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୋଷ୍ଟ ଅଫିସ୍ କାର୍ଯ୍ୟାଳୟର ମୁଖ୍ୟ ନରହରୀ ନାୟକ ଯୋଗ ଦେଇଥିଲେ। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ ପ୍ରଥମ ଅଶ୍ୱନୀ ଦଳପତି, ଅଙ୍କିତ ଦଳପତି ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ପ୍ରତ୍ୟୁସି ରଥ ରହିଛନ୍ତି। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଲକେଶ୍ୱରୀ ପ୍ରଧାନ। ଏଥିରେ ପ୍ରଧାନ ଆଚାର୍ଯ୍ୟ ଦିଲିପ ସାହୁ ଉପସ୍ଥିତ ରହି କାର୍ଯ୍ୟଭାର ସମ୍ଭାଳିଥିବା ବେଳେ ସମସ୍ତ ଗୁରୁ ଜି ଗୁରୁମା ସହଯୋଗ କରିଥିଲେ। ସେହିପରି ଗୁଡାରୀ ସହରର ବିଭିନ୍ନ ସରକାରୀ ଓ ବେସରକାରୀ ସ୍କୁଲରେ ଶିଶୁ ଦିବସ ପାଳିତ ହୋଇଯାଇଛି।

ରାୟଗଡ଼ାରେ ଖେଳ ସାଂସଦ କାର୍ଯ୍ୟକ୍ରମ

# ଜିଲ୍ଲାରେ କ୍ରୀଡ଼ା ପ୍ରତିଭାର ଅଭାବ ନାହିଁ : କ୍ରୀଡ଼ା ମନ୍ତ୍ରୀ

ରାୟଗଡ଼ା, ୧୫।୧୧(ସମିସ)



ରାୟଗଡ଼ା ଜିଲ୍ଲାର ଗ୍ରାମାଞ୍ଚଳ ଓ ସହରାଞ୍ଚଳରୁ ଲୁକ୍କାୟିତ କ୍ରୀଡ଼ାବିତ୍‌ଙ୍କୁ ଚିହ୍ନଟ କରିବା ଲକ୍ଷ୍ୟରେ କୋରାପୁଟ ଲୋକସଭା କ୍ଷେତ୍ରର ରାୟଗଡ଼ା ଠାରେ ସାଂସଦ ଖେଳ ମହୋତ୍ସବ -୨୦୨୫ ଅନୁଷ୍ଠିତ ହେବ। ଆଜି ରାୟଗଡ଼ାର ସ୍ଥାନୀୟ ଜିସିଡି ହାଇସ୍କୁଲ ପଡ଼ିଆ ଠାରେ ଅନୁଷ୍ଠିତ ସାଂସଦ ଖେଳ ମହୋତ୍ସବ ପ୍ରସ୍ତୁତି କାର୍ଯ୍ୟକ୍ରମରେ ଅତିଥିମାନେ ଏ ନେଇ ବକ୍ତବ୍ୟ ରଖିଛନ୍ତି। ସାଂସଦ ଖେଳ ମହୋତ୍ସବ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କାର୍ଯ୍ୟକ୍ରମରେ ଯୋଗ ଦେଇ ଓଡ଼ିଶା ସରକାରଙ୍କ କ୍ରୀଡା ଓ ଉଚ୍ଚ ଶିକ୍ଷା ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପ୍ରକାଶ କରିଥିଲେ। ରାୟଗଡ଼ା ଜିଲ୍ଲାରେ ମୁଗାଇ ମାଝି, ବିଶ୍ୱକପ୍ ବିଜେତା ଖୋଖୋ ଭାରତୀୟ ଦଳର ଖେଳାଳୀ, ସ୍ୱିଟି ପ୍ରଧାନ ଭଳି ବ୍ୟାଡମିଣ୍ଟନ ଖେଳାଳୀଙ୍କ ସହ ଅନେକ ଯୁବ ପ୍ରତିଭାଙ୍କ ଅଭାବ ନ ଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତି ବ୍ଲକରେ ୧୪କୋଟି ୫୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବ୍ଲକସ୍ତରୀୟ ବହୁମୁଖୀ ଷ୍ଟାଡିୟମ ନିର୍ମାଣ କରାଯିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସୂରଜ ପ୍ରକାଶ କରିଥିଲେ। ଅଗାମୀ ଡିସେମ୍ବର ୨୫ତାରିଖରେ ଅଟଳବିହାରୀ ବାଜପେୟୀଙ୍କ ଜନ୍ମଜୟନ୍ତିରେ ଖେଳ ମହୋତ୍ସବ ସମାପ୍ତ ହେବାକୁ ଥିବା ବେଳେ ହାତରେ ୪୦ଦିନ ରହିଛି। ଏଥିପାଇଁ ୮ଟି ଖେଳ ଶୃଙ୍ଖଳିତରେ ଆୟୋଜିତ ହେବ। ସାଂସଦ ଖେଳ ମହୋତ୍ସବ ପୋର୍ଟାଲରେ ଇଚ୍ଛୁକ ମାନେ ଆବେଦନ କରନ୍ତୁ ବୋଲି ନ୍ୟତମ ମୁଖ୍ୟ ଅତିଥି ରାଜ୍ୟସଭା ସାଂସଦ ସୁଜିତ କୁମାର ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଉପଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ଜନଜାତି ମୋର୍ଚ୍ଚା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କାଳୀରାମ ମାଝି, ଜିଲ୍ଲା ବିଜେପି ସଭାପତି ଗୋପୀ ଆନନ୍ଦ, ବରିଷ୍ଠ ନେତା ଶିବଶଙ୍କର ଉଲାକା, ବସନ୍ତ ଉଲାକା, ଉମେଶ ଖୋସଲା ପ୍ରମୁଖ ମଞ୍ଚାସୀନ ହୋଇଥିବା ବେଳେ ରାଜେଶ ପାଣିଗ୍ରାହୀ, ଅଜୟ ବୁଲେଟ, ମଞ୍ଜୁଳା ମିଣିଆକା ଓ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ରାୟଗଡ଼ାର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ସେଞ୍ଚୁରୀୟନ ୟୁନିଭରସିଟିର ନିର୍ଦ୍ଦେଶକ ଡ. ରାଜେଶ କୁମାର ପାଢ଼ୀ, ଜିଷ୍ଟ କଲେଜ, ମହିଳା ମହାବିଦ୍ୟାଳୟ ଭଳି ଅନ୍ୟ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷଙ୍କୁ ଉଚ୍ଚ ଶିକ୍ଷା ମନ୍ତ୍ରୀ ମଞ୍ଚରେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲ, କଲେଜର ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଯୁବକମାନେ ଉପସ୍ଥିତ ରହିଥିଲେ।

## ଜିଲ୍ଲାସ୍ତରୀୟ ଜନ ଜାତୀୟ ଗୌରବ ଦିବସ

ମାଲକାନଗିରି, ୧୫।୧୧(ସମିସ): ଧରତୀ ଆବ୍‌ବା ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ମାଲ୍ୟବନ୍ତ ହଷ୍ଟେଲ ପରିସରରେ ଜିଲ୍ଲା ସ୍ତରୀୟ ଜନ ଜାତୀୟ ଗୌରବ ଦିବସ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଭାସୀ ମାଧ୍ୟମରେ ଯୋଗ ଦେଇ ସଭାକୁ ସମ୍ବୋଧିତ କରିଥିଲେ। ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଯୋଗ ଦେଇ ଥିବା ବେଳେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ସମାରୀ ଟାଙ୍ଗୁଲ, ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ହଳଧର ଶବର, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ ଓ ଆଦିବାସୀ ମହାସଂଘ ସଭାପତି ବନ୍ଧୁ ମୁଦୁଲି ଉପସ୍ଥିତ ଥିଲେ। ଆଜି ଟଙ୍ଗଗୁଡା, ନିଳିମାରୀ, ତୁମୁସାପାଲୀ ଓ କୋତାମାଟେରୁ ସ୍ଥିତ ଆଶ୍ରମ ସ୍କୁଲ୍ ନିମନ୍ତେ ୪ ଗୋଟି ପ୍ରକଳ୍ପ ଉଦ୍‌ଘାଟନ କରାଯାଇଛି। ଜନଜାତି ଯୁବ ଉଦ୍ୟୋଗୀ ମାନଙ୍କୁ ୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ସେହିପରି ହିତାଧୀକାରୀ ମାନଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲ୍ଲା ଆଦିବାସୀ ମହାସଂଘ ସମେତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଜନଜାତି ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ପରିଚାଳନା କରିଥିଲେ।





# ବନ୍ଧୁକ ମାଫିଆଙ୍କ ଟାର୍ଗେଟ୍ ଟୁଇନ୍‌ସିଟି





ଭୁବନେଶ୍ୱର, ୧୫ା୧୧(ସମିସ): ଭୁବନେଶ୍ୱର ଏବଂ କଟକ ଟୁଇନ୍‌ସିଟି ଶାନ୍ତିପ୍ରିୟ ସହର ଭାବେ ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଟୁଇନ୍‌ସିଟିର ଏହି ଶାନ୍ତକୁ ଦେଖି ସହି ପାରୁନାହାନ୍ତି ଉତ୍ତର ଭାରତର ବନ୍ଧୁକ ବ୍ୟବସାୟୀ। ପରିସ୍ଥିତି ବିଗାଡ଼ିବାକୁ ଏହା ଉପରେ ଦୁଇ ସହର ଉପରେ ଲୋଲୁପ ଦୃଷ୍ଟି ପକାଇଛନ୍ତି। ବନ୍ଧୁକ ବ୍ୟବସାୟ କରି ସହରର ଶାନ୍ତିକୁ ଭଙ୍ଗ କରିବାକୁ ଏମାନେ ଜୋରସୋର୍‌ରେ ଉଦ୍ୟମ ଚଳାଇଛନ୍ତି। ପ୍ରତ୍ୟେକ ଅପରାଧୀଙ୍କ ହାତରେ ଅଟୋମେଟେଡ୍ ବନ୍ଧୁକ ଯୋଗାଇଦେବା ଲକ୍ଷ୍ୟରେ ଏମାନେ ସିନା ମୋଟା ଅଙ୍କର ଟଙ୍କା ରୋଜଗାର କରୁଛନ୍ତି କିନ୍ତୁ ପରିଣାମରେ ଅଶାନ୍ତ ହୋଇପଡୁଛି ରାଜଧାନୀ ସହର ସମେତ ପୂରା ଟୁଇନ୍ ସିଟି।

ପୂର୍ବରୁ ଏହି ବ୍ୟବସାୟୀମାନେ ଟୁଇନ୍‌ସିଟିରେ କାଁ ଭାଁ ସକ୍ରୀୟ ହେଉଥିଲେ। ଗୋଟିଏ ଦୁଇଟି ବନ୍ଧୁକ ଆଣି ବ୍ୟବସାୟ କରୁଥିଲେ। ହେଲେ ଏବେ କିନ୍ତୁ ଉତ୍ତର ଭାରତ ବନ୍ଧୁକ ବ୍ୟବସାୟୀ ବର୍ଷ ତମାମ୍ ସକ୍ରିୟ ରହୁଛନ୍ତି। ଟୁଇନ୍‌ସିଟିରେ ଏମାନେ ନିଜର ପାଦଚିହ୍ନ ବଢ଼ାଇବାରେ ଲାଗିଛନ୍ତି। ନିଜର ଜଡ ମଜଭୂତ କରୁଛନ୍ତି। ବିଗତ କିଛି ବର୍ଷ ଧରି ଗୋଟିଏ ଦୁଇଟି ବଡ ଚଢଉ ହେଉଥିଲା। ଯେଉଁଥିରେ ୫କିମ୍ବା ଏହାଠାରୁ ଅଧିକ ବନ୍ଧୁକ ଜବତ ହେଉଥିଲା। ଚଳିତବର୍ଷରେ ଟୁଇନ୍‌ସିଟିରେ ବନ୍ଧୁକକୁ ନେଇ ଅନେକ ଛୋଟ ମୋଟ ଚଢଉ ହୋଇଥିଲା ବେଳେ ୪ଟି ବଡ଼ ଚଢଉ ହୋଇଛି। ଏହି ୪ ଚଢ଼ଉରେ ଏକ ବନ୍ଧୁକ କାରଖାନା, ୫୦ବନ୍ଧୁକ ଏବଂ ୩୯ ଜୀବନ୍ତ ଗୁଳି ଜବତ ହୋଇଛି। ଯାହା ଏବେ ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି।

ପ୍ରତ୍ୟେକଟି ବଡ ଚଢଉରେ ଉତ୍ତର ଭାରତର ବ୍ୟବସାୟୀ ଏବଂ ଅପରାଧୀଙ୍କ ଲିଙ୍କ୍ ଥାଏ। ଏମାନେ କଟକ ୪୨ମୌଜାରେ ବନ୍ଧୁକ କାରଖାନା ବସାଇ ବହୁ ବନ୍ଧୁକ ବିକ୍ରି କରିଛନ୍ତି। ଏହି ଗୋଟିଏ ଘଟଣାକୁ ଛାଡିଦେଲେ ଅନ୍ୟ ସମସ୍ତ ଘଟଣାରେ ପୁଲିସ ମାଷ୍ଟରମାଇଣ୍ଡ ପାଖରେ ପହଞ୍ଚି ପାରୁ ନାହିଁ। କେବଳ ବନ୍ଧୁକ ସପ୍ଲାୟର୍ସଙ୍କୁ ଗିରଫ କରୁଛି। ଏମାନେ କାହାକୁ ବନ୍ଧୁକୁ ଯୋଗଇଛନ୍ତି ତାହା ମଧ ଜାଣି ପାରୁନାହିଁ। ଯାହା ଚିନ୍ତାର ମୁଖ୍ୟ କାରଣ। ଟୁଇନ୍‌ସିଟିରେ ବନ୍ଧୁକ ବ୍ୟବସାୟ ବଢ଼ିଲେ ଅପରାଧ ବୃଦ୍ଧି ପାଇବ। ଅଧିକରୁ ଅଧିକ ଯୁବଗୋଷ୍ଠୀ ଅପରାଧ ମୁହାଁ ହେବ। ହତ୍ୟା, ଲୁଟ୍, ଗ୍ୟାଙ୍ଗ୍‌ୱାର, ବଟି ଆଦାୟ, ଡକାୟତି, ଚୋରି ଭଳି ଅପରାଧ ବଢ଼ିବ। ଯାହା ଦୁଇ ସହରର ଶାନ୍ତିପୂର୍ଣ୍ଣ ସାମାଜିକ ପରିସ୍ଥିତିକୁ ଦୃଢ ମାତ୍ରାରେ ପ୍ରଭାବିତ କରିବ।

- ବିହାର ପରେ ମାତିଲେଣି ପୂରା ଉତ୍ତରଭାରତ ବେପାରୀ
- ବହୁ ପରିମାଣରେ ଯୋଗାଉଛନ୍ତି ବନ୍ଧୁକ
- ବର୍ଷକରେ ୪ ବଡ଼ ଚଢ଼ଉ; ୫୦ ବନ୍ଧୁକ, ୩୯ ଗୁଳି ଜବତ

### ୪୨ମୌଜାରେ ଉତ୍ତର ଭାରତ ଗ୍ୟାଙ୍ଗ୍ ଚଳାଇଥିଲେ କାରଖାନା



ମାର୍ଚ୍ଚ ମାସ ୧୩ ତାରିଖରେ କମିସନରେଟ୍ ପୁଲିର ଅଞ୍ଚଳ ୪୨ ମୌଜାରେ ବିଦେଶୀ ବନ୍ଧୁକ କାରଖାନା ଠାବ ହୋଇଥିଲା। ଯାହା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ଉପକୂଳ ଜିଲ୍ଲାରେ ଏଭଳି କାରଖାନା ଦେଖି ଠାବ କରିଥିବା ସଂସ୍ଥା ଏସ୍‌ଟିଏଫ୍ ବି ଆଶ୍ଚର୍ଯ୍ୟ ହୋଇଯାଇଥିଲା। ଏକ ଫାର୍ମ ହାଉସର ଚାଳଘରେ ଚାଲିଥିବା ଏହି କାରଖାନାରୁ ମିଳିଥିଲା ୨୯ ବନ୍ଧୁକ। ମୋଟର, ଲେଦ୍, ୧୪ ସ୍ଲାଇଡର, ୧୫ ବାରେଲ୍। ଉତ୍ତରପ୍ରଦେଶ ଫେରନ୍ତା ଜଣେ ସ୍ଥାନୀୟ ବ୍ୟକ୍ତିଙ୍କ ସହାୟତାରେ ଉତ୍ତର ଭାରତ ବନ୍ଧୁକ ବ୍ୟବସାୟୀ ଗ୍ୟାଙ୍ଗ୍ ଚଳାଇଥିଲେ ବନ୍ଧୁକ କାରଖାନା। ଏଥିରେ ଉତ୍ତର ପ୍ରଦେଶ ହଜରତଗଞ୍ଜ ଅଞ୍ଚଳର ଏମ୍‌ଡି. ହୁସେନ୍ ଏବଂ ବିହାର ମୁଙ୍ଗେର ଅଞ୍ଚଳର ମହମ୍ମଦ କାଲୁ ଏବଂ ପଶ୍ଚିମବଙ୍ଗର ଏମ୍‌ଡି. ବୁଧୁଙ୍କୁ ଗିରଫ କରିଥିଲା। ଏମାନେ ବର୍ଷେରୁ ଅଧିକ ସମୟ ଧରି ବନ୍ଧୁକ ପ୍ରସ୍ତୁତ କରି ରାଜ୍ୟରେ ବହୁ ଅପରାଧୀଙ୍କୁ ବିକ୍ରି କରିଥିବା ଏସ୍‌ଟିଏଫ୍ ସାମ୍ନାରେ ସ୍ୱୀକାର କରିଥିଲେ।

### ଜୁନ୍‌ରେ ଧରାପଡ଼ିଥିଲେ ୟୁପି, ବିହାରର ୫ ଅଭିଯୁକ୍ତ

ଚଳିତବର୍ଷ ଜୁନ୍୧୩ ତାରିଖରେ କମିସନରେଟ୍ ପୁଲିସ ଉତ୍ତରପ୍ରଦେଶ ଏବଂ ବିହାରରୁ ବନ୍ଧୁକ ଓଡ଼ିଶା ଆଣି ବ୍ୟବସାୟ କରୁଥିବା ଏକ ଗ୍ୟାଙ୍ଗ୍‌କୁ ପୁଲିସ ମାଡି ବସିଥିଲା। ଏହି ୨ରାଜ୍ୟର ୫ ଅଭିଯୁକ୍ତଙ୍କୁ ଠାରୁ ୬ବନ୍ଧୁକ ଏବଂ ୧୮ ଗୁଳି ଜବତ ହୋଇଥିଲା।



### ଦୁଇ ମାସ ତଳେ ଧଉଳିରୁ ଧରାପଡ଼ିଥିଲା ୧୦ ବନ୍ଧୁକ

ଗତ ସେପ୍ଟେମ୍ବର ମାସରେ ଭୁବନେଶ୍ୱର ଧଉଳି ଅଞ୍ଚଳରୁ ସ୍ପେଶାଲ କ୍ରାଇମ୍ ୟୁନିଟ୍ ବିପୁଳ ୧୦ ସେମିଅାଟୋମେଟେଡ୍ ବନ୍ଧୁକ, ୧୮ ଗୁଳି ଜବତ କରିଥିଲା। ଧଉଳି ଥାନା ଅଞ୍ଚଳରେ ବନ୍ଧୁକ ସପ୍ଲାୟର ସେଖ୍ ନଦୀମ୍‌କୁ ପୁଲିସ ଭୋରୁ ଭୋରୁ ପୁଲିସ ମାଡ଼ିବସିଥିଲା। ତାଙ୍କ ଘର କୃଷ୍ଣନନ୍ଦନପୁର ଅଞ୍ଚଳରେ ହୋଇଥିଲା ବେଳେ ସେ ଉତ୍ତର ଭାରତର ଆର୍ମସ୍ ଡିଲରଙ୍କ ଲିଙ୍କ୍‌ରେ ରହି ଏଭଳି କାରବାର କରୁଥିବା ଚର୍ଚ୍ଚା ହୋଇଥିଲା। ସେ ସେଠାରୁ ବନ୍ଧୁକ ଆଣି ରାଜଧାନୀକୁ ବନ୍ଧୁକ ସପ୍ଲାଏ କରୁଥିଲେ।

### ମୁଙ୍ଗେର ବନ୍ଧୁକକୁ ଜବତ କରିଥିଲା ମାଲଗୋଦାମ ପୁଲିସ

୨୬ ଜୁଲାଇରେ ମାଲଗୋଦାମ ଥାନାକୁ ଗୁଇନ୍ଦା ସୂଚନା ମିଳିଲା ଯେ ଥାନା ଅଞ୍ଚଳରେ ମୁଙ୍ଗେରୁ ଆସିଥିବା ବନ୍ଧୁକ କାରବାର ହେଉଛି। ତୁରନ୍ତ ପୁଲିସ ଟିମ୍ ଛାପା ମାରି ୫ବନ୍ଧୁକ ଏବଂ ୧୩ ଜୀବନ୍ତ ଗୁଳି ଜବତ କଲା। ଏହାସହ ୬ଜଣଙ୍କୁ ଗିରଫ କରିଥିଲା। ଏହି ୬ଜଣ ବିହାରୀ ବନ୍ଧୁକ ବ୍ୟବସାୟୀ ଗ୍ୟାଙ୍ଗ୍‌ର ଅଂଶ ଥିଲେ। ଏମାନେ ବିହାରୀ ଗ୍ୟାଙ୍ଗ୍ ଠାରୁ ବନ୍ଧୁକ ଆଣି ନିୟମିତ ଭାବେ କଟକ ଏବଂ ଭୁବନେଶ୍ୱରରେ ଅପରାଧୀଙ୍କୁ ବନ୍ଧୁକ ଯୋଗାଉଥିଲେ।

### ଡକାୟତଙ୍କୁ ବିକ୍ରି ହେଉଛି ବନ୍ଧୁକ

ସୁନା ଦୋକାନରେ ଡକାୟତି କରୁଥିବା ଗ୍ୟାଙ୍ଗ୍ ଏମାନଙ୍କ ପ୍ରଥମ କଷ୍ଟମର୍। ଏମାନେ ପ୍ରରମ୍ଭିକ ପର୍ଯ୍ୟାୟରେ ଏମାନଙ୍କୁ ହିଁ ବନ୍ଧୁକ ଯୋଗାଉଛନ୍ତି। ୪୨ ମୌଜା ବନ୍ଧୁକ କାରଖାନା ଲିଙ୍କ ଖୋଜୁ ଖୋଜୁ ଖୋଜୁ ଏମ୍‌ଡି. ଆସଲମ୍ ଏସ୍‌ଟିଏଫ୍ ହାତରେ ଧରାପଡ଼ିଥିଲେ। ପରେ ତଦନ୍ତରୁ ଜଣାପଇଥିଲା ପାଣିକୋଇଲି ଜୁଏଲାରୀ ସପ୍ ମାଲିକଙ୍କୁ ହତ୍ୟାରେ ଏହି ବନ୍ଧୁକ ବ୍ୟବହାର କରାଯାଇଥିଲା। ସେହିପରି ସମ୍ବଲପୁର ଗୋଲ୍ଡ ଲୋନ୍ କାର୍ଯ୍ୟାଳୟ ସମ୍ମୁଖ ହତ୍ୟାକାଣ୍ଡରେ ମଧ ଏହି ବନ୍ଧୁକ ବ୍ୟବହାର କରାଯାଇଥିଲା।

### ବନ୍ଧୁକ କିଣୁଛନ୍ତି ବ୍ରାଉନ୍‌ସୁଗରର ସପ୍ଲାୟର୍ସ

ଡାକାୟତଙ୍କ ପରେ ଏମାନଙ୍କ ବ୍ରାଉନ୍‌ସୁଗର ସପ୍ଲାୟର୍ସଙ୍କ ପାଖରେ ଏମାନଙ୍କ ବନ୍ଧୁକ ଚାହିଦା କାହିଁରେ କଣ। ରାଜ୍ୟର ନିଶା କାରବାର ନେଟ୍‌ୱର୍କ ଏମାନଙ୍କ ବନ୍ଧୁକ ସହାୟତରେ ରାଜ୍ୟରେ ବର୍ତ୍ତମାନ ସବୁଠାରୁ ସକ୍ରୀୟ। ଅବଶ୍ୟକ ହେଲେ ଏହି ବନ୍ଧୁକରେ ପୁଲିସକୁ ବି ଗୁଳି ଚଳାଇବାକୁ ପଛାଉ ନାହାନ୍ତି।

### ପୂର୍ବରୁ କେବଳ ଗ୍ୟାଷ୍ଟରଷ୍ଟରଙ୍କୁ ଯୋଗାଉଥିଲେ ଏବେ ସମସ୍ତଙ୍କୁ ବିକ୍ରି କରୁଛନ୍ତି

ଉତ୍ତର ଭାରତର ବନ୍ଧୁକ ବେପାରୀ ପୂର୍ବରୁ କେବଳ ରାଜ୍ୟରେ କିଛି ଗ୍ୟାଙ୍ଗ୍‌ଷ୍ଟରଙ୍କୁ ବନ୍ଧୁକ ଯୋଗାଉଥିଲେ। ହେଲେ ଏମାନଙ୍କ ପାଖରେ ସପ୍ଲାୟର୍ସ ବଢ଼ି ଗଲେଣି। ଏଣୁ ଯାହାକୁ ପାରୁଛନ୍ତି ବିକ୍ରି କରୁଛନ୍ତି।

### ଡାର୍କ ୱେବ୍‌ରେ ଖୋଲିଛନ୍ତି ବନ୍ଧୁକ ଦୋକାନ

ଏମାନେ ଡାର୍କ ୱେବ୍‌ରେ ଖୋଲିଛନ୍ତି ବନ୍ଧୁକ ଦୋକାନ। ପ୍ରଥମେ ବନ୍ଧୁକ କିଣିବାକୁ ଏମାନଙ୍କ ପାଖକୁ ଯିବାକୁ ପଡୁଥିଲା। ପରେ ଏମାନେ ସପ୍ଲାୟର୍ସ ପଠାଇ ବନ୍ଧୁକ ବିକ୍ରିକଲେ। ଏବେ କିନ୍ତୁ ଇଣ୍ଟରନେଟ୍‌ର ଡାର୍କ ୱେବ୍‌ରେ ଏମାନେ ବନ୍ଧୁକ ବିକ୍ରି କରୁଛନ୍ତି। କେବଳ ସପ୍ଲାୟର୍ସ ହେଲିଭରୀ ଦେବାକୁ ଆସୁଛି।

## ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ

ଭୁବନେଶ୍ୱର, ୧୫ା୧୧(ସମିସ): ବ୍ରାଉନ୍‌ସୁଗର କାରବାର ଅଭିଯୋଗରେ ଅବକାରୀ ଥାନା ପୁଲିସ ମହିଁସା ଖାଲ ଅଞ୍ଚଳର ସୁଧୀର ନାୟକଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲଣ କରିଛି। ତାଙ୍କ ଠାରୁ ୭୨ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରାଯାଇଛି। ସେ ଜଣେ ଅଭ୍ୟାସଗତ ଅପରାଧୀ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ସେ ଏଠାରେ ବହୁଦିନ ହେବ ବ୍ରାଉନ୍‌ସୁଗର ବ୍ୟବସାୟ କରି ଆସୁଥିଲେ। ଗୁଇନ୍ଦା ସୂଚନା ଆଧାରରେ ଅବକାରୀ ଥାନା ପୁଲିସ ଖବର ପାଇ ମହିଁସାଖାଲରେ ଚଢଉ କରି ତାଙ୍କୁ ଗିରଫ କରିଥିଲା।

## ୫ ମାସରେ ମୋବାଇଲ ଚୋର ଦୋଷୀ ସାବ୍ୟସ୍ତ



ଭୁବନେଶ୍ୱର, ୧୫ା୧୧ (ସମିସ): ଭରତପୁର ଥାନା ଅଞ୍ଚଳର ଏକ ମୋବାଇଲ ଚୋରି ମାମଲାର ରାୟ ୫ ମାସରେ ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ଜେଏମଏଫସି (୫ମ) ର ବିଚାରପତି ଇତିଶ୍ରୀ ମହାପାତ୍ର ଚୋରି ମାମଲାର ବିଚାର କରି ଆସାମୀ ବ୍ରଜମୋହନ କହଁରକୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନାନୁସାରେ, ଗତ ଜୁନ୍ ୧୩ ତାରିଖ ଦିନ ଭରତପୁର ଭଗବତୀ କଲୋନୀର ବିକାଶ ନାୟକ ଘରେ ଶୋଇଥିଲେ। ସେହି ସମୟରେ ବ୍ରଜମୋହନ ତାଙ୍କ ଘରେ ପଶି ମୋବାଇଲ ଫୋନ, ବାଇକ୍ ଚାବି ଓ ୨ ହଜାର ଟଙ୍କା ଚୋରି କରିନେଇଥିଲେ। ବିକାଶ ଏନେଇ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ସବ୍ ଇନ୍ସପେକ୍ଟର ଶାନ୍ତନୁ କୁମାର ବେହେରା ବ୍ରଜମୋହନକୁ ଗିରଫ କରିବା ସହ ନିର୍ଦ୍ଧାରିତ ସମୟରେ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲେ। ଅଦାଲତ ଘଟଣାର ସମ୍ପୃକ୍ତ ସାକ୍ଷୀ ଓ ବିଭିନ୍ନ ଦସ୍ତାବିଜ ଆଧାରରେ ବ୍ରଜମୋହନକୁ ୫ ମାସର କାରାଦଣ୍ଡ ଶୁଣାଇଛନ୍ତି। ସୂଚନାଯୋଗ୍ୟ ଯେ, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲାରେ ଚଳିତବର୍ଷ ମୋଟ ୮୪ ମାମଲାର ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇ ସାରିଲେଣି।

## କବାଟ ତାଲା ଭାଙ୍ଗି ନେଇଗଲେ ୩ ଲକ୍ଷର ମେଣ୍ଢା

ବାଲିଅନ୍ତା, ୧୫ ।୧୧(ସମିସ): ବାଳକାଟି ଫାଣ୍ଡି ଅଧୀନ ସାତକାଣିଆ ଗ୍ରାମର ଜୟୀରାମ ବେହେରାଙ୍କ ଗୁହାଳ ତାଲା ଭାଙ୍ଗି ଦୁର୍ବୃତ୍ତ ୪୦ଟି ମେଣ୍ଢା ଲୁଟି ନେଇଛନ୍ତି। ଯାହାର ମୂଲ୍ୟ ୩ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଜୟୀରାମ ଏ ସଂକ୍ରାନ୍ତରେ ବାଳକାଟି ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ବାଳକାଟି ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ କରିଥିଲେ। ହେଲେ ଲୁଟ ମେଣ୍ଢା ଓ ଲୁଟେରାଙ୍କ ସମ୍ପର୍କରେ ପୁଲିସକୁ କିଛି ସୂଚନା ମିଳିପାରି ନାହିଁ। ସୂଚନା ଅନୁସାରେ ଜୟୀରାମଙ୍କ ଗୁହାଳ ଘର ଠାରୁ ଅଳ୍ପ ଦୂରରେ। ଦୁର୍ବୃତ୍ତ ମେଣ୍ଢାମାନଙ୍କ ମୁହଁରେ ନିଶା ଔଷଧ ସ୍ପ୍ରେ କରି ଲୁଟ କରିଥିଲେ। ୮ଟି ଛୁଆ ମେଣ୍ଢା ଛାଡି ଦେଇ ଯାଇଛନ୍ତି। ମେଣ୍ଢା ଗୁଡିକୁ ବୋଲେରୋ କିମ୍ବା ଟାଟାଏସ ଗାଡିରେ ଲଦି ପଳାଇଥିଲେ।

## ନୂଆପଲ୍ଲୀରୁ ହଟିଲା ଜବରଦଖଲ, ମୁକ୍ତ ହେଲା ୫ ହଜାର ବର୍ଗଫୁଟ୍ ଜମି



ଭୁବନେଶ୍ୱର, ୧୫ା୧୧(ସମିସ): ନୂଆପଲ୍ଲୀ ଅଞ୍ଚଳରୁ ବିଡିଏ ପକ୍ଷରୁ ଜବରଦଖଲ ମୁକ୍ତ କରାଯାଇଛି। ୨ଦିନ ଧରି ଚାଲିଥିବା ଜବରଦଖଲ ମୁକ୍ତ ଅଭିଯାନରେ ପ୍ରାୟ ୫୦୦୦ବର୍ଗଫୁଟ୍ ସରକାରୀ ଜମିକୁ ଜବରଦଖଲ ମୁକ୍ତ କରାଯାଇଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ଗୋଟିଏ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଥିଲ। ଦ୍ୱିତୀୟ ଦିନରେ ୬ଟି ଘର, ୬ ଶୌଚାଳୟ ଗୋଟିଏ ଅର୍ଦ୍ଧନିର୍ମିତ ଘର ଏବଂ ପାଚେରି ଉଚ୍ଛେଦ କରାଯାଇଛି। ତେବେ ମାମଲା କୋର୍ଟରେ ଥିବାରୁ କିଛି ଘରକୁ ଛାଡି ଦିଆଯାଇଛି।

## ଏକାମ୍ର ପୁସ୍ତକ ମହୋତ୍ସବର ପୁରସ୍କାର ଘୋଷଣା

**ସତ୍ୟବ୍ରତ ନନ୍ଦଙ୍କୁ ଡାକ୍ତର କବିପ୍ରସାଦ ମିଶ୍ର ସ୍ମୃତିସମ୍ମାନ**

ଭୁବନେଶ୍ୱର, ୧୫ ।୧୧(ସମିସ): ଏକାମ୍ର ପୁସ୍ତକ ମହୋତ୍ସବ କମିଟି ତରଫରୁ ଭେଷଜ ବିଶେଷଜ୍ଞ, ସାହିତ୍ୟିକ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କୁ ଡାକ୍ତର କବିପ୍ରସାଦ ସ୍ମୃତି ସମ୍ମାନ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏକାମ୍ର ପୁସ୍ତକ ମହୋତ୍ସବର ପଞ୍ଚଦଶ ମହୋତ୍ସବରେ 'ଅନୁଭୂତିରେ ଶ୍ରୀଜଗନ୍ନାଥ' ସଂଧ୍ୟାରେ ଭୁବନେଶ୍ୱର ସହିଦ ନଗର ଦୁର୍ଗାପୂଜା ପଡ଼ିଆଠାରେ ଆସନ୍ତା ୧୬ ତାରିଖ ରବିବାର ସଂଧ୍ୟାରେ ଏହି ଅନୁଷ୍ଠିତ ହେଉଥିବା ରାଜଧାନୀ ସମ୍ମାନ ପ୍ରଦାନ କରାଯିବ ଯିବ। ସଂସ୍କୃତି, ସମାଜସେବା ଓ ଆଧ୍ୟାତ୍ମିକ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ରଶ୍ମିରଞ୍ଜନ ରାୟ, ପ୍ରମୋଦ କୁମାର ମିଶ୍ର ସୀତାକାନ୍ତ ଦାସ, ଚିତ୍ତରଞ୍ଜନ ପଟ୍ଟନାୟକ, ବନ୍ଦନା ପଣ୍ଡା, ମୀରା ସେଠ, ସରିତା ସିଂ ମହାନ୍ତି ଓ ରେଣୁବାଳା ମହାପାତ୍ରଙ୍କୁ ସମ୍ମାନୀତ କରାଯିବ। ଏହି ସଂଧ୍ୟାରେ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ଅନୁଭୂତିମୂଳକ ଆଲୋଚନାଚକ୍ରରେ ବିଶିଷ୍ଟ ଭେଷଜ ବିଶେଷଜ୍ଞ ତଥା ଲେଖକ ଡାକ୍ତର ଇନ୍ଦ୍ରମଣି ଜେନା, ଲେଖକା ବନଜ ଦେବୀ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ଶ୍ରୀମନ୍ଦିର ପ୍ରାକ୍ତନ ଉପପ୍ରଶାସକ ଡ. ଭାସ୍କର ମିଶ୍ର ଓ ସୁଭଦ୍ରା ବାଡ଼ଗ୍ରାହୀ ସେବକ ରାମଚନ୍ଦ୍ର ଦାସମହାପାତ୍ର ଯୋଗଦେବେ। ଏହି ସଭାରେ ଡ. ଭାସ୍କର ମିଶ୍ରଙ୍କ ପୁସ୍ତକ ପୁରାଣ ଇତିହାସରେ ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହେବ। ଉକ୍ତ ସଭାରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ସାଧାରଣ ସମ୍ପାଦକ ଭାସ୍କର ଜେନା ଅନୁରୋଧ କରିଛନ୍ତି।

## ଗଞ୍ଜେଇ ଭର୍ତ୍ତି ୨ କାର୍ ଜବତ; ୬ ଗିରଫ

- ୪୩ କିଲୋ ଗଞ୍ଜେଇ ଜବତ କଲା ପୁଲିସ
- ଫୁଲବାଣୀରୁ ଭୁବନେଶ୍ୱର ହେଉଥିଲା ଚାଲାଣ



ଭୁବନେଶ୍ୱର, ୧୫ା୧୧ (ସମିସ): ବେଆଇନ ଗଞ୍ଜେଇ ଚାଲାଣ କରୁଥିବା ଅଭିଯୋଗରେ ୬ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଓଡ଼ଗାଁ ଥାନା କୃଷ୍ଣପ୍ରସାଦର ସୁରେନ୍ଦ୍ର କୁମାର ଦାସ (୩୦), ଧଖୋଲାର ଲୁନା ନାୟକ (୩୦), କନ୍ଧମାଳ ଖଜୁରୀପଡ଼ାର ସ୍ୱନ୍ଦନ ମିଶ୍ର (୩୪), ବାଲିପାଟଣା ଥାନା ବନମାଳୀପୁର ଅଞ୍ଚଳର ମିର୍ ଜମିଲ୍ ଅଲ୍ଲୀ କାଲା ବାବୁ (୪୪), ରାଧାକାନ୍ତ ସାହୁ (୬୨) ଓ ନରଦାର ଟୁକୁନା ବେହେରା (୩୨)।

ପୁଲିସ ସୂଚନାନୁସାରେ, ଦୁଇଟି କାରରେ ଫୁଲବାଣୀରୁ ଭୁବନେଶ୍ୱରକୁ ବେଆଇନ ଗଞ୍ଜେଇ ଚାଲାଣ ହେଉଥିବା ଖଣ୍ଡଗିରି ଥାନା ପୁଲିସକୁ ଖବର ମିଳିଥିଲା। ଥାନାର ସ୍ୱତନ୍ତ୍ର ଟିମ୍ ବରମୁଣ୍ଡା ରମାମଣି ପେଟ୍ରୋଲ ପମ୍ପ ନିକଟରେ ଚଢ଼ଉ କରି ଦୁଇଟି ସନ୍ଦିଗ୍ଧ ଗାଡ଼ିକୁ ଅଟକାଇଥିଲେ। ଯାଞ୍ଚ ପରେ ଦୁଇଟି କାର ଭିତରେ ଜରି ବ୍ୟାଗରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲେ। ପ୍ରଥମ କାରରୁ ସୁରେନ୍ଦ୍ର, ଲୁନା ଓ ସ୍ୱନ୍ଦନକୁ ଗିରଫ କରି ୨୧ କିଲୋ ୪୦୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରିଥିଲା। ଆଉ ଏକ କାରରୁ ୨୧ କିଲୋ ୩୦୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରି ମୀର ଜମିଲ ଅଲ୍ଲୀ, ରାଧାକାନ୍ତ ଓ ଟୁକୁନାକୁ ଗିରଫ କରିଥିଲା। ସେମାନେ ଫୁଲବାଣୀରୁ ଗଞ୍ଜେଇ ସଂଗ୍ରହ କରି ଆଣି ରାଜଧାନୀର ବ୍ୟବସାୟୀଙ୍କୁ ଯୋଗାଉଥିବା ଅଭିଯୁକ୍ତମାନେ ସ୍ୱୀକାର କରିଥିଲେ। ଏନେଇ ଖଣ୍ଡଗିରି ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରିଥିଲା। ମୋଟ ୪୨ କିଲୋ ୭୦୦ ଗ୍ରାମ ଗଞ୍ଜେଇ, ଦୁଇଟି କାର ଜବତ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।

## ପରିବେଶ ପାଇଁ ବୋଝ ଇ-ବର୍ଜ୍ୟବସ୍ତୁ

- ବୈଦ୍ୟୁତିକ ସାମଗ୍ରୀର ବ୍ୟବହାର ୩ ଦଶନ୍ଧୀରେ ବଢ଼ିଛି ୧୦ ଗୁଣା
- ଓଡ଼ିଶାରୁ ବାହାରୁଛି ବାର୍ଷିକ ୭ରୁ ୮ ଟନ୍ ଇ-ଆବର୍ଜନା



ଭୁବନେଶ୍ୱର, ୧୫ ।୧୧(ରଞ୍ଜନା ନାୟକ): ବର୍ଜ୍ୟବସ୍ତୁ ପରିବେଶ ପାଇଁ ଅତ୍ୟନ୍ତ କ୍ଷତିକାରକ। ଦିନକୁ ଦିନ ବିଭିନ୍ନ ସାମଗ୍ରୀର ବହୁଳ ବ୍ୟବହାର ହେଉଥିବାରୁ ଏହାର ବର୍ଜ୍ୟବସ୍ତୁ ବଢ଼ିବାରେ ଲାଗିଛି। ଲୋକମାନେ ନିଜର ସଉକ ପାଇଁ କମ୍ପ୍ୟୁଟର, ମୋବାଇଲ, ଟିଭି, ଫ୍ରିଜ୍, ୱାସିଙ୍ଗ୍ ମେସିନ୍ ପରି ଅନେକ ସାମଗ୍ରୀ ଆଣି ବର୍ଜ୍ୟବସ୍ତୁ ସୃଷ୍ଟି କରିଚାଲିଛନ୍ତି। ବର୍ଜ୍ୟବସ୍ତୁ ସଂଗ୍ରହ ଓ ପୁନଃ ପ୍ରକ୍ରିୟାକରଣ ହେଉ ନ ଥିବାରୁ ଦିନକୁ ଦିନ ପରିବେଶରେ ଇ-ବର୍ଜ୍ୟବସ୍ତୁର ବୋଝ ବଢ଼ି ଚାଲିଛି।

ପୂର୍ବାପେକ୍ଷା ଗତ ୩ ଦଶନ୍ଧୀ ମଧ୍ୟରେ ବୈଦ୍ୟୁତିକ ସାମଗ୍ରୀର ବ୍ୟବହାର ୧୦ ଗୁଣା ବୃଦ୍ଧି ପାଇଛି। ଏହି ତୁଳନାରେ ଓଡ଼ିଶାରୁ ବାର୍ଷିକ ୭ରୁ ୮ ଟନ୍ ଇ-ଆବର୍ଜନା ବାହାରୁଛି। ହେଲେ ଏ ପର୍ଯ୍ୟନ୍ତ ଏହି ଇବର୍ଜ୍ୟବସ୍ତୁକୁ ପରିଚାଳନା କରିବା ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏହି ଆବର୍ଜନାକୁ ଇୱେଷ୍ଟ ସଂଗ୍ରହକାରୀ ସଂସ୍ଥା ଏହି ଆଜର୍ବନାକୁ ସଂଗ୍ରହ କରି ରିସାଇକେଲକୁ ଦେବେ ହେଲେ ଆମ ରାଜ୍ୟରେ କେହି ବି ଜଣେ ହେଲେ ସାଇକେଲର କେହିବି ନାହାନ୍ତି ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ବିଭାଗର ଜଣେ ଅଧିକାରୀ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ରାଜଧାନୀରେ ମଧ ଇ-ବର୍ଜ୍ୟବସ୍ତୁ ବ୍ୟବହାର ଦିନକୁ ଦିନ ବଢ଼ିବାରେ ଲାଗିଛି। କିଛିଦିନ ବ୍ୟବହାର କରିବା ପରେ ଆମେ ଯେଉଁ ବୈଦ୍ୟୁତିକ ସାମଗ୍ରୀକୁ ବାହାରେ ଫୋପାଡ଼ି ଦେବା ପରେ ଏହି ଇ-ବର୍ଜ୍ୟରେ ସୀସା, ପାରଦ ଏବଂ କ୍ୟାଡ୍‌ମିୟମ୍, ଆଲୁମିନିୟମ୍, ତମ୍ବା, ଇସ୍ପାତ ସହ ଲିଡ୍ ଓ ଭଳି ବିପଦପୂର୍ଣ୍ଣ ପଦାର୍ଥ ରହିଥାଏ। ଏହି ସବୁ ପଦାର୍ଥ ମାଟି ଓ ପାଣିରେ ମିଶିବା ସହ ପରବର୍ତ୍ତୀ ସମୟରେ ଗୁରୁତର ପରିବେଶଗତ ଏବଂ ସ୍ୱାସ୍ଥ୍ୟ ବିପଦ ସୃଷ୍ଟି ସହ କ୍ୟାନ୍‌ସର ରୋଗର କାରଣ ସାଜିଥାଏ। ଏହି ଇ ବର୍ଜ୍ୟକୁ ପୌରସଂସ୍ଥା ପକ୍ଷରୁ ସପ୍ତାହରେ କେବଳ ଗୋଟିଏ ଦିନ ସଂଗ୍ରହ ହୋଇଥାଏ। ହେଲେ ବି ଲୋକମାନେ ସଚେତନତା ଅଭାବରୁ ଏହି ଇବର୍ଜ୍ୟକୁ ବାହାରେ ଏଣେତେଣେ ଫୋପାଡୁଛନ୍ତି। ଯେଉଁଥିପାଇଁ ଏହି ଇଆବର୍ଜନା ମାଟିରେ ବିଘଟନ ହେବା ପରିବର୍ତ୍ତେ ମାସ ମାସ ପଡ଼ିରହୁଛି। ଯେଉଁଥିପାଇଁ ମୃତ୍ତିକା ଦିନକୁ ଦିନ ଅବକ୍ଷୟ ହେବାରେ ଲାଗିଛି।

ଇ-ବର୍ଜ୍ୟର ଅନୁପଯୁକ୍ତ ନିଷ୍କାସନ ସମ୍ବଳ ହ୍ରାସର କାରଣ ହୋଇଥାଏ। ସୁନା ଏବଂ ତମ୍ବା ପରି ମୂଲ୍ୟବାନ ଧାତୁ ପ୍ରାୟତଃ ନଷ୍ଟ ହୋଇଯାଏ। ହେଲେ ଇ-ବର୍ଜର ପ୍ରଭାବକୁ ହ୍ରାସ କରିବା ଏକ ଦାୟିତ୍ୱପୂର୍ଣ୍ଣ ବ୍ୟବହାରକୁ ଉତ୍ସାହିତ କରିବା ଭଳି ଦର୍ଶାଇଥାଏ। ଏହି ମଣିଷ ତଥା ଗ୍ରହ ଉଭୟର କ୍ଷତି ହ୍ରାସ କରିବା ନିମନ୍ତେ ପୁନଃଚକ୍ରଣ କାର୍ଯ୍ୟକ୍ରମ ଏବଂ ନିରନ୍ତର ନିଷ୍କାସନ ପଦ୍ଧତି ଅତ୍ୟାବଶ୍ୟକ ବୋଲି କହିଛନ୍ତି ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ। ସେହିଭଳି ସରକାରଙ୍କର ବିସ୍ତାରିତ ଉତ୍ପାଦନକାରୀ ଦାୟିତ୍ୱ (ଇପିଆର୍) ପରି ପଦକ୍ଷେପ ମଧ ଏସବୁ ପଦାର୍ଥର ନିର୍ମାଣକାରୀଙ୍କୁ ଇ-ବର୍ଜ୍ୟର ସଂଗ୍ରହ ଏବଂ ପୁନର୍ବ୍ୟବହାର ନିମନ୍ତେ ପ୍ରୋତ୍ସାହିତ କରେ। ଏହି ସମସ୍ୟାକୁ ଗମ୍ଭୀରତାର ସହ ଗ୍ରହଣ ନ କଲେ ଆଗାମୀ ଦିନରେ ଏସବୁ ମୂଲ୍ୟବାନ ପଦାର୍ଥ ଉପଲବ୍ଧ ହେବନାହିଁ। ନ ହେଲେ ପରିବେଶ ଓ ସ୍ୱାସ୍ଥ୍ୟ ସମସ୍ୟା ଗୁରୁତର ହେବା ଦିଗରେ ଗତି କରିବ ବୋଲି ଶ୍ରୀ ପାଣିଗ୍ରାହୀ କହିଛନ୍ତି।

# ପୀତବାସ ପଣ୍ଡା ହତ୍ୟା ମାମଲା: ଜେଲ୍‌ରେ ସାକ୍ଷୀଙ୍କ ଦ୍ୱାରା ହେଲା ଅଭିଯୁକ୍ତ ଚିହ୍ନଟ ପ୍ରକ୍ରିୟା

ବ୍ରହ୍ମପୁର,୧୫ ।୧୧(ସମିସ)



ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ୧୬ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୫ଜଣଙ୍କ ଟିଆଇ ପରେଡ ବା ଅଭିଯୁକ୍ତ ଚିହ୍ନଟ ପ୍ରକ୍ରିୟା ସମ୍ପନ୍ନ ହୋଇଛି । ପରେଡରେ ଗିରଫ ଅଭିଯୁକ୍ତ ଶିଶୁପାଳ କୁମାର ପାଶୱାନ, ସୀମାଞ୍ଚଳ ନାୟକ, କୁନ୍ଦନ କୁମାର, ବିପିନ ସ୍ୱାଇଁ ଓ ଉମା ଶଙ୍କର ବିଶୋୟୀଙ୍କୁ ସାକ୍ଷୀମାନେ ଚିହ୍ନଟ କରିବାର କାର୍ଯ୍ୟକ୍ରମ ଥିଲା । ଟିଆଇ ପରେଡ ପୂର୍ବରୁ ପୁଲିସ ଜଣେ ସାକ୍ଷୀଙ୍କୁ ନିଜ ଗାଡିରେ ଆଣିଥିବା ବେଳେ ଅନ୍ୟଜଣେ ନିଜ ବ୍ୟବସ୍ଥାରେ ଜେଲରେ ପହଁଞ୍ଚିଥିଲେ । ଏଥିପାଇଁ କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ହତ୍ୟାକାଣ୍ଡରେ ସମ୍ପୃକ୍ତ ପ୍ରତି ଜଣେ ଅଭିଯୁକ୍ତଙ୍କ ସହିତ ଜେଲର ଅନ୍ୟ ୧୦ଜଣ ଅନ୍ତେବାସୀଙ୍କୁ ପରେଡରେ ଯୋଡା ଯାଇଥିଲା । ପର୍ଯ୍ୟାୟ କ୍ରମେ ସାକ୍ଷୀମାନେ ବ୍ୟକ୍ତିଗତ ଭାବେ ଯାଇ ଅଭିଯୁକ୍ତଙ୍କୁ ଚିହ୍ନଟ ପ୍ରକ୍ରିୟାରେ ସାମିଲ ହୋଇଥିଲେ । ଅଭିଯୁକ୍ତ ଚିହ୍ନଟ ପ୍ରକ୍ରିୟା ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦୀପିକା ବଡ଼ମାଳିଙ୍କ ଉପସ୍ଥିତିରେ ହୋଇଥିଲା । ଜଣେ ସାକ୍ଷୀ ୫ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ଥିବା ବେଳେ ସେ ୪ଜଣଙ୍କୁ ଚିହ୍ନଟ କରିଥିବା ବେଳେ ଆଉ ଜଣଙ୍କୁ ଚିହ୍ନଟ କରିପାରିନଥିଲେ । ସେହିଭଳି ଅନ୍ୟଜଣେ ସାକ୍ଷୀ ୨ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ଥିବାବେଳେ ସେ ମାତ୍ର ଜଣଙ୍କୁ ଚିହ୍ନଟ କରିଥିଲେ । ଶନିବାର ଅପରାହ୍ନରେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ହୋଇଥିବା ଏହି ଟିଆଇ ପରେଡ ପ୍ରାୟ ୪୦ମିନିଟ ଧରି ହୋଇଥିଲା ।

ମିଳିଥିବା ସୂଚନା ପ୍ରକାରେ, ପୀତବାସଙ୍କୁ ହତ୍ୟା ପାଇଁ ହୋଇଥିବା ପ୍ରଥମ ପ୍ଲାନରେ ସାମିଲ ରହି ପରେ ବ୍ୟକ୍ତିଗତ କାରଣରୁ ଓହରି ଯାଇଥିଲେ ଦୁଇ ବିହାରି ସୁଟର ଶିଶୁପାଳ ପାଶୱାନ ଓ କୁନ୍ଦନ କୁମାର । ଉଭୟେ ଅନଲାଇନରେ ଟଙ୍କା ନେଣଦେଣ ପାଇଁ ବିଜୟ ପଣ୍ଡାଙ୍କ ରିଚାର୍ଜ କାଉଣ୍ଟରକୁ ଯାଇଥିଲେ । ଦୋକାନୀ ବିଜୟ ପଣ୍ଡାଙ୍କ ଜରିଆରେ ଉଭୟ ବିହାରୀ ସୁଟରଙ୍କୁ ଚିହ୍ନଟ କରିବାକୁ ଚାହିଁଥିଲା ପୁଲିସ । ଫଳରେ ଟିଆଇ ପରେଡରେ ବିଜୟ ପଣ୍ଡାଙ୍କୁ ସାମିଲ କରାଯାଇଥିବା ଜଣାପଡିଛି । ସେହିଭଳି ଅନ୍ୟଜଣେ ସାକ୍ଷୀଙ୍କ ଜରିଆରେ ସମସ୍ତ ୫ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ପ୍ରୟାସ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ଅଭିଯୁକ୍ତମାନେ ଅଳକାପୁରୀ ସ୍ଥିତ ଶୂନ୍ୟ ଦାସଙ୍କ ଘରେ ଆଶ୍ରୟ ନେଇଥିବା ବେଳେ ସେମାନଙ୍କୁ ସହାୟତା ଯୋଗାଇଥିବା ଯୁବକ ଏମ. ଲକ୍ଷ୍ମଣଙ୍କୁ ମଧ୍ୟ ଟିଆଇ ପରେଡରେ ସାମିଲ କରାଯାଇଥିବା ସୂଚନା ମିଳିଛି । ତେବେ ଟିଆଇ ପରେଡ ପୂର୍ବରୁ ବିଭିନ୍ନ ଗଣମାଧ୍ୟମରେ ଏପରିକି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ବେଳେ ସେମାନଙ୍କ ମୁହଁ ଖୋଲା ରଖାଯାଇଥିବାରୁ ହତ୍ୟାକାଣ୍ଡର ମାସକ ପରେ ଅଭିଯୁକ୍ତ ଚିହ୍ନଟ କରିବା କେବଳ ଲୋକ ଦେଖାଣିଆ ବୋଲି କହିଛନ୍ତି ବରିଷ୍ଠ ଆଇନଜୀବୀ ଦୀପକ ପଟ୍ଟନାୟକ । ଏହାର କୌଣସି ଯଥାର୍ଥତା ନଥିବା ସେ ଯୁକ୍ତି ବାଢିଛନ୍ତି ।

- ପୁଲିସ ଗାଡ଼ିରେ ଆସି ଟିଆଇ ପରେଡ୍‌ରେ ସାମିଲ ହେଲେ ଜଣେ ସାକ୍ଷୀ
- ଅଭିଯୁକ୍ତଙ୍କ ମୁଖ ସାର୍ବଜନୀନ ପରେ ଟିଆଇ ପରେଡର ଯଥାର୍ଥତା ନାହିଁ: ଆଇନଜୀବୀ

● ପୁଲିସ ଏସ୍‌ଆଇ କେଲେଙ୍କାରୀ ମାମଲା

# ଶଙ୍କର, ମୁନାଙ୍କ ସମେତ ୭ଜଣଙ୍କୁ ପଚରାଉଚରା କରିବ ସିବିଆଇ

ବ୍ରହ୍ମପୁର,୧୫ ।୧୧(ସମିସ): ପୁଲିସ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ମାମଲାରେ ସିବିଆଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ କ୍ରାଇମବ୍ରାଞ୍ଚ ଠାରୁ ହସ୍ତଗତ ହୋଇଥିବା ଦସ୍ତାବିଜ୍‌କୁ ଯାଞ୍ଚ କରୁଛି । ଓଡ଼ିଶା ପୁଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ (ଓପିଆରବି) ଟେଣ୍ଡର ଦେଇଥିବା ଆଇଟିଆଇ ସଂସ୍ଥାର ଦସ୍ତାବିଜ୍ ମାଗିଛି ସିବିଆଇ । କେବେଠାରୁ ଟେଣ୍ଡର ଦିଆଯାଇଛି ଏବଂ ଏହାକୁ ଓପିଆର୍‌ବି ନଜର ରଖିଥିଲା କି ନାହିଁ ତାହାର ସିବିଆଇ ଯାଞ୍ଚ କରୁଥିବା ସୂଚନା ରହିଛି । କ୍ରାଇମବ୍ରାଞ୍ଚ ଜବତ କରିଥିବା ମୋବାଇଲ୍ ଫୋନ୍ ଏବଂ ଅନ୍ୟାନ୍ୟ ଇଲୋକ୍ଟ୍ରୋନିକ୍ସ ସାମଗ୍ରୀ ରାଜ୍ୟ ଫରେନ୍‌ସିକ୍ ଲାବ୍‌ରେ ରହିଛି । ମାମଲାରେ ଅଧିକ ତଥ୍ୟ ହାସଲ କରିବାକୁ ହେଲେ ସିବିଆଇ ପାଇଁ ଡିଜିଟାଲ ତଥ୍ୟ ଓ ପ୍ରମାଣ ରହିବା ଜରୁରୀ । ଫରେନ୍‌ସିକ୍ ଲ୍ୟାବ୍‌ର ରିପୋର୍ଟ ପହଞ୍ଚିବା ପରେ ସିବିଆଇ ହାତରେ କିଛି ନୂଆ ତଥ୍ୟ ଲାଗିବ ବୋଲି ଆଶା କରାଯାଉଛି । ଅନ୍ୟପକ୍ଷରେ ଏହି ପରୀକ୍ଷା କେଲେଙ୍କାରୀର ମାଷ୍ଟରମାଇଣ୍ଡ ତଥା ପଞ୍ଚସଫ୍ଟ ସଂସ୍ଥାର ମୁଖ୍ୟ ଶଙ୍କର ପୃଷ୍ଟି, ମୁନା ମହାନ୍ତି, ଲୋକନାଥ ସାହୁ, ଅରବିନ୍ଦ ଦାସ, ସାଗର ଗୌଡ଼ ଓ ସୁରେଶ ନାୟକଙ୍କ ସମେତ ୭ଜଣଙ୍କୁ ପଚରାଉଚରା କରିବା ପାଇଁ କୋର୍ଟରେ ସିବିଆଇ ଆବେଦନ କରିବ ବୋଲି ଜଣାପଡ଼ିଛି । କୋର୍ଟରୁ ଅନୁମତି ମିଳିଲେ ରିମାଣ୍ଡରେ ନେଇ କିମ୍ବା ଜେଲ ଭିତରକୁ ଯାଇ ଅଧିକାରୀମାନେ ପଚରାଉଚରା କରିବେ । ଏହାସହ ଗିରଫ ହୋଇ ପରେ ଜାମିନରେ ମୁକୁଳିଥିବା ଚାକିରି ଆଶାୟୀଙ୍କୁ ମଧ୍ୟ ସିବିଆଇ ପଚରାଉଚରା କରିବ ବୋଲି ଜଣାପଡ଼ିଛି ।

# ଟ୍ରମ୍ପ ଟାରିଫ ବାତିଲ ଦାବିରେ ସିପିଏମ୍‌ର ବିକ୍ଷୋଭ




ବ୍ରହ୍ମପୁର,୧୫ ।୧୧(ସମିସ): କମାପଲ୍ଲି ଛକଠାରେ ଟ୍ରମ୍ପ ଟାରିଫ ବାତିଲ ଦାବି ନେଇ ସିପିଏମ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଟ୍ରମ୍ପ ଟାରିଫ ଦେଶର କୋଟି କୋଟି ଲୋକଙ୍କ ଜୀବିକାକୁ ଛଡାଇ ନେବ ଓ ଆର୍ଥିକ ବିକାଶରେ ଅନ୍ତରାୟ ସୃଷ୍ଟି କରିବ ବୋଲି ଏଠାରେ କୁହାଯାଇଛି । ଭାରତର ସାମଗ୍ରୀ ଉପରେ ୨୫ପ୍ରତିଶତ ଟ୍ୟାକ୍ସ ଓ ରୁଷିଆ ତେଲ ଆମଦାନୀ ପାଇଁ ୨୫ପ୍ରତିଶତ ଜରିମାନା ଲାଗୁ କରିବା ଯୋଗୁ ଭାରତୀୟ ସାମଗ୍ରୀ ଆମେରିକା ବଜାରରେ ମହଙ୍ଗା ହୋଇଛି । ଆମେରିକା ବ୍ୟବସାୟୀ ଭାରତୀୟ ସାମଗ୍ରୀ କ୍ରୟ କରୁନଥିବା ଏଠାରେ କୁହାଯାଇଛି । ଦେଶର ପୋଷାକ, ସାମୁଦ୍ରିକ ମାଛ, କାଜୁ, ଔଷଧ ଓ ମୋଟର ଉପକରଣ ଭଳି ଆମେରିକାକୁ ରପ୍ତାନୀ ହେଉଥିବା ସାମଗ୍ରୀ ଶିଳ୍ପରେ ସାଙ୍ଘାତିକ ସଙ୍କଟ ଦେଖାଦେଇଛି ।

ପ୍ରାୟ ଦେଢ଼ କୋଟି ଲୋକଙ୍କ ଜୀବିକା ଅନିଶ୍ଚିତତା ଭିତରକୁ ଚାଲିଯାଇଥିବା ଏଠାରେ କୁହାଯାଇଛି । ଗଞ୍ଜାମ ଜିଲ୍ଲାର ସୁରତରେ କାର୍ଯ୍ୟରତ ଲକ୍ଷ ଲକ୍ଷ ପ୍ରବାସୀଙ୍କ ଜୀବିକା ସଂକଟଗ୍ରସ୍ତ ହେବ । ସେହିଭଳି ସମୁଦ୍ରରୁ ମାଛ ମାରୁଥିବା ମତ୍ସ୍ୟଜୀବୀ ଓ କାଜୁ ଚାଷ ଓ ପ୍ରକ୍ରିୟାକରଣରେ ସମ୍ପୃକ୍ତ ଲକ୍ଷାଧିକ ଲୋକ କ୍ଷତିଗ୍ରସ୍ତ ହେବ ବୋଲି ଦାବି ହୋଇଛି । ତେଣୁ ଟ୍ରମ୍ପ ଟାରିଫ ବାତିଲ ପାଇଁ କେନ୍ଦ୍ର ସରକାର ଅତିଶୀଘ୍ର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପାର୍ଟି ପକ୍ଷରୁ ଦାବି କରାଯାଇଛି । ବିକ୍ଷୋଭ ପ୍ରଦର୍ଶନରେ ସିପିଏମର ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, ପ୍ରତାପ ଚୌଧୁରୀ, ଶିବ ପ୍ରସାଦ ମହାପାତ୍ର, ଗୋକୁଳ ତ୍ରିପାଠୀ, ନୀଳ ମାଧବ ରଥ, ରାଜ ରାଓ, ଚିଟି ବାବୁ, କେଶବ ଗୌଡ଼, ଲୋକ ନାଥ ଖୁଣ୍ଟିଆ, ଅଜିତ ସାହୁ ଓ ପ୍ରଶାନ୍ତ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ି ୨.୦ ଟ୍ରେକିଂ ଅଭିଯାନ: ଓଡ଼ିଶାର ଚାରି ଟାଟା ପାୱାର ଡିସ୍‌କମ୍ ଏକାଠି ହେଲେ

ବ୍ରହ୍ମପୁର,୧୫ ।୧୧(ସମିସ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ) ତରଫରୁ ଦୁଇ ଦିନିଆ ଓଡି ୨.୦- ଟ୍ରେକିଂ ଗଜପତି ଜିଲ୍ଲାର ମହେନ୍ଦ୍ରଗିରି ପର୍ବତରେ ଆରମ୍ଭ ହୋଇଛି । ଓଡ଼ିଶାର ବିଦ୍ୟୁତ ବଣ୍ଟନର ଦାୟିତ୍ୱରେ ଥିବା ଚାରୋଟି ଡିସକମ୍ ତଥା ଟିପିଏସ୍‌ଓଡିଏଲ୍, ଟିପିଏନ୍‌ଓଡିଏଲ୍, ଟିପିଡବ୍ଲ୍ୟୁଓଡିଏଲ୍ ଓ ଟିପିସିଓଡିଏଲର ୪୫ଜଣ ଅଂଶଗ୍ରହଣକାରୀ ସାମିଲ ହୋଇଥିଲେ । ପ୍ରତି ଡିସକମ୍ ୧୦ଜଣ ଅଂଶଗ୍ରହଣକାରୀଙ୍କୁ ମନୋନୀତ କରିଥିବା ବେଳେ ବାକି ୫ଜଣ କ୍ରୀଡ଼ା ଦଳରୁ ମନୋନୀତ ହୋଇଥିଲେ । ଅଭିଯାନର ପ୍ରଥମ ଦିନରେ ୫କିଲୋମିଟର ଟ୍ରେକିଂ ଟ୍ରେଲ୍ ରହିଥିଲା । ଆସନ୍ତାକାଲି ପାଇଁ ରାପେଲିଙ୍ଗ୍ ଏବଂ ରକ୍-କ୍ଲାଇମ୍ବିଙ୍ଗ୍ କାର୍ଯ୍ୟକ୍ରମ ବିଷୟରେ ବୁଝା ଯାଇଥିଲା । ଓଡି ୨.୦ ସହନଶୀଳତା, ଦଳଗତ କାର୍ଯ୍ୟ ପ୍ରଦର୍ଶନ, ପରିସ୍ଥିତି ସମ୍ପର୍କରେ ସଚେତନତା, ଫିଟନେସକୁ ଗୁରୁତ୍ୱଦେବା ଏବଂ ଅନ୍ତଃକମ୍ପାନୀ ମଧ୍ୟରେ ଥିବା ସହଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ଏକ ପ୍ରମୁଖ ପଦକ୍ଷେପ । କାର୍ଯ୍ୟକ୍ରମକୁ ଓଡ଼ିଶା ଡିସ୍‌କମର ସିଇଓମାନେ ଯୁଗ୍ମ ଭାବରେ ଉଦଘାଟନ କରିଛନ୍ତି । ଓଡିଶା ବିଦ୍ୟୁତ ବିତରଣ ବ୍ୟାପାର ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏନ୍‌ଓଡିଏଲ୍ ଗଜାନନ କାଲେ, ଟିପିଏସ୍‌ଓଡିଏଲ୍‌ର ସିଇଓ ଅମିତ କୁମାର ଗର୍ଗ, ସିଇଓ ଟିପିସିଓଡିଏଲ୍ ଅରବିନ୍ଦ ସିଂହ, ସିଇଓ - ଟିପିଡବ୍ଲୁଓଡିଏଲ୍ ପ୍ରବୀଣ ବର୍ମା ଉପସ୍ଥିତ ଥିଲେ । ଏହି ଅବସରରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, "ଓଡି ୨.୦ କେବଳ ଏକ ଦୁଃସାହସିକ ଅଭିଯାନ ନୁହେଁ । ଏହା ଆମର ଓଡିଶା ଡିସକମ୍ ପରିବାର ମଧ୍ୟରେ ଦଳଗତ କାର୍ଯ୍ୟ, ସାହସ ଏବଂ ସହଯୋଗର ଏକ ଉତ୍ସବ । ଏଭଳି ପ୍ଲାଟଫର୍ମ ଆମର ଏକତା ଏବଂ ଲକ୍ଷ୍ୟକୁ ଦୃଢ଼ କରେ ଓ ଏଥିସହିତ ନେତୃତ୍ୱ ନେବାର କଳା ଓ କୌଶଳକୁ ପ୍ରୋତ୍ସାହନ ଯୋଗାଇଥାଏ ଯାହା ଓଡ଼ିଶାର ଜନସାଧାରଣଙ୍କ ସେବା କରିବାରେ ସହାୟକ ହେବ । ଏହି ଅବସରରେ ଟିପିଏସ୍‌ଓଡିଏଲ୍ ସମସ୍ତ ଅଂଶଗ୍ରହଣକାରୀ, ଆୟୋଜକ, ସେଫ୍ଟି ଟିମ୍ ଏବଂ ସହାୟକ କର୍ମଚାରୀଙ୍କୁ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ କୃତଜ୍ଞତା ଜ୍ଞାପନ କରିଛି । କମ୍ପାନୀ କ୍ରୀଡ଼ା, ଏବଂ ଆନୁଷଙ୍ଗିକ କାର୍ଯ୍ୟକ୍ରମ ଓ ନେତୃତ୍ୱ ବିକାଶ ମାଧ୍ୟମରେ କର୍ମଚାରୀଙ୍କ ଉନ୍ନତି ଏବଂ ମଙ୍ଗଳକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ ରହିଛି ।



# ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଆଭାସୀ ପାଠାଗାର ଶୁଭାରମ୍ଭ

ବ୍ରହ୍ମପୁର,୧୫ ।୧୧(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଆଭାସୀ ପାଠାଗାରର ଶୁଭାରମ୍ଭ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ଗଣେଶ ହଲରେ ଏକ ସଭାର ଆୟୋଜନ ହୋଇଥିଲା । ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଇବିସ୍କୋ କମ୍ପାନୀର ପ୍ରଶିକ୍ଷଣ ପରିଚାଳକ ରାଜକୁମାର ମହାପାତ୍ର ପାଠାଗାରର ବ୍ୟବହାର କୌଶଳ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଓଡ଼ିଶା ଉଚ୍ଚଶିକ୍ଷା ପରିଷଦ ଆନୁକୂଲ୍ୟରେ 'ଆଭାସୀ ପାଠାଗାରର ବ୍ୟବହାର ନିମନ୍ତେ ସୁଯୋଗ' ଛାତ୍ରଛାତ୍ରୀ ସୁଯୋଗ ପାଇବା ସହ ବିଶ୍ୱାସ୍ତରୀୟ ପୁସ୍ତକ ଓ ପତ୍ରପତ୍ରିକାକୁ ପଢ଼ିପାରିବେ । ଆଭାସୀ ପାଠାଗାର କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ଡ. ରଶ୍ମିତା ପାଢ଼ୀ କାର୍ଯ୍ୟକ୍ରମରେ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ଆଇକ୍ୟୁଏସି ସଂଯୋଜକ ଡ. ଗୌତମ ସାବତଙ୍କ ସମେତ ବିଶ୍ୱବିଦ୍ୟାଳୟର ବହୁ ଅଧ୍ୟାପକ, ଅଧ୍ୟାପିକା ଏବଂ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ଏମ୍‌କେସିଜି ଶିଶୁ ବିଭାଗରେ ମହିଳାଙ୍କୁ ଆକ୍ରମଣ

ବ୍ରହ୍ମପୁର,୧୫ ।୧୧(ସମିସ): ଏମକେସିଜି ମେଡିକାଲ ଶିଶୁ ବିଭାଗରେ ଜଣେ ମହିଳାଙ୍କୁ ସେଠାରେ କର୍ଯ୍ୟରତ ସୁରକ୍ଷାକର୍ମୀ ମାଡ଼ ମାରିଥିବା ଅଭିଯୋଗ ହୋଇଛି । ରୋଗୀ ଚିକିତ୍ସାକୁ କେନ୍ଦ୍ର କରି ଏଭଳି ଘଟଣା ଘଟିଥିବା ଜଣାପଡିଛି । ଯାହାକୁ ନେଇ ବିଭାଗରେ କିଛି ସମୟ ଧରି ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ଘଟଣାକୁ ନେଇ ରୋଗୀଙ୍କ ପରିବାର ବୈଦ୍ୟନାଥପୁର ଥାନାର ଦ୍ୱାରସ୍ଥ ହୋଇଥିଲା । ଅନ୍ୟପକ୍ଷରେ ସଂପୃକ୍ତ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ କାର୍ଯ୍ୟରତ ଡାକ୍ତରମାନେ ଗାଳିଗୁଲଜ ମଧ୍ୟ କରିଥିବା ଥାନାରେ ଅଭିଯୋଗ ହୋଇଛି ।

## ଥାନାର ଦ୍ୱାରସ୍ଥହେଲେ ପରିବାର

ସୂଚନାଯୋଗ୍ୟ ଯେ, ଛତ୍ରପୁର ପାଲୁରଗଡର ୧୨ବର୍ଷର ଶିଶୁ ବିଶ୍ୱରଞ୍ଜନ ଦାସଙ୍କ ଅପସ୍ମାର ରୋଗ ଥିବାରୁ ତାଙ୍କ ପରିବାର ଲୋକେ ଗତ ୧୧ତାରିଖରେ ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ । ମେଡିକାଲ ଶିଶୁ ବିଭାଗର ଆନ୍ତଃବିଭାଗରେ ବିଶ୍ୱରଞ୍ଜନଙ୍କ ଚିକିତ୍ସା ଜାରି ରହିଥିଲା । ରୋଗୀଙ୍କ ନିକଟରେ ମାଆ ପୁଷ୍ପାଲତା ଦାସ ଓ ମାଉସୀ ଯଶୋବନ୍ତି ବେହେରା ରହୁଥିଲେ । ତେବେ ବିଶ୍ୱରଞ୍ଜନଙ୍କ ମାନସିକ ଅବସ୍ଥା ଠିକ ନଥିବାରୁ ସେ ଡାକ୍ତରଖାନା ଶଯ୍ୟାରେ ରହୁଥିଲେ ମଧ୍ୟ ଠିକ ଭାବେ ଔଷଧ ଖାଉନଥିଲେ କିମ୍ବା ଇନଜେକସନ ନେବାକୁ ମନା କରୁଥିଲେ । ଏପରିକି ତାଙ୍କ ହାତରେ ଖଞ୍ଜା ଯାଇଥିବା ସାଲାଇନ ଓ ସିରିଞ୍ଜକୁ ବାରମ୍ବାର ବାହାର କରି ଫୋପାଡି ଦେଉଥିଲେ । ଯାହାକୁ ନେଇ ଡାକ୍ତର ରୋଗୀ ବିଶ୍ୱରଞ୍ଜନଙ୍କ ଉପରେ ବିରକ୍ତ ହେବା ସହ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ବିଶ୍ୱରଞ୍ଜନଙ୍କ ମାଆ ଓ ମାଉସୀ ଏହାର ପ୍ରତିବାଦ କରିଥିଲେ । ଏହି ଘଟଣାକୁ ନେଇ ବିଭାଗରେ ପାଟିତୁଣ୍ଡ ହୋଇଥିବା ବେଳେ କାର୍ଯ୍ୟରତ ଜଣେ ମହିଳା ସୁରକ୍ଷାକର୍ମୀ ମଧ୍ୟ ବିଶ୍ୱରଞ୍ଜନଙ୍କ ମାଆ ଓ ମାଉସୀଙ୍କୁ ଗାଳିଗୁଲଜ କରିବା ସହ ଯଶୋବନ୍ତିଙ୍କୁ ଦୁର୍ବ୍ୟବହାର କରିବା ପରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଆକ୍ରମଣରେ ଯଶୋବନ୍ତିଙ୍କ ହାତର ଏକାଧିକ ଚୁଡ଼ି ଭାଙ୍ଗିଯିବା ସହ ସେ ଆହତ ହୋଇଥିଲେ । ଘଟଣାକୁ ନେଇ ଯଶୋବନ୍ତି ବୈଦ୍ୟନାଥପୁର ଥାନାକୁ ଯାଇ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି ।

# ଆରମ୍ଭ ହେଲା ସୁନାପୁର ଇକୋ ରିଟ୍ରିଟ୍

ବ୍ରହ୍ମପୁର,୧୫ ।୧୧(ସମିସ): ଗଞ୍ଜାମ ଜିଲ୍ଲାର ସୁନାପୁରରେ ଇକୋ ରିଟ୍ରଟ ଆରମ୍ଭ ହୋଇଯାଇଛି । ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ । ଇକୋ ରିଟ୍ରିଟ୍‌ରେ ବିସ୍ତୀର୍ଣ୍ଣ ବାଲୁକା ରାଶିରେ ଅତ୍ୟାଧୁନିକ ୨୫ଟି ବିଳାସପୂର୍ଣ୍ଣ ତମ୍ବୁରେ ସମସ୍ତ ସୁବିଧା ରହିଛି । ଏହା ଫେବୃଆରୀ ମାସ ଶେଷ ସପ୍ତାହ ପର୍ଯ୍ୟନ୍ତ ଚାଲୁ ରହିବ । କାର୍ଯ୍ୟକ୍ରମରେ ବ୍ରହ୍ମପୁର ସାଂସଦ ଡ଼ ପ୍ରଦୀପ କୁମାର ପାଣିଗ୍ରାହୀ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତିୱାସନ, ଅତିରିକ୍ତ ଜିଲ୍ଲାପାଳ ଡ଼ ପ୍ରମୋଦ କୁମାର ପୃଷ୍ଟି, ବ୍ରହ୍ମପୁର ଉପ-ଜିଲ୍ଲାପାଳ ଅବିନାଶ କୁମାର, ପର୍ଯ୍ୟଟନ ଅଧିକାରୀ ପାର୍ଥ ସାରଥୀ ହାଂସଦା ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଗବେଷଣା ପ୍ରକଳ୍ପ ଅନୁମୋଦିତ

ଗୋପାଳପୁର,୧୫ ।୧୧(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଆବେଦନ ହୋଇଥିବା ବୃହତ ଗବେଷଣା ପ୍ରକଳ୍ପ "ଓଡ଼ିଶା ସାମୁଦ୍ରିକ ଜୈବ ବିବିଧତା ଓ ପ୍ରଯୁକ୍ତି ବିଦ୍ୟା ସୃଜନ ଶିଳନ"ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗ ଦ୍ୱାରା ଅନୁମୋଦିତ ଓ ଏଥି ନିମନ୍ତେ ଆବଶ୍ୟକ ପ୍ରଥମ ବର୍ଷର ଆର୍ଥିକ ଅନୁଦାନ ରାଶି ୩.୬୬ ଓଟି ପ୍ରଦାନ କରାଯାଇଛି । ଏହି ଅନୁସନ୍ଧାନ ଅଭିଯାନ ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ଚାଲୁ ରହିବ । ଏଥି ନିମନ୍ତେ ୯.୭ କୋଟି ଅର୍ଥରାଶି ବ୍ୟୟର ବ୍ୟବସ୍ଥା ରହିଛି । ଉଦ୍ଭିଦ ବିଜ୍ଞାନୀ ଡ଼.ମୃତ୍ୟୁଞ୍ଜୟ ଜେନାଙ୍କ ସଂଯୋଜନାରେ ପ୍ରାଣୀ ବିଜ୍ଞାନୀ ଡ଼.ଜୟ କିଶୋର ସେଠ୍ ଓ ସାମୁଦ୍ରିକ ବିଜ୍ଞାନୀ ଡ଼.ଶେଷଦେବ ପାତ୍ର ପ୍ରମୁଖ ରହିଛନ୍ତି । ଏହି ଅନୁଦାନର ସଫଳତା ପାଇଁ ଗବେଷକ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ଅଭିଯାନରେ ବ୍ରହ୍ମପୁର ଆଇଜର, ଭୁବନେଶ୍ୱର ସ୍ଥିତ ଆଇଆଇଟି ଓ ଜୀବ ବିଜ୍ଞାନ ଅନୁଷ୍ଠାନ, ରାଉରକେଲା ଏନଆଇଟି ଓ ବାଲେଶ୍ୱର ସ୍ଥିତ ଏଫ ଏମ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦାଶ ଏହି ଗବେଷଣା ପ୍ରକଳ୍ପର ଉତ୍କର୍ଷତା କାମନା କରିବା ସହ ଅନୁମୋଦନ ପାଇଁ ଓଡ଼ିଶା ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ମହିଳା ସଫେଇ କର୍ମଚାରୀଙ୍କୁ ଆକ୍ରମଣ; ଅଭିଯୁକ୍ତ କୋର୍ଟ ଚାଲାଣ

ଦିଗପହଣ୍ଡି,୧୫।୧୧(ସମିସ): ଦିଗପହଣ୍ଡି ଥାନା ଅନନ୍ତେଇ ଗ୍ରାମର ମହିଳା ସଫେଇ କର୍ମଚାରୀଙ୍କୁ ଆକ୍ରମଣ ମାମଲାରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର ବ୍ରହ୍ମପୁର ଏସଡିଜେଏମ କୋର୍ଟକୁ ଚାଲାଣ କରିଛି । ଅଭିଯୁକ୍ତ ଜଣକ ହେଲେ ଅନନ୍ତେଇ ଗ୍ରାମର ବିଦେଶୀ ଦାସ । ଗତ ଅକ୍ଟୋବର ୩୦ ତାରିଖରେ ମିରା ସେଠୀ ନାମ୍ନୀ ଜଣେ ସଫେଇ କର୍ମଚାରୀ ଗ୍ରାମ ପରିସରରେ ସଫେଇ କରୁଥିବା ବେଳେ ଅଭିଯୁକ୍ତ ବିଦେଶୀଙ୍କ ସ୍ତ୍ରୀ ଝୁମୁରୀଙ୍କ ସହ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା । ଅଭିଯୁକ୍ତ ଜଣକ ଫୁଙ୍କନଳା ଆଣି ମୀରାଙ୍କ ମୁଣ୍ଡକୁ ପିଟିଦେଇଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ମୀରାଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲେ । ସୁସ୍ଥ ହୋଇ ସେ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ । ଗିରଫ ଭୟରେ ଅଭିଯୁକ୍ତ ଫେରାର ଥିବାବେଳେ ଶୁକ୍ରବାର ସେ ଘରକୁ ଆସିଥିବା ତଦନ୍ତକାରୀ ଅଧିକାରୀ ଏସ.ଆଇ ସୋଫିଆ ମିଶ୍ର ଖବରପାଇ ଗିରଫ କରିଥିଲେ । ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବା ପରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ବ୍ରହ୍ମପୁର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି ।

# 'କ୍ରାନ୍ତି' ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

ବ୍ରହ୍ମପୁର,୧୫ ।୧୧(ସମିସ): ସ୍ଥାନୀୟ ସରକାରୀ ଆଇଟିଆଇ ପ୍ରେକ୍ଷାଳୟରେ କ୍ରାନ୍ତି ଅନୁଷ୍ଠାନ ପକ୍ଷରୁ ଶିଶୁ ଦିବସ ଅବସରରେ ସାଂସ୍କୃତିକ ସହ ଶିଶୁ କର୍କଟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଦେବାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଇଏମସିର ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ, ବିଶ୍ୱ ହିନ୍ଦୁ ପରିଷଦ ଗଞ୍ଜାମ ଜିଲ୍ଲା ସଭାପତି ଅଜିତ ମହାପାତ୍ର, ଡ଼ା. ପ୍ରୀୟଜିତ୍ ଜେନା ଓ ମହାନ ସଂଘ ସଭାପତି ସୁଶାନ୍ତ ସାବତ ପ୍ରମୁଖ ଯୋଗଦେଇ ଶିଶୁ ଦିବସ ଉଦ୍ଦେଶ୍ୟ ସହ ଶିଶୁ କର୍କଟ ରୋଗ ଉପରେ ସଚେତନ କରାଇଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନ ପକ୍ଷରୁ କୁନିକୁନି କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହାସହ ପୂର୍ବରୁ ଆୟୋଜିତବିଭିନ୍ନ ପ୍ରତିଯୋଗିତାର ବହୁ ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଅନୁଷ୍ଠାନର ନିର୍ମଳା ଦାଶ, ଦେବରାଜ ରାଉତ, ସଂଜୟ ରଥ, ଅନିଲ କୁମାର ସେଠୀ, ଅରୁଣ ପଟ୍ଟନାୟକ, ସ୍ନିଗ୍ଧା ମହାରଣା, ପରମାନନ୍ଦ ପଣ୍ଡା, ଧନଜୟ ପାଣିଗ୍ରାହୀ, ସଂଜୟ ପାତ୍ର, ଲିଙ୍ଗରାଜ ପଟ୍ଟନାୟକ, ଚର୍ଚ୍ଚିକା ଦାଶ, ଚିନ୍ମୟାନନ୍ଦ ଦାଶ ଓ ପୁର୍ଣ୍ଣଚନ୍ଦ୍ର ସାହୁଙ୍କ ସମତେ ବହୁ ସଦସ୍ୟ ଉପସ୍ଥିତ ଥିଲେ ।




## କଠୋର ହେଲା ବିଇଏମ୍‌ସି; ଓଡ଼ିଆରେ ନାମଫଳକ ବାଧ୍ୟତାମୂଳକ

# ଓଡ଼ିଆ ଭାଷାକୁ ପ୍ରାଧାନ୍ୟ ନ ଦେଇ ଦଣ୍ଡ ଗଣିଲେ ବ୍ୟବସାୟୀ

ବ୍ରହ୍ମପୁର,୧୫ ।୧୧(ସମିସ)

ଓଡିଆରେ ନାମଫଳକ ଲେଖିବା ଉପରେ ବିଇଏମ୍‌ସି ଦେଉଛି ଗୁରୁତ୍ୱ । ପ୍ରଥମ ପର୍ଯ୍ୟାୟରେ ଏହି ନିୟମକୁ ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠା କ୍ଷେତ୍ରରେ ଲାଗୁ କରାଯାଇଛି । ରାଜ୍ୟ ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗଙ୍କ ନିର୍ଦ୍ଦେଶ ପରେ ଏହାକୁ କଡାକଡି ଲାଗୁ କରିବାକୁ ଯାଇ କଠୋର ଅଭିମୁଖ୍ୟ ଗ୍ରହଣ କରିଛି ବିଇଏମସି ।

ବ୍ରହ୍ମପୁର ମହାନଗର ନିଗମର କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଏନେଇ ସେପ୍ଟେମ୍ବର ପହିଲାରେ ସର୍ବସାଧାରଣ ବିଜ୍ଞପ୍ତି ଜାରି ସହ ସହର ସାରା ଡାକବାଜି ଯନ୍ତ୍ରରେ ପ୍ରଚାର ପରେ ସେପ୍ଟେମ୍ବର ୧୮ ରୁ ଖିଲାପକାରୀଙ୍କୁ ନୋଟିସ ଦେବା ଆରମ୍ଭ ହୋଇଥିଲା । ସମସ୍ତ ଦୋକାନ ବା ବ୍ୟବସାୟୀକ ପ୍ରତିଷ୍ଠାନ ନିଜ ସଂସ୍ଥା ବା ପ୍ରତିଷ୍ଠାନର ନାମ ଫଳକର ଶତକଡା ୬୦ପ୍ରତିଶତ ମାତୃଭାଷା 'ଓଡିଆ'ରେ ଲେଖିବା ବାଧ୍ୟତାମୂଳକ । ଏନେଇ ସମ୍ପୃକ୍ତ ସଂସ୍ଥାଗୁଡିକୁ ନୋଟିସ ଜାରି କରାଯାଇ ସଂଶୋଧନ ପାଇଁ ୫୫ଦିନର ସମୟ ଦିଆଯାଉଛି ।

- ନାମଫଳକର ୬୦% ଓଡ଼ିଆ ଜରୁରୀ, ଟ୍ରେଡ ଲାଇସେନ୍ସ ନବୀକରଣରେ ୫% ରିହାତି ସୁବିଧା
- ୨୨୦ ବ୍ୟବସାୟୀଙ୍କୁ ନୋଟିସ, ଆଗକୁ କଡ଼ାକଡ଼ି ହେବ ନିୟମ: କମିଶନର

୫୫ଦିନ ପରେ ସୂଚନା ବା ନାମଫଳକରେ ସଂଶୋଧନ ନହେଲେ ସମ୍ପୃକ୍ତ ସଂସ୍ଥା ବା ପ୍ରତିଷ୍ଠାନ ଠାରୁ ଆର୍ଥିକ ଜରିମାନା ଆଦାୟ କରାଯିବ । ଜରିମାନା ଅର୍ଥ ଦୈନିକ ୫ଶହ ଟଙ୍କା ଲେଖାଏଁ ଧାର୍ଯ୍ୟ କରାଯାଇଛି । ଅର୍ଥାତ୍ ନିର୍ଦ୍ଧାରିତ ସମୟସୀମା ପରେ ଯେପର୍ଯ୍ୟନ୍ତ ନାମଫଳକ ସଂଶୋଧନ ହୋଇନାହିଁ ଏବଂ ଶତକଡା ୬୦ପ୍ରତିଶତ ଓଡିଆରେ ଲିପିବଦ୍ଧ ହୋଇନାହିଁ ସେତେଦିନର ଦୈନିକ ୫ଶହ ଟଙ୍କା ଲେଖାଏଁ ଜରିମାନା ଆଦାୟ କରାଯିବ । ବର୍ତ୍ତମାନ ସୁଦ୍ଧା ବିଇଏମସି ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ମୋଟ ୨୨୦ଜଣ ବ୍ୟବସାୟିକ ପ୍ରତିଷ୍ଠାନକୁ ଗତ ସେପ୍ଟେମ୍ବର ୧୮ ତାରିଖରୁ ନୋଟିସ ଜାରି କରାଯାଇଛି । ବର୍ତ୍ତମାନ ସଂଶୋଧନ ପାଇଁ ନିର୍ଦ୍ଧାରିତ ୫୫ଦିନ ଅତିବାହିତ ହୋଇସାରିବା ପରେ ଖିଲାପିଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏହି କ୍ରମରେ ସହରର ମିଲିଟାରୀ ଲାଇନର ୧୦ଟି ଦୋକାନ ମଧ୍ୟରୁ ୬ଟି ୫୫ଦିନ ପରେ ମଧ୍ୟ ପ୍ରକାଶ ଫଳକ ସଂଶୋଧନ କରିନଥିବା ଯୋଗୁଁ ଦୈନିକ ୫୦୦ଟଙ୍କା ହିସାବରେ ସେମାନଙ୍କ ଠାରୁ ଜରିମାନା ଆଦାୟ କରାଯାଇଛି । ଆଗାମୀ ଦିନରେ ଆହୁରି ବ୍ୟାପକ ଏବଂ କଡାକଡି କରାଯିବ ବୋଲି ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ ସୂଚନା ଦେଇଛନ୍ତି ।

ସେହିପରି ଯେଉଁ ଦୋକାନ ଗୁଡିକର ପ୍ରକାଶ ଫଳକର ଅତି କମରେ ୬୦ପ୍ରତିଶତ ଭାଗରେ ଓଡ଼ିଆ ଲିପି ବ୍ୟବହାର ହୋଇଛି ସେଗୁଡିକର ଟ୍ରେଡ଼ ଲାଇସେନ୍ସ ନବୀକରଣ ବେଳେ ଦେୟର ୫ପ୍ରତିଶତ ରିହାତି ସୁବିଧା ଦେବାକୁ ମହାନଗର ନିଗମ ପକ୍ଷରୁ ଜଣାପଡିଛି ।

୧୫/୧୧/୨୦୨୫ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୭୪,୯୪୯/- ସୁନା: ୧୦.୪୮୦ ଗ୍ରାମ୍ ରୁପା: ୮୭.୫୦୦ ଗ୍ରାମ୍





# ନକଲି ଯାତ୍ରୀ ଗୁମାସ୍ତାଙ୍କ ପାଇଁ ବଦ୍‌ନାମ ହେଉଛି ଶ୍ରୀମନ୍ଦିର

**ପୁରୀ,୧୫।୧୧(ସମିସ):** ଶ୍ରୀମନ୍ଦିରରେ ପୁଣି ନକଲି ଯାତ୍ରୀ ଗୁମାସ୍ତାଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ବାହାରୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ ସହଜରେ ମହାପ୍ରଭୁଙ୍କ ଦର୍ଶନ କରାଇଦେବା କହି ଏମାନେ ଠକୁଛନ୍ତି। ରାଜ୍ୟ ବାହାରୁ ଆସୁଥିବା ନିଜ ଯଜମାନମାନଙ୍କୁ ସହଜରେ ମହାପ୍ରଭୁଙ୍କ ଦର୍ଶନ କରାଇଦେବା ସମେତ ମହାପ୍ରସାଦ କିଣିବାରେ ସାହାଯ୍ୟ କରିବା ପାଇଁ ଶ୍ରୀମନ୍ଦିରରେ ସେବା କରୁଥିବା ସେବାୟତଙ୍କ ଦ୍ୱାରା ରହିଛନ୍ତି ଯାତ୍ରୀ ଗୁମାସ୍ତା। ହେଲେ ଏହି ଯାତ୍ରୀ ଗୁମାସ୍ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପରିଚୟପତ୍ର ଦିଆଯାଇ ନ ଥିବା ଯୋଗୁଁ ଏହାର ଫାଇଦା ଉଠାଇ କେତେକ ଅସାଧୁ ବ୍ୟକ୍ତି ନିଜକୁ ଯାତ୍ରୀ ଗୁମାସ୍ତା ପରିଚୟ ଦେଇ ଭକ୍ତଙ୍କୁ ସହଜରେ ଦର୍ଶନ କରାଇଦେବା କହି ଟଙ୍କା ଆଦାୟ କରୁଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶ୍ରଦ୍ଧାଳୁଙ୍କଠାରୁ ଜୋର୍ ଜବରଦସ୍ତ ଟଙ୍କା ଆଦାୟ କରିବା ସହିତ ଅନେକ ସମୟରେ ଭକ୍ତଙ୍କୁ ଦୁର୍ବ୍ୟବହାର କରିବା ଏବଂ ଟଙ୍କା ନେଇ ପଳେଇ ଯିବାର ଅଭିଯୋଗ ହେଉଛି। ଫଳରେ ବାହାରୁ ଆସୁଥିବା ଶ୍ରଦ୍ଧାଳୁମାନେ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି। ଅନ୍ୟପକ୍ଷରେ ଏଭଳି ଘଟଣା ଦ୍ୱାରା ବଦ୍‌ନାମ ହେଉଛି ଶ୍ରୀମନ୍ଦିର।



ଶ୍ରୀମନ୍ଦିରକୁ ଭକ୍ତଙ୍କ ସଂଖ୍ୟା ବଢ଼ିଛି। ଫଳରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଏପରି କି ଛୁଟିଦିନ ଏବଂ ବିଶେଷ ପର୍ବପର୍ବାଣି ଦିନରେ ବ୍ୟାରିକେଡରେ ୫/୬ ଘଣ୍ଟା ଠିଆ ହେଉଛନ୍ତି ଶ୍ରଦ୍ଧାଳୁ। ତେଣୁ ସମସ୍ତେ କିପରି ସହଜରେ ଏବଂ କମ୍ ସମୟରେ ମହାପ୍ରଭୁଙ୍କୁ ଦର୍ଶନ କରିବେ ସେହି ମାନସିକତାରେ ରହୁଛନ୍ତି, ଯାହାର ଫାଇଦା ନେଉଛନ୍ତି ଏହି ନକଲି ଯାତ୍ରୀ ଗୁମାସ୍ତା। ସେମାନେ ବିନା ଧାଡ଼ିରେ ଗଳାବାଟରେ ଶୀଘ୍ର ଦର୍ଶନ କରାଇଦେବାକୁ କହି ଭକ୍ତଙ୍କୁ ଠକୁଛନ୍ତି। ଯେଉଁମାନେ ତରବରରେ ରହୁଛନ୍ତି ସେମାନେ ଏହି ନକଲି ଯାତ୍ରୀ ଗୁମାସ୍ତାଙ୍କ ଶିକାର ହେଉଛନ୍ତି। ଏଥିପାଇଁ ସେହି ଯାତ୍ରୀ ଗୁମାସ୍ତା ଭକ୍ତଙ୍କଠାରୁ ମୋଟା ଅଙ୍କର ଟଙ୍କା ଦାବି କରୁଛନ୍ତି। ମୂଳଚାଲ ଠିକ୍‌ଠାକ ହେବା ପରେ ପ୍ରଥମେ ଟଙ୍କା ନେଇଯାଉଛନ୍ତି। ଶ୍ରୀମନ୍ଦିର ଭିତରକୁ ନେଇ ଗହଳି ଭିତରେ ଛାଡ଼ି ପଳାଇ ଯାଉଛନ୍ତି। ଭକ୍ତଟିଏ ଟଙ୍କା ଦେଇ ଠକେଇର ଶିକାର ହେଉଛି। ଏହାଦ୍ୱାରା ସମ୍ପୃକ୍ତ ଶ୍ରଦ୍ଧାଳୁମାନେ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି। ଶ୍ରୀମନ୍ଦିରରେ ଡ୍ୟୁଟିରେ ଥିବା ପୁଲିସ ଅଣସେବାୟତଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନେବା ଉଚିତ୍। ଫଳରେ ଭକ୍ତମାନେ ଠକେଇରୁ ରକ୍ଷା ପାଇପାରିବେ। ସେବାୟତମାନେ ମଧ୍ୟ ଏହା ଉପରେ ଧ୍ୟାନ ରଖିବା ଦରକାର। ଅନେକ ସମୟରେ ଟଙ୍କା ଦେବାକୁ ନେଇ ଭକ୍ତ ଦୁର୍ବ୍ୟବହାରର ଶିକାର ହେଉଛନ୍ତି। ଶ୍ରୀମନ୍ଦିରକୁ ଆସୁଥିବା ପ୍ରତ୍ୟେକ ଭକ୍ତ ଯେମିତି ଶୃଙ୍ଖଳିତ ଭାବେ ଦର୍ଶନ ପାଇବେ ପୁଲିସ ପ୍ରଶାସନ ପଦକ୍ଷେପ ନେବା ପାଇଁ ଦାବି ହେଉଛି।

କିଛିମାସ ତଳେ ପୁଲିସ ଗୋଟିଏ ଦିନରେ ଶ୍ରୀମନ୍ଦିରରୁ ୧୨ ଜଣ ନକଲି ଯାତ୍ରୀ ଗୁମାସ୍ତାଙ୍କୁ କାବୁ କରିଥିଲା। ସେମାନେ କାହାର ଯାତ୍ରୀ ଗୁମାସ୍ତା କାମ କରୁଛନ୍ତି ବୋଲି ପୁଲିସ ଖୋଳତାଡ଼ କରିଥିଲା। ହେଲେ କୌଣସି ସଠିକ୍ ସୂଚନା ସେମାନେ ଦେଇପାରି ନ ଥିଲେ। କେବଳ ଭକ୍ତଙ୍କୁ ଲୁଟିବା ପାଇଁ ସେମାନେ ନକଲି ଯାତ୍ରୀ ଗୁମାସ୍ତା ବେଶ ଧାରଣ କରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ବୁଲୁଥିଲେ। ପୁଲିସ ସମସ୍ତଙ୍କୁ ଗିରଫ କରିଥିଲା।

ଜଣେ ଶ୍ରଦ୍ଧାଳୁ ପବିତ୍ର ମୋହନ ସାହୁ କହିଛନ୍ତି, ନକଲି ଯାତ୍ରୀ ଗୁମାସ୍ତାଙ୍କୁ ନେଇ ଆମକୁ ସତର୍କ ହେବାକୁ ପଡ଼ିବ। ବାସ୍ତବରେ ଯେଉଁମାନେ ଯାତ୍ରୀ ଗୁମାସ୍ତା କାମ କରୁଛନ୍ତି ସେମାନଙ୍କୁ ମନ୍ଦିର ପ୍ରଶାସନ ପକ୍ଷରୁ ପରିଚୟ ପତ୍ର ଦିଆଯିବା ଦରକାର। ଏହାଦ୍ୱାରା ନକଲି ଯାତ୍ରୀ ଗୁମାସ୍ତା ଚିହ୍ନଟ ହୋଇଯିବେ। ପ୍ରତ୍ୟେକ ଶ୍ରଦ୍ଧାଳୁଙ୍କ ଇଚ୍ଛା ଥାଏ ଶୃଙ୍ଖଳିତ ଢଙ୍ଗରେ ମହାପ୍ରଭୁଙ୍କ ଦର୍ଶନ କରିବା। ଯଦି ସେମାନେ ଠକେଇର ଶିକାର ହୁଅନ୍ତି ତେବେ ଶ୍ରୀମନ୍ଦିର ପ୍ରଶାସନ ଓ ସରକାର ବଦ୍‌ନାମ ହେବେ। ସେହିପରି ଯାତ୍ରୀଙ୍କ ସୁରକ୍ଷା ନେଇ ସରକାର ସତର୍କ ରହିବା ଉଚିତ। ଶ୍ରୀମନ୍ଦିରକୁ ପ୍ରତିଦିନ ହଜାର ହଜାର ଭକ୍ତ ଆସୁଛନ୍ତି। ଏଠାରେ ଶୃଙ୍ଖଳିତ ଦର୍ଶନ ଏକ ଗୁରୁତ୍ୱପୂର୍ଣ୍ଣ କଥା। ତେଣୁ ଦଲାଲଙ୍କ ଉପରେ ପୁଲିସ ନଜର ରଖି କଡ଼ା କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ବୋଲି ଶ୍ରୀ ସାହୁ ମତ ଦେଇଛନ୍ତି।

ନିକଟରେ ଏସ୍‌ପି ପ୍ରତୀକ୍ ସିଂ କହିଥିଲେ, 'ନକଲି ଯାତ୍ରୀ ଗୁମାସ୍ତା'ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଶ୍ରୀମନ୍ଦିରରେ ଭକ୍ତଙ୍କୁ ଠକେଇ, ଦୁର୍ବ୍ୟବହାର କରାଗଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଲୋକଙ୍କୁ ସଚେତନ କରିବା ପାଇଁ ସୂଚନା ଦିଆଯାଉଛି। ଯଦି ପୁଣି ନକଲି ଯାତ୍ରୀ ଗୁମାସ୍ତାଙ୍କୁ ନେଇ ଅଭିଯୋଗ ଆସିବ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ତେବେ ପୁଲିସର ଏଭଳି ଆଭିମୁଖ୍ୟ ସତ୍ତ୍ୱେ ଶ୍ରୀମନ୍ଦିରରେ ନକଲି ଯାତ୍ରୀ ଗୁମାସ୍ତାଙ୍କ ପ୍ରାଦୁର୍ଭାବ କିଭଳି ବଢୁଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ମହାପ୍ରଭୁଙ୍କୁ ଦର୍ଶନ କଲେ ଜୟ ଢୋଲକିଆଙ୍କ ପରିବାର



**ପୁରୀ,୧୫।୧୧(ସମିସ):** ନୂଆପଡ଼ା ଉପନିର୍ବାଚନରେ ବିଜୟୀ ହୋଇଛନ୍ତି ବିଜେପି ପ୍ରାର୍ଥୀ ଜୟ ଢୋଲକିଆ। ଏହି ବିଜୟ ହାସଲ ପରେ ଶନିବାର ଜୟ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ସାନିଧ୍ୟ ଲାଭ କରିଛନ୍ତି। ପୂର୍ବାହ୍ନରେ ଜୟ ସପରିବାର ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ତାଙ୍କୁ ଦଳୀୟ ନେତୃବୃନ୍ଦ ସ୍ୱାଗତ କରିବା ସହ ମନ୍ଦିର ଭିତରକୁ ପାଛୋଟି ନେଇଥିଲେ। ମା', ପତ୍ନୀ, ଝିଅ ପ୍ରମୁଖଙ୍କ ସହ ଜୟ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ବେଢ଼ା ପରିସର ବୁଲି ମା' ଲକ୍ଷ୍ମୀ, ମା' ବିମଳା ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କୁ ମଧ୍ୟ ଦର୍ଶନ କରିଥିଲେ। ତେବେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରିବା ପରେ ଜୟ ଢୋଲକିଆ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ, ମହାପ୍ରଭୁଙ୍କ ଆଶୀର୍ବାଦରୁ ଏତେ ବଡ଼ ବିଜୟ ହାସଲ କରିପାରିଛୁ। ନୂଆପଡ଼ା ବାସୀଙ୍କର ହେଉଛି ଏହି ବିଜୟ।

## ସ୍ତ୍ରୀର ତଣ୍ଟି ଚିପି ହତ୍ୟା; ସ୍ୱାମୀ ଗିରଫ

**ପୁରୀ,୧୫।୧୧(ସମିସ):** ସ୍ତ୍ରୀର ଗୋଡ ହାତ ବାନ୍ଧି ତଣ୍ଟି ଚିପି ହତ୍ୟା କରିବା ଅଭିଯୋଗରେ ଜହ୍ଲାଦ ସ୍ୱାମୀକୁ ବାନ୍ଧିଛି ବଳିଆପଣ୍ଡା ଥାନା ପୁଲିସ। ଭଲ ପାଇ ବିବାହ କରିଥିଲେ ହେଁ ଶେଷରେ ହତ୍ୟାକାଣ୍ଡ ଭିଆଇଛି। ଅଭିଯୁକ୍ତ ସ୍ୱାମୀ ହେଉଛନ୍ତି ବଳିଆପଣ୍ଡା ମଙ୍ଗଳା ଲେନ୍ ପଟ୍ଟନାୟକ ସାହିର ସୁମିତ ନାରାୟଣ ଗୋଡ୍। ପୁଲିସର ସୂଚନା ମୁତାବକ, ଗଞ୍ଜାମ ଜିଲ୍ଲା ସେରଗଡ ଥାନା ଅଞ୍ଚଳର ବସନ୍ତ କୁମାର ଦାଶଙ୍କ ଝିଅ ଶିବାନୀ ରାଣୀ ଦାଶଙ୍କୁ ବଳିଆପଣ୍ଡାର ସୁମିତ ନାରାୟଣ ପ୍ରେମ ବିବାହ କରିଥିଲା। ସେମାନଙ୍କର ଗୋଟିଏ ୭ ବର୍ଷର ଓ ଗୋଟିଏ ଦେଢ ବର୍ଷର ପୁତ୍ର ସନ୍ତାନ ଅଛନ୍ତି। ଶିବାନୀଙ୍କ ଭାଇ ପବିତ୍ର ମୋହନ ଦାଶଙ୍କ ଅଭିଯୋଗ ମୁତାବକ, ବିବାହ ପରେ ଶାଶୂ ସନ୍ଧ୍ୟା ନାରାୟଣ ଗୋଡ୍, ଶ୍ୱଶୁର ସୂରଜ ନାରାୟଣ ଗୋଡ୍, ଦିଅର ଅମିତ ନାରାୟଣ ଗୋଡ୍ ଓ ସ୍ୱାମୀ ସୁମିତ ନାରାୟଣ ଗୋଡ୍ ଶିବାନୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ୬ ବର୍ଷ କାଳ ଏପରି ନିର୍ଯାତିତ ଜୀବନ ବଞ୍ଚିଥିଲେ ଶିବାନୀ। ପରିବାରବର୍ଗଙ୍କ ସହ ଅନେକ ଥର ତାଙ୍କର କଳି ଝଗଡ଼ା ହେଉଥିଲା। ଏହି ଘଟଣାରେ ଶିବାନୀ ସ୍ୱାମୀଙ୍କ ସହ ଘର ଛାଡ଼ି ଯାଇ ଗଞ୍ଜାମର ଖଲିକୋଟରେ ଦୁଇବର୍ଷ ଧରି ରହୁଥିଲେ। ପରବର୍ତ୍ତୀ ସମୟରେ ସେ ନିଜ ବଳିଆପଣ୍ଡାସ୍ଥିତ ଘରକୁ ଫେରିବା ପରେ ପୁଣି ନିର୍ଯାତନା ଆରମ୍ଭ ହୋଇଥିଲା। ଶୁକ୍ରବାର ଅପରାହ୍ଣ ୨ଟାରୁ ୩ଟା ମଧ୍ୟରେ ଶିବାନୀଙ୍କ ସ୍ୱାମୀ ସୁମିତ ହାତଗୋଡ ବାନ୍ଧି ତଣ୍ଟି ଚିପି ହତ୍ୟା କରିଥିଲା। କିଛି ସମୟ ପରେ ଶିବାନୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ବଳିଆପଣ୍ଡା ପୁଲିସ ଏକ ମାମଲା (ନଂ.୨୧୭/୨୫) ରୁଜୁ କରି ସୁମିତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଠାରୁ ହତ୍ୟାରେ ବ୍ୟବହୃତ ହୋଇଥିବା ପିଙ୍କ ରଙ୍ଗର ଷ୍ଟଲ୍ ଜବତ କରିଛି।

## କଳିଙ୍ଗ ସ୍ମାର୍ଟ ସ୍କୁଲରେ ବିଜ୍ଞାନ ମେଳା

**ପୁରୀ,୧୫।୧୧(ସମିସ):** କଳିଙ୍ଗ ସ୍ମାର୍ଟ ସ୍କୁଲରେ ଶନିବାର ବିଜ୍ଞାନ, କଳା ଓ କାରିଗରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦି ବେଲ୍ ଅନୁଷ୍ଠାନର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ଓ ସୂର୍ଯ୍ୟ ପୃଷ୍ଟି ବିଚାରକ ଭାବେ ଯୋଗ ଦେଇଥିଲେ। ସମାଜସେବୀ ଚକ୍ରଧର ମହାପାତ୍ର, ସମାଜସେବୀ ମନୋଜ କୁମାର ରଥ, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ଲାୟନ୍ସ କ୍ଲବ ପୁରୀର ସମ୍ପାଦକ ଲାୟନ ରୁଦ୍ରନାରାୟଣ ରଥ, ଲାୟନ ମନୋଜ ଶତପଥୀ ଅତିଥି ଭାବେ ଯୋଗ ଦେଇଥିଲେ। ୪୨ ଜଣ ଛାତ୍ରଛାତ୍ରୀ ଏଥିରେ ଏହି ବିଜ୍ଞାନ ମେଳାରେ



ଭାଗ ନେଇଥିଲେ। ବିଜ୍ଞାନ ବିକାଶର ଏକ ମାଧ୍ୟମ। ଏହାଦ୍ୱାରା ଛାତ୍ରଛାତ୍ରୀ ମାନଙ୍କ ବୌଦ୍ଧିକ ବିକାଶ ସହିତ ବିଜ୍ଞାନ ପିଲାମାନଙ୍କ ଭିତରେ ବିକାଶ କରିବ ବୋଲି ଅତିଥିମାନେ ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମଙ୍କୁ ବିଦ୍ୟାଳୟର ଅଧ୍ୟକ୍ଷ ଲାୟନ ସଞ୍ଜୟ କୁମାର ପ୍ରଧାନ ପରିଚାଳନା କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ପ୍ରଜ୍ଞା ଶୁଭମିତା ପ୍ରତିହାରୀ, ଶିକ୍ଷୟିତ୍ରୀ ଐଶ୍ୱରିଆ ମହାନ୍ତି, ପ୍ରିୟଙ୍କା ରଥ, ସାଗରୀକା ପ୍ରଧାନ, ବିଶ୍ୱଜିତା ମିଶ୍ର, ଜ୍ଞାନଜ୍ୟୋତି ସିଂ, ସନ୍ଧ୍ୟାରାଣୀ ବାରିକ, ମନ୍ଦାକିନୀ ପରିଡା, ଲିସ୍ମା ମହାନ୍ତି, ଦେବେନ୍ଦ୍ର ପ୍ରଧାନ, ବିପିନ ଭୋଇ, କବିତା ବେହେରା ସହଯୋଗ କରିଥିଲେ।

## ଏମାର ମଠ ସମ୍ମୁଖରେ ହେବ ଦେବ ଦୀପାବଳି ମହୋତ୍ସବ



**ପୁରୀ,୧୫।୧୧(ସମିସ):** ଆସନ୍ତା ୧୯ରୁ ତିନିଦିନ ଧରି ପାଳନ ହେବ ଦେବ ଦୀପାବଳି ମହୋତ୍ସବ। ଶ୍ରୀମନ୍ଦିର ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ରଙ୍କ ଆୟୋଜନରେ ଏହି ଉତ୍ସବ ଚାଲିବ। ୨୧ ତାରିଖ ପର୍ଯ୍ୟନ୍ତ ସିଂହଦ୍ୱାର ନିକଟ ଏମାର ମଠ ସମ୍ମୁଖରେ ହେବ ଦୀପଦାନ। ଶ୍ରୀମନ୍ଦିର ରୀତି ନୀତି ଓ ପରମ୍ପରାର ପୁନରୁଦ୍ଧାର ତଥା ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ଶ୍ରୀଜଗନ୍ନାଥ ସେବା ସଂସ୍ଥାନ ଆନୁକୂଲ୍ୟରେ ଏହି ତିନିଦିନ ବ୍ୟାପୀ ଦେବ ଦୀପାବଳି ମହୋତ୍ସବ ଆୟୋଜନ କରାଯାଇଛି ବୋଲି ଶନିବାର ଗଙ୍ଗାମାତା ମଠ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର କହିଛନ୍ତି। ମହାପ୍ରଭୁ ପାଳନ କରୁଥିବା ଦୀପାବଳୀକୁ 'ଦେବ ଦୀପାବଳୀ' କୁହାଯାଏ। ଏହା ତିନିଦିନ ଧରି ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ, ମାର୍ଗଶିର ଅମାବାସ୍ୟା ଓ ମାର୍ଗଶିର ଶୁକ୍ଳ ପ୍ରତିପଦା ଏହି ତିନୋଟି ତିଥିରେ ଶ୍ରୀମନ୍ଦିରରେ ପାଳନ ହୁଏ। ପ୍ରଥମ ଦିନ ମାର୍ଗଶୀର କୃଷ୍ଣପକ୍ଷ ଚତୁର୍ଦ୍ଦଶୀରେ କଶ୍ୟପ ଓ ଅଦିତିଙ୍କ ଉଦ୍ଦେଶ୍ୟରେ, ଦ୍ୱିତୀୟ ଦିନ ଦଶରଥ ଓ କୌଶଲ୍ୟାଙ୍କ ଉଦ୍ଦେଶ୍ୟରେ, ତୃତୀୟଦିନ ମାର୍ଗଶୀର ଶୁକ୍ଳ ପ୍ରତିପଦା ବସୁଦେବ-ଦେବକୀ, ନନ୍ଦ-ଯଶୋଦା ଓ ଇନ୍ଦ୍ରଦ୍ୟୁମ୍ନ-ଗୁଣ୍ଡିଚାଙ୍କ ଉଦ୍ଦେଶ୍ୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରାଦ୍ଧ ଓ ଦୀପଦାନ କରିଥାନ୍ତି। ଉକ୍ତ ତିନିଦିନ ମହାପ୍ରଭୁଙ୍କ ସ୍ୱତନ୍ତ୍ର ଶ୍ରାଦ୍ଧ ବେଶ ଅନୁଷ୍ଠିତ ହୋଇଥାଏ।

### କୋଷ୍ଟାଲ୍ ସିକ୍ୟୁରିଟି କମ୍ୟୁନିଟି ପୁଲିସିଂ କାର୍ଯ୍ୟକ୍ରମ

## ଉପକୂଳ ସୁରକ୍ଷାକୁ ସୁଦୃଢ଼ କରିବାକୁ ଗୁରୁତ୍ୱ

**ପୁରୀ, ୧୫।୧୧ (ସମିସ):** ସମୁଦ୍ର ତଟର ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ଜନସାଧାରଣଙ୍କ ସହ ପୁଲିସ ସମ୍ପର୍କକୁ ଆହୁରି ନିବିଡ଼ କରିବା ଉଦ୍ଦେଶ୍ୟରେ ପୁରୀ ପୁଲିସ ପକ୍ଷରୁ ଶନିବାର ଚନ୍ଦ୍ରଭାଗା ମେରାଇନ ଥାନାରେ କୋଷ୍ଟାଲ୍ ସିକ୍ୟୁରିଟି କମ୍ୟୁନିଟି ପୁଲିସିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମୁଦ୍ର ତଟବର୍ତ୍ତୀ ଅଞ୍ଚଳର ଲୋକଙ୍କୁ ସଚେତନ କରିବା, ବିପଦ ସମୟରେ ସ୍ଥାନୀୟ ଅଧିବାସୀଙ୍କ ସହଯୋଗ ବୃଦ୍ଧି, ଯୁବବର୍ଗଙ୍କ ମଧ୍ୟରେ କ୍ରୀଡ଼ା ଓ ସାଂସ୍କୃତିକ ମନୋଭାବ ଗଢ଼ିତୋଳିବା, ପୁଲିସ ଓ ପବ୍ଲିକ ସମ୍ପର୍କକୁ ଦୃଢ କରିବା ଏହାର ମୂଳ ଲକ୍ଷ୍ୟ ରହିଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଯଥା ଭଲିବଲ୍ ମ୍ୟାଚ୍ ଓ ଚିତ୍ରକଳା ପ୍ରତିଯୋଗିତାରେ ପିଲାମାନେ ସମୁଦ୍ର, ପରିବେଶ ଆଦି ବିଷୟରେ ଆକର୍ଷଣୀୟ ଚିତ୍ର ପ୍ରସ୍ତୁତ କରିଥିଲେ। ଗୀତ ଓ ନୃତ୍ୟ ପ୍ରତିଯୋଗିତାରେ ସ୍ଥାନୀୟ ସଂସ୍କୃତିକୁ ନେଇ




ଅନେକ ପ୍ରଦର୍ଶନ କରିଥିଲେ। କଳା ଓ ସାହିତ୍ୟ ମଞ୍ଚ ପିଲାମାନେ ସ୍ୱରଚିତ କବିତା ଓ ଭାଷଣ ରଖିଥିଲେ। ଏହି ଅବସରରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଆବଶ୍ୟକତା ଥିବା ଲୋକଙ୍କୁ କମ୍ବଳ ବଣ୍ଟନ, ବିଭିନ୍ନ ସ୍କୁଲ ଛାତ୍ରଛାତ୍ରୀଙ୍କୁ ସଙ୍ଗୀତ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ସଚିନ ପଟେଲ, ନିମାପଡା ଏସ୍‌ଡିପିଓ ଜନାର୍ଦ୍ଦନ ପାଢୀ, ଆସିଷ୍ଟାଣ୍ଟ ଫିଶରି ଅଫିସର ସୁବୀତ ପଟେଲ, ପ୍ରଧାନଶିକ୍ଷକ ସୁରେନ୍ଦ୍ରନାଥ ପାଢୀଙ୍କ ସମେତ ରାମଚଣ୍ଡୀ ଓ ଚନ୍ଦ୍ରଭାଗା ମେରାଇ ଥାନାର ଆଇଆଇସି ଉପସ୍ଥିତ ଥିଲେ। ଅତିଥିମାନେ କମ୍ୟୁନିଟି ପୁଲିସିଂର ଗୁରୁତ୍ୱ, ସମୁଦ୍ର ସୁରକ୍ଷା ଓ ଯୁବଶକ୍ତିର ଭୂମିକା ଉପରେ ଗୁରୁତ୍ୱପୂର୍ଣ୍ଣ ଉପଦେଶ ଦେଇଥିଲେ।

## କୌତୁକ ପୋଷାକ ପ୍ରତିଯୋଗିତା

**ପୁରୀ,୧୫।୧୧(ସମିସ):** ଶିଶୁ ଦିବସ ଅବସରରେ ଶୁକ୍ରବାର ଭଗବତୀ ବିଦ୍ୟା ନିକେତନ ପକ୍ଷରୁ କୌତୁକ ପୋଷାକ ପ୍ରତିଯୋଗିତା ଅଠରନଳା ପାର୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଟ୍ୟକାର କୃଷ୍ଣଚନ୍ଦ୍ର କାନୁନ୍‌ଗୋ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଅଭିନନ୍ଦନିକାର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି, ଶିଶୁ ସାହିତ୍ୟିକ ଅଜୟ କୁମାର ସେଠୀ, ରାଇକିଶୋର ମହାନ୍ତି, ଗୀତିକାର କମଳାକାନ୍ତ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପୁରୀ ଆର୍ଟିଷ୍ଟ ଆସୋସିଏଶନର ସଭାପତି ସଙ୍ଗଠକ ଭରତ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ସଭାପତି ରମେଶ ଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ




ଅନୁଷ୍ଠିତ ଏହି ସଭାରେ ସମ୍ପାଦକ ମହେନ୍ଦ୍ର ବିଶୋଇ, ସହ ସମ୍ପାଦକ ଲକ୍ଷ୍ମୀଧର ମାଝୀ, ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ଦେଇ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ଶିକ୍ଷା ମୁକୁଳଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୨୪ ଜଣ ପ୍ରତିଯୋଗୀ କୌତୁକ ବେଶରେ ନିଜ ନିଜର କଳା ପ୍ରଦର୍ଶନ କରିଥିଲେ। ବିଶିଷ୍ଟ ମଞ୍ଚ ଅଭିନେତା ତଥା ନାଟ୍ୟକାର ମହେନ୍ଦ୍ର କୁମାର ଦାଶ, କଳ୍ପନା ମିଶ୍ର, ପ୍ରଦୀପ କୁମାର ଦାସ, ବିକାଶ ଦତ୍ତ, ନିବେଦିତା ଦାସ, ଗଣେଶ୍ୱର ଦାଶ ପ୍ରମୁଖ ବିଚାରକ ରୂପେ ଯୋଗଦେଇ ପ୍ରତିଯୋଗିତାର ମୂଲ୍ୟାୟନ କରିଥିଲେ। ପ୍ରଜ୍ଞା ସାହୁ, ମମତା ଦାସ, ଗୋଲ୍‌ଡି ଭଞ୍ଜ, ମାନସୀ ଦାଶଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମଧୁମେହ ସଚେତନତା ପଦଯାତ୍ରା

**ପୁରୀ,୧୫।୧୧(ସମିସ):** ବିଶ୍ୱ ମଧୁମେହ ଦିବସ ପାଳନ ଅବସରରେ 'ଶ୍ରୀଜଗନ୍ନାଥ ହାର୍ଟ ଫାଉଣ୍ଡେଶନ' ଏବଂ 'କରୋନା ରିମେଡିଜ୍'ର ମିଳିତ ଆନୁକୂଲ୍ୟରେ ଏକ ମଧୁମେହ ସଚେତନତା ପଦଯାତ୍ରା ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରୁ ବାହାରି ଶରଧାବାଲି ଗୁଣ୍ଡିଚା ମନ୍ଦିରଠାରେ ପହଞ୍ଚିଥିଲା। ସିଂହଦ୍ୱାରଠାରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ୍ ସିଂ ଯୋଗଦେଇ ପଦଯାତ୍ରାକୁ ଶୁଭ ଉଦ୍‌ଘାଟନ କରିଥିଲେ। ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ସଚେତନତା ସଭାରେ ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ଅଶୋକ ପରିଡ଼ା, ଡା. ହରିବଲ୍ଲଭ ମହାପାତ୍ର, ଡା. ଶାନ୍ତନୁ ଜେନା, ଡା. ଗିରିଶ ବେହେରା, ଡା. ଗୋପାଳ ପତି, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ସାମାଜିକ କର୍ମୀ ଶ୍ୟାମ ପ୍ରକାଶ ସେନାପତି, ଶକ୍ତି ନାୟକ, କାବା ମହାପାତ୍ର, ସଂଗ୍ରାମ କାନୁନଗୋ ଏବଂ ବିଶ୍ୱନାଥ ପଣ୍ଡା ପ୍ରମୁଖ ଯୋଗଦେଇ ମଧୁମେହ ଭୟାବହତା ଉପରେ ଆଲୋକପାତ କରିଥିଲେ। ସଭା କାର୍ଯ୍ୟକୁ ମାନସ ନାୟକ ଏବଂ କରୋନା ରିମେଡିଜ୍‌ର ଗୋବିନ୍ଦ ଦାଶ ପରିଚାଳନା କରିଥିଲେ।

## ପ୍ରଶଂସା ସାଉଣ୍ଟିଲା ସଦ୍ୟାନ୍ତଙ୍କ ବିଜ୍ଞାନ ପ୍ରକଳ୍ପ

**ପୁରୀ,୧୫।୧୧(ସମିସ):** ଗୋରୁଆଳ ମଦର୍ସ ପବ୍ଲିକ୍ ସ୍କୁଲର ୭ମ ଶ୍ରେଣୀ ଛାତ୍ର ସଦ୍ୟାନ୍ତ ଶତପଥୀ ବୃଦ୍ଧାବସ୍ଥାରେ ବ୍ୟବହାର ପାଇଁ ପରିବେଶ ଅନୁକୂଳ ଡାଇପର ଓ ଅପହଞ୍ଚ, ଦୁର୍ଗମ ଅଞ୍ଚଳରେ ରୋଷେଇ ପାଇଁ ବ୍ୟବହୃତ ଚୁଲି ଆଲୋକରୁ ବିଦ୍ୟୁତ୍ ବ୍ୟବହାର କରିବାର



ଉପାୟ ଉଦ୍ଭାବନ କରିଛନ୍ତି। ସଦ୍ୟାନ୍ତଙ୍କ ଏହି ବିଜ୍ଞାନ ପ୍ରକଳ୍ପକୁ ଢେର୍ ପ୍ରଶଂସା ମିଳିଛି। ତାଙ୍କ ବିଜ୍ଞାନ ଶିକ୍ଷକ ଡ. ସୁଚେତା ସାଧୁ, ବିଦ୍ୟାଳୟର ଅଧ୍ୟକ୍ଷା ସଗୁଫ୍‌ତା ପରଭିନ୍‌ଙ୍କ ମାର୍ଗଦର୍ଶନ ଏବଂ ପିତାମାତାଙ୍କ ସହଯୋଗରେ ସଦ୍ୟାନ୍ତ ଏହି ବିଜ୍ଞାନ ପ୍ରକଳ୍ପ ସେହି ଅଞ୍ଚଳ ପାଇଁ ଆବିଷ୍କାର କରିଛନ୍ତି ଯେଉଁଠାରେ ଏଲ୍‌ପିଜି ଗ୍ୟାସ ଓ ବିଦ୍ୟୁତ୍ ପହଞ୍ଚିପାରୁ ନାହିଁ। ଲୋକମାନେ ଚୁଲିରେ ରୋଷେଇ ପାଇଁ ସ୍ଥାନୀୟ ଇନ୍ଧନ, ଉଦାହରଣ ସ୍ୱରୂପ ଶୁଖିଲା ପତ୍ର, କାଠ, ଇତ୍ୟାଦି ବ୍ୟବହାର କରୁଥିବାରୁ ସଦ୍ୟାନ୍ତ ସୌର ପ୍ୟାନେଲ୍ ମାଧ୍ୟମରେ ଚୁଲିର ତିନି ପାର୍ଶ୍ୱରୁ ସୋଲାର ପ୍ୟାନେଲ ଦ୍ୱାରା ଆଲୋକ ସଂଗ୍ରହ କରି ଏହାକୁ ବିଦ୍ୟୁତ୍ ଶକ୍ତିରେ ରୂପାନ୍ତରିତ କରି ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରିବା ନିମନ୍ତେ ଉପାୟ ବାହାର କରିଛନ୍ତି। ସେହିପରି କମ୍ ଖର୍ଚ୍ଚରେ ବୃଦ୍ଧାବସ୍ଥାରେ ଶଯ୍ୟାଶାୟୀ ବ୍ୟକ୍ତିଙ୍କ ଉତ୍ତମ ପରିମଳ ସୁବିଧା ନିମନ୍ତେ କଦଳୀ ଗଛର ବାହୁଙ୍ଗାରୁ ତନ୍ତୁ ବାହାର କରି ପରିବେଶ ଅନୁକୂଳ ଡାଇପର ବା ନ୍ୟାପକିନ୍ ବିକଶିତ କରିଛନ୍ତି। ଉଭୟ ଚିନ୍ତାଧାରାର ମିଶ୍ରିତ କାର୍ଯ୍ୟକ୍ଷମ ବିଜ୍ଞାନ ପ୍ରକଳ୍ପ ସ୍କୁଲର ବିଜ୍ଞାନ ପ୍ରଦର୍ଶନୀ ଏବଂ ଜିଲ୍ଲାସ୍ତରୀୟ ଚିରସ୍ଥାୟୀ ବିକାଶ ଲକ୍ଷ୍ୟ ପ୍ରଦର୍ଶନୀ ପ୍ରତିଯୋଗିତାରେ ପ୍ରଦର୍ଶିତ ଓ ଉଚ୍ଚ ପ୍ରଶଂସିତ ହୋଇଛି। ଚିରସ୍ଥାୟୀ ବିକାଶ ଲକ୍ଷ୍ୟ ଗୁଡିକୁ ପୁରଣ କରିବାରେ ଏହି ପ୍ରକଳ୍ପ ସହାୟକ ହେଉଥିବା କାରଣରୁ ସଦ୍ୟାନ୍ତଙ୍କ ପ୍ରକଳ୍ପକୁ ଅଭିଭାବକ, ଶିକ୍ଷକ ଏବଂ ଛାତ୍ର ଛାତ୍ରୀମାନେ ବୁଲି ଦେଖିବା ସହିତ ପ୍ରଶଂସା କରିଛନ୍ତି। ସଦ୍ୟାନ୍ତଙ୍କ ଇଚ୍ଛା ଅପହଞ୍ଚ ଓ ଲକ୍ଷ୍ୟଭୁକ୍ତ ଲୋକଙ୍କ ପାଇଁ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଇ ପାରିଲେ ସମାଜର ଦୁର୍ବଳ ଗୋଷ୍ଠୀ ଉପକୃତ ହୋଇପାରନ୍ତେ।

### ବିଧାନସଭା ଅତିଥି ଭବନରେ ଭୋଜିଭାତର ଆସର

# ଆୟୋଜନ ଥିଲା କାହାର, ଯୋଗ ଦେଇଥିଲେ କିଏ?

**ପୁରୀ,୧୫।୧୧(ସମିସ):** ବିଧାନସଭା ଅତିଥି ଭବନରେ ଚାଲିଥିଲା ପାର୍ଟି। ଜମିଥିଲା ଭୋଜିଭାତର ଆସର। ଢେର ରାତିଯାଏ ରଙ୍ଗୀନ ଆଲୋକରେ ଖୁସି ମନାଇଥିଲେ ଆସରରେ ଯୋଗଦେଇଥିବା ବ୍ୟକ୍ତି। ତେବେ ପ୍ରଶ୍ନଉଠୁଛି ସରକାରୀ କୋଠାରେ ଏଭଳି ଆୟୋଜନ କରିଥିଲା କିଏ ଆଉ କେଉଁମାନେ ଏଥିରେ ଯୋଗଦେଇଥିଲେ? ଏହାକୁ ନେଇ ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପ୍ରଶ୍ନ ଉଠାଇଥିବା ବେଳେ ଏହି କୋଠାରେ ବିଦ୍ୟୁତ୍ ଚୋରି ହେଉଥିବା ମଧ୍ୟ ଅଭିଯୋଗ କରିଛି।

ଓଡ଼ିଶା ବିଧାନସଭାର ଅଧିକାରୀ ଏବଂ କର୍ମଚାରୀମାନେ ପୁରୀ ଆସିଲେ କିପରି ସୁବିଧାରେ ରହିପାରିବେ ସେ ନେଇ ବିଧାନସଭା ଅତିଥି ଭବନ ନିର୍ମାଣ କରାଯାଇଛି। ପେଣ୍ଠକଟା ଛକ ଶ୍ରୀଜଗନ୍ନାଥ ଷ୍ଟାଡିୟମ ନିକଟରେ ପ୍ରାୟ ୩ କୋଟି ଟଙ୍କା ବ୍ୟୟରେ ୪ଟି କୋଠରି ବିଶିଷ୍ଟ ଏହି ଭବନ ନିର୍ମାଣ କରାଯାଇଥିଲା। ଏହାର ନିର୍ମାଣ ସରିବା ପରେ ୨୦୦୯ ମାର୍ଚ୍ଚରେ ଏହାକୁ ଉଦ୍‌ଘାଟନ କରାଯାଇଥିଲା। ଇତିମଧ୍ୟରେ ୧୬ ବର୍ଷ ବିତିଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ଅନ୍ୟ ଅତିଥିଙ୍କ କଥା ଦୂରେ ଥାଉ ଖୋଦ୍ ବିଧାନସଭା ସଦସ୍ୟ ଅତିଥି ଭାବେ ଏଠାରେ ଆପ୍ୟାୟିତ ହୋଇପାରି ନାହାନ୍ତି। ଆର୍ ଆଣ୍ଡ ବିଠାରୁ ଏହା ମଧ୍ୟ ହସ୍ତାନ୍ତର ହୋଇପାରିନି।

୨୦୧୯ ଫାନି ବାତ୍ୟାରେ ଏହି ଅତିଥି ଭବନ କ୍ଷତିଗ୍ରସ୍ତ ହୋଇଥିଲା। ଏଠାକୁ ସଂଯୋଗ ଥିବା ବିଦ୍ୟୁତ୍ ଖୁଣ୍ଟ ଓ ତାର ଛିଣ୍ଡି ଯାଇଥିଲା। କେହି ରହୁ ନ ଥିବାର ସୁଯୋଗ ନେଇ ଲୁଟେରାମାନେ ଏହା ପରିସରରେ ଲାଗିଥିବା ସମସ୍ତ ବିଦ୍ୟୁତ୍ ସରଞ୍ଜାମ, ଏସି, ଫ୍ୟାନ୍, ଲାଇଟ୍ ଆଦି ଚୋରି କରିନେଇଥିଲେ। ଝରକା, କବାଟ ବି ଭାଙ୍ଗି ନେଇଥିଲେ। ଏକପ୍ରକାର ପରିତ୍ୟକ୍ତ ଅବସ୍ଥାରେ ଏହା ପଡ଼ିରହିଥିଲା। ପରବର୍ତ୍ତୀ ସମୟରେ ଏହାକୁ ପୁନରୁଦ୍ଧାର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୫ ବର୍ଷ ପୂର୍ବେ ଆର୍ ଆଣ୍ଡ ବି ଏହାକୁ ମରାମତି କରିଥିଲା। କିନ୍ତୁ ଏହି କୋଠା ଯେଉଁ ଉଦ୍ଦେଶ୍ୟ ନେଇ ତିଆରି କରାଯାଇଥିଲା ତାହା ଆଦୌ କାମରେ ଲାଗି ନାହିଁ। ହେଲେ କିଛିବର୍ଷ ହେବ ଏହି କୋଠାରେ କିଛି ଲୋକ ରହୁଛନ୍ତି। ସେମାନେ କିଏ ତାହା ଜଣାପଡ଼ି ନ ଥିବାବେଳେ ନିଶାଖୋରଙ୍କ ଆଡ୍ଡାସ୍ଥଳୀ ପାଲଟିଥିଲା ଏହା ପରିସର।

ତେବେ ଶୁକ୍ରବାର ରାତିରେ ଏହି କୋଠାରେ ପାର୍ଟି ଚାଲିଥିଲା। ଯାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ପୁରୀ ଜିଲ୍ଲା ଆପ୍ ସଭାପତି ସଞ୍ଜୀବ କୁମାର ମହାନ୍ତି। ସେ କହିଛନ୍ତି, ଶୁକ୍ରବାର ରାତିରେ ସେଠାରେ ଫଙ୍କ୍‌ସନ ଚାଲିଥିବା ଦେଖିବାକୁ ମିଳିଥିଲା। ସେଠାକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇ ନ ଥିବା ପୂର୍ବରୁ ବିଭାଗ ପକ୍ଷରୁ କୁହାଯାଇଥିବା ବେଳେ ଲାଇଟ୍ ଜଳୁଥିଲା କିପରି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି। ଏହାର ଅର୍ଥ ଚୋରାରେ ବିଦ୍ୟୁତ୍ ସଂଯୋଗ ଯାଇଛି। ୧୬ ବର୍ଷରେ କେତେ ବିଜୁଳି ଚୋରି ହେଇଛି ଏବଂ ଏହାର ଭରଣା କିଏ କରିବ ସେ ପ୍ରଶ୍ନ କରିଛନ୍ତି।

ଶ୍ରୀ ମହାନ୍ତି କହିଛନ୍ତି, ଶୁଣାଯାଉଛି ଯେ, କିଛି ଠିକାଦାର ଏହାକୁ କବ୍‌ଜା କରି ରଖିଛନ୍ତି। ଏଥିପାଇଁ କେବଳ ଜିଲ୍ଲା ମୁଖିଆମାନେ ହିଁ ଦାୟୀ। ଅନ୍ୟପକ୍ଷରେ ଶନିବାର ବିଜୁଳି ଭିଜିଲାନ୍ସ ବିଭାଗ ସେଠାରେ ଚଢ଼ଉ କରି ବିଦ୍ୟୁତ୍ ସଂଯୋଗ କାଟିଛି। ବଡ଼କଥା ହେଉଛି ଶୁକ୍ରବାର ଜିଲ୍ଲାର ଦୁଇ ବିଧାୟକଙ୍କ ପିଏସ୍‌ଓ ଏହି ଭୋଜିଭାତର ଆସର ଆୟୋଜନ କରିଥିଲେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଯଦି ଖୋଦ୍ ଅଙ୍ଗରକ୍ଷୀ ଏଭଳି ଭାବେ ନିୟମ କାନୁନ ଭାଙ୍ଗିବେ ତେବେ ସାଧାରଣ ଲୋକଙ୍କଠୁ କ'ଣ ଆଶା କରାଯିବ? ସେଠାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠ ବି ରହିଛି। ତେବେ ଏଭଳି କାର୍ଯ୍ୟ କରାଇବାରେ କେଉଁ କେଉଁ ବିଧାୟକ ସାମିଲ ଅଛନ୍ତି ତାହା ପର୍ଦ୍ଦାଫାସ ହେବା ଦରକାର। ଯିଏ ଦୋଷୀ ତା' ବିରୋଧରେ ଜିଲ୍ଲାପାଳ କ'ଣ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ଦେଖିବାକୁ ବାକି ରହିଲା ବୋଲି ସଞ୍ଜୀବ କହିଛନ୍ତି। ତେବେ ଏହି କୋଠାକୁ ଏକ କଲ୍ୟାଣ ମଣ୍ଡପରେ ପରିବର୍ତ୍ତନ କରିଦିଆଯାଉ ବୋଲି ଆପ୍ ଦାବି କରିଛି।

# ଭୁବନେଶ୍ୱର ସିଟି



## କାର୍ତ୍ତିକେଶ୍ୱର ଭସାଣି ରାସ୍ତାଜାମ୍

# ଘଣ୍ଟା ଘଣ୍ଟା ଧରି ଫସିଲେ ଯାତ୍ରୀ

ନନ୍ଦନକାନନ/ତ୍ରିଶୂଳିଆ, ୧୫ ।୧୧(ସମିସ): ବାରଙ୍ଗର ଗଣପର୍ବ କାର୍ତ୍ତିକେଶ୍ୱର ପୂଜାର ଭସାଣି ଉତ୍ସବ ପାଇଁ ଶନିବାର କଟକ ନନ୍ଦନକାନନ ରାସ୍ତା ଦୀର୍ଘ ସମୟ ଧରି ଜାମ୍ ହୋଇଯାଇଥିଲା। ଉଭୟ ପାର୍ଶ୍ୱରେ ହଜାର ହଜାର ଗାଡ଼ିମୋଟର ଅଟକି ରହିଥିଲା। ଅତି ଜରୁରୀ କାମ ପାଇଁ ଅପେକ୍ଷା କରିଥିବା ଯାତ୍ରୀ ଦୀର୍ଘ ସମୟ ଧରି ଉଭୟ ପାର୍ଶ୍ୱରେ ଅଟକି ରହିଥିଲେ। ପରିସ୍ଥିତି ଏଭଳି ହୋଇଥିଲା ଯେ, ଏହି ରାସ୍ତା ଉପରେ ନିର୍ଭର କରୁଥିବା ଅଞ୍ଚଳବାସୀମାନେ ନାକେଦମ ହୋଇଥିଲେ।

ପ୍ରକାଶ ଥାଉ କି କାର୍ତ୍ତିକେଶ୍ୱର ଭସାଣି ପାଇଁ ପ୍ରାଥମିକ ପର୍ଯ୍ୟାୟରେ ଶୋଭାଯାତ୍ରାରେ ୮ଟି ମେଢ ସାମିଲ ହୋଇଥିଲା। କଳାକାରଙ୍କ ଦ୍ୱାରା ବିଭିନ୍ନ ପାରମ୍ପରିକ ବାଦ୍ୟ ଓ ନୃତ୍ୟରେ କମ୍ପିଥିଲା ବାରଙ୍ଗ। କିନ୍ତୁ ଭସାଣି ଦେଖିବା ପାଇଁ ହଜାର ହଜାର ଲୋକେ ରାସ୍ତା ଜାମ୍ ପରିସ୍ଥିତି ସୃଷ୍ଟି କରିଥିଲେ। ନନ୍ଦନକାନନଠାରୁ



ତ୍ରିଶୂଳିଆ ପର୍ଯ୍ୟନ୍ତ ବହୁ ଗାଡ଼ି ଏପରିକି ଆମ୍ବୁଲାନ୍ସ ଆଦି ଘଣ୍ଟା ଘଣ୍ଟା ଧରି ଅଟକି ରହିବା ଫଳରେ ଟ୍ରାଫିକ ଜାମ ସ୍ଥିତି ସୃଷ୍ଟି ହୋଇଥିଲା। ବାରଙ୍ଗ ପୁଲିସ, ଜିଲ୍ଲା ପ୍ରଶାସନ ବିନା ସୂଚନାରେ ଏଭଳି କାର୍ଯ୍ୟକ୍ରମ କରିଥିବାରୁ ଲୋକେ ନାପସନ୍ଦ କରିଛନ୍ତି। ଭସାଣି ଉତ୍ସବକୁ ଆକର୍ଷଣୀୟ କରିବା ପାଇଁ ପ୍ରାୟ ସବୁ ପୂଜା କମିଟି ପକ୍ଷରୁ ଜୋରଦାର ଉଦ୍ୟମ କରାଯାଇଥିଲା। ଘୋଡାନାଚ, କଣ୍ଢେଇନାଚ, ଘଣ୍ଟ, ପଞ୍ଜାବୀ ବାଜା, ଶିଙ୍ଗ ବାଜା, ଶଙ୍ଖ, ହଳଦିକାଠ, ସମେତ ବହୁ ପାରମ୍ପରିକ ଓ ଆଧୁନିକ ବାଦ୍ୟକୁ ଏଥର ଶୋଭାଯାତ୍ରାରେ ଦେଖିବାକୁ ମିଳିଥିଲା। କାର୍ତ୍ତିକେଶ୍ୱର ଭସାଣି ଉତ୍ସବକୁ ଦେଖିବାପାଇଁ ସନ୍ଧ୍ୟା ପରଠାରୁ ବାରଙ୍ଗ ମୁଖ୍ୟରାସ୍ତା କଡରେ ନାହିଁ ନ ଥିବା ଭିଡ଼ ଲାଗିରହିଥିଲା। ସପ୍ତାହର ଶେଷ କର୍ମଦିବସ ହୋଇଥିବାରୁ ଆଜି ସନ୍ଧ୍ୟାରେ ଭିଡ଼ ଅଧିକ ଥିଲା। ଉଭୟ ପଟରୁ ସରକାରୀ କର୍ମଚାରୀମାନେ ନିଜ ନିଜ ଅଞ୍ଚଳକୁ ଫେରୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ବୋଲି କୁହାଯାଉଛି।ସୀତାରାମ ବଜାର ପୂଜା କମିଟି ପକ୍ଷରୁ ସମସ୍ତ ପୂଜା କମିଟିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ବିଭିନ୍ନ ବର୍ଗର ଲୋକଙ୍କ ସହ ସମସ୍ତ ପୂଜା କମିଟି ସଦସ୍ୟଙ୍କୁ ସମ୍ମାନିତ କରାଯାଇଛି। ବାରଙ୍ଗ ପୁଲିସ ଓ ବାରଙ୍ଗ ଆଞ୍ଚଳିକ ଶାନ୍ତି କମିଟିର ସଭାପତି ପ୍ରତାପଚନ୍ଦ୍ର ପାଣି, ସମ୍ପାଦକ ସୁରେଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳାର ସହ ୮ଟି ମେଢ଼ ସାମିଲ ହୋଇଥିଲେ।

## ଆଦିବାସୀ କଂଗ୍ରେସ ପକ୍ଷରୁ ବିର୍ସା ମୁଣ୍ଡା ଜୟନ୍ତୀ



ଭୁବନେଶ୍ୱର, ୧୫ ।୧୧(ସମିସ): ରାଜ୍ୟ ଆଦିବାସୀ କଂଗ୍ରେସ ପକ୍ଷରୁ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ସହିଦ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଶନିବାର ରାଜ୍ୟ କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି। ଆଦିବାସୀ କଂଗ୍ରେସ ସଭାପତି ଯଶୋବନ୍ତ ସିଂ ଲାଗୁରି ଏହି କାର୍ଯ୍ୟକ୍ରମକୁ ଅଧ୍ୟକ୍ଷତାରେ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସ୍ମୃତି ସଭାରେ ରାଜ୍ୟ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ଆଇନଜୀବୀ ମାନସ କୁମାର ମଲ୍ଲିକ ମୁଖ୍ୟ ଅତିଥିଭାବେ, ରାଜ୍ୟ ଆଦିବାସୀ କଂଗ୍ରେସ ସଭାପତି ପୂର୍ବତନ ସାଂସଦ ଯଶୋବନ୍ତ ସିଂ ଲାଗୁରି, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ପୂର୍ବତନ ବିଧାୟକ ପ୍ରହଲ୍ଲାଦ ପୂର୍ତ୍ତି, ପିସିସି ସମ୍ପାଦିକା ଅନିମା ମିଞ୍ଜ, ପିସିସି ସମ୍ପାଦକ ମୋହନ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇଥିଲେ। ସଭାଶେଷରେ ଅବସରପ୍ରାପ୍ତ ପ୍ରଶାସକ କୋଟରାଜ ଡୁଙ୍ଗଡୁଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ ହସ୍ପିଟାଲ୍ ପକ୍ଷରୁ ବିଶ୍ୱ ମଧୁମେହ ଦିବସ

ଭୁବନେଶ୍ୱର, ୧୫।୧୧(ସମିସ): ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ ପକ୍ଷରୁ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଏସସିବି ମେଡିକାଲ୍ କଲେଜ ଆଣ୍ଡ ହସ୍ପିଟାଲର ଏଣ୍ଡୋକ୍ରାଇନୋଲୋଜି ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର (ଡ.) ମନୋଜ କୁମାର ବଳିୟାରସିଂହ ଯୋଗ ଦେଇ କହିଛନ୍ତି, ବର୍ତ୍ତମାନ ମୋଟାପଣ ଥିବା ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରାୟତଃ ଟାଇପ୍-୨ ଡାଇବେଟିସ୍ ସମସ୍ୟା ଦେଖାଦେଉଛି।ଏହିଉପଲକ୍ଷେସଚେତନତାପଦଯାତ୍ରାଅନୁଷ୍ଠିତହୋଇଥିଲା।କାର୍ଯ୍ୟକ୍ରମରେ



ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ଡିନ୍ ପ୍ରଫେସର ଡ. ସଂଘମିତ୍ରା ମିଶ୍ର, ମେଡିକାଲ୍ ସୁପରିନଟେଣ୍ଡେଣ୍ଟ ପ୍ରଫେସର ଡ. ପୁଷ୍ପରାଜ ସାମନ୍ତସିଂହାର, ଏଣ୍ଡୋକ୍ରାଇନୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡ. ଜୟଭାନୁ କନୱର, ପ୍ରମୁଖ ଉପସ୍ଥିତ ଥିଲେ।

## ଭୁବନେଶ୍ୱର ବାଲିଯାତ୍ରା ପାଇଁ ସହଯୋଗ କରିବେ ତିରୁପତି



ଭୁବନେଶ୍ୱର, ୧୫।୧୧(ସମିସ): ମଞ୍ଚେଶ୍ୱର କୁଆଖାଇ ନଦୀପଠାଠାରେ ଆୟୋଜିତ ବାଲିଯାତ୍ରା ମହୋତ୍ସବ -୨୦୨୫ ଉଦ୍‌ଯାପିତ ହୋଇଛି। ଏଥିରେଆୟୋଜିତକାର୍ଯ୍ୟକ୍ରମରେମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ସମ୍ମାନିତ ଅତିଥି ଭାବେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ, ରାଜ୍ୟ ବିଜେପି ଭାଇସ୍-ପ୍ରେସିଡେଣ୍ଟ ଗୋଲକ ପ୍ରସାଦ ମହାପାତ୍ର, ବିଜେପି ପ୍ରବକ୍ତା ସୁଦିପ୍ତ କୁମାର ରାଏ ଯୋଗ ଦେଇଥିଲେ। ଦୀର୍ଘ ୧୦ଦିନ ଧରି ବାଲିଯାତ୍ରା ପଡ଼ିଆଠାରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ତରଫରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବା ସହ ଅଗାମୀ ଦିନରେ ବାଲିଯାତ୍ରା ପାଇଁ ସହଯୋଗର ହାତ ବଢ଼ାଇବେ ବୋଲି ପ୍ରତିଶ୍ରୁତି ଦେଇଥିବାବେଳେ ବାଲିଯାତ୍ରା କମିଟିର ସମସ୍ତ କର୍ମକର୍ତ୍ତା ଡ. ତିରୁପତି ପାଣିଗ୍ରାହୀଙ୍କୁ ପ୍ରଶଂସା କରିବା ସହ ଧନ୍ୟବାଦ୍ ଜଣାଇଛନ୍ତି।

## 'ରମାଦେବୀ'ରେ ଏନ୍‌ଏସ୍‌ଏସ୍ ନେତୃତ୍ୱ ବିକାଶ ପ୍ରଶିକ୍ଷଣ



ଭୁବନେଶ୍ୱର, ୧୫ ।୧୧(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଏକ ତିନିଦିନିଆ ଜିଲ୍ଲା ସ୍ତରୀୟ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର ଯୋଗଦେଇ ସ୍ୱେଚ୍ଛାସେବୀଙ୍କ ନେତୃତ୍ୱ ଗଠନ, ସମାଜ ପ୍ରତି ପ୍ରତିବଦ୍ଧତା ଏବଂ ସେବା ମନୋଭାବ ଉପରେ ଆଲୋକପାତ କରିଛନ୍ତି। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡି ଚରଣ ରଥ ଦେଶ ଗଠନର ଦାୟିତ୍ୱବୋଧ ସମ୍ପର୍କରେ ଆଲୋକପାତ କରିଛନ୍ତି। ଏନ୍‌ଏସ୍‌ଏସ୍ ବ୍ୟୁରୋର ସଂଯୋଜିକା ପ୍ରଫେସର ଅଲିଭା ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଏନ୍‌ଏସ୍‌ଏସ୍ ୟୁନିଟ୍୧ର କାର୍ଯ୍ୟକ୍ରମ ଅଧିକାରୀ ଡ. ଗୀତାଞ୍ଜଳି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏନ୍‌ଏସ୍‌ଏସ୍ ୟୁନିଟ୍୨ର କାର୍ଯ୍ୟକ୍ରମ ଅଧିକାରୀ ବି.ଆର୍. ଆଭା ଆୟୁଶ୍ରୀ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିବାବେଳେ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ସମସ୍ତ ମହାବିଦ୍ୟାଳୟରୁ ବହୁ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଛନ୍ତି।

## ଶିଶୁ ବିକାଶ ବିଦ୍ୟାଳୟରେ ଶିଶୁ ଦିବସ



ଯାଁଳା, ୧୫।୧୧(ସମିସ): ଯାଁଳା ଶିଶୁ ବିକାଶ ବିଦ୍ୟା ମନ୍ଦିରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏଥିରେ ଛୋଟ ଛୋଟ ପିଲାମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଯଥା ନାଚ, ଗୀତ, ଛଦ୍ମବେଶ କରାଯାଇଥିଲା ଏଥିରେ କୃତିତ୍ୱ ହୋଇ ବିଭିନ୍ନ ପ୍ରତିଯୋଗିତାରେ ଶିଶୁମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅତିଥି ଭାବରେ ସତ୍ୟବ୍ରତ ସ୍ୱାଇଁ ଏ ସାମ୍ବାଦିକ ବୁଲା ବାରିକ୍ ଉପସ୍ଥିତ ଥିଲେ, ଏହାକୁ ପରିଚାଳନା କରିଥିଲେ ପ୍ରଧାନ ଗୁରୁଜି ଦେଶବନ୍ଧୁ ଚିତରଞ୍ଜନ ଦାସ୍, ପ୍ରଧାନ ଆଚାର୍ଯ୍ୟ ରୀତା ସେଠୀ, ଗୁରୁମା ଶାନ୍ତିଲତା ବେହେରା, ପଦ୍ମିନୀ ଜେନା ଓ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

## ପୂର୍ବାଞ୍ଚଳ ମେନୋପଜ୍ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର, ୧୫।୧୧(ସମିସ): ଓଡ଼ିଶା ମେନୋପଜ୍ ସୋସାଇଟି ଏବଂ ଓଡ଼ିଶା ଅବଷ୍ଟେଟ୍ରିସିଆନ୍ସ ଆଣ୍ଡ ଗାଇନେକୋଲୋଜିଷ୍ଟସ ଆସୋସିଏସନ (ଏଓଜିଓ)ଙ୍କ ମିଳିତ ଆନୁକୂଲ୍ୟରେ ପୂର୍ବାଞ୍ଚଳ ମେନୋପଜ୍ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଉଦ୍‌ଘାଟନ କରି କହିଛନ୍ତି ଯେ ମେନୋପଜ୍ କେବଳ ଶାରୀରିକ ସ୍ୱାସ୍ଥ୍ୟ ନୁହେଁ ବରଂ ଭାବନାତ୍ମକ ଏବଂ ସାମାଜିକ ସୁସ୍ଥତାକୁ ମଧ୍ୟ ଏହା ପ୍ରଭାବିତ କରେ। ବ୍ୟାପକ ସଚେତନତା ସୃଷ୍ଟି ପାଇଁ ଆହ୍ୱାନ ଦେଇ ରାଜ୍ୟପାଳ ଭାରତୀୟ



ମେନୋପଜ୍ ସୋସାଇଟିକୁ ଦେଶବ୍ୟାପୀ ଅଭିଯାନର ନେତୃତ୍ୱ ନେବାକୁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ମେନୋପଜ୍ ସୋସାଇଟିର ଅଧ୍ୟକ୍ଷା ଅନିତା ଶାହା, ଓଡ଼ିଶା ମେନୋପଜ୍ ସୋସାଇଟିର ସଭାପତି ଅଭୟ କୁମାର ପଟ୍ଟନାୟକ, ଓଡ଼ିଶା ଅବଷ୍ଟେଟ୍ରିସିଆନ୍ସ ଆଣ୍ଡ ଗାଇନେକୋଲୋଜିଷ୍ଟସ ଆସୋସିଏସନର ଅଧ୍ୟକ୍ଷା ଡ. ସୁଜାତା ମିଶ୍ର ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଡ. ଏଚ୍.ପି. ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ମୃତ୍ୟୁଞ୍ଜୟ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ଓରେରା ସିଡିଆର ସେଲ୍ କର୍ମଶାଳା



ଭୁବନେଶ୍ୱର, ୧୫ ।୧୧(ସମିସ): ଓଡ଼ିଶା ରିୟଲଷ୍ଟେଟ୍ ରେଗୁଲେଟରି ଅଥରିଟି ( ଓରେରା) ପକ୍ଷରୁ ସିଡିଆର୍ (କନ୍‌ସିଲିଏସନ୍ ଆଣ୍ଡ ଡିସ୍ପୁଟ୍ ରିଜଲ୍ୟୁସନ ସେଲ୍‌ଫ) ସମ୍ପର୍କିତ କର୍ମଶାଳା ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଓରେରା ଅଧ୍ୟକ୍ଷ ଅସିତ୍ କୁମାର ମହାପାତ୍ର କର୍ମଶାଳାର ଉଦ୍‌ଘାଟନ କରି ସିଡିଆର୍ ସେଲ୍‌ଫର ଉଦ୍ଦେଶ୍ୟ, ଆବଶ୍ୟକତା ଏବଂ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ସେଲ୍ ମାଧ୍ୟମରେ ମଧ୍ୟସ୍ଥତା ଦ୍ୱାରା ବିଭିନ୍ନ ବିବାଦର ସୁଗମ ଏବଂ ଶୀଘ୍ର ସମାଧାନ ସମ୍ଭବ ହେବ ବୋଲି ସେ ମତ ଦେଇଥିଲେ। ଓରେରା ପ୍ରଶାସନିକ ସଦସ୍ୟ ରାଜେନ୍ଦ୍ର ମିଶ୍ର କହିଥିଲେ ଯେ, ବିଲ୍ଡର ଏବଂ ଗୃହକ୍ରେତାଙ୍କ ମଧ୍ୟରେ ଉଦ୍ଭାବିତ ବିବାଦର ତ୍ୱରିତ ସମାଧାନ ଦେବା ହେଉଛି ସିଡିଆର୍ ସେଲ୍‌ଫର ପ୍ରମୁଖ ଲକ୍ଷ୍ୟ। ନ୍ୟାୟିକ ସଦସ୍ୟ ଶ୍ୟାମସୁନ୍ଦର ଦାଶ ସେଲ୍‌ଫର ବିଭିନ୍ନ ଆଇନଗତ ଦିଗ ଉପରେ ଆଲୋକପାତ କରିଥିଲେ। ନିରଞ୍ଜନ କୁମାର ଜେନା, ଆଡ୍‌ଜୁଡିକେଟିଂ ଅଫିସର୍, ଓରେରା ସିଡିଆର ସେଲ୍‌ଫର କାର୍ଯ୍ୟ ନିୟମାବଳୀ ଉପରେ ମତ ପ୍ରକାଶ କରିଥିଲେ। କର୍ମଶାଳାରେ ବକ୍ତା ଭାବେ ଯୋଗଦେଇଥିବା ସୋଆ ୟୁନିଭର୍ସିଟିର ଡ. ଅମୃତା ଦାସ, ଏକ୍ସଆଇଏମ୍‌ବିର ଆଇନ ବିଭାଗର ଡ. ବିରଞ୍ଚି ନାରାୟଣ ପଣ୍ଡା, ରାଜ୍ୟ ଭିଜିଲାନ୍ସ ଏକାଡେମୀର ଡେପୁଟି ଡାଇରେକ୍ଟର ଦିଲିପ କୁମାର ଛୋଟରାୟ ଏବଂ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ବିଜୟ ଚନ୍ଦ୍ର ମହାପାତ୍ର ସିଡିଆର୍ ସେଲ୍‌ଫର ବିଭିନ୍ନ ପ୍ରାସଙ୍ଗିକ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି, ସଦସ୍ୟମାନଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। କ୍ରେଡାଇ ଏବଂ ଗୃହକ୍ରେତା ସଂଘଙ୍କ ସଦସ୍ୟମାନେ ସିଡିଆର୍ ସେଲ୍‌ଫର ସଦସ୍ୟ ଭାବେ ଏହି କର୍ମଶାଳାରେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ଓରେରା ସଚିବ ମାନସୀ ମାନ୍ଧତା ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଓଏସଡି ଲ୍ୟାଣ୍ଡ ସୁଚିସ୍ମିତା ଦାଶ ପରିଚାଳନା କରିଥିଲେ। ଉପ ସଚିବ(ଅର୍ଥ) ପ୍ରଭାତ କୁମାର କୁଜୁର୍ ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିକ୍ଷା ମନ୍ଦିରରେ ସଂସ୍କାରଭିତ୍ତିକ କାର୍ଯ୍ୟକ୍ରମ

ହଂସପାଳ, ୧୫।୧୧(ସମିସ): ନହରକଣ୍ଟା ସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିର ପରିସରରେ ସଂସ୍କାରଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଯୁବ ସଂସ୍କାରକ ସେବକ ଗୋପାଳ ଦାସ ଯୋଗ ଦେଇ ଶିଶୁମାନେ କିପରି ନିଜର ପାଠ ପଢ଼ାକୁ ଗୁରୁତ୍ୱ ନ ଦେଇ ମୋବାଇଲ ପ୍ରତି ଆକୃଷ୍ଟ ହୋଇ ଜୀବନର ଲକ୍ଷ ପଥରୁ ଦୂରେଇ ଯାଉଛନ୍ତି ତାହାକୁ ଗୁରୁତ୍ୱ ଦେଇ ଆଲୋଚନା କରିଥିଲେ। ନିଜ ନିଜ ପରିବାର ମଧ୍ୟରେ ସ୍ନେହ ଶ୍ରଦ୍ଧା ଓ ସମ୍ପର୍କ ଠାରୁ ପିଲାମାନେ ଦୂରେଇ ଯାଉଛନ୍ତି। ବାପାମାଆ ଓ ଗୁରୁଜୀ ଗୁରୁମାଙ୍କ କଥାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କଲେ ଜୀବନରେ ଜଣେ ଜଣେ ଭଲ ମଣିଷ ହୋଇ ପାରିବେ। ଏବଂ ବିଦ୍ୟାଳୟର ପ୍ରତିଷ୍ଠାତା ସୁରେନ୍ଦ୍ର ଖୁଣ୍ଟିଆ ଛାତ୍ର ଛାତ୍ରୀମାନେ ଜୀବନରେ କିପରି ଶୃଙ୍ଖଳାକୁ ଏକ ବ୍ରତ ଭାବେ ପାଳନ କରିବେ ତାହାକୁ ଛାତ୍ର ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱଭୂଷଣ ବାରିକ, ମମତା ସାମଲ, ଅନପୂର୍ଣ୍ଣା ଜେନା, ରୁକ୍ମଣୀ ପ୍ରଧାନ, ସଂଯୁକ୍ତା ରାଉତରାୟ, ବିଜୟ ମହକୁଡଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ।

## ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ରେ ବାର୍ଷିକୋତ୍ସବ 'ସେକ୍ଟୋ'



ଭୁବନେଶ୍ୱର, ୧୫ ।୧୧(ସମିସ): ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ର ୩୬ତମ ବାର୍ଷିକୋତ୍ସବ 'ସେକ୍ଟୋ-୨୦୨୫' (ଲିଜେଣ୍ଡସ୍ ନେଭର୍ ଡ଼ାଏ) ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ସାଂସଦ ଡ. ସସ୍ମିତ୍ର ପାତ୍ର ଏବଂ ମିଜୋରାମ ବାଟାଲିଆନ୍‌ର କମାଣ୍ଡିଙ୍ଗ୍ ଅଫିସର କର୍ଣ୍ଣେଲ ସାଗରକେ. ମହାନ୍ତି ଯୋଗଦେଇ ସଫଳ ବ୍ୟକ୍ତିତ୍ୱ ଭାବେ ନିଜକୁ ପ୍ରସ୍ଫୁଟିତ କରିବା ପାଇଁ ଅନବରତ ପ୍ରୟାସ କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ସେହିପରି ଉଦ୍‌ଘାଟନୀ ଉତ୍ସବର ମୁଖ୍ୟ ଅତିଥି ଭାବେ ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଏବଂ ସମ୍ମାନିତ ଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ କାଳି ପ୍ରସନ୍ନ ମହାପାତ୍ର ଯୋଗ ଦେଇଥିଲେ। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ସେବାକ୍ଷେତ୍ରରେ ପ୍ରଶଂଶନୀୟ କାର୍ଯ୍ୟ ପାଇଁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରମୁଖ କର୍ମକର୍ତ୍ତା ହିମାଂଶୁ ଶେଖର ନାୟକଙ୍କୁ 'ଓଡିଏମ୍ ସେବା ସମ୍ମାନ-୨୦୨୫' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ପରିଚାଳନା କମିଟି ସଭାପତି ଡ. ପି.କେ. ବାସ, ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଉପାଧ୍ୟକ୍ଷ ଡ. ରାଜେଶ କୁମାର ପାଢ଼ୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଉପାଧ୍ୟକ୍ଷ ଡ. ସନ୍ଧ୍ୟାରାଣୀ ସ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଶେଷରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଭବ୍ୟ ନାରୀଶକ୍ତି ଫାଉଣ୍ଡେସନ୍‌ର ତୃତୀୟ ବାର୍ଷିକୋତ୍ସବ

ଭୁବନେଶ୍ୱର, ୧୫ ।୧୧(ସମିସ): ଭବ୍ୟ ନାରୀଶକ୍ତି ଫାଉଣ୍ଡେସନର ତୃତୀୟ ବାର୍ଷିକୋତ୍ସବ ପୁରୀ ଟାଉନ୍‌ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ସାଂସଦ ଡାକ୍ତର ସମ୍ବିତ ପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଫାଉଣ୍ଡେସନ୍‌ର ସଭାପତି ସୁପ୍ରୀତି ଶୁକ୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଉତ୍ତରାଞ୍ଚଳ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ର ପ୍ରାକ୍ତନ ଡେପୁଟି ଲିଗାଲ୍ ଆଡଭାଇଜର୍ ରାଜଶ୍ରୀ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦାନ କରି ନାରୀ ସଶକ୍ତୀକରଣରେ ପୁରୀ ଓ ମା' ଲକ୍ଷ୍ମୀଙ୍କ ଭୂମିକାକୁ ଆଲୋଚନା କରିଥିଲେ। ଓଡ଼ିଆ ଫିଲ୍ମ କଳାକାର ସ୍ମିତା ମହାରି ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଫାଉଣ୍ଡେସନ୍‌ର ସମ୍ପାଦିକା କଳ୍ପନା ମୁଦୁଲି ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷା ସଂଘମିତ୍ରା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଆଶା କିରଣରେ ସ୍ୱାଗତ ଉତ୍ସବ



ବଡ଼ରଘୁନାଥପୁର, ୧୫।୧୧(ସମିସ): ଆଶା କିରଣ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ ପକ୍ଷରୁ ଶନିବାର ସ୍ୱାଗତ ଦିବସ ପାଳନ କରାଯାଇଥିଲା। ଏହି ଅନୁଷ୍ଠାନର ବିବିଏ, ବିସିଏ, କମ୍ପ୍ୟୁଟର ସାଇନସ୍, ଡାଟା ସାଇନସ୍, ନର୍ସିଂ, ଡିପ୍ଲୋମା ଏବଂ ପିଜିଡିଏମର ୨୦୨୫ର ଶିକ୍ଷାବର୍ଷରେ ନାମ ଲେଖାଇଥିବା ୨୦୦୦ ଶିକ୍ଷାର୍ଥୀଙ୍କୁ ସ୍ୱାଗତ ସମାହାରରେ ଏକତ୍ରିତ ଦେଖିବାକୁ ମିଳିଥିଲା। ଅନୁଷ୍ଠାନର ପୂର୍ବ ବର୍ଷର ଛାତ୍ରଛାତ୍ରୀଙ୍କୁ ଫୁଲଚନ୍ଦନ, ଗ୍ରିନ୍ସ ସହ ଭବ୍ୟ ସ୍ୱାଗତ କରାଯାଇଥିଲା। ଅନୁଷ୍ଠାନ ର ସେକ୍ରେଟାରୀ ଅବଦୁଲ ମୁତାଲିମ୍ ଖାଁ, ନିର୍ଦ୍ଦେଶିକା ପୂର୍ଣ୍ଣିମା ପଟ୍ଟନାୟକ, ନିର୍ଦ୍ଦେଶକ ରୁଚି ତନ୍ମୟ ଏବଂ ଅଧ୍ୟକ୍ଷ ଭୀମସେନ ସ୍ୱାଇଁ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଗୀତିକାର ବିଷ୍ଣୁ ମୋହନ କବିଙ୍କ ଦ୍ୱାରା ସଙ୍ଗୀତରେ ଝୁମିଥିଲେ ଛାତ୍ରଛାତ୍ରୀ। ଏହା ପରେ ନାଚ, ଗୀତ, ରାପ ସଙ୍ଗ, ଡ୍ରାମା ଏମିତି ଅନେକ ଗୁଡ଼ିଏ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦୀର୍ଘ ସମୟ ପର୍ଯ୍ୟନ୍ତ ଚାଲିଥିଲା। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଖୋର୍ଦ୍ଧା ନକଟସ୍ଥ ପାଳାଶପୁରରେ ଗଢିଉଠିଥିବା ଏହି ଅନୁଷ୍ଠାନ ଟି ୮ ବର୍ଷ ଧରି ତାର ଏହି ସ୍ୱତନ୍ତ୍ର ପରମ୍ପରାକୁ ବଜାଇ ରଖି ଆସୁଅଛି।

## ଅଧିକ ରାଜସ୍ୱ ଆଦାୟ ୱାର୍ଡରେ ରହିବେ ଅଧିକ କର୍ମଚାରୀ

# ପାର୍କିଂସ୍ଥଳରୁ ଫି' ଆଦାୟକୁ ଦିଆଯିବ ଗୁରୁତ୍ୱ

ଭୁବନେଶ୍ୱର, ୧୫ ।୧୧(ସମିସ): ବିଏମ୍‌ସିର ବିଭିନ୍ନ ୱାର୍ଡର ରାଜସ୍ୱ ଆଦାୟ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଯେଉଁ ୱାର୍ଡରୁ ଅଧିକ ରାଜସ୍ୱ ଆଦାୟ ହୋଇଛି ସେହି ୱାର୍ଡରେ ଅଧିକ କର୍ମଚାରୀ ନିଯୁକ୍ତ ହେବା ନେଇ ଆଲୋଚନା ହୋଇଥିଲା। ବିଏମ୍‌ସିର ସମସ୍ତ ସମ୍ପତ୍ତି ତାଲିକା ପ୍ରସ୍ତୁତ କରିବା ସହ ଏହା ଉପରେ କିପରି ରାଜସ୍ୱ ଆସିପାରିବ ସେ ସମ୍ପର୍କରେ ଆଲୋଚନା ପୂର୍ବକ କାର୍ଯ୍ୟପନ୍ଥା ଗ୍ରହଣ କରିବା ଏବଂ ପାର୍କିଂ ଅଞ୍ଚଳରେ ସୁଧାର ଆଣିବା ପାଇଁ ବ୍ୟକ୍ତିଗତ ପାର୍କିଂ ଏବଂ ଆନୁଷ୍ଠାନିକ ପାର୍କିଂସ୍ଥାନଗୁଡିକ ଉପରେ ତର୍ଜମା ସହ ପାର୍କିଂସ୍ଥଳଗୁଡିକର ସମୀକ୍ଷା କରାଯିବା ପରେ ସେଠାରୁ କିପରି ରାଜସ୍ୱ



ଆଦାୟ କରାଯିବ ସେ ସମ୍ପର୍କରେ କାର୍ଯ୍ୟ କରିବା ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସମ୍ପ୍ରତି ବିଏମ୍‌ସିର ସମସ୍ତ ୱାର୍ଡରେ ରାଜସ୍ୱ ଆଦାୟ ଶିବିର ଚାଲୁ ରହିଛି। ସେଠାରେ କିପରି ସ୍ଥାନୀୟ ଲୋକେ, ଆବାସିକ ସଂଗଠନ, ସ୍ଥାନୀୟ କର୍ପୋରେଟର, ଗୋଷ୍ଠୀ, ବ୍ୟବସାୟୀ ସଂଗଠନ ଜାଣି ପାରିବେ, ସେଥିପାଇଁ ପଦକ୍ଷେପ ନେବା ସହ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ପାଇଁ କୁହାଯାଇଛି। କେତେକ ୱାର୍ଡରେ ଅଧିକ ରାଜସ୍ୱ ଆଦାୟ ହେବାକୁ ଅଛି। ସେଠାରେ ଯେପରି ଅଧିକ କର୍ମଚାରୀଙ୍କୁ ନିୟୋଜିତ କରାଯିବ, ସେଥିପାଇଁ ବ୍ୟବସ୍ଥା କରିବାକୁ ମଧ୍ୟ ଏହା ଉପରେ ଆଲୋଚନା ହୋଇଛି। ବିଏମ୍‌ସି ଅଞ୍ଚଳରେ ଥିବା କଲ୍ୟାଣ ମଣ୍ଡପ ଓ କମ୍ୟୁନିଟ୍ ସେଣ୍ଟରଗୁଡିକୁ ମରାମତି କରି ସେଗୁଡିକୁ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ କରାଗଲେ ସେଠାରୁ ମଧ୍ୟ କିଛି ରାଜସ୍ୱ ଆଦାୟ ହୋଇପାରିବ ସେ ସମ୍ପର୍କରେ କାର୍ଯ୍ୟକରିବାକୁ ମଧ୍ୟ ଆଲୋଚନା ହୋଇଛି। ଗୃହ ନିର୍ମାଣ ପାଇଁ ଅନୁମୋଦନ ଦେଲା ବେଳେ ବ୍ୟବସାୟିକ ପ୍ରତିଷ୍ଠାନ ତଥା ଅନୁଷ୍ଠାନଗୁଡିକ ନିଜ ନିଜର ପାର୍କିଂ ପାଇଁ ଆବଶ୍ୟକ ସ୍ଥାନ ସଂରକ୍ଷିତ ରଖିବାକୁ ନିର୍ଦ୍ଦେଶ ଦେବା ନିମନ୍ତେ ପ୍ଲାନିଂ ଉପବିଭାଗକୁ କୁହାଯାଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ କମିସନର ରତ୍ନାକର ସାହୁ, ଡେପୁଟି କମିସନର ଅଜୟ କୁମାର ମହାନ୍ତି, ସହକାରୀ କମିସନର ସତ୍ୟଜିତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ସମସ୍ତ ୱାର୍ଡ ଅଫିସର ଓ ମିସ୍ ସରକାର ଉପସ୍ଥିତ ରହିଥିଲେ।

## ଜନଜାତୀୟ ଗୌରବ ଦିବସ

# ଜୟନ୍ତୀରେ 'ଭଗବାନ' ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି







କେନ୍ଦୁଝର ସଦର ବ୍ଲକ ନୂଆଗାଁ ପଞ୍ଚାୟତ ଗୋହାଲଡିହି ଗ୍ରାମରେ ବିର୍ସା ଜୟନ୍ତୀ

କେନ୍ଦୁଝର,୧୫।୧୧(ସମିସ):

'ଭଗବାନ' ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ କେନ୍ଦୁଝରଠାରେ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଅଡିଟୋରିୟମଠାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମହାନ ସ୍ୱାଧୀନତା ସଂଗ୍ରାମୀ ଏବଂ ଆଦିବାସୀ ସାହସ ଓ ସ୍ୱାଭିମାନର ପ୍ରତୀକ ଧରତୀ ଆବା ବିର୍ସା ମୁଣ୍ଡାଙ୍କ ଐତିହ୍ୟକୁ ସମ୍ମାନ ଜଣାଇ ବିଶିଷ୍ଟ ବ୍ୟକ୍ତି, ଛାତ୍ର, ଅଧିକାରୀ ଏବଂ ଆଦିବାସୀ ସମ୍ପ୍ରଦାୟର ସଦସ୍ୟମାନେ ଏକତ୍ରିତ ହୋଇଥିଲେ।

ମୁଖ୍ୟଅତିଥି ଭାବରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ସମାବେଶକୁ ସମ୍ବୋଧିତ କରି ଭଗବାନ ବିର୍ସା ମୁଣ୍ଡାଙ୍କ କାଳଜୟୀ ଅବଦାନ ଉପରେ ଆଲୋକପାତ କରିଥିଲେ। ନିଜ ଅଭିଭାଷଣରେ, ସାଂସଦ କହିଥିଲେ ଯେ ବିର୍ସା ମୁଣ୍ଡା କେବଳ ଜଣେ ଆଦିବାସୀ ନାୟକ ନଥିଲେ ବରଂ ସାହସ ଏବଂ ପ୍ରତିରୋଧର ଜାତୀୟ ପ୍ରତୀକ ଥିଲେ। ନିର୍ଯାତନା ବିରୋଧରେ ତାଙ୍କର ଲଢ଼େଇ ଏବଂ ଏକ ନ୍ୟାୟପୂର୍ଣ୍ଣ ସମାଜ ପାଇଁ ତାଙ୍କର ଦୃଷ୍ଟିକୋଣ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଦେଇଆସୁଛି। ଭାରତର ସମୃଦ୍ଧ ଆଦିବାସୀ ଐତିହ୍ୟକୁ ସଂରକ୍ଷଣ କରିବା ଏବଂ ଆମର ଜନଜାତି ସମ୍ପ୍ରଦାୟର ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ଆମର ସାମୂହିକ ଦାୟିତ୍ୱ। ସେ ଆଦିବାସୀ କଲ୍ୟାଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା ବିଭିନ୍ନ ପଦକ୍ଷେପଗୁଡ଼ିକୁ ପ୍ରଶଂସା କରିଥିଲେ। ବିର୍ସା ମୁଣ୍ଡାଙ୍କ ତ୍ୟାଗ, ଏକତା ଏବଂ ସ୍ୱାଭିମାନର ଆଦର୍ଶକୁ ଅନୁସରଣ କରିବାକୁ ଯୁବପିଢ଼ିଙ୍କୁ ଅନୁରୋଧ କରିଥିଲେ।

ଏହି କାର୍ଯ୍ୟକ୍ରମରେ ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ଅତିରିକ୍ତ ଜିଲ୍ଲାପାଳ ମଦରଧର ମହାଲିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ସଞ୍ଜୀବ ବେହେରା, କେନ୍ଦୁଝର ସମନ୍ୱିତ ଆଦିବାସୀ କଲ୍ୟାଣ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ପ୍ରକଳ୍ପ ପ୍ରଶାସକ, ଶିବଶଙ୍କର ମିଶ୍ର ସ୍ୱେଚ୍ଛାସେବୀ କମଳାକାନ୍ତ ସିଂ, ମମିତା ନାଏକ, କିରଣବାଳା ନାଏକ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ସିଧା ପ୍ରସାରଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ସମ୍ମାନିତ କରାଯାଇଥିଲା। ଛାତ୍ରଛାତ୍ରୀମାନେ ଆଦିବାସୀ ସମ୍ପ୍ରଦାୟର ପ୍ରାଣବନ୍ତ ଏବଂ ଐତିହ୍ୟକୁ ପ୍ରତିଫଳିତ କରୁଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ସକାଳେ ସାଂସଦ ଅନନ୍ତ ନାୟକ, ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଭଗବାନ ବିର୍ସା ମୁଣ୍ଡା, ଗୁରୁ ଗୋମକେ ରଘୁନାଥ ମୁର୍ମୁ ଏବଂ ଧରଣୀଧର ନାଏକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଓଡ଼ିଶା ଏବଂ ଭାରତର ସାମାଜିକ ଏବଂ ସାଂସ୍କୃତିକ ପରିଦୃଶ୍ୟରେ ସେମାନଙ୍କ ଅମ୍ଳାନ ଅବଦାନକୁ ସମ୍ମାନ ଜଣାଇଥିଲେ। ଆଦିବାସୀ କଲ୍ୟାଣ ପଦକ୍ଷେପଗୁଡ଼ିକୁ ଆହୁରି ମଜବୁତ କରିବା ଏବଂ ବିର୍ସା ମୁଣ୍ଡାଙ୍କ ଦ୍ୱାରା ପ୍ରଦତ୍ତ ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ଏକ ସାମୂହିକ ସଂକଳ୍ପ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

## ବୈଦାଖିଆ ଆଶ୍ରମ ସ୍କୁଲରେ ଜୟନ୍ତୀ ସଭା

ହାଟଡ଼ିହୀ: ହାଟଡ଼ିହୀ ବ୍ଲକ ବୈଦାଖିଆ ଆଶ୍ରମ ସ୍କୁଲରେ ଜନଜାତି ଗୌରବ ୧୫୦ତମ ବିର୍ସାମୁଣ୍ଡା ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ମନ୍ମଥ ଜେନାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା ବେଳେ ବହୁ ସଂଖ୍ୟାରେ ଅଭିଭାବକମାନେ ସାମିଲ ହୋଇଥିଲେ। ମୁଖ୍ୟଅତିଥି ଭାବେ ବିଡିଓ ରଞ୍ଜନ କୁମାର ପରିଡ଼ା, ମୁଖ୍ୟବକ୍ତା ଭାବେ ଏବିଇଓ



ପ୍ରମୋଦ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଶାସଙ୍ଗ କ୍ଲଷ୍ଟରର ସିଆରସିସି ଅଞ୍ଜନ କୁମାର ଦାସ, ଡବ୍ଲ୍ୟୁଇଓ ଆକାଶ କୁମାର ଜେନା, ସ୍କୁଲ ପରିଚାଳନା କମିଟିର ଅଧ୍ୟକ୍ଷ ସୁଭଦ୍ରା ଖଟୁଆ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଗୌରୀଦତ୍ତା ମାଝୀ ବିବରଣୀ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଗଜେନ୍ଦ୍ର ପ୍ରସାଦ ଧାମୁଡ଼ିଆ, ଅମୀୟ ରଞ୍ଜନ ରାଉତ, ଜଗନ୍ନାଥ ବାରିକ ବିଭିନ୍ନ ସୂଚନା ଦେଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷାବିଭାଗ, ପ୍ରାଣୀ ବିଭାଗ, ଉଦ୍ୟାନ ବିଭାଗ, ମିଲେଟ୍ ମିଶନ ଓ ତହସିଲ ବିଭାଗ ଅଧିକାରୀମାନେ ସାମିଲ ହୋଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ମରେଇଗାଁରେ ରକ୍ତଦାନ ଶିବିର: ୪୦ ୟୁନିଟ୍ ସଂଗ୍ରହ

ହାଟଡ଼ିହୀ,୧୫।୧୧(ସମିସ): ହାଟଡ଼ିହୀ ବ୍ଲକ୍ ମରେଇଗାଁସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର କମିଟି ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମନ୍ଦିର କମିଟିର ସମସ୍ତ ସଭ୍ୟଙ୍କ ସହଯୋଗରୁ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ତ୍ରୈଲୋକ୍ୟନାଥ ଜେନା ଓ ସମ୍ପାଦକ ଚିନ୍ତାମଣି ଜେନା ସଂଯୋଜନା କରିଥିଲେ। ବିଭିନ୍ନ



ସମୟରେ ରକ୍ତହୀନତା ରୋଗୀଙ୍କୁ ରକ୍ତ ଯୋଗାଇ ଦେବା ଲକ୍ଷ୍ୟନେଇ ମନ୍ଦିର କମିଟି ସଭ୍ୟମାନେ ଏହି ଶିବିରକୁ ଆୟୋଜନ କରିଥିଲେ। ଆନନ୍ଦପୁର ଉପଖଣ୍ଡ ମେଡିକାଲର ରକ୍ତଭଣ୍ଡାରରୁ ଡ଼ାକ୍ତରୀ ଟିମ୍ ଆସିଥିଲେ। ମୋଟ୍ ୪୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏଥିରେ ଲକ୍ଷ୍ମୀପ୍ରିୟା ଗିରି, ଅରମିତା ଜେନା, ସ୍ନିଗ୍ଧାରାଣୀ ଘଡ଼େଇ, ନିରଞ୍ଜନ ଜେନା, ସନ୍ତୋଷ କୁମାର ସା, ସୁଦାମ ଚରଣ ଜେନା, ସୁଦର୍ଶନ ଘଡ଼େଇ, ମହେଶ୍ୱର ଶଙ୍ଖୁଆ, ଦେବେନ୍ଦ୍ର ଜେନା, ସନ୍ତୋଷ ମହାନ୍ତି, ସନାତନ ଜେନା, ରତ୍ନାକର ଜେନା, ମହେଶ୍ୱର ମହାନ୍ତି, ଦୟାନିଧି ଗିରି, ଘନଶ୍ୟାମ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ପରିଚାଳନା କରିଥିଲା ବେଳେ ଜଗନ୍ନାଥ ମହାନ୍ତି, ଅଲେଖଚନ୍ଦ୍ର ଜେନା, ଗଣେଶ ମହାନ୍ତି, ପଦ୍ମଲୋଚନ ଜେନା, ଅଜୟ ଜେନା ସହଯୋଗ କରିଥିଲେ।

## ଡିସ୍କ-ଥ୍ରୋ'ରେ ଆଦର୍ଶ ବିଦ୍ୟାଳୟର ଛାତ୍ରଙ୍କ ସଫଳତା



ତେଲକୋଇ, ୧୫।୧୧(ସମିସ): ବାଲେଶ୍ୱରଠାରେ ରାଜ୍ୟସ୍ତରୀୟ ୧୪ ବର୍ଷରୁ କମ ବୟସ ଖେଳାଳିଙ୍କୁ ନେଇ ଗେମ ଓ ସ୍ପୋର୍ଟସରେ ତେଲକୋଇ ବ୍ଲକ ଓରିୟାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ତଥା ସଲେଇକାନ ଗ୍ରାମର ପୁଷ୍ପକେଶର ରାଉତଙ୍କ ପୁତ୍ର ସାଇ ପ୍ରତ୍ୟୁଷ ରାଉତ ଡିସ୍କ ଥ୍ରୋ'ରେ ଚମତ୍କାର ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିସହ ସେ ଜାତୀୟସ୍ତରୀୟ ଖେଳରେ ଅଂଶଗ୍ରହଣ କରିବାର ସୁଯୋଗ ହାସଲ କରିଛନ୍ତି। ସାଇ ପ୍ରତ୍ୟୁଷଙ୍କୁ ବିଦ୍ୟାଳୟର ଅଧ୍ୟକ୍ଷ ରଘୁନାଥ ପରିଡା ଶୁଭେଚ୍ଛା ଜଣାଇବା ସହ ଜାତୀୟ ସ୍ତରୀୟ ଖେଳରେ ଭଲ ଖେଳିବାର ଆଶୀର୍ବାଦ କରିଛନ୍ତି।

## ପିଏନ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଶିଶୁ ଦିବସ



କେନ୍ଦୁଝର,୧୫ ।୧୧(ସମିସ): କେନ୍ଦୁଝରସ୍ଥିତ ପିଏନ. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡା. କୁଳମଣି ପ୍ରଧାନ ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ଭାଗୀରଥି ଗିରି ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରାଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଅଧ୍ୟାପିକା ସ୍ନେହାଶ୍ରୀ ପୃଷ୍ଟିଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକଅଧ୍ୟାପିକାଶୈଳେନ୍ଦ୍ରି ସେଠୀ, ଅଧ୍ୟାପିକା ପ୍ରତିଭା ମହାନ୍ତ ସହିତ ନିଶେକ ରାୟଗୁରୁ ସାହୁ ଏବଂ କର୍ମଚାରୀ ସହଯୋଗ କରିଥିଲେ। ଅଧ୍ୟାପିକା ପ୍ରାଚୀଶ୍ୱେତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଖାଲିଆମେଣ୍ଟାରେ ମହାଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା



ଆନନ୍ଦପୁର, ୧୫।୧୧ (ସମିସ): ଘସିପୁରା ବ୍ଲକ୍ ଖାଲିଆମେଣ୍ଟା ଗ୍ରାମର କେନାଲ କୂଳରେ ନୂତନ ମା' ଲକ୍ଷ୍ମୀଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ସହ ମନ୍ଦିରର ରତ୍ନମୁଦ ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ ଗ୍ରାମର ୨୬୦ରୁ ଅଧିକ ଶ୍ରଦ୍ଧାଳୁ ବୈତରଣୀ ନଦୀରୁ କଳସ ବୁଡ଼ାଇ ଚାଲିଚାଲି ଖାଲିଆମେଣ୍ଟା ପର୍ଯ୍ୟନ୍ତ ଆସି ମନ୍ଦିର ପ୍ରାଙ୍ଗଣରେ ଯଜ୍ଞ ମଣ୍ଡପ ନିକଟରେ କଳସ ସ୍ଥାପନା କରିଥିଲେ। ଆଚାର୍ଯ୍ୟ ପଣ୍ଡିତ ଧର୍ମାନନ୍ଦ ପତି, ମନୋରଞ୍ଜନ ପଣ୍ଡା, ଆନନ୍ଦ ପାଣିଗ୍ରାହୀ, ଚଗଲା ଦାଶ, ନିଗମାନନ୍ଦ ପତିଙ୍କ ସହ ମୁଖ୍ୟ ସଂକଳ୍ପରେ ଗ୍ରାମର ସମାଜସେବୀ ସୁରେନ୍ଦ୍ର ଭୂୟାଁ ଏବଂ ତାଙ୍କ ପତ୍ନୀ ପ୍ରୀତିନନ୍ଦା ଭୂୟାଁ ଯୋଗ ଦେଇଥିଲେ। ତିନିଦିନ ଧରି ଏହି ପୂଜାକାର୍ଯ୍ୟ ଲାଗିଥିବାବେଳେ ଗ୍ରାମର ଆବାଳବୃଦ୍ଧବନିତା ସହଯୋଗ କରିଥିଲେ। ସଂଧ୍ୟାରେ ମନ୍ଦିର ପରିସରରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି। ଶନିବାର ଅନୁଷ୍ଠିତ ପୂର୍ଣ୍ଣାହୁତି ଉତ୍ସବରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ସାଂସଦ ଅନନ୍ତ ନାୟକ, ଘସିପୁରା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପୂର୍ବତନ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥିରାଜ କୁଅଁର, ବିଜେପି ନେତା ଭଗବାନ ସାହୁ, ଦେବେନ୍ଦ୍ର ଜେନା, ଘସିପୁରା କଂଗ୍ରେସ ବିଧାୟକ ପ୍ରାର୍ଥୀ ସୁବ୍ରତ କୁମାର ଚକ୍ରଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

## ସାଇଁକୁଳରେ ରାଜ୍ୟସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା ପ୍ରସ୍ତୁତି

ଆନନ୍ଦପୁର, ୧୫।୧୧ (ସମିସ): ଘସିପୁରା ବ୍ଲକ ସାଇଁକୁଳ ହିଙ୍ଗୁଳା ଆଥଲେଟିକ



ଆସୋସିଏସନ୍ ପକ୍ଷରୁ ୨୦୨୬ ଜାନୁଆରୀ ୧୧ ତାରିଖରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ଏକ ପ୍ରସ୍ତୁତି ବୈଠକ ଗୋପୀନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହା ଜାନୁୟାରୀ ୨୫ ତାରିଖରେ ଉଦଯାପିତ ହେବ। ଏଥିରେ ଓଡ଼ିଶା ଓ ରାଜ୍ୟ ବାହାରୁ ୮ ଟି ଦଳ ଅଂଶଗ୍ରହଣ କରିବେ। ଉକ୍ତ ସଭାରେ ସମ୍ପାଦକ ତ୍ରିଲୋଚନ ପରିଡ଼ା, ବରିଷ୍ଠ ସଦସ୍ୟ ବିପିନ୍ ବିହାରୀ ମହାନ୍ତି, ନନ୍ଦକିଶୋର ବେହେରା, ହିମାଦ୍ରିନାଥ ଜେନା, ରବିନ୍ଦ୍ର ତ୍ରିପାଠୀ, ଶିବଚରଣ ମହାରଣା, ବିନୋଦ ବିହାରୀ ଜେନା, ବ୍ରହ୍ମାନନ୍ଦ ପଟ୍ଟନାୟକ, ପ୍ରଭାତ ସ୍ୱାଇଁ, ବିଭାସ ନାୟକ, ବିଜୟ ଜେନା, ମାର୍କଣ୍ଡ ସାମଲ, ଶ୍ରୀକାନ୍ତ ସେନାପତି, ଜଗବନ୍ଧୁ ପରିଡା, ଚୈତନ୍ୟ ଦେହୁରୀ, ରମୁ ଚକ୍ର, ପ୍ରାଣକୃଷ୍ଣ ପରିଜା, ଆନନ୍ଦ ନାୟକ, ଗଗନ ବିହାରୀ ପରିଡ଼ା, ବିଷ୍ଣୁଚରଣ ସାମଲ, ଚିତ୍ତରଞ୍ଜନ ପରିଡ଼ା, ତାରିଣୀ ଶଙ୍କର ପରିଡା ଓ ଅନ୍ୟାନ୍ୟ ସଭ୍ୟ ଉପସ୍ଥିତ ଥିଲେ। କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସମ୍ପାଦକ ସ୍ୱର୍ଗତ ଜନାର୍ଦ୍ଦନ ଦାଶଙ୍କ ଏକାଦଶାହ ଅବସରରେ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ଆସନ୍ତା ଡ଼ିସେମ୍ବର ୧ ତାରିଖରେ ପରବର୍ତ୍ତୀ ବୈଠକ ହେବାକୁ ସ୍ଥିର କରାଯାଇଛି।

■ ମାଧପୁର ମା'କାଳୀ କମିଟିର ବୈଠକ

## ନୂତନ ମନ୍ଦିର ନିର୍ମାଣ ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ଦାୟିତ୍ୱ



କେନ୍ଦୁଝର, ୧୫।୧୧(ସମିସ): ମାଧପୁର ମା'କାଳୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପର୍ଯ୍ୟଟନ କ୍ଷେତ୍ର ବଡ଼ଘାଗରାଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ମନ୍ଦିରକୁ ପାଖାପାଖି ୫୦ ବର୍ଷ ସମୟ ହୋଇଯାଇଛି। ଯଥାଶୀଘ୍ର ଏକ ନୂତନ ମନ୍ଦିର ନିର୍ମାଣ ପାଇଁ ବୈଠକରେ ନିଷ୍ପତ୍ତିକ୍ରମେ ପରିଚାଳନା କମିଟି ପକ୍ଷରୁ ଏକ ନିର୍ମାଣ କମିଟି ଗଠନ କରି ନୂତନ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି କମିଟିର ସଂଯୋଜକ ଭାବେ ପ୍ରଫୁଲ୍ଲ ସାହୁ, ନିର୍ମାଣ ସମ୍ପାଦକ ପ୍ରିୟବ୍ରତ ଜେନା, ଉନ୍ନୟନ ସମ୍ପାଦକ ଭୂଷିତ ଚାୱଡା ଏବଂ ନିର୍ମାଣ କୋଷାଧ୍ୟକ୍ଷ ଭାବରେ ଭଗବାନ ନାଏକ ଚୟନ ହୋଇଛନ୍ତି। ଏହାପରେ ଶ୍ରଦ୍ଧାଳୁ ଏବଂ ମା'କାଳୀଙ୍କର ଭକ୍ତମାନେ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

## କୋଡ଼ପଡ଼ା ପଞ୍ଚାୟତରେ ମହାଦୁର୍ନୀତି ଅଭିଯୋଗ

ଆନନ୍ଦପୁର, ୧୫।୧୧(ସମିସ): ଆନନ୍ଦପୁର ବ୍ଲକ କୋଡ଼ପଡ଼ା ପଞ୍ଚାୟତର ବିଭିନ୍ନ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏନେଇ କେନ୍ଦୁଝର ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରି ନିରାଶ ହେବା ପରେ ପଞ୍ଚାୟତର ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଫେରାଦ ହୋଇଥିବା ଜଣାଯାଇଛି। ପଞ୍ଚାୟତରେ ଏକାଧିକ ପୋଖରୀ ଗତ ତିନିବର୍ଷ ହେଲା କୌଣସି ନିଲାମ କରାଯାଇ ନଥିବା ବେଳେ କିଛି ବ୍ୟକ୍ତି ଏହି ପୋଖରୀରେ ମାଛଚାଷ କରୁଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ପାଖାପାଖି ୫ ଏକର ଚାଷଜମି ଗତ ଦୁଇବର୍ଷ ହେଲା ନିଲାମ କରା ନଯାଇ ଧାନଚାଷ ହେଉଥିବାବେଳେ ନିଲାମ ଅର୍ଥକୁ ଭତିରିଆ ହଡ଼ପ କରାଯାଉଥିବା ଅଭିଯୋଗ ହେଉଛି। ପଞ୍ଚାୟତର ଦୋକାନ ଘର, ଗୋଦାମଘରର ମାସିକ ଭଡ଼ା ଗତ ଦୁଇବର୍ଷ ହେଲା ରସିଦ କଟା ନଯାଇ ହଡ଼ପ କରାଯାଉଥିବା ନେଇ ଉଲ୍ଲେଖ କରାଯାଇଛି। ଏହି ଦୁର୍ନୀତିରେ ପଞ୍ଚାୟତର ସରପଞ୍ଚ ଓ ପିଇଓ ସାମିଲ ରହିଥିବା ନେଇ ସ୍ଥାନୀୟ ବାସିନ୍ଦା ଲକ୍ଷ୍ମୀଧର ସାହୁ, ପ୍ରମୋଦ କୁମାର ତ୍ରିପାଠୀ, କାର୍ତ୍ତିକ ମହାରଣା, ଦିପୁରଞ୍ଜନ ସାହୁ, ଅଞ୍ଜନ କୁମାର ବାରିକ, ବସନ୍ତ କୁମାର ସା, ଯଦୁମଣି ଓଝା, ଆର୍ତ୍ତତ୍ରାଣ ନାୟକ, ଆଦିତ୍ୟ ବେହେରା, ବଳରାମ ଓଝା, ଅଜୟ କୁମାର ପଣ୍ଡା, ତ୍ରିଲୋଚନ ଓଝାଙ୍କ ସମେତ ଅନ୍ୟମାନେ




ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଞ୍ଚାୟତିରାଜ ମନ୍ତ୍ରୀ, କେନ୍ଦୁଝର ଜିଲ୍ଲାପାଳ, ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କୁ ମଧ୍ୟ ଅବଗତ କରାଯାଇଛି। ଏନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅମିୟ ରାଉତ କହିଛନ୍ତି, ୨୦୨୨-୨୩ ପରଠାରୁ ଚାଷଜମି ଓ ପୋଖରୀ ନିଲାମ କେହି ନେଇନାହାନ୍ତି। ଆସିଥିବା ଅଭିଯୋଗର ତଦନ୍ତ କରି ଉପରିସ୍ଥ ଅଧିକାରୀଙ୍କୁ ସେ ଜଣାଇବେ।

## ସରକାରୀ ନିର୍ଦ୍ଦେଶକୁ ବେଖାତିର; ଗୋଚର ଜମିରେ ଗୃହ ନିର୍ମାଣ

ହାଟଡ଼ିହୀ,୧୫।୧୧(ସମିସ):

ହାଟଡିହୀ ବ୍ଲକ୍ ଶାଳଣିଆଁ ପଞ୍ଚାୟତ ସୋଲପଟା ଗ୍ରାମରେ ଗୋଚର ଜମିରେ ଗୃହ ନିର୍ମାଣ ଚାଲିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ପୂର୍ବରୁ ଗ୍ରାମବାସୀ ତହସିଲଦାରଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିବା ପରେ ୨୦୨୩ରେ ତତ୍କାଳୀନ ଡଅଁର ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳ ପରିଦର୍ଶନ କରି ଜବରଦଖଲକାରୀଙ୍କ ବିରୋଧରେ କେସ୍ ନଂ ୪୨/୨୦୨୩ ଅନୁଯାୟୀ ଏକ ଜବରଦଖଲ ମାମଲା ପଞ୍ଜିକୃତ କରିବା ସହ ଜରିମାନା ଧାର୍ଯ୍ୟ କରିଥିଲେ। ଏପରିକି ଘର ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ ବି ପରବର୍ତ୍ତୀ ସମୟରେ ଉକ୍ତ ବ୍ୟକ୍ତି ଜଣକ ଘର କାମ ସମ୍ପୂର୍ଣ୍ଣ କରି ଅଧିକରୁ ଅଧିକ ନିର୍ମାଣ କାର୍ଯ୍ୟ କରୁଛନ୍ତି। ଯାହାଦ୍ୱାରା ଗ୍ରାମରେ ଗୋରୁଗାଈ ଚରିବାକୁ ସ୍ଥାନର ଘୋର ଅଭାବ ଦେଖାଦେଇଛି। ଏନେଇ



ଗ୍ରାମର ରଞ୍ଜନ ବାରିକ ନାମକ ଜଣେ ବ୍ୟକ୍ତି ହାଟଡିହୀ ତହସିଲଦାର, ଆନନ୍ଦପୁର ଉପଜିଲ୍ଲାପାଳ, କେନ୍ଦୁଝର ଜିଲ୍ଲାପାଳ, ରାଜସ୍ୱ କମିସନର, ରାଜସ୍ୱମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗୋଚର ଜମିରେ କୌଣସି ନିର୍ମାଣ କାର୍ଯ୍ୟ କରାଯିବାକୁ ନିୟମ ନଥିବା ବେଳେ ସୋଲପଟା ମୌଜାର ଜଣେ ବ୍ୟକ୍ତି ଗୋଚର ଜମିରେ ଏକ ବିରାଟ ପକ୍କାଘର ନିର୍ମାଣ କରୁଛନ୍ତି। ଡଅଁର ରାଜସ୍ୱ ସର୍କଲ ଅଧୀନସ୍ଥ ସୋଲପଟା ମୌଜାର ଖାତା ନଂ-୧୩୪, ପ୍ଲଟ-ନଂ ୬୨୪ କିସମ ଗୋଚର ଥିବାବେଳେ ତାହା ଉପରେ ଗ୍ରାମର ଜଣେ ବ୍ୟକ୍ତି ଏକ ଗୃହ ନିର୍ମାଣ କରିଛନ୍ତି। ଏହାଦ୍ୱାରା ଗ୍ରାମର ଗୋଚର ଜମି ସଙ୍କୁଚିତ ହେବା ସହ ଗୋରୁଗାଈ ଚରିବାରେ ଅସୁବିଧା ହେଉଛି। ଗ୍ରାମବାସୀଙ୍କ ଦାବି ପରେ ତହସିଲ ପକ୍ଷରୁ ୧୯.୧୨.୨୦୨୩ ତାରିଖରେ ଏକ ନୋଟିସ କରାଯାଇ ଜବରଦଖଲକାରୀଙ୍କୁ ୩୦ଦିନ ମଧ୍ୟରେ ଜମି ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତଥାପି ଉକ୍ତ ନୋଟିସ୍ ଜାରି ହେବା ସତ୍ତ୍ୱେ ଜବରଦଖଲକାରୀ ଜମି ଖାଲି କରିନାହାନ୍ତି, ବରଂ ଅଧିକରୁ ଅଧିକ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ଏହି ଜବରଦଖଲକାରୀଜଣକଙ୍କର ପର୍ଯ୍ୟାପ୍ତ ଜମି ସୋଲପଟା ମୌଜାରେ ଅଛି। ତୁରନ୍ତ ଏହି କୋଠାଘରକୁ ଉଚ୍ଛେଦ କରିବାକୁ ରଞ୍ଜନ ବାରିକ ଦାବି କରିଛନ୍ତି। ଏ ସମ୍ପର୍କରେ ହାଟଡ଼ିହୀ ତହସିଲଦାର ଶିବବ୍ରତ ତ୍ରିପାଠୀ ରାଜସ୍ୱ ନିରୀକ୍ଷକଙ୍କୁ ରିପୋର୍ଟ ଦେବାକୁ କହିଛନ୍ତି, ରିପୋର୍ଟ ଆସିଲେ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି।

# ଲୋପାମୁଦ୍ରା ସାହୁ ହତ୍ୟା ଘଟଣା: ୨ ଅଭିଯୁକ୍ତ ଗିରଫ

ଝାରସୁଗୁଡ଼ା, ୧୫।୧୧(ସମିସ)

ଧାର ଉର୍ଦ୍ଧାର ଋଣ ନେଇ ଘର ନିର୍ମାଣ କରିଥିଲେ। ହେଲେ ନେଇଥିବା ଟଙ୍କା ସୁଝି ନପାରି ଅଭିଯୁକ୍ତ ଜଣେ ବୃଦ୍ଧ ମହିଳାଙ୍କ ଘରକୁ ପଶି ସୁନା ଗହଣା

**ଧାର୍ ଟଙ୍କା ପରିଶୋଧ ପାଇଁ ହତ୍ୟା କରି ଲୁଟିଥିଲେ**

**୮୩ ଗ୍ରାମ୍ ସୁନାଗହଣା ସହ ୪୨ ହଜାର ନଗଦ ଟଙ୍କା ଜବତ**

ଟଙ୍କା ଲୁଟ କରିବା ପରେ ୭୬ ବର୍ଷୀୟା ମହିଳାଙ୍କର ତଣ୍ଟି ଚିପି ହତ୍ୟା କରିଦେଲା ଯୁବକ ମହାଦେବ ପାତ୍ର। ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ ଅତାବିରା ସାହୁପଡ଼ା ଗାଁରେ ଗତ ୧୦ ତାରିଖରେ ବୃଦ୍ଧା ଲୋପାମୁଦ୍ରା ସାହୁଙ୍କୁ ହତ୍ୟା ଓ ଡକାୟତି ଘଟଣାରେ ଦୁଇଜଣ ଅଭିଯୁକ୍ତଙ୍କୁ ପୁଲିସ ପକ୍ଷରୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ରେଙ୍ଗାଲିର ମହାଦେବ ପାତ୍ର ଏବଂ ସୁନା କିଣିଥିବା ବେଲପାହାଡର



ରାଜ ରାୟ ବୋଲି ଶନିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡ଼ା ଏସପି ଗୁଣ୍ଡାଲା ରେ‡ୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ଘର ତିଆରି ପାଇଁ ଲୋନ ନେଇଥିଲେ ହତ୍ୟା ଅଭିଯୋଗରେ ଗିରଫ ରେଙ୍ଗାଲି ଗାଁର ମହାଦେବ ପାତ୍ର ଏବଂ ଠିକ ସମୟରେ ସୁଝି ନ ପାରିବାରୁ ଲୋକଙ୍କ ଚାହିଦା ତାଗଦା ଶୁଣି ଶୁଣି ମାନସିକ ଓ ଆର୍ଥିକ ଚାପରେ ରହିଥିଲେ। ଶେଷରେ ଆଉ କୌଣସି ଉପାୟ ନ ପାଇ ଅତାବିରା ସାହୁପଡ଼ା ଗାଁରେ ଜଣେ ଏକାକୀ ରହୁଥିବା ବୃଦ୍ଧାଙ୍କ ଘରକୁ ପଶି ମହିଳାଙ୍କ ସୁନା ଗହଣା ଟଙ୍କା ଲୁଟିବାର ଯୋଜନା କରି ୭୬ ବର୍ଷୀୟା ବୃଦ୍ଧା ଲୋପାମୁଦ୍ରା ସାହୁଙ୍କ ଘରକୁ ପଶିଥିଲା। ଡକାୟତି ସମୟରେ ମହିଳା ଜଣକ ଚିତ୍କାର କରିବାରୁ ମହିଳାଙ୍କୁ ତଣ୍ଟି ଚିପି ହତ୍ୟା କରି ଅଭିଯୁକ୍ତ ଫେରାର ହୋଇ ଯାଇଥିଲା। ଲୋପାମୁଦ୍ରା ପିନ୍ଧିଥିବା ସୁନା ଗହଣା ସହ ଘରେ ଥିବା ସୁନା ଅଳଙ୍କାର ଏବଂ ଟଙ୍କା ଲୁଟ କରି ଅଭିଯୁକ୍ତ ମହାଦେବ ପାତ୍ର ଫେରାର ହୋଇ ଯାଇଥିଲା। ଏହା ପରେ ସୁନା ଗହଣାକୁ ବେଲପାହାଡର ଶୋଭାଜିତ ଜ୍ୱେଲର୍ସରେ ବିକ୍ରି କରିଥିଲା। ପୁଲିସ ଏହି ଘଟଣାର ତଦନ୍ତ କରି ଲୋପାମୁଦ୍ରାଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ ମହାଦେବ ପାତ୍ର ଏବଂ ଲୁଟ ସୁନା କିଣିଥିବା ସୁନା ଦୋକାନୀ ରାଜରାୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଋଣ ନେଇ ଗୋଟିଏ ଘର ନିର୍ମାଣ କରିବା ପରେ ଆଉ ଋଣ ଟଙ୍କା ପରିଶୋଧ କରିନପାରି ମହାଦେବ ପାତ୍ର ବୃଦ୍ଧା, ଲୋପାମୁଦ୍ରାଙ୍କୁ ତଣ୍ଟି ଚିପି ହତ୍ୟା କରିଥିବା ଏସପି ସୂଚନା ଦେଇଛନ୍ତି। ଅଭିଯୁକ୍ତ ମାନଙ୍କ ନିକଟରୁ ୮୩ ଗ୍ରାମ ସୁନା ଗହଣା ସହ ୪୨ ହଜାର ନଗଦ ଟଙ୍କା, ଏକ ବାଇକ ଏବଂ ୩ ଟି ଫୋନ ଜବତ କରାଯାଇଥିବା ବେଳେ ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେ‡ୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି।

# ନିଖୋଜ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

**ଦେବଗଡ଼, ୧୫।୧୧(ସମିସ):** କୁଣ୍ଢେଇଗୋଳା ଥାନା ଖଇରପାଲି ଗାଁରୁ ଜଣେ ନିଖୋଜ ବୃଦ୍ଧାଙ୍କ ମୃତଦେହ ଶନିବାର ଏକ ଚାଷ ଜମିରୁ ଉଦ୍ଧାର କରାଯାଇଛି। ଖଇରପାଲି ଗାଁର କୁଞ୍ଜ ସାହୁଙ୍କ ସ୍ତ୍ରୀ ଦୁରା ସାହୁ (୬୦) ଗତ ୭ ତାରିଖ ସକାଳୁ ନିଜ ଘରୁ କେଉଁଆଡେ ଚାଲି ଯାଇଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି ପରେ ମଧ୍ୟ କୌଣସି ସନ୍ଧାନ ନ ପାଇ ନଥିଲେ। ଶେଷରେ ୧୨ ତାରିଖ କୁଣ୍ଢେଇଗୋଳା ଥାନାରେ ଦୁରାଙ୍କ ନିଖୋଜ ସମ୍ପର୍କିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ କୁଣ୍ଢେଇଗୋଳା ଥାନା ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ମହିଳାଙ୍କ ସନ୍ଧାନ ଆରମ୍ଭ କରିଥିଲା। ଆଜି ଜୁଆଁଳିଭଙ୍ଗା ନିକଟ ଏକ ବିଲ ମଧ୍ୟରେ ଦୁରାଙ୍କ ମୃତଦେହ ପଡ଼ିଥିବା ନେଇ ଗ୍ରାମବାସୀଙ୍କ ଠାରୁ ସୂଚନା ପାଇ ପରିବାର ଲୋକେ ସେଠାକୁ ଯାଇ ମୃତଦେହ ଚିହ୍ନଟ କରିଥିଲେ। ଏହାସହ କୁଣ୍ଢେଇଗୋଳା ଥାନା ପୁଲିସକୁ ସୂଚନା ଦେଇଥିଲେ। କୁଣ୍ଢେଇଗୋଳା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଛେଣ୍ଡିପଦା ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।



# କଫ ସିରପ୍ ଜବତ, ୨ ଗିରଫ



**ଝାରସୁଗୁଡ଼ା, ୧୫।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ପୁଲିସ ବ୍ୟାପକ କଫ ସିରପ୍ ଜବତ କରିବା ସହ ଏହି ମାମଲାରେ ସମ୍ପୃକ୍ତ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ରାଜପୁରର ପ୍ରକାଶ କନ୍ଦାରା (୨୧) ଏବଂ ଆକାଶ କନ୍ଦାରା (୨୩) ବୋଲି ପୁଲିସ ତରଫରୁ ସୂଚନା ଦିଆଯାଇଛି। ଗତ ୧୪ ତାରିଖରାତିରେ ଦୁଇ ଅଭିଯୁକ୍ତ ରାଜପୁର ପେଟ୍ରୋଲ ପମ୍ପ ନିକଟରେ ବ୍ୟାପକ କଫ ସିରପ୍ ଏବଂ ନିଶା ବଟିକା ବିକ୍ରି କରୁଥିବା ପୁଲିସକୁ ସୂଚନା ମିଳିଥିଲା। ଏହାପରେ ପୁଲିସର ଏକ ଟିମ ଚଢ଼ଉ କରି ଦୁଇ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିବା ସହ ୧୨୦ ବୋତଲ କୋଡିନ୍ ଫସଫେଟ୍ ଏବଂ ଟ୍ରାଇପ୍ରୋଲିଡିନ୍ ହାଇଡ୍ରୋକ୍ଲୋରାଇଡ୍ ସିରପ୍ (ୱିନସେରେକ୍ସ କଫ ସିରପ୍), ୪୦ଟି ନାଇଟ୍ରାଜେପାମ୍ ଟାବଲେଟ୍ ଆଇପି ୧୦ ମିଗ୍ରା ପ୍ରତ୍ୟେକ (ମୋଟ-୪୦୦ ୟୁନିଟ୍), ୨୦୭୦ ନଗଦ ଟଙ୍କା ଏବଂ ନମ୍ବର ପ୍ଲେଟ୍ ବିହୀନ ଏକ ନୀଳରଙ୍ଗର ବାଇକ୍ ଜବତ କରିଛି।

# ବରପାଲିରେ ବନ ସୁରକ୍ଷା ସମିତି ଗୃହ ଉଦ୍‌ଘାଟିତ

**ଝାରସୁଗୁଡ଼ା, ୧୫।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଚାନ୍ଦିନୀମାଲ ପଞ୍ଚାୟତ ଅଧୀନ ବରପାଲି ଗାଁରେ ବନ ସୁରକ୍ଷା ସମିତି ଗୃହ ଉଦ୍‌ଘାଟିତ ହୋଇଯାଇଛି। ୮ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟ୍ଟକଳରେ ନିର୍ମିତ ଏହି ପ୍ରକଳ୍ପକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। ଝାରସୁଗୁଡ଼ା ଡିଏଫ୍‌ଓ ମନୁ ଅଶୋକ ଭଟ୍ଟ, ବିଜେପି ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା, ଝାରସୁଗୁଡ଼ା ବ୍ଲକ ଅଧ୍ୟକ୍ଷା ଚିତ୍ରେଣୀ ପଟେଲ, ବିଡିଓ ଅନିଲ ଆଚାର୍ଯ୍ୟ, ବ୍ରଜରାଜନଗର ରେଞ୍ଜର କ୍ରୀଷ୍ଟା ଜାମୁଡୁଲିଆ, ବେଲପାହାଡ ରେଞ୍ଜର ପ୍ରଦୀପ ନାଏକ, ବ୍ରଜରାଜନଗର ନଗରପାଳ ଗୋପାଳ ସିତାନି, ଫରେଷ୍ଟର ଗୌରାଙ୍ଗ ସାହୁ, ଫରେଷ୍ଟର ଉପେନ୍ଦ୍ର ବେସନ, ଫରେଷ୍ଟ ଗାର୍ଡ କିଶୋର ଷଣ୍ଢ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ହେମନ୍ତ ବଗାର ଅଧ୍ୟକ୍ଷତା କରିଥିଲେ। ସ୍ୱାଗତ ଭାଷଣ ଠାକୁର ପ୍ରଧାନ ଏବଂ ହେମନ୍ତ ଧୁରୁଆ ତଥା ମଞ୍ଚ ପରିଚାଳନା ମଧ୍ୟ ହେମନ୍ତ ଧୁରୁଆ କରିଥିଲେ। ଶେଷରେ ଠାକୁର ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ସୁକନ୍ୟା ସମୃଦ୍ଧି ଯୋଜନା ସ୍ୱତନ୍ତ୍ର ସଭା

**ଝାରସୁଗୁଡା, ୧୫।୧୧(ସମିସ):** ସଞ୍ଚୟ ପକ୍ଷ ଓ ଶିଶୁ ଦିବସ ଅବସରରେ ଜିଲ୍ଲା ପ୍ରଶାସନର ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ଆନୁକୂଲ୍ୟରେ ଶିଶୁ ବିକାଶ ବିଦ୍ୟାମନ୍ଦିର, ପଞ୍ଚପଡ଼ାଠାରେ ସୁକନ୍ୟା ସମୃଦ୍ଧି ଯୋଜନା ଉପରେ ଏକ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଚାର୍ଯ୍ୟା ମନ୍ଦାକିନୀ ମାକର କାର୍ଯ୍ୟକ୍ରମ ଉପରେ ସଂକ୍ଷିପ୍ତ ସୂଚନା ଦେଇଥିଲେ। ସମ୍ପାଦକ ଦିଗମ୍ବର ମାଝୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ସୁକନ୍ୟା ସମୃଦ୍ଧି ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ସମାଜସେବୀ ମିନର୍ଭା ଦାସ ଯୋଗଦେଇ ବେଟି ବଚାଓ ବେଟି ପଢ଼ାଓ ଉପରେ କହିଥିଲେ। ପ୍ରଧାନ ଆଚାର୍ଯ୍ୟା ମମତା ସିଂହ ଧନ୍ୟବାଦ ଦେଇଥିଲେ। କୋଷାଧ୍ୟକ୍ଷା ପ୍ରିୟଙ୍କା ସାହୁ, ସଞ୍ଚୟ ଓ ଆର୍ଥିକ ସେବା ବିଭାଗର କର୍ମଚାରୀ ହେମକାନ୍ତ ବାଗ ଓ ଜଗନ୍ନାଥ ରାଉତ ସହଯୋଗ କରିଥିଲେ।

# ବନ୍ଧବାହାଲ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

**ଇବଥର୍ମାଲ/ଝାରସୁଗୁଡ଼ା, ୧୫।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ବନ୍ଧବାହାଲ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୪ତମ ବାର୍ଷିକ ଉତ୍ସବ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସିଜି ଏମ୍‌ଏମ୍‌ସିଏଲ୍ ଲଖନପୁର ଏରିଆ ଅଓଧ କିଶୋର ପାଣ୍ଡେ ଏହାର ଶୁଭ ଉଦ୍‌ଘାଟନ ହୋଇଥିଲା। ସଞ୍ଜୟ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ତଥା ବିଭାଗୀୟ ମୁଖ୍ୟ, ଶିକ୍ଷା ବିଭାଗ, ମହାବିଦ୍ୟାଳୟ ପଦ୍ମପୁର, ଓ ଶିକ୍ଷା ବିକାଶ ସମିତି ଓଡ଼ିଶାର ଉପସଭାପତି ଡ.ପ୍ରଦୀପ ସାହୁ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ମହାନଦୀ କୋଲଫିଲ୍ଡସ୍ ଲିଃ ଲକ୍ଷ୍ମଣ ସିଂ ଡାଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟାନ୍ୟ ଅତିଥିଙ୍କ ମଧ୍ୟରେ ପଶ୍ଚିମ ସମ୍ଭାଗ ସମ୍ବଲପୁରର ଲୋକନାଥ ମିଶ୍ର, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କର୍ମକର୍ତ୍ତା ଅଜୟ ବିଶ୍ୱାଳ, ସଙ୍କୁଳ ପ୍ରମୁଖ ଯୋଗେଶ ପ୍ରଧାନ ଉପସ୍ଥିତ ଥିଲେ। ସେହିପରି ବିଦ୍ୟାଳୟର କୋଷାଧ୍ୟକ୍ଷ ଯଶୋବନ୍ତ ପାଲ, ଯୁଗ୍ମ ସମ୍ପାଦକ ଆଦିତ୍ୟ ସିଂଦେଓ, ଉପ ସଭାପତି ମଧୁସୂଦନ ମେହେର, ସଦସ୍ୟା ପୁଷ୍ପାଞ୍ଜଳି ବାରିକ, ମଞ୍ଜୁଲତା ଭୂମିଜ୍, ଶରତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ସମ୍ପାଦକ ଅଭିନରାଉତ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଆଚାର୍ଯ୍ୟ ଅରୁଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଗୁରୁମାରୋଜାଲି ହୋତା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷା ବର୍ଷ ୨୦୨୪-୨୫ର ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀ ଟପ୍ପର ଯଥାକ୍ରମେ ଶିଶୁ ଭାଇଭଉଣୀ ମାନେ ହେଲେ ସୁନିଆରାଣୀ ନାହକ, ସୈଲେନ୍ଦ୍ରୀ ସାହୁ, ଦିବ୍ୟାଂଶୀ ସାମନ୍ତରାୟ, ଅଭିଲିପ୍ସା ସାହୁ, ଜନ୍ମଜୟ ଭୁଏ, ଅମିତ ରାଉତ, ସ୍ୱାଗତିକା ଶୁଭ ଦର୍ଶନୀ ଦାସ, ଆୟୁଷ୍ମାନ ସାହୁ, ସିକୁନ ସାହୁ, ଐଶ୍ୱର୍ଯ୍ୟ ପ୍ରଧାନ। ସରକାରୀ ବୃତ୍ତି, ଆଚାର୍ଯ୍ୟ ନିବନ୍ଧ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର ଓ ଶ୍ରେଷ୍ଠ କ୍ରୀଡାବିତ ଭାବେ ଡିଲେଶ୍ୱର ମାଝୀ ପ୍ରମୁଖଙ୍କୁ ଅତିଥି ଗଣଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ରାତ୍ର ୮ରେ ରଙ୍ଗମଞ୍ଚ କାର୍ଯ୍ୟକ୍ରମ ଶିବ କାଳୀ ତାଣ୍ଡବକୁ ନେଇ ସ୍ୱାଗତ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଶେଷ ନୃତ୍ୟରେ ଅପରେସନ ସିନ୍ଦୂରକୁ ଏକ ସୁନ୍ଦର ନୃତ୍ୟ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଶେଷ କରିଥିଲେ। ଶେଷରେ ସ୍ଥାନୀୟ କୋଷାଧ୍ୟକ୍ଷ ମହୋଦୟ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପ୍ରମୁଖ ଝସକେତନ ସାହୁ ଗୁରୁଜୀଙ୍କ ସମେତ ରାକେଶ ପଣ୍ଡା, ପାଣ୍ଡବ ସା, ଜିତେନ୍ଦ୍ର ପଧାନ, କିର୍ତ୍ତୀ ପାତ୍ର, ମନ୍ଦାକିନୀ ମହାନ୍ତ, ସବିତାରାଣୀ ପାତ୍ର, ନମିତା ପଧାନ, ଶୁଭସ୍ମିତା ବଲିଆରସିଂ, ସୁମିତା ପାଢ଼ି, ସୁବାଷିନୀ ବାରିକ, ମନୋଜ ତ୍ରିପାଠୀ, ରୁକ୍ମିଣୀ ପ୍ରଧାନ, ପଙ୍କଜୀନି ସା, ଆଲୋକ ମୟି ଦାସ, ସିମାଞ୍ଚଳ ଜେନା, ସତ୍ୟଭାମା ପଧାନ, ନିକିତା ନାଏକ, ରୂପମା ଗୁପ୍ତା ସମସ୍ତ ଗୁରୁଜୀ ଗୁରୁମା ସେବକ ସେବିକାଙ୍କ ଅକ୍ଳାନ୍ତ ପରିଶ୍ରମରେ ଉତ୍ସବ ସଫଳ ହୋଇଥିଲା।

# ଧରତି ଆବା ବିର୍ସା ମୁଣ୍ଡାଙ୍କ ଜୟନ୍ତୀ

**କୋଲାବିରା, ୧୫।୧୧(ସମିସ):** ସମନ୍ୱିତ ଆଦିବାସୀ ସମାଜ କମିଟି ସୋଢ଼ାମାଲ ପକ୍ଷରୁ କୋଲାବିରା ଠାରେ ଧରତି ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବାହ୍ନରେ କୋଲାବିରା ହସପିଟାଲ ଛକ ଠାରୁ ଶୋଭାଯାତ୍ରା ବାହାରି କରରୁଣାକର ପାର୍କ ପର୍ଯ୍ୟନ୍ତ ଆସିଥିଲା। ସେଠାରେ ସଭାର ଆୟୋଜନ କରାଯାଇଥିଲା। ଏଥିରେ ସମନ୍ୱିତ ଆଦିବାସୀ ସମାଜ, ରମାଦେବୀ ଏସସି ମହିଳା କମିଟି ସମାସିଂହା, ଏସସି ଏସଟି ମିଳିତ କମିଟି କୋଲାବିରାର କର୍ମକର୍ତ୍ତା ସମେତ ଅଞ୍ଚଳର ବହୁ ସଂଖ୍ୟକ ଅଧିବାସୀ ଯୋଗ ଦେଇଥିଲେ। ଆଦିବାସୀ ସମାଜର ପ୍ରେମସାଗର ଧୁରୁଆ, ପଦ୍ମିନୀ ମୁଣ୍ଡାନିଳେନ୍ଦ୍ର କାଲୋ, ସୁର୍ଯ୍ୟକାନ୍ତି ଚାନ୍ଦ, ଦିପିକା ସିଂ, ତପନ କାଲୋ, ରୁଦ୍ରପ୍ରତାପ ସିଂହ, ଟିକେଶ୍ୱର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ବିର୍ସାମୁଣ୍ଡା ଥିଲେ ଆଦିବାସୀମାନଙ୍କ ସ୍ୱାଭିମାନ ଓ ଆତ୍ମ




ପରିଚୟର ସୁରକ୍ଷା ପାଇଁ ସଂଘର୍ଷର ମୂର୍ତିବନ୍ତ ପ୍ରତିକ, ସେଥିପାଇଁ ସେ ଭଗବାନ ଓ ଧରତି ଆବା ଭାବେ ଆଦିବାସୀ ସମାଜରେ ଚିର ପୂଜ୍ୟ ଓ ନମସ୍ୟ ବୋଲି ମତ ପ୍ରକାଶ ପାଇଥିଲା। ଭଗବାନ ବିର୍ସା ମୁଣ୍ଡା ଇହଧାମରେ ମାତ୍ର ୨୫ ବର୍ଷ ଅତିବାହିତ କରିଥିବା ବେଳେ ଭାରତ ଇତିହାସର ସବୁଠାରୁ ଶକ୍ତିଶାଳୀ ଆଦିବାସୀ ମେଳି ଓ ଜନ ଆନ୍ଦୋଳନର ମହାନାୟକ ବିର୍ସା ମୁଣ୍ଡା ବୋଲି ଅଭିହିତ କରିବା ସହିତ ମହାନ ବିପ୍ଳବୀ ବିର୍ସା ମୁଣ୍ଡାରାଞ୍ଚି ଜେଲରେ ଏକ କୋଠରିରେ ୧୯୦୦ ମସିହା ଜୁନ ୯ ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। କେବଳ ଜଙ୍ଗଲ ଓ ଜମି ଅଧିକାର ହାସଲରେ ସୀମିତ ଲକ୍ଷ୍ୟର ପୂଜାରୀ ନଥିଲେ ବିର୍ସା ମୁଣ୍ଡା। ତାଙ୍କର ନାରା ଥିଲା ବ୍ରିଟିଶ ରାଜ ଶେଷ କରି ନିଜ ଶାସନ ଲାଗୁ କରିବା। କେବଳ ଆଧୁନିକ ଝାଡଖଣ୍ଡ ଓଡ଼ିଶାର ଆଦିବାସୀ ସ୍ୱାର୍ଥ ନରହେଁ ବରଂ ସାରା ଦେଶର ସ୍ୱାଧିନତା ପାଇଁ ବିର୍ସାଙ୍କ ଯୋଗଦାନ ଚିର ସ୍ମରଣୀୟ ହୋଇ ରହିବ ବୋଲି ଅତିଥି ଭାବେ ଯୋଗଦେଇ କୋଲାବିରା ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ କହିଥିଲେ। ସଭା ପରେ ଶୋଭାଯାତ୍ରାରେ ବାହାରି କରିଣାକର ପାର୍କ ଠାରେ ଥିବା ସହିଦ କରୁଣାକର ସିଂହଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାହୋଇଥିଲା। ଏହାପରେ ପଞ୍ଚାୟତ କାର୍ଯ୍ୟାଳୟକୁ ପହଞ୍ଚି ରାଷ୍ଟ୍ରପତି ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ପେସା ଆଇନ ଲାଗୁ କରିବା, କୋଲାବିରାକୁ ଆଦିବାସୀ ବ୍ଲକର ମାନ୍ୟତା, ଉଚ୍ଛେଦ କରାଯାଇଥିବା ଲଇକେରା ବିଧାନ ସଭା ମଣ୍ଡଳୀକୁ ମାନ୍ୟତା ସହ ଆଦିବାସୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଶୋଭାଯାତ୍ରା ପାରମ୍ପରିକ ଆଦିବାସୀ ନୃତ୍ୟ ଗୀତ ସାଙ୍ଗକୁ ପାରମ୍ପରି ଅସ୍ତ୍ର ଧନୁତୀର, ବାର୍ଚ୍ଛା, ଭାଲା ନେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ଅଞ୍ଚଳର ଆଦିବାସୀ।







**ଦେବଗଡ଼:** ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ଉପଲକ୍ଷେ ନଭେମ୍ବର ପହିଲାରୁ ୧୫ ପର୍ଯ୍ୟନ୍ତ ଜନଜାତୀୟ ପଖୱାଡା ପାଳିତ ହୋଇଛି। ୧୫ ତାରିଖ ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମ ଦିବସକୁ ଜନ ଜାତୀୟ ଗୌରବ ଦିବସ ଭାବେ ପାଳିତ ହୋଇଯାଇଛି। ଜିଲ୍ଲା ମଙ୍ଗଳ ବିଭାଗ ଓ ତିଳେଇବଣି ସମ୍ବନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଅଡିଟୋରିୟମ ଠାରେ ଏହି ଦିବସ ପାଳିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ସାଂସଦଙ୍କ ପ୍ରତିନିଧି ଯୋଗେଶ ପ୍ରଧାନ, ଦେବଗଡ଼ ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ ଭୋଜ, ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ତିଳେଇବଣି ସମନୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାଶିକା ସନ୍ଧ୍ୟା ମାଝୀ ଓ ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ ପ୍ରମୁଖ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ଏହି ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ ଦେଶ ସ୍ୱାଧୀନତା ସଂଗ୍ରାମରେ ଶହୀଦ ବିର୍ସା ମୁଣ୍ଡାଙ୍କ ବଳିଦାନ ଓ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଆଦିବାସୀ ଯୁବ ଗୋଷ୍ଠୀଙ୍କୁ ସଂଗଠିତ କରି ଆଦିବାସୀଙ୍କ ଜଳ, ଜମି ଓ ଜଙ୍ଗଲ ଅଧିକାର ପାଇଁ ଆରମ୍ଭ କରିଥିବା ସଂଗ୍ରାମର ଇତିହାସକୁ ସ୍ମୃତି ଚାରଣ କରିଥିଲେ। ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

**ଝାରସୁଗୁଡ଼ା:** କୋଇଲା ଇଣ୍ଡିଆ ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି କର୍ମଚାରୀ ସଂଘ, ସମଲେଶ୍ୱରୀ ୟୁନିଟ, ଇବ ଭ୍ୟାଲି ଏରିୟା, ଏମ୍‌ସିଏଲ୍ ଦ୍ୱାରା ହିଲଟପ୍ କଲୋନୀ ସ୍ଥିତ ସୁରଭି କ୍ଲବ୍‌ରେ ସହିଦ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ସମାରୋହ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ସମଲେଶ୍ୱରୀ ଓ ସିପିର ପ୍ରକଳ୍ପ ଅଧିକାରୀ କହ୍ନେୟା ମିଶ୍ର, ମୁଖ୍ୟ ବକ୍ତା ଭାବେ ଫିର୍ନାଥ ଲାକ୍ରା, ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ ଚିକିତ୍ସାଳୟର ମୁଖ୍ୟ ଡାକ୍ତର ମଦନ ଦାସ, ଇବ ଭ୍ୟାଲି ଏରିୟାର କ୍ଷେତ୍ରୀୟ କାର୍ମିକ ପ୍ରବନ୍ଧକ ପ୍ରକାଶ ସୋନୀ, ସମଲେଶ୍ୱରୀ ୟୁନିଟ୍‌ର କାର୍ମିକ ପ୍ରବନ୍ଧକ ଭଗବତ ପ୍ରସାଦ ଜାଙ୍ଗଡ଼େ, ସିଷ୍ଟା ଇବ୍ କୋଲଫିଲଡ୍ସର ସଭାପତି ଅକାଲୁରାମ ଓ ସିଷ୍ଟା ଇବ ଭ୍ୟାଲି ଏରିୟାର ପୂର୍ବତନ କୋଷାଧ୍ୟକ୍ଷ ଚନ୍ଦ୍ର କିଶୋର ଗୋଣ୍ଡ ଯୋଗଦେଇ ଥିଲେ। ଆୟୋଜିତ ସଭାରେ ମଞ୍ଚ ପରିଚାଳନା ଅଶିମା ମାଝୀ ଓ କିର୍ତ୍ତି ଭଗତ କରିଥିବା ବେଳେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଈଶ୍ୱର ଆନନ୍ଦ ସତନାମି କରିଥିଲେ। ସିଷ୍ଟା ସମଲେଶ୍ୱରୀ ଓସିପିର ୟୁନିଟ ସେକ୍ରେଟାରୀ ଭିମସେନ୍ ନାଏକ୍ ବାର୍ଷିକ ରିପୋର୍ଟ ପ୍ରଦାନ କରିଥିଲେ। ଆୟୋଜିତ ସଭାରେ ଅତିଥିମାନେ ସହିଦ ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ରବ ରୋହିଦାସ ଧନ୍ୟବାଦ୍ ଦେଇଥିଲେ। କାର୍ଯ୍ୟକ୍ରମରେ ଅର୍ଜୁନ, ରାମ୍ ନଓଳ, ସଞ୍ଜୀତ୍ ରୋହିଦାସ, ମହେନ୍ଦ୍ର ସେଠ୍, ଭଗବାନ ଭୋଇ, ଧୀରେନ ଟପ୍ପୋ, ସାଗର ହରିଜନ, ଗୁର୍ଲା, ନନ୍ଦ କିଶୋର ରାମ୍, ଅରିନ୍ଦମ ମଲିକ, ସୋନୁ ସହିସ୍ ପ୍ରମୁଖ ସହଯୋଗ କରିଥିଲେ।

# ରାଜ୍ୟ ସ୍ତରୀୟ ସୁରଭିରେ ଦେବଗଡ଼ ଜିଲ୍ଲାର ସଫଳତା



**ଦେବଗଡ଼, ୧୫।୧୧(ସମିସ):** ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଭୁବନେଶ୍ୱର ଠାରେ ଦେବଗଡ଼ ଜିଲ୍ଲାରୁ ପ୍ରତିନିଧିତ୍ୱ କରିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ତିନୋଟି ଛାତ୍ରୀକୁ ସଫଳତା ମିଳିଛି। କନିଷ୍ଠ ବିଭାଗ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ତିଳେଇବଣି ଛାତ୍ରୀ ଶ୍ରେୟଂଶୀ ଆଚାର୍ଯ୍ୟ ଦ୍ୱିତୀୟ, ବରିଷ୍ଠ ବିଭାଗ ଚିତ୍ରାଙ୍କନ ପ୍ରତିଯୋଗିତା ଦିବ୍ୟାଙ୍ଗ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଖୁସି ଦାସ ଦ୍ୱିତୀୟ ଓ କନିଷ୍ଠ ବିଭାଗ କୁଇଜ ପ୍ରତିଯୋଗିତାରେ ପିଏମଶ୍ରୀ ସରକାରୀ ଅପୂର୍ବ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଦେବାସିନୀ ପାତ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶା ବିଦ୍ୟାଳୟ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗୋଣ୍ଡ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ଗଣ ଶିକ୍ଷା ବିଭାଗୀୟ ସଚିବ ଟି. ତିରୁମାଲା ନାୟକ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଠାରୁ ପୁରସ୍କାର ଗ୍ରହଣ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ, ଗୁରସଙ୍ଗ ସିଆରସିସି କୁମୁଦବନ୍ଧୁ ପ୍ରଧାନ, ମଳେହିପଡ଼ା ସିଆରସିସି ସଞ୍ଜୟ ସିଂହଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ସ୍ତରରୁ ବିଭିନ୍ନ ବିଭାଗରେ ୪୧ ଜଣ ଛାତ୍ରଛାତ୍ରୀ ଓ ୧୧ ଜଣ ଗାଇଡ ଶିକ୍ଷକ ଶିକ୍ଷୟିତ୍ରୀ ରାଜ୍ୟ ସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଭାଗ ନେବା ନିମନ୍ତେ ସମଗ୍ର ଶିକ୍ଷା ଦେବଗଡ଼ ପକ୍ଷରୁ ଚୟନ କରାଯାଇଥିଲା। କୃତୀ ଛାତ୍ରୀ ମାନଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦେରା କୁଜୁର, ବାଳିକା ଶିକ୍ଷା ସଂଯୋଜିକା ସୀମାରାଣୀ ପାଣିଗ୍ରାହୀ ଶୁଭେଚ୍ଛା ଜ୍ଞାପନ କରିଅଛନ୍ତି।

**ବରପାଲି ଫୁଟବଲ୍ ପ୍ରତିଯୋଗିତା**

# ବେଜିବନ୍ଧ ଦଳକୁ ହରାଇ ଆଦିବାସୀ କ୍ଲବ୍ ଚାମ୍ପିଅନ

ଝାରସୁଗୁଡ଼ା, ୧୫।୧୧(ସମିସ)

ଝାରସୁଗୁଡ଼ା ଜିଲ୍ଲା ଚାନ୍ଦନିମାଲ ପଞ୍ଚାୟତ ଅଧୀନ ବରପାଲି ଗାଁରେ ଗୋକୁଳାଷ୍ଟମୀ ଯାତ୍ରା ଉପଲକ୍ଷେ ଦ୍ୱିଦିବସିୟ ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ଖେଳ ଆଦିବାସୀ କ୍ଲବ୍ ଓ ବେଜିବନ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଦିବାସୀ କ୍ଲବ୍ ଦଳ ଟ୍ରାଇବ୍ରେକର ଜରିଆରେ ୪-୨ ଗୋଲରେ ବିଜୟୀ ହୋଇ ଚଳିତ ବର୍ଷର ଚାମ୍ପିଅନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବ ତଥା ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜଗନ୍ନାଥ ଯୁବକ ସଂଘର ସଭାପତି ହେମନ୍ତ ବଗାର ସଭାପତିତ୍ୱ କରିଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଝାରସୁଗୁଡ଼ା ବନାଞ୍ଚଳ ଡିଏଫ୍‌ଓ ମୁନୁ ଅଶୋକ ଭଟ୍ଟ, ଝାରସୁଗୁଡ଼ା ବ୍ଲକ ବିଡିଓ ଅନିଲ ଆଚାର୍ଯ୍ୟ, ବିଜେପି ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା, ବ୍ରଜରାଜନଗର ରେଞ୍ଜର କ୍ରୀଷ୍ଟା ଜାମୁଡୁଲିଆ, ବେଲପାହାଡ ରେଞ୍ଜର ପ୍ରଦୀପ ନାଏକ, ବ୍ରଜରାଜନଗର ନଗରପାଳ ଗୋପାଳ ସିତାନି, ଚାନ୍ଦିନୀମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର, ରାଜପୁର ସରପଞ୍ଚ ସରସ୍ୱତି ନାଏକ, ଚାନ୍ଦିନୀମାଲ ସମିତି ସଭ୍ୟ ଯତୀନ ଦେଓ, ଗୌରମାଲ ସରପଞ୍ଚ ରାଜ ସାଏ, ପୂର୍ବତନ ରାଜପୁର ସମିତି ସଭ୍ୟ ଗଣେଶ ବାଗ, ପୂର୍ବତନ ସାନଘୁମୁଡା ସରପଞ୍ଚ ବୁଦ୍ଧଦେବ ଭୋଇ, ରମେଶ ଗନେରିୱାଲ, ତପନ ବଡ଼ାଇ ପ୍ରମୁଖ ଅତିଥି ମାନେ ଉପସ୍ଥିତ ଥିଲେ। ବିଜେତା ଆଦିବାସୀ କ୍ଲବ୍ ଦଳକୁ ଟ୍ରଫି ସହିତ ୩୧ ହଜାର ଟଙ୍କା ଓ ଉପବିଜେତା ବେଜିବନ୍ଧ ଦଳକୁ ଟ୍ରଫି ସହିତ ୨୧ ହଜାର ଟଙ୍କା ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ ପାଇଁ ବେଜିବନ୍ଧ ଦଳର ସଞ୍ଜୟଙ୍କୁ ଶ୍ରେଷ୍ଠ ଖେଳାଳି, ସୁମନ ମ୍ୟାନ ଅଫ ଦି ମ୍ୟାଚ୍, ଶ୍ରେଷ୍ଠ ଗୋଲକିପର ବେଜିବନ୍ଧ ଦଳର ବିଶ୍ୱନାଥ, ଶ୍ରେଷ୍ଠ ଡିଫେନ୍ସ ଭାବେ ଶୁରେନ୍, ପ୍ରତିଯୋଗିତାର ଅନୁଶାସନ ଦଳ ଭାବେ ଆଦିବାସୀ କ୍ଲବ୍ ଦଳକୁ ପୁରସ୍କୃତ କରାଯାଇଥିଲା। ହେମନ୍ତ ଧୁରୁଆ ମଞ୍ଚ ପରିଚାଳନା କରିଥିଲେ। ଅରୁଣ ମିର୍ଦ୍ଧା, ପଦ୍ମ ଭଇଁଷା, ଖେମାଶିଲ କିଷାନ୍, ମିଥୁନ ବାଦ୍ରା, ଅରୁଣ ପ୍ରଧାନ, ମେଘନାଥ ଓରାମ ଓ ଯଦୁମଣି ନାଏକ ଖେଳ ପରିଚାଳନା କରିଥିଲେ। ରେଫରି, ଆୟୋଜକ ଓ ଭୋଲେଣ୍ଟିୟର ମାନଙ୍କୁ ମଧ୍ୟ ମେଡାଲ ଦେଇ ପୁରସ୍କୃତ କରାଯାଇଥିଲା। ଚାନ୍ଦିନୀମାଲ ପଞ୍ଚାୟତର ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କୁ ମନ୍ତ୍ରୀଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଶେଷରେ ଠାକୁର ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ। ଜଗନ୍ନାଥ ଯୁବକ ସଂଘର ସଦସ୍ୟ ରମା ପ୍ରଧାନ, ଟିକନାଥ ବିଶି, ଇଶ୍ୱରୀ ମାଝୀ, ଆକାଶ ପୋଢ଼, ଆକାଶ ଦୋରା, ବିକାଶ ପୋଢ଼, ଆଶିଷ ଧୁରୁଆ, ପପୁ ପ୍ରଧାନ, ଅଶୋକ ଭୋଇ, ଅଭି ବଡ଼ାଇ, ବବଲୁ ପ୍ରଧାନ, ରୋସନ ପ୍ରଧାନ, ଅଭି ବଡ଼ାଇ ପ୍ରମୁଖ ସହଯୋଗ କରିଥିଲେ।



# ହୀରାକୁଦ ଇକୋ ରିଟ୍ରିଟ୍ ଉଦ୍‌ଘାଟିତ

**ସମ୍ବଲପୁର, ୧୫।୧୧ (ସମିସ)**

ସମ୍ବଲପୁର ଆଖପାଖ ଅଞ୍ଚଳରେ ପର୍ଯ୍ୟଟନର ବିକାଶ ସକାଶେ ଶନିବାର ପୂର୍ବାହ୍ନରେ ହୀରାକୁଦ 'ଇକୋ ରିଟ୍ରିଟ୍' (ପରିବେଶ ଅନୁକୂଳ ଏକାନ୍ତବାସ) ର ଷଷ୍ଠ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ, ଦେଶ ତଥା ବିଦେଶରୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରି ପର୍ଯ୍ୟଟନର ବିକାଶ ସହ ଆଞ୍ଚଳିକ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା।

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଷଷ୍ଠ ବର୍ଷ ପାଇଁ ହୀରାକୁଦ ଲେଫ୍ଟ ଡାଇକ୍ ପାଖ ବଲବସପୁର ଅଞ୍ଚଳରେ ଏହା ଆୟୋଜିତ ହେଉଛି। ଏହା ତିନିମାସ ଫେବୃଆରୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ପୂର୍ବବର୍ଷ ମାନଙ୍କରେ ଏକସମୟରେ ସମସ୍ତ ୭ଟି ସ୍ଥାନରେ ଇକୋ ରିଟ୍ରିଟ୍ ଆରମ୍ଭ ହେଉଥିବାବେଳେ ସମ୍ପ୍ରତି ଏହାକୁ ପର୍ଯ୍ୟାୟକ୍ରମେ ଆରମ୍ଭ କରାଯାଉଛି। ଆଜି ପର୍ଯ୍ୟଟକଙ୍କୁ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବାର ସୁଯୋଗ ସହ ଆର୍ଥିକ ବିକାଶରେ ସହାୟକ ହେବ ବୋଲି ଆଶାପ୍ରକାଶ କରାଯାଉଛି। ସ୍ଥାନୀୟ କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ନାଉରୀ ନାଏକ, ସମ୍ବଲପୁର ବିଧାୟକଙ୍କ ପ୍ରତିନିଧି ଶୁଭଶ୍ରୀ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ, ମହାନଗର ନିଗମ ଅତିରିକ୍ତ ଆୟୁକ୍ତ ସରୋଜିନୀ କୁଲୁ ପ୍ରମୁଖ ଉପସ୍ଥିତ ଥିଲେ। ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ଦଳେଇ କାର୍ଯ୍ୟକ୍ରମ ରବୀନ୍ଦ୍ର କୁମାର ଦଳେଇ ସଂଯୋଜନା କରିଥିଲେ।





ଅର୍ଥନୀତିକୁ ସୁଦୃଢ଼ କରିବାପାଇଁ ୨୦୧୯ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ଇକୋ ରିଟ୍ରିଟ୍‌ର ଆରମ୍ଭ ହୋଇଥିବା ବେଳେ ଏହାର ଦ୍ୱିତୀୟ ସଂସ୍କରଣ ସମୟରେ ହୀରାକୁଦକୁ ସାମିଲ କରାଯାଇଥିଲା। ତେବେ, ଉଦ୍‌ଘାଟନୀ ଉତ୍ସବରେ ସାମିଲ ହେବାପାଇଁ ଜନପ୍ରତିନିଧିଙ୍କ ପାଖରେ ସମୟ ନାହିଁ। ପଶ୍ଚିମ ଓଡ଼ିଶାର କେବଳ ସମ୍ବଲପୁରର ହୀରାକୁଦରେ ଇକୋରିଟ୍ରିଟ୍ ହେଉଥିବା ବେଳେ କେହି ବି ଜନପ୍ରତିନିଧି ଉପସ୍ଥିତ ନଥିଲେ। ଏପରିକି ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ, ଉତ୍ତରାଞ୍ଚଳ ଆଇଜି ଭଳି କେହି ବରିଷ୍ଠ ଅଧିକାରୀ ମଧ୍ୟ ଯୋଗଦେଇ ନଥିଲେ। ପର୍ଯ୍ୟଟନ ବିଭାଗ ପକ୍ଷରୁ ପୂର୍ବବର୍ଷ ଭଳି ସବୁପ୍ରକାର ଆୟୋଜନ କରାଯାଇଥିବା ବେଳେ ତାହାକୁ ନେଇ

## ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ଆସିଲେନି ଜନପ୍ରତିନିଧି

ହୀରାକୁଦ ସହିତ ଅନ୍ୟ ୫ଟି ସ୍ଥାନ ସାତକୋଶିଆ, ଦାରିଙ୍ଗବାଡ଼ି, ଭିତରକନିକା, ପତିସୋନପୁର, ପୁଟସିଲରେ ଇକୋରିଟ୍ରିଟ୍‌କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଭାସୀ ଜରିଆରେ ଉଦ୍‌ଘାଟନ କରିଛନ୍ତି। କୋଣାର୍କରେ ଡିସେମ୍ବର ୧ ତାରିଖରୁ ଇକୋରିଟ୍ରିଟ୍ ଆରମ୍ଭ ହେବ ବୋଲି ଜଣାପଡ଼ିଛି।

ପଶ୍ଚିମ ଓଡ଼ିଶାର କେନ୍ଦ୍ରସ୍ଥଳୀ ହୀରାକୁଦଠାରେ ଏହା ଆୟୋଜିତ ହେଉଥିବାରୁ ସାମଗ୍ରିକ ଭାବେ

ଗତବର୍ଷ ଗୁଡ଼ିକ ଭଳି ଚଳିତବର୍ଷ ମଧ୍ୟ ନଭେମ୍ବର ୧୫ରୁ ଫେବୃଆରୀ ୧୩ ତାରିଖ ପର୍ଯ୍ୟନ୍ତ ୯୦ ଦିନ ଆୟୋଜିତ ହେଉଛି। ପର୍ଯ୍ୟଟକଙ୍କ ପାଇଁ ୨୫ଟି ବିଳାସପୂର୍ଣ୍ଣ କଟେଜ୍‌ରେ ଷ୍ଟାର୍ ହୋଟେଲ ସୁବିଧା ଉପଲବ୍ଧ ହେବ। ଏହି କଟେଜ୍ ମାନଙ୍କରେ ଗୋଟିଏ ଦିନର ରହଣୀ ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ୫ ହଜାର ଟଙ୍କା, ଶନିବାର ଓ ରବିବାର ୬ ହଜାର ଟଙ୍କା ଏବଂ ସ୍ୱତନ୍ତ୍ର ଦିବସ (ଡିସେମ୍ବର ୨୦ରୁ ଜାନୁଆରୀ ୪ ତାରିଖ ପର୍ଯ୍ୟନ୍ତ) ରେ ୭ ହଜାର ଟଙ୍କା ଦେୟ ରହିବ। ପର୍ଯ୍ୟଟକମାନେ ପର୍ଯ୍ୟଟନବିଭାଗ ୱେବ୍‌ସାଇଟ୍ ଇକୋରିଟ୍ରିଟ୍‌କୁ ଯାଇ ରାଜ୍ୟର ଯେକୌଣସି ଇକୋରିଟ୍ରିଟ୍‌ଠାରେ କଟେଜ୍ ବୁକ୍ କରିପାରିବେ। କଟେଜ୍ ସହିତ ରେଷ୍ଟୁରାଣ୍ଟ ଓ ବାର୍, ନାଚଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟବସ୍ଥା ରହିଛି। ଜଳକ୍ରୀଡ଼ା, ଦୁଃସାହସିକ କ୍ରୀଡ଼ା ସହିତ ସାଇକେଲିଂ, ରାଇଫଲ୍ ସୁଟିଂ, ତୀରନ୍ଦାଜ, ବ୍ୟାଡମିଣ୍ଟନ କୋର୍ଟ୍, ଭଲିବଲ ତଥା ଖୋଲାଆକାଶ ତଳେ ଯୋଗାଭ୍ୟାସର ବ୍ୟବସ୍ଥା କରାଯାଇଛି। ଏହାସହ ପର୍ଯ୍ୟଟକମାନେ ହୀରାକୁଦ ରୋପ୍‌ୱେ, ଡେବ୍ରିଗଡ଼ ଅଭୟାରଣ୍ୟ, ସମଲେଶ୍ୱରୀ ମନ୍ଦିର, ଘଣ୍ଟେଶ୍ୱରୀ ମନ୍ଦିର, ହୁମା ବକ୍ର ମନ୍ଦିର ତଥା ଆଖପାଖ ଅଞ୍ଚଳର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ପେକେଜ୍‌ଡ ଟୁର୍ ବ୍ୟବସ୍ଥା ରହିଛି। ହୀରାକୁଦ ଇକୋରିଟ୍ରିଟ୍ ସ୍ଥାନର ଦୂରତା ଅଇଁଠାପାଲିରୁ ୧୨ କିଲୋମିଟର, ବିଜୁ ଏକ୍ସପ୍ରେସ୍‌ୱେ ଟୋଲଗେଟ୍ ଛକରୁ ୬ କିଲୋମିଟର ଏବଂ ଜମାଦାରପାଲି ଏୟାରଷ୍ଟ୍ରିପ୍‌ଠାରୁ ମାତ୍ର ୧ କିଲୋମିଟର ଦୂରରେ ରହିଛି। ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ଏଠାରେ ବିଶେଷ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

### ୨୦୧୯ ରୁ ଇକୋରିଟ୍ରିଟ୍

୨୦୧୯ ମସିହାରେ କୋଣାର୍କ ମେରାଇନ୍ ଡ୍ରାଇଭ୍‌ରେ'ଇକୋ ରିଟ୍ରିଟ୍'କାର୍ଯ୍ୟକ୍ରମର ସଫଳତା ପରେ ୨୦୨୦ରେ କୋଣାର୍କ ସହ ୪ଟି ସ୍ଥାନ ହୀରାକୁଦ, ଭିତରକନିକା, ଦାରିଙ୍ଗବାଡ଼ି ଓ ସାତକୋଶିଆକୁ ସାମିଲ କରାଯାଇଥିଲା। ୨୦୨୧ରେ ଆଉ ଦୁଇଟି ପ୍ରାକୃତିକ ପରିବେଶଭରା ସ୍ଥାନ କୋରାପୁଟର ପୁଟସିଲ ଓ ଗଞ୍ଜାମ ଜିଲ୍ଲାର ପତିସୋନପୁରକୁ ଏଥିରେ ସାମିଲ କରାଯାଇ ପ୍ରତିବର୍ଷ ମୋଟ ୭ଟି ସ୍ଥାନରେ ଇକୋରିଟ୍ରିଟ୍ ଆୟୋଜିତ ହେଉଛି।

# ବକବିରା ପ୍ରାଥମିକ ସ୍କୁଲ ପ୍ରଧାନଶିକ୍ଷକଙ୍କୁ ବଦଳି ଦାବି

## କାର୍ଯ୍ୟରେ ଅବହେଳା ଅଭିଯୋଗ

**ସମ୍ବଲପୁର, ୧୫।୧୧ (ସମିସ):** ସମ୍ବଲପୁର ମହାନଗରନିଗମ ବକବିରାଗ୍ରାମସ୍ଥିତ ବକବିରା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ହୋଇଛି। କାର୍ଯ୍ୟରେ ଅବହେଳା କରୁଥିବାରୁ ତାଙ୍କୁ ଅନ୍ୟତ୍ର ବଦଳି କରିବାକୁ ଗ୍ରାମବାସୀ ଜିଲ୍ଲାପାଳ, କମିଶନର ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଉକ୍ତ ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ମାତ୍ର ପ୍ରଧାନଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀରେ ପାଠ ପଢ଼ା ଚାଲିଛି। ପୂର୍ବରୁ ଆଉ ଜଣେ ଶିକ୍ଷକ ଥିଲେ। ତାଙ୍କୁ ଡେପୁଟେସନରେ ନିଆଯାଇଛି। ଏବେ ଜଣେ ଶିକ୍ଷୟିତ୍ରୀ ଓ ପ୍ରଧାନ ଶିକ୍ଷକ ରହିଛନ୍ତି। ପ୍ରଧାନଶିକ୍ଷକ ଉପେନ୍ଦ୍ର ପ୍ରଧାନ ଉକ୍ତ ସ୍କୁଲରେ ୩୫ ବର୍ଷରୁ ଅଧିକ ହେଲାଣି କାର୍ଯ୍ୟରତ ରହିଛନ୍ତି। ଧନୁପାଲି ଥାନାରେ ତାଙ୍କ ନାମରେ ମାମଲା ରହିଛି। ଯୋଗ୍ୟତା ପ୍ରମାଣ ପତ୍ର ନକଲି ଥିବା ନେଇ ବିଭିନ୍ନ ଗଣ ମାଧ୍ୟମରେ ଖବର ମଧ୍ୟ ପ୍ରକାଶ ପାଇଥିଲା। ଏ ସମସ୍ତ ଘଟଣା ନେଇ ବକବିରା ବାସୀ ବିଇଓ ନିକଟରେ ପୂର୍ବରୁ ଅଭିଯୋଗ ମଧ୍ୟ କରିଥିଲେ। ହେଲେ କୌଣସି ଫଳ ମିଳି ନଥିଲା। ସେପଟେ ପ୍ରଧାନଶିକ୍ଷକ କାର୍ଯ୍ୟରେ ଅବହେଳ କରୁଥିବା ଛାତ୍ରଛାତ୍ରୀ ଅଭିଯୋଗ କରୁଛନ୍ତି। ବିଦ୍ୟାଳୟକୁ ବିଳମ୍ବରେ ଆସିବା, ମଧ୍ୟାନ ଭୋଜନ ଅବହେଳା, ବିଦ୍ୟାର୍ଥୀଙ୍କ ପାଠ ପଢ଼ାଇବାରେ ଅବହେଳା, ସ୍କୁଲ ପରିସରରେ ଫୋନରେ ସବୁବେଳେ ଗପିବା, ପିଲାଙ୍କ ମାତ୍ରାଧିକ ମାଡ଼ ମାରିବା, ନୂତନ ଶିକ୍ଷକ ଆସିଲେ ବିଦ୍ୟାଳୟ କମିଟି ସହ ଷଡ଼ଯନ୍ତ୍ର କରି ତାଙ୍କୁ ବାହାର କରିବା, ବିଦ୍ୟାଳୟ ଉନ୍ନତି ଏବଂ ମରାମତି ପାଇଁ ସରକାର ତରଫରୁ ଆସୁଥିବା ଟଙ୍କା ହଡ଼ପ କରିବା, ସ୍କୁଲର କୌଣସି କାମ ହେଲେ ଛାତ୍ରଛାତ୍ରୀଙ୍କୁ କାମ କରାଇବା ଇତ୍ୟାଦି ଅଭିଯୋଗ ନେଇ ଜିଲ୍ଲାପାଳଙ୍କୁ ଦାବି ପତ୍ର ଦେଇଛି। ତେଣୁ ଡେପୁଟେସନରେ ଯାଇଥିବା ପୂରାତନ ଶିକ୍ଷକ ଶାନ୍ତନୁ ଭୋଇଙ୍କୁ ପୁନଶ୍ଚ ବକବିରା ସ୍କୁଲକୁ ଆଣିବାକୁ ଦାବି କରିଛନ୍ତି। ଶୀଘ୍ର ପ୍ରଧାନ ଶିକ୍ଷକଙ୍କୁ ବଦଳି କରିବାକୁ ଅନୁରୋଧ କରିଛନ୍ତି। ଦାବିପତ୍ର ଦେବା ବେଳେ ସରୋଜ ନେତି, ପ୍ରିୟବ୍ରତ ରାଉତ ଓ ଅମୁଲ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଲିଟିଲ୍ ମିସ୍ ଓ ଲିଟିଲ୍ ମାଷ୍ଟର ପ୍ରତିଯୋଗିତା ଉଦ୍‌ଘାଟିତ



**ସମ୍ବଲପୁର, ୧୫।୧୧ (ସମିସ) :** ସାଇ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଆଜି ଦୁଇଦିନିଆ ଲିଟିଲ୍ ମିସ୍ ଓ ଲିଟିଲ୍ ମାଷ୍ଟର ଏବଂ ମିସ୍ ଓ ମାଷ୍ଟର୍ ଟିନ୍ ଶିଶୁ ସୌନ୍ଦର୍ଯ୍ୟ ପ୍ରତିଯୋଗିତା ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଅଡିଟୋରିଅମ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜକ କମିଟି ଅଧ୍ୟକ୍ଷ ଇଂ. ସୁଶାନ୍ତ କୁମାର ଗୁରୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସମରଜିତ ପଟ୍ଟନାୟକ ମୁଖ୍ୟଅତିଥି ଏବଂ ଭକ୍ତପ୍ରସାଦ ନନ୍ଦ ଓ ଗୋଲକ ବିହାରୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆଜି ହୋଇଥିବା ଲିଟିଲ୍ ମିସ୍ ଓ ଲିଟିଲ ମାଷ୍ଟର ପ୍ରତିଯୋଗିତାରେ ୨୪ ଜଣ ଶିଶୁ ପ୍ରତିଯୋଗୀ ସେମାନଙ୍କ କଳା ନୈପୁଣ୍ୟ ପ୍ରଦର୍ଶନ କରି ଚୂଡ଼ାନ୍ତ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ। ବିଚାରକ ଭାବେ ଅସୀମ ପ୍ରଧାନ, ରାନୀ ଦାଶ, ହେମନ୍ତ ପ୍ରଧାନ, ତନୁଜା ମହାପାତ୍ର, ସୁବ୍ରତ ଷଡ଼ଙ୍ଗୀ, ସୁଚିସ୍ମିତା ଷଡ଼ଙ୍ଗୀ, ରେସ୍ମା ଶ୍ରୀକୁମାର, ସୀମନ୍ତିକା ଦାଶ, ଶିଶିର କର ପ୍ରମୁଖ ଉପସ୍ଥିତ ଥିଲେ। ଭାଗ୍ୟଶ୍ରୀ ପାଣିଗ୍ରାହୀ, ତନିଷ୍କା ଗୁରୁ, ତର୍ପଣ ପ୍ରଧାନ, ଜ୍ୟୋତିରାଦିତ୍ୟ ମହାନ୍ତି, ମିନାକ୍ଷୀ ପାଣିଗ୍ରାହୀ, ଉମାଶଙ୍କର ଦାଶ, ଅମୃତସାଗର ପଣ୍ଡା, ବର୍ଷା ପ୍ରମୁଖ ପ୍ରତିଯୋଗିତାକୁ ବିଭିନ୍ନ ରାଉଣ୍ଡରେ ସଂଯୋଜନା ଏବଂ ପାୟଲ ଭୋଇ, ନୁପୁର ଭୋଇ ସହଯୋଗ କରିଥିଲେ। ପ୍ରାରମ୍ଭରେ ସାଇ ଶିକ୍ଷା ପରିଷଦର ନିର୍ଦ୍ଦେଶକ ନନ୍ଦ କିଶୋର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରତିଯୋଗିତାର ମୁଖ୍ୟ ସଂଯୋଜକ ମହମ୍ମଦ ପରିଭେଜ ଅଲ୍ଲୀଖାନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶେଷରେ ତ୍ରିଲୋଚନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋରୁ ବୋଝେଇ କଣ୍ଟେନର ଜବତ

# ୩୦ରୁ ଉର୍ଦ୍ଧ୍ୱ ଗୋରୁ ଉଦ୍ଧାର, ଜଣେ ଗିରଫ

**ରେଢ଼ାଖୋଲ, ୧୫।୧୧ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ଭୀମଭୋଇ ଛକ ନିକଟରେ ବେଆଇନ ଭାବେ ଗୋ ଚାଲାଣ କରୁଥିବା ଏକ କଣ୍ଟେନରକୁ ସ୍ଥାନୀୟ ଲୋକେ ଓ ପୁଲିସ ସହାୟତାରେ ଗାଡ଼ିକୁ ଅଟକାଇ ୩୦ରୁ ଉର୍ଦ୍ଧ୍ୱ ଗୋରୁ ଉଦ୍ଧାର କରାଯାଇଛି। ଜଣେ ଗୋ ଚାଲାଣକାରୀକୁ ରେଢ଼ାଖୋଲ ପୁଲିସ ଗିରଫ କରିଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଛି। ସୂଚନା ଯୋଗ୍ୟ ଯେ ବେଗୁନିଆରୁ ଖଡକପୁରକୁ କଣ୍ଟେନର ନଂ ଆରଜେ୩୨ଜିସି-୯୮୧୭ରେ ବେଆଇନ ଭାବେ ଗୋ ଚାଲାଣ ହେଉଥିବା ଖବର ପାଇ ବଜରଙ୍ଗଦଳର କାର୍ଯ୍ୟକର୍ତ୍ତାମାନେ ବଇଣ୍ଡାରୁ ଗାଡ଼ିକୁ ଧରିବା ପାଇଁ ପିଛା କରିଥିଲେ। ଶେଷରେ ରେଢ଼ାଖୋଲ ପୁଲିସ ସହାୟତା ଏବଂ ସ୍ଥାନୀୟ ଲୋକେ ମିଶି ଗାଡ଼ିକୁ ଅଟକାଇ ଥିଲେ। ଗାଡ଼ି ଭିତରେ ଦୟନୀୟ ଭାବରେ ବନ୍ଧା ହୋଇଥିବା ୩୦ରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ଉଦ୍ଧାର କରି ବୈଷ୍ଣବଝୁଲିସ୍ଥିତ ଗୋଶାଳାରେ ଜିମା ଦେଇଥିଲେ। ଏସଂକ୍ରାନ୍ତରେ ରେଢ଼ାଖୋଲ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି।



## ଗୋ ଚାଲାଣ ବନ୍ଦ ପାଇଁ ଦାବିପତ୍ର

**ରେଢ଼ାଖୋଲ, ୧୫।୧୧(ସମିଷ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବିଜେପି ପକ୍ଷରୁ ଶନିବାର ଦିନ ଗୋ ଚାଲାଣ ବନ୍ଦ କରିବା ପାଇଁ ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।ଦିନକୁ ଦିନ ରେଢାଖୋଲ ଅଞ୍ଚଳରେ ଗୋ ମାଫିଆଙ୍କ ସଂଖ୍ୟା ବୃଦ୍ଧି ଦେଖିବାକୁ ମିଳିଛି। ଯାହା ଫଳରେ ସମ୍ବଲପୁର-କଟକ ୫୫ ନଂ ଜାତୀୟ ରାଜପଥ ଓ ରାଞ୍ଚି- ବିଜୟୱାଡା ୧୫୩(ବି) ଜାତୀୟ ରାଜପଥ ସହର ଦେଇ ବଡ ବଡ କଣ୍ଟେନର ସାହାଯ୍ୟରେ ଗାଇଗୋରୁଙ୍କୁ ଅତି ଦୟନୀୟ ଅବସ୍ଥାରେ ବାନ୍ଧି ବାହାର ରାଜ୍ୟକୁ ଚାଲାଣ କରାଯାଉଛି। ସେହିପରି ଉପଖଣ୍ଡର ରେଢାଖୋଲ, ନାକଟିଦେଉଳ, କିସିଣ୍ଡା, ଯୁଯୋମୁରା ଓ କଦଳୀଗଡ଼ ଜଙ୍ଗଲ ମଧ୍ୟରେ ରାତି ସମୟରେ ଗୋ ମାଫିଆମାନେ ଗୋ ଚାଲାଣ କରୁଛନ୍ତି। ଗୋ ଚାଲାଣ କରୁଥିବା ଗାଡି ଗୁଡିକ ଯାଞ୍ଚ କରି ଗୋରୁଙ୍କୁ ଉଦ୍ଧାର କରିବା ସହ ଗୋମାଫିଆଙ୍କୁ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ବରିଷ୍ଠ ବିଜେପି ନେତା ପ୍ରତାପ ପ୍ରଧାନ, ଅଲେଖନନ୍ଦ ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ଜିଲ୍ଲା ପରିଷଦ ସଭ୍ୟ ଶରତ ପ୍ରଧାନ, ସରପଞ୍ଚ ରାଜା ପାଲ, ଦିଲ୍ଲୀପ ପ୍ରଧାନ, ପ୍ରଶାନ୍ତ ରଥ, ବିଜେପି ନଗର ସଭାପତି ସୁଷମା ମୁଣ୍ଡା, ଉପସଭାପତି ଅନିଲ ପୃଷ୍ଟି, ରାଜା ସିଂ, ଜଗୋଜନ୍ମା ଦାସ ଶର୍ମା, ରବୀନ୍ଦ୍ର ପ୍ରଧାନ, ରବି ରଥ, ଅମର ସିଂ, ଦକ୍ଷ ବେହେରା, ସୂର୍ଯ୍ୟ ପ୍ରକାଶ ମହାପାତ୍ର ପ୍ରମୁଖ ସାମିଲ ଥିଲେ।

## ସମବାୟ ବିଭାଗ ପକ୍ଷରୁ ପ୍ରବନ୍ଧ ପ୍ରତିଯୋଗିତା

**ସମ୍ବଲପୁର, ୧୫।୧୧ (ସମିସ) :** ଉପନିବନ୍ଧକ ସମବାୟ ସମିତି ସମୂହ, ସମ୍ବଲପୁର ପକ୍ଷରୁ ୭୨ତମ ସମବାୟ ସପ୍ତାହ ପାଳନ ଅବସରରେ ଆଜି ପୂର୍ବାହ୍ନରେ ସ୍କୁଲ ଏବଂ କଲେଜସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତା ଓଡ଼ିଆ ସାଂସ୍କୃତିକ ସମାଜ ପ୍ରେକ୍ଷାଳୟରେ ଆୟୋଜିତ ହୋଇଯାଇଛି। ବିଷୟ ଥିଲା - ଆତ୍ମନିର୍ଭର ଭାରତ ଗଠନ ପାଇଁ ସମବାୟ ଏକ ମାଧ୍ୟମ। କନିଷ୍ଠ ଓ ବରିଷ୍ଠ ବର୍ଗର କୃତି ପ୍ରତିଯୋଗୀ ମାନଙ୍କୁ ସମବାୟ ବିଭାଗର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। ଏହି ପ୍ରତିଯୋଗିତା ଆୟୋଜନରେ ଡିଆରସିଏସ ଲକ୍ଷ୍ମୀଧର ରାଉତ, ଏଆରସିଏସ ମଧୁସୂଦନ ମେହେର, ଏସ୍‌ଏଆରସିଏସ ସୁଶୀଲ କୁମାର ମିଶ୍ର ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ବାଇକ୍ ଧକ୍କାରେ ସ୍ୱାମୀ ମୃତ, ମା' ଝିଅ ଗୁରୁତର

**ନାକଟିଦେଉଳ, ୧୫।୧୧ (ସମିସ):** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଉପରମୁଣ୍ଡା ଗାଁ ନିକଟରେ ବାଇକ୍ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ମା ଝିଅ ଗୁରୁତର ହୋଇଛନ୍ତି। ମୃତକ ନାକଟିଦେଉଳ ବ୍ଲକ ସରାପାଲି ପଞ୍ଚାୟତ ଗୌଡ଼ପଡ଼ାଗ୍ରାମର ପ୍ରଫୁଲ୍ଲ ବାଦୀ(୨୬)। ସୂଚନା ଅନୁସାରେ ଶନିବାର ସନ୍ଧ୍ୟାରେ ପ୍ରଫୁଲ୍ଲ ନିଜ ସ୍ତ୍ରୀ ଲିଲି ବାଦୀ (୨୩) ଓ ୪ ବର୍ଷର ଝିଅକୁ ନେଇ ବଲାସିଂହା ଗ୍ରାମରୁ ବାଇକ୍ ଯୋଗେ ନିଜ ଗ୍ରାମ ଗୌଡ଼ପଡ଼ା ଅଭିମୁଖେ ଆସୁଥିଲେ। ଉପରମୁଣ୍ଡା ଗ୍ରାମ ନିକଟରେ ଭାରସାମ୍ୟ ହରାଇ ବିଦ୍ୟୁତ୍ ପୋଲରେ ଧକ୍କା ହୋଇଥିଲା। ପ୍ରଥମେ ଲିଲି ବାଦୀ ଓ ତାଙ୍କ ଝିଅକୁ ଡାକ୍ତରଖାନାକୁ ନେଇଥିଲେ।ପରେ ପ୍ରଫୁଲ୍ଲଙ୍କୁ ଦମକଳ ଯୋଗେ ଡାକ୍ତର ଖାନା ନିଆ ଯାଇଥିଲା। ଡାକ୍ତରଖାନାରେ ପ୍ରଫୁଲ୍ଲଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଲିଲିଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ପଠାଯାଇଥିବା ଜଣାପଡ଼ିଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112




## ବୁର୍ଲା ଡିଏଭିରେ ଶିଶୁଦିବସ

**ସମ୍ବଲପୁର, ୧୫।୧୧(ସମିସ):** ବୁର୍ଲାସ୍ଥିତ ଡିଏଭି ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଛି। ପ୍ରଥମ ଦିନରେ ବିଭିନ୍ନ ବିଶ୍ୱବିଦ୍ୟାଳୟର ଅଭିଜ୍ଞ ବିଶେଷଜ୍ଞମାନେ ଦଶମ ଓ ଦ୍ୱାଦଶ ବିଦ୍ୟାର୍ଥୀଙ୍କୁ ବୃତ୍ତିପରାମର୍ଶ ଦେଇଥିଲେ। ସଦାଶିବ ବୁକ୍‌ସ ସଂସ୍ଥାଦ୍ୱାରା ପୁସ୍ତକ ମେଳା ୩ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନରେ ବିଦ୍ୟାଳୟର ଚେୟାରମ୍ୟାନ, ଜେନେରାଲ ମ୍ୟାନେଜର ମାନବ ସମ୍ବଳ ଏମସିଏଲ ବୁର୍ଲାର ସନ୍ଦୀପ ସା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।ବିଦ୍ୟାର୍ଥୀଙ୍କ ମଧ୍ୟରେ କୌତୁକିଆ ପୋଷାକ ପ୍ରତିଯୋଗିତା ହୋଇଥିଲା।ଶିକ୍ଷକମାନଙ୍କ ଦ୍ୱାରା ପ୍ରାର୍ଥନା ସଭା ସହିତ ଲଘୁ ନାଟକ ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ ଗୃହବିଭାଗ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷ ଦିନରେ ବିଜ୍ଞାନ ଗଣିତ ଆଦି ବିଷୟରେ ବିଦ୍ୟାର୍ଥୀମାନେ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ପ୍ରଦର୍ଶନୀକୁ ଗୋଷ୍ଠୀ ଶିକ୍ଷାଧିକାରୀ ଧନକଉଡ଼ା ବ୍ଲକ କରନ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଓ ବିଦ୍ୟାଳୟ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକ ସମସ୍ତ ପ୍ରକଳ୍ପ ପରିଦର୍ଶନ କରିଥିଲେ।

# ବାତ୍ୟା ମୋନ୍ଥା କ୍ଷୟକ୍ଷତି ରିପୋର୍ଟ

## ୧୯୫ ହେକ୍ଟର ପ୍ରଭାବିତ, କ୍ଷତିପୂରଣ ଆକଳନ ୨୬.୯୪ ଲକ୍ଷ

**ସମ୍ବଲପୁର, ୧୫।୧୧ (ସମିସ)**

ଗତ ଅକ୍ଟୋବର ୨୮ ତାରିଖରୁ ବାତ୍ୟା 'ମୋନ୍ଥା' ପ୍ରଭାବରେ ପ୍ରାୟ ଚାରି-ପାଞ୍ଚ ଦିନ ପାଇଁ ପବନ ଓ ଝିପି ଝିପି ବର୍ଷା ହୋଇଥିଲା। ଏହାଫଳରେ କ୍ଷେତରେ ଅମଳକ୍ଷମ ଧାନ ଲୋଟିଯିବାସହ କଟା ହୋଇପଡ଼ିରହିଥିବା ପେଟା ଗୁଡ଼ିକ ଓଦା ହୋଇଯାଇଥିଲା। ଏଥିରେ ସମ୍ବଲପୁର ଜିଲ୍ଲାର ୧୯୫ ହେକ୍ଟର କ୍ଷେତରେ ଫସଲ ନଷ୍ଟ ହୋଇଥିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଆକଳନ କରାଯାଇ ୨୬, ୯୪, ୫୦୦ ଟଙ୍କା କ୍ଷତିପୂରଣ ସକାଶେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ପାଖକୁ ରିପୋର୍ଟ ପଠାଯାଇଛି।

ରିପୋର୍ଟ ଅନୁଯାୟୀ, ସମ୍ବଲପୁର ଜିଲ୍ଲାରେ ଅଣଜଳସେଚିତ ଓ ଜଳସେଚିତ ମୋଟ ୧୯୫ ହେକ୍ଟର କୃଷି / ଉଦ୍ୟାନକୃଷି ଫସଲ 'ମୋନ୍ଥା' ଯୋଗୁଁ ପ୍ରଭାବିତ ହୋଇଥିବାବେଳେ ତନ୍ମଧ୍ୟରୁ ୧୯୦ ହେକ୍ଟର ୩୩%ରୁ ଅଧିକ କ୍ଷତି ହୋଇଛି। ମାନେଶ୍ୱର ବ୍ଲକରେ ୧୫୦ ହେକ୍ଟର କ୍ଷତିଗ୍ରସ୍ତ ଏବଂ ୨୩, ୫୪, ୫୦୦ ଟଙ୍କା (ଅଣଜଳସେଚିତ ୧, ୯୫, ୫୦୦ ଓ ଜଳସେଚିତ ୨୧, ୫୯, ୦୦୦) କ୍ଷତିପୂରଣ ପାଇଁ ସୁପାରିଶ କରାଯାଇଥିବାବେଳେ ଯୁଯୋମୁରା ବ୍ଲକରେ ୨୫ ହେକ୍ଟରରୁ ୨୦ ହେକ୍ଟର ୩୩%ରୁ ଅଧିକ ଏବଂ ୧, ୭୦, ୦୦୦ ଟଙ୍କା କ୍ଷତିପୂରଣ ଏବଂ ଜମନକିରା ବ୍ଲକରେ ୨୦ ହେକ୍ଟର କ୍ଷତିଗ୍ରସ୍ତ ଏବଂ ୧, ୭୦, ୦୦୦ ଟଙ୍କା କ୍ଷତିପୂରଣ ପାଇଁ ସୁପାରିଶ କରାଯାଇଛି। ଅନ୍ୟ ବ୍ଲକମାନଙ୍କରେ ସେଭଳି ପ୍ରଭାବ ନଥିବା ରିପୋର୍ଟରେ ଦର୍ଶାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଅଣଜଳସେଚିତ ଅଞ୍ଚଳରେ ଫସଲ କ୍ଷତି ପାଇଁ ହେକ୍ଟର ପିଛା ୮, ୫୦୦ ଟଙ୍କା ଓ ଜଳସେଚିତ ପାଇଁ ହେକ୍ଟର ପିଛା ୧୭, ୦୦୦ ଟଙ୍କା ସରକାରୀ ନିୟମ ରହିଛି।




ବାତ୍ୟା 'ମୋନ୍ଥା' ଯୋଗୁଁ ସମ୍ବଲପୁର ଜିଲ୍ଲାରେ ଖରିଫ ଧାନ ଚାଷ ସହ ଡାଲିଜାତୀୟ ଓ ପନିପରିବା ଚାଷ ପ୍ରଭାବିତ ହୋଇଛି। ଚଳିତବର୍ଷ ଆଗୁଆ ମୌସୁମୀ ଥିବାରୁ ଚାଷୀମାନେ ଛୋଟ ଧାନ ଅମଳକରି କ୍ଷେତରେ ଧାନ ପେଟା ପକାଇବା ସହ ନଭେମ୍ବର ଦ୍ୱିତୀୟ ସପ୍ତାହ ସୁଦ୍ଧା ଖରିଫ ଫସଲ ଅମଳ କରିଥାନ୍ତେ। କିନ୍ତୁ ବାତ୍ୟା 'ମୋନ୍ଥା' ଯୋଗୁଁ ଧାନ ଗଛ ଗୁଡ଼ିକ ଭୂଇଁରେ ଲୋଟିଯାଇଥିବାବେଳେ ଓଦା ହୋଇଯାଇଥିବାରୁ ଅମଳ ପ୍ରଭାବିତ ହୋଇ ବ୍ୟାପକ କ୍ଷତି ହୋଇଛି। ବର୍ଷା ଓ ପବନ ଯୋଗୁଁ ଧାନଗଛ ଗୁଡ଼ିକ ଭୂଇଁରେ ଲୋଟିଯାଇ ପାଣିରେ ପଡ଼ି ପଚିଯିବା ସହ ଗଜା ମଧ୍ୟ ହୋଇଯାଇଛି। ସମସ୍ତ ୯ଟି ବ୍ଲକରେ ରାଜସ୍ୱ ଓ କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇ ମିଳିତ ରିପୋର୍ଟ ଜିଲ୍ଲା ପ୍ରଶାସନଠାରେ ଦାଖଲ କରାଯାଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ଷତିପୂରଣ ସକାଶେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ପାଖକୁ ରିପୋର୍ଟ ପଠାଯାଇଥିବା ସୂଚନା ମିଳିଛି। ଏହି ରିପୋର୍ଟ ପଠାଇବାରେ ବିଳମ୍ବ ଯୋଗୁଁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା।

## ଜିଲ୍ଲା କ୍ରୀଡ଼ା ସଂଘର ଶ୍ରଦ୍ଧାଞ୍ଜଳି ସଭା



**ସମ୍ବଲପୁର, ୧୫।୧୧(ସମିସ):** ସମ୍ବଲପୁର ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ବୀର ସୁରେନ୍ଦ୍ର ସାଏ ଷ୍ଟାଡିଅମରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ସଂଘର ପୂର୍ବତନ ଉପସଭାପତି ରାଜୀବ ବିଶ୍ୱାସଙ୍କ ସ୍ମୃତିରେ ସଭା ହୋଇଥିଲା। ଗତ ମାସରେ ତାଙ୍କର ଦେହାନ୍ତ ହୋଇଥିଲା। କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ସୁନୀଲ ସାହୁ, ଉପସଭାପତି ଏମଡି ସବିର ଏହେମଦ, କୋଷାଧ୍ୟକ୍ଷ ଉମାପତି ତ୍ରିପାଠୀ, ପୂର୍ବତନ ସଭାପତି ଦିଲୀପ ବିଶି, ରାଜେଶ ସେଠ, ବିକାଶ ମିଶ୍ର, ଫୁଟବଲ ସମ୍ପାଦକ ଅବଦୁଲ ଗଫର, ଅଭିନାଶ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିରରେ ଶିଶୁ ଦିବସ

**ସମ୍ବଲପୁର, ୧୫।୧୧ (ସମିସ):** ସ୍ଥାନୀୟ ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିର(ଆରଜିଭିଏମ)ରେ ଶିଶୁଦିବସ ଅବସରରେ ପ୍ରତିଭା ଉତ୍ସବ ଅନୁଷ୍ଠିତ ହୋଇଛି।କାର୍ଯ୍ୟକ୍ରମରେ ବିଦ୍ୟାର୍ଥୀମାନେ ନିଜର ପ୍ରତିଭାକୁ ପ୍ରଦର୍ଶନ କରିଥିଲେ। ପୁରୁଣା ଜିନିଷରୁ ନିର୍ମିତ ବିଭିନ୍ନ ସାମଗ୍ରୀକୁ ଓଲ୍ଡ ଇଜ ଗୋଲ୍ଡ ନାମକ ଷ୍ଟଲରେ ପ୍ରଦର୍ଶିତ କରାଯାଇଥିଲା। ସମ୍ବଲପୁରର ଲୋକ ପ୍ରିୟ କଳାକାର ତଥା ହାସ୍ୟ ଅଭିନେତା ଯୋଗେଶ ଜୋଜୋ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲ ଅଧ୍ୟକ୍ଷ ଅଶୋକ କେଡିଆ ମୁଖ୍ୟ ଅତିଥିଙ୍କ ସମ୍ମାନିତ କରିଥିଲେ। ସ୍କୁଲ ପ୍ରଧାନଶିକ୍ଷକ ଶାଲୁ ଚାଣ୍ଡେଲ ପିଲାଙ୍କୁ ଉତ୍ସାହିତ କରିଥିଲେ।



## ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ପାଇଁ କଳାକାର ଚୟନ ଆରମ୍ଭ

**ବରଗଡ଼, ୧୫ା୧୧(ସମିସ):** ବୃହତ ମୁକ୍ତାକାଶ ରଙ୍ଗମଞ୍ଚ ୭୮ ତମ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ଡିସେମ୍ବର ମାସ ୨୪ ତାରିଖରୁ ଆରମ୍ଭ ହେବ। ଦୀର୍ଘ ୧୧ ଦିନ ବ୍ୟାପୀ ଆସନ୍ତା ୨୦୨୬ ମସିହା ଜାନୁୟାରୀ ମାସ ୩ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ। ତେବେ ଏଥର ମହୋତ୍ସବରେ ଅଭିନୟ ପାଇଁ କଂସ ମହାରାଜଙ୍କ ସମେତ ଅନ୍ୟ ପ୍ରମୁଖ ଚରିତ୍ର ପାଇଁ କଳାକାର ଚୟନ କରାଯାଉଛି। ସ୍ଥାନୀୟ ବିଜୁ ପଟ୍ଟନାୟକ



ଟାଉନ ହଲ ପରିସରରେ ଶନିବାରଠୁ ଏହି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଶନିବାର ଦେବକୀ, ନାରଦ, ଚାଣୁର, ମୁଷ୍ଟିକ, ସାର୍ଥକି, ବସୁଦେବ, ଅକ୍ରୁର ଏବଂ ଉଗ୍ରସେନ ପ୍ରଭୃତି ଚରିତ୍ର ନିମନ୍ତେ କଳାକାର ଚୟନ କାର୍ଯ୍ୟକ୍ରମ ରହିଛି। ଆସନ୍ତା ୧୬ ତାରିଖ ମହାମନ୍ତ୍ରୀ ଓ ସେନାପତି ଏବଂ ୧୭ ତାରିଖ ଦିନ କଂସ ମହାରାଜ ସକାଶେ ସାକ୍ଷାତକାର ଅନୁଷ୍ଠିତ ହେବ। ଆଜି ବିଚାରକ ଭାବେ ସୁବାସ ପ୍ରଧାନ (ବେଲ ପାହାଡ଼), ମିହିର ମେହେର (ବରଗଡ଼), ସରୋଜ ସାହୁ (ଭବାନୀ ପାଟଣା), ପ୍ରତାପ ପଣ୍ଡା (ସମ୍ବଲପୁର), ସୁଜିତ ପାତ୍ର (ଦେବଗଡ଼) ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଦିନ ଧନୁଯାତ୍ରାର ଚୟନ ପ୍ରକ୍ରିୟାରେ ବହୁ କଳା ଅଂଶଗ୍ରହଣ କରି ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ନାରଦ ଚରିତ୍ର ପାଇଁ ୧୮ ଜଣ, ବସୁଦେବ ପାଇଁ ୨୫, ଅକ୍ରୁର-୨୭, ମୁଷ୍ଟିକ-୧୩, ସାତକି-୧୧, ଉଗ୍ରସେନ-୧୦, ଚାଣୁର-୧୦, ଦେବକୀ-୯ ଜଣ କଳାକାର ଚୟନ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଅଶୋକ ବେହେରା (କଳାକାର ସମନ୍ୱୟ ସମିତିର ସମ୍ପାଦକ), ବରିଷ୍ଠ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଶିଶୁମାନେ ଆଗାମୀ କାଲିର ଭବିଷ୍ୟତ

**ବରଗଡ଼, ୧୫ା୧୧(ସମିସ)**

ସ୍ଥାନୀୟ ଗଙ୍ଗାଧର ନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ବରଗଡ଼ ଲାୟନ୍ସ କ୍ଲବ୍ ପକ୍ଷରୁ ଶିଶୁ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସୁଷମା ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପ୍ରଧାନ ଏବଂ ସୁବାସିନୀ ନାଏକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଲାୟନ୍ସ କ୍ଲବ୍ ପକ୍ଷରୁ ସଭାପତି ଲାୟନ ମନୋଜ ମହାପାତ୍ର, ସମ୍ପାଦକ ଲାୟନ୍ସ ଅଭୟ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁ ମାନେ ଆଗାମୀ କାଲିର ଭବିଷ୍ୟତ ଓ ଏମାନଙ୍କୁ ଠିକ୍ ଭାବେ ଗଢ଼ି ତୋଳିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଲାୟନ୍ସ ଜୟନ୍ତୀ ବେହେରା, ଲାୟନ୍ସ ଅମରଦୀପ ସିଂ, ଲାୟନ୍ସ କିଶନ ଲାଲ ଅଗ୍ରୱାଲ, ଲାୟନ୍ସ ବିକାଶ ଅଗ୍ରୱାଲ ଯୋଗଦେଇ ଶିଶୁ ମାନଙ୍କୁ ଉପହାର ପ୍ରଦାନ କରିଥିଲେ। ଶିଶୁ ମାନଙ୍କ ମନୋରଞ୍ଜନ ପାଇଁ ସାଗରିକା ବରର୍ତ୍ତି, କୌଶଲ୍ୟା ନିରାଲା ଓ ନିମିଷା ସାହୁ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ସମ୍ପାଦକ ଶ୍ରୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

**ବରଗଡ଼:** ସୂର୍ଯ୍ୟଶ୍ରୀ ଟିନିଟି ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଏକାଡେମି ଆଡଭାଇଜର ବ୍ରଜେନ୍ଦ ମହାପାତ୍ର ଶିଶୁ ଦିବସର ତାତ୍ପର୍ଯ୍ୟ ଉପରେ ଶିଶୁମାନଙ୍କୁ ବୁଝାଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସୌଦଗର କୌର ଶିଶୁ ମାନଙ୍କୁ କର୍ମଠ ତଥା ଉଚ୍ଚ ଅଭିଳାଶ ରଖି ପାଠ ପଢ଼ିବା ପାଇଁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଶିଶୁ ମାନଙ୍କ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଶଷଣ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଶେଷରେ ବିଦ୍ୟାଳୟର ଶିକ୍ଷକ ଦେବାଶିଷ ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ।





**ବରଗଡ଼:** ବରଗଡ଼ ଜିଲ୍ଲା କୌଟିଲ୍ୟ ଗ୍ଲୋବାଲ ସ୍କୁଲରେ ଧୁମଧାମରେ ଶିଶୁଦିବସ ପାଳିତ ହୋଇ ଯାଇଛି। ଶିକ୍ଷୟିତ୍ରୀ କମଳିନୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ






ମୁଖ୍ୟ ଅତିଥି ଭାବେ ଆଇନଜୀବୀ ତଥା ଶିକ୍ଷାନୁଷ୍ଠାନର ଆଇନ ପରାମର୍ଶ ଦାତା ଆଶୁତୋଷ ରଥ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲରେ ସଙ୍ଗୀତ ଏବଂ ଫେନସି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଥିରେ ଯେଉଁ ଛାତ୍ରଛାତ୍ରୀ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଂଶଗ୍ରହଣ କରିଥିଲେ ତାଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷୟିତ୍ରୀ ସମିଆ ଆରା, ଶ୍ରୀପ୍ତା ସିଂ, ପ୍ରିୟା ନାୟକ, ଲିପିକା ବିଭାର ପ୍ରମୁଖ ସହଯୋଗ କରିଥିବା ବେଳେ କ୍ରେୟାର ଟେକର ଭଞ୍ଜ ସେଠ, ଅର୍ଚ୍ଚନା ଅଦାବର, ରୀନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ପଦ୍ମପୁର:** ପଦ୍ମପୁର ଶାନ୍ତି ନଗର ଅଦିତି ବିହାର ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଠାରେ ଶିଶୁ ଦିବସ ପାଳିତ ହୋଇଯାଇଛି। ପ୍ରୀତିରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଶାସକ ଭରତ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ଥାନୀୟ ସ୍ୱଚ୍ଛତା ଅଧିକାରୀ ଦୀନବନ୍ଧୁ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କୌତୁକିଆ ପୋଷାକ ପ୍ରତିଯୋଗିତାରେ କଷ୍ଟ୍ୟୁମ ଡିଜାଇନର ମନୋରଞ୍ଜନ ସାହୁ ସମ୍ମାନିତ ଅତିଥି ତଥା ବିଚାରକ ଭାବେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନକୁ ମୂଲ୍ୟାଙ୍କନ କରି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଅଧାକ୍ଷା ଆହ୍ଲାଦିନୀ ଦଲାଇ ଧନ୍ୟବାଦ ଅର୍ପଣ କରିଥିଲେ।

**ଅତାବିରା:** ଅତାବିରା ବ୍ଲକ ଅନ୍ତର୍ଗତ ବାବେବିରା ଉଚ୍ଚ ବିଦ୍ୟାଳୟରେ ମଙ୍ଗଳ ମୂର୍ତ୍ତୀ ସିଦ୍ଧ ତରଫରୁ ଶିଶୁ ଦିବସ ପାଳିତ ହୋଇଯାଇଛି। ଏଥିରେ ସଭାପତି ଭାବେ ଦିବାକର ପଧାନ, ମୁଖ୍ୟ ଅତିଥି ନିରଜ ମିତ୍ତଲ, ସମ୍ମାନିତ ଅତିଥି ସତୀଶ ମିତ୍ତଲ, ସମ୍ମାନିତ ଅତିଥି ଭାବେ ନିମାଇଁ ଚରଣ ପଧାନ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାଗତ ଭାଷଣ ରଖିଥିଲେ ବିକାଶ ନାଏକ, ସଭା ପରିଚାଳନା କରିଥିଲେ ଅମୃତ ବାରିକ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସୌମ୍ୟରଞ୍ଜନ ନାଏକ।

**ଝାରବନ୍ଧ:** ଶ୍ରୀ ଅରବିନ୍ଦପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ଝାରବନ୍ଧ ଠାରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଶିଶୁମାନଙ୍କ ଦ୍ୱାରା ଭାଷଣ ଓ ଗୀତ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷାକେନ୍ଦ୍ରର ନମିତା ଅପା, ହେମକାନ୍ତି ଅପା ଓ କଲ୍ୟାଣି ଅପା ଶିଶୁମାନଙ୍କୁ ଭବିଶ୍ୟତସ୍ୱପ୍ନ, ନୈତିକତାର ମୂଲ୍ୟ ବୋଧ, ଜନ୍ମ ଦିନର ଉଦ୍ଦେଶ୍ୟ ଉପରେ ପ୍ରେରଣା ପ୍ରଦାନ କରିଥିଲେ। ସଭାକାର୍ଯ୍ୟକୁ ଯଶୋବନ୍ତି ଅପା ପରିଚାଳନା କରିଥିଲେ। ଶେଷରେ ଦୁଇ ମିନିଟ ନିରବ ପ୍ରାର୍ଥନା କରି ଧନ୍ୟବାଦ ସହ ସଭାକାର୍ଯ୍ୟ ଜୟନ୍ତ ଭାଇ ସାଙ୍ଗ କରିଥିଲେ।

## ଲିଟିଲ ଆଞ୍ଜେଲସ ପବ୍ଲିକ ସ୍କୁଲରେ ‘ଉଡାନ’ ଉତ୍ସବ

**ବରପାଲି, ୧୫ା୧୧(ସମିସ):** ବରପାଲି ଲିଟିଲ ଆଞ୍ଜେଲସ ପବ୍ଲିକ ସ୍କୁଲ ପରିସରରେ ବିଦ୍ୟାଳୟର ୨୫ବର୍ଷ ପୂର୍ତ୍ତି ଅବସରରେ ଉଡାନ୍ ମହୋତ୍ସବ ୨୦୨୫ ଓ ଶିଶୁ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ ଓ ସଭାପତି ଡ.ସୁବ୍ରତ ମୁଣ୍ଡ ବିଦ୍ୟାଳୟ ପ୍ରତିଷ୍ଠାତା ସର୍ଗତ ଡ.ଧୀରେନ୍ଦ୍ର ନାଥ ମୁଣ୍ଡଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ମାଧ୍ୟମରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ ଆୟୋଜିତ କ୍ଲବ୍ ପ୍ରଦର୍ଶନୀ, ଗେମ ଓ ଫୁଡ୍ ଷ୍ଟଲ ମାନଙ୍କର ଶୁଭାରମ୍ଭ କରାଯାଇଥିଲା। ଉଡାନ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥିରୂପେ ବହୁମୁଖୀ ପ୍ରତିଭାର ଅଧିକାରିଣୀ ବୈଷ୍ଣବୀ ରଣା ଯୋଗ ଦେଇଥିଲେ। ଛାତ୍ରୀ ଶ୍ରଦ୍ଧା ସୁମନ ଦୀପଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସ୍ୱାଗତ ସମ୍ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କଲା ପରେ ପ୍ରିୟାଂଶୁ ପ୍ରୀତମ ତ୍ରିପାଠୀ ଚାଚା ନେହେରୁଙ୍କ ସମ୍ପର୍କରେ ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶିକା ବିଶିଷ୍ଟ ଅତିଥିଙ୍କୁ ମାନପତ୍ର ଓ ଉପହାର ପ୍ରଦାନ କରିଥିଲେ। ପରେ ବିଦ୍ୟାଳୟର ପ୍ରି ନର୍ସରୀରୁ ପଞ୍ଚମ ଶ୍ରେଣୀର ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟର କଳା, ବିଜ୍ଞାନ, ସାହିତ୍ୟ ଓ ଇକୋ କ୍ଲବ୍ ଦ୍ୱାରା ପ୍ରଦର୍ଶନୀର ଆୟୋଜନ କରାଯାଇଥିବା ବେଳେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମିଳିତ ଉଦ୍ୟମରେ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଫନ୍ ଫେୟାର ଅନୁଷ୍ଠିତ ହୋଇଥିଲା। ଗତ ଦୁଇବର୍ଷ ଧରି ବିଦ୍ୟାଳୟର ପୁରାତନ ଛାତ୍ର କୁଳଦୀପ ଆନନ୍ଦଙ୍କ ଆବିଷ୍କାର ଉଡାନ ପେ ମାଧ୍ୟମରେ ବିଦ୍ୟାଳୟର ଛାତ୍ରଛାତ୍ରୀ କ୍ରେତା ଓ ବିକ୍ରେତା ସାଜି ସୁରୁଖୁରୁରେ ନିଜ କାର୍ଯ୍ୟ କରିପାରୁଛନ୍ତି। କାର୍ଯ୍ୟକ୍ରମରେ ମଧୁସ୍ମିତା ମୁଣ୍ଡ, ସୁଶୀଳ ରଥ, ମିନତି ପ୍ରଧାନ, ମୃତ୍ୟୁଞ୍ଜୟ ସାହୁ, ରୋହିତ୍‌ରୟଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ସରୋଜ ଥନାପତି, ତୃଷ୍ଣାମୟୀ ଡନସନା, ସସ୍ମିତା ଗହିର, ରାନୀ ଦଲାଇ, ଗୋପାଳ ନାଗ, ଇତିସ୍ମିତା ମହାଣା, ସଞ୍ଜୁ ସାହୁ, ବଶିଷ୍ଠ ବନ୍ଧୁକୀଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ ଓ ପରିବେଷଣ କରାଯାଇଥିଲା।

## ‘ଖେଲୋ କ୍ରିଷ୍ଣା ବିକାଶ’ ଉଦ୍‌ଯାପିତ



**ବରଗଡ଼, ୧୫ା୧୧(ସମିସ):** କ୍ରିଷ୍ଣା ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ ବରଗଡ଼ର ବିରାଟ କୋହଲି କ୍ରିକେଟ ଷ୍ଟାଡିୟମ୍ ଠାରେ ୬ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଉତ୍ସବ ‘ଖେଲୋ କ୍ରିଷ୍ଣା ବିକାଶ’ ମହାସମାରୋହ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କ୍ରିଷ୍ଣା ବିକାଶ ଗ୍ରୁପ ଅଧୀନ ବରଗଡ଼ ସ୍ଥିତ ୫ଟି ବିଦ୍ୟାଳୟର ୨୫ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଶିଶୁ ଦିବସ ଅବସରରେ ଛାତ୍ରଛାତ୍ରୀ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତାବିରା ତହସିଲଦାର କେରିଚି (ଓଏଏସ) ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରିଷ୍ଣା ବିକାଶ ଗ୍ରୁପ ଅଫ୍ ମଲ୍ଟି ସ୍ପେଶାଲିଟି ହସ୍‌ପିଟାଲ୍ସର ସିଇଓ ଡ. ସିଏଚ୍ ରବି ମଞ୍ଚାସୀନ ଥିଲେ। ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଖେଲୋ କ୍ରିଷ୍ଣା ବିକାଶ କାର୍ଯ୍ୟକ୍ରମର ବିଶଦ୍ ବିବରଣୀ ପ୍ରଦାନ କରିଥିଲେ। କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିଗଣ ମେଡାଲ୍ ପ୍ରଦାନ କରି ସମ୍ମାନିତ କରିଥିଲେ। ମୁଖ୍ୟ ଅତିଥି କେରିଚି ଓ ଡସିଏଚ୍ ରବି କ୍ରୀଡା ମଶାଲକୁ ନିର୍ବାପିତ କରି ଖେଲୋ କ୍ରିଷ୍ଣା ବିକାଶ କାର୍ଯ୍ୟକ୍ରମର ପରିସମାପ୍ତି ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଡ.ମନୋଜ ତ୍ରିପାଠୀ, ଉପାଧ୍ୟକ୍ଷ ପ୍ରଦୀପ ସାହୁ, ଆଡ୍‌ମିଷ୍ଟେଟର କାନ୍ତାରାଓ ମୁଖ୍ୟ କ୍ରୀଡା ପ୍ରଶିକ୍ଷକ ପିତାମ୍ବର ପ୍ରଧାନ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ବିକାଶ ଆବାସିକ ବିଦ୍ୟାଳୟର ସିନିଅର ସେକେଣ୍ଡାରୀ ଅଧ୍ୟକ୍ଷ ଚିତରଞ୍ଜନ ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜସ୍ୱ ଅଧିକାରୀ କର୍ମଶାଳା ଉଦ୍‌ଘାଟିତ

**ସମ୍ବଲପୁର, ୧୫ା୧୧ (ସମିସ) :** ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନ ଅନ୍ତର୍ଗତ ରାଜସ୍ୱ ଅଧିକାରୀଙ୍କ ଦୁଇଦିନିଆ କର୍ମଶାଳା ଆଜି ପୂର୍ବାହ୍ଣରେ ଏକ ଘରୋଇ ହୋଟେଲରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଉତ୍ତରାଞ୍ଚଳ ଆର୍‌ଡିସି ଅନ୍ତର୍ଗତ ୧୨ଟି ଜିଲ୍ଲାର ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ତହସିଲଦାର, ରାଜସ୍ୱ ଅଧିକାରୀ ପ୍ରମୁଖ ଅଂଶଗ୍ରହଣ କରୁଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ ରାଜସ୍ୱ ସେବା ରାଜ୍ୟରୁ ଆରମ୍ଭ କରି ଗ୍ରାମସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ଆମକୁ ନିରନ୍ତର ଭାବରେ କାର୍ଯ୍ୟ କରିବାକୁ ହେବ। ରାଜସ୍ୱ ଆଇନ କେତେଦୂର ଠିକ ଭାବରେ କାର୍ଯ୍ୟକାରୀ ହେଉଛି ସେ ସମ୍ପର୍କରେ ସମୀକ୍ଷା କରିବା ଦରକାର, ଯଦି ହେଉନାହିଁ ତା’ର କାରଣ ସମ୍ପର୍କରେ ତର୍ଜମାର ଆବଶ୍ୟକତା ରହିଛି। ଜନସାଧାରଣଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ସହ ତୁରନ୍ତ ସେବା ଓ ଉପଯୁକ୍ତ ନ୍ୟାୟ ପ୍ରଦାନ ଦିଗରେ ସଚେତନ ରହି କାର୍ଯ୍ୟ କରିବାକୁ ପଡ଼ିବ। ରାଜସ୍ୱ ସେବା ଲୋକଙ୍କୁ କିପରି ପ୍ରଦାନ କରାଯାଉଛି, ସେଥିରେ ପରିବର୍ତ୍ତନ ଆଣିବାର ସମୟ ଆସିଛି ସେଥିପାଇଁ ଆଧୁନିକରଣ ଦିଗରେ କାର୍ଯ୍ୟ କରିବା ପାଇଁ ରାଜସ୍ୱ ମନ୍ତ୍ରୀ କହିଥିଲେ।

ଏହି ଅବସରରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଧବ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାଧାରଣ ପ୍ରଶାସନ ଓ ଜନଅଭିଯୋଗ ବିଭାଗର ଅତିରିକ୍ତ ସଚିବ ମାନସ ରଞ୍ଜନ ସାମଲ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଯୁଗ୍ମ ସଚିବ ପ୍ରଦୀପ କୁମାର ସାହୁ ଏବଂ ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଛାୱାନ୍ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲୋଚନା କରିଥିଲେ। ତନ୍ମଧ୍ୟରେ ସରକାରୀ ଜମି ସ୍ଥାପନ ସମେତ ସାମ୍ପ୍ରତିକ ନିର୍ଦ୍ଦେଶାବଳୀ ଅନୁଯାୟୀ ପରିବାର ଏବଂ ଅନୁଷ୍ଠାନ / ସଂଗଠନ ସହିତ ସରକାରୀ ଜମି ବନ୍ଦୋବସ୍ତ, ନଜୁଲ / ଖସମହଲ ଜମିସମସ୍ୟାର ସମାଧାନ, ଓଏଲ୍‌ପିଇ ଏବଂ ଓଡ଼ିଶା ପବ୍ଲିକ ପ୍ରିମାଇସେସ୍ ଆକ୍ଟ ୧୯୭୨ ଅନୁସାରେ ଅଣଧିକୃତ ଦଖଲ ହଟାଇବା ଆଦି ରହିଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ସଚିବ ଅମିୟ କୁମାର ସାହୁ ଏବଂ ସୁରଞ୍ଜନ ପ୍ରଧାନ ରାଜସ୍ୱ ବିଭାଗର କାର୍ଯ୍ୟକଳାପରେ ଡିଜିଟାଲ ଆପ୍ଲିକେସନ୍‌ର ବ୍ୟବହାର, ଓଆର୍‌ଟିପିଏସ୍, ଓଏଲ୍‌ଆର୍ ଆଇନର ଧାରା ୮-କ ଅନୁଯାୟୀ କୃଷି ଜମିର ପରିବର୍ତ୍ତନ, ଜଳାଶୟ କିସମ୍ ଜମି ସୁରକ୍ଷା ବିଷୟରେ ଆଲୋଚନା କରିଥିବା ବେଳେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡଃ କମଲ ଲୋଚନ ମିଶ୍ର ଓ ସିଦ୍ଧାର୍ଥ ଶଙ୍କର ଆଚାର୍ଯ୍ୟ ବିପର୍ଯ୍ୟୟ ଯଥା ବନ୍ୟା, ବାତ୍ୟା, ମରୁଡ଼ି ପରିସ୍ଥିତି ପରିଚାଳନା, ଡିଏଏମ୍‌ପିଏସ୍ ମାଧ୍ୟମରେ ମନିଟରିଂ, ଫସଲ କାଟିବା, ଇନପୁଟ୍ ସବସିଡି ଫସଲ ବୀମା ବଣ୍ଟନ ଏବଂ ଡିଜିଟାଲ କ୍ରପ ସର୍ଭେ ଇତ୍ୟାଦି ଉପରେ ଏବଂ ରାଜସ୍ୱ ପରିଚାଳନା ବିଭାଗର ଅତିରିକ୍ତ ସଚିବ ଦିଗନ୍ତ ରାଉତରାୟ ଏବଂ ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନର ଉପନିର୍ଦ୍ଦେଶକ ପରୀକ୍ଷିତ ଦାଶ ବିବିଧ ପ୍ରମାଣପତ୍ର ନିୟମ, ଜାତି ପ୍ରମାଣପତ୍ର ନିୟମ ଅନୁଯାୟୀ ଜାତି ପ୍ରମାଣପତ୍ର ପ୍ରଦାନ ଏବଂ ନକଲି ଜାତି ପ୍ରମାଣପତ୍ର ସମ୍ବନ୍ଧୀୟ ସମସ୍ୟା ଉପରେ ଆଲୋଚନା କରିଥିଲେ। ଦେବଗଡ଼ ଜିଲ୍ଲାପାଳ କବିନ୍ଦ୍ର ସାହୁ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଯୁଗ୍ମ ସଚିବ ପ୍ରଦୀପ କୁମାର ସାହୁ ସୀମା ପରିବର୍ତ୍ତନ ପ୍ରକ୍ରିୟା, ହାଇଟେକ୍ ସର୍ଭେ, ଭୂ-ନକ୍ସା କାଡାଷ୍ଟ୍ରାଲ୍ ମାନଚିତ୍ରର ଡିଜିଟାଇଜେସନ୍ ବିଷୟରେ ଆଲୋଚନା କରିଥିବାବେଳେ ଏଫ୍‌ଏନଆଇସି, ଭୁବନେଶ୍ୱର ଜାଗେଶ୍ୱର ସାହୁ, ଯୁଗ୍ମ ସଚିବ ପ୍ରଦୀପ ସାହୁ ଏବଂ ପଦମପୁର ଉପଜିଲ୍ଲାପାଳ ଅର୍ଗ୍ଗୁଲା ସ୍ନେହା ରାଜସ୍ୱ ପ୍ରଶାସନିକ ବ୍ୟବସ୍ଥାରେ ଆଇଟିର ବ୍ୟବହାର, ଏଲ୍‌ଆର୍‌ଏମ୍‌ଏସ୍, ସିସିଏମ୍‌ଏସ୍ / ଆର୍‌ସିସିଏମ୍‌ଏସ୍, ଅନ୍ୟାନ୍ୟ ଇ-ଗଭର୍ଣ୍ଣାନ୍ସ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ଝାରସୁଗୁଡ଼ା ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଭୂମିରେକର୍ଡ ପ୍ରସ୍ତୁତି ଏବଂ ରକ୍ଷଣାବେକ୍ଷଣ, ସ୍ତମ୍ଭ-୨ ଉପରେ ଗୁରୁତ୍ୱ ଦେଇ ପରିବର୍ତ୍ତନ ଏବଂ ଆରଡିସିର ଅବସରପ୍ରାପ୍ତ ପୂର୍ବତନ ସଚିବ ସୁକାନ୍ତ ତ୍ରିପାଠୀ ତହସିଲଦାରମାନଙ୍କ ଦ୍ୱାରା ଆର୍‌ପି ମାମଲା ପାଇଁ ରିପୋର୍ଟ ଦାଖଲ ଏବଂ ସଂଶୋଧନ ଅଦାଲତର ନିର୍ଦ୍ଦେଶ ପାଳନ ବିଷୟ ଉପରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଶେଷରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ବୀର୍ସା ମୁଣ୍ଡା ଜୟନ୍ତୀ










### ସମ୍ବଲପୁର ସଂଗ୍ରାମ ସମିତି

**ସମ୍ବଲପୁର, ୧୫ା୧୧ (ସମିସ)**

ଜଳ, ଜଙ୍ଗଲ, ଜମିର ରକ୍ଷକ, ଆଦିବାସୀ ଅସ୍ମିତା, ଜନଜାତୀୟ ହକ୍ ଓ ଅଧିକାର ଲାଗି ଲଢ଼େଇ କରିଥିବା ମହାନ କ୍ରାନ୍ତିକାରୀ ‘ଧରତୀ ଆବା’ ବୀର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ସମ୍ବଲପୁରର ଅଇଁଠାପାଲି ବିର୍ସା ମୁଣ୍ଡା ଛକ ଠାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଆଦିବାସୀ ନେତ୍ରୀ ପୂର୍ବତନ ଉପାଧ୍ୟକ୍ଷା ରାକ୍ଷୀ ମୁଣ୍ଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ‘ସମ୍ବଲପୁର ସଂଗ୍ରାମ ସମିତି’ର ମୁଖ୍ୟ ପୃଷ୍ଠପୋଷକ ଓ ଉପଦେଷ୍ଟା ଇଂ. ସିଦ୍ଧାର୍ଥ ଦାସ, ସମ୍ବଲପୁର ମହାନଗର ନିଗମର ଅତିରିକ୍ତ ଆୟୁକ୍ତ ସରୋଜିନୀ ପ୍ରସନ୍ନ କୁଲ୍ଲୁ, ଡେପୁଟି କମିଶନର ହରିଓମ ଭୋଇ, ଡେପୁଟି କମିଶନର ଏସଏମସି ଭିକ୍ଟର ସୋରେନ ପ୍ରମୁଖ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଂଗ୍ରାମ ସମିତିର ସାଧାରଣ ସମ୍ପାଦକ ଇଂ. ଦୀନେଶ ସେଠ, ମାୟାଧର ଜେନା, ସୌରୀ ପାଣିଗ୍ରାହୀ, ଜୁପୁନା ପ୍ରଦୋଷ ମହାନ୍ତି, ଭରତ ସୁନା, ସୁରିବାବୁ ମେହେର, ସରୋଜ ସାହୁ, ବେଣୁଧର ଦାଶ, ଗିରିଧାରୀ ମୁଣ୍ଡା, ସହଦେବ ମୁଣ୍ଡା, ଅଞ୍ଜନୀ ମୁଣ୍ଡା, ପ୍ରମିଳା ମୁଣ୍ଡା, ଶୁଭମ ମୁଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସୁମିତ ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ବୁଢ଼ାରଜା ସରକାରୀ ହାଇସ୍କୁଲ

ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ଜନଜାତି ଗୌରବ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ପତ୍ରୀଙ୍କ ଅଧ୍ୟକ୍ଷତାରେ ସଂଗ୍ରାମୀ ବୀର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଶିକ୍ଷକ ଦୀପକ ଓରାମ ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ନିଜ ବକ୍ତବ୍ୟ ମାଧ୍ୟମରେ ବିର୍ସା ମୁଣ୍ଡାଙ୍କ ବୀରତ୍ୱର ଗାଥା ବର୍ଣ୍ଣନା କରିବା ସହିତ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ପଙ୍କଜିନୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଜନଜାତି ଗୌରବ ଦିବସ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।

### ପଶ୍ଚିମ ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘ

ପଶ୍ଚିମ ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘ ପକ୍ଷରୁ ସ୍ଥାନୀୟ ଅଇଁଠାପାଲି ଛକରେ ମହାନ୍ କ୍ରାନ୍ତିକାରୀ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବ୍ରିଟିଶ ସମ୍ରାଜ୍ୟବାଦ ବିରୋଧରେ ଆଦିବାସୀଙ୍କ ଜଙ୍ଗଲ ଓ ଜମି ଉପରେ ଅଧିକାର ତଥା ଜନଜାତୀୟ ସଂସ୍କୃତି ଓ ପରମ୍ପରାର ସୁରକ୍ଷା ପାଇଁ ସାଲିସ ବିହୀନ ସଂଗ୍ରାମ କରିଥିବା ମହାନ୍ ସଂଗ୍ରାମୀ ବୀର ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମହାସଂଘ ସଭାପତି କିଶୋର ମୁଣ୍ଡାଙ୍କ ନେତୃତ୍ୱରେ ବହୁ ସାମାଜିକ ଅନୁଷ୍ଠାନ ତଥା ମାନ୍ୟଗଣ୍ୟ ବ୍ୟକ୍ତି ମାଲ୍ୟାର୍ପଣ କରିଥିଲେ। ସମ୍ବଲପୁର ବିଚାର ମଞ୍ଚର ଆବାହକ ବେଣୁଧର ଦାସ, ପୂର୍ବତନ ସମ୍ବଲପୁର ମ୍ୟୁନିସିପାଲିଟି ଚେୟାରମେନ ରୀନା ତ୍ରୀବେଦୀ, ମହାନଗର ନିଗମ ଡେପୁଟି କମିଶନର ସରୋଜିନୀ କୁଲ୍ଲୁ, ବିଜେଡିର ବରିଷ୍ଠ ନେତା ସୁରୁବାବୁ ମେହେର ପ୍ରମୁଖ ବୀର ବିର୍ସା ମୁଣ୍ଡାଙ୍କ ସାମ୍ରାଜ୍ୟବାଦ ଓ ସାମନ୍ତବାଦ ବିରୋଧରେ ସଂଗ୍ରାମର ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ଶୀତଳଷଷ୍ଠୀ ଯାତ୍ରା ମିଳିତ କ୍ରିୟାନୁଷ୍ଠାନ କମିଟିର କାର୍ଯ୍ୟକାରୀ ସଭାପତି ଅମୂଲ୍ୟ ମିଶ୍ର, ସମ୍ବଲପୁର ବିଚାର ମଞ୍ଚର ଯୁଗ୍ମ ଆବାହକ ଦୁର୍ଗା ମାଧବ ମିଶ୍ର, ଦୋସ୍ତ ସଭାପତି ସୌରଭ ରଞ୍ଜନ ମହାପାତ୍ର, ବିଜେଡି ଜିଲ୍ଲା ସମ୍ପାଦକ ପ୍ରଦୋଷ ମହାନ୍ତି, ଅନିତା ଓରାମ, ସୀତା ସାହୁ, ସୁମି ମୁଣ୍ଡା, ସୌରୀ ପାଣିଗ୍ରାହୀ, ଶକୁନ୍ତଳା ମହାପାତ୍ର, ଆଶିଷ କୁଅଁର, ଗଜରାଜ ମୁଣ୍ଡା, ବିବେକ ମୁଣ୍ଡା, ଅର୍ପିତା ରାଜହଂସ, ଭୁବନ ମୁଣ୍ଡା, ଆନନ୍ଦ ବଡଗୟାଁ, ସ୍ୱାଧିନ ନାଏକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ

ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ତଥା ଆଦିବାସୀଙ୍କ ଭଗବାନ ଧରତୀଆବା ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ସ୍ଥାନୀୟ ସାମ୍ବାଦିକ ଭବନରେ ସଭାପତି ନିହାଲ ସିଂଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି। ମୁଖ୍ୟ ଉପଦେଷ୍ଟା ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଳ, ମୁଖ୍ୟ ଅତିଥି ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ଏସିଏସଟି କର୍ମଚାରୀ ସଙ୍ଘର ଉପ ସଭାପତି ଶିବଶଙ୍କର ପ୍ରଧାନ, ମୁଖ୍ୟବକ୍ତା ସେବା ସାମାଜିକ ଅନୁଷ୍ଠାର ଉପଦେଷ୍ଟା ଆର୍ତତ୍ରାଣ ଚାନ୍ଦ, ସମ୍ମାନିତ ଅତିଥି ଗଣ୍ଡା ସମାଜ କଲ୍ୟାଣ ପରିଷଦ ସଂଗଠନର ସମ୍ପାଦକ ପୁରୁନ୍ଦର ସୁନା, ରୁପାଞ୍ଜଳି ରନବିଡା, ଭାଗିରଥି ପଣ୍ଡା, ପ୍ରମୁଖ ବିର୍ସା ମୁଣ୍ଡାଙ୍କ ଦେଶ ବଳିଦାନ ଉପରେ ସ୍ମୃତି ଚାରଣ କରିଥିଲେ। ଶେଷରେ ମହା ସଚିବ ମମିନା ଖାତୁନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### କୁଚିଣ୍ଡା ଆଦିବାସୀ ଏକତା ମଞ୍ଚ

**କୁଚିଣ୍ଡା:** କୁଚିଣ୍ଡା ଟାଉନ ହଲରେ କୁଚିଣ୍ଡା ଆଦିବାସୀ ଏକତା ମଞ୍ଚ ପକ୍ଷରୁ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଛି। ମଞ୍ଚର ସଭାପତି ଗଜେନ୍ଦ୍ର ଭୋଇଙ୍କ ନେତୃତ୍ୱରେ ସମଲେଇ ମନ୍ଦିରରୁ ଶୋଭାଯାତ୍ରାରେ ବାହାରି ମନ୍ଦିର ଛକ, ପଞ୍ଚମୁଖୀ ଛକ, ପୁରୁଣା ବସଷ୍ଟାଣ୍ଡ, ରାଜୀବ ଗାନ୍ଧୀ ଛକ, ପଦ୍ମଲୋଚନ ବିଲଡିଂ ଛକ ଦେଇ ଟାଉନ ହଲରେ ପହଞ୍ଚିଥିଲା ସେଠାରେ ସଭାପତି ଗଜେନ୍ଦ୍ର ଭୋଇଙ୍କ ସଭାପତିତ୍ୱ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।ମୁଖ୍ୟଅତିଥି ରୂପେ ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ନାଏକ, ମୁଖ୍ୟବକ୍ତା ଭାବେ ତେଲକୋଇର ପୂର୍ବତନ ବିଧାୟକ ଧନଞ୍ଜୟ ସିଦ୍ଧୁ, ସମ୍ମାନିତ ଅତିଥି ଭାବେ ଜନ ଅଧିକାର କଲ୍ୟାଣ ସଂଘ ରାଜ୍ୟ ସମ୍ପାଦକ ବିଜୟ ପରିଡ଼ା, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିସାନ, ଅବସର ପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବାର ଯତୀଶ ମହାନ୍ତି, ଦଳିତ ମହାସଭାର ରାଜ୍ୟ ସଭାପତି ଅଶୋକ ମଲ୍ଲିକ, ଦିଲ୍ଲୀର ଦଳିତ ନେତା ରାହୁଲ ମାନବ ପ୍ରମୁଖ ଯୋଗ ଦେଇ ଜଙ୍ଗଲ ଜମି ଓ ଜଳ ସମ୍ପୂର୍ଣ୍ଣ ରୂପେ ଆଦିବାସୀଙ୍କ ଅଧିକାରକୁ ନେଇ ବକ୍ତବ୍ୟ ରଖିଥିଲେ। ସଭାକୁ ଅନୁସୂଚିତ ଜାତି ସଂଗଠନର ନେତା ଲିଙ୍ଗରାଜ ବାଘ ପରିଚାଳନା କରିଥିଲେ ବେଳେ ପ୍ରଶନ୍ନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାର ସିନିୟର ମେଡ଼ିସିନ ସ୍ପେଶାଲିଷ୍ଟ ଡ.ସତ୍ୟ ପ୍ରକାଶ ଦୋରା ଏବଂ ସେବିକା ନୀନା ପଟେଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା କାର୍ଯ୍ୟକୁ ପର୍ଶୁରାମ ମାଝୀ, ସାଧୁଚରଣ ମାଝୀ, ପ୍ରୋମଦ ରୋହିଦାସ, ସୁବ୍ରତ କାଉ, ନରେଶ ବଲୁଆ, ସାମା ମାଝୀ, ଶୁଶିଲ ମାଝୀ ସମ୍ପାଦନ କରିଥିଲେ।

### ଭୀମଭୋଇ ମହାବିଦ୍ୟାଳୟ

**ରେଢ଼ାଖୋଲ:** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଭୀମଭୋଇ ମହାବିଦ୍ୟାଳୟରେ ବୀର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଜନ ଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ଅମୂଲ୍ୟ କୃଷ୍ଣ ପାଢ଼ୀ ଅଧ୍ୟକ୍ଷତା କରି ଜନଜାତି ସମ୍ପ୍ରଦାୟର ଗୌରବମୟ ସଂସ୍କୃତି, ପାରମ୍ପରିକତା ଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅମର ବଳିଦାନକୁ ସମ୍ମାନ ଏବଂ ଗର୍ବ ଅନୁଭବ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପିକା ମମତା ମହାପାତ୍ର, ପ୍ରାଧ୍ୟାପକ ଅରୁଣ କୁମାର ଶାସନୀ, ଡ.ମନୋରଞ୍ଜନ ମହନ୍ତ, ଅଧ୍ୟାପକ ସୁଶାନ୍ତ ନନ୍ଦ, ଡ.ବିରଞ୍ଚି ଖଡିଆ, ଡ.ଦିବ୍ୟ ଲୋଚନ ରାଉତ, ଡ.ଭୋଜରାଜ ପ୍ରମୁଖ ଜନଜାତି ଗୌରବ ଦିବସର ପ୍ରାସଙ୍ଗିକତା ଓ ଇତିହାସର ସେହି ଗରୀମାମୟ ସ୍ମୃତି ଚାରଣ କରିଥିଲେ। ସେହିପରି ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଆଶୁତୋଷ ପଣ୍ଡା ବୀର୍ସା ମୁଣ୍ଡାଙ୍କ ଆଦର୍ଶ ଆମ ସମସ୍ତଙ୍କ ପାଇଁ ଅନୁପ୍ରାଣିତ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

**ବିଦ୍ୟାଳୟରେ ରହୁନାହାନ୍ତି ଶିକ୍ଷକ, ୫ ଧରା ପଡ଼ିଲେ**

# ଦିନକର ଦରମା ବନ୍ଦ ପାଇଁ ନିର୍ଦ୍ଦେଶ

ନୂଆପଡ଼ା, ୧୫ ।୧୧(ସମିସ)

ଗୋଟିଏ ପଟେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପନିର୍ବାଚନ ପରିଚାଳନାରେ ବ୍ୟସ୍ତ ଥିବା ବେଳେ ଏହାର ସୁଯୋଗ ନେଇ ବିଦ୍ୟାଳୟ ଗୁଡିକରେ ଶିକ୍ଷକମାନେ ଜାଣି ଶୁଣି ବିଭିନ୍ନ ବାହାନା କରି ଅନୁପସ୍ଥିତ ରହୁଛନ୍ତି। ଏଭଳି ସ୍ଥିତିରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀଙ୍କ ଅଚାନକ ବିଦ୍ୟାଳୟ ପରିଦର୍ଶନ ବେଳେ ଗୋଟିଏ ବିଦ୍ୟାଳୟର ୫ଜଣ ଶିକ୍ଷକ ଧରା ପଡ଼ିଛନ୍ତି। ଏମାନଙ୍କ ଦିନକର ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ କରାଯାଇଛି। ପ୍ରକାଶ ଯେ ଶନିବାର ଜିଲ୍ଲାର ବିଭିନ୍ନ ବ୍ଲକରେ ପୂର୍ବାହ୍ନ ୧୦ଟାରୁ କ୍ଲାସ ଆରମ୍ଭ ହୋଇଥିଲା। ତେବେ ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀ ଡ.ରେଶମଲାଲ ନାଏକ ବିଦ୍ୟାଳୟ ପରିଦର୍ଶନରେ ବାହାରିଥିଲେ। ତାଙ୍କର ଗସ୍ତ ସମୟରେ ଖଡିଆଳ ବ୍ଲକର ରାନୀମୁଣ୍ଡା, ବଡଦୋହେଲ ବିଦ୍ୟାଳୟ ବୁଲିଥିବା ବେଳେ ଶେଷରେ ଅପରାହ୍ନରେ ବାଦୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛୁଟି ହେବା ପୂର୍ବରୁ ପହଞ୍ଚିଥିଲେ। ସେଠାରେ ପହଞ୍ଚି ମୋଟ ୬ଜଣ ଶିକ୍ଷକଙ୍କ ମଧ୍ୟରୁ ୫ଜଣ ଶିକ୍ଷକ ବିନା ଦରଖାସ୍ତ ମଞ୍ଜୁରୀରେ (ଅନଧିକୃତ)ଅନୁପସ୍ଥିତ ରହିଥିବା ଜାଣିବାକୁ ପାଇଥିଲେ। ଅନୁପସ୍ଥିତ ଥିବା ଶିକ୍ଷକମାନଙ୍କ ଦିନକ ପାଇଁ ଦରମା ବନ୍ଦ କରିବାକୁ ସମ୍ପୃକ୍ତ ଖଡିଆଳ ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ କରିଥିବା ଜଣାପଡ଼ିଛି। ଏହି ଶିକ୍ଷକମାନେ ହେଲେ ସହକାରୀ ଶିକ୍ଷକ ଜଜ୍ଞେସ ଚନ୍ଦ୍ର ଦଣ୍ଡସେନା, ବିଦ୍ୟୁତଲତା ବିଶ୍ୱାଳ, ପଙ୍କଜିନୀ ଟେଣ୍ଡକାର, ଇଶ୍ୱର ଚନ୍ଦ୍ର ଷଣ୍ଢ, ଲକ୍ଷ୍ମୀ ବାଗ। ସୂଚନା ଯୋଗ୍ୟ ଶିଶୁ ଦିବସରେ କୋମନା ବ୍ଲକ ଧରମସାଗର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନଥିବା ବେଳେ ବିଦ୍ୟାଳୟ କ୍ୟାମ୍ପସରେ ଖେଳୁଥିବା ସମୟରେ ଜଣେ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଏହା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏଭଳି ଯଦି ବିଦ୍ୟାଳୟ ଗୁଡିକରେ ଅବସ୍ଥାପିତ ଶିକ୍ଷକଶିକ୍ଷୟିତ୍ରୀମାନେ କର୍ତ୍ତୃପକ୍ଷଙ୍କୁ ନମାନି ଅନୁପସ୍ଥିତ ରହିବେ ତାହେଲେ କୌଣସି ପ୍ରକାର ଅଘଟଣକୁ ଏଡାଇ ଦିଆଯାଇନପାରେ। ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀ ଡ.ନାଏକଙ୍କୁ ପଚାରିବାରୁ ଏହିଭଳି ପ୍ରତିଦିନ ସକାଳ ବେଳା ଆମେ ଜିଲ୍ଲାବ୍ୟାପି ବିଦ୍ୟାଳୟ ଗୁଡିକୁ ପରିଦର୍ଶନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ କରିଛନ୍ତି।



**■ ପାଜିଖମନରେ ହାତୀ ଘର ଭାଙ୍ଗିବା ଘଟଣା**

# ୩ ଅନାଥ ଶିଶୁଙ୍କୁ ଶିକ୍ଷା ସାମଗ୍ରୀ ପ୍ରଦାନ



**ଲାଞ୍ଜିଗଡ଼, ୧୫ ।୧୧ (ସମିସ):** ଲାଞ୍ଜିଗଡ଼ ବ୍ଲକ କାନକୁଟ୍ରୁ ପଞ୍ଚାୟତ ପାଜିଖମନ ଗାଁରେ ରହୁଛନ୍ତି ୩ ଅନାଥ ଶିଶୁ କ୍ରିଷ୍ଣା ମାଝୀ (୧୭), ରମା ମାଝୀ (୭), କିରଣ ମାଝୀ (୫)। ବାପା ନାର୍ଣ୍ଣ ମାଝୀ ୨୦୧୭ରେ କୌଣସି କାରଣରୁ ମୃତ୍ୟୁ ହୋଇଥିବା ବେଳେ ମା' ତେଲ ମାଝୀ ଏବର୍ଷ ଇହଧାମ ତ୍ୟାଗ କରିଛନ୍ତି। ତିନିଜଣ ଶିଶୁ ଭାଗ୍ୟକୁ ଆଦରି ଝାଟିମାଟି କୁଡ଼ିଆରେ ରହୁଥିଲେ। ହେଲେ ଗତ କିଛିଦିନ ତଳେ ହାତୀପଲ ଘରକୁ ସମ୍ପୂର୍ଣ୍ଣ ଛାରଖାର କରିଦେଇଛି। ସେମାନେ ତାଙ୍କର କାକା ପିତାମ୍ବର ମାଝୀଙ୍କ ଘରେ ଆଶ୍ରୟ ନେଉଛନ୍ତି। ଏ ସମ୍ପର୍କରେ ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପରେ ଖବର ପାଇଁ ଖୁସି ଚାରିଟେବୁଲ ଟ୍ରଷ୍ଟର ସଭାପତି ଯଶୋବନ୍ଧ ରଣା, କୋଷାଧକ୍ଷ ଧୀରେନ୍ଦ୍ର ସୁନାନୀ ଓ ନବୀନ ମାଝୀ ପାଜୀଖମାନ ଗାଁକୁ ଯାଇ ଶିଶୁମାନଙ୍କୁ ଭେଟି ସମସ୍ୟା ବିଷୟରେ ଅବଗତ ହୋଇ ଶିକ୍ଷା ପାଇଁ ସ୍କୁଲ ବ୍ୟାଗ, ଖାତା, ପେନସିଲ, କଲମ ପ୍ରଭୃତି ଶିକ୍ଷଣ ସାମଗ୍ରୀ ପ୍ରଦାନ କରିଛନ୍ତି।ଖୁବଶୀଘ୍ର ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀଙ୍କୁ ଭେଟି ଶିଶୁମାନଙ୍କ ଉନ୍ନତ ଶିକ୍ଷା ପାଇଁ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଜିଲ୍ଲା ପ୍ରଶାସନ ସେମାନଙ୍କୁ ରହିବା ପାଇଁ ଘର ଖଣ୍ଡେ ଓ ରେଡ୍‌କ୍ରସ ପାଣ୍ଠିରୁ କିଛି ଆର୍ଥିକ ସହାୟତା ଯୋଗାଇ ଦେବାକୁ ଶ୍ରୀ ରଣା ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି।

# ଟିପିଡବ୍ଲ୍ୟୁଓଡିଏଲ୍‌ର କଳାହାଣ୍ଡି ପଶ୍ଚିମ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଧର୍ମଗଡ଼ ସ୍ଥାନାନ୍ତର

**ଭବାନୀପାଟଣା, ୧୫ ।୧୧ (ସମିସ):** ଟିପିଡବ୍ଲୁଓଡିଏଲ୍‌ର କଳାହାଣ୍ଡି ପଶ୍ଚିମ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟକୁ ଭବାନୀପାଟଣା ଟାଉନସ୍ଥିତ ନାକଟିଗୁଡ଼ାରୁ ଧର୍ମଗଡ଼ ସହରକୁ ସ୍ଥାନାନ୍ତରିତ କରାଯାଇଅଛି। ଧର୍ମଗଡ଼ ସହରର ପଞ୍ଚାୟତ କଲେଜ ରୋଡରେ ଅବସ୍ଥିତ ଡିସିବ ବ୍ୟାଙ୍କ କୋଠାର (ପ୍ରଥମ ମହଲା)ରେ ଟିପିଡବ୍ଲୁଓଡିଏଲର ନୂତନ କଳାହାଣ୍ଡି ପଶ୍ଚିମ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହେବା ସହ କାର୍ଯ୍ୟକ୍ଷମ ହୋଇଛି। କାର୍ଯ୍ୟାଳୟ ସ୍ଥାନାନ୍ତରଣ ସମ୍ପୃକ୍ତ ଅଞ୍ଚଳର ବିଦ୍ୟୁତ୍ ଗ୍ରାହକଙ୍କ ଅଧିକ ନିକଟତର ହେବା ପାଇଁ କମ୍ପାନୀର ଲକ୍ଷ୍ୟକୁ ପ୍ରତିଫଳିତ କରୁଛି ବୋଲି ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ପ୍ରକାଶ କରିଛନ୍ତି। ଧର୍ମଗଡ଼ ସହରକୁ କାର୍ଯ୍ୟାଳୟ ସ୍ଥାନାନ୍ତର ହେବା ଫଳର ଚାରବାହଲ, ଜୟପାଟଣା, ବଡ଼କୁଟ୍ରୁ, କୋକସରା, ଧର୍ମଗଡ଼, ଗୋଲମୁଣ୍ଡା, ଜୁନାଗଡ଼, କଲମପୁର, ଥୁଆମୁଳ ରାମପୁର, ମହୁଲପାଟଣା ଅଞ୍ଚଳ ସହ ଏହାର ଆଖପାଖ ଅଞ୍ଚଳର ପ୍ରାୟ ୨.୨୦ ଲକ୍ଷ ବିଦ୍ୟୁତ୍ ଗ୍ରାହକଙ୍କ ପାଇଁ ସେବା ଉପଲବ୍ଧତା, ଅଭିଯୋଗ ନିବାରଣ ଓ କାର୍ଯ୍ୟାନୁଷ୍ଠାନ ଗତିଶୀଳତା ଅଧିକ ସୁଧାରିତ ହେବ।କଳାହାଣ୍ଡି ଜିଲ୍ଲାର ସମସ୍ତ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ୍ ସେବା, ସୁବିଧା ଓ ସନ୍ତୋଷଜନକ ସେବା ପ୍ରଦାନ କରିବାକୁ କମ୍ପାନୀ ପକ୍ଷରୁ ଭିତ୍ତିଭୂମିକୁ ବିସ୍ତାର ଏବଂ ଉନ୍ନତ କରିବା ପ୍ରକ୍ରିୟା ଜାରିରହିଛି।

# ଦ୍ରୋଣାଚାର୍ଯ୍ୟ ସ୍କୁଲର ବାର୍ଷିକ ଉତ୍ସବ 'ଅସ୍ମିତା' ଉଦ୍‌ଯାପିତ

**କେସିଙ୍ଗା, ୧୫ ।୧୧ (ସମିସ):** କେସିଙ୍ଗା ଦ୍ରୋଣାଚାର୍ଯ୍ୟ ସ୍କୁଲର ବାର୍ଷିକ ଉତ୍ସବ ଅସ୍ମିତା ଉଦ୍‌ଯାପିତ ହୋଇଯାଇଛି।ଉତ୍ସବର ପ୍ରଥମ ଦିନରେ ମୁଖ୍ୟଅତିଥି ଭାବରେ କେସିଙ୍ଗା ବ୍ଲକ ଅଧକ୍ଷ ଚନ୍ଦନ ସେନାପତି ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ କେସିଙ୍ଗା ଥାନା ଅଧିକାରୀ ଜୀତେନ୍ଦ୍ର ବିଶ୍ୱାଳ, କେସିଙ୍ଗା ମହାବିଦ୍ୟାଳୟର ଅଧକ୍ଷ ସୁଶାନ୍ତ ପାଢ଼ୀ, ବରିଷ୍ଠ ସାମ୍ବାଦିକ ତଥା ବିଏସଏର ସଭାପତି ସୁଶାନ୍ତ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ଥିଲେ। ସେହିପରି ଦ୍ୱିତୀୟ ଦିନରେ ମୁଖ୍ୟ ଆକର୍ଷଣ ଥିଲେ ଭାରତୀୟ କ୍ରିକେଟିୟର ରୋହିତ ଶର୍ମାଙ୍କ ଭାଇ ବିଶାଳ ଶର୍ମା। କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ କେନ୍ଦୁପଡ଼ାରେ ଥିବା ଦ୍ରୋଣାଚାର୍ଯ୍ୟ ସ୍କୁଲରେ ପକ୍ଷରୁ କ୍ରିକେଟ କୋଚିଂ ସେଣ୍ଟର ଉଦ୍‌ଘାଟନ କରାଯାଇଛି। ତତ୍ ସହ ବିଦ୍ୟାଳୟରେ ସୁଇମିଙ୍ଗପୁଲ, ବାସ୍କେଟ ବଲ୍, ଲଙ୍ଗ ଟେନିସ ଖେଳ ପାଇଁ ମଧ ନୂତନ ଭାବରେ କୋର୍ଟ ତିଆରି କରାଯାଇଛି।ବିଶାଳ ଶର୍ମାଙ୍କ ଆଗମନକୁ ନେଇ ବିଦ୍ୟାଳୟ ପକ୍ଷରୁ ଅଞ୍ଚଳର ସାମ୍ବାଦିକଙ୍କୁ ନେଇ ସାମ୍ବାଦିକ ସମ୍ମିଳନୀ ଡକାଯାଇଥିଲା। ଏଥିରେ ବିଶାଳ ଶର୍ମା ନିଜ କ୍ରିକେଟ କୋଚିଂ ସେଣ୍ଟର୍‌ର ଦ୍ରୋଣାଚାର୍ଯ୍ୟ ସ୍କୁଲରେ କାହିଁକି ଖୋଲିଲେ ସେହି ବିଷୟରେ ଅବଗତ କରାଇଥିଲେ। କ୍ରିକେଟ କୋଚିଂ ପାଇଁ ଭଲ କୋଚ ସହିତ ଫି କମ ଟଙ୍କା ରହିବ ଓ ଛାତ୍ରୀଙ୍କ ପାଇଁ ୫୦ ପ୍ରତିଶତ ରିହାତି ଘୋଷଣା କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବରେ ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ଭୂପିନ୍ଦର ସିଂ ଯୋଗ ଦେଇଥିବା ବେଳେ ବିଶାଳ ଶର୍ମା, ରୋହିତ ଶର୍ମା ଏକାଡେମୀ ଭାରତର ମୁଖ୍ୟ ଗୁରୁ ରାଜ, ସୁଶାନ୍ତ କୁମାର ପାଢ଼ୀ, ବିଦ୍ୟାଳୟର ଅଧକ୍ଷା ଅର୍ଚ୍ଚନା ଅଗ୍ରୱାଲ, ଜଗଦୀଶ ମଣ୍ଡଳ, ଖ୍ୟାତନାମା କ୍ରିକେଟର ପଙ୍କଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ପଦ୍ମନାଭ ପାଠୀ ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



**ମ.ରାମପୁର, ୧୫ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା ମ. ରାମପୁରସ୍ଥିତ ଦୁର୍ଗାମାଧବ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ ଚନ୍ଦ୍ର ସେଠୀ, ମୁଖ୍ୟବକ୍ତା ଭାବେ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରଭାତ କୁମାର ପରିଡ଼ା, ସମ୍ମାନିତ ଅତିଥି ଭାବେ ତହସିଲଦାର ମୀମାଂସା ସାହୁ, ସରପଞ୍ଚ ବୀଣାପାଣି ସାହୁ, ସାଂସଦ ପ୍ରତିନିଧି ପଦ୍ମଲୋଚନ ମିଶ୍ର, ମତ୍ସ୍ୟ ବିଭାଗ ଅଧିକାରୀ ନାରାୟଣ ଶବର, ରାଜ୍ୟସଭା ସାଂସଦ ପ୍ରତିନିଧି ଦିବାକର ବାଗ, ବିଧାୟକ ପ୍ରତିନିଧି ସତ୍ୟ ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ ଅରୁଣ ସାହୁ, ମ.ରାମପୁର ବ୍ଲକ ପ୍ରଣୀ ସମ୍ପଦ ଅଧିକାରୀ କେଦାରନାଥ ଖମାରି ପ୍ରମୁଖ ଯୋଗଦେଇ ସରକାରଙ୍କ ଚାଷୀମାନଙ୍କ ପାଇଁ ଲୋକଭିମୁଖୀ ଯୋଜନାରେ ଗୋପାଳନ, ଗାଈ, ମଇଁଷି, କୁକୁଡ଼ା ପାଳନ, ମୁଖ୍ୟମନ୍ତ୍ରୀଙ୍କ ପ୍ରାଣୀ କଲ୍ୟାଣ ଯୋଜନାରେ ନୂତନ ଗୋଶାଳା ପାଇଁ ସହାୟତା ସମେତ ମତ୍ସ୍ୟ ଚାଷ ବିଷୟରେ ଆଲୋଚନା କରିଥିଲେ।ଏହି ଅବସରରେ ବିଭିନ୍ନ ଷ୍ଟଲ ଖୋଲାଯାଇଥିଲା। ଅତିଥିମାନେ ଷ୍ଟଲ ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାଣୀ ବିଭାଗ ଏଲଆଇ ସୁଶାନ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରାଣୀସମ୍ପଦ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଖଡିଆଳ ପବ୍ଲିକ୍ ସ୍କୁଲରେ ବିଜ୍ଞାନମେଳା




**ଖଡ଼ିଆଳ, ୧୫ ।୧୧ (ସମିସ):** ନୂଆପଡ଼ା ଜିଲ୍ଲା ଖଡିଆଳସ୍ଥିତ ପବ୍ଲିକସ୍କୁଲର ବାର୍ଷିକ ବିଜ୍ଞାନମେଳା ଉଦ୍‌ଘାଟିତ ହୋଇଛି।ବିଜ୍ଞାନ ମେଳାକୁ ନେସନାଲ କଲେଜ ପୂର୍ବତନ ଅଧକ୍ଷ ଡ଼.ମେଜର ରାମଚନ୍ଦ୍ର ମିଶ୍ର ଉଦ୍‌ଘାଟନ କରିବା ସହ ବିଜ୍ଞାନ ବିଷୟ ପ୍ରତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ରୁଚି ଜାଗ୍ରତ ସହ ଅନ୍ତର୍ନିହିତ ପ୍ରତିଭାକୁ ପ୍ରୋତ୍ସାହିତ କରିବା ପ୍ରୟାସ ବୋଲି କହିଥିଲେ। ଛାତ୍ରଛାତ୍ରୀଙ୍କ ପକ୍ଷରୁ ମେଳାରେ ବିଜ୍ଞାନ, ଗଣିତ ଏବଂ ସାମାଜିକ ବିଜ୍ଞାନର ୧୨୦ଟି ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ଏସ. ଶ୍ରୀନିବାସ ଅଧକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ରସାୟନ ବିଜ୍ଞାନ ମୁଖ୍ୟ ତରୁଣ କୁମାର ପ୍ରଧାନ, ବିଦ୍ୟାଳୟ ପରିଚାଳନା ସମ୍ପାଦକ ଚିତ୍ତରଞ୍ଜନ ସିଂ ଦେଓ, କୋଷାଧକ୍ଷ ମନରଞ୍ଜନ ରାଉତ, ସଦସ୍ୟ ପ୍ରଣତି ପଣ୍ଡା, ଜ୍ୟୋତି ଲାଲ ବଞ୍ଜାରେ, ଦୂର୍ବା ରଞ୍ଜନ ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗଣତନ୍ତ୍ର ଦିବସ ପରେଡରେ ଭାଗନେବେ ଖଡ଼ିଆଳର ଲୋପାମୁଦ୍ରା

**ନୂଆପଡ଼ା /ଖଡ଼ିଆଳ, ୧୫ ।୧୧(ସମିସ):** ନୂଆପଡ଼ା ଜିଲ୍ଲା ଖଡିଆଳସ୍ଥିତ ଡିଗ୍ରୀ ମହିଳା କଲେଜ ଛାତ୍ରୀ ଲୋପାମୂଦ୍ରା ପୂଝାରୀ ଆସନ୍ତା ଗଣତନ୍ତ୍ର ଅବସରରେ ଦିଲ୍ଲୀରେ ହେବାକୁ ଥିବା ପରେଡ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ମନୋନୀତ ହୋଇଛନ୍ତି।



ସେ ମାଁ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟକୁ ଗର୍ବ ଓ ଗୌରବ ଆଣିଦେଇଛନ୍ତି।ଆସନ୍ତା ୧୮ତାରିଖ ଠାରୁ ୨୭ତାରିଖ ପର୍ଯ୍ୟନ୍ତ କଲିକତା ନିଟିଆ ବିଶ୍ୱବିଦ୍ୟାଳୟଠାରେ ପ୍ରାକ ଗଣତନ୍ତ୍ର ପରେଡରେ ଭାଗ ନେବେ। ଏହି ସଫଳତା ପାଇଁ ଡିଗ୍ରୀ ମହିଳା କଲେଜ ଅଧକ୍ଷା ଲିଜା ଆଚାର୍ଯ୍ୟ, ଜାତୀୟ ସେବା ଯୋଜନା ଅଧିକାରୀ ପୁଷ୍ପାଞ୍ଜଳୀ ପ୍ରାଧନୀ ଶୁଭେଚ୍ଛା ଜଣାଇଛନ୍ତି।ଓଡ଼ିଶା ରାଜ୍ୟରୁ ମୋଟ ୫୩ ଜଣ ଛାତ୍ରଛାତ୍ରୀ ପରେଡରେ ସାମିଲ ହେଉଥିବା ବେଳେ ମାଁ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟରୁ ମାତ୍ର ଜଣେ ସ୍ୱେଚ୍ଛାସେବୀ ଲୋପାମୁଦ୍ରା ମନୋନୀତ ହୋଇଛନ୍ତି। ସ୍ଥାନୀୟ ଜୁନାନୀ ଗାଁର ଯୁକ୍ତ ତିନି ଦ୍ୱିତୀୟ ବର୍ଷ ଛାତ୍ରୀ ଅଟନ୍ତି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# କୋକସରା ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

**କୋକସରା, ୧୫ ।୧୧(ସମିସ):** କୋକସରା ବ୍ଲକ ସଦର ମହକୁମାସ୍ଥିତ ଧାନ ମଣ୍ଡିଠାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଛି। ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରଶନ୍ନ ପରିଡ଼ାଙ୍କ ଆବାହକତ୍ୱରେ ଅନୁଷ୍ଠିତ ମେଳାରେ କୋକସରା ବିଡିଓ ଡ଼. ହିମାଞ୍ଚଳ ମାଝୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ଗୋଦାବରୀଶ ପାତ୍ର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଉପଖଣ୍ଡ ପ୍ରାଣୀ ଚିକିତ୍ସାଳୟର ଡ.ମଧୁସୁଦନ ଦାସ ଯୋଗଦେଇ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ଜାତୀୟ ପ୍ରଣିଧାନ ମିଶନ, ପ୍ରାଣି ସମ୍ପଦ ସମୃଦ୍ଧି ଯୋଜନା, ମୁଖ୍ୟମନ୍ତ୍ରୀ ପ୍ରାଣିକଲ୍ୟାଣ ଯୋଜନା ସମେତ ବିଭିନ୍ନ ଯୋଜନା ସମ୍ପର୍କରେ ଚାଷୀଙ୍କୁ ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ରୀତା ଅଗ୍ରୱାଲ, ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ଧର୍ମଗଡ଼ ବିଧାୟକଙ୍କ ପ୍ରତିନିଧି ଭାବେ ଦୁର୍ଗା ପ୍ରସାଦ ପ୍ରଧାନୀ, କଳାହାଣ୍ଡି ସହକାରୀ ମତ୍ସ୍ୟ ଅଧିକାରିଣୀ ପ୍ରଶାନ୍ତି ନାଏକ, ଜିଲ୍ଲା ପରିଷଦ ସଭ୍ୟା ବୈୟଜନ୍ତି ପୂଝାରୀ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗ ପକ୍ଷରୁ ମତ୍ସ୍ୟ ଚାଷୀ, କୁକୁଡା ଚାଷୀ, ବତକ ଚାଷୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମ ପରିସରରେ ପ୍ରାଣୀ ସମ୍ପଦ ବିଭାଗ, ମତ୍ସ୍ୟ ବିଭାଗ, ଉଦ୍ୟାନ କୃଷି ବିଭାଗ, କୃଷି ବିଭାଗ, ମିଶନ ଶକ୍ତି, ଓମଫେଡ୍ ଆଦି ବିଭାଗର ଷ୍ଟଲ ଗୁଡିକ ପ୍ରଦର୍ଶନ କରାଯାଇଥିଲା। ସମ୍ପୃକ୍ତ ବିଭାଗର କର୍ମଚାରୀମାନେ ଚାଷୀଙ୍କୁ ନିଜ ନିଜ ବିଭାଗର ବିଭିନ୍ନ ଯୋଜନା ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ। ମଞ୍ଚକୁ ବୈକୁଣ୍ଠ ଜାଲ ସଂଯୋଜନା କରିଥିବା ବେଳେ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଆଶିଷ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ମତ୍ସ୍ୟ ଅଧିକାରୀ ମାନବେଶ ମହାପତ୍ର, ବ୍ଲକ ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ମାଝୀ, ଏମଭିୟୁ ସ୍ମୃତି ରଞ୍ଜନ ଦାସ ସମେତ ପ୍ରାଣୀ ସମ୍ପଦ ବିକାଶ ଓ ମତ୍ସ୍ୟ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



# କଳାହାଣ୍ଡି ମୁଣ୍ଡା ସମାଜ ପକ୍ଷରୁ ବିର୍ସା ମୁଣ୍ଡା ଜୟନ୍ତୀ

**ଭବାନୀପାଟଣା, ୧୫ ।୧୧ (ସମିସ):** ବିର୍ସା ମୁଣ୍ଡା ଥିଲେ ଆଦିବାସୀଙ୍କ ଆଦ୍ୟ ପରିଚୟ ଓ ସ୍ୱାଭିମାନର ସୁରକ୍ଷା ପାଇଁ ସଂଘର୍ଷର ମୂର୍ତ୍ତିମନ୍ତ ପ୍ରତୀକ। ତେଣୁ ସେ ଆଦିବାସୀ ସମାଜରେ ଭଗବାନ ଓ ଧରତୀ ଆବା ଭାବରେ ଚୀର ନମସ୍ୟ ଓ ପୂଜ୍ୟ ବୋଲି ରାଣୀପଟା ଠାରେ କଳାହାଣ୍ଡି ଜିଲ୍ଲା ମୁଣ୍ଡା ସମାଜ ପକ୍ଷରୁ ଆୟୋଜିତ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ମତ ପ୍ରକାଶ ପାଇଛି। ନର୍ଲା ବ୍ଲକ ରାଣୀପଟା ଠାରେ ମୁଣ୍ଡା ସମାଜ ପକ୍ଷରୁ ଜିଲ୍ଲାସ୍ତରୀୟ ବିର୍ସା ମୁଣ୍ଡା ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ମଶାଲ ଯାତ୍ରା ଏବଂ ମଞ୍ଚରେ ବିର୍ସା ମୁଣ୍ଡାଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଯୁବତୀ ଓ ଯୁବକମାନେ ମୁଣ୍ଡାରୀ ଗୀତ ଗାନ କରିଥିଲେ। ଅପରାହ୍ନରେ କଳାହାଣ୍ଡି ଜିଲ୍ଲା ମୁଣ୍ଡା ସମାଜ ସଭାପତି ଫକିର ମୁଣ୍ଡାଙ୍କ ଅଧକ୍ଷତାରେ ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନର୍ଲା ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ବିଶିଷ୍ଟ ଅତିଥି ଭାବେ ନର୍ଲା ଜୋନ୍-୨ ଜିଲ୍ଲା ପରିଷଦ ସଦସ୍ୟ ହରିଶଙ୍କର ମାଝୀ, କଳାହାଣ୍ଡି ଜିଲ୍ଲା କଳାହାଣ୍ଡି ଜିଲ୍ଲା ଆଦିବାସୀ ସଂଘ ସଭାପତି ପ୍ରକାଶ ମାଝୀ, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଗାଡେବନ୍ଧ ସରପଞ୍ଚ କବିତା ବାଗ, ଘଣ୍ଟମାଳ ସରପଞ୍ଚ ଦେବେନ୍ଦ୍ର ସା, ଗାଡେବନ୍ଧ ସମିତି ସଭ୍ୟାଙ୍କ ପ୍ରତିନିଧି ଅଜିତ କୁମାର ସାହୁ, ସରିଆଁ ସମିତି ସଭ୍ୟ ଭାସ୍କର ଭୋଇ, ମୁଣ୍ଡା ସମାଜର କଳାହାଣ୍ଡି ଜିଲ୍ଲା ସାଧାରଣ ସମ୍ପାଦକ କବିରାଜ ମୁଣ୍ଡା, ବିଶିଷ୍ଟ ଆଦିବାସୀ ନେତା ତଥା ନର୍ଲା ବ୍ଲକ ଆଦିବାସୀ ସଂଘ ଉପସଭାପତି ବୀର କିଶୋର ମାଝୀ, କଳାହାଣ୍ଡି ଜିଲ୍ଲା ଆଦିବାସୀ ସଂଘ ସହ ସମ୍ପାଦକ ଦେବ ମାଝୀ, ନବରଙ୍ଗପୁର ଆଇଆଇସି ଟଙ୍କଧର ମୁଣ୍ଡା, ଡୋଲାମଣି ମାଝୀ, ସଞ୍ଜିବ ମାଝୀ, ଅନିଲ ଦାସ, କଲ୍ୟାଣୀ ଦାସ, ସଞ୍ଜୟ ମାଝୀ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନେକ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ମୁଣ୍ଡା ସମାଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ ଅଧିକାରୀମାନେ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷାବିତ୍ କ୍ଷିତିଶ ଚନ୍ଦ୍ର ମାଝୀ ମଞ୍ଚ ପରିଚାଳନା କରିଥିବା ବେଳେ ଯୁବ ନେତୃତ୍ୱ ଡିଙ୍ଗର ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ରାଣୀପଟା, ଗୁଣପୁର ଓ ସରିଆଁ ଗ୍ରାମର ମୁଣ୍ଡା ସମାଜ ସମେତ ଗଣେଶ ମୁଣ୍ଡା, ହରେଶ୍ୱର ମୁଣ୍ଡା, ଅର୍ଜୁନ ମୁଣ୍ଡା, ବେଣୁ ମୁଣ୍ଡା, ନରେଶ ମୁଣ୍ଡା, ରଘୁନାଥ ମୁଣ୍ଡା, ଦିଗାମ୍ବର ମୁଣ୍ଡା ଓ ଘନ ମୁଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




**ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ**

# 'ୟୁପିଏସ୍‌ସିରେ ସଫଳ ବ୍ୟକ୍ତିତ୍ୱଙ୍କୁ ଭେଟନ୍ତୁ' କାର୍ଯ୍ୟକ୍ରମ

ଭବାନୀପାଟଣା, ୧୫ ।୧୧(ସମିସ)

ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କ୍ୟାରିୟର କାଉନସେଲିଂ ସେଲ ଓ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ଭାରପ୍ରାପ୍ତ କୁଳପତି ଡ.ନିବେଦିତା ନାଥଙ୍କ ସଭାପତିତ୍ୱରେ 'ୟୁପିଏସସିରେ ସଫଳ ବ୍ୟକ୍ତିତ୍ୱଙ୍କୁ ଭେଟନ୍ତୁ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଲାଲବାହାଦୁର ଶାସ୍ତ୍ରୀ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେସନ ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ (ମହିଶୂରରେ ପ୍ରଶିକ୍ଷଣ ନେଉଥିବା ନୂତନ ଭାବେ ନିଯୁକ୍ତିପ୍ରାପ୍ତ ଏଗାର ଜଣ ଭାରତୀୟ ପ୍ରଶାସନିକ ଅଧିକାରୀ ଯୋଗଦାନ କରିଥିଲେ। ସେମାନେ ନିଜର ଅଭିଜ୍ଞତା ଓ ଅନୁଭୂତି ଉକ୍ତ କାର୍ଯ୍ୟକ୍ରମରେ ବଖାଣିଥିଲେ। ଯାହା ଛାତ୍ରଛାତ୍ରୀଙ୍କୁ ଉତ୍ସାହ ପ୍ରଦାନ କରିଥିଲା। ଛାତ୍ରଛାତ୍ରୀ ଅତ୍ୟନ୍ତ ଉତ୍ସାହର ସହ ସେମାନଙ୍କୁ ଭାରତୀୟ ପ୍ରଶାସନିକ ସେବା ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ପ୍ରଶାସନିକ ଅଧିକାରୀମାନେ ମଧ ସନ୍ତୋଷଜନକ ଉତ୍ତର ପ୍ରଦାନ କରି ଛାତ୍ରଛାତ୍ରୀଙ୍କ ଭିତରେ ଥିବା ସଂଶୟକୁ ଦୂର କରିଥିଲେ। 'ଅନ୍ୱେଷା' ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ସହିତ ମଧ ବାର୍ତ୍ତାଳାପ ହୋଇଥିଲା। ସେମାନେ ନିଜର ଶ୍ରମ ଓ ସାଧନା ସମ୍ପର୍କରେ ଅନୁଭୂତି ବାଣ୍ଟିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ତଥା ଜିଲ୍ଲାର ଅଧିକାରୀଗଣ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ରାଜନୀତିବିଜ୍ଞାନ ବିଭାଗର ମୁଖ୍ୟ ଡ. କୈଳାସ ଚନ୍ଦ୍ର ଦାସ ପରିଚାଳନା କରିଥିବା ବେଳେ ଇଂରାଜୀ ବିଭାଗର ସହକାରୀ ପ୍ରଫେସର ଡ. ଝରଣାରାଣୀ ଧଙ୍ଗଡ଼ାମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।




# ସୋମ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

**ଧର୍ମଗଡ଼, ୧୫ ।୧୧(ସମିସ):** ଧର୍ମଗଡ଼ସ୍ଥିତ ସୋମ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଯୋଗଦେଇ ଛାତ୍ରମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା ସହିତ ଛାତ୍ର ଜୀବନର ଆଦର୍ଶ ଓ ଗଠନର ମାଧ୍ୟମ ବିଷୟରେ ଉଦ୍‌ବୋଧନ ଦେଇଥିଲେ।କାର୍ଯ୍ୟକ୍ରମରେ ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ଅଶୋକ ମହାନ୍ତି, ଡେପୁଟି କଲେକ୍ଟର ଶ୍ରୀକାନ୍ତ ଶତପଥି, ଧର୍ମଗଡ଼ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜୟନ୍ତ ମୁଣ୍ଡ, ସୋମ ପବ୍ଲିକ ସ୍କୁଲ ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡା, ପ୍ରଧାନଆଚାର୍ଯ୍ୟ ତପସ୍ୱୀନି ଷଡଙ୍ଗୀ, ଉପପ୍ରଧାନ ଆଚାର୍ଯ୍ୟ ସନ୍ତୋଷ ନାୟକ ପ୍ରମୁଖ ମଞ୍ଚାସିନ ଥିଲେ। ମୁଖ୍ୟଅତିଥି ଶ୍ରୀ ପଟ୍ଟଯୋଶୀ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ଓ ଦେଶ ସେବକ ଭାବେ ନିଜକୁ ଗଢି ତୋଳିବା ପାଇଁ ପରାମର୍ଶ ଦେଇଥିଲେ। ସହକାରୀ ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ ନାୟକ ସଭା ପରିଚଳନା କରିଥିଲେ। ଅଧକ୍ଷ ଅତିଥି ପରିଚୟ ଓ ସ୍ୱା।।ଗତ ଭାଷଣ ପ୍ରଦାନ କରିଥିଲେ।

## ଶବ ବ୍ୟବଚ୍ଛେଦ ଗୃହ ଉଦ୍‌ଘାଟିତ



**ଧର୍ମଗଡ଼, ୧୫ ।୧୧(ସମିସ):** ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ନୂତନ ଭାବେ ନିର୍ମିତ ହୋଇ ଥିବା ଶବ ବ୍ୟବଚ୍ଛେଦ ଗୃହ ଉଦ୍‌ଘାଟିତ ହୋଇଛି। ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ।କାର୍ଯ୍ୟକ୍ରମରେ ଜଗନ୍ନାଥ ସେବା ସମିତି ସଭାପତି ତଥା ରୋଗୀ କଲ୍ୟାଣ ସମିତି ସଦସ୍ୟ ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ହିମାଂଶୁ ଶେଖର ପଣ୍ଡା, ଉପଖଣ୍ଡ ଚିକିତ୍ସାଧିକାରୀ ଡାକ୍ତର ସଦାନନ୍ଦ ପାଣିଗ୍ରାହୀ, ହସ୍ପିଟାଲ ମେନେଜର ସୁମେଶ୍ୱର ନାଏକ, ଆକାଉଣ୍ଟାଣ୍ଟ ବିଜେନ୍ଦ୍ର ସିଂ, ସହକାରୀ ଯନ୍ତ୍ରୀ ସମରେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘ ଦିନ ଧରି ଏକ କାମଚଳା ଘରେ ଶବ ବ୍ୟବଚ୍ଛେଦ ହେଉଥିଲା। ନବ ନିର୍ମିତ ପୋଷ୍ଟମର୍ଟମ ଗୃହରେ ପୋଷ୍ଟମର୍ଟମ ସୁବିଧା ସହିତ ମୃତଦେହ ସଂରକ୍ଷଣ (ଫ୍ରିଜ) କକ୍ଷ, ପ୍ରତୀକ୍ଷାଳୟ ସହ ଶୌଚାଳୟ ବ୍ୟବସ୍ଥା ଉପଲବ୍ଧ କରାଯାଇଛି।

## ସର୍ଟ ସର୍କିଟରୁ ଜଳିଗଲା ୨ ବଖରା



**ବିନିକା, ୧୫ ।୧୧(ସମିସ):** ବିନିକା ବ୍ଲକ ଅନ୍ତର୍ଗତ ପିତେଇପାଲି ଗ୍ରାମର ଈଶ୍ୱର ନାଗଙ୍କ ଘରେ ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ନିଆଁ ଲାଗି ୨ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଛି। ନିଆଁ ଲାଗିବା ପରେ ପରିବାର ଲୋକେ ଜୀବନ ବିକଳରେ ଘର ବାହାରକୁ ଚାଲି ଆସିଥିଲେ। ପାଖ ପଡ଼ିଶା ଲୋକେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା ଜାରି ରଖିଥିବା ବେଳେ ଖବରପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁରେ ଘରେ ଥିବା ଆସବାବ ପତ୍ର, ରନ୍ଧା ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ଶିଶୁ ବିଦ୍ୟା ମନ୍ଦିରରେ ରକ୍ତଦାନ ଶିବିର




**ତରଭା, ୧୫।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଖାରୀରେ ଶନିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ରାମଶଙ୍କର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ସଭାପତି ରଘୁନାଥ ବେହେରା, ସମ୍ପାଦକ ସୁଦାମ ଶେଖର ଦାସ, ଯୁଗ୍ମ ସମ୍ପାଦକ ହୃଷିକେଶ ମେହେର, ବିରଞ୍ଚି ମେହର, ବିପିନ ବିହାରୀ ବାଘ, ଆନନ୍ଦ ଡାଙ୍ଗ, ଜିଲ୍ଲା ରକ୍ତଦାତା ସଂଘ ସଭାପତି ମନୋଜ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ସୁବର୍ଣ୍ଣପୁର ରକ୍ତ କେନ୍ଦ୍ରର ଟେକ୍ନିସିଆନ୍ ସତ୍ୟବ୍ରତ ତାଣ୍ଡି, ଜଗତ ଦରୱାନ, ଯୁଧିଷ୍ଠିର ନାଏକ, ଟଙ୍କଧର କଅଁର ରକ୍ତ ସଂଗ୍ରହ କରିଥିଲେ। ଡାକ୍ତର ଚିତ୍ତରଞ୍ଜନ ତ୍ରିପାଠୀ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ୧୫ ଜଣ ମହିଳାଙ୍କ ସହିତ ସମୁଦାୟ ୫୨ ଜଣ ରକ୍ତଦାନ କରିଥିଲେ। ଏହି ଶିବିର ପ୍ରଧାନ ଆଚାର୍ଯ୍ୟ ହରିବୋଲ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ନିହାର ଗୁରୁଜୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ସମସ୍ତ ଗୁରୁଜୀ ଗୁରୁମା ଓ ପରିଚଳନା ସମିତି ଓ ଅଭିଭାବକ ସହଯୋଗ କହିଥିଲେ।

### ଜିଲ୍ଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟି ବୈଠକ

# ୨୯ରୁ ଖରିଫ ଧାନ କ୍ରୟ



**ଭବାନୀପାଟଣା, ୧୫ ।୧୧(ସମିସ)**

କଳାହାଣ୍ଡି ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ପାଇଁ ଭବାନୀପାଟଣା ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଶନିବାର ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଜିଲ୍ଲାରେ ଆସନ୍ତା ନଭେମ୍ବର ୨୯ରୁ ଧାନ କ୍ରୟ କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ଲୋକସଭା ସାଂସଦ ମାଳବିକା ଦେବୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଜିଲା ମୁଖ୍ୟ କୃଷି ଅଧିକାରୀ ଶୁଭେନ୍ଦୁ କର ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାରେ ଚଳିତ ଖରିଫ ଧାନ ବିକ୍ରୟ କରିବା ପାଇଁ ୧ ଲକ୍ଷ ୨୧ ହଜାର ୧୮୧ ଜଣ ଚାଷୀ ପଞ୍ଜୀକୃତ କରିଛନ୍ତି। ସେହିପରି ୨୨୩ଟି ଧାନ କ୍ରୟ କେନ୍ଦ୍ର କରାଯାଇଥିବା ବେଳେ ୨୮ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଅବଶିଷ୍ଟ ପାକ୍ସ ଓ ଲ୍ୟାମ୍ପସ ଦ୍ୱାରା ଧାନ ସଂଗ୍ରହ କରାଯିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଅଧିକାରୀ, ବିଧାୟକ ଓ ସାଂସଦ ପ୍ରତିନିଧି, ଚାଷୀ ପ୍ରତିନିଧି, ମିଲର୍ସ, ପାକ୍ସ, ଆର୍‌ଏମ୍‌ସି କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ସୁରଭିରେ ଜିଏଚ୍‌ଏସ୍ ଛାତ୍ରୀ ପୁରସ୍କୃତ



**କର୍ଲାମୁଣ୍ଡା, ୧୫ ।୧୧(ସମିସ):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସୁରଭି ମହୋତ୍ସବରେ କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ପୁରସ୍କୃତ ହୋଇଛନ୍ତି। ଏହି ବିଦ୍ୟାଳୟରେ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଟ୍ୱିଙ୍କଲ ସୁନା ବକ୍ତୃତା ପ୍ରତିଯୋଗୀତାରେ ରାଜ୍ୟସ୍ତରରେ ତୃତୀୟ ସ୍ଥାନ ହାସଲ କରି ବିଦ୍ୟାଳୟ ଓ ଅଞ୍ଚଳ ପାଇଁ ଗର୍ବ ଆଣିଛନ୍ତି। ସେ ଜିଲ୍ଲାସ୍ତରରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ପ୍ରକାଶଥାଉକି ଟ୍ୱିଙ୍କଲ ରିଷିଡା ଗାନ୍ଧୀନଗରପଡ଼ା ନିବାସୀ ଗଭୀର ସୁନାଙ୍କ କନ୍ୟା ଅଟନ୍ତି।

## ମାୟାବର୍ହା ହାଇସ୍କୁଲରେ ଶିଶୁ ଦିବସ

**ଡୁଙ୍ଗୁରିପାଲି, ୧୫।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଡ. ରବିଚନ୍ଦ୍ର ପଶାୟତଙ୍କ ଅଧ୍ୟକ୍ଷତାରେ ଶିଶୁ ଦିବସ ପାଳିତ ହୋଇଯାଇଛି।ମୁଖ୍ୟଅତିଥି ଭାବରେ ଗୁରୁ ତଥା ସଙ୍ଗୀତକାର ଭରତ ନାଗ ଯୋଗଦେଇଥିଲେ। ସଭାକୁ ଖେଳ ଶିକ୍ଷକ ଚିନ୍ମୟ କୁମାର ଦାସ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନନ୍ଦିଘୋଷ ବାରିକ, ସମ୍ପଦ ଖମାରୀ, କିରଣ ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀ ପୂଜାରାଣୀ ଦୀପ, ଆଭା ସାହୁ, ପ୍ରୀତି ପଧାନ, ଶ୍ରୀମୟୀ ସେଠ୍ ଓ ଛାତ୍ର ଆକାଶ ସାହୁ, ଶ୍ରୀତମ ବାଗ, ଶିଶୁ ଦିବସ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ନବମ ଶ୍ରେଣୀର ଛାତ୍ରୀ ପାୟଲ ବିଶ୍ୱକର୍ମା ଓ ଆୟୁସୀ ନାଏକ ନୃତ୍ୟ ପରିବେଷଣ କରିଥିଲେ। ନବମ ଶ୍ରେଣୀର ଛାତ୍ରୀ ଶ୍ରୀମୟୀ ସେଠ୍ ଓ ଦିପ୍ତୀଶିଖା ବାଗ ଦେଶାତ୍ମବୋଧ ସଙ୍ଗୀତ ପରିବେଷଣ କରିଥିଲେ। ସଂସ୍କୃତ ଶିକ୍ଷକ ରାଜୁ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଭିଷଣ ଖମାରୀ, ମୀନକେତନ ଦାସ, ସୁରଜ ଖମାରୀ, ସମୀର କଠାର, ସୂର୍ଯ୍ୟକାନ୍ତି କାଣ୍ଡ, ସୌଭାଗିନୀ ସାହୁ ସହଯୋଗ କରିଥିଲେ।

## ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ବିର୍ସା ମୁଣ୍ଡା ଜୟନ୍ତୀ

**ଡୁଙ୍ଗୁରିପାଲି, ୧୫।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଡୁଙ୍ଗୁରିପାଲି ଶାଖା ପକ୍ଷରୁ ଡୁଙ୍ଗୁରିପାଲିଠାରେ ସ୍ୱାଧୀନତା ସଂଗ୍ରାମୀ ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳିତ ହୋଇଛି। ଡୁଙ୍ଗୁରିପାଲି ଆର୍‌ଏମ୍‌ସିରୁ ବିରାଟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏଥିରେ ହଜାର ହଜାର ସଂଖ୍ୟାରେ ମହିଳା ପୁରୁଷ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରା ଆରଏମ୍‌ସିଠାରେ ପହଞ୍ଚିବା ପରେ ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଡୁଙ୍ଗୁରିପାଲି ଶାଖାର ବ୍ଲକ ସଭାପତି ସୁରେଶ ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଡୁଙ୍ଗୁରିପାଲି ବିଡ଼ିଓ ଦିଲୀପ କୁମାର ବାରା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଯୋଗେନ୍ଦ୍ର ଭୋଇ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଉପସଭାପତି ଗୁପ୍ତେଶ୍ୱର ମଲ୍ଲିକ, ଜିଲ୍ଲା ସମ୍ପାଦକ ଲମ୍ବୋଦର ଧରୁଆ, ଜିଲ୍ଲା କୋଷାଧ୍ୟକ୍ଷ ରୋହିତ କୁଅଁର, ଜିଲ୍ଲା ଆଦିବାସୀ ମହିଳା କଲ୍ୟାଣ ସମିତି ସଭାନେତ୍ରୀ ସସ୍ମିତା ମଲ୍ଲିକ, ସହ ସଭାନେତ୍ରୀ ସରସ୍ୱତୀ ଧନୁଅର, ସମ୍ପାଦିକା ପଦ୍ମାଳୟା ଭୁଏ, ଡୁଙ୍ଗୁରିପାଲି ବ୍ଲକ ପୂର୍ବତନ ସଭାପତି ଶ୍ୟାମସୁନ୍ଦର ଭୋଇ, ଜିଲ୍ଲା ସଂଯୋଜକ ଅବଦୁଲ ଆଡବାଙ୍କ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ତରଭା ବ୍ଲକ ସଭାପତି ବଳଭଦ୍ର କୁଅର, ସୋନପୁର ବ୍ଲକ ସଭାପତି ସାହେବ ଭୋଇ, ଉଲୁଣ୍ଡା ବ୍ଲକ ସଭାପତି ନନ୍ଦନ ବାରିକ, ବିଏମ୍‌ପୁରୁ ସଭାପତି ଯୋଗେନ୍ଦ୍ର ମିର୍ଦ୍ଧା, ବିନିକା ବ୍ଲକ କାର୍ଯ୍ୟକାରୀ ସଭାପତି ଭାଗୀରଥୀ ମାରପାଚି, ସୋନପୁର ଏନ୍‌ଏସି ସଭାପତି ଭାଗୀରଥୀ ମୁଣ୍ଡା, ବିନିକା ବ୍ଲକ ସଭାପତି ବିରଞ୍ଚି କୁଅର, ତରଭା ବ୍ଲକ ସମ୍ପାଦକ କପୁରଚନ ଭୋଇ, ସୋନପୁର ବ୍ଲକ ସମ୍ପାଦକ ଶୁକଦେବ ମଲ୍ଲିକ, ବିଏମପୁର ସମ୍ପାଦକ ପ୍ରମୋଦ ଭୋଇ, ରଟିଚର ତଥା ସମାଜସେବୀ ମୁକୁନ୍ଦ ଧରୁଆ, ଡୁଙ୍ଗୁରିପାଲି ବ୍ଲକ ସମ୍ପାଦକ ବିରଞ୍ଚି ବରିହା, ତରଭା ବ୍ଲକ କାର୍ଯ୍ୟକାରୀ ସଭାପତି ଗବିଜାର କୁଅର, ଡୁଙ୍ଗୁରିପାଲି ବ୍ଲକ କୋଷାଧ୍ୟକ୍ଷ ସୁରେନ୍ଦ୍ର କୁଅର, ସୋନପୁର କୋଷାଧ୍ୟକ୍ଷ ତଥା କୋଡିନେଟର୍ ତେଜରାଜ ଧରୁଆ, ତରଭା ବ୍ଲକ ମିଡିଆ ସେଲ ମାଧବ କୁଅର ପ୍ରମୁଖ ଯୋଗ ଦେଇଥିଲେ।



## କାଉଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭିଭାବକ ସମ୍ମିଳନୀ

**ଲାଞ୍ଜିଗଡ଼, ୧୫ ।୧୧(ସମିସ):** ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ଼ ପଞ୍ଚାୟତସ୍ଥିତ କାଉଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ ଶିକ୍ଷକ ସହଭାଗିତା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ଦୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ସିକେରକୁପା ଫାଣ୍ଡି ଅଧିକାରୀ ମୂରଲୀ ମୋହନ ପିଡିକା, ମୁଖ୍ୟବକ୍ତା ଭାବେ କିଡିଙ୍ଗ ପୋଷ୍ଟ ଅଫିସ ଏବିପିଏମ୍ ସତ୍ୟନାରାୟଣ ନାଗ, ସମ୍ମାନିତ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କଳାକୃଷ୍ଣ ଶବର ପ୍ରମୁଖ ଯୋଗଦେଇ ଥିଲେ। ସହିଦ ବିର୍ସା ମୁଣ୍ଡାଙ୍କ ଜନ୍ମ ବାର୍ଷିକୀ ପୂର୍ତ୍ତି ଅବସରରେ ବୈଠକରେ ଆଦିବାସୀ ବୀର ପୁରୁଷଙ୍କ ଅବଦାନ ସମ୍ପର୍କରେ ଅତିଥିମାନେ ବଖାଣି ଥିଲେ। ବୈଠକରେ ଛାତ୍ରଛାତ୍ରୀଙ୍କ ପରୀକ୍ଷା ପ୍ରସ୍ତୁତି, ସ୍କଲାରସିପ୍, ଏଲ୍‌ଏସସି, ଏନସିସି ଓ ବିଭିନ୍ନ ଅନୁଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଙ୍ଗୀତ, ରଙ୍ଗୋଲି, ରଚନା, ଡ୍ରଇଁ ପ୍ରତିଯୋଗିତା ହୋଇଥିବା ବେଳେ ଅଭିଭାବକ ଓ ଅଭିଭାବକଙ୍କ ମଧ୍ୟରେ ହୁଳହୁଳି ଓ ମ୍ୟୁଜିକ ଚେୟାର ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଖେଳ ଶିକ୍ଷକ ଲମ୍ବୋଦର ସାହୁ ଓ ଏନ୍‌ସିସି ଶିକ୍ଷକ ସନ୍ଦୀପ ମିଶ୍ର ପରିଚାଳନା କରିଥିଲେ।ଶିକ୍ଷକ ସତ୍ୟବାଦୀ ନାଏକ, ଜଗନ୍ନାଥ ନାଏକ, ବିବେକାନନ୍ଦ ମହାପାତ୍ର, ଅରୁଣ ପଣ୍ଡା, ପ୍ରଶାନ୍ତ ପ୍ରଧାନ, ହିମାଞ୍ଚଳ ପୂଝାରୀ, ଶିକ୍ଷୟିତ୍ରୀ ଅଞ୍ଜଳି ସାହୁ, ରଶ୍ମିତା ସାହୁ, ପୁଷ୍ପାଞ୍ଜଳି ପଣ୍ଡା, ନମିତା ମାଝୀ ପ୍ରମୁଖଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ସେହିପରି ଲାଞ୍ଜିଗଡ଼ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଧ ଶିକ୍ଷକ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।

# ଜନଜାତୀୟ ଗୌରବ ଦିବସ




**ଭବାନୀପାଟଣା, ୧୫ ।୧୧(ସମିସ):** ଭବାନୀପାଟଣାସ୍ଥିତ ଟାଉନ ହଲରେ ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଉପଲକ୍ଷେ ଭାରତର ପ୍ରଧାନମନ୍ତ୍ରୀ ଗୁଜୁରାଟର ନର୍ମଦା ଜିଲ୍ଲା ଦେଦିଆପଡ଼ାରୁ ହୋଇଥିବା କାର୍ଯ୍ୟକ୍ରମକୁ ଭିଡିଓ କନଫରେନ୍ସ ଜରିଆରେ ସିଧାସଳଖ ପ୍ରସାରଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଲୋକସଭା ସାଂସଦ ମାଳବିକା ଦେବୀ ଯୋଗଦେଇ ବୀର ସହିଦ୍‌ମାନଙ୍କର ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଭାରତୀୟ ଜନଜାତୀୟ ବୀର ସଂଗ୍ରାମୀ ବିର୍ସା ମୁଣ୍ଡା, ସହୀଦ୍ ଲକ୍ଷ୍ମଣ ନାୟକ, ସହୀଦ୍ ବୀର ସୁରେନ୍ଦ୍ର ସାଏ, ବୀର ସହିଦ୍ ରେଣ୍ଡୋମାଝୀଙ୍କର ଅବଦାନ ବିଷୟରେ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରଦ୍ୟୁମ୍ନ କୁମାର ଦାଶ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ମା'ମାଣିକେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନ୍ନା, ସାଂସଦ ପ୍ରତିନିଧି ଜୟଶଙ୍କର ନାୟକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସଞ୍ଜୀବ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଜନଜାତୀୟ ଗୌରବ ଦିବସ ଅବସରରେ ଲାଞ୍ଜିଗଡ଼ର ପିଏମ୍. 'ଜନମନ' ଅନ୍ତର୍ଗତ ୬ଟି ବହୁମୁଖୀ କେନ୍ଦ୍ରର ଲୋକାର୍ପଣ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ୧୦ଟି ରାସ୍ତା ଓ ୨ଟି ସେତୁର ଭିତ୍ତିପ୍ରସ୍ତର ସ୍ଥାପନ ଆଭାସି ମାଧ୍ୟମରେ ହୋଇଥିଲା। ଅତିଥିଙ୍କ ଦ୍ୱାରା ବିଭିନ୍ନ କୃତୀ ପ୍ରତିଯୋଗୀ ଓ ଜନଜାତି ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।






### କିସ୍ ବିଦ୍ୟାଳୟ

କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ବାଦଲିସ୍ଥିତ କିସ୍ ଆବାସିକ ବିଦ୍ୟାଳୟରେ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି ।ଉତ୍ସବରେ ମୁଖ୍ୟଅତିଥି ଡ. ଶିବରାମ ନାୟକ କଳାହାଣ୍ଡି ଘରୋଇ ବିଦ୍ୟାଳୟ ସଂଘର ସଭାପତି, ସମ୍ମାନିତ ଅତିଥି ରବୀନ୍ଦ୍ର ସାହୁ ବିଶିଷ୍ଟ ଚେସ୍ ପ୍ରଶିକ୍ଷକ, ମୁକୁନ୍ଦ ରେ‡ୀ ବିଶିଷ୍ଟ ଚିତ୍ର ଶିଳ୍ପୀ ଭବାନୀପାଟଣା, କିସ୍ ବିଦ୍ୟାଳୟର ଉପକାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ମନ୍ତ କୁମାର ପଧାନ, ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜଗନ୍ନାଥଙ୍କ ପ୍ରତିଛବିରେ ପୂଜାର୍ଚ୍ଚନା ସହ ବିର୍ସା ମୁଣ୍ଡାଙ୍କ ଛବିରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭା ଆରମ୍ଭ କରାଯାଇଥିଲା। କିସ୍‌ର ପ୍ରଥମ ଶ୍ରେଣୀର ଛାତ୍ରୀ ପ୍ରିୟଙ୍କା ଦିଶାରି ବିର୍ସା ମୁଣ୍ଡାଙ୍କ ଜୀବନୀ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଡ.ନାୟକ ବିର୍ସା ମୁଣ୍ଡାର ସଙ୍ଘର୍ଷ ଉପରେ ଛାତ୍ରୀମାନଙ୍କୁ କହିବା ସହ ଭଲ ପାଠ ପଢ଼ି କିସ୍ କଳାହାଣ୍ଡିର ନାମ ରଖିବ ବୋଲି କହିଥିଲେ। ସମ୍ମାନିତ ଅତିଥି ରବୀନ୍ଦ୍ର ସାହୁ କିସ୍‌ର ଉନ୍ନତି କାମନା କରିଥିଲେ ।ଶେଷରେ କିସ୍‌ର ଉପକାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପଧାନ ଉପସ୍ଥିତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଏବିଭିପି ଧର୍ମଗଡ଼ ନଗର

**ଧର୍ମଗଡ଼, ୧୫ ।୧୧(ସମିସ):** ଏଭିବିପି ଧର୍ମଗଡ଼ ନଗର ତରଫରୁ ନଗର ବ୍ୟାପି ଜନଜାତି ଗୌରବ ଦିବସ ଓ ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ କରାଯାଇଛି। ନଗରର ୫ଟି କଲେଜ୍ କ୍ୟାମ୍ପସ ପଞ୍ଚାୟତ ମହାବିଦ୍ୟାଳୟ, ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ମହିଳା ଡିଗ୍ରୀ ମହାବିଦ୍ୟାଳୟ, ବୋର୍ଡର ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ବୋର୍ଡର ଡିଗ୍ରୀ ମହାବିଦ୍ୟାଳୟ ଠାରେ ଭବ୍ୟ ସଂଖ୍ୟାରେ ଜୟନ୍ତୀ ଜନଜାତି ଗୌରବ ଦିବସ ଓ ସହିଦ୍ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ ହୋଇଥିଲା। ଜିଲ୍ଲା ସଂଯୋଜାକ ସାଇ ଦର୍ଶନ ଠାକୁର, ଜିଲ୍ଲା ଖେଲୋ ଭାରତ ପ୍ରମୂଖ ଲିଙ୍ଗେଶ୍ୱର ଜାଲ, ନଗର ସମ୍ପାଦକ ଜୀବନ ଜ୍ୟୋତି ରାଉତ୍, ସହ ସମ୍ପାଦିକା ଦୀପାଲି ନିଆଲ ପ୍ରମୁଖ ବିଭିନ୍ନ କ୍ୟାମ୍ପସରେ ଉପସ୍ଥିତି ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ନଗରର କାର୍ଯ୍ୟକର୍ତ୍ତା ରୋହନ ପଣ୍ଡା, ପୁଷ୍ପାଞ୍ଜଳି ସୁନାନି, ତାନିଶା ବିହାରୀ, ଜାଗ୍ରତ ପୁରୋହିତ, ଆକାଶ ସହାମୀ, ଚଞ୍ଚଳା ସୁନାନି, ଭାର୍ଗବୀ ଗହିର, ନମ୍ରତା ମଝି, ତପସ୍ୱିନି ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

### ବିନିକା ଗୋକୁଳାଷ୍ଟମୀ ମହୋତ୍ସବ

# ସପ୍ତମ ଦିବସରେ ଅର୍ଘାସୁର ବଧ

**ବିନିକା, ୧୫ ।୧୧(ସମିସ)**

ବିନିକା ଗୋକୁଳାଷ୍ଟମୀ ମହୋତ୍ସବର ଶନିବାର ଥିଲା ସପ୍ତମ ଦିବସ। ସପ୍ତମ ଦିବସରେ ଅର୍ଘାସୁର ବଧ ପ୍ରଦର୍ଶିତ ହୋଇଥିଲା। ଦେବକୀଙ୍କ ଅଷ୍ଟମ ସନ୍ତାନ ହାତରେ କଂସର ମୃତ୍ୟୁ ଲେଖାଥିବା ଦୈବବାଣୀ ଶୁଣିବା ପରଠୁ ମଥୁରା ଅଧିପତି ମହାରାଜ କଂସ ଗୋପରେ ବଢୁଥିବା ଭଣଜା କୃଷ୍ଣଙ୍କୁ ମାରିବା ପାଇଁ ଗୋଟିଏ ପରେ ଗୋଟିଏ ଅସୁର ପ୍ରେରଣ କରିଥିଲେ। ହେଲେ କେହି ବି କୃଷ୍ଣଙ୍କ ହାତରୁ ବର୍ତ୍ତି ପାରି ନାହାଁନ୍ତି। ସମସ୍ତଙ୍କର ମୃତ୍ୟୁ ଘଟିଛି। ପଠାଇ ଥିବା ଧେନୁକାସୁର ନିଧନ ଖବର ଡଗର ଠାରୁ ଶୁଣିବା ପରେ କଂସ ମର୍ମାହତ ହୋଇ ପଡ଼ିଥିଲେ। ମହାରାଜାଙ୍କ ମୁହଁରେ ହସ ଫୁଟାଇବାକୁ ଯାଇ ମନ୍ତ୍ରୀର ଆଦେଶ କ୍ରମେ ଦରବାରରେ କଳାକାରମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରଙ୍ଗ ସଭା ଉପସ୍ଥିତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ସେହିପରି କୃଷ୍ଣଙ୍କ ଦୁଃସାହାସିକ ପ୍ରଦର୍ଶନରେ ଗୋପପୁରବାସୀ ଆନନ୍ଦରେ ବିଭୋର ହୋଇ କୃଷ୍ଣ ବଳରାମଙ୍କୁ ପାଲିଙ୍କିରେ ବସାଇ ବଟୁଲୀଳା ଆୟୋଜନ କରିଥିଲେ। ସ୍ଥାନୀୟ ଦଧିବାମନ ମନ୍ଦିର ସମ୍ମୁଖ ଗୋପପୁର ଓ ଯୋଗେଶ୍ୱର ମନ୍ଦିର ବନ ଦୁର୍ଗା ପ୍ରାଙ୍ଗଣ ମଥୁରା ନଗରୀରେ ଅନୁଷ୍ଠିତ ଯାତ୍ରାର ବିଭିନ୍ନ ଦୃଶ୍ୟକୁ ଆଜି ସପ୍ତମ ଦିବସରେ ହଜାର ହଜାର ଲୋକ ଉପଭୋଗ କରିଥିଲେ। କଂସର ନିମନ୍ତ୍ରଣ କ୍ରମେ ଆଜି ଦରବାରକୁ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା, ଅତିରିକ୍ତ ଜିଲ୍ଲାପାଳ ରାଜିନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ, ଲେଖକ ଘାସିରାମ ପଣ୍ଡା, ସାହାରା ଟ୍ରଷ୍ଟ ଅଧ୍ୟକ୍ଷ ପ୍ରମୁଖ ରାଜକୀୟ ଅତିଥି ଭାବେ ରାଜନୈତିକ ବ୍ୟକ୍ତି ବିଶେଷ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ କମିଟି ସଭାପତି ମନୋଜ ଦାସ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଅତିଥି ପରିଚୟ ପ୍ରଦାନ ଏବଂ ହିମାଂଶୁ ଭୂଷଣ ପଣ୍ଡା, ଅନ୍ତରାମ ଦାସ, ସୌମ୍ୟ ରଞ୍ଜନ ପୂଜାରୀ, ବିରଞ୍ଚି ନାରାୟଣ ମେହେର ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।



## ସମ୍ମାନ, ସମାନତା ଓ ଅଧିକାରର ସୁରକ୍ଷା ଉପରେ ଶପଥପାଠ



**ବିନିକା, ୧୫।୧୧(ସମିସ):** ବିନିକା ସ୍ଥିତ ସିଦ୍ଧାର୍ଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା ରେଖା ପ୍ରଧାନ ସଭାପତିତ୍ୱ କରି ବିର୍ସା ମୁଣ୍ଡାଙ୍କ ସଂଗ୍ରାମୀ ଜୀବନର ବାର୍ତ୍ତା ଉପରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଅଧ୍ୟାପକ ବିଶ୍ୱମୟ ଗୁରୁ ଜୟନ୍ତୀ ପାଳନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଖେଳ ଶିକ୍ଷକ ନାରାୟଣ ଚୌଧୁରୀ ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ କହିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ଜନଜାତୀୟ ଭାଇ, ଭଉଣୀଙ୍କ ସମ୍ମାନ, ସମାନତା ଓ ଅଧିକାରକୁ ସୁରକ୍ଷିତ ରଖିବା ନେଇ ଉପସ୍ଥିତ ଛାତ୍ରଛାତ୍ରୀ ଓ ବିଦ୍ୟାଳୟ କର୍ମଚାରୀ ଶପଥପାଠ କରିଥିଲେ। ଯତୀନ୍ଦ୍ର ଦଣ୍ଡସନା ସଭାରେ ସଂଯୋଜନା କରିଥିବା ବେଳେ ନୀଳ ମାଧବ ଛତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଝଲକ ମିଶ୍ର, ମନୋଜ ମେହେର, ଆଶୁତୋଷ ପୁରୋହିତ, ମନିଷ ଆଚାର୍ଯ୍ୟ, ଆଶୀର୍ବାଦ ପ୍ରଧାନ, ପ୍ରଦୀପ ନାୟକ, ସୁବଳ ପ୍ରଧାନ, ଆଲୋକ ସେଠୀ, ଆକାଶ ପ୍ରଧାନୀ, ଅଧ୍ୟାପିକା ତୁଳସୀ ରାଏ, ଦୀପ୍ତି ଭୋଲ ପ୍ରମୁଖଙ୍କ ସମେତ ବିଦ୍ୟାଳୟ କର୍ମଚାରୀ ସାମିଲ ହୋଇଥିଲେ।

# ଚୋରା ଗ୍ୟାସ ସିଲିଣ୍ଡର ବୋଝେଇ ପିକ୍ଅପ୍ ଜବତ

କିଶୋରନଗର,୧୫ ।୧୧(ସମିସ)




ଅନୁଗୋଳ ଜିଲ୍ଲା କିଶୋରନଗର ଥାନା ଧଉରାପଲି ମହିମା ଏଚପି ଗ୍ୟାସ ଗ୍ରାମୀଣ ବିତରକ ଏଜେନ୍ସିର ୬୪ଟି ଚୋରା ଗ୍ୟାସ ସିଲିଣ୍ଡର ବୋଝାଇ ଏକ ପିକ୍ଅପ୍ ଗାଡ଼ିକୁ ଜବତ କରିଛି ପୁଲିସ। ଏଥିସହ ବିତରକ ଏଜେନ୍ସିର ଗୋଦାମରୁ ଗୋଟିଏ ଟ୍ରକ ଓ ଆଉ ଗୋଟିଏ ସିଲିଣ୍ଡର ବୋଝେଇ ପିକ୍ଅପ୍‌କୁ ମଧ୍ୟ ତଦନ୍ତ ପାଇଁ ଜବତ କରି ଥାନାକୁ ଆଣିଛି ପୁଲିସ ଓ ଯୋଗାଣ ବିଭାଗ। ୪ ଜଣ ଡ୍ରାଇଭରଙ୍କୁ ଅଟକ ରଖି ପୁଲିସ ତଦନ୍ତ ଆରମ୍ଭ କରିଛି।

କିଶୋରନଗର ଅଞ୍ଚଳର ଏହି ଏକମାତ୍ର ଗ୍ୟାସ ବିତରକ ଏଜେନ୍ସି ଲୋକଙ୍କୁ ଦୀର୍ଘଦିନ ଧରି ଶୋଷଣ କରିଆସୁଥିଲା। ଲୋକେ ବାରମ୍ବାର ଏ ନେଇ ଯୋଗାଣ ବିଭାଗକୁ ଅଭିଯୋଗ କରିଥିଲେ ମଧ୍ୟ ବିଭାଗ ନିଦାବିଷ୍ଟ ସାଜିଥିଲା। ଶନିବାର ୫୫ନଂ ଜାତୀୟ ରାଜପଥର କୁଟାସିଙ୍ଗାଠାରେ ଏକ ଗ୍ୟାସ ବୋଝେଇ ଟ୍ରକରୁ ମହିମା ଏଚ୍‌ପି ଗ୍ୟାସ ଏଜେନ୍ସିର ଏକ ପିକ୍ଅପ୍ ଭ୍ୟାନରେ ୬୪ଟି ୧୪କେଜି ବିଶିଷ୍ଟ ଗ୍ୟାସ ସିଲିଣ୍ଡର ବୋଝେଇ କରି କିଶୋରନଗର ଆଡ଼କୁ ଆସୁଥିବା ବେଳେ ଭୋର ୪ଟାବେଳେ କିଶୋରନଗର ଥାନା ପୁଲିସ ସଦଳବଳ ପହଞ୍ଚି ଗାଡ଼ି ଜବତ କରିବା ସହ ଚାଳକଙ୍କୁ ହେପାଜତକୁ ନେଇଥିଲା। ପରେ ପୁଲିସ ଓ ଯୋଗାଣ ବିଭାଗ ଏଜେନ୍ସିର ଗୋଦାମରୁ ଆଉ ଏକ ଗ୍ୟାସ୍ ସିଲିଣ୍ଡର ବୋଝେଇ ପିକ୍ଅପ୍‌କୁ ଥାନାକୁ ଆଣି ତଦନ୍ତ ଜାରି ରଖିଛି। ଆଠମଲ୍ଲିକ ଏସଡିପିଓ ସୁଶାନ୍ତ ତାଉଡ଼ିଆ ଓ ଏସସିଏସଓ ଏହାର ତଦନ୍ତ କରୁଛନ୍ତି। ତଦନ୍ତ ସରିଲେ ପ୍ରକୃତ ତଥ୍ୟ ପଦାକୁ ଆସିବ ବୋଲି ଏସଡିପିଓ ତାଉଡ଼ିଆ କହିଛନ୍ତି।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ



**ବଇଣ୍ଡା,୧୫ ।୧୧(ସମିସ):** କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟରେ ଦୁଇଦିନ ଧରି ଆୟୋଜିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦଯାପିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା ଯୋଗଦେଇ କ୍ରୀଡ଼ା ମନୁଷ୍ୟର ସ୍ୱାସ୍ଥ୍ୟ ଫିଟ୍ ରଖେ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ଅସିତ କୁମାର ଜେନା, ନିରଞ୍ଜନ ଦାସ, ହାଡ଼ିବନ୍ଧୁ ପ୍ରଧାନ, ଚନ୍ଦ୍ରଶେଖର ସିଂ, ଶୁଭ୍ରଶଶି ପ୍ରଧାନ, ଦୀପକ ବେହେରା, ଆଦିମାତା ସାହୁ ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟର ୮ ଶହ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡ଼ାରେ ଭାଗ ନେଇଥିଲେ। ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ ଆଦି ଅନେକ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ନୀଳମଣି ସାହୁ, ବିଜୟକୁମାର ପ୍ରଧାନ କ୍ରୀଡ଼ା ପରିଚାଳନା କରିଥିଲେ।

# କଣିହାଁ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା



**କଣିହାଁ,୧୫ ।୧୧(ସମିସ):** ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ କଣିହାଁ ପ୍ରାଣୀ ଚିକିତ୍ସାଳୟ କାର୍ଯ୍ୟାଳୟ ପରିସରରେ ଶନିବାର କଣିହାଁ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ଆଶୋକ ମହାନ୍ତି, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ତ୍ରିପୁରାରୀ ପ୍ରଧାନ, ତାଳଚେର ବିଧାୟକଙ୍କ ପ୍ରତିନିଧି ସୁନୀଲ କୁମାର ପ୍ରଧାନ, କଣିହାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଜିଲ୍ଲାପରିଷଦ ସଭ୍ୟ ରଞ୍ଜନ ସାହୁ, କଣିହାଁ ବିଡିଓ ତ୍ରିବିକ୍ରମ କୁମୁରା, ତାଳଚେର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁବାସଚନ୍ଦ୍ର ସାହୁ, ଅନୁଗୋଳ ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ମହାକୁଡ଼ ରାଟେଲ, କଣିହାଁ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଶୁଭେନ୍ଦୁ ରଞ୍ଜନ ସେଠୀ ପ୍ରମୁଖ ଯୋଗଦେଇ ମେଳାର ଶୁଭାରମ୍ଭ କରିଥିଲେ। ମତ୍ସ୍ୟ ଓ ପ୍ରାଣୀସମ୍ପଦର ଅଭିବୃଦ୍ଧି ହେଲେ ଚାଷୀମାନଙ୍କ ଅଭିବୃଦ୍ଧି ହେବ। ଘରର ଆର୍ଥିକ ସ୍ଥିତି ମଜବୁତ କରିବା ପାଇଁ ଚାଷ ଜରୁରୀ ବୋଲି ମୁଖ୍ୟଅତିଥି ବିଧାୟକ ମହାନ୍ତି କହିଥିଲେ। ମେଳାରେ ପ୍ରାଣୀ ସମ୍ପଦ ବିଭାଗର ୪ ସଫଳ ଚାଷୀ ଓ ମତ୍ସ୍ୟ ବିଭାଗର ୪ ସଫଳ ଚାଷୀଙ୍କୁ ଅତିଥି ସମ୍ମାନିତ କରିଥିଲେ। ଏଥିରେ ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟକ୍ରମର ପ୍ରଦର୍ଶନୀ, ଚାଷୀ-ବିଶେଷଜ୍ଞ ଆଲୋଚନାଚକ୍ର, ସଚେତନତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଣିହାଁ ପ୍ରାଣୀ ଚିକିତ୍ସା ଅଧିକାରୀ ଶୁଭେନ୍ଦୁ ରଞ୍ଜନ ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅଙ୍କିତା ଆରାଧନା ମଞ୍ଚ ପରିଚାଳନା କରିଥିଲେ। ରେଙ୍ଗାଳି ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ତୁଷାରକାନ୍ତ ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରଯାଇଥିଲା।

# ବିଦ୍ୟୁତ୍ କାଟ: ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ହୀନସ୍ତା

**ସାମାନ୍ୟ ରକ୍ତ ପରୀକ୍ଷା କରି ନ ପାରି ଫେରିଲେ**

**ଅନୁଗୋଳ,୧୫ ।୧୧(ସମିସ):** ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା। ବିଦ୍ୟୁତ୍ କାଟ ହେଲେ ରୋଗୀଙ୍କୁ ଭଗବାନଙ୍କ ଭରସାରେ ରହିବାକୁ ପଡୁଛି। ବିଦ୍ୟୁତ୍ କାଟ ଯୋଗୁଁ ରକ୍ତପରୀକ୍ଷା ମଧ୍ୟ ହୋଇପାରୁ ନାହିଁ। ବିଦ୍ୟୁତ ବିଭାଗ ପକ୍ଷରୁ ମରାମତି ପାଇଁ ଶନିବାର ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସମଗ୍ର ଅନୁଗୋଳ ସହରରେ ବିଦ୍ୟୁତ୍ ସେବା ବନ୍ଦ ହୋଇଥିଲା। ଯାହାର ସିଧାସଳଖ ପ୍ରଭାବ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପଡ଼ିଥିବା ରୋଗୀଙ୍କ ଉପରେ ପଡ଼ିଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଦ୍ୟୁତ୍ କାଟ ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା ନାହିଁ। ଫଳରେ ରୋଗୀଙ୍କ ରକ୍ତପରୀକ୍ଷା ଏବଂ ଫିଜିଓଥେରାପି ବନ୍ଦ ହୋଇଯାଇଥିଲା। ଦୂର ଦୂରାନ୍ତରୁ ଆସି ରକ୍ତ ପରୀକ୍ଷା କରି ନ ପାରି ରୋଗୀ ନିରାଶ ହୋଇ ଫେରିଥିଲେ। ସେହିପରି ଫିଜିଓଥାରାପି ପାଇଁ ଲାଗିଥିବା ଅତ୍ୟାଧୁନିକ ମେସିନ ମଧ୍ୟ ବିଦ୍ୟୁତ ସେବା ବିଚ୍ଛିନ୍ନ ଯୋଗୁଁ ଚାଲିପାରି ନ ଥିଲା। ଏପରିକି ଡାକ୍ତରଖାନାର କିଛି କରିଡର ଓ ରୁମ୍ ସମ୍ପୂର୍ଣ୍ଣ ଅନ୍ଧାରରେ ଥିବା ଦେଖିବାକୁ ମିଳିଥିଲା। କିଛିଦିନ ତଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମେଡିକାଲ କଲେଜ ମାନ୍ୟତା ପାଇ ମେଡିକାଲ ପାଠ ପଢ଼ିବା ପାଇଁ ଛାତ୍ରଛାତ୍ରୀଙ୍କୁ ଶୁକ୍ରବାର ସ୍ୱାଗତ ମଧ୍ୟ କରାଯାଇଛି। କିନ୍ତୁ ଆଜି ଏପରି ଅବ୍ୟବସ୍ଥା ପାଇଁ ରୋଗୀ ନିନ୍ଦା କରିଛନ୍ତି। ବିଦ୍ୟୁତ୍ କାଟ ହେଲେ କୌଣସି ବିକଳ୍ପ ବ୍ୟବସ୍ଥା କାହିଁକି କରାଯାଇନାହିଁ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି।

# ଲାୟନ୍ସ କ୍ଲବ୍ ଦ୍ୱାରା ମଧୁମେହ ଓ ଚକ୍ଷୁ ଚିକିତ୍ସା ଶିବିର




ଅନୁଗୋଳ,୧୫ ।୧୧(ସମିସ): ଲାୟନ୍ସ କ୍ଲବ୍ ଅନୁଗୋଳ ଆନୁକୂଲ୍ୟରେ ମଧୁମେହ ଓ ଚକ୍ଷୁ ଚିକିତ୍ସା ଶିବିର କ୍ଲବ ସଭାପତି ତ୍ରୈଲୋକ୍ୟ ଦେହୁରୀଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ କଳମଛୁଇଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ କଳମଛୁଇଁ ସରପଞ୍ଚ ଅନିଲ କୁମାର ପ୍ରଧାନ, ଓ ଲାୟନ ଅନୁପ ସେନଗୁପ୍ତା, ଲାୟନ ଅକର୍ମ ବାରିକ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ବରିଷ୍ଠ ସଭ୍ୟ ଲାୟନ ପ୍ରଭାତ ପାଳିତ, ଲାୟନ ପରମାନନ୍ଦ ମିଶ୍ର, ଲାୟନ କଳ୍ପନା ପାଳିତ, ଲାୟନ ଅଭୟ ସାହୁ, ସମାଜସେବୀ ଦୀନବନ୍ଧୁ ପ୍ରଧାନ, ଲାୟନ ବିମ୍ବାଧର ବେହେରା, ଲାୟନ କମଳଲୋଚନ ମହାରଣା, ଲାୟନ ପବିତ୍ର ବିଶ୍ୱାଳ, ଲାୟନ ରଶ୍ମିରଞ୍ଜନ ମହାନ୍ତି, ଲାୟନ ମାନସ ରଞ୍ଜନ ପ୍ରଧାନ, ଲାୟନ ରାଜକିଶୋର ଅଗ୍ରୱାଲା ପ୍ରମୁଖ ସହଯୋଗ କରିଥିଲେ। ଲାୟନ୍ସ ଚକ୍ଷୁ ଚିକିତ୍ସାଳୟର ମ୍ୟାନେଜର ଲିନୁ ମାଝୀଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ ଚକ୍ଷୁ ଚିକିତ୍ସା କରିଥିବା ବେଳେ ଡା. ବ୍ରହ୍ମାନନ୍ଦ ପଣ୍ଡା ମଧୁମେହ ରୋଗୀଙ୍କ ପରୀକ୍ଷାନିରୀକ୍ଷା କରିଥିଲେ। ଶିବିରରେ ୨୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା କରାଯାଇଥିଲା।

# ଜନଜାତୀୟ ଗୌରବ ଦିବସ ପାଳିତ



ପାଲଲହଡ଼ା,୧୫ ।୧୧(ସମିସ): ସ୍ଥାନୀୟ ପାଲଲହଡ଼ା ଷ୍ଟାଡିୟମରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ କ୍ରାନ୍ତିକାରୀ ଆଦିବାସୀ ନେତା ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ସ୍ୱତନ୍ତ୍ର ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ, ବିଡିଓ ନିଶାନ ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ସହକାରୀ ବନ ସଂରକ୍ଷକ ସ୍ୱାଧୀନତା ସାହାଣି, ଜିଲ୍ଲା ଆଦିବାସୀ ମୋର୍ଚ୍ଚା ସଭାପତି ଅର୍ଜୁନ କିସକୁ, ବିର୍ସା ବିକାଶ ସମିତି ସାଧାରଣ ସମ୍ପାଦକ ଚନ୍ଦ୍ରମୋହନ ମୁଣ୍ଡରୀ ଯୋଗଦେଇଥିଲେ। ସକାଳେ ଉଦିତନଗରସ୍ଥିତ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ବିଧାୟକ ମହାନ୍ତି, ସାଂସଦ ପାଣି, ଅତିରିକ୍ତ ଜିଲ୍ଲାପାଳ ପ୍ରୀତିମୟ, ବ୍ଲକ ଅଧ୍ୟକ୍ଷା ନାଏକ, ବିଡିଓ ମିଶ୍ରଙ୍କ ସମେତ ଉପଖଣ୍ଡର ବିଭିନ୍ନ ବିଭାଗର ଅଧିକାରୀ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେଠାରୁ ବିଶାଳ ଶୋଭାଯାତ୍ରା ବାହାରି ଷ୍ଟାଡିୟମରେ ପହଞ୍ଚିବା ପରେ ସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ବୀର ଜନଜାତି ନାୟକ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ମୃତିଚାରଣ କରାଯାଇଥିଲା। ଆଭାସି ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା। ଭାରତର ରାଷ୍ଟ୍ରପତି ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆଦିବାସୀ ହେବା ସମସ୍ତଙ୍କ ପାଇଁ ଗୌରବର ବିଷୟ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ଜନଜାତି କଲ୍ୟାଣ ଯୋଜନା ବିଷୟରେ ମଧ୍ୟ ସୂଚନା ଦେଇଥିଲେ। ଓଡ଼ିଶା ବିଭିନ୍ନ ଜନଜାତିମାନେ ସଚେତନତା ଅଭାବ ଯୋଗୁଁ ସମସ୍ତ ସରକାରୀ ଯୋଜନା ପାଇପାରୁ ନ ଥିବାରୁ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ଯତ୍ନବାନ ହେବାକୁ ବିଧାୟକ ମହାନ୍ତି ପରାମର୍ଶ ଦେଇଥିଲେ। ଜଙ୍ଗଲ ଅଧିକାର, ପଟ୍ଟା, ଆଧାର କାର୍ଡ, ଗ୍ରାମୀଣ ଆବାସ, ସମସ୍ତ ଗାଁକୁ ପାନୀୟ ଜଳ, ସ୍ଥାୟୀ ରାସ୍ତା ନିର୍ମାଣକୁ ଅଗ୍ରାଧିକାର ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଥିବା ସେ କହିଥିଲେ। ୧୨ଟି ବିଭାଗ ଦ୍ୱାରା ଜନଜାତିମାନଙ୍କ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକର ପ୍ରଚାରପ୍ରସାର ଓ ସଫଳ ରୂପାୟନ ନିମନ୍ତେ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହି ଅବସରରେ ଆଭାସି ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ତପ୍ତଝରଣ ଗ୍ରାମରେ ବହୁମୁଖୀ ଉନ୍ନୟନ କେନ୍ଦ୍ରର ଲୋକାର୍ପଣ କରାଯାଇଥିଲା। ହିତାକାରୀଙ୍କୁ ପିଏମ-ଜନମନ ଗ୍ରାମୀଣ ଗୃହ ଯୋଜନାରେ ଗୃହ, ଲେବର କାର୍ଡ, ଜାତିଗତ ପରିଚୟପତ୍ର, ପିଏମ କିଶାନ ପ୍ରମାଣପତ୍ର, ବ୍ୟକ୍ତିଗତ ଜଙ୍ଗଲ ଜମି ପଟ୍ଟା, ଗୋଷ୍ଠୀଗତ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ଜିଲ୍ଲା ସହକାରୀ ମଙ୍ଗଳ ଅଧିକାରିଣୀ ସୀମା ଦେହୁରୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମନୋରଞ୍ଜନ ରାଉତ ଓ କର୍ମଚାରୀ ଅତୁଲ୍ୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ



ଅନୁଗୋଳ ସଦର,୧୫ ।୧୧(ସମିସ): ପାଲଲହଡ଼ା ବ୍ଲକ୍ ଖମାର ପାତଳା ଛକ ନିକଟରେ ନାଓ ଓଡ଼ିଶା ନ୍ୟୁଜର ଓଡ଼ିଶା ସ୍ୱତନ୍ତ୍ର ପ୍ରତିନିଧି ଗୁରୁଚରଣ ମହାନ୍ତିଙ୍କୁ ମରଣାନ୍ତକ ଆକ୍ରମଣ ସହ ଲୁଟପାଟ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଗତ ୧୩ ମଧ୍ୟାହ୍ନରେ ଗୁରୁଚରଣ ନିଜ ଗାଡ଼ିରେ ପାତଳା ଛକରୁ ଖମାର ଯାଉଥିବା ବେଳେ ଶଙ୍ଖପୁରର ପ୍ରହ୍ଲାଦ ପ୍ରଧାନ, ବଳିଆ ସାହୁ ଓ ତାଙ୍କର ୫ ଜଣ ସହଯୋଗୀ ତାଙ୍କ ଗାଡ଼ି ଚାବି ଛଡ଼ାଇଥିଲେ। ପରେ ତାଙ୍କୁ ହଠାତ୍ ଆକ୍ରମଣ କରିବା ସହ ଗାଡ଼ି ଡିକି ଖୋଲି ସେଥିରେ ଥିବା ସୁନାଚେନ୍ ଓ ଦୁଇଟି ମୁଦି ନେଇଥିଲେ। ଏଥିସହ ପ୍ରହ୍ଲାଦ ପ୍ରଧାନ ତାଙ୍କ ପକେଟରୁ ୧୨୦୦୦ ଟଙ୍କା ନେଇଯାଇଥିଲେ। ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହି ଆକ୍ରମଣରେ ଗୁରୁଚରଣଙ୍କ ମୁଣ୍ଡ, ଦୁଇ କାନ ଏବଂ ଦୁଇ ଆଖିରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗୁରୁଚରଣ ଏ ନେଇ ଖମାର ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ଶନିବାର ସେ ଏସ୍‌ପିଙ୍କୁ ଅଭିଯୋଗ କରିଛନ୍ତି। ତାଙ୍କୁ ତଥା ତାଙ୍କ ପରିବାର ଲୋକଙ୍କୁ ସୁରକ୍ଷା ଯୋଗାଇଦେବାକୁ ଅନୁରୋଧ କରିଛନ୍ତି। ନ୍ୟାୟ ନ ମିଳିଲେ ଅଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ବିଧାନସଭା ଆଗରେ ଆମରଣ ଅନଶନ କରିବେ ବୋଲି କହିଛନ୍ତି।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା



ଅନୁଗୋଳ,୧୫ ।୧୧(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବର ପଡ଼ିଆରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା-୨୦୨୫ ଆୟୋଜିତ ହୋଇଛି। ଜିଲ୍ଲାପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟନାରାୟଣ ସାହୁ, ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସରୋଜ କୁମାର ସାହୁ, ଆଠମଲ୍ଲିକ ବିଧାୟକଙ୍କ ପ୍ରତିନିଧି କୁମୁଦ କୁମାର ପ୍ରଧାନ କିଶୋରନଗର ବ୍ଲକ ଅଧ୍ୟକ୍ଷା ସୌରିନ୍ଦ୍ରୀ ପ୍ରଧାନ, ବିଡିଓ ସୁବ୍ରତ କୁମାର ବେହେରା, ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅମରେଶ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ବିଭିନ୍ନ ସରକାରୀ ଯୋଜନା ଏବଂ ଏହାର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ୮ ଜଣ ସଫଳ ଚାଷୀଙ୍କୁ ଏକ ହଜାର ଟଙ୍କା ଲେଖାଏଁ ପୁରସ୍କାର ସହ ମାନପତ୍ର, ଟ୍ରଫି ଏବଂ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ବ୍ଲକର ୬ ଶହରୁ ଊର୍ଦ୍ଧ୍ୱ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଉପସ୍ଥିତ ଥିଲେ। ୩ ଜଣ ଚାଷୀ ଏବଂ ଗୋଟିଏ ସ୍ୱୟଂ ସହାୟକ ଗୋଷ୍ଠୀକୁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ପ୍ରାଣୀ ସମ୍ପଦ ବିଭାଗର ୩ ଏବଂ ମତ୍ସ୍ୟ ବିଭାଗର ୩ ଜଣ ଚାଷୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ବ୍ଲକ ସାଂସ୍କୃତିକ ପରିଷଦ ଦ୍ୱାରା ପାଲା ମାଧ୍ୟମରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ଅବସରରେ ମତ୍ସ୍ୟ ଚାଷୀମାନଙ୍କୁ ଜାତୀୟ ମତ୍ସ୍ୟ ଡିଜିଟାଲ ପୋର୍ଟାଲରେ ପଞ୍ଜୀକରଣ ଓ ପ୍ରାଣୀପାଳକମାନଙ୍କୁ ପ୍ରାଣୀଧନ ବୀମା ଅନ୍ତର୍ଭୁକ୍ତ କରାଯାଇଥିଲା। ପ୍ରାଣୀସମ୍ପଦ, ମତ୍ସ୍ୟ, କୃଷି, ଉଦ୍ୟାନ କୃଷି, ଓମ୍‌ଫେଡ, ମିଶନଶକ୍ତି, ପାଉଡ଼ି ଭୂୟାଁ ଜନଜାତି ଉନ୍ନୟନ ବିଭାଗ ପ୍ରଦର୍ଶନୀ ମାଧ୍ୟମରେ ନିଜ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ସନ୍ତୋଷ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ କିଶୋରନଗର ସହକାରୀ ମତ୍ସ୍ୟ ଅଧିକାରୀ, ଡା, ସୁଭାଷିନୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ଆଇଟିଆଇ କ୍ୱାର୍ଟର୍ସରେ ଅଗ୍ନିକାଣ୍ଡ



ତାଳଚେର,୧୫ ।୧୧(ସମିସ): ତାଳଚେର ପୌରପରିଷଦ ବାଘୁଆବୋଲସ୍ଥିତ ସରକାରୀ ଆଇଟିଆଇ କ୍ୱାର୍ଟର୍ସର ଦ୍ୱିତୀୟ ମହଲାରେ ନିଆଁ ଲାଗିଯାଇଛି। କ୍ୱାର୍ଟର୍ସରେ ରହୁଥିବା ଜଣେ ମହିଳା ରୋଷେଇ କରୁଥିବା ସମୟରେ ଏସିରୁ ପ୍ରଥମେ ନିଆଁ ଲାଗିଥିଲା। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଘରେ ଥିବା ଏସି, ଫ୍ରିଜ୍, କୁଲର ଓ ଅନ୍ୟାନ୍ୟ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଛି। ବିଦ୍ୟୁତ୍ ସର୍ଟସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି।

# ବିଦ୍ୟାଳୟରେ ସହଭାଗିତା ବୈଠକ

**କଣିହାଁ,୧୫ ।୧୧(ସମିସ):** କଣିହାଁ ବ୍ଲକ ବାଲିପଶି ପଞ୍ଚାୟତ ପଳାସବହାଳି ଆଶ୍ରମ ବିଦ୍ୟାଳୟରେ ଶନିବାର ଅଭିଭାବକ ଓ ଶିକ୍ଷକ ସହଭାଗିତା ବୈଠକ ଅନୁଷ୍ଠିତ ହୋଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମଦନମୋହନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷକ, ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମନ୍ୱୟ ରହିଲେ ଉଚ୍ଚସ୍ତରୀୟ ଶୈକ୍ଷିକ ବାତାବରଣ ସୃଷ୍ଟି ହୋଇପାରିବ ବୋଲି କହିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜାତି ଚରଣ ଭୂତିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ଶିକ୍ଷକ ଦିଗମ୍ବର ବିଶ୍ୱାଳ ମୁଖ୍ୟବକ୍ତା, ଶିକ୍ଷା ପରିଚାଳନା କମିଟି ସଭାପତି ତପନ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରଦୀପ କୁମାର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଅତିଥି ଶିକ୍ଷକ ଡିଲେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଦ୍ୱିତୀୟ ଥର ଆହତ ହାତୀର ଚିକିତ୍ସା ହେଲା

**● ବନବିଭାଗର ସ୍ୱତନ୍ତ୍ର ଦଳ କରିଥିଲେ ଟ୍ରାଙ୍କୁଲାଇଜ୍**



**ବଁଅରପାଳ,୧୫ ।୧୧(ସମିସ):** ବଁଅରପାଳ ବ୍ଲକ ତୁଳସୀପାଳ ଗ୍ରାମ ଆଲୁଅମୁଣ୍ଡା ଆମ୍ବବୁରିଠାରେ ଗୋଟିଏ ଆହତ ହାତୀର ଦ୍ୱିତୀୟଥର ଚିକିତ୍ସା ହୋଇଛି। ବନବିଭାଗର ସ୍ୱତନ୍ତ୍ର ଚିକିତ୍ସାକାରୀ ଦଳ ଚିକିତ୍ସା କରିବା ପାଇଁ ହାତୀକୁ ଟ୍ରାଙ୍କୁଲାଇଜ୍ କରିଥିଲେ। ତାଳଚେର ରେଞ୍ଜ୍ ଏଫସିଆଇ ସେକ୍ସନ ଗଣ୍ଡିଗାଡ଼ିଆ ବିଟ୍ କର୍ମଚାରୀ ଅସୁସ୍ଥ ହାତୀ ଉପରେ ନଜର ରଖି ଦ୍ୱିତୀୟ ଥର ଚିକିତ୍ସା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ୧୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଏହି ହାତୀ ଦୁଇ ମାସ ହେବ ଗୋଟିଏ ଗୋଡ଼ ଛୋଟେଇ ଛୋଟେଇ ଚଳପ୍ରଚଳ କରୁଥିଲା। କିଛିଦିନ ହେବ ବନବିଭାଗ ହାତୀର ଚିକିତ୍ସା କରିଥିଲା। ଶନିବାର ଦ୍ୱିତୀୟ ପର୍ଯ୍ୟାୟରେ ପୁଣି ହାତୀକୁ ଟ୍ରାଙ୍କୁଲାଇଜ କରି ଆଘାତ ପାଇଥିବା ଗୋଡ଼ର ଚିକିତ୍ସା କରାଯାଇଛି। ଏହି ଚିକିତ୍ସା ପ୍ରକ୍ରିୟା ପ୍ରାୟ ୪ ଘଣ୍ଟା ଧରି ଚାଲିଥିଲା। ଭେଟନାରୀ ଫରେଷ୍ଟର ଡା. ପ୍ରଦୀପ୍ତ ସିଂହ, ଏସିଏଫ କୃଷ୍ଣଚନ୍ଦ୍ର ସାହୁ, ରେଞ୍ଜର ଚାରୁଲତା ନାୟକ, ଫରେଷ୍ଟର ପଙ୍କଜ ନାୟକ, ବାୟୋଲୋଜିଷ୍ଟ ମନୋରଞ୍ଜନ ପରିଡ଼ା, ଗଜ ସ୍କ୍ୱାଡ୍, ଗଜମିତ୍ର, ରାପିଡ୍ ଫୋର୍ସ ପ୍ରମୁଖ ଚିକିତ୍ସାରେ ସହଯୋଗ କରିଥିଲେ।

# ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଉଦଘାଟିତ

ଅନୁଗୋଳ,୧୫ ।୧୧(ସମିସ)



ସ୍ଥାନୀୟ ବିଜୁ ମୈଦାନରେ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ଓ ଆପେଲ ସାଇନ୍ ଆଣ୍ଡ ଗ୍ରାଫିକ୍ସ ସହାୟତାରେ ପ୍ରଥମ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୫ ଉଦଘାଟିତ ହୋଇଛି। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଏହି ମେଳାରେ ୨୨ଟି ରାଜ୍ୟ ଓ ୮ ଦେଶରୁ ବିଭିନ୍ନ ବ୍ୟବସାୟିକ ସଂସ୍ଥା ଅଂଶଗ୍ରହଣ କରିଛନ୍ତି। ଏହି ମେଳା ଶୀତତାପ ନିୟନ୍ତ୍ରିତ ହ୍ୟାଙ୍ଗର ସଂରଚନାରେ ଅନ୍ତର୍ଭୁକ୍ତ। ମେଳାରେ ରିଏଲ୍ ଇଷ୍ଟେଟ୍, ଷ୍ଟାର୍ଟଅପ୍ କମ୍ପାନୀ, ଉତ୍ପାଦକ, ବିକାଶକାରୀ, ବ୍ୟାଙ୍କ, ନିର୍ମାଣ ସାମଗ୍ରୀ, ହାର୍ଡୱେର୍, ଆସବାବପତ୍ର, ଆଭ୍ୟନ୍ତରୀଣ, ଶିକ୍ଷା, ଘର ସାଜସଜ୍ଜା ଆଦି ଉତ୍ପାଦ ସହ ଘରୋଇ ଉପକରଣ, ଇଲେକ୍ଟ୍ରୋନିକ୍ସ, ଆର୍ଟିଷ୍ଟିକ୍ସ ପରିଦର୍ଶକମାନେ ରିଅଲ୍ ଇଷ୍ଟେଟ୍, ଷ୍ଟାର୍ଟଅପ୍, ଉତ୍ପାଦନ, ବ୍ୟାଙ୍କିଙ୍ଗ, ନିର୍ମାଣ ସାମଗ୍ରୀ, ଆସବାବପତ୍ର, ଆଭ୍ୟନ୍ତରୀଣ ଡିଜାଇନ୍, ହୋମ ଇଲେକ୍ଟ୍ରୋନିକ୍ସ, ସ୍ୱାସ୍ଥ୍ୟ ଏବଂ ସୁସ୍ଥତା, ଥାଇ ଫୁଲ, ଆଫଗାନିସ୍ତାନ ଶୁଖିଲା ଫଳ, ରାଜସ୍ଥାନୀ ମାର୍ବଲ, ଇରାନୀ ପର୍ସିଆନ କାର୍ପେଟ, କଶ୍ମୀରୀ ଫର୍ଣ୍ଣିଚର, ଇରାନୀ ଗହଣା, ମାଲେସିଆର ଫାଉଣ୍ଟେନ୍ ଏବଂ ବାଂଲାଦେଶୀ ହ୍ୟାଣ୍ଡଲୁମ୍ ସହ ଭାରତୀୟ ହସ୍ତତନ୍ତ ଭଳି ଉତ୍ପାଦମାନ ରହିଛି। ବିସ୍ତୃତ ଉତ୍ପାଦ ପ୍ରଦର୍ଶନୀ ସହ ଉପସ୍ଥିତ ଲୋକମାନେ ଖାଦ୍ୟ ଜୋନ୍‌ରେ ଉପଲବ୍ଧ ବିଭିନ୍ନ ସୁସ୍ୱାଦୁ ଏବଂ ସ୍ୱଚ୍ଛ ଖାଦ୍ୟ ମଧ୍ୟ ପାଇପାରିବେ। ଏହି ମେଳା ୧୧ ଦିନ ଧରି ଚାଲିବ। ଅନେକ କ୍ଷେତ୍ରରୁ ଗୁଣାତ୍ମକ ଉତ୍ପାଦମାନ ଏହି ପ୍ରଦର୍ଶନୀରୁ ସୁଲଭ ମୂଲ୍ୟରେ ପାଇପାରିବେ ବୋଲି ମେଳା ସଂଯୋଜକ ପର୍ଶୁରାମ ଦାଶ ପ୍ରକାଶ କରିଛନ୍ତି। ମେଳା ଉଭୟ ଗ୍ରାହକ ଏବଂ ବ୍ୟବସାୟୀଙ୍କ ପାଇଁ ଅର୍ଥପୂର୍ଣ୍ଣ ସଂଯୋଗ ଏବଂ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବ ବୋଲି ଲକ୍ଷ୍ୟ ରଖାଯାଇଛି। ସେହିପରି ଇଣ୍ଡୋନେସିଆ ବାଲିର ଜଳପରି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଖୁବ୍ ମନମୁଗ୍ଧକର ହେବ। ଉଦଘାଟନୀ ଉତ୍ସବରେ ଅନୁଗୋଳ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଗୁପ୍ତା ଇଭେଣ୍ଟ ମ୍ୟାନେଜେଣ୍ଟର ପରିଚାଳନା ନିର୍ଦ୍ଦେଶକ ସୁଜିତ ଗୁପ୍ତା, ଆପେଲ୍ ସାଇନ୍‌ର ନିର୍ଦ୍ଦେଶକ ଦୀନେଶ ଭୋଳଙ୍କ ସମେତ ମେଳା ସହ ସଂଯୋଜକ ଜୟନ୍ତ କର, ପ୍ରତାପ ମହାପାତ୍ର, ଆକାଶ ପ୍ରଧାନ, ଗୋପବନ୍ଧୁ ସାହୁ, ଲରେନଜିତ୍ ସାମଲ, ସୁଶୋଭିତ ସାହୁ, ଆଦ୍ୟଶ୍ଳୋକ ମିଶ୍ର, ସ୍ୱରୂପ କୁମାର ପାଢ଼ୀ ଓ ଆଦିତ୍ୟ ବର୍ମନ ପ୍ରମୁଖ ସହଯୋଗ କରିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ସିଆଇଟିୟୁର ବାଲେଶ୍ୱର ଜିଲ୍ଲା ସମ୍ମିଳନୀ




ବାଲେଶ୍ୱର,୧୫।୧୧(ସମିସ): ବାଲେଶ୍ୱର ଜିଲ୍ଲାର ସିଆଇଟିୟୁର ପନ୍ଦର ତମ ଜିଲ୍ଲା ସମ୍ମିଳନୀ ଶ୍ରମିକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀକୁ ସିଆଇଟିୟୁର ରାଜ୍ୟ ସମ୍ପାଦକ ଉଲ୍ଲାସ ସ୍ୱାଇଁ ଉଦଘାଟନ କରିଥିଲେ। କୃଷକ ସଭାର ରାଜ୍ୟ ସଭାପତି ସିତାଂଶୁ ସେନାପତି ଓ କ୍ଷେତ ମଜଦୁର ୟୁନିଅନର ରାଜ୍ୟ ସମ୍ପାଦକ ନିର୍ମଳ ନାୟକ, ନବନିର୍ବାଚିତ ଉପସଭାପତି ଶିଶିର ହୁଇ ଉପସ୍ଥିତ ରହି ଶ୍ରମିକ ବିରୋଧି ଡବଲ ଇଞ୍ଜିନ ସରକାର ବିରୋଧରେ ଆଲୋଚନା କରିଥିଲେ। ଚଳିତ ବର୍ଷରୁ ସିଆଇଟିୟୁର କାର୍ଯ୍ୟଦକ୍ଷତା ବୃଦ୍ଧି ହେତୁ ଜିଲ୍ଲା କମିଟିରେ ପରିଣତ ହୋଇଛି। ଆଜି ସତୁରି ଜଣ ପ୍ରତିନିଧିଙ୍କୁ ନେଇ ବାଲେଶ୍ୱର ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନୂତନ କମିଟି ପନ୍ଦର ଜଣ ସଭ୍ୟଙ୍କୁ ନେଇ ଗଠିତ ହୋଇଛି। ନୂତନ ଜିଲ୍ଲା କମିଟି ରେ ସାଥୀ ରାଜକିଶୋର ଲେଙ୍କା ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ସାଥୀ ବିଜୟ କୁମାର ପାତ୍ର ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ରତନ ଦାସ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ମୃତ୍ୟୁଞ୍ଜୟ ରାଉତ, ସୁଶାନ୍ତ ନାୟକ, ଅସିତ୍ ବରଣ ଦାସ, ସମେତ ଇସାନି ଷଡଙ୍ଗୀ ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ନିତ୍ୟାନନ୍ଦ ଜେନା, ରଜତ ବେହେରା, ପୂର୍ଣ୍ଣିମା ବେହେରାଙ୍କ ସମେତ ସୁଶାନ୍ତ ସାହୁ ଓ ସୁଶାନ୍ତ ଜେନା ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି।

### ଫାଇନାନ୍ସ କର୍ମଚାରୀଙ୍କଠୁ ଟଙ୍କା ଲୁଟ୍ ଘଟଣା

## ଲୁଟେରା ଗିରଫ, ଟଙ୍କା ସହ ତେଲଙ୍ଗା କଟୁରି ଜବତ

ବାଲେଶ୍ୱର, ୧୫ ।୧୧(ସମିସ)



ଏକ ଫାଇନାନ୍ସ କମ୍ପାନୀର ଜଣେ କର୍ମଚାରୀଙ୍କୁ ସହଦେବଖୁଂଟା ଥାନା ଅର୍ନ୍ତଗତ କଣ୍ଟାବଣିଆ ଗାଁର ପାସା ଛକ ଠାରେ ତିନି ଜଣ ଲୁଟେରା ମାରଣାସ୍ତ୍ର ଦେଖାଇ ତାଙ୍କ ଠାରୁ ୮୮ହଜାର ଟଙ୍କା ଲୁଟ କରି ଫେରାର ହୋଇଯାଇଥିଲେ। ସହଦେବଖୁଂଟା ପୁଲିସ ଆଜି ଏହି ଲୁଟେରାଙ୍କ ମଧ୍ୟରୁ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିବା ବେଳେ ତାଠାରୁ ୩୦ହଜାର ଟଙ୍କା ଓ ଗୋଟିଏ ତେଲେଙ୍ଗା କଟୁରୀ ଜବତ କରିଥିବା ସହଦେବଖୁଣ୍ଟା ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଟି ଡିଏସପି ନିର୍ମଳା ଗୋଛାୟତ ସୂଚନା ଦେଇଛନ୍ତି। ଗିରଫ ହୋଇଥିବା ଲୁଟେରା ଜଣକ ହେଉଛି ସହଦେବଖୁଣ୍ଟା ଥାନା ଅର୍ନ୍ତଗତ କଂଟାବଣିଆ ଗ୍ରାମର ମୋହନ ଦାସ(୨୫)। ଆରବିଏଲ ଫିନସରଭର ଲିମିଟେଡ ନାମକ ଏକ କମ୍ପାନୀରେ ଭୋଗରାଇ ଥାନା ଅର୍ନ୍ତଗତ ଖୁମ୍ବିରାଗଡି ଅଂଚଳର ଗଙ୍ଗାଧର ସାହୁ(୨୯) କାର୍ଯ୍ୟ କରନ୍ତି। ସେ ଗତ ୫ତାରିଖ ସକାଳେ କଂଟାବଣିଆ ଗାଁକୁ ଗ୍ରୁପ ଟଙ୍କା ଆଦାୟ କରିବାକୁ ଯାଇଥିଲେ। ସେଠାରେ ସେ ଗୋଟିଏ ସେଂଟରରୁ ୪୪ହଜାର ୧୨୪ଟଙ୍କା ଆଦାୟ କରିଥିବା ବେଳେ ଅନ୍ୟ ଏକ ସେଂଟରୁ ସେ ୪୪ହଜାର ୪ଶହ ଟଙ୍କା କଲେକସନ କରି ଦହପଡା ପେଟ୍ରୋଲ ଟାଙ୍କିରେ ପହଁଚିବା ସମୟରେ ତିନି ଜଣ ଅଜଣା ଯୁବକ ମୁହଁରେ କପଡା ଗୁଡାଇ ଗୋଟିଏ ବାଇକ ଯୋଗେ ଆସି ଅଟକାଇବା ପରେ ତାଙ୍କୁ ଏକ ଧାରୁଆ ଅସ୍ତ୍ର ଦେଖାଇ ଜୋର ଜବରଦସ୍ତ ତାଙ୍କଠାରେ ଥିବା ୮୮ହଜାର ୫୨୪ଟଙ୍କା ଲୁଟ କରି ସେଠାରୁ ଫେରାର ହୋଇଯାଇଥିଲେ। ଏହି ଘଟଣା ନେଇ ସେ ଗତ ୮ତାରିଖ ଦିନ ଥାନାରେ ଲିଖିତ ଭାବେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ଏସପିଙ୍କ ନିର୍ଦ୍ଦେଶ ଅନୁସାରେ ଏକ ଟିମ ଗଠନ ଗଠନ କରାଯାଇ ଏହି ଛିନ୍ତାଇ ଘଟଣାରେ ସାମିଲ ଥିବା ତିନି ଜଣଙ୍କ ମଧ୍ୟରୁ ମୋହନକୁ ଗିରଫ କରିବାରେ ସଫଳ ହୋଇଥିବା ବେଳେ ଅନ୍ୟ ଦୁଇଜଣକୁ ଶିଘ୍ର ଧରାଯିବ ବୋଲି କହିଛନ୍ତି। ଗିରଫ ମୋହନ ନାମରେ ମଧ୍ୟ ପୂର୍ବରୁ ସହଦେବଖୁଂଟା ଥାନାରେ ୮ଟି ବିଭିନ୍ନ ଡକାୟତି ଓ ଛିନତାଇ ମାମଲା ମଧ୍ୟ ରହିଛି ବୋଲି ସିଟି ଡିଏସପି କହିଛନ୍ତି। ଏହି ସମୟରେ ସହଦେବଖୁଂଟା ଥାନା ଅଧିକାରୀ ବିରଂଚି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଳୟରେ ଶିଶୁ ଦିବସ ଓ ପ୍ରତିଭା ସମ୍ମାନ

ବାଲେଶ୍ୱର,୧୫ ।୧୧(ସମିସ): ପବିତ୍ର ଶିଶୁଦିବସ ଅବସରରେ ଇଡ଼ିଦାସ୍ଥିତ



ଗୋଲକ ନାରାୟଣ ବନଦୁର୍ଗା ଉଚ୍ଚ ବିଦ୍ୟାଳୟରେ ଶିଶୁଦିବସ ଓ ପ୍ରତିଭା ସମ୍ମାନ ଉତ୍ସବ ପ୍ରଧାନଶିକ୍ଷୟିତ୍ରୀ ମିନତୀ ରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଜବାହରଲାଲଙ୍କ ଜନ୍ମଦିବସକୁ ଶିଶୁଦିବସ ପାଳନର ମହାତ୍ମ୍ୟ ସମ୍ପର୍କରେ ଛାତ୍ର ଅଂଶୁମାନ ପଢ଼ିଆରୀ, ହୃଷିକେଶ ନାୟକ, ଚିନ୍ମୟ କର, ଦିବ୍ୟଲିସା ରଣା ଆଲୋଚନା କରିଥିଲେ। ପୁରାତନ ଛାତ୍ରସଂସଦ ପକ୍ଷରୁ ସଭାପତି ଶଚୀନ୍ଦ୍ର ଦାସ, ସାଧାରଣ ସମ୍ପାଦକ ରତିନ୍ଦ୍ର ପରିଡ଼ା,ପୂର୍ବତନ ପ୍ରଧାନଶିକ୍ଷକ ପର୍ଶୁରାମ ଦେ,ବିଦ୍ୟାଧର ପରିଡ଼ା, ମୁଖ୍ୟ ଅତିଥି ବିରେନ୍ଦ୍ର ନାରାୟଣ ପ୍ରହରାଜ ପିଲାମାନଙ୍କର ଅନ୍ତର୍ନିହିତ ପ୍ରତିଭାର ପରିସ୍ଫୁଟନ ପାଇଁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅଜୟ ଦାଶ ସମସ୍ତ ମାନପତ୍ର ପାଠ କରିଥିବାବେଳେ ପୂର୍ବତନ ଛାତ୍ର ଗୌରୀଶଙ୍କର ଦତ୍ତ, କୈଳାସ ସାହୁ, ସନ୍ଦୀପ ଦାସ, ସତ୍ୟନାରାୟଣ ଦାସଙ୍କ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସୁନ୍ଦର ଭାବେ କାର୍ଯ୍ୟ ପରିଚାଳନା କରିଥିଲେ। ସଂଗୀତ ପ୍ରତିଯୋଗିତା ଓ ବକ୍ତୃତା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ସ୍କୁଲର ଶିକ୍ଷକମାନେ ପୁରସ୍କାର ବିତରଣ କରିଥିଲେ।

## ଶ୍ରୀଜଗନ୍ନାଥ ପବ୍ଲିକ ସ୍କୁଲରେ ନେହରୁ ଜୟନ୍ତୀ




ବାଲେଶ୍ୱର,୧୫ ।୧୧(ସମିସ): ଶ୍ରୀଜଗନ୍ନାଥ ପବ୍ଲିକ ସ୍କୁଲ ପରିସରରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ଜନ୍ମଦିନ ପାଳନ ଅବସରରେ ସ୍କୁଲର ଶିକ୍ଷକ ଶିକ୍ଷିକାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା 'ମୋବାଇଲ ଭୂତ' ନାଟକ ମଞ୍ଚସ୍ଥ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ବିଶିଷ୍ଟ କବି ନାଟ୍ୟକାର ଶ୍ରୀଦେବ ଜବାହରଲାଲଙ୍କ ଉଚ୍ଚଶିକ୍ଷା ସାଙ୍ଗକୁ ବିଶାଳ ଭାରତବର୍ଷ ଗଠନର ଉଚ୍ଚାକାଂକ୍ଷା କିଭଳି ଆମ ଦେଶ ପୃଥିବୀର କୋଣ ଅନୁକୋଣରେ ଚର୍ଚ୍ଚାର ଶୀର୍ଷ ସ୍ଥାନରେ ପହଞ୍ଚାଇ ପାରିଛି ବୋଲି କହିଥିଲେ। ଅତିଥି ଭାବେ ବିଶିଷ୍ଟ ଗାୟିକା ରଶ୍ମିରେଖା ନିଜ ମତ ରଖିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏବଂ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ସରୋଜିନୀ ମିଶ୍ରଙ୍କ ନେତୃତ୍ୱରେ ବରିଷ୍ଠ ଶିକ୍ଷକ,ଶିକ୍ଷୟିତ୍ରୀ ସନ୍ତୋଷ କୁମାର ପଣ୍ଡା, ମୋନାଲିସା ପଣ୍ଡା, ଜି ସାହିନ, ସସ୍ମିତା ଆଚାର୍ଯ୍ୟ, ପ୍ରଣିତା ଅଗସ୍ତି,ଏଚଏଚ ଶ୍ରୀରାମ, ସୁବଳ କୁମାର ଦାସ,ନାହିଦ ସୁଲତାନା,ଅଜୟ ପ୍ରଧାନ, ଭାଗ୍ୟଲକ୍ଷ୍ମୀ ବେହେରା,ଆଫ୍ରିନ କାର୍ଦ୍ରୀ, ପ୍ରିୟଙ୍କା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରୋଜେକ୍ଟ ସହଯୋଗରେ ଲାଗିଲା ସିସିଟିଭି

ବାଲେଶ୍ୱର,୧୫ ।୧୧(ସମିସ): ବାଲେଶ୍ୱର ପୁଲିସ ଆରମ୍ଭ କରିଥିବା 'ପ୍ରୋଜେକ୍ଟ ସହଯୋଗ' ଅଭିଯାନରେ ଟ୍ରାଫିକ ବ୍ୟବସ୍ଥା ସହ ଅପରାଧ ଓ ଅପରାଧିଙ୍କ ଉପରେ ନିୟନ୍ତ୍ରଣ ପାଇଁ ସହରର ବିଭିନ୍ନ ଛକମାନଙ୍କରେ ଲଗାଯାଉଛି ସିସିଟିଭି କ୍ୟାମେରା। ଏହି କ୍ରମରେ ଆଜି ସହରର ଜଉ କଣ୍ଟେଇ ଛକ, ବଙ୍କାଖଜୁରୀ ଛକରେ ସିସିଟିଭି କ୍ୟାମେରା ଉଦଘାଟନ କରାଯାଇଛି।



ପୂର୍ବାଞ୍ଚଳ ଡିଆଇଜି ପିନାକି ମିଶ୍ର ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବାବେଳେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର ପ୍ରମୁଖ ଉପସ୍ଥିତ ଥିଲେ। ଏହି ବ୍ୟବସ୍ଥାକୁ ଡିଆଇଜି ଉଦଘାଟନ କରିବା ସହିତ 'ପ୍ରୋଜେକ୍ଟ ସହଯୋଗ'ର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କ୍ରାଉଡ ଫଣ୍ଡିଂ ଜରିଆରେ ବାଲେଶ୍ୱର ସହରର ସାଧାରଣ ଜନତାଙ୍କ ଦ୍ୱାରା ମିଳିତଭାବେ କିଛି କିଛି ଛକମାନଙ୍କରେ ସିସିଟିଭି ଲଗାଯିବାକୁ ନିଷ୍ପତ୍ତି ନିଆଯାଇଥିବା ସେ କହିଥିଲେ। ସମସ୍ତ କ୍ୟାମେରା ବାଲେଶ୍ୱର ଟ୍ରାଫିକ ଥାନାର କେନ୍ଦ୍ରୀୟ କମାଣ୍ଡ ଓ କଂଟ୍ରୋଲ ସେଣ୍ଟର ସହିତ ସଂଯୁକ୍ତ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଆଡ଼ିସିନାଲ ଏସପି ଦିବ୍ୟଜ୍ୟୋତି ଦାସ,ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ଟାଉନଥାନା ଅଧିକାରୀ ବିଜୟ କୁମାର ଦାସ, ସହଦେବଖୁଂଟା ଥାନା ଅଧିକାରୀ ବିରଞ୍ଚି ସାହୁ ପ୍ରମୁଖଙ୍କ ସହ ଅନ୍ୟ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସାହିତ୍ୟିକ ପ୍ରହଲ୍ଲାଦ ମହାନ୍ତିଙ୍କ ବିୟୋଗରେ ଶୋକ

ବାଲେଶ୍ୱର,୧୫ ।୧୧(ସମିସ): ଶିକ୍ଷାବିତ,ଗବେଷକ, ସାହିତ୍ୟିକ ତଥା 'ମନା'ର ବରିଷ୍ଠ ଉପଦେଷ୍ଟା ଡ ପ୍ରହ୍ଲାଦ ମହାନ୍ତିଙ୍କ ବିୟୋଗରେ ଅନୁଷ୍ଠାନ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଥିଲା। ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଦେଷ୍ଟା ସୁବ୍ରତ କର, ଡ କ୍ଷିତୀଶ୍ୱର ଦାଶ, ଗୌରାଙ୍ଗ ପାଣିଗ୍ରାହୀ, କଲ୍ୟାଣୀ ନନ୍ଦ,ବେଣୁଧର ସାହୁ, ଭାରତୀ ପଣ୍ଡା ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ବହୁବିଧ କୃତି ଉପରେ ଆଲୋକପାତ କରିଥିଲେ। ସମ୍ପାଦିକା ଗୀତାଞ୍ଜଳି ସିଂହ ଆସନ୍ତା ନଭେମ୍ବର୨୩ତାରିଖ ଦିନ ପ୍ରତିବର୍ଷଭଳି ଚଳିତବର୍ଷ ସ୍ୱାଧୀନ ଭାରତରେ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଜନ୍ମଦିବସ ପାଳନ ପାଇଁ ପ୍ରସ୍ତାବ ଦେଇଥିଲେ। ଉକ୍ତଦିନ ଅପରାହ୍ନ ୩ଟା ବେଳେ ମଠସାହି ସ୍ଥିତ ମିରାମ୍ବିକା ଆବାସିକ ଉଚ୍ଚ ବିଦ୍ୟାଳୟରେ ଏହି ଉତ୍ସବ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ଓଡ଼ିଶା ଲେଖିକା ସଂସଦ,ବାଲେଶ୍ୱର ଶାଖା ପକ୍ଷରୁ ଏକ ଶୋକସଭା ସ୍ଥାନୀୟ ବିଶ୍ୱଶ୍ରୀ ପ୍ରେସ ସଭାଗାରରେ ଆୟୋଜିତ ହୋଇଥିଲା। ପ୍ରତିମା ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ୱର୍ଗତ ପ୍ରହ୍ଲାଦ ମହାନ୍ତିଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଲେଖିକା ସଂସଦର ଆବାହିକା ଡ. ସିନ୍ଧୁସେନ ଓ କବୀ ମନସ୍ୱିନୀ ଦେବୀ ଏକ ଶୋକ ପ୍ରସ୍ତାବ ଆଗତ କରିଥିଲେ, ଯାହାକୁ ଉପସ୍ଥିତ ଲେଖିକାମାନେ ଅନୁମୋଦନ କରିଥିଲେ। ଅନିତା ରଥ, ସୁନାମଣି ଜେନା, ଗୀତାଞ୍ଜଳି ଶତପଥୀ ଡ. ପ୍ରହ୍ଲାଦ ମହାନ୍ତିଙ୍କ ସମ୍ପର୍କରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆବାହିକା କବୀ ମନସ୍ୱିନୀ ଦେବୀ ଓ ସୌଭାଗିନୀ ମିଶ୍ର ଦିବଂଗତ ପ୍ରହ୍ଲାଦ ମହାନ୍ତିଙ୍କ ଉଦ୍ଦେଶ୍ୟରେ କବିତାପାଠ କରି ସ୍ମୃତି ଅର୍ଘ୍ୟ ଅର୍ପଣ କରିଥିଲେ। ଗୀତାଞ୍ଜଳି ଶତପଥୀ ଧନ୍ୟବାଦ ଦେଇଥିଲେ।

## ଯୌତୁକ ନିଷେଧ ଅଧିନିୟମ ସମ୍ପର୍କିତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର



ବାଲେଶ୍ୱର,୧୫।୧୧(ସମିସ): ସମାଜରେ ଯୌତୁକ ନିର୍ଯାତନାରୁ ମହିଳାମାନଙ୍କ ସୁରକ୍ଷା ନିମନ୍ତେ ଥିବା ଆଇନ୍ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ ଅଭିଯୋଗ ସମ୍ମିଳନୀ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଦ୍ୱାରା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାରୀମାନଙ୍କ ସୁରକ୍ଷା ଓ ନିରାପଦ ଜୀବନଯାପନ ପାଇଁ ସରକାର ନେଉଥିବା ପଦକ୍ଷେପ ବିଷୟରେ ତାଲିମ୍ ଦିଆଯାଇଛି। ତାଲିମ୍ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳସୁଧାକର ନାଏକ ଅଧ୍ୟକ୍ଷତା କରି ନାରୀ ସଶକ୍ତିକରଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଉଥିବା ପଦକ୍ଷେପ ମଧ୍ୟରେ 'ଯୌତୁକ ନିଷେଧ ଅଧିନିୟମ-୧୯୬୧' ସମ୍ପର୍କରେ ଆଲୋକପାତ କରିଥିଲେ। ଉପ-ଆରକ୍ଷୀ ଅଧିକ୍ଷକ ଅନିତା ମଙ୍ଗରାଜ ସଂଶୋଧନ ବିଶେଷଜ୍ଞ ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋସ୍ନା ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏଲଏସ୍ଏର କର୍ମକର୍ତ୍ତା, ଆଇସିଡିଏସ୍ ଅଧିକାରୀ ସ୍ୱପ୍ନା ପ୍ରହରାଜ, ସମସ୍ତ ଶିଶୁ ବିକାଶ ପ୍ରକଳ୍ପର ଅଧିକାରୀ, ପଞ୍ଚାୟତ ଏକ୍ଜିକ୍ୟୁଟିଭ ଅଫିସର, ସଖୀ ଓଏସସି କର୍ମଚାରୀ, ଶକ୍ତି ସଦନ କର୍ମଚାରୀ, ଡିଏଚ୍ଇଡବ୍ଲୁର ସମସ୍ତ କର୍ମଚାରୀ ଓ ଅନ୍ୟାନ୍ୟ ବିଭାଗର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ଆଇନ ସଚେତନତା ଶିବିର

ବାଲେଶ୍ୱର,୧୫।୧୧(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଟାଉନ୍ ହାଇସ୍କୁଲ୍ ପରିସରରେ ଶିଶୁ ଦିବସ ପାଳିତ ଅବସରରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତର ବିଚାରପତି ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମନ୍ ଜେନା ସଭାପତିତ୍ୱ କରି ଶିଶୁ ମାନଙ୍କର ଅଧିକାରର ସୁରକ୍ଷା କରିବା ପାଇଁ ସରକାର ପ୍ରଣୟନ କରିଥିବା ବିଭିନ୍ନ ଆଇନ୍ ଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସଦସ୍ୟ ଶତ୍ରୁଘ୍ନ ମଲ୍ଲିକ୍ ବିଦ୍ୟାଳୟର ଶିକ୍ଷକ ଏବଂ ଶିକ୍ଷୟତ୍ରୀ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ହୋଇଥିବା ଏକ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଧର୍ମିକା ତୁଳସୀ ରଣା, ଡେଲିନା ବେହେରା ଏବଂ ବିଦୁସ୍ମିତା ତରେଇ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦେବାଶିଷ ମହାରଣା, ସୁମିତା ତରେଇ ଏବଂ ଅଶ୍?ନୀ ବିନ୍ଧାଣୀ ଦ୍ୱିତୀୟ ସ୍ଥାନ ଏବଂ ସତ୍ୟଜିତ କୁଣ୍ଡୁ ଏବଂ ସୌମ୍ୟ ରଂଜନ ଜେନା ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଜିଲ୍ଲା ଏବଂ ଦୌରା ଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ସତ୍ୟ ନାରାୟଣ ମିଶ୍ର ପୁରସ୍କୃତ କରିଥିଲେ।

## ମା' ଦ୍ୱାରଶୁଣି ସ୍ପୋର୍ଟିଂ କ୍ଲବ ପକ୍ଷରୁ ଫୁଟବଲ ଟୁର୍ଣ୍ଣାମେଣ୍ଟ



ବାଲେଶ୍ୱର,୧୫।୧୧(ସମିସ): ସଦର ବ୍ଲକ ଅଧିନ ନଗ୍ରମ ଫୁଲାଡ଼ି ପଞ୍ଚାୟତ ହାଇସ୍କୁଲ ପଡ଼ିଆରେ ମା' ଦ୍ୱାରଶୁଣି ସ୍ପୋର୍ଟିଂ କ୍ଲବ ପକ୍ଷରୁ ୨୨ତମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ବାଲେଶ୍ୱର ଆଞ୍ଚଳିକ ବାଣିଜ୍ୟ ସହଯୋଗ ସମିତିର ସଭାପତି ତଥା ପୂର୍ବତନ ସରପଞ୍ଚ ସର୍ବେଶ୍ୱର ମହାନ୍ତି ଉଦଘାଟକ ଭାବେ ଯୋଗ ଦେଇ ଏହି ଦୁଇ ଦିନିଆ ଟୁର୍ଣ୍ଣାମେଣ୍ଟକୁ ଉଦଘାଟିତ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ୧୬ଟି ଟିମ ଅଂଶଗ୍ରହଣ କରିଛନ୍ତି।। ସମ୍ମାନିତ ଅତିଥି ଭାବେ ନଗ୍ରମ ସେବା ସମବାୟ ସମିତିର ଉପ ସଭାପତି ଝୁନୁମଣି ନାୟକ, କମିଟିର ଉପଦେଷ୍ଟା ଶଙ୍କର୍ଷଣ ହେମ୍ବ୍ରମ, ଶ୍ରୀମତ ସରେନ, ଭଗବାନ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। କମିଟିର ସଭାପତି ମେଘରାୟ ହାଁସଦା, ସାଧାରଣ ସମ୍ପାଦକ କଙ୍କା ସରେନ, ଉପ ସଭାପତି ସିଂରାୟ ହେମ୍ବ୍ରମ, ସହ ସମ୍ପାଦକ ସାନା ମାରାଣ୍ଡି, ଯୁଗ୍ମ ସମ୍ପାଦକ କାଳିକିଙ୍କର ସିଂ, ବିଜୟ ହେମ୍ବ୍ରମ, ଲାଖା ହେମ୍ବ୍ରମ, ରାମ ଚନ୍ଦ୍ର ମାରାଣ୍ଡି, କାଳିଆ ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ। ଉଦଘାଟନୀ ମ୍ୟାଚ ନୀଳଗିରି ଫୁଟବଲ କ୍ଲବ ଏବଂ ରୂପସା ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୩-୦ ଗୋଲରେ ନୀଳଗିରି ବିଜୟୀ ହୋଇଛି।

## ରେମୁଣା ଡିଗ୍ରୀ ମହାବିଦ୍ୟାଳୟରେ ନିଶା ବିରୋଧୀ ସଚେତନତା ଶିବିର

ବାଲେଶ୍ୱର,୧୫ ।୧୧(ସମିସ): ମିଳିତ ନିଶା ନିବାରଣ ଅଭିଯାନ 'ମନା' ପକ୍ଷରୁ ବାଲେଶ୍ୱର ଓ ରେମୁଣା ଡିଗ୍ରୀ ମହାବିଦ୍ୟାଳୟର ମିଳିତ ସହଯୋଗରେ ନିଶାବିରୋଧୀ ସଚେତନତା ଶିବିର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। 'ମନା'ର ସଭାପତି ଆଇନଜୀବୀ ପ୍ରଭାକର ସାହୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଉପଦେଷ୍ଟା ସୁବ୍ରତ କର, 'ମନା'ର ଉପସଭାପତି ତଥା ଜିଲ୍ଲା ସଚେତନତା କାର୍ଯ୍ୟକ୍ରମର ସଂଯୋଜକ କ୍ଷିତୀଶ୍ୱର ଦାଶ ଶିବିର ଆୟୋଜନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ମାଳତୀ ସାମଲ ସ୍ୱାଗତ ଭାଷଣରେ ଛାତ୍ରଛାତ୍ରୀଙ୍କୁ ନିଶା ସେବନର ଅପକାରିତା ବିଷୟରେ ବୁଝାଇବା ସହିତ ସଚେତନତା ସୃଷ୍ଟି କରିବା ଦିଗରେ 'ମନା'ର ଏହି ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ନିଶା ବିରୋଧୀ ବକ୍ତୃତା ଦେଇଥିବା ବିଦ୍ୟାଳୟର ଛାତ୍ରଛାତ୍ରୀ ଆଦିତ୍ୟ ନାରାୟଣ ଭୁକ୍ତ ଓ ମୋନାଲିସା ମଲ୍ଲିକଙ୍କୁ ସଙ୍ଗଠନ ପକ୍ଷରୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ରିନୁ ଲିପସା ପଣ୍ଡା ମଂଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଏନଏସଏସ ଅଫିସର ଅଧ୍ୟାପିକା ରଶ୍ମିତା ଭୂୟାଁ ଧନ୍ୟବାଦ ଦେଇଥିଲେ।

## ଓଡ଼ିଶା ରାଜ୍ୟ ବିଦ୍ୟାଳୟସ୍ତରୀୟ ଆଥ୍ଲେଟିକ୍ସ, ସଫ୍ଟବଲ୍ ଓ ବେସ୍‌ବଲ୍ ପ୍ରତିଯୋଗିତା

ବାଲେଶ୍ୱର,୧୫।୧୧(ସମିସ)



ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନ ଓ ବାଲେଶ୍ୱର ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନର ମିଳିତ ଆୟୋଜନରେ ହେଉଥିବା ଓଡ଼ିଶା ରାଜ୍ୟ ବିଦ୍ୟାଳୟସ୍ତରୀୟ ଆଥଲେଟିକ୍ସ, ସଫ୍ଟବଲ ଓ ବେସବଲ ପ୍ରତିଯୋଗିତାର ଉଦଯାପନ ଉତ୍ସବ ଆଜି ସ୍ଥାନୀୟ ପରମିଟ୍ ପଡ଼ିଆ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ସମଗ୍ର ରାଜ୍ୟରୁ ୧୧୨୯ ଜଣ ପ୍ରତିଯୋଗୀ, ୧୪୦ ଜଣ ମେନେଜର, ୨୮୩ ଜଣ ଅଫିସିଆଲ୍ ଓ ୬୦ ଜଣ ପରିଚାଳନା ସହଯୋଗୀ, ସମୁଦାୟ ୧୬୧୨ ଜଣ ସଦସ୍ୟ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ଡ. ବସନ୍ତ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥଲେ। ରାଜ୍ୟ ଶାରୀରିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା କ୍ରୀଡ଼ା ବିବରଣୀ ପାଠ କରିଥିଲେ। ଅନ୍ୟତମ ଅତିଥି ଭାବରେ ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଜେନା, ବାଲେଶ୍ୱର କ୍ରୀଡ଼ା ସଙ୍ଗଠନର ସହ ସମ୍ପାଦକ ପଦ୍ମଲୋଚନ ଲେଙ୍କା, ପୂର୍ବତନ ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ଦାସ, ସଦର ବିଇଓ ଯଜ୍ଞେଶ୍ୱର ଜେନା, ମୟୂରଭଞ୍ଜ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗୀରଥି ମଲ୍ଲିକ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। କେନ୍ଦ୍ରୀୟ ଅଧିକାରୀ ନିରଞ୍ଜନ ଶତପଥୀ ସଭା କାର୍ଯ୍ୟକୁ ସଂଯୋଜନା କରିଥଲେ। ବାଲେଶ୍ୱର ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଚନ୍ଦ୍ରକାନ୍ତ ଘଡ଼ାଇ ଧନ୍ୟବାଦ ଦେଇଥିଲେ। କନଭେଣ୍ଟ ସ୍କୁଲର ଛାତ୍ରଛାତ୍ରୀ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥଲେ। ଶେଷରେ ମୁଖ୍ୟଅତିଥି କ୍ରୀଡ଼ା ପତାକା ଅବତଳନ କରି କ୍ରୀଡ଼ା ପରିସମାପ୍ତିର ଘୋଷଣା କରିଥଲେ। ପ୍ରତିଯୋଗିତାରେ ସଫ୍ଟବଲ ୧୭ ବର୍ଷରୁ କମ୍ ବାଳକ ଚମ୍ପିୟାନ ଭୁବନେଶ୍ୱର ଏବଂ ରନର୍ସଅପ୍ ରାୟଗଡ଼ା ହୋଇଥିବା ବେଳେ ସଫ୍ଟବଲ ୧୭ବର୍ଷରୁ କମ୍ ବାଳିକା ଚମ୍ପିୟାନ ଭୁବନେଶ୍ୱର ଏବଂ ରନର୍ସଅପ୍- ରାୟଗଡ଼ା ହୋଇଛି। ବେସବଲ ୧୭ବର୍ଷରୁ କମ୍ ବାଳକ ଚାମ୍ପିଅନ ଭୁବନେଶ୍ୱର ଏବଂ ରନର୍ସଅପ୍- କେନ୍ଦ୍ରାପଡ଼ା। ବେସବଲ ୧୭ ବର୍ଷରୁ କମ୍ ବାଳିକା ଚାମ୍ପିଅନ ଭୁବନେଶ୍ୱର ଓ ରନର୍ସଅପ୍ ରାୟଗଡ଼ା। ଏଥେଲେଟିକ ଏକକ ଚମ୍ପିୟାନ ୧୭ବର୍ଷରୁକମ୍ ବାଳକ ନବରଙ୍ଗପୁର, ବାଳିକାରେ ଭୁବନେଶ୍ୱର। ୧୪ ବର୍ଷରୁ କମ୍ ବାଳକ ନବରଙ୍ଗପୁର ଏବଂ ବାଳିକା ଭୁବନେଶ୍ୱର ହୋଇଛି।

## ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ

ବାଲେଶ୍ୱର/ ନୀଳଗିରି , ୧୫ ।୧୧(ସମିସ): ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମଠାରେ ଭଗବାନ ବିର୍ସା ମୁଣ୍ଡାଙ୍କ୧୫୦ତମ ଜୟନ୍ତୀ ଅବସରରେ ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି।



ଏହି ଜନଜାତୀୟ ଗୌରବ ଦିବସକୁ ପ୍ରଧାନମନ୍ତ୍ରୀ ଗୁଜରାଟ ଠାରେ ଉଦଘାଟନ କରିଥିଲେ। ଏହି କ୍ରମରେ ବାଲେଶ୍ୱର ଜିଲ୍ଲା ସ୍ତରରେ ନୀଳଗିରି ସ୍ଥିତ ଇଣ୍ଡୋର ଷ୍ଟାଡିୟମ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ ସମେତ ଅନ୍ୟତମ ଅତିଥି ଭାବେ ନୀଳଗିରି ପୌରପରିଷଦ ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ,ଜିଲ୍ଲା ମଙ୍ଗଳ ଅଧିକାରୀ ଦେବାଶିଷ ସ୍ୱାଇଁ, ତହସିଲଦାର ସୋନମ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୈଳେନ୍ଦ୍ର ଶତପଥୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଜନଜାତୀୟ ବର୍ଗର ଯୋଗ୍ୟ ହିତାଧିକାରୀଙ୍କୁ ଜଙ୍ଗଲ ଜମିପଟ୍ଟା ବଣ୍ଟନ କରାଯାଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ମଙ୍ଗଳ ଅଧିକାରୀ ଦେବାଶିଷ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଆଖଡ଼ା ଶୋଭାଯାତ୍ରାବେଳେ ଗଣ୍ଡଗୋଳ

**ଅନ୍ୟ ଜଣେ ଅଭିଯୁକ୍ତ ଗିରଫ**

**ସୋର, ୧୫।୧୧(ସମିସ):** ଗତ ଜୁନ ୭ରେ ସୋର ପୌର ପାଳିକାରେ ଇଦ ଉଲ ଜୁହା ପାଳନ ଅବସରରେ ଆଖଡ଼ା ଶୋଭାଯାତ୍ରା ଚାଲିଥିବା ବେଳେ ଗଣ୍ଡଗୋଳ ଘଟଣାରେ ସୋର ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁସାରେ ଗତ ଜୁନ ୭ରେ ଏହି ଆଖଡ଼ା ଶୋଭାଯାତ୍ରା ଚାଲିଥିବା ବେଳେ ଇଟୁଆ ଗ୍ରାମର ସେକ ରେହେମାନ, ଦିଦାର ଖାନ ଏବଂ ପଠାଣ ମହଲ୍ଲା ଗ୍ରାମର ରିୟାଜ ଖାନ ଛତ୍ରପୁର ଛକରେ ଶୋଭାଯାତ୍ରା ଦେଖୁଥିଲେ।ଏହି ସମୟରେ କାଶୀପୁର ଗ୍ରାମର ୩ ଜଣ ଯୁବକ ହାତରେ ଖଣ୍ଡା, ହକିଷ୍ଟିକ ଧରି ସେଠାରେ ପହଞ୍ଚି ସେମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ସମସ୍ତେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ଦିଦାରର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରୁ ଚିକିତ୍ସିତ ହୋଇ ଫେରିବା ପରେ ସେକ ରେହମାନ ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଜଣେ ଅଭିଯୁକ୍ତ କାଶୀପୁର ଗ୍ରାମର ସେକ କାଦିର (୨୫)କୁ ଗତକାଲି ବିଳମ୍ବିତ ରାତିରେ ପୁଲିସ ଗିରଫ କରିଥିଲା। ଆଜି ଅପରାହ୍ଣରେ ସୋର ମେଡିକାଲରେ ତାର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିଛି।

# ସୋରରେ ପୃଥକ ଦୁର୍ଘଟଣା; ୧୩ ଆହତ

**ସୋର, ୧୫।୧୧(ସମିସ)**

ସୋର ଥାନା ଅଧୀନ ଭିନ୍ନ ଭିନ୍ନ ସ୍ଥାନରେ ପୃଥକ ଦୁର୍ଘଟଣାରେ ୧୩ ଜଣରୁ ଅଧିକ ଆହତ ହୋଇଥିବା ଜଣାପଡିଛି। ଆଜି ଅପରାହ୍ଣରେ ଏକ ଇନୋଭା କାର ଖଇରାରୁ ସୋର ଅଭିମୁଖେ ଆସୁଥିବା ବେଳେ ସୋର ଥାନା କାନପୁର ନିକଟରେ ତିନୋଟି ବାଇକକୁ ଧକ୍କା ଦେଇ ନୟନଯୋରୀକୁ ଓଲଟି ପଡିଥିଲା। ଫଳରେ ବାଇକରେ ଥିବା ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ କାନ୍ଠିଥସାହି ଅଞ୍ଚଳର ଆକାଶ ସେଠୀ (୨୮) ଓ ତାଙ୍କ ସ୍ତ୍ରୀ ସବିତା ସେଠୀ(୨୭), ଔପଦା ବ୍ଲକ କମାରପାଳ ଗ୍ରାମର ରତିକାନ୍ତ ବେହେରା, ତାଙ୍କ ସ୍ତ୍ରୀ ଆରତି ବେହେରା, ଛଅ ବର୍ଷର ପୁଅ ଚିରଞ୍ଜିବି ବେହେରା ଓ ତିନି ମାସର ଶିଶୁ କନ୍ୟା ଅନିଶାରାଣୀ ବେହେରାଙ୍କ ସମେତ ୮ଜଣ ଗୁରୁତର ଆହତ ହୋଇଥିଲେ। ଇନୋଭାଟି ନୟନଯୋରିକୁ ଓଲଟି ପଡିଥିବା ବେଳେ ନିଶାସକ୍ତ ଅବସ୍ଥାରେ ଥିବା ଗାଡି ଚାଳକକୁ ସ୍ଥାନୀୟ ଲୋକେ ଉତ୍ତମ ମଧ୍ୟମ ଦେବା ସହ ସମସ୍ତଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।ସେଠାରେ ଗାଡି ଚାଳକ ନିରଜ କୁମାର ପାତ୍ର(୪୦)ଙ୍କ ସମେତ ୫ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।



ସେହିପରି ବାହାନଗାରୁ ସୋର ଅଭିମୁଖେ ଆସୁଥିବା ଏକ ସ୍କର୍ପିଓ କାର ବର୍ତ୍ତନା ଛକ ନିକଟରେ ଦୁଇଟି ବାଇକୁ ଧକ୍କା ଦେଇଥିଲା। ଏଥିରେ ସୋର ପୌରାଞ୍ଚଳ ୮ ନମ୍ବର ୱାର୍ଡ ଅଡଙ୍ଗ ଗ୍ରାମର ମନୋରଞ୍ଜନ ପାତ୍ର ଓ ସାହସପୁରା ଗ୍ରାମର ଶେଖ ଆଜିବୁଲା ଓ ତାଙ୍କ ସ୍ତ୍ରୀ ନଜମା ବିବି ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତ ଆହତଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଘଟଣା ସ୍ଥଳରୁ ସ୍କର୍ପିଓ ଚାଳକ ଫେରାର ଥିବା ବେଳେ ଖବର ପାଇ ସୋର ପୁଲିସ କାନପୁର ଛକରେ ପହଞ୍ଚି ଇନୋଭା ଗାଡି ସମେତ ବାଇକକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଦୁଇ ବେଆଇନ ବାଲି ଗାଡ଼ି ଜବତ

**ସୋର, ୧୫।୧୧(ସମିସ):** ଆଜି ସକାଳେ ବେଆଇନ ବାଲି ଚାଲାଣ ହେଉଥିବା ନେଇ ଖବର ପାଇ ସୋର ତହସିଲଦାର ଦୈତାରି ମଲ୍ଲିକ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ କଲେଜ ଛକ ନିକଟରେ ଛଢାଉ କରି ଗାଡିର କାଗଜପତ୍ର ଯାଞ୍ଚ କରିଥିଲେ। ଏହି ସମୟରେ ଭଦ୍ରକ ରୁ ବାଲେଶ୍ୱର ଅଭିମୁଖେ ଆସୁଥିବା ଦୁଇଟି ବେଆଇନ ବାଲି ବୋଝେଇ ଗାଡିକୁ ଜବତ କରିଥିଲେ। ଚଢାଉ ହେଉଥିବା ଜଣିପାରି ୩୦ ଗାଡି ଫେରାର ହୋଇଯାଇଥିବା ଜଣାପଡିଛି।

# ସମବାୟ ସପ୍ତାହ ପାଳିତ



**ନୀଳଗିରି, ୧୫।୧୧ (ସମିସ):** ଶ୍ୟାମସୁନ୍ଦରପୁର ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ୭୨ତମ ସମବାୟ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ସମିତିର କୃଷକ ବସନ୍ତ କୁମାର ପାତ୍ର ପତାକା ଉତ୍ତୋଳନ କରିଥିଲେ। ଏହି ଉତ୍ସବରେ ସମିତିର ସ୍ଥାୟୀ ସଭାପତି ମନୋରଞ୍ଜନ ଦାସ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ଗଦାଧର ପାତ୍ର ସମବାୟ ଦିବସ ପାଳନ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସରପଞ୍ଚ ପୁରୁଷୋତ୍ତମ ସେଠୀ ସମବାୟ ସମିତିର ଗଠନ, ସ୍ଥାୟିତ୍ୱ ସହ ଆଗାମୀ ଦିନରେ ଚାଷୀ କିଭଳି ସହଜରେ ଋଣ ପାଇପାରିବେ ସେ ବାବଦରେ ଆଲୋକପାତ କରିଥିଲେ। ଏହି ଅବସରରେ ୮୦ରୁ ଅଧିକ ଚାଷୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ବହୁ ଚାଷୀ ଉପସ୍ଥିତ ରହିଥିବାବେଳେ ପରିଷଦର ସଦସ୍ୟ ଲକ୍ଷ୍ମୀଧର ସ, ପ୍ରଫୁଲ୍ଲ ଦାସ, ବୃନ୍ଦାବନ ବାରିକ, ବାସନ୍ତୀ ସ, ଉପସଭାପତି ସ୍ନିଗ୍ଧା ରାଣୀ ଦାସ, ପିତାମ୍ବର ଧାଉଡ଼ିଆ, ଭୋଳନାଥ ମାଝି, ଆଦିକନ୍ଦ ମଲ୍ଲିକ, ଶମ୍ଭୁନାଥ ନାୟକ, ସାରଥୀ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ବର୍ଷିୟାନ ସାଥୀ କୈଳାସ ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

**ସିମୁଳିଆ,୧୫।୧୧ (ସମିସ):** ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ବାଙ୍ଗରଖଡ଼ିଗଡ଼ିଆ ପଞ୍ଚାୟତର ବଣାମୁନୀ ପଡିଆରେ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ସିମୁଳିଆ ବ୍ଲକ ଭାରାପ୍ରାପ୍ତ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରିଣୀ ରଶ୍ମିରେଖା ସେଠୀଙ୍କ ସଭାପତିତ୍ୱ ଏବଂ ସ୍ୱରୂପାନନ୍ଦ ପତିଙ୍କ ତତ୍ୱାବଧାନରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସିମୁଳିଆ ବିଧାୟିକ ପଦ୍ମଲୋଚନ ପଣ୍ଡା ଯୋଗଦେଇ ଉପସ୍ଥିତ କୃଷକମାନଙ୍କୁ ଜୈବିକ ପଦ୍ଧତିରେ ଚାଷ କରିବା ଓ ସରକାରୀ ଯୋଜନାର ଫାଇଦା ନେବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼. ଅଜିତ କୁମାର ସାମଲ ସରକାରଙ୍କ ବିଭିନ୍ନ ଯୋଜନାର ସାମିଲ ହୋଇ ଲାଭ ନେବା ପାଇଁ କୃଷକମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ମତ୍ସ୍ୟ ଅଧିକାରିଣୀ ରେଶମା ରାଣୀ ସିଂ, ୪୦ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ବ୍ଲକ ଅଧକ୍ଷ ବାବାଜୀ ଚରଣ ମଲ୍ଲିକ, ଉପଧକ୍ଷା ହିମାଦ୍ରି ନନ୍ଦିନୀ ମହାପାତ୍ର, ବାଙ୍ଗର ଖଡ଼ିଗଡ଼ିଆ ସରପଞ୍ଚ ଅଞ୍ଜନା ନାୟକ, ଅଣ୍ଡରାଇ ପଞ୍ଚାୟତ ସମିତି ସଭ୍ୟ ଉତ୍ତମ କୁମାର ମହାନ୍ତି, ଅବଟୁଣା ସରପଞ୍ଚ ଲକ୍ଷ୍ମୀଧର ବଳ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ୪୪୦ ଚାଷୀ ନାମ ପଞ୍ଜୀକରଣ କରିଥିଲେ। ୧୩ଟି ଷ୍ଟଲରେ ବିଭିନ୍ନ କୃଷି ଭିତ୍ତିକ ବହୁ ତଥ୍ୟ ସଂପର୍କରେ ପ୍ରଦର୍ଶିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକର ଶ୍ରେଷ୍ଠ ଗୋପାଳକ ଭାବରେ ଇନାୟତପୁର ଗ୍ରାମର ସନ୍ଧ୍ୟାରାଣୀ ନାୟକ, ଶ୍ରେଷ୍ଠ ଛେଳି ଚାଷ ପାଇଁ ଆଙ୍କୁଲା ଗ୍ରାମର ସ୍ୱର୍ଣ୍ଣଲତା ଦତ୍ତ,ମାଛଚାଷ ପାଇଁ ନୂଆ ପୋଖରୀ ଖୋଳା ଯୋଜନା ପାଇଁ ବଣାର ଅବଦେଶ ସାହୁ, ଜୈବିକ ପଦ୍ଧତିରେ ମାଛଚାଷ ପାଇଁ ଭୁବନପୁରର ରାମଚନ୍ଦ୍ର ବାରିକ, ମତ୍ସ୍ୟ ପୋଖରୀ ଯୋଜନାରେ ପାଟୁଳିର ସୁଶାନ୍ତ ନାୟକ, ରାମବିନ୍ଧା ମହିଳା ଦୁଗ୍ଧ ଉତ୍ପାଦକ ସମିତି ଲିଃ ପକ୍ଷରୁ କ୍ଷୀର ଉତ୍ପାଦନ କରି ସ୍ୱାବଲମ୍ବୀ ହୋଇ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଥିବା ପ୍ରମୁଖଙ୍କୁ ସଫଳ ଚାଷୀ ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା। ସିମୁଳିଆ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରିଣୀ ଗାୟତ୍ରୀ ନାୟକ ଧନ୍ୟବାଦ ଦେଇଥିଲେ।

# ଭିନ୍ନକ୍ଷମଙ୍କୁ ବ୍ୟାଟେରୀଚାଳିତ ଗାଡ଼ି ପ୍ରଦାନ

**ସିମୁଳିଆ, ୧୫।୧୧ (ସମିସ):** ସିମୁଳିଆ ବିଧାୟକଙ୍କ ଦ୍ୱାରା ଭିନ୍ନକ୍ଷମଙ୍କୁ ବ୍ୟାଟେରୀ ଚାଳିତ ଗାଡି ପ୍ରଦାନ କରାଯାଇଛି। ସିମୁଳିଆ ଥାନା ଅନ୍ତର୍ଗତ ଅନ୍ତରା ଗ୍ରାମର ଲକ୍ଷ୍ମୀଧର ନାୟକ ଜଣେ ଗରିବ ଓ ଭିନ୍ନକ୍ଷମ ଯୁବକ। ସେ ଚାଲି ବୁଲି ପାରୁ ନ ଥିବାର ଖବର ବିଧାୟକଙ୍କ ନିକଟରେ ପହଞ୍ଚିବା ପରେ ବିଧାୟକ ବାଲେଶ୍ୱର ଜିଲ୍ଲାପାଳଙ୍କ ସହିତ ଆଲୋଚନା କରି ତୁରନ୍ତ ଗାଡି ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଆଜି ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଅନ୍ତରା ଗ୍ରାମର ଲକ୍ଷ୍ମୀଧର ନାୟକଙ୍କୁ ନିଜ ବାସଭବନରେ ବ୍ୟାଟେରୀ ଚାଳିତ ଗାଡି ପ୍ରଦାନ କରିଥିଲେ। ସିମୁଳିଆ ବିଧାୟକଙ୍କ ସହିତ ସିମୁଳିଆ ବ୍ଲକ ଅଧକ୍ଷ ବାବାଜୀ ଚରଣ ମଲ୍ଲିକ, ପୂର୍ବତନ ଅଧକ୍ଷ ସୂର୍ଯ୍ୟକାନ୍ତ ମହାପାତ୍ର, ମଣ୍ଡଳ ସଭାପତି ଅବିନାଶ ବେହେରା, ପ୍ରମୁଖ ଉପସ୍ଥିତ ଥିଲେ।



# ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୃହ ନିର୍ମାଣ ସ୍ଥାନ ପରବର୍ତ୍ତନ ଦାବି



**ଖଇରା,୧୫ ।୧୧ (ସମିସ):** ଖଇରା ବ୍ଲକ ଅଧୀନ ସାରକୋଣା ଗ୍ରାମରେ ଏକ ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ ପାଇଁ ଶୁକ୍ରବାର ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଶିଳାନ୍ୟାସର ୨୪ଘଣ୍ଟା ନ ପୂରୁଣୁ ସ୍ଥାନ ନିରୂପଣକୁ ନେଇ ବିରୋଧାଭାସ ଆରମ୍ଭ ହୋଇଛି। ଶନିବାର ସାରକୋଣା ସରପଞ୍ଚ ସୁଶାନ୍ତ କୁମାର ନାୟକ, ଗ୍ରାମ କମିଟି ସଭାପତି ନାରାୟଣ ଚନ୍ଦ୍ର ସାହୁଙ୍କ ସମେତ ୫୦ରୁ ଉର୍ଦ୍ଧ ଗ୍ରାମବାସୀ ଅତିରିକ୍ତ ତହସିଲଦାର ଗଦାଧର ସେଠୀଙ୍କୁ ଭେଟି ଜାଗା ପରିବର୍ତ୍ତନ ପାଇଁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ ପୂର୍ବରୁ ଖାତା ନମ୍ବର ୨୩୫ ପ୍ଲଟ ନମ୍ବର ୭୦୬ର ଉତ୍ତରପୂର୍ବ କୋଣରେ ଏହି ଉପ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ ପାଇଁ ରାଜସ୍ୱ ନୀରିକ୍ଷକ ଜାଗା ଚିହ୍ନଟ କରିଥିଲେ। ହେଲେ ଠିକାଦାର ଇଛା ଅନୁସାରେ ସ୍ଥାନ ପରିବର୍ତ୍ତନ କରି ପ୍ଲଟ ମଝିରେ ଗୃହ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିବାରୁ ଏଥିଯୋଗୁଁ ୧ଶହରୁ ଉଦ୍ଧ୍ୱର୍ ପରିବାର ପ୍ରଭାବିତ ହେବାର ଆଶଙ୍କା ଦେଖାଇଦେଇଛି। ଯଦି ସେହି ସ୍ଥାନରେ କାର୍ଯ୍ୟ କରାଯାଏ ଗ୍ରାମବାସୀ କାର୍ଯ୍ୟବନ୍ଦ କରିବାକୁ ସରପଞ୍ଚ ଚେତାବନୀ ଦେଇଛନ୍ତି।

# ଟେଙ୍ଗରାମାରୀ ସେବାଶ୍ରମରେ ସହିଦ ବିର୍ସାମୁଣ୍ଡା ଜୟନ୍ତୀ

**ଭୋଗରାଇ, ୧୫।୧୧ (ସମିସ):** ଭୋଗରାଇ ବ୍ଲକ ଜୟରାମପୁର ପଞ୍ଚାୟତ ଅନ୍ତର୍ଗତ ଟେଙ୍ଗରାମାରୀ ସେବାଶ୍ରମ ବିଦ୍ୟାଳୟରେ ସ୍ୱାଧୀନତା ସଂଗ୍ରାମୀ ସହିଦ ବିର୍ସାମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନ ସେବକ ହେମନ୍ତ କୁମାର ପଣ୍ଡା ସଭାରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଦିପ୍ତୀରାଣୀ ମିଶ୍ର ଯୋଗଦେଇ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଉତ୍ସର୍ଗୀକୃତ ମହାପୁରୁଷ ମାନଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ସେବାରେ ବ୍ରତୀ ହେବାକୁ ଛାତ୍ର ଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଶୋକ ମିଶ୍ର, ପୂର୍ବତନ ଆଞ୍ଚଳିକ ଗୋଷ୍ଠୀ ସାଧନ କେନ୍ଦ୍ରର ସଂଯୋଜକ ଉତ୍ତମ ସାମଲ, ବିକାଶ ପାଣିଗ୍ରାହୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସହକାରୀ ଶିକ୍ଷକ ଅଶୋକ କୁମାର ସାହୁ ଅତିଥି ପରିଚୟ ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଠନମୂଳକ ସମାଜ ଗଢ଼ିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ



**ଭୋଗରାଇ, ୧୫।୧୧(ସମିସ):** ଗଠନ ମୂଳକ ସମାଜ ଗଢିବା ଦିଗରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ବାଲେଶ୍ୱର ଜିଲ୍ଲା ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ଭୋଗରାଇ ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ଜାତୀୟ ସାମ୍ବାଦିକ ଦିବସ ଉପଲକ୍ଷେ ଗଣତନ୍ତ୍ର, ଗଣମାଧ୍ୟମ ଓ ଯୁବଶକ୍ତି ଶୀର୍ଷକ ସେମିନାରରେ ବିଶିଷ୍ଟ ବ୍ୟକ୍ତି ମାନେ ମତ ପ୍ରକାଶ କରିଥିଲେ। ଏଥିରେ ପୌରହିତ୍ୟ କରିଥିଲେ ଉକ୍ତ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ବିଜୟ କୁମାର ମିଶ୍ର। ବେଦପାଠ କରିଥିଲେ ଅଧ୍ୟାପକ ବ୍ରଜବିହାରୀ ପତି। ମଙ୍ଗଳାଚରଣ କରିଥିଲେ ବରିଷ୍ଠ ସାମ୍ବାଦିକ ନରନାରାୟଣ ମିଶ୍ର। ସ୍ୱାଗତ ସଙ୍ଗୀତ ଗାନ ପରେ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ ବରିଷ୍ଠ ସାମ୍ବାଦିକ ବିକାଶ ପାଣିଗ୍ରାହୀ। ମଞ୍ଚ ଆହ୍ୱାନ କରିଥିଲେ ସାମ୍ବାଦିକ ପ୍ରଦୀପ ଦାସ। ସ୍ୱାଗତ ଭାଷଣ ଦେଇଥିଲେ ବରିଷ୍ଠ ସାମ୍ବାଦିକ ବିଶ୍ୱମ୍ବର ଦାସ ଓ ଦିଲ୍ଲୀପ ଦାସ। ମୁଖ୍ୟ ଅତିଥିଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ କହିଲେ ଗଣତାନ୍ତ୍ରିକ ଦେଶରେ ଗଣମାଧ୍ୟମ ଆଜି ବିପଦଗାମୀ ଓ ଅସୁରକ୍ଷିତ। ଏଥିପାଇଁ ଗଣମାଧ୍ୟମ ଦାୟିତ୍ୱ ସମ୍ପନ୍ନ ଓ କର୍ତ୍ତବ୍ୟ ପରାୟଣ ହୋଇ କାର୍ଯ୍ୟ କଲେ ଗଣତନ୍ତ୍ର ସୁଦୃଢ ହେବ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ତଥା ସାହିତ୍ୟିକ ସତ୍ୟଶିବ ଦାସ ଗଣତନ୍ତ୍ର ସତ୍ତା ହେଲେ ଗଣ ମାଧ୍ୟମ ଓ ଯୁବଶକ୍ତି ହେଲେ ଆମଦେଶର ପ୍ରାଣ ବୋଲି ପ୍ରକାଶ କରିଥିଲେ । କେନ୍ଦୁଝର ଯୋଡ଼ାର ବରିଷ୍ଠ ସାମ୍ବାଦିକ ମାନସ ରଞ୍ଜନ ମହାନ୍ତି, ଜିଲାପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ଅଂଶୁମାନ ମହାନ୍ତି, ପୂର୍ବତନ ବ୍ୟାଙ୍କ ଅଧିକାରୀ ଅନୁପ କୁମାର ମିଶ୍ର, ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଜଗଦୀଶ ଚନ୍ଦ୍ର ଗିରି, ଅଧ୍ୟାପକ ଡ. ଧୀରେନ୍ଦ୍ର କୁମାର ଜେନା, ଅଧ୍ୟାପକ ଡ. ଅନୁପ କୁମାର ସାମଲ ପ୍ରମୁଖ ଗଣତନ୍ତ୍ର, ଗଣମାଧ୍ୟମ ଓ ଯୁବଶକ୍ତି ଆମ ଦେଶର ଦ୍ରଷ୍ଟା ଓ ସ୍ରଷ୍ଟା ଭାବେ କାର୍ଯ୍ୟ କରିବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ବିଶିଷ୍ଟ ବର୍ଷୀୟାନ ସାମ୍ବାଦିକ ତଥା ଶିକ୍ଷାବିତ ପଙ୍କଜାକ୍ଷ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହିତ ଯୋଡ଼ାର ସାମ୍ବାଦିକ ମନୀନ୍ଦ୍ର ସୁନ୍ଦର ବାରିକ, ରମେଶ ଚନ୍ଦ୍ର ମହାପାତ୍ର, ବେଣୁଧର ବେହେରା, ବରିଷ୍ଠ ସାମ୍ବାଦିକ ଅବନୀ କୁମାର ଚାନ୍ଦ, ପ୍ରତାପ ପାତ୍ର, ସୁଶାନ୍ତ କୁମାର ପ୍ରଧାନ, ଡ. ଶ୍ରୀକୁମାର ଘୋଷ, ପ୍ରଦୀପ କୁମାର ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ଅଂଶୁମାନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ( ମୁଁ ବି ହେବି ସାମ୍ବାଦିକ) ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ୫ ଫୁଟିଆ ନାଗ ଉଦ୍ଧାର

**ବସ୍ତା ବ୍ଲକ, ୧୫।୧୧ (ସମିସ) :** 'ସକାଳ'ର ବାଲେଶ୍ୱର ଜିଲ୍ଲା ବିଜ୍ଞାପନ ଅଧିକାରୀ ଧୃତି ସୁନ୍ଦର ପଣ୍ଡାଙ୍କ ବସ୍ତାସ୍ଥିତ ଘର ବାଡିରୁ ୫ ଫୁଟର ଏକ ନାଗ ସାପ ଉଦ୍ଧାର ହୋଇଛି। ଶନିବାର ସକାଳେ ତାଙ୍କ ଘରେ କାମ ଚାଲିଥିବାବେଳେ ଏକ ଭଙ୍ଗା ଆଜବେଷ୍ଟସ ତଳେ ନାଗ ସାପ ଦେଖି ପରିବାର ଲୋକେ ଭୟଭୀତ ହୋଇ ଯାଇଥିଲେ। ଏ ନେଇ ଶ୍ରୀ ପଣ୍ଡା ଭୋଗରାଇ ଅଞ୍ଚଳର ସ୍ନେକ୍ ହେଲ୍ପ ଲାଇନ ସଦସ୍ୟ କମଳ ପଣ୍ଡାଙ୍କୁ ଖବର ଦେବା ପରେ ସେ ତାଙ୍କ ବାସ ଭବନ ପହଞ୍ଚି ସାପକୁ ଆୟତ୍ତ କରି କୁଳଡିହା ଅଭୟାରଣ୍ୟରେ ଛାଡ଼ି ଥିବା ଜଣାପଡିଛି।



# ଶିଶୁ ଦିବସ ପାଳିତ

**ବାଲେଶ୍ୱର,୧୫।୧୧(ସମିସ):** ଅନ୍ତର୍ଜାତୀୟ ଶିଶୁ ଦିବସ ତର୍ଜୁମାନ ଟୁଟୋରିଆଲ୍ ପକ୍ଷରୁ ପାଳନ କରାଯାଇଛି। ସଭାପତି ଭାବେ ଉର୍ଦ୍ଦୁ ଶିକ୍ଷକ ହାଫେଜ ଅଜୀମ ବାଲେଶ୍ୱରୀ ଯୋଗ ଦେଇଥିଲେ। ଶିକ୍ଷକମାନେ ତାଙ୍କର ଭାଷଣରେ ଶିଶୁମାନଙ୍କ ସଠିକ ନୈତିକ ଶିକ୍ଷା, ନୈତିକ ଉନ୍ନତି ଏବଂ ଶିକ୍ଷାର ଗୁଣବତ୍ତା ବୃଦ୍ଧି ପାଇଁ ସମାଜର ସମମିଳିତ ଦାୟିତ୍ୱ ଉପରେ ଜୋର ଦେଇଥିଲେ। ଶେଷରେ ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ଉପହାର ବିତରଣ କରାଯାଇଥିଲା।



# ବଣପାରିଆ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ଦିବସ



**ଖଇରା,୧୫ ।୧୧ (ସମିସ):** ବାଲେଶ୍ୱର ଜିଲ୍ଲା ଖଇର ବ୍ଲକ ଅଧୀନ ବଣପାରିଆ ପ୍ରାଥମିକ ବିଦ୍ୟାଳୟ ଏବଂ ଆମ ଅଙ୍ଗନବାଡି କେନ୍ଦ୍ର ମିଳିତ ସହଯୋଗରେ ପବିତ୍ର ଶିଶୁ ଦିବସ ପାଳନ ସହିତ ପ୍ରବନ୍ଧ ପ୍ରତିଯୋଗିତା ଓ ପୁରସ୍କାର ବିତରଣୀ ଅନୁଷ୍ଠିତ ହୋଇ ଯାଇଛି। ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅନ୍ତର୍ଯାମୀ ପାତ୍ର ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ ମୁଖ୍ୟବକ୍ତା, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସରପଞ୍ଚ ମାଳତୀ ସେଠୀ, ପ୍ରଶାନ୍ତ ବେହେରା, ଶ୍ୟାମସୁନ୍ଦର ପଣ୍ଡା, ପରିଚାଳନା କମିଟି ସଭାପତି ରାଜେନ୍ଦ୍ର ପାଠୀ, ଶ୍ରୀଧର ପଲେଇ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଭୁବନ ଚନ୍ଦ୍ର ବାରିକ, ମଞ୍ଜୁଲତା ରଣା, ଶୁଭେନ୍ଦୁ କୁମାର ପରିଡା, ପଦ୍ମନାଭ ପଣ୍ଡା, ରଘୁନାଥ ପତ୍ରୀ, ରାମଚନ୍ଦ୍ର ପତ୍ରୀ ତଥା ସମସ୍ତ ବଣପାରିଆ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

# ହାଡ଼ଭଙ୍ଗା ଶୀତରେ ଥରୁଛି ମୟୂରଭଞ୍ଜ

**କରଞ୍ଜିଆ, ୧୫।୧୧(ସମିସ):** ମୟୂରଭଞ୍ଜ ଜିଲ୍ଲାରେ ଦିନକୁ ଦିନ ପାରଦ ଖସିବାରେ ଲାଗିଛି। ତାପମାତ୍ରା ଯେତିକି ଖସୁଛି ସେତିକି ଥଣ୍ଡା ବଢ଼ିବାରେ ଲାଗିଛି। ଜିଲ୍ଲାରେ ହାଡ଼ଭଙ୍ଗା ଶୀତ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହେଲାଣିବ। ଶନିବାର ଶିମିଳିପାଳ ଉପରବାରାକାମୁଡ଼ାରେ ସର୍ବନିମ୍ନ ୩ ଡ଼ିଗ୍ରୀ ଥିବା ବେଳେ ଚହଲାରେ ୭, ବରେହିପାଣିରେ ୯, ଗୁରୁଗୁଡ଼ିଆରେ ୧୦, ରାମତୀର୍ଥରେ ୧୪, କିଆଝରୀରେ ୧୩ ଓ ସାତକୋଶିଆରେ ୧୪ ଡ଼ିଗ୍ରୀ ରହିଛି। ପ୍ରବଳ ଥଣ୍ଡା ପଡୁଥିବାରୁ ଲୋକେ ଗାଁ ଗହଳିରେ ଅଧିକାଂଶ ସ୍ଥାନରେ ନିଆଁ ଜାଳି ଘଣ୍ଟା ଘଣ୍ଟା ବସିରହୁଛନ୍ତି। ଥଣ୍ଡା ସହିତ କୁହୁଡି ମଧ ଅନେକ ସମୟ ପର୍ଯ୍ୟନ୍ତ ପଡ଼ି ରହୁଛି। ସକାଳୁ ଘରୁ ବାହାରିବା କଷ୍ଟ ହେଉଛି। ସନ୍ଧ୍ୟା ହେଲେ ବଜାର ଖାଁ ଖାଁ। ଏବେ ଶୀତ ବସ୍ତ୍ର ଦୋକାନରେ ଲାଗିଛି ଭିଡ଼। ଗତକାଲି ମୟୂରଭଞ୍ଜ ଜିଲ୍ଲାରେ ସର୍ବନିମ୍ନ ତାପମାତ୍ରା ୫ ଡିଗ୍ରୀ ରେକର୍ଡ କରାଯାଇଥିଲା। ଶିମିଳିପାଳର କୋର ଏବଂ ବଫର ଅଞ୍ଚଳରେ ଦୁଇ ଦିନ ହେଲା ହାଡ଼ଭଙ୍ଗା ଶୀତ ପଡୁଛି। ଆଗକୁ ଥଣ୍ଡା ବଢ଼ିବାରେ ଯଥେଷ୍ଟ ସମ୍ଭାବନା ରହିଛି। ଥଣ୍ଡା ପାଇଁ ଶିମିଳିପାଳକୁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ଭିଡ ଲାଗିଲାଣି।



# ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ

**ନୀଳଗିରି, ୧୫।୧୧ (ସମିସ):** ନୀଳଗିରି ବ୍ଲକ ତେଲିପାଳ ପଞ୍ଚାୟତ ରାଇପାଳ ଠାରେ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ବାବା ବିର୍ସା ମୁଣ୍ଡା ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଜନ୍ମ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଯୋଗ ଦେଇ ବିର୍ସା ମୁଣ୍ଡାଙ୍କ ଜୀବନ କାହାଣୀ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ବାହାମଣୀ ମାର୍ଣ୍ଡୀ, ପୂର୍ବତନ ସରପଞ୍ଚ ସରସ୍ୱତୀ ମୁର୍ମୁ, ଆରବନ୍ଦ ସରପଞ୍ଚ କୁଳମଣି ନାୟକ, ସରେନ୍ ବସ୍କେ, ଉପେନ୍ଦ୍ର ଦାସ, ଭୀମ ମୁର୍ମୁ, ବଳଭଦ୍ର ବାସ୍କେ, ରୂପାୟେ ଟୁଡୁ, କଙ୍କା ଟୁଡୁ, ଅକ୍ଷୟ ମାଝି, ରଞ୍ଜନ ବାରିକ, ଅରବିନ୍ଦ ଦାସ, ରଞ୍ଜନ ଶଙ୍ଖୁଆ, ପ୍ରଫୁଲ୍ଲ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ।



# ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ

**ବୈଶିଙ୍ଗା, ୧୫।୧୧(ସମିସ):** ବୈଶିଙ୍ଗା ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଦୁଷ୍କର୍ମ ହୋଇଥିବା ନେଇ ଅଭିଯୋଗ ପରେ ତଦନ୍ତ ଆରମ୍ଭ କରିଛି ପୁଲିସ। ଅଭିଯୋଗ ଅନୁସାରେ, ଗତ ୧୨ ତାରିଖରେ ନାବାଳିକା ଜଣକ ନିଜର ସାଙ୍ଗ ଘରୁ ଫେରି ଟ୍ୟାପରୁ ପାଣି ନେଉଥିଲେ। ଏହି ସମୟରେ ଉକ୍ତ ଗ୍ରାମ ଅଧୀନ ଜରକାସାହିର ଟେମ୍ପା ମାଝୀ ଛୁରୀ ଦେଖାଇ ନିଛାଟିଆ ଜାଗାରେ ଦୁଷ୍କର୍ମ କରି ଫେରାର ହୋଇଯାଇଛି। ଦୀର୍ଘସମୟଧରି ପରିବାରବର୍ଗ ଏଣେତେଣେ ଖୋଜାଖୋଜି କରିବା ପରେ ମଧ ନାବାଳିକାକୁ ପାଇନଥିଲେ। ପରେ ପୀଡିତା ଜଣକ ଘରେ ପହଞ୍ଚି ସବୁ କଥା ପ୍ରକାଶ କରିଥିଲା। ଏ ନେଇ ହରିପୁର ଗ୍ରାମରେ ଏକ ବିଚାର କରିବା ପାଇଁ ବୈଠକ ବସିଥିଲେ ସୁଦ୍ଧା କୌଣସି ସମାଧାନ ହୋଇପାରିନଥିବାରୁ ପରିବାରବର୍ଗ ବୈଶିଙ୍ଗା ଥାନାରେ ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଛି।

# ସତ୍ୟବାଦୀ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସଫଳତା

**ସାକ୍ଷୀଗୋପାଳ,୧୫।୧୧(ସମିସ):** ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଅବସରରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପୁରୀଠାରେ ଏହି ଉପଲକ୍ଷେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହୋଇଥଲା। ଏହି ପ୍ରତିଯୋଗିତାରେ ପୁରୀ ଜିଲ୍ଲାର ୧୧ଟି ବ୍ଲକ୍‌ର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ସତ୍ୟବାଦୀ ଆଦର୍ଶ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀର ଦୁଇ ଶିକ୍ଷାର୍ଥୀ ସିଦ୍ଧିପ୍ରଜ୍ଞା ସ୍ୱାଇଁ ପ୍ରବନ୍ଧ ପ୍ରତିଯୋଗିତା, ଜୀବନଜ୍ୟୋତି ପାତ୍ର ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ଏକାଦଶ ଶ୍ରେଣୀର ଜ୍ୟୋତିରଞ୍ଜନ ରାଉତ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଦେଇଛନ୍ତି। ରେବଣା ନୂଆଗାଁ ଡାକ୍ତରଖାନା ପଡ଼ିଆ, ବ୍ରହ୍ମଗିରି ଠାରେ ଆୟୋଜିତ ଉତ୍ସବରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସଭାରେ ସାଂସଦ ଡାକ୍ତର ସମ୍ବିତ ପାତ୍ର ଏବଂ ବିଧାୟିକା ଉପାସନା ମହାପାତ୍ର ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଏହି ସଫଳତାରେ ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱନାଥ ପାଢ଼ୀ ଖୁସି ବ୍ୟକ୍ତ କରିବା ସହ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ୨୦ରେ ଅକ୍ଷୟ ପ୍ରଧାନଙ୍କ ସ୍ମୃତି ସମାରୋହ

**ଚାରିଛକ,୧୫।୧୧(ସମିସ):** ଓଡ଼ିଶାର କମ୍ୟୁନିଷ୍ଟ ଆନ୍ଦୋଳନର ଅପ୍ରତିଦ୍ୱନ୍ଦୀ ଯୁବନେତା ସିପିଆଇର ପୂର୍ବତନ ରାଜ୍ୟ ସହ-ସମ୍ପାଦକ ଶ୍ରମିକନେତା ବିପ୍ଲବୀ ଅକ୍ଷୟ କୁମାର ପ୍ରଧାନଙ୍କ ୨୫ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ ଆସନ୍ତା ୨୦ ତାରିଖରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପୁରୀଠାରେ ଅନୁଷ୍ଠିତ ହେବ। ଏହି ସମାରୋହରେ ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ସିପିଆଇ(ଏମ) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ପୂର୍ବତନ ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ ଗୋ, ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ଓ ପୁରୀ ଜିଲ୍ଲାପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ବହୁମାତ୍ରାରେ ଜନସାଧାରଣ ଯୋଗଦେବାକୁ ସ୍ମୃତି କମିଟିର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମିଶ୍ର, ସମ୍ପାଦକ ମହେଶ୍ୱର ରାଉତ, ସହ-ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ ଓ କମ୍ୟୁନିଷ୍ଟ ପାର୍ଟି ପୁରୀ ଜିଲ୍ଲା ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ ପ୍ରମୁଖ ନିବେଦନ କରିଛନ୍ତି।

**ବିଭିନ୍ନ ସ୍ଥାନରେ ଜନଜାତୀୟ ଗୌରବ ଦିବସ**

# ସହିଦ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ଛାତ୍ରଛାତ୍ରୀ

**କୋଣାର୍କ,୧୫।୧୧(ସମିସ)**



କୋଣାର୍କ ନିକଟ ନୂଆଗାଁସ୍ଥିତ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ଓ ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ଏଥିରେ ସହିଦ ବିର୍ସା ମୁଣ୍ଡାଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଉଭୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ସହକାରୀ ଶିକ୍ଷକ ଦିଲ୍ଲୀପ କୁମାର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଭୈରବ ନୋଡାଲ ୟୁପିଏସ୍ କ୍ଲଷ୍ଟରର ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତି ଅତିଥିରୂପେ ଯୋଗଦେଇ ଅମର ସହିଦ୍ ବିର୍ସା ମୁଣ୍ଡାଙ୍କ ଜୀବନୀ, ସ୍ୱାଧୀନତା ସଂଗ୍ରାମରେ ତାଙ୍କର ବୈପ୍ଳବିକ ଭୂମିକା ଓ ଦେଶପ୍ରେମ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ ବେହେରା, ହାଇସ୍କୁଲ ସହକାରୀ ଶିକ୍ଷୟିତ୍ରୀ ଚିତ୍ରାଞ୍ଜଳି ନାୟକ, ପଣ୍ଡିତ ରବୀନ୍ଦ୍ର କୁମାର ଦ୍ୱିବେଦୀ ଓ ମାନସ କୁମାର ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ। ପରେ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



## ଡେଲାଙ୍ଗ

**ଡେଲାଙ୍ଗ,୧୫।୧୧(ସମିସ):** ଭଗବାନ ବିର୍ସାମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ଅବସରରେ ପୁରୀ ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଗୁଆଳିପଡ଼ା ସେବାଶ୍ରମ ପରିସରରେ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ଗୋଲଖ ବରାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ୍ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ପ୍ରାକ୍ତନ ବ୍ଲକ୍ ଶିକ୍ଷାଧିକାରୀ ଯୁଧିଷ୍ଠିର ପରିଡ଼ା, ବ୍ଲକ୍ ଜନମଙ୍ଗଳ ସଂପ୍ରସାରଣ ଅଧିକାରିଣୀ ସୁଲତା ପ୍ରଧାନ, ସଂଯୋଜକ ବସନ୍ତ କୁମାର ପ୍ରଧାନ, ସିଆର୍‌ସିସି ସୁଦୀପ୍ତ ପରିଡ଼ା, ସେବାଶ୍ରମର ପ୍ରଧାନ ଶିକ୍ଷକ ଶରତଚନ୍ଦ୍ର କଅଁର, ଚଣ୍ଡେଶ୍ୱରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରସାଦିନୀ ପରିଡ଼ା, ସମାଜସେବୀ ହରେକୃଷ୍ଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ବିର୍ସାମୁଣ୍ଡାଙ୍କ ଦେଶ ଭକ୍ତି ଓ ସ୍ୱାଧୀନତା ପାଇଁ କରିଥିବା ସଂଗ୍ରାମ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ପାଠପଢ଼ା ସହିତ ସୁନ୍ଦର ପରିବେଶ ଓ ଅଭିଭାବଙ୍କ ଦ୍ୱାରା ଶିଶୁଯତ୍ନ, ବାଲ୍ୟବିବାହ ନିରାକରଣ ଓ ଏହାର କୁପରିଣତି, ବାଲ୍ୟ ବିବାହ ଆଇନ୍, ଶିଶୁ ଶ୍ରମିକ ନିରାକରଣ ଆଇନ୍ ସମ୍ପର୍କରେ ମତପ୍ରକାଶ କରିଥିଲେ। ଏହି ଅବସରରେ ସେବାଶ୍ରମର ଛାତ୍ରୀଙ୍କ ମଧ୍ୟରେ ବିର୍ସାମୁଣ୍ଡାଙ୍କ ଜୀବନୀ ସମ୍ପର୍କିତ ପ୍ରବନ୍ଧ ଲିଖନ ଓ ବକ୍ତୃତା ସହିତ ନୃତ୍ୟ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେବାଶ୍ରମର ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷାବିତ୍ ଶ୍ରୀଧର ପ୍ରଧାନ ସଭା ସଂଯୋଜନା କରିଥିବା ବେଳେ ଶିକ୍ଷକ ଦିଲ୍ଲୀପ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଖୋଟି, ମ୍ୟୁଜିକ୍ ଚେୟାର୍, ମାଣବସା ପୁସ୍ତକ ପଠନ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସତ୍ୟବାଦୀ ବ୍ଲକର ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଛାଟୋଇ ମୋତିଲାଲ୍ ରାୟ, ଶିକ୍ଷକ ଅଭୟଚରଣ ସାହୁ, ପରମାନନ୍ଦ ମାଝୀ, ଶିକ୍ଷୟିତ୍ରୀ ନିବେଦିତା ଲେଙ୍କା, ମମତା ପ୍ରଧାନ, ପ୍ରତିମା ପ୍ରଧାନ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଚାରିଛକ

ଚାରିଛକ ନିକଟ କଳାପାଞ୍ଚଣ ପଞ୍ଚାୟତ ଗଡ଼ଇଟାପୋଖରୀ ଆଶ୍ରମ ସ୍କୁଲରେ ପିତାମାତା ସହଭାଗିତା ବୈଠକ ଓ ଜନ ଜାତୀୟ ଗୌରବ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ସ୍ୱିଗ୍ଧାରାଣୀ ପାତ୍ର ଯୋଗଦେଇ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ବୈଠକରେ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ଓ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ପିତାମାତା



ସ୍କୁଲର ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବୈଠକରେ ମୁଖ୍ୟ ଅତିଥି ଭାବେ ଭୋଦର ସିଆର୍‌ସିସି ମଧୁସୂଦନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟିର ସଭାପତି ସୁକାନ୍ତ କୁମାର ପାତ୍ର, ଚିନ୍ମୟ ମିଶ୍ର, କୃପାସିନ୍ଧୁ ସାଁ, ମନୋରଞ୍ଜନ କୁଣ୍ଡ, ସରୋଜିନୀ ସ୍ୱାଇଁ, ପରିଚାଳନା କମିଟିର ସହଭାଗିତା ବୈଠକରେ ଶିକ୍ଷକ ଶଙ୍କର ମଲ୍ଲିକ, ପ୍ରଦେଶ ବସ୍ତିଆ, ଦେବ ଶବର, ଶିକ୍ଷୟିତ୍ରୀ ରଶ୍ମିତା ସାହୁ, କର୍ମଚାରୀ ପ୍ରତିମା କାଣ୍ଡି, ସୁଭାଷିନୀ ସିଂ ପ୍ରମୁଖ ଉପସ୍ଥିତ ସହଯୋଗ କରିଥିଲେ। ପରେ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ଦେଇ ପୁରସ୍କାର ପ୍ରଦାନ କରାଯାଇଥିଲା।ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## କୋଣାର୍କ

ପୁରୀ ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ କୋଣାର୍କ ଜନଜାତି ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ(ପ୍ରୋଟୋକଲ) ନୀଳମାଧବ ଭୋଇ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶ୍ରୀ ଭୋଇ ଛାତ୍ରଛାତ୍ରୀଙ୍କୁ ନିଜସ୍ୱ ପ୍ରତିଭାର ବିକାଶ ସହ ଉନ୍ନତ ଚରିତ୍ର ଗଠନରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ମମତାରାଣୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରର ଡିଆଇଓ ବିଶ୍ୱନାଥ ପଣ୍ଡା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, ସହକାରୀ ମଙ୍ଗଳ ଅଧିକାରୀ ଅମିତା ମିଶ୍ର, ପ୍ରଭାତ କୁମାର ସିଂହ ଓ ବିଭିନ୍ନ ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଯୋଗ ଦେଇଥିଲେ। ଏହି ଅବସରରେ ଶୈକ୍ଷିକ ସଫଳତା ହାସଲ କରିଥିବା ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀଙ୍କୁ ଓ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ଜନଜାତି ବର୍ଗର ଛାତ୍ରଛାତ୍ରୀ ସେମାନଙ୍କ ବର୍ଗର ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ସତ୍ୟ ସୁନ୍ଦର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




# ଏକତା ପଦଯାତ୍ରା ଓ 'ଏକ ଭାରତ ଆତ୍ମନିର୍ଭର ଭାରତ' କାର୍ଯ୍ୟକ୍ରମ

**ବ୍ରହ୍ମଗିରି,୧୫।୧୧(ସମିସ):** ବ୍ରହ୍ମଗିରି ଗଡ଼ରୋଡ଼ଙ୍ଗ-ଠାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ବିଭାଗ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହା ଆୟୋଜିତ ହୋଇଥିଲା।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପୁରୀ ସାଂସଦ ସମ୍ବିତ୍ ପାତ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂ ପ୍ରମୁଖ ଯୋଗଦେଇଥିଲେ। ଏହି ପଦଯାତ୍ରା ଗଡ଼ରୋଡ଼ଙ୍ଗଠାରୁ କେରାଣ୍ଡିଆ ପର୍ଯ୍ୟନ୍ତ ଯାଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡା. ପାତ୍ର ଏକ ସୂତ୍ରରେ ରହିଲେ ଦେଶର ବିକାଶ ଓ ଉନ୍ନତି ସମ୍ଭବ ବୋଲି କହିଥିଲେ। ସେ ଆହୁରି କହିଥିଲେ ଯେ ଚଳିତ ବର୍ଷ ବନ୍ଦେ ମାତରମ୍ ସଂଗୀତର ୧୫୦ ବର୍ଷ ପୂର୍ତ୍ତି ପାଳନ କରାଯାଉଛି। କାରଣ ଏହି ସଂଗୀତ ଭାରତର ଏକତା ଓ ସଂହତିର ଉଦାହରଣ ବୋଲି କହିବା ସହ ବକ୍ସି ଜଗବନ୍ଧୁଙ୍କ ବୀର ମାଟିରୁ ଏହି ପଦଯାତ୍ରା ତାଙ୍କ ପ୍ରତି ମଧ୍ୟ ଅନନ୍ୟ ଶ୍ରଦ୍ଧାଞ୍ଜଳି ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମ ସଞ୍ଚାଳନ କରିବା ସହ ଆତ୍ମ ନିର୍ଭର ଭାରତର ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ କଳାକାରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଡିଓ ମନୀଷା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କସ୍ତୁରୀ କାର୍ଯ୍ୟକ୍ରମ

**ନିରାକାରପୁର,୧୫।୧୧(ସମିସ):** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆର୍ଯ୍ୟବିହାର ପରିସରରେ ଶିଶୁ ଦିବସ ଅବସରରେ କସ୍ତୁରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିଶୁମାନେ ଦେଶର ମେରୁଦଣ୍ଡ ଓ ସେମାନଙ୍କୁ ଠିକ୍ ଭାବରେ ଗଢି ତୋଳିଲେ ଦେଶର ଉନ୍ନତି ଓ ପ୍ରଗତି ସମ୍ଭବ ହୋଇପାରିବ ବୋଲି ସମ୍ପାଦକ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ନଳିନୀ ରଥ ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭା ଓ ଅନ୍ତର୍ନିହିତ ଗୁଣାବଳୀର ବିକାଶ ଘଟିଲେ ଶିଶୁ ଆଗକୁ ବଢ଼ିପାରିବ ବୋଲି କହିଥିଲେ। ଅରୁଣ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଉଭୟ ପର୍ଯ୍ୟାୟର ପ୍ରାୟ ୯୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ନୃତ୍ୟ, ଗୀତ, ସମ୍ବାଦ ପଠନ, ଏକକ ଅଭିନୟ, ହାସ୍ୟରସ ଅଭିନୟ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଆଚାର୍ଯ୍ୟ ବିନୋଦ ବିହାରୀ ସେଠୀ, ନିହାର ରଞ୍ଜନ ସାମନ୍ତସିଂହାର, ପବିତ୍ର କୁମାର ରାଉତରାୟ, କୃଷ୍ଣଚନ୍ଦ୍ର ଛୋଟରାୟ, ମନୋରଞ୍ଜନ ଦାସ, ଆଚାର୍ଯ୍ୟା ସନ୍ଧ୍ୟାରାଣୀ ବାହିନୀପତି, ସାଧନା ମହାପାତ୍ର, ସସ୍ମିତା ସ୍ୱାଇଁ, ସୁମିତ୍ରା ସେନାପତି, ବୀଣାପାଣି ଦାସ, ଲକ୍ଷ୍ମୀପ୍ରିୟା ମହତରାୟ ଓ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

# ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ଜିଏସ୍‌ଟି ସମ୍ପର୍କିତ ସ୍ୱତନ୍ତ୍ର ଆଲୋଚନା

**ଚାରିଛକ,୧୫।୧୧(ସମିସ):** ନିମାପଡ଼ା ବ୍ଲକ୍ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ "ଜିଏସ୍‌ଟି ପରିଷଦ, ଏହାର ଭୂମିକା ଏବଂ ମହତ୍ତ୍ୱ' ଶୀର୍ଷକ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ସାଧନ ବ୍ୟକ୍ତିତ୍ୱ ଭାବେ ବାଣିଜ୍ୟ କର, ଦ୍ରବ୍ୟ ଓ ସେବା କର ବିଭାଗର ସହକାରୀ ଆୟୁକ୍ତ ସବ୍ୟସାଚୀ ରାଉତ ଯୋଗଦେଇ ଜିଏସ୍‌ଟି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ସିପ୍ରାରାଣୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ଡ. କୀର୍ତ୍ତିମୟୀ ରାଉତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ବିଜୟଲକ୍ଷ୍ମୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରୀମାନେ ଯୋଗ ଦେଇଥିଲେ।



# ହାଡ଼ଭଙ୍ଗା ଚିକିତ୍ସକ ପ୍ରଭାତ ପରିଡ଼ାଙ୍କ ପରଲୋକ

**ସାକ୍ଷୀଗୋପାଳ,୧୫।୧୧(ସମିସ):** ହଜାର ହଜାର ହାଡଭଙ୍ଗା ରୋଗୀଙ୍କୁ ବିଭିନ୍ନ ପ୍ରାକୃତିକ ଉପାୟରେ ସେକ ଦେଇ ଆରୋଗ୍ୟ କରାଇଥିବା ଚିକିତ୍ସକ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାତ ଚନ୍ଦ୍ର ପରିଡ଼ା (୭୩) ଙ୍କର ଦେହାନ୍ତ ହୋଇଯାଇଛି ହୋଇଛି। ସତ୍ୟବାଦୀ ବ୍ଲକ ମଧୁବନ ପଞ୍ଚାୟତ ଡାହାଣ କୁମ୍ଭାରପଡ଼ା ଗ୍ରାମରେ ସ୍ୱର୍ଗତ ପରିଡ଼ା ଜନ୍ମ ଗ୍ରହଣ କରିଥିଲେ। ବ୍ରହ୍ମଗିରିର ଛୋଟପୁର ସହ ମଧୁବନ, କଣାସ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରେ ଜଣେ ଆଦର୍ଶ ତଥା ଛାତ୍ର ବତ୍ସଳ ଶିକ୍ଷକ ଭାବେ ସେ ବେଶ ପରିଚିତ ଥିଲେ। ଶିକ୍ଷକତା ବୃତ୍ତି ସହିତ ସତ୍ୟବାଦୀ, ଡେଲାଙ୍ଗ, ବ୍ରହ୍ମଗିରି, କଣାସ ଓ ପୁରୀ ସଦର ଅଞ୍ଚଳର ହାଡ଼ ଭଙ୍ଗା ରୋଗୀଙ୍କୁ ସେକ ଦେଇ ସମ୍ପୂର୍ଣ୍ଣ ଆରୋଗ୍ୟ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କର ମୃତ୍ୟୁ ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଶୋକ ପ୍ରକାଶ ପାଉଛି। ଏପରିକି ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ପରିଡ଼ା କହିଛନ୍ତି। ତାଙ୍କ ମରଶରୀର ପାଖରେ ତାଙ୍କର ତିନି ପୁଅ, ଦୁଇ ଝିଅ ଓ ସମ୍ପର୍କୀୟ ଉପସ୍ଥିତ ଥିଲେ। ଗ୍ରାମର ବାସୁଦେବ ଯୁବକ ସଂଘ ଓ ଡାହାଣ ଗ୍ରାମ୍ୟ ବିକାଶ ପରିଷଦ ପକ୍ଷରୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା।

# ଘର ଆଗରୁ ମୋଟର ସାଇକଲ୍ ଚୋରି

**କଣାସ,୧୫।୧୧(ସମିସ):** କଣାସ ବ୍ଲକ୍ ଅଣ୍ଡାରସିଂହ ଗ୍ରାମର ରମେଶ ଚନ୍ଦ୍ର ସାମନ୍ତରାୟଙ୍କ ଘର ଆଗରୁ ତାଙ୍କର ବାଇକ୍ (ଓଡି ୨୧ଜି୬୭୧୬) ଚୋରି ହୋଇଯାଇଛି। ଶୁକ୍ରବାର ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତ ମୋଟର ସାଇକଲ ହ୍ୟାଣ୍ଡେଲ ଚାବି ଭାଙ୍ଗି କେହି ଏଭଳି ଚୋରି କରିଥିବା ରମେଶ କଣାସ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଏତାଲା ପାଇ କଣାସ ଥାନା ଅଧିକାରୀ ପ୍ରଶନ୍ନ କୁମାର ନାୟକ ତଦନ୍ତ ଚଳାଛନ୍ତି। ପ୍ରକାଶଥାଉକି କିଛିଦିନ ତଳେ କୋଟକଣା ଗ୍ରାମ, ବିଜିପୁର ବଜାର, ଜଙ୍କିଆବଜାରଓକଣାସଗୋଲାବଜାରରୁ କେତୋଟି ମୋଟର ସାଇକଲ୍ ଚୋରି ହୋଇଯାଇଥିଲେ ମଧ୍ୟ ଏହାର ସନ୍ଧାନ ଆଜିଯାଏ ପୁଲିସ ପାଇପାରିନାହିଁ। ମୋଟର ସାଇକଲ ଚୋରି କରି ଦୁର୍ବୃତ୍ତମାନେ ବିଭିନ୍ନ ଗ୍ୟାରେଜ୍‌ରେ ବିକ୍ରି କରିଦେଉଥିବାବେଳେ ସେମାନେ ବିଭିନ୍ନ ଯନ୍ତ୍ରାଂଶକୁ ଅଲଗା କରି ବିକ୍ରି କରିଦେଉଥିବା ସନ୍ଦେହ କରାଯାଉଛି। ଏ ନେଇ ପୁଲିସ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

**ଆଜି ଜାତୀୟ ପ୍ରେସ ଦିବସ**

# ୭୦ବର୍ଷ ବୟସରେ ବି ଖବରକାଗଜ ବାଣ୍ଟୁଛନ୍ତି ଚିତ୍ରସେନ

**ପିପିଲି,୧୫।୧୧(ସମିସ)**



ବୟସ ବାଧକ ସାଜିନି। ୭୦ବର୍ଷ ବୟସରେ ବି ଗୋଡ଼ ଥକି ଯାଇନି। ୪୦ବର୍ଷ ହେଲା ନିରବଚ୍ଛିନ୍ନ ଭାବେ ସେ ବିତରଣ କରିଚାଲିଛନ୍ତି ଖବରକାଗଜ। ଏଥିପାଇଁ ଅଞ୍ଚଳରେ ତାଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଛି। ସେ ହେଲେ ପୁରୀ ଜିଲ୍ଲା ପିପିଲିର ଚିତ୍ରସେନ ଦୀକ୍ଷିତ। ଶ୍ରଦ୍ଧାରେ ତାଙ୍କୁ ଟିକି ଭାଇନା ବୋଲି ଡାକନ୍ତି। ଶୀତ ହେଉ ବା ବର୍ଷା, ଖରା ହେଉ କି ବାତ୍ୟା, ଭୋରୁ ଖବର

**ବାଧକ ସାଜିନି ବାର୍ଦ୍ଧକ୍ୟ**

କାଗଜ ଆସିଗଲେ ଆରମ୍ଭ ହୋଇଯାଏ ତାଙ୍କର କାମ। ପିପିଲି ବଜାରରୁ ଖବର କାଗଜ ସଂଗ୍ରହ କଲା ପରେ ସାଇକଲ ଖଣ୍ଡିଏ ଧରି ଘରକୁ ଘର ବୁଲି ଲୋକମାନଙ୍କୁ ଯୋଗାଇ ଦିଅନ୍ତି ବରାଦ ମୁତାବକ ସମ୍ବାଦ ପତ୍ର। ତାଙ୍କ କହିବା ଅନୁଯାୟୀ ସ୍କୁଲ ପାଠ ପଢ଼ା ଛାଡ଼ିବା ପରେ ଖବର କାଗଜ ବିତରଣ କାମ ଆରମ୍ଭ କରିଥିଲେ। ସେତେବେଳ ଖବର କାଗଜର ମୂଲ୍ୟ ମାତ୍ର ପନ୍ଦର ପଇସା ଥିଲା। ଗ୍ରାମାଞ୍ଚଳରେ ରାସ୍ତା ଘାଟର ସୁବିଧା ନଥିବା ବେଳେ ସେ ସାଇକଲରେ ପିପିଲି ବଜାର ସମେତ ଦାଣ୍ଡମୁକୁନ୍ଦପୁର, ମଙ୍ଗଳପୁ, ଜଇସ ପାଟଣା ସହିତ ବିଭିନ୍ନ ଗ୍ରାମରେ ଗ୍ରାହକଙ୍କୁ ଖବର କାଗଜ ଯୋଗାଇ ଦେଉଥିଲେ। ଏବେ ଆଧୁନିକ ବାତାବରଣ ଭିତରେ ନୂତନ ଯୁବ ପିଢ଼ି ଏହି ବେଉସାକୁ ମୁହଁ ମୋଡୁଥିବାବେଳେ ଟିକି ଭାଇନା କିନ୍ତୁ ହାର ମାନି ନାହାନ୍ତି କି ନିରାଶ ହୋଇନାହାନ୍ତି ଏହି କାମ ପାଇଁ। ବରଂ ଉତ୍ସାହିତ ହୋଇଛନ୍ତି ବିଭିନ୍ନ ସଂଗଠନ ପକ୍ଷରୁ ଶ୍ରଦ୍ଧା ସମ୍ମାନ ପାଇ। ଆଜିର ଏହି ଜାତୀୟ ପ୍ରେସ ଦିବସ ଅବସରରେ ସେ ନିଜର ଦୀର୍ଘଦିନର ପେସାଗତ ଅଭ୍ୟାସ ସମ୍ପର୍କରେ ମନେ ପକାଇ ଖବରକାଗଜ ବିତରଣରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ କହିବା ସହ ବର୍ଷିଆନ ଖବର କାଗଜ ବିତରକମାନଙ୍କୁ ରାଜ୍ୟ ସରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦେଲେ ସେମାନେ ଉତ୍ସାହିତ ହୋଇପାରନ୍ତେ ବୋଲି କହିଥିଲେ।

# ଅସୁସ୍ଥ ଯୁବତୀଙ୍କୁ ସଂଘବଦ୍ଧ ଆକ୍ରମଣ; ୩ ଅଟକ



**ନୟାହାଟ,୧୫।୧୧(ସମିସ):** ଜଣେ ଅବିବାହିତା ଅସୁସ୍ଥ ଯୁବତୀକୁ ଓଟାଙ୍ଗ ଗାଁ ଦାଣ୍ଡରେ ସଂଘବଦ୍ଧ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ନୟାହାଟ ଫାଣ୍ଡି ପୁଲିସ ୩ଜଣଙ୍କୁ ଅଟକ ରଖିଛି। ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତ ଓଟାଙ୍ଗ ଗ୍ରାମରେ ଶନିବାର ବାପ ଛେଉଣ୍ଡ ଅବିବାହିତ ଯୁବତୀ ଝୁନୁ ସ୍ୱାଇଁ (୨୪)ଙ୍କୁ ସେହି ଗ୍ରାମର ଭାଲୁ ଖଟେଇଙ୍କ ପରିବାର ଆକ୍ରମଣ କରିଥିଲେ। ଝୁନୁଙ୍କ ପରିବାର ସହ ଆକ୍ରମଣକାରୀଙ୍କ ପରିବାର ମଧ୍ୟରେ ଜମିବାଡ଼ି ବିବାଦ ଲାଗିରହିଥିଲା। ଶନିବାର ଝୁନୁ ତାଙ୍କ ଅଗଣାରେ ଫୁଲ ଚାରା ଲଗାଉଥିବା ସମୟରେ ଆଦୁଲା ଖଟେଇ, ଭାଲୁ ଖଟେଇ, ପିଣ୍ଟୁ ଖଟେଇ, ଧଡ଼ି ଖଟୋଇ ମିଶି ଆକ୍ରମଣ କରିଥିଲେ। ଏପରିକି ବିଧା ଗୋଇଠା ମାରି ଗାଁ ଦାଣ୍ଡରେ ତଳେ ପକାଇ ଘୋଷାରି ନେଇ ନୟାନ୍ତ କରିଥିଲେ। ଝୁନୁ କୌଣସି ରୋଗରେ ଆକ୍ରାନ୍ତ ଥିବାବେଳେ କିଛିଦିନ ତଳେ ଅସ୍ତ୍ରୋପଚାର ହୋଇଥିଲେ। ତେବେ ଅସୁସ୍ଥ ଅବସ୍ଥାରେ ତାଙ୍କୁ ଏଭଳି ସଂଘବଦ୍ଧ ଆକ୍ରମଣ ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଖବର ପାଇ ଗୁରୁତର ଝୁନୁଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଚାରିଛକ ଡାକ୍ତରଖାନା ପଠାଇଥିଲେ। ପରେ ଏହି ଘଟଣାରେ ସଂପୃକ୍ତ ଥିବା ୩ଜଣଙ୍କୁ ପୁଲିସ ଅଟକ ରଖିଛି। ତଦନ୍ତ ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ମଲ୍ଲିକ ପ୍ରକାଶ କରିଛନ୍ତି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ଟ୍ରକ୍ ଧକ୍କାରେ ଜଣେ ମୃତ

**ରଙ୍ଗେଇଲୁଣ୍ଡା,୧୫ ।୧୧(ସମିସ):** ଦୁର୍ଘଟଣା ଜୋନ୍ ଭାବେ ପରିଚିତ କନିଷି ହାଟ ୧୬ନଂ ଜାତୀୟ ରାଜପଥରେ ଶୁକ୍ରବାର ସନ୍ଧ୍ୟାରେ ଟ୍ରକ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ କେ. ନୂଆଗାଁ ଥାନା ଅଧୀନ ଜଗନ୍ନାଥପୁର ଗ୍ରାମର ଟଙ୍କ ଗୌଡ଼ (୨୭) । ଟଙ୍କ କୌଣସି କାର୍ଯ୍ୟରେ ବ୍ରହ୍ମପୁରରୁ ରାତିରେ ଏକ ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ଇଚ୍ଛାପୁର ପଟୁ ଭୁବନେଶ୍ୱର ଯାଉଥିବା ଏକ ଟ୍ରକ (ନଂ. ଟିଏନ-୫୨ଏସି- ୯୭୬୯) ସାମ୍ନା ପଟେ ଧକ୍କା ଦେଇଥିଲା । ଗୁରୁତର ଆହତ ଟଙ୍କଙ୍କୁ ପୁଲିସ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ । ତେବେ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ପଠେଇବା ସହ ଦୁର୍ଘଟଣାଗ୍ରସ୍ତ ଟ୍ରକ ଓ ବାଇକ୍‌କୁ ଜବତ କରି ତଦନ୍ତ କରୁଥିବା ତଦନ୍ତ ଅଧିକାରୀ ଏଏସଆଇ ଗୁଣନିଧି ରାଉତ କହିଛନ୍ତି ।

# ୮ ମଇଁଷି ଉଦ୍ଧାର; ଗାଡ଼ି ଜବତ

**ଛତ୍ରପୁର,୧୫ ।୧୧(ସମିସ):** ଛତ୍ରପୁର ଜାତୀୟ ରାଜପଥ ଦେଇ ବେଧଡ଼କ ଭାବେ ଚଲାଣ ହେଉଛି ଗାଈ ମଇଁଷି । ଶୁକ୍ରବାର କୌଣସି ପ୍ରକାରେ ଛତ୍ରପୁରର ଗୋସେବକ ମାନେ ଖବର ପାଇ ଛତ୍ରପୁର ଉଜଳେଶ୍ୱରୀ ମନ୍ଦିର ଜାତୀୟ ରାଜପଥ ଦେଇ ଯାଉଥିବା ଏକ ଆନ୍ଧ୍ର ନମ୍ବର ବିଶିଷ୍ଟ ପିକ୍‌ଅପ ଭ୍ୟାନକୁ ଅଟକାଇ ୮ ମଇଁଷିକୁ ଉଦ୍ଧାର କରି ଛତ୍ରପୁର ପୁଲିସ ଜିମା ଦେଇଥିଲେ । ଏପରିକି ୪ଟି ଗାଡ଼ିରେ ମଇଁଷି ଚୋରା ଚାଲାଣ ହେଉଥିବା ବେଳେ ସେମାନେ କେବଳ ଗୋଟିଏ ଗାଡିକୁ ଅଟକାଇ ପାରିଥିଲେ ବୋଲି ଗୋସେବକ ମାନେ କହିଥିଲେ । ଏହି ମଇଁଷି ସବୁ ଗଞ୍ଜାମ ବ୍ଲକ ସିଦ୍ଧାର୍ଥ ନଗରରୁ ଆସୁଥିବା ଗାଡି ଚାଳକ କହିଥିବା ବେଳେ ତାହା ବ୍ରହ୍ମପୁର ପରେ ଆନ୍ଧ୍ରପ୍ରଦେଶକୁ ଚାଲାଣ ହୋଇଥାନ୍ତା । ଏନେଇ ଛତ୍ରପୁର ଥାନାରେ ଗାଡିକୁ ଜବତ କରିବା ସହ ୪ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ କହିଛନ୍ତି । ଉଦ୍ଧାର କରାଯାଇଥିବା ମଇଁଷି ଗୁଡିକୁ ଗୋଶାଳାରେ ଛଡା ଯାଇଛି । ମୁଖ୍ୟ ଆସାମୀକୁ ଧରିବା ପାଇଁ ଗୋସେବକ ମାନେ ଦାବି କରିଛନ୍ତି ।

# ଅଜଣା ଗାଡ଼ି ଧକ୍କାରେ ମହିଳା ମୃତ

**ବେଲଗୁଣ୍ଠା,୧୫ ।୧୧(ସମିସ):** ଗାଙ୍ଗପୁର ଥାନା କାଳିଆଗୁଡ଼ା ଗାଁ ନିକଟରେ ଅଜଣାଗାଡ଼ି ଧକ୍କାରେ ମହିଳାଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଜଗନ୍ନାଥପ୍ରସାଦ ବ୍ଲକ କୁଶପଲ୍ଲୀ ଗ୍ରାମର ଅନୁଛାୟା ପ୍ରଧାନ(୨୬) । ଅନୁଛାୟା ଗତ କିଛିମାସ ହେଲା ବାପଘର କାଳିଆଗୁଡ଼ା ଗ୍ରାମକୁ ଆସି ବାପାଙ୍କୁ ଚାଷ କାମରେ ସହଯୋଗ କରୁଥିଲେ । ଶୁକ୍ରବାର ଅପରାହ୍ନରେ ଜମିରୁ ଘରକୁ ଫେରୁଥିବା ବେଳେ ଏକ ୪ଚାକିଆ ଯାନ ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇ ପଳାଇଥିଲା । ସ୍ଥାନୀୟ ଲୋକେ ଅନିଛାୟାଙ୍କୁ ଉଦ୍ଧାର କରି ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି । ପୁଲିସ ଏକ ମାମଲା ରୁଜୁ କରିବା ସହ ଏସଆଇ ଅଜୟ କୁମାର ମଲିକ ତଦନ୍ତ କରୁଛନ୍ତି ।

### ଶିକ୍ଷକଙ୍କ ଡେପୁଟେସନ ବାତିଲ ଦାବି

# ସ୍କୁଲ ଗେଟ୍ ସମ୍ମୁଖରେ ଛାତ୍ରଛାତ୍ରୀଙ୍କ ଧାରଣା

**ଶେରଗଡ଼,୧୫ ।୧୧(ସମିସ):**



ଶିକ୍ଷକଙ୍କ ଡେପୁଟେସନ ବାତିଲ ଦାବିରେ ଶନିବାର ସ୍କୁଲ ଗେଟରେ ତାଲା ପକାଇ ଛାତ୍ରଛାତ୍ରୀମାନେ ଧାରଣା ଦେଇଥିବା ଦେଖିବାକୁ ମିଳିଛି । ଘଟଣା ଦେଖିବାକୁ ମିଳିଛି ଶେରଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ବି.ବ୍ରହ୍ମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ । ଏହି ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ଲାଗି ୭ ଜଣ ଶିକ୍ଷକ ଥିବା ଥିବାବେଳେ ଜଣଙ୍କୁ କିଛିଦିନ ପୂର୍ବରୁ ଡେପୁଟେସନ ଲାଗି ନିର୍ଦ୍ଦେଶ ଆସିଥିଲା । ଇତିମଧ୍ୟରେ ୬ ଜଣ ଶିକ୍ଷକଙ୍କୁ ନେଇ ବିଦ୍ୟାଳୟରେ ପାଠପଢା ଜାରି ରହିଥିଲା । ଏହି ଶିକ୍ଷକ ଜଣଙ୍କ ଡେଙ୍ଗାପଦର ବିଦ୍ୟାଳୟକୁ ସପ୍ତାହରେ ୫ ଦିନ ଯାଉଥିଲେ ଏବଂ ଏଠାକୁ ଗୋଟିଏ ଦିନ ଆସୁଥିଲେ । ଦୁଇଦିନ ପୂର୍ବରୁ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ସାଲବେଗ ଶତପଥିଙ୍କୁ ଶେରଗଡ ମହାଗାଗାନ୍ଧୀ ଉଚ୍ଚ ବିଦ୍ୟାଳୟକୁ ସପ୍ତାହରେ ତିନି ଦିନ ଡେପୁଟେସନରେ ଯାଇ ପଢ଼ାଇବା ଲାଗି ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଆସିଥିଲା । ଏହି ନିର୍ଦ୍ଦେଶକୁ ବିରୋଧ କରି ଶନିବାର ସକାଳେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଏବଂ ଅଭିଭାବକ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ । ସେମାନଙ୍କର ଦାବି ହେଲା, ଆମର ସଂସ୍କୃତ ଶିକ୍ଷକଙ୍କ ଡେପୁଟେସନ ନିର୍ଦ୍ଦେଶକୁ ବାତିଲ କରି ଆମ ବିଦ୍ୟାଳୟରେ ହିଁ ସବୁଦିନ ପଢାଇବେ ଏବଂ ଆମର ବଳକା ଥିବା ଚଳିତ ବର୍ଷର ପାଠ୍ୟକ୍ରମ ଶେଷ କରିବେ । ଖବର ପାଇ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର ଡେପୁଟେସନ ବାତିଲ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ବିଦ୍ୟାଳୟର ଫାଟକ ଖୋଲାଯିବା ସହ ପାଠ ପଢ଼ା ସ୍ୱାଭାବିକ ହୋଇଥିଲା । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଞ୍ଚାନନ ଡାକୁଆ, ସଞ୍ଜୟ କୁମାର ସ୍ୱାଇଁଙ୍କ ସହ ଅଭିଭାବକ ମାନେ ଧାରଣାରେ ସାମିଲ ଥିଲେ ।

# ଡ. ମାୟାଧର ମାନସିଂହଙ୍କ ଜୟନ୍ତୀ

**ରମ୍ଭା,୧୫ ।୧୧(ସମିସ):** ପ୍ରେମିକ କବି ଡ଼ ମାୟାଧର ମାନସିଂହଙ୍କ ୧୨୧ ତମ ଜୟନ୍ତୀ ତାଙ୍କ ଜନ୍ମମାଟି ପାରିକୁଦ ନନ୍ଦଳା ଗ୍ରାମ ଠାରେ ମାନସିଂହ ସାହିତ୍ୟ ସଂସଦ ତରଫରୁ ପାଳିତ ହୋଇଯାଇଛି । ବିଶିଷ୍ଟ ସାହିତ୍ୟିକ ତଥା ଖ୍ୟାତନାମା ବ୍ୟକ୍ତି ଯୋଗ ଦେଇ ଥିଲେ । ସର୍ବଶ୍ରୀ ଡ଼ ନାରାୟଣ ପଣ୍ଡା, ଡ଼ ରଜନୀ ରଣସିଂହ, ଆମେରିକା ନିବାସୀ ପ୍ରବାସୀ ଓଡ଼ିଆ ଲେଖିକା ଚନ୍ଦ୍ରା ମିଶ୍ର, କିଶୋର ଚନ୍ଦ୍ର ବିଶୋଇ, ବିଷ୍ଣୁ ପ୍ରସାଦ ଦଳେଇ, ଲଳିତ କୁମାର ସ୍ୱାଇଁ, ପ୍ରକୃତି ବନ୍ଧୁ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ଅଶୋକ କୁମାର ସାହୁ, ମହେଶ୍ୱର ବରାଡ଼, ବିଦ୍ୟାଧର ପ୍ରଧାନ, ବନବାସୀ ପଟ୍ଟନାୟକ, ଆର୍ତ୍ତତ୍ରାଣ ବେହେରା, ଅଖିଳ କୁମାର ନାୟକ ପ୍ରମୁଖ କବି ଓ ସାହିତ୍ୟିକ ବିଶେଷ କରି ମାନସିଂହ ସାହିତ୍ୟ ସଂସଦ ସାହିତ୍ୟିକ ଭାଗ ନେଇଥିଲେ । ଏହି ପରିପ୍ରେକ୍ଷୀରେ କବି ଶ୍ରୀ ଅଶୋକ କୁମାର ସାହୁଙ୍କ ସ୍ୱରଚିତ କବିତା ସଂକଳନ "ହସ୍ପିଟାଲ୍‌ର କବିତା' ଲୋକାର୍ପିତ ହୋଇଥିଲା । ବିଦ୍ୟାଧର ପ୍ରଧାନ, ଶିକ୍ଷକ ଧନ୍ୟବାଦ ଦେଇଥିଲେ । ଯୁବ କବି ମନୋଜ କୁମାର ବାରିକ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ଅତିଥି, ବକ୍ତା ଓ କବିତା ପାଠ କରିଥିବା କବି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



# ନକଲି କାଗଜପତ୍ରରେ ମୋରମ ଓ ବାଲି ଚାଲାଣ; ୧୦ ଗାଡ଼ି ଜବତ

**ଛତ୍ରପୁର,୧୫ ।୧୧(ସମିସ):** ଚମାଖଣ୍ଡି ଥାନା ଅଞ୍ଚଳ ଦେଇ କିଛି ଗାଡ଼ିରେ ମୋରମ ଓ ବାଲି ଚୋରାଚାଲାଣ ହେଉଥିବା ଖବର ପାଇ ପୁଲିସ ଏବଂ ଖଣି ବିଭାଗ ପକ୍ଷରୁ ପାରଳା ଯାନ୍ତ୍ରିକ ମହାବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଚଢ଼ଉ କରାଯାଇଥିଲା । ଚଢ଼ଉ ବେଳେ ୫ଟି ମୋରମ ଗାଡି ଓ ୫ଟି ବାଲି ଗାଡି ଜବତ କରାଯାଇଥିବା ଖଣି ବିଭାଗର ଅଧିକାରୀ ଦୀପକ ଜେନା କହିଛନ୍ତି । ଯାଞ୍ଚ ବେଳେ ଗାଡି ଚାଳକ ଯେଉଁ ଫର୍ମ ଦେଖାଇଥିଲେ ତାହା ନକଲି ରହିଥିବା ଖଣି ଅଧିକାରୀ ସୂଚନା ଦେଇଛନ୍ତି । ତେବେ ଜବତ ଗାଡି ସବୁ ଥାନାରେ ଅଟକ ରଖାଯାଇଛି ।

# ପୂର୍ବତନ ସମିତିସଭ୍ୟଙ୍କ ପରଲୋକ

**ଛତ୍ରପୁର,୧୫ ।୧୧(ସମିସ):** ଛତ୍ରପୁର ବ୍ଲକ ଚମାଖଣ୍ଡି ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ତଥା ବରିଷ୍ଠ ସିପିଆଇ ନେତା ଭାଗୀରଥି ପ୍ରଧାନ(୭୩)ଙ୍କ ମୃତ୍ୟୁ ଘଟିଛି । ଏ. ତୋଟାପଲ୍ଲୀ ଗ୍ରାମ ତାଙ୍କ ନିଜ ବାସଭବନରେ ମୃତ୍ୟୁ ହୋଇଥିବା ବେଳେ ଶେଷ ଦର୍ଶନ ଲାଗି ସିପିଆଇ ଜିଲ୍ଲା ସହ ସମ୍ପାଦକ ନୀଳକଣ୍ଠ ଦାଶ, ଜିଲ୍ଲା କାର୍ଯ୍ୟକାରୀ କମିଟି ସଭ୍ୟ ସିଏଚ. ଜନାର୍ଦ୍ଦନ ରେଡ୍ଡୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ତଥା ଚମାଖଣ୍ଡି ଜୋନାଲ ସମ୍ପାଦକ ଏନ. ଗିରିଜା ପ୍ରସାଦ ରେଡ୍ଡୀ, ସହ- ସମ୍ପାଦକ ଗୁରୁନାଥ ପ୍ରଧାନ, ପୂର୍ବତନ ସରପଞ୍ଚ ସୀମାଞ୍ଚଳ ସାହୁ, ଜି. ଦିଲେଶ୍ୱର ରେଡ୍ଡୀ, ଆଇନଜୀବୀ ପି. ଧର୍ମା ରେଡ୍ଡୀଙ୍କ ସମେତର ବହୁ ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ଥିଲେ ।



# ଓଷ୍ଟାର ବ୍ଲକସ୍ତରୀୟ ଶିଶୁ ଉତ୍ସବ

**ଭଞ୍ଜନଗର,୧୫ ।୧୧(ସମିସ):** ସ୍ଥାନୀୟ ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ବ୍ଲକସ୍ତରୀୟ ଶିଶୁଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଭାପତି ଦିଲ୍ଲୀପକୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ତଥା ଉଦଘାଟକ ଭାବେ ପୌର ପରିଷଦ ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ଏବଂ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ କୃତିବାସ ବିଶ୍ୱାଳ, ଗୋଷ୍ଠୀ ଶିକ୍ଷାଧିକାରୀ ଲୋପାମୁଦ୍ରା ରଥ, ଇନରହୁଇଲ କ୍ଲବ ସଭାପତି ସୁନିତା ବାରିକ, ପ୍ରଧାନ ଶିକ୍ଷୟିତ୍ରୀ ସ୍ୱରାଜ କହଁର, ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଦନ ମୋହନ ରଥ, ନିମ୍ନମାଧ୍ୟମିକ ଶିକ୍ଷକ ସଂଘ ରାଜ୍ୟ କର୍ମକର୍ତ୍ତା ଜଗବନ୍ଧୁ ଜେନା, ଅମରବିଳାସ ବେହେରା, ରାଜ କୁମାର ସାହୁ, ଓଷ୍ଟାର ଜିଲ୍ଲା ସଭାପତି ସନ୍ତୋଷ କୁମାର ଜେନା, ସମ୍ପାଦକ ବିଜୟ କୁମାର ବେହେରା, ବ୍ଲକ ସମ୍ପାଦକ ଗୌରୀନନ୍ଦନ ହୋତା ଯୋଗଦେଇ ଓଷ୍ଟାର ସମସ୍ତ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଉତ୍ସବରେ ବ୍ଲକର ୨୦ ଉଚ୍ଚ ବିଦ୍ୟାଳୟରୁ ୨ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ବିଚାରକ ଭାବେ ବ୍ଲକର ପ୍ରାଥମିକ, ମାଧ୍ୟମିକ ବିଦ୍ୟାଳୟର ୩୦ରୁ ଉର୍ଦ୍ଧ୍ୱ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ସମ୍ପାଦକ ବାର୍ଷିକ ବିବରଣୀ ପାଠ କରିଥିଲେ । ରାଜ୍ୟ କାର୍ଯ୍ୟକାରୀଣୀ ସଦସ୍ୟ ଡ଼. ବିଜୟ ଚନ୍ଦ୍ର ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ପାଦକ ଗୌରୀନନ୍ଦନ ହୋତା ଧନ୍ୟବାଦ ପ୍ରଦାନ କରିଥିଲେ ।



# ମୃତକଙ୍କ ପରିବାରକୁ ସହାୟତା

**ଛତ୍ରପୁର,୧୫ ।୧୧(ସମିସ):** ଶୁକ୍ରବାର ବିଳମ୍ବିତ ରାତ୍ରରେ ପାରଳା ମହାରାଜା କଲେଜ ନିକଟରେ ଅଜଣା ଗାଡି ଧକ୍କାରେ ଟାଙ୍ଗଣାପଲ୍ଲୀ ଗ୍ରାମର ରବୀନ୍ଦ୍ର ସାହୁ (୩୦)ଙ୍କ ମୃତ ଘଟିଥିଲା । ଚମାଖଣ୍ଡି ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ଏନେଇ ଶନିବାର ଛତ୍ରପୁର ତହସିଲଦାର ବିଦ୍ୟା ମହାନ୍ତି ରେଡକ୍ରସ ପାଣ୍ଠିରୁରୁ ରବୀନ୍ଦ୍ରଙ୍କ ପରିବାରକୁ ୩୦ହଜାର ଟଙ୍କା ପ୍ରଦାନ କରିଥିବା ବେଳେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ନିଜେ ୨୦ହଜାର ଟଙ୍କା ଓ ଟାଙ୍ଗଣାପଲ୍ଲୀ ସରପଞ୍ଚ ବି.ସୁଦାମ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା କରିଥିଲେ । ଗରିବ ରବୀନ୍ଦ୍ରଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ପାଣ୍ଠିରୁ ସହାୟତା କରାଯିବ ବୋଲି ଛତ୍ରପୁର ବିଧାୟକ କହିଛନ୍ତି । ଏହି ଅବସରରେ ସ୍ଥାନୀୟ ଯୁବନେତା ଅବନୀ ଶତପଥୀ ଓ ଲକ୍ଷ୍ମୀପୁର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଏନ. ଦୁର୍ଯ୍ୟୋଧନ ରେଡ୍ଡୀ ଉପସ୍ଥିତ ଥିଲେ ।



# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

**ପୁରୁଷୋତ୍ତମପୁର, ୧୫ ।୧୧ (ସମିସ):** ପୁରୁଷୋତ୍ତପୁର ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ସ୍ଥାନୀୟ ପିଏମ୍‌ଶ୍ରୀ ନରସିଂହ ଦାଶ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ଅଧିକାରୀ ଡା ମନୋଜ କୁମାର ଶତପଥିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହିତ ସରକାରଙ୍କର କାମଧେନୁ ଯୋଜନାରେ କିପରି ଗୋପାଳକମାନେ ଲାଭବାନ ହୋଇପାରିବେ ସେ ସମ୍ପର୍କରେ ମତ ରଖିଥିଲେ । ସମ୍ମାନିତ ଅତିଥି ଭାବେ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ବିଡ଼ିଓ ଶରତ କୁମାର ପାତ୍ର, ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରା, ଏନ୍‌ଏସି ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡା, ଜିଲ୍ଲା ମତ୍ସ୍ୟ ଚିକିତ୍ସା ଅଧିକାରୀ ଭାରତ ଭୂଷଣ ସାହୁ, ମୁଖ୍ୟବକ୍ତା ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା ଅଞ୍ଜନ କୁମାରୀ ଦାସ ଯୋଗଦେଇଥିଲେ । ସହକାରୀ ମତ୍ସ୍ୟ ଅଧିକାରୀ ଦେବବ୍ରତ ନାୟକ ଧନ୍ୟବାଦ ଦେଇଥିଲେ । ପୁରୁଷୋତ୍ତମପୁର ଉଦ୍ୟାନ ବିଭାଗ, ପ୍ରାଣୀ ଚିକିତ୍ସାଳୟର ସମସ୍ତ ପ୍ରାଣୀ ନିରିକ୍ଷକ, ମୈତ୍ରୀ ଓ ଅନ୍ୟକର୍ମଚାରୀମାନେ ସହଯୋଗ କରିଥିଲେ ।



# ନାରାୟଣ ମନ୍ଦିରରୁ ୧୦ରୁ ଉର୍ଦ୍ଧ୍ୱ ଅଷ୍ଟଧାତୁ ମୂର୍ତ୍ତି ଚୋରି

**ଭଞ୍ଜନଗର,୧୫ ।୧୧(ସମିସ):** ତାରସିଙ୍ଗି ଥାନା ଅନ୍ତର୍ଗତ କୁଲାଡ଼ ନିକଟସ୍ଥ ନାରାୟଣପାଟଣା ଗ୍ରାମର ନାରାୟଣ ମନ୍ଦିରରୁ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୧୦ଟି ଅଷ୍ଟଧାତୁରେ ନିର୍ମିତ ମୂର୍ତ୍ତି ଲୁଟି ନେଇଛନ୍ତି ଦୁର୍ବୃତ୍ତ । ପ୍ରତିଦିନ ଭଳି ମନ୍ଦିର ପୂଜକ ଗତକାଲି ରାତ୍ର ୮ ଟାରେ ପୂଜା ସାରି ସମସ୍ତ ଦ୍ୱାର ବନ୍ଦ କରି ତାଲା ପକାଇ ଘରକୁ ଯାଇଥିଲେ । ଶନିବାର ସକାଳୁ ଆସି ଦେଖିବା ବେଳକୁ ସବୁ ଫାଟକ ଖୋଲା ଅଛି ଏବଂ ମୂର୍ତ୍ତି ସବୁ ଗାଏବ ହୋଇଯାଇଛି । ଏହାଦେଖି ସେ ତୁରନ୍ତ ଗ୍ରାମବାସୀ ଓ ପୁଲିସକୁ ଖବର ଦେଇଥିଲେ । ପୁଲିସ ପହଞ୍ଚି ତଦନ୍ତ ଚଳାଇଛି । ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଏସଡିପିଓ ଡକ୍ଟର ଦୀପକ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁଲିସ ତାର ତଦନ୍ତକୁ ଆଗକୁ ବଢ଼ାଇଛି । କିଛି ସୁରାକ ମିଳିଛି । ଖୁବଶୀଘ୍ର ଚୋର ଧରାପଡିବେ ବୋଲି ଏସଡିପିଓ କହିଛନ୍ତି ।

# ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ପୋଲସରା,୧୫ ।୧୧(ସମିସ):** ପୋଲସରା ସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ୨ ଦିନିଆ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ କୋଚ ପଦ୍ମଚରଣ ନନ୍ଦଙ୍କ ତତ୍ତ୍ୱାବଧାନରେ ଉଦଘାଟିତ ହୋଇଯାଇଛି । ଏଥିରେ ଆସିକା, କବିସୂର୍ଯ୍ୟନଗର, ବୁଗୁଡ଼ା, କୋଦଳା, ପୋଲସରା, ଦିଗପହଣ୍ଡି, ହିଞ୍ଜିଳିକାଟୁ, ସୋରଡ଼ା ଦଳର ଖେଳାଳିମାନେ ଯୋଗଦେଇଥିଲେ । ବାୟୁସେନାର ଅବସରପ୍ରାପ୍ତ କର୍ମଚାରୀ ବିଶ୍ୱରଞ୍ଜନ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥିଭାବେ ଟୁର୍ଣ୍ଣାମେଣ୍ଟର ସଭାପତି ସଂଗ୍ରାମ ସାସମଲ, ଉପସଭାପତି ଶିବପ୍ରସାଦ ସାହୁ, ବ୍ୟାଙ୍କ ଅଫ ଇଣ୍ଡିଆର ଶାଖା ପରିଚାଳକ ସ୍ୱରୂପ କିଶୋର ଜେନା, ୟୁଜିବି ଶାଖା ପରିଚାଳକ ଶ୍ରୀକାନ୍ତ ଗୌଡ଼, ବିଦ୍ୟୁତ ବିଭାଗର ସହକାରୀ ଯନ୍ତ୍ରୀ ଅନିଲ କୁମାର ଜେନା, ଜୟନ୍ତ ସେଠୀ, ଟୁର୍ଣ୍ଣାମେଣ୍ଟର ପ୍ରଯୋଜକ ଦୁର୍ଗାମାଧବ ସାହୁ ପ୍ରମୁଖ ସହଯୋଗ କରିଥିଲେ । ପରିଚାଳନାରେ ବାବୁଲା ପଟ୍ଟନାୟକ, ଶଙ୍କର ପରିଡା, କୃଷ୍ଣଚନ୍ଦ୍ର ମିଶ୍ର, କୁନା ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ଦୁଇଟି କାର୍ଯ୍ୟାଳୟ ଉଦ୍‌ଘାଟନ କଲେ ବିଧାୟକ

**ଛତ୍ରପୁର,୧୫ ।୧୧(ସମିସ):** ଛତ୍ରପୁର ବ୍ଲକ ଅନ୍ତର୍ଗତ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଗୋଷ୍ଠୀ ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟ ଏବଂ ଜନ୍ମମୃତ୍ୟୁ ପଞ୍ଜିକରଣ କାର୍ଯ୍ୟାଳୟକୁ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଛତ୍ରପୁର ଏବିଡିଓ ଜୟଶ୍ରୀ ନାୟକ, ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡାକ୍ତର ସ୍ୱାଧୀନ କୁମାର ରଥ, ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ, ସମିତି ସଭ୍ୟ ଶମ୍ଭୁ ନାଥ ସ୍ୱାଇଁ, ଲକ୍ଷ୍ମୀପୁର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଏନ. ଦୁର୍ଯ୍ୟୋଧନ ରେଡୀ, ଯୁବନେତା ବନୋଜ ନାହାକ, ବିପିଏମ ସୀମାଞ୍ଚଳ ପ୍ରଧାନ, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବରୁଣ କୁମାର ପାଣିଗ୍ରାହୀ, ଆରଡି ବିଭାଗର କନିଷ୍ଠ ଯନ୍ତ୍ରୀ ସଚ୍ଚିକାନ୍ତ ଦାଶଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ପରେ ରୋଗୀ କଲ୍ୟାଣ ସମିତିର ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ନାୟକ ଯୋଗଦେଇ ରୋଗୀଙ୍କୁ ଉଚିତ ସେବା ଯୋଗାଇବା ସହିତ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ଅଧୀକ୍ଷକ ଡାକ୍ତର ସ୍ୱାଧୀନ କୁମାର ରଥ ପୂର୍ବ ବୈଠକର ବିବରଣୀ ପାଠ କରିବା ସହିତ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ସେବା ସମ୍ପର୍କରେ ଆଲୋକପାତ କରିଥିଲେ । ପିଏଚଇଓ ବରୁଣ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।



### ଅବ୍ୟବସ୍ଥାରେ 'ଆତ୍ମନିର୍ଭର ଭାରତ' କାର୍ଯ୍ୟକ୍ରମ

# ସାମ୍ବାଦିକ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି

**ରମ୍ଭା/ହୁମ୍ମା,୧୫ ।୧୧(ସମିସ):**



ରମ୍ଭା ସହରଠାରେ ଶନିବାର ଏକତା ପଦଯାତ୍ରା ସହ ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ତେବେ ଏହି କାର୍ଯ୍ୟକ୍ରମରେ ଅନେକ ଅବ୍ୟବସ୍ଥା ହୋଇଥିବାବେଳେ ସାମ୍ବାଦିକ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ସାଂସଦ ଓ ପ୍ରଶାସନର ହସ୍ତକ୍ଷେପ ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା ।

ସୂଚନାନୁସାରେ, ଶନିବାର ସକାଳ ୬ଟାରେ 'ଆତ୍ମନିର୍ଭର ଭାରତ' କାର୍ଯ୍ୟକ୍ରମ ଓ ଏକତା ପଦଯାତ୍ରା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିମନ୍ତ୍ରଣ ଦିଆଯାଇଥିଲା । ରମ୍ଭା ରାଜପ୍ରସାଦ ହୋଟେଲ ବଙ୍ଗଳାରେ କାର୍ଯ୍ୟକ୍ରମର ଶୁଭାରମ୍ଭ ବ୍ରହ୍ମପୁର ସାଂସଦ ଡ଼.ପ୍ରଦୀପ ପାଣିଗ୍ରାହୀ କରିଥିଲେ । ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ଉପଜିଲ୍ଲାପାଳ ଶ୍ରୀ ପୃଷ୍ଟି, ଗଞ୍ଜାମ ବିଡିଓ ଅଚ୍ୟୁତାନନ୍ଦ ଜାନୀ, ଏନଏସି ଏକ୍‌ଜିକ୍ୟୁଟିଭ ଅଫିସର ଆଶାଲତା ରଚମାଳା ହୋଟେଲ ରାଜବଙ୍ଗଳା ଭିତରେ ସଂକଳ୍ପ ଅଭିଯାନରେ ସାମିଲ ହୋଇଥିଲେ । ଏହାପରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମଧ୍ୟ ସାମିଲ ହୋଇଥିଲେ । ଉକ୍ତ ହୋଟେଲ ଗେଟ ନିକଟରେ ବରିଷ୍ଠ ଆପିଏସ୍ ଅଧିକାରୀ ଓ ବରିଷ୍ଠ ଖବରକାଗଜ ଓ ଟେଲିଭିଜନ ସାମ୍ବାଦିକମାନେ ଅନୁମତି ପାଇଁ ଅପେକ୍ଷା କରିଥାନ୍ତି । କିନ୍ତୁ ଅପେକ୍ଷା କରି କରି ପ୍ରାୟ ତିନି ଘଣ୍ଟା ବିତି ଯାଇଥିଲା । ସେଠାରେ କାର୍ଯ୍ୟକ୍ରମ ଶେଷ ହେବା ପରେ ଗେଟ ଖୋଲିବା ମାତ୍ରେ ସାମ୍ବାଦିକମାନେ ପ୍ରବେଶ ପାଇଁ ଉଦ୍ୟମ କରିଥିଲେ । କିନ୍ତୁ ସେଠାରେ କାର୍ଯ୍ୟରତ ରାଜପ୍ରାସାଦ ହୋଟେଲ ସୁରକ୍ଷାକର୍ମୀ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ । ଫଳରେ ସୁରକ୍ଷାକର୍ମୀ ଓ ସାମ୍ବାଦିକଙ୍କ ମଧ୍ୟରେ ପାଟିତୁଣ୍ଡ, ଯୁକ୍ତିତର୍କ ଓ ଧସ୍ତାଧସ୍ତି ହୋଇଥିଲା । ଏକ୍‌ଜିକ୍ୟୁଟିଭ ଅଫିସର ଆଶାଲତା ରଚମାଳା ଘଟଣାସ୍ଥଳକୁ ଆସି ବୁଝାସୁଝା କରିବା ପରେ ସେ ପରିଚାଳନା କରିଥିବା ବ୍ୟବସ୍ଥା ଉପରେ ସାମ୍ବାଦିକମାନେ ପ୍ରଶ୍ନ କରିଥିଲେ । ଏହାପରେ ଆଶାଲତା ରଚମାଳା ନିଜ ଭୁଲ୍ ସ୍ୱୀକାର କରିଥିଲେ । ପରେ ସାଂସଦ ଡ଼. ପ୍ରଦୀପ ପାଣିଗ୍ରାହୀ ଓ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ଆସି ବୁଝାସୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା ।

ସୂଚନାଯୋଗ୍ୟ ଏହି ରାଜପ୍ରସାଦରେ କାର୍ଯ୍ୟ କରୁଥିବା ଅଣଓଡ଼ିଆ କର୍ମଚାରୀମାନେ ବିଭିନ୍ନ ସମୟରେ ନାଲିଆଖି ଦେଖାଇବା ସହ ସାମ୍ବାଦିକ ମାନଙ୍କୁ ଦୁର୍ବ୍ୟବହାର କରୁଥିବାର ନଜିର ରହିଛି । ଧସ୍ତାଧସ୍ତି ଭିତରେ ହୋଟେଲ ଫାଟକ ବାହାର ପାର୍ଶ୍ୱରେ ଛତ୍ରପୁର ଏସଡିପିଓ ଚନ୍ଦନ ଘଡେଇ, ରମ୍ଭା ଥାନା ଆଇଆଇସି କୁମର ମୁଦୁଲି, ପଦୋନ୍ନତି ଆପିଏସ ଅଧିକାରୀ ଅମରକାନ୍ତ ଷଡ଼ଙ୍ଗୀ ଅନ୍ୟ ପୋଲିସ ଅଫିସରମାନେ ମଧ୍ୟ ଉପସ୍ଥିତ ଥିଲେ । ତେବେ ଆଜିର ଏକତା ପଦ ଯାତ୍ରାରେ ମଧ୍ୟ ସାମ୍ବାଦିକ ଓ ପୁଲିସକୁ ହୋଟେଲ ବଙ୍ଗଳା ମାଲିକ ହୋଟେଲ ଭିତରକୁ ଅନୁମତି ନିଷେଧ ଉପରେ ଚର୍ଚ୍ଚା ଜୋର ଧରିବା ସହ ବୁଦ୍ଧିଜୀବୀ ମହଲରୁ ତୀବ୍ର ନିନ୍ଦା କରାଯାଇଛି । ଏହି ହୋଟେଲ ଭିତରେ କଣ ଗୁମର ରହିଛି । ପୂର୍ବରୁ ଏହି ହୋଟେଲ ଭିତରେ ଯାଞ୍ଚ କରିବା ପାଇଁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହେବା ପରେ ମଧ୍ୟ ବରିଷ୍ଠ ପୋଲିସ ଅଧିକାରୀ ଓ ଗଞ୍ଜାମ ଜିଲ୍ଲାପାଳ କାହିଁକି ଚୁପ୍ ରହିଛନ୍ତି ଏନେଇ ପ୍ରଶ୍ନ ଉଠିଛି ।

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କୁ ତାଲିମ୍

**ଆସିକା,୧୫ ।୧୧(ସମିସ):** ଆସିକା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ସଂଯୋଜନାରେ ଆସିକା ବ୍ଲକର ବାଲିସିରା ଠାରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତରଫରୁ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କୁ ନେଇ ଏକ ତାଲିମ୍ ଶିବିର ଅନୁଷ୍ଠିତ ହୋଇ ଯାଇଛି । ସହାୟକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଞ୍ଜ ବେହେରା ଶିବିରକୁ ଉଦଘାଟନ କରିଥିଲେ । କେ. ନୂଆପଲ୍ଲୀ କ୍ଲଷ୍ଟର ସିଆରସିସି ଅର୍ଚ୍ଚନା ବେହେରା, ହେମନ୍ତ କୁମାର ନନ୍ଦ, ଆସିକା ଏନ୍‌ଏସି କ୍ଲଷ୍ଟର୍ ସିଆର୍‌ସିସି ଶିଶିର କାନ୍ତ ବେହେରା ଯୋଗ ଦେଇ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଘରେ ଓ ବିଦ୍ୟାଳୟରେ ଥିବା ବିଭିନ୍ନ ସମସ୍ୟା ଓ ତାର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

